ଟିପ୍ପଣୀ

୧
ବ୍ୟବସାୟର ପ୍ରକୃତି ଏବଂ ପରିସର

ତୁମେ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ବ୍ୟସ୍ତ ରହୁଥିବ । ଯଦି କେହି ତୁମକୁ ପ୍ରଶ୍ନ କରନ୍ତି ଯେ ତୁମେ ଜୀବନରେ କ'ଣ କରିବାକୁ ଚାହୁଁଛ, ତେବେ ତୁମର ଉତ୍ତର ହୋଇପାରେ, "ମୁଁ କୌଣସି ଭଲ ଚାକିରୀ କରିବି କିମ୍ବା ମୁଁ ଜଣେ ଡାକ୍ତର, ଇଞ୍ଜିନିୟର, ନର୍ତ୍ତକ ବା ସଂଗୀତଜ୍ଞ ହେବାକୁ ଚାହୁଁଅଛି" କିମ୍ବା ତୁମେ ମଧ୍ୟ କହିପାର "ମୁଁ ମୋ ନିଜର କିଛି ବ୍ୟବସାୟ କରିବାକୁ ଚାହୁଁଅଛି ।" ବର୍ତ୍ତମାନ ପ୍ରଶ୍ନଉଠୁଛି ତୁମେ ଏଗୁଡ଼ିକ କାହିଁକି କରିବାକୁ ଚାହୁଁଛନ୍ତି ? ସ୍ୱାଭାବିକ୍ କଥା ଯେ, ତୁମେ ନିଜର ଜୀବିକା ଅର୍ଜନ ନିମନ୍ତେ ଏଗୁଡ଼ିକ କରିବାକୁ ଚାହୁଁଛନ୍ତି । ମୋଟ ଉପରେ କହିବାକୁ ଗଲେ, ଜୀବିକାର୍ଜନ ନିମନ୍ତେ ଯେଉଁ ମାନବୀୟ କାର୍ଯ୍ୟ କରାଯାଏ, ତାହାକୁ ଅର୍ଥନୈତିକ କାର୍ଯ୍ୟକୁହାଯାଏ । ଏହି ପାଠରେ ଆମେ ଏହିସବୁ କାର୍ଯ୍ୟ ଏବଂ ତାହାର ବର୍ଗୀକରଣ ତଥା ଏହା ସହିତ ସମ୍ବନ୍ଧିତ ବିଷୟ ଉପରେ ଅଧ୍ୟୟନ କରିବା ।

ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ, ତୁମେ:

- ମାନବୀୟ କାର୍ଯ୍ୟ କଳାପର ପରିଭାଷା ଜାଣିପାରିବ;
- ମାନବୀୟ କାର୍ଯ୍ୟକଳାପକୁ ଅର୍ଥନୈତିକ ଓ ଅଣ ଅର୍ଥନୈତିକ କାର୍ଯ୍ୟରେ ବିଭାଜିତ କରିପାରିବ;
- ଅର୍ଥନୈତିକ କାର୍ଯ୍ୟକଳାପର ବିଭିନ୍ନ ବର୍ଗର ଅର୍ଥ ଓ ବୈଶିଷ୍ଟ୍ୟ ବୁଝାଇ ପାରିବ;
- ବ୍ୟବସାୟର ଅବଧାରଣାକୁ ବୁଝିପାରିବ ଏବଂ ପେଶା ଓ ନିଯୁକ୍ତିଠାରୁ ଏହାର ପାର୍ଥକ୍ୟ ବୁଝାଇ ପାରିବ ।
- ଆଧୁନିକ ସମାଜରେ ବ୍ୟବସାୟର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱକୁ ବର୍ଣ୍ଣନା କରିପାରିବ; ତଥା
- ବିଭିନ୍ନ ପ୍ରକାର ବ୍ୟାବସାୟିକ କାର୍ଯ୍ୟକଳାପକୁ ଚିହ୍ନିପାରିବ ।

୧.୧ ମାନବୀୟ କାର୍ଯ୍ୟକଳାପ

ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି କାର୍ଯ୍ୟ ନିଶ୍ଚିତ କରନ୍ତି । କୃଷି କରିବା, ଖାଦ୍ୟପ୍ରସ୍ତୁତ କରିବା, ଫୁଟବଲ ଖେଳିବା, ଗଳ୍ପବହି ପଠନ, ବିଦ୍ୟାଳୟରେ ଅଧ୍ୟୟନ କରିବା, କଲେଜରେ ପଢାଇବା, ଅଫିସରେ ଚାକିରୀ କରିବା, ପାର୍କରେ ଆସ୍ତେ ଆସ୍ତେ ଦୌଡ଼ିବା ଆଦି କୌଣସି କାମ ହୋଇପାରେ । ଯଦି ତୁମେ ଜାଣିବାକୁ ଚାହିଁବ ଯେ ଲୋକମାନେ ଯେ କୌଣସି କାମ ହେଉ କ'ଣ ପାଇଁ କରୁଛନ୍ତି ତେବେ ତୁମକୁ



ଟିପ୍ପଣୀ

ଜାଣିବାକୁ ମିଳିବଯେ ସେମାନେ ନିଜର କୌଣସି ଆବଶ୍ୟକତା ବା ଅଭାବକୁ ପୂରଣ କରିବା ନିମନ୍ତେ ଚେଷ୍ଟା କରୁଛନ୍ତି । ଏହି ସମସ୍ତ କାର୍ଯ୍ୟ ଯାହା ମନୁଷ୍ୟ ନିଜର ଅଭାବ ବା ଆବଶ୍ୟକତା ପୂରଣ ନିମନ୍ତେ କରୁଛନ୍ତି; ତାହାକୁ "ମାନବୀୟ କାର୍ଯ୍ୟକଳାପ" କୁହାଯାଏ ।

ଯଦିଓ ସମସ୍ତ ମାନବୀୟ କାର୍ଯ୍ୟକଳାପ କିଛି ନା କିଛି ଅଭାବ ବା ଆବଶ୍ୟକତା ପୂରଣ କରିଥାଏ ତଥାପି ପ୍ରତ୍ୟେକର ଉଦ୍ଦେଶ୍ୟ ଏବଂ ଶେଷ ପରିଣାମ ଭିନ୍ନ ଭିନ୍ନ ହୋଇଥାଏ । ଆସନ୍ତୁ ଖାଦ୍ୟ ପ୍ରସ୍ତୁତି କାର୍ଯ୍ୟକୁ ଉଦାହରଣ ରୂପେ ନେବା । ମା' ଘରେ ପରିବାର ପାଇଁ ରୋଷେଇ କରନ୍ତି ଏବଂ ଅନ୍ୟପକ୍ଷରେ ରୋଷେୟା (ପାଚିକା) ହୋଟେଲରେ ରୋଷେଇ କରନ୍ତି । ଏଠାରେ ଆପଣ ଲକ୍ଷ୍ୟ କରିବେ ଯେ ମା ଏବଂ ରୋଷେୟା ଦ୍ୱାରା ଖାଦ୍ୟ ପ୍ରସ୍ତୁତିର ଉଦ୍ଦେଶ୍ୟ ଏବଂ ଶେଷ ପରିଣାମ ପୃଥକ୍ ଅଟେ । ପ୍ରଥମରେ ମା' କୌଣସି ଆର୍ଥିକ ପ୍ରତ୍ୟାଶା ବିନା ପରିବାର ସଦସ୍ୟଙ୍କପାଇଁ ଖାଦ୍ୟ ରାନ୍ଧୁଥିଲାବେଳେ ଦ୍ୱିତୀୟଟିରେ ସେ ଦରମା କିମ୍ବା ମଜୁରୀ ବାବଦ ଅର୍ଥ ଉପାର୍ଜନ ନିମନ୍ତେ ଖାଦ୍ୟ ପ୍ରସ୍ତୁତି କରି ଏକ ଚାକିରୀ କରୁଛନ୍ତି । ପ୍ରଥମଟିରେ ଶେଷ ପରିଣାମ ହେଉଛି ଆତ୍ମ ସନ୍ତୋଷ ଲାଭ କରିବା ଏବଂ ପରିବାରର ଭଲମନ୍ଦ ବୁଝିବା । ଦ୍ୱିତୀୟଟିରେ ଶେଷ ପରିଣାମ ହେଉଛି ନିଜର ଜୀବିକା ପାଇଁ ଧନ ଉପାର୍ଜନ କରିବା ।

ମାନବୀୟ କାର୍ଯ୍ୟକଳାପ ଯାହା ଧନ ଉପାର୍ଜନ ବା ଜୀବିକା ଉପାର୍ଜନ ଉଦ୍ଦେଶ୍ୟରେ କରାଯାଇଥାଏ ତାହାକୁ "ଅର୍ଥନୈତିକ କାର୍ଯ୍ୟ" କୁହାଯାଏ । ଅନ୍ୟ ପକ୍ଷରେ ଯେଉଁ କାର୍ଯ୍ୟ ନିଜର ଆତ୍ମ ସନ୍ତୋଷ ନିମନ୍ତେ କରାଯାଇଥାଏ ତାହାକୁ "ଅଣ-ଅର୍ଥନୈତିକ କାର୍ଯ୍ୟ" କୁହାଯାଏ । କୃଷକ ଶଶ୍ୟ ଅମଳ କରିବା, ଦରମା ବା ମଜୁରୀ ନିମନ୍ତେ ଶ୍ରମିକ କାରଖାନାରେ କାମ କରିବା, କୌଣସି ବ୍ୟବସାୟୀଦ୍ୱାରା ଦ୍ରବ୍ୟର କ୍ରୟ ଏବଂ ବିକ୍ରୟ କରିବା ଇତ୍ୟାଦି ଅର୍ଥନୈତିକ କାର୍ଯ୍ୟାବଳୀର ଉଦାହରଣ । ଅନ୍ୟ ପକ୍ଷରେ ସେହି ସବୁ କାର୍ଯ୍ୟ ଯଥା: ଧ୍ୟାନ, ଶାରୀରିକ ସୁସ୍ଥତା ନିମନ୍ତେ ଖେଳକୁଦରେ ଭାଗନେବା, ଗୀତ ଶୁଣିବା, ବନ୍ୟାପୀଡ଼ିତଙ୍କୁ ସାହାଯ୍ୟ ଯୋଗାଇବା ଇତ୍ୟାଦି ଅଣ-ଅର୍ଥନୈତିକ କାର୍ଯ୍ୟାବଳୀର ଉଦାହରଣ ।

ପାଠଗତ ପ୍ରଶ୍ନାବଳୀ ୧(କ)

୧. 'ଅର୍ଥନୈତିକ କାର୍ଯ୍ୟକଳାପ'ର ସଂଜ୍ଞା ପ୍ରଦାନ କର ।

----

୨. ନିମ୍ନରେ କେତେକ ଅଣ-ଅର୍ଥନୈତିକ କାର୍ଯ୍ୟ ଦିଆଯାଇଅଛି । ତାହାକୁ ଅର୍ଥନୈତିକ କାର୍ଯ୍ୟରେ ପରିବର୍ତ୍ତନ କର ।

ଉଦାହରଣ: ଜଣେ ନର୍ସ ନିଜର ବେମାର ସନ୍ତାନର ସେବା କରିବା । (ଅଣ-ଅର୍ଥନୈତିକ କାର୍ଯ୍ୟ)

ଜଣେ ନର୍ସ ଡାକ୍ତରଖାନାରେ ରୋଗୀର ସେବା କରିବା । (ଅର୍ଥନୈତିକ କାର୍ଯ୍ୟ)

(କ) ଜଣେ ବ୍ୟକ୍ତି ନିଜ ବଗିଚାରେ କାମ କରିବା ।

(ଖ) ଜଣେ ସ୍ତ୍ରୀ ନିଜର ସ୍ୱାମୀ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା

(ଗ) ଜଣେ ବ୍ୟକ୍ତି ନିଜ ଘରେ ଚୂନ-ଧଉଳା କାମ କରିବା ।

(ଘ) ଜଣେ ଶୀକ୍ଷକ ଘରେ ନିଜ ପୁତ୍ରକୁ ଶିକ୍ଷାଦେବା ।

(ଙ) ଜଣେ ଚ଼ର୍ଟର୍ଡ ଆକାଉଣ୍ଟାଣ୍ଟ ନିଜ ହିସାବ ପ୍ରସ୍ତୁତ କରିବା ।

୧.୨ ଅର୍ଥନୈତିକ କାର୍ଯ୍ୟର ବର୍ଗୀକରଣ

ଅର୍ଥନୈତିକ କାର୍ଯ୍ୟ ଜଣେ ବ୍ୟକ୍ତି ଥରେ କରିପାରନ୍ତି ବା ନିରନ୍ତର କରିପାରନ୍ତି । ଉଦାହରଣ ସ୍ୱରୂପ, ଯଦି ଆପଣ କୁର୍ତ୍ତା ସିଲାଇ ଜାଣନ୍ତି ଏବଂ କୌଣସି ଦିନ ଆପଣଙ୍କ ବନ୍ଧୁଙ୍କର ଗୋଟିଏ କୁର୍ତ୍ତା ସିଲାଇ କରିଦିଅନ୍ତି, ବଦଳରେ ସେ ଆପଣଙ୍କୁ ତାର ପାରିଶ୍ରମିକ ଦିଅନ୍ତି; ତେବେ ଆପଣ ଏହାଦ୍ୱାରା କିଛି ମୁଦ୍ରା ଲାଭ କରିବାଟା ନିଶ୍ଚିତ ରୂପରେ ଏକ 'ଅର୍ଥନୈତିକ କାର୍ଯ୍ୟ' ହେବ । କିନ୍ତୁ ଏହି କାର୍ଯ୍ୟ ଆପଣଙ୍କ ଦ୍ୱାରା ଗୋଟିଏ ଥର କରାଯାଇଛି । ଯଦି ଆପଣ ଲଗାତର କୁର୍ତ୍ତା ସିଲାଇ କରି ପଇସା ରୋଜଗାର କରନ୍ତି, ତେବେ ଏହାକୁ ଏକ 'ନିରନ୍ତର ବା ନିୟମିତ ଅର୍ଥନୈତିକ କାର୍ଯ୍ୟ' କୁହାଯିବ । ଏଠାରେ ପ୍ରଣିଧାନ ଯୋଗ୍ୟ ଯେ ଲୋକମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଅର୍ଥନୈତିକ କାର୍ଯ୍ୟରେ ନିଜକୁ ନିୟମିତ ଭାବେ ନିଯୋଜିତ ରଖି ନିଜର ଜୀବିକା ଉପାର୍ଜନ ନିମନ୍ତେ ପ୍ରୟାସ କରନ୍ତି । ଅତଏବ, ଲୋକେ ନିଜର ଜୀବିକାର୍ଜନ ନିମନ୍ତେ ନିରନ୍ତର ଯେଉଁ କାର୍ଯ୍ୟ କରିଥାନ୍ତି ତାକୁ ତାଙ୍କର 'ଧନ୍ଦା' କୁହାଯାଏ ।

ବାସ୍ତବରେ ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ଧନ୍ଦାରେ ବ୍ୟସ୍ତ ରହିଥାନ୍ତି । ଧନ୍ଦାଗୁଡ଼ିକୁ ନିମ୍ନଲିଖିତ ବର୍ଗରେ ବିଭକ୍ତ କରାଯାଇଅଛି:-

(କ) ପେଶା;

(ଖ) ନିଯୁକ୍ତି ଏବଂ

(ଗ) ବ୍ୟବସାୟ

ଆସ ଏହି ଧନ୍ଦା ବିଷୟରେ ଅଧିକ ଆଲୋଚନା କରିବା ।

୧.୨.୧ ପେଶା

ତୁମେ ଡାକ୍ତରଙ୍କୁ ଜାଣିଛ । ସେମାନେ କିଏ ଏବଂ କ'ଣ କରନ୍ତି ? ସେମାନେ ମୁଖ୍ୟତଃ ବ୍ୟକ୍ତି ବିଶେଷ ଅଟନ୍ତି, ଯେଉଁମାନେ ରୋଗୀଙ୍କୁ ପରୀକ୍ଷା କରିବା, ସେମାନଙ୍କର କିଛି ରୋଗ ଥିଲେ ତା'କୁ ଚିହ୍ନିବା ଏବଂ ତା'ପରେ ରୋଗରୁ ଆରୋଗ୍ୟ ପାଇଁ ସେମାନଙ୍କର ଚିକିତ୍ସା କରିବା ନିମନ୍ତେ ସ୍ୱତନ୍ତ୍ର ଜ୍ଞାନ ଓ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥାନ୍ତି । ଏହିସବୁ କାର୍ଯ୍ୟ ପାଇଁ ସେମାନେ ରୋଗୀଙ୍କଠାରୁ ଫିସ୍ ଆଦାୟ କରନ୍ତି । ସେହିପରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଯିଏକି ହିସାବପତ୍ର, ଟିକସ ଇତ୍ୟାଦି ବିଷୟରେ ବିଶେଷଜ୍ଞ ଅଟନ୍ତି ସେ ଏହି ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଲୋକଙ୍କଠାରୁ ବା ସଂଗଠନମାନଙ୍କରୁ ଫିସ୍ ନେଇ ସେମାନଙ୍କର ସହାୟତା କରିଥାନ୍ତି ।

କୌଣସି ବ୍ୟକ୍ତି ଦ୍ୱାରା ଜୀବିକା ଅର୍ଜନ ନିମନ୍ତେ ବିଶେଷ ଜ୍ଞାନ ଓ ଦକ୍ଷତାର ପ୍ରୟୋଗରେ ଯେଉଁ କାର୍ଯ୍ୟ ହୋଇଥାଏ ତାହାକୁ ପେଶା କହନ୍ତି ।

ଟିପ୍ପଣୀ

ଅଧିକ ଅନୁଧ୍ୟାନ କଲେ ଆମେ ପାଇବା ଯେ, ଇଞ୍ଜିନିୟର, ବାସ୍ତୁକାର, ଫିଲ୍ମ ଅଭିନେତା, ନର୍ତ୍ତକ, କଳାକାର ଏବଂ ଅନ୍ୟ ବହୁତ ଲୋକ ନିଜ ନିଜ କ୍ଷେତ୍ରରେ ବିଶିଷ୍ଟ ଜ୍ଞାନ ଏବଂ ତାଲିମ୍ ହାସଲ କରି କାର୍ଯ୍ୟରତ ରହିଛନ୍ତି । ଏମାନଙ୍କୁ ପେଶାଦାର ବ୍ୟକ୍ତି କୁହାଯାଇଥାଏ ଏବଂ ସେମାନେ ଯେଉଁ କାର୍ଯ୍ୟରେ ନିୟୋଜିତଥାନ୍ତି ତାକୁ ସେମାନଙ୍କର 'ପେଶା' କୁହାଯାଏ ।

ପେଶାର ଅବଧାରଣା ସ୍ପଷ୍ଟଭାବେ ବୁଝିବା ନିମନ୍ତେ ଚାଲ ନିମ୍ନ ପ୍ରଦତ୍ତ ଏହାର କେତେକ ମୌଳିକ ବିଶେଷତ୍ୱ ଉପରେ ନଜର ଦେବା:

(କ) ପେଶା ହିଁ ଧନ୍ଦା ଯାହାପାଇଁ ବ୍ୟକ୍ତିକୁ ବିଶେଷ ଜ୍ଞାନ ଓ ଦକ୍ଷତା ହାସଲ କରିବା ଆବଶ୍ୟକ ହୋଇଥାଏ ।

(ଖ) ଏହି ପ୍ରକାର ସେବା ତା' ବଦଳରେ ଯେଉଁ ରାଶି ମିଳିଥାଏ ତାକୁ 'ଫିସ୍' କହନ୍ତି ।

(ଗ) ଅଧିକାଂଶ ପେଶାଦାର ବ୍ୟକ୍ତିମାନଙ୍କର ନିୟନ୍ତ୍ରଣ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା କରାଯାଇଥାଏ । ସେହି ସଂସ୍ଥାର 'ଆଚାର ସଂହିତା' (Code of Conduct)କୁ ପେଶାଦାର ବ୍ୟକ୍ତିମାନେ ଅନୁସରଣ(ପାଳନ) କରନ୍ତି । ଉଦାହରଣ ସ୍ୱରୂପ: ଭାରତରେ ଚାର୍ଟର୍ଡ଼ ଏକାଉଣ୍ଟାଣ୍ଟମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ନାମକ ସଂସ୍ଥା ଦ୍ୱାରା ନିୟନ୍ତ୍ରିତ, କ୍ରିକେଟ୍ ଖେଳାଳୀମାନେ ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ICC) ଦ୍ୱାରା ନିୟନ୍ତ୍ରିତ ଇତ୍ୟାଦି ।

(ଘ) ପେଶାଦାର ବ୍ୟକ୍ତିମାନେ ମୁଖ୍ୟତଃ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ବିଶିଷ୍ଟ ଅନୁଷ୍ଠାନମାନଙ୍କରୁ ବିଶେଷ ଜ୍ଞାନ ଅର୍ଜନ କରିଥାନ୍ତି । କେତେକ କ୍ଷେତ୍ରରେ ଲୋକମାନେ ଏହି ପ୍ରକାର ଜ୍ଞାନ ଏବଂ କୌଶଳ ଏହି କ୍ଷେତ୍ରର ବିଶେଷଜ୍ଞଙ୍କଠାରୁ ତାଲିମ୍ ବା ବ୍ୟକ୍ତିଗତ ଶିକ୍ଷାଦ୍ୱାରା ପ୍ରାପ୍ତ ହୋଇଥାନ୍ତି, ଯେପରି ନୃତ୍ୟ, ସଂଗୀତ ଇତ୍ୟାଦି ।

(ଙ) ପେଶାଦାର ଲୋକ ସାଧାରଣତଃ ସ୍ୱାଧୀନ ଭାବେ କାର୍ଯ୍ୟ କରିଥାନ୍ତି ଏବଂ ନିଜ ସେବାର ପ୍ରତିଦାନ ବାବଦରେ ଫିସ୍ ନେଇଥାନ୍ତି । ସେମାନଙ୍କୁ ଅଭ୍ୟାସରତ ଥିବାର କୁହାଯାଏ । କେତେକ ପେଶାଦାର ଲୋକ ସଂଗଠନରେ କର୍ମଚାରୀ କିମ୍ବା ଉପଦେଷ୍ଟା ହିସାବରେ କାର୍ଯ୍ୟ କରିଥାନ୍ତି ।

(ଚ) ଯଦିଓ ସମସ୍ତ ପେଶାଦାର ଲୋକ ଫିସ୍ ନିଅନ୍ତି କିନ୍ତୁ ସେମାନଙ୍କର ମୂଳ ଉଦ୍ଦେଶ୍ୟ ସେବା ଯୋଗାଇବା ହୋଇଥାଏ । ସେମାନେ ନିଜର ଏହି ବିଶେଷ ଜ୍ଞାନ ବା ବୁଦ୍ଧି ବଳରେ ଅନ୍ୟକୁ ଶୋଷଣ କରିବା ଉଚିତ ନୁହେଁ ।

- ଚିକିତ୍ସା ପେଶାର ପରିଚାଳନା ଭାରତୀୟ ଚିକିତ୍ସା କାଉନ୍‌ସିଲ୍ ଦ୍ୱାରା ହୋଇଥାଏ ।
- ଆଇନ୍ ସମ୍ବନ୍ଧୀୟ ପେଶାର ପରିଚାଳନା ଭାରତୀୟ ବାର୍ କାଉନ୍‌ସିଲ କରିଥାଏ ।
- ଇଞ୍ଜିନିୟରମାନଙ୍କର ପରିଚାଳନା । ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ ଦ୍ୱାରା ହୋଇଥାଏ ।

ସେହିସବୁ ଅର୍ଥନୈତିକ କାର୍ଯ୍ୟ ଯେଉଁଥିରେ ପେଶାଗତ ତାଲିମ୍ ଓ ଦକ୍ଷତା ଆଧାରିତ ସ୍ୱତନ୍ତ୍ର ଓ ଧୂରୀଣ ପ୍ରକୃତିର ବ୍ୟକ୍ତିଗତ ସେବା ପ୍ରଦାନ ସଂଶ୍ଳିଷ୍ଟ ଥାଏ ଏବଂ କେତେକ ନିର୍ଦ୍ଦିଷ୍ଟ ନୀତିନିୟମ (ଆଚରଣ ବିଧି) ପାଳନର ଆବଶ୍ୟକ ପଡ଼ିଥାଏ, ତାହାକୁ "ପେଶା" କୁହାଯାଏ ।

ଯଦି କୌଣସି ବ୍ୟକ୍ତି ଅନ୍ୟ କାହାପାଇଁ ନିରନ୍ତର କାମ କରି ତାର ପ୍ରତିବଦଳରେ ମଜୁରୀ ବା ଦରମା ପାଇଥାଏ, ତେବେ ସେ ନିଯୁକ୍ତିରେ ଅଛି ବୋଲି କୁହାଯାଇଥାଏ ।

୧.୨.୨. ନିଯୁକ୍ତି

ତୁମେ ଲୋକମାନଙ୍କୁ ନିୟମିତ କୌଣସି ଅଫିସ୍, କାରଖାନା କିମ୍ବା ଫାର୍ମ ଇତ୍ୟାଦିରେ କାମ କରିବାକୁ ଯିବାର ଦେଖିଥିବ । ଏମାନେ ସେହିସବୁ ବ୍ୟକ୍ତି ବିଶେଷ ଯେଉଁମାନେ କିଛି ଦରମା ବା ମଜୁରୀ ବଦଳରେ ଅନ୍ୟ ବ୍ୟକ୍ତି କିମ୍ବା ଦଳରେ ସଂଗଠନ ଦ୍ୱାରା ସେମାନଙ୍କ ପାଇଁ କାର୍ଯ୍ୟକରିବାକୁ ନିୟୋଜିତ

ହୋଇଥାନ୍ତି । ସେମାନେ ନିଯୁକ୍ତିରେ ଅଛନ୍ତି ବୋଲି କୁହାଯାଏ । ଅତଃ ଆମେ ଜଣେ ଡାକବାଲା ଚିଠି ବାଣ୍ଟିବା ପାଇଁ ଡାକ ବିଭାଗରେ ନିଯୁକ୍ତ ଥିବାର ଦେଖୁ । ଏଠାରେ ଡାକ ବିଭାଗକୁ ନିଯୁକ୍ତି ଦାତା ଓ ଡାକବାଲାକୁ କର୍ମଚାରୀ କୁହାଯାଏ । ଡାକବାଲା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ଆଧାରରେ କାର୍ଯ୍ୟ କରେ ଏବଂ ପ୍ରତି ବଦଳରେ ମାସିକିଆ ଦରମା ପାଏ । ନିଯୁକ୍ତିର ମୁଖ୍ୟ ଲକ୍ଷଣ ଗୁଡ଼ିକ ହେଲା:

(କ) ଏହା ଏପରି ଏକ ଧନ୍ଦା ଯେଉଁଥିରେ ଜଣେ ବ୍ୟକ୍ତି (କର୍ମଚାରୀ) ଅନ୍ୟଜଣ(ନିଯୁକ୍ତି ଦାତା)ଙ୍କ ପାଇଁ କାର୍ଯ୍ୟ କରିଥାଏ ।

(ଖ) କାର୍ଯ୍ୟ କରିବା ନିମନ୍ତେ କେତେକ ସର୍ତ୍ତ ରହିଥାଏ । ଯେପରିକି ଦିନକୁ କେତେ ଘଣ୍ଟା କାମ କରିବ, କେଉଁ ସମୟରୁ କେଉଁ ସମୟ ଯାଏ ନିର୍ଦ୍ଦିଷ୍ଟ ହୋଇଥାଏ, ସପ୍ତାହରେ କେତେ ଦିନ କାମ କରିବ, ଛୁଟିର ସୁବିଧା, କେତେ ଦରମା ପାଇବ ଏବଂ କେଉଁ ସ୍ଥାନରେ କାମ କରିବ ଇତ୍ୟାଦି ।

(ଗ) କର୍ମଚାରୀମାନେ ସେମାନଙ୍କର କାର୍ଯ୍ୟର ପ୍ରତିବଦଳରେ ଦରମା (ଯାହାକି ସାଧାରଣତଃ ମାସକୁ ଥରେ) କିମ୍ବା ମଜୁରୀ (ଯାହାକି ପ୍ରତିଦିନ କିମ୍ବା ସପ୍ତାହରେ ଥରେ ଦିଆଯାଏ) ପାଇଥାନ୍ତି । ଏହି ରାଶି ସାଧାରଣତଃ ପୂର୍ବରୁ ସ୍ଥିର କରାଯାଇଥାଏ । ଏହା ପରସ୍ପରର ସହମତିରେ ସ୍ଥିରକରାଯାଇଥାଏ ଏବଂ ସମୟାନୁସାରେ ବୃଦ୍ଧି କରାଯାଇଥାଏ ।

(ଘ) ଆଇନତଃ ନିଯୁକ୍ତି ଦାତା ଏବଂ କର୍ମଚାରୀଙ୍କର ସମ୍ବନ୍ଧ ଏକ ଚୁକ୍ତି ଉପରେ ପର୍ଯ୍ୟବେଶିତ ହୋଇଥାଏ । ଦୁଇପକ୍ଷ ମଧ୍ୟରୁ ଯଦି କୌଣସି ଗୋଟିଏ ପକ୍ଷ ନିୟମ ଉଲ୍ଲଘଂନ କରେ ତେବେ ଅନ୍ୟପକ୍ଷକୁ କାନୁନ୍‌ର ଆଶ୍ରୟ ନେବାପାଇଁ ଅଧିକାର ଦିଆଯାଇଥାଏ ।

(ଙ) କେତେକ କାର୍ଯ୍ୟରେ ନିଯୁକ୍ତି ପାଇଁ କୌଣସି କାରିଗରି ବିଦ୍ୟା କିମ୍ବା ବିଶେଷ ଦକ୍ଷତାର ଆବଶ୍ୟକତା ହୋଇନଥାଏ । କିନ୍ତୁ କୁଶଳୀ କାର୍ଯ୍ୟ, ସ୍ୱତନ୍ତ୍ର ଓ କାରିଗରୀ କାର୍ଯ୍ୟରେ ନିଯୁକ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ତରର ମୌଳିକ କାରିଗରୀ ବିଦ୍ୟାର ଆବଶ୍ୟକତା ହୋଇଥାଏ ।

(ଚ) ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଜୁରୀ ବା ଦରମା ଜରିଆରେ ଏକ ନିଶ୍ଚିତ ଆୟ ଉପାର୍ଜନ କରିବା ।

ଜଣେ ବ୍ୟକ୍ତି କିଛି ପାରିଶ୍ରମିକ ବଦଳରେ ଅନ୍ୟ ଜଣେ ବ୍ୟକ୍ତି ପାଇଁ ସେବା-ଚୁକ୍ତି ବନ୍ଧ ହୋଇ ଯେଉଁ ଅର୍ଥନୈତିକ କାର୍ଯ୍ୟ କରେ, ତାହାକୁ ନିଯୁକ୍ତି କୁହାଯାଏ ।

୧.୨.୩ ବ୍ୟବସାୟ

ତୁମେ ଟାଟା କମ୍ପାନୀ ବିଷୟରେ ଶୁଣିଥିବ । ସେ ଲୁଣ ଠାରୁ ଆରମ୍ଭ କରି ଟ୍ରକ୍ ଏବଂ ବସ୍ ପର୍ଯ୍ୟନ୍ତ ବହୁତ ଗୁଡ଼ିଏ ଦ୍ରବ୍ୟ ଉତ୍ପାଦନ କରି ଆମ୍ଭମାନଙ୍କ ମଧ୍ୟରେ ବିକ୍ରି କରୁଅଛି । ଏହି ପ୍ରକ୍ରିୟା ଦ୍ୱାରା ସେ ଲାଭ ଉପାର୍ଜନ କରେ । ଟିକିଏ ତୁମ ଘର ପାଖ ଦୋକାନୀ ଉପରେ ଆଖିପକାଅ । ସେ କ'ଣ କରୁଅଛି ? ସେ ବହୁତ ପରିମାଣରେ ମାଲ୍ କ୍ରୟ କରି ଖୁଚୁରା ଭାବରେ ଆମକୁ ବିକ୍ରି କରୁଅଛି । ସେ ମଧ ଏହି ପ୍ରକ୍ରିୟାଦ୍ୱାରା ଲାଭଉପାର୍ଜନ କରେ । ସେହିପରି ଏକ କେବୁଲ ଟେଲିଭିଜନ ପରିଚାଳକ (କେବୁଲ ଅପରେଟର) କିଛି ପଇସା ବଦଳରେ ସଂଯୋଗ ଦେଇ ଆମ ଟେଲିଭିଜନ୍‌ରେ ବିଭିନ୍ନ ଚାନେଲ ଦେଖିବାର ସୁବିଧା ପ୍ରଦାନ କରୁଅଛି । ଏହି ପ୍ରକ୍ରିୟାରେ କେବୁଲ ଟେଲିଭିଜନ୍ ପରିଚାଳକ ଲାଭୋପାର୍ଜନ କରେ ।

ଏମାନେ ସମସ୍ତେ ବ୍ୟବସାୟରେ ଲାଗିଥିବାରୁ ଏମାନଙ୍କୁ ବ୍ୟବସାୟୀ କୁହାଯାଏ । ଏମାନେ ସମସ୍ତେ ନିଜ କାର୍ଯ୍ୟରୁ ଲାଭ ପାଇବା ପାଇଁ ନିୟମିତ ଭାବରେ କାମ କରିଥାନ୍ତି । ଅତଏବ "ବ୍ୟବସାୟ" କହିଲେ ସେହି ସବୁ ମାନବୀୟ କାର୍ଯ୍ୟ କଳାପକୁ ବୁଝାଏ, ଯାହା ଲାଭୋପାର୍ଜନ ଉଦ୍ଦେଶ୍ୟରେ ଦ୍ରବ୍ୟ କିମ୍ବା ସେବାର ନିୟମିତ ଉତ୍ପାଦନ ଏବଂ ବଣ୍ଟନ ସହିତ ସଂଶ୍ଳିଷ୍ଟ ଥାଏ ।

"ବ୍ୟବସାୟର ପରିଭାଷା ହେଉଛି ସେହିସବୁ ଅର୍ଥନୈତିକ କାର୍ଯ୍ୟ ଯେଉଁଥିରେ ଲାଭୋପାର୍ଜନ ଉଦ୍ଦେଶ୍ୟ ନିମନ୍ତେ ଦ୍ରବ୍ୟ ଏବଂ ସେବାର ନିୟମିତ ଉତ୍ପାଦନ କିମ୍ବା କ୍ରୟ କରି ବିକ୍ରୟ, ହସ୍ତାନ୍ତର ଏବଂ ବିନିମୟ କରାଯାଇଥାଏ ।"

ଆମେ ବହୁତ ଲୋକ ବ୍ୟବସାୟରେ ଲାଗିଥିବାର ଦେଖୁଅଛେ ଯେପରିକି କାରଖାନା ମାଲିକ, ପରିବହନକାରୀ, ବ୍ୟାଙ୍କ ବ୍ୟବସାୟୀ, ବ୍ୟାପାରୀ, ଦର୍ଜୀ, ଟାକ୍ସିଚାଳକ, ଇତ୍ୟାଦି । ସେମାନେ ସମସ୍ତେ ଉତ୍ପାଦନ କିମ୍ବା ବ୍ୟାପାର (କ୍ରୟ ଏବଂ ବିକ୍ରୟ) କିମ୍ବା ସେବା ପ୍ରଦାନ କରିବା କାମରେ ନିୟୋଜିତ ଅଛନ୍ତି । ସେମାନେ ସେଥିରେ ନିଜର ପୁଞ୍ଜି ଖଟାଇବା ସଙ୍ଗେ ସଙ୍ଗେ ତତ୍ ସମ୍ବନ୍ଧିତ ଆଶଙ୍କାର ଭାର ବହନ କରି ଲାଭ ପାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରିଥାନ୍ତି । ଅତଏବ ବ୍ୟବସାୟର ପ୍ରମୁଖ ବିଶେଷତ୍ୱ ଏହି ପ୍ରକାର ଅଟେ:

> "ଶେଷ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ଦ୍ରବ୍ୟକୁ ଉପଭୋଗ୍ୟ ଦ୍ରବ୍ୟ କୁହାଯାଏ । ଅନ୍ୟପକ୍ଷରେ ଯେଉଁ ଦ୍ରବ୍ୟ ଅନ୍ୟଦ୍ରବ୍ୟର ଉତ୍ପାଦନ କ୍ଷେତ୍ରରେ ପ୍ରୟୋଗ କରାଯାଏ ତାହାକୁ ଉତ୍ପାଦକ ଦ୍ରବ୍ୟ ବା ପୁଞ୍ଜିଗତ ଦ୍ରବ୍ୟ କୁହାଯାଏ ।"

(କ) ଏହା ଏପରି ଏକ ଧନ୍ଦା ଯେଉଁଥିରେ ବ୍ୟକ୍ତି ଦ୍ରବ୍ୟ ଏବଂ ସେବାକୁ ବିନିର୍ମାଣ କିମ୍ବା କ୍ରୟ ଓ ବିକ୍ରୟରେ ନିୟୋଜିତ ଥାଏ । ଏହି ଦ୍ରବ୍ୟଗୁଡ଼ିକ ଉପଭୋଗ୍ୟ ଦ୍ରବ୍ୟ ବା ପୁଞ୍ଜିଗତ ଦ୍ରବ୍ୟ ହୋଇପାରେ । ସେହିପରି ସେବା ପରିବହନ, ବ୍ୟାଙ୍କିଙ୍ଗ୍, ବୀମା ଆଦି ରୂପରେ ହୋଇଥାଏ ।

ଖ) ଏଥିରେ ନିୟମିତ କାର୍ଯ୍ୟ କରାଯାଇଥାଏ ।ସାଧାରଣତଃ କୌଣସି ଗୋଟିଏ ନେଣଦେଣକୁ ବ୍ୟବସାୟ କୁହାଯାଏ ନାହିଁ । ଉଦାହରଣ ସ୍ୱରୂପ, ଯଦି ଜଣେ ଲୋକ ନିଜର ପୁରୁଣା କାରକୁ ଲାଭରଖି ବିକ୍ରି କରିଥାଏ ତାହାକୁ ଆମେ ବ୍ୟାବସାୟିକ କାର୍ଯ୍ୟବୋଲି କହିପାରିବା ନାହିଁ । କିନ୍ତୁ ସେ ଯଦି ନିୟମିତ ରୂପେ ପୁରୁଣା କାର କିଣି ତାହାକୁ ବିକ୍ରି କରେ, ତେବେ ଆମେ ତାକୁ ବ୍ୟବସାୟ କରୁଥିବାର କହିବା ।

ଗ) ବ୍ୟବସାୟର ପ୍ରଥମ ଉଦ୍ଦେଶ୍ୟ ହେଉଛି ଲାଭୋପାର୍ଜନ କରିବା । ଏହା ବ୍ୟବସାୟ ତିଷ୍ଠି ରହିବା ପାଇଁ ଅପରିହାର୍ଯ୍ୟ ଅଟେ । ଏହା ଅବଶ୍ୟ ଦ୍ରବ୍ୟ ଏବଂ ସେବା ପ୍ରଦାନ କରିବାଦ୍ୱାରା ସମ୍ଭବ ହୁଏ ।

ଘ) ପ୍ରତ୍ୟେକ ବ୍ୟବସାୟ ନିମନ୍ତେ କିଛି ନା କିଛି ପୁଞ୍ଜିର ଆବଶ୍ୟକ ହୋଇଥାଏ । ଏହି ପୁଞ୍ଜି ଅର୍ଥ କିମ୍ବା ଦ୍ରବ୍ୟ କିମ୍ବା ଉଭୟ ରୂପରେ ହୋଇପାରେ । ଏହି ପୁଞ୍ଜି ସାଧାରଣତଃ ମାଲିକ ଦ୍ୱାରା ଉପଲବ୍ଧ ହୋଇଥାଏ କିମ୍ବା ତାଙ୍କ ଦ୍ୱାରା ତାଙ୍କ ଖାତିରରେ ଋଣ ନିଆଯାଇଥାଏ ।

ଙ) ଉପାର୍ଜନ ସର୍ବଦା ଅନିଶ୍ଚିତ ହୋଇଥାଏ କାରଣ ଭବିଷ୍ୟତ ଅନିଶ୍ଚିତ ଏବଂ କିଛି ତତ୍ତ୍ୱ ଏପରି ଥାଏ ଯାହାଉପରେ ବ୍ୟବସାୟୀଙ୍କର କୌଣସି ହାତ ନଥାଏ । ଏହି ପ୍ରକାର ପ୍ରତ୍ୟେକ ବ୍ୟବସାୟରେ କିଛି ଆଶଙ୍କା ଜନିତ ଉପାଦାନ ସଂଶ୍ଳିଷ୍ଟ ଥାଏ ଯାହାର ଭାର ବ୍ୟବସାୟର ମାଲିକକୁ ଉଠାଇବାକୁ ପଡ଼ିଥାଏ ।



ଟିପ୍ପଣୀ

ପାଠଗତ ପ୍ରଶ୍ନାବଳୀ ୧(ଖ)

୧. ନିଜ ଭାଷାରେ "ପେଶା" ଶବ୍ଦର ସଂଜ୍ଞା ବର୍ଣ୍ଣନା କର ।

____

୨. ନିମ୍ନରେ କାର୍ଯ୍ୟାବଳୀର ଏକ ତାଲିକା ଦିଆଯାଇଛି । କାର୍ଯ୍ୟର କିଛି ସୂଚନା ଦିଆଯାଇଅଛି । ଏହାକୁ ବ୍ୟବସାୟ, ପେଶା କିମ୍ବା ନିଯୁକ୍ତିରେ ବର୍ଗୀକରଣ କର । ଏଥିପାଇଁ ପ୍ରଶ୍ନଶେଷରେ ପ୍ରଦତ୍ତ ବୃତ୍ତ ମଧ୍ୟରେ ପ୍ରଶ୍ନ ସଂଖ୍ୟା ଲେଖ ।

କ) ଆପଣଙ୍କ ଅଞ୍ଚଳର ଥାନାରେ ନିଯୁକ୍ତ ପୋଲିସ କର୍ମଚାରୀର କାର୍ଯ୍ୟ
ଖ) କୌଣସି ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ
ଗ) ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ଡ୍ରାଇଭରଙ୍କ ବସ୍ ଚାଳନା
ଘ) ଜଣେ ଟାକ୍ସି ଡ୍ରାଇଭର ଯେ ନିଜ ଗାଡ଼ି ଚଳାଉଛି
ଙ) ଜଣେ କେଉଟ ଯେ ଗାଁରେ ମାଛ ବିକ୍ରିକରେ ।
ଚ) ଗୋପାଳ ଘରେ ନିୟମିତ ଭାବରେ ଗ୍ରାହକର ଲୁଗା ସିଲାଇ କରେ ।
ଛ) କାରଖାନାରେ କାମ କରୁଥିବା ଏକ ଦିନ ମଜୁରିଆ ।
ଜ) ଜଣେ ମାଳି ଯେକି ମହାବିଦ୍ୟାଳୟର ବଗିଚାର ଯତ୍ନ ନେଉଅଛି ।
ଝ) ଜଣେ ଓକିଲ ଯେକି ନ୍ୟାୟାଳୟରେ କାମକରନ୍ତି ।
ଞ) ଜଣେ ଇଞ୍ଜିନିୟର ଯେକି ନିଜର ଉପଦେଷ୍ଟା ଫାର୍ମ ଚଳାନ୍ତି ।

ବ୍ୟବସାୟ	ପେଶା	ନିଯୁକ୍ତି
○○○○ ○○○○	○○○○ ○○○○	○○○○ ○○○○

୧.୨.୪ ବ୍ୟବସାୟ, ପେଶା ଏବଂ ନିଯୁକ୍ତିର ତୁଳନା

ବ୍ୟବସାୟର ପ୍ରମୁଖ ବିଶେଷତ୍ୱକୁ ଅଧ୍ୟୟନ କରିସାରିବାପରେ ଚାଲନ୍ତୁ ନିଯୁକ୍ତି ଠାରୁ ତାହାର ପ୍ରଭେଦକୁ ବିଚାର କରିବା

ଆଧାର	ବ୍ୟବସାୟ	ପେଶା	ନିଯୁକ୍ତି
କ) ସ୍ଥାପନା	ବ୍ୟବସାୟ ଆରମ୍ଭ କରିବାର ନିଷ୍ପତ୍ତି ଏବଂ ତାର ଆବଶ୍ୟକତା ଅନୁଯାୟୀ ରେଜିଷ୍ଟ୍ରେସନ ଆଦି କରାଯାଏ ।	ଏକ ପେଶାଗତ ସଂଗଠନର ସଦସ୍ୟତା ଜରୁରୀ ଅଟେ ।	ନିଯୁକ୍ତିଦାତା ସହିତ ସେବା-ଚୁକ୍ତି ବଦ୍ଧହେବା ।
ଖ) ଯୋଗ୍ୟତା	କୌଣସି ବିଶେଷ ଯୋଗ୍ୟତାର ଆବଶ୍ୟକ ହୋଇନଥାଏ ।	ପେଶାଗତ ଜ୍ଞାନ ଏବଂ ପ୍ରଶିକ୍ଷଣ ବା ତାଲିମ ଆବଶ୍ୟକ ।	ନିଯୁକ୍ତି ପାଇଥିବା ସଂସ୍ଥାରେ କାମ ଅନୁସାରେ ଯୋଗ୍ୟତାର ଆବଶ୍ୟକ ହୋଇଥାଏ ।

ଗ) ପୁଞ୍ଜି	ପୁଞ୍ଜି ନିବେଶ ନିଶ୍ଚିତ ଅଟେ । ଏହାର ପରିମାଣ ବ୍ୟବସାୟର ଆକାର ଓ ପ୍ରକାର ଉପରେ ନିର୍ଭର କରେ ।	ସ୍ଥାପନା କରିବା ନିମନ୍ତେ କିଛି ପୁଞ୍ଜି ନିବେଶ ଆବଶ୍ୟକ ହୋଇଥାଏ ।	ପୁଞ୍ଜି ନିବେଶର କୌଣସି ଆବଶ୍ୟକତା ନାହିଁ ।
ଘ) କାର୍ଯ୍ୟର ପ୍ରକାର	ଦ୍ରବ୍ୟ କିମ୍ବା ସେବାର ଉତ୍ପାଦନ କିମ୍ବା କ୍ରୟ ଓ ବିକ୍ରୟ ।	ବିଶେଷଜ୍ଞଙ୍କ ସେବା	କାର୍ଯ୍ୟ ସମ୍ପାଦନା କରିବା
ଙ) ପ୍ରତିଫଳ ବା ପୁରସ୍କାର	ଲାଭ	ପେଶାଦାର ଫିସ୍	ମଜୁରୀ କିମ୍ବା ଦରମା
ଚ) ଆଶଙ୍କା	କ୍ଷତିହେବାର ଆଶଙ୍କା	ଉପଯୁକ୍ତ ପାରିଶ୍ରମିକ ନମିଳିବାର ଆଶଙ୍କା	ଯେ ପର୍ଯ୍ୟନ୍ତ ବ୍ୟବସାୟ ବା କାର୍ଯ୍ୟାଳୟ ଚାଲୁରହିଥାଏ ସେପର୍ଯ୍ୟନ୍ତ କୌଣସି ଆଶଙ୍କା ନଥାଏ ।
ଛ) ଉଦ୍ଦେଶ୍ୟ	ଲାଭ ପାଇବା	ସେବା ଦେବା ଏବଂ ତା ନିମନ୍ତେ ଫିସ୍ ମଧ୍ୟ ନେବା	ଜୀବିକା ଉପାର୍ଜନ କରିବା

୧.୩ ବ୍ୟବସାୟର ମହତ୍ତ୍ୱ

ବ୍ୟବସାୟ ବର୍ତ୍ତମାନ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଏହା ଲାଭୋପାର୍ଜନ କରିବାର ଏକ ସୁଚିନ୍ତିତ ଏବଂ ସୁସଂଗଠିତ କ୍ରିୟା ଅଟେ । ଏହା ସମାନ ଆର୍ଥିକ-ଲକ୍ଷ୍ୟ ଦିଗରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ସହିତ ସମ୍ବନ୍ଧିତ ଅଟେ । ବ୍ୟବସାୟ ବିନା ଆଧୁନିକ ସମାଜର କୌଣସି ଅସ୍ତିତ୍ୱ ନାହିଁ । ବ୍ୟବସାୟର ମହତ୍ତ୍ୱକୁ ନିମ୍ନ ପ୍ରକାରେ ବର୍ଣ୍ଣନା କରାଯାଇପାରେ:

କ) ବ୍ୟବସାୟ ଉଚିତ୍ ସମୟ ଏବଂ ଉଚିତ୍ ସ୍ଥାନରେ ଶ୍ରେଷ୍ଠତର ଗୁଣବତ୍ତାପୂର୍ଣ୍ଣ ବିଭିନ୍ନ ଦ୍ରବ୍ୟ ଏବଂ ସେବା ଯୋଗାଇଦେଇ ମାନବ ଜୀବନକୁ ସହଜ ଏବଂ ଆଡ଼ମ୍ବର ପୂର୍ଣ୍ଣ କରାଇପାରିଛି ।

ଖ) ଏହା କାର୍ଯ୍ୟକରିବା ଏବଂ ଜୀବିକାର୍ଜନ କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ । ଅତଃ ଏହା ଦେଶରେ ନିଯୁକ୍ତି ସୃଷ୍ଟି କରି ଦାରିଦ୍ର୍ୟ ହ୍ରାସ କରିଥାଏ ।

ଗ) ଏହା ରାଷ୍ଟ୍ରର ସୀମିତ ସମ୍ବଳକୁ ବ୍ୟବହାର କରି ଅଧିକ ପରିମାଣର ଦ୍ରବ୍ୟ ଏବଂ ସେବା ସମୂହର ଅଧିକ ଉତ୍ପାଦନ କରିଥାଏ ।

ଘ) ଏହା ଉତ୍ତମ ମାନର ଦ୍ରବ୍ୟ ଏବଂ ସେବାଗୁଡ଼ିକର ଉତ୍ପାଦନ କରି ତଥା ସେଗୁଡ଼ିକ ବିଦେଶକୁ ରପ୍ତାନି କରି ରାଷ୍ଟ୍ରର ଭାବ ମୂର୍ତ୍ତିକୁ ଉନ୍ନତ କରିଥାଏ । ଅନ୍ତର୍ରାଷ୍ଟ୍ରୀୟ ବ୍ୟାପାରିକ ମେଳା ଏବଂ ପ୍ରଦର୍ଶନୀରେ ଭାଗନେଇ ବାହାର ଦେଶରେ ଆମ ଦେଶର ପ୍ରଗତି ଏବଂ ଉପଲବ୍ଧିକୁ ପ୍ରଦର୍ଶନ କରିଥାଏ ।

ଙ) ଏହା ଦେଶବାସୀଙ୍କୁ ଅନ୍ତର୍ରାଷ୍ଟ୍ରୀୟସ୍ତରର ଉତ୍ତମ ମାନର ଦ୍ରବ୍ୟ ଗୁଡ଼ିକ ବ୍ୟବହାର କରିବାର ସୁଯୋଗ ଦେଇଥାଏ । ଏହା ବିଦେଶୀ ଦ୍ରବ୍ୟଗୁଡ଼ିକର ଆମଦାନୀ କରିବା ଦ୍ୱାରା କିମ୍ବା ନିଜ ଦେଶରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରି ଉନ୍ନତ ଦ୍ରବ୍ୟଗୁଡ଼ିକ ଉତ୍ପାଦନ କରିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ ।

ଚ) ଏହା ପୁଞ୍ଜି ନିବେଶକାରୀଙ୍କୁ ତାଙ୍କ ପୁଞ୍ଜି ଉପରେ ଅଧିକ ଲାଭ ଦେଇଥାଏ ଏବଂ ବ୍ୟବସାୟର ବିସ୍ତାର ଏବଂ ବିକାଶ ନିମନ୍ତେ ମଧ ସୁଯୋଗ ଦେଇଥାଏ ।



ଛ) ଏହା ପର୍ଯ୍ୟଟନ ସେବା, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାୟୋଜନ, ବ୍ୟାପାରିଙ୍କ ପ୍ରଦର୍ଶନୀ ଆଦି ମାଧ୍ୟମରେ ଦେଶର ସାମାଜିକ ହିତ ସାଧନ କରିଥାଏ । ଏହାଦ୍ୱାରା ଦେଶର ବିଭିନ୍ନ ଭାଗରେ ରହୁଥିବା ଲୋକମାନଙ୍କ ମଧ୍ୟରେ ସଂସ୍କୃତି, ପରମ୍ପରା ତଥା ଆଚାର-ବିଚାରର, ଆଦାନ-ପ୍ରଦାନ ହୋଇ ପାରିଥାଏ । ଏହାଦ୍ୱାରା ରାଷ୍ଟ୍ରୀୟ ଏକତାର ସଂବୃଦ୍ଧି ହୋଇଥାଏ ।

ଜ) ଏହା ଭିନ୍ନ ଭିନ୍ନ ଦେଶର ଲୋକମାନଙ୍କ ମଧ୍ୟରେ ସଂସ୍କୃତିର ଆଦାନ-ପ୍ରଦାନର ସୁଯୋଗ ମଧ୍ୟ ପ୍ରଦାନ କରିଥାଏ । ଏହାଦ୍ୱାରା ଅନ୍ତର୍ରାଷ୍ଟ୍ରୀୟ ସହଯୋଗ ଏବଂ ଶାନ୍ତି ବଜାୟ ରହିଥାଏ ।

ଝ) ଏହା ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶରେ ସହାୟକ ହୋଇଥାଏ । ଏହା ନୂତନ ଉତ୍ପାଦନ ଓ ସେବାର ଅନ୍ୱେଷଣ ନିମନ୍ତେ ଗବେଷଣା ଏବଂ ବିକାଶ କାର୍ଯ୍ୟରେ ଅଧିକ ଅର୍ଥ ବ୍ୟୟ କରିଥାଏ । ଏହିପରିଭାବରେ ଔଦ୍ୟୋଗିକ ଗବେଷଣା ଜରିଆରେ ଅନେକ ନୂତନ ଉତ୍ପାଦ ଏବଂ ସେବାଗୁଡ଼ିକର ବିକାଶ ହୋଇଥାଏ ।

୧.୪ ବ୍ୟବସାୟର ଉଦ୍ଦେଶ୍ୟ

ଏକ ବ୍ୟାବସାୟିକ ସଂଗଠନ ଏକ ନିର୍ଦ୍ଧାରିତ ସମୟରେ ଯାହାକିଛି ପାଇବାକୁ ଚାହିଁଥାଏ ତାହା ତାହାର ଉଦ୍ଦେଶ୍ୟ ହୋଇଥାଏ । ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ, ବ୍ୟବସାୟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭକରିବା ଏବଂ ନିଜ ମାଲିକର ସ୍ୱାର୍ଥକୁ ସୁରକ୍ଷାଦେବା । କିନ୍ତୁ କୌଣସି ବ୍ୟବସାୟ ନିଜର କର୍ମଚାରୀ, ଗ୍ରାହକ ତଥା ସମଗ୍ର ସମାଜର ହିତ ସାଧନକୁ ଅବହେଳା କରିପାରିବ ନାହିଁ । ରାଷ୍ଟ୍ରର ଲକ୍ଷ୍ୟ ଏବଂ ଆକାଂକ୍ଷାପୂରଣ ତଥା ବିଶ୍ୱର କଲ୍ୟାଣ ସାଧନ ମଧ୍ୟ ବ୍ୟବସାୟର ଉଦ୍ଦେଶ୍ୟ ହେବା ଉଚିତ । ତେଣୁ ବ୍ୟବସାୟର ଉଦ୍ଦେଶ୍ୟକୁ ନିମ୍ନଶ୍ରେଣୀର ବର୍ଗୀକୃତ କରାଯାଇପାରେ ।

(କ) ଅର୍ଥନୈତିକ ଉଦ୍ଦେଶ୍ୟ

(ଖ) ସାମାଜିକ ଉଦ୍ଦେଶ୍ୟ

(ଗ) ମାନବୀୟ ଉଦ୍ଦେଶ୍ୟ

(ଘ) ରାଷ୍ଟ୍ରୀୟ ଉଦ୍ଦେଶ୍ୟ

(ଙ) ବୈଶ୍ୱିକ ଉଦ୍ଦେଶ୍ୟ

ଆସନ୍ତୁ ଏହି ଉଦ୍ଦେଶ୍ୟଗୁଡ଼ିକ ବିସ୍ତୃତ ଭାବେ ଆଲୋଚନା କରିବା:

କ) ବ୍ୟବସାୟର **ଅର୍ଥନୈତିକ ଉଦ୍ଦେଶ୍ୟ** ହେଉଛି ଲାଭୋପାର୍ଜନ କରିବା ତଥା ଏହା ସେହିସବୁ ଉଦ୍ଦେଶ୍ୟକୁ ମଧ୍ୟ ବୁଝାଇଥାଏ ଯାହା ଲାଭୋପାର୍ଜନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ବ୍ୟବସାୟର କେତୋଟି ମୁଖ୍ୟ ଅର୍ଥନୈତିକ ଉଦ୍ଦେଶ୍ୟ ହେଲା:

(୧) ଯଥେଷ୍ଟ ଲାଭଉପାର୍ଜନ କରିବା;

(୨) ନୂଆ ବଜାର ଖୋଜିବା ଏବଂ ଅଧିକ ଗ୍ରାହକ ସୃଷ୍ଟକରିବା;

(୩) ବ୍ୟବସାୟିକ କାର୍ଯ୍ୟର ବିସ୍ତାର ଏବଂ ବିକାଶ

(୪) ଦ୍ରବ୍ୟ ଏବଂ ସେବାର ନବୋନ୍ମେଷ ଏବଂ ଉନ୍ନତିସାଧନ କରିବା;

(୫) ଉପଲବ୍ଧ ସମ୍ବଳର ଶ୍ରେଷ୍ଠତମ ଉପଯୋଗ କରିବା ।

ଖ) ବ୍ୟବସାୟ ଦ୍ୱାରା ସମାଜର ହିତ ସାଧନ ନିମନ୍ତେ ଯେଉଁ କାର୍ଯ୍ୟ କରାଯାଇଥାଏ ତାହାକୁ **ସାମାଜିକ ଉଦ୍ଦେଶ୍ୟ** କୁହାଯାଏ । କେତେକ ମୁଖ୍ୟ ସାମାଜିକ ଉଦ୍ଦେଶ୍ୟର ନମୁନା ।

(୧) ସମାଜର ମଙ୍ଗଳ ପାଇଁ ଉଚ୍ଚମାନର ଦ୍ରବ୍ୟ ଏବଂ ସେବା ଉତ୍ପାଦନ କରିବା ଏବଂ ତାର ଯୋଗାଣ କରିବା;

(୨) ଉଚିତ ମୂଲ୍ୟରେ ଦ୍ରବ୍ୟ ଉପଲବ୍ଧ କରାଇବା;

(୩) ଅନୁଚିତ ଅଭ୍ୟାସ ଯଥା ଗୋପନରେ ମାଲ୍ ମହଜୁଦ୍ କରି ରଖିବା, କଳାବଜାରୀ, ମୂଲ୍ୟବଢ଼ାଇବା ଇତ୍ୟାଦି କାର୍ଯ୍ୟରୁ ନିବୃତ୍ତ ରହିବା;

(୪) ସମାଜର ସାମୂହିକ କଲ୍ୟାଣ ଏବଂ ଉତ୍‌ଥାନ କାର୍ଯ୍ୟରେ ସହଯୋଗ କରିବା;

(୫) ନିବେଶକଙ୍କୁ ସେମାନଙ୍କର ଉଚିତ ପ୍ରାପ୍ୟ ସୁନିଶ୍ଚିତ କରାଇବା;

(୬) ଖାଉଟିଙ୍କ ଶିକ୍ଷା ଦିଗରେ ପଦକ୍ଷେପ ନେବା;

୭) ପ୍ରାକୃତିକ ସମ୍ପଦ ଏବଂ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ପରିବେଶକୁ ସୁରକ୍ଷା ଦେବା ।

ଗ) ବ୍ୟବସାୟଦ୍ୱାରା ମୁଖ୍ୟତଃ କର୍ମଚାରୀମାନଙ୍କର ସ୍ୱାର୍ଥସୁରକ୍ଷା ଓ ହିତ ସାଧନ ହେଉଛି **ମାନବୀୟ ଉଦ୍ଦେଶ୍ୟ** । କେତେକମୁଖ୍ୟ ମାନବୀୟ ଉଦ୍ଦେଶ୍ୟର ନମୁନା:

(୧) କର୍ମଚାରୀମାନଙ୍କୁ ଉଚିତ ପ୍ରାପ୍ୟ ଏବଂ ପ୍ରୋତ୍ସାହନ ପ୍ରଦାନ କରିବା;

(୨) କର୍ମଚାରୀମାନଙ୍କପାଇଁ ଉନ୍ନତ କାର୍ଯ୍ୟକାରୀ ବାତାବରଣ ଓ ଯଥାର୍ଥ ପରିବେଶ ଯୋଗାଇ ଦେବା;

(୩) କାର୍ଯ୍ୟକୁ ଶ୍ରଦ୍ଧାପୂର୍ଣ୍ଣ ଓ ପ୍ରତିଯୋଗିତାମୂଳକ କରି ଉପଯୁକ୍ତ ବ୍ୟକ୍ତିକୁ ଉପଯୁକ୍ତ ପଦରେ ସ୍ଥାପନା କରି କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବା;

(୪) କର୍ମଚାରୀମାନଙ୍କୁ ଅଧିକରୁ ଅଧିକ ପଦୋନ୍ନତିର ସୁଯୋଗ ଦେବା;

(୫) ପ୍ରଶିକ୍ଷଣ ଓ ବିକାଶ କାର୍ଯ୍ୟକ୍ରମର ପ୍ରାୟୋଜନ ପୂର୍ବକ କର୍ମଚାରୀମାନଙ୍କର ବିକାଶ ସାଧନ କରିବା; ଏବଂ

(୬) ସମାଜର ପଛୁଆବର୍ଗର ଲୋକମାନଙ୍କୁ ଏବଂ ଶାରୀରିକ ଓ ମାନସିକ ଅକ୍ଷମ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରିବା ।

ଘ) ରାଷ୍ଟ୍ରର ଲକ୍ଷ୍ୟ ଓ ଆକାଂକ୍ଷାକୁ ପୂର୍ଣ୍ଣକରିବା ହେଉଛି ବ୍ୟବସାୟର **"ରାଷ୍ଟ୍ରୀୟ ଉଦ୍ଦେଶ୍ୟ"** । ରାଷ୍ଟ୍ରୀୟ ଉଦ୍ଦେଶ୍ୟଗୁଡ଼ିକ ହେଲା:

(୧) ନିଯୁକ୍ତି ସୁଯୋଗ ସୃଷ୍ଟିକରିବା;

(୨) ସାମାଜିକ ନ୍ୟାୟର ଉନ୍ନତି ବିଧାନ କରିବା;

(୩) ରାଷ୍ଟ୍ରର କଲ୍ୟାଣ ଏବଂ ପ୍ରାଥମିକତାକୁ ଦୃଷ୍ଟିରେ ରଖି ତଦନୁରୂପ ଦ୍ରବ୍ୟର ଉତ୍ପାଦନ ଏବଂ ଯୋଗାଣ କରିବା

(୪) ଟିକସ ଏବଂ ଅନ୍ୟାନ୍ୟ ଦେୟ ରାଶିକୁ ସଚ୍ଚୋଟ ଭାବରେ ଏବଂ ନିୟମିତ ରୂପେ ପୈଠ କରିବା;

(୫) ଉନ୍ନତ ଔଦ୍ୟୋଗିକ ସମ୍ବନ୍ଧକୁ ପ୍ରୋତ୍ସାହିତ କରି ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାରେ ସହାୟକ ହେବା;

(୬) ସରକାରଙ୍କଦ୍ୱାରା ସମୟକୁ ସମୟ ପ୍ରଣୀତ ଅର୍ଥନୈତିକ ଓ ବିତ୍ତୀୟ ନୀତି ସମୂହକୁ ଲାଗୁକରିବା;

ଙ) ବ୍ୟବସାୟ ବିଶ୍ୱ ବଜାର ପ୍ରତିଯୋଗିତାକୁ ସାମନା କରିବା ହେଉଛି ବୈଶ୍ୱିକ ଏହାର ଉଦ୍ଦେଶ୍ୟ । ବୈଶ୍ୱିକ ଉଦ୍ଦେଶ୍ୟଗୁଡ଼ିକ ହେଲା:

(୧) ବୈଶ୍ୱିକ ପ୍ରତିଯୋଗୀ ସମ୍ପନ୍ନ ଦ୍ରବ୍ୟ ଓ ସେବାର ଉପଲବ୍ଧ କରିବା;

(୨) ନିଜର ବ୍ୟାବସାୟିକ କାର୍ଯ୍ୟର ବିସ୍ତାରକରି ଧନି ଏବଂ ଗରିବ ରାଷ୍ଟ୍ର ମଧ୍ୟରେ ଥିବା ଅସମାନତାକୁ ଦୂର କରିବା

ପାଠଗତ ପ୍ରଶ୍ନାବଳୀ ୧.୧ (ଗ)

୧. ମୋହନ ଚଳିତ ବର୍ଷ ଏମ୍.ବି.ବି.ଏସ୍ ପାଶ୍ କଲା । ସେ ତାର ନିଜର ବୃତ୍ତି ଚୟନ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଅଛି । ନିମ୍ନରେ ପ୍ରଦତ୍ତ ତାଲିକାକୁ ପୂରଣ କରି ତାର ମାର୍ଗ ଦର୍ଶନ କର:

ଯଦି ସେ ଏହା ଚୟନ କରେ	ତାକୁ କ'ଣ କରିବାକୁ ପଡ଼ିବ ?	ଏହାଦ୍ୱାରା ତାକୁ କ'ଣ ପ୍ରାପ୍ୟ ହେବ ?
(କ) ବ୍ୟବସାୟ		
(ଖ) ପେଶା		
(ଗ) ରୋଜଗାର		

୨. ନିମ୍ନ ବାକ୍ୟଗୁଡ଼ିକୁ ଆବଶ୍ୟକସ୍ଥଳେ ସଂଶୋଧନ କର:

(କ) ବ୍ୟବସାୟ କାର୍ଯ୍ୟକରିବାର ସୁଯୋଗକୁ କମ୍ କରି ଦେବା ଫଳରେ ଦେଶରେ ନିଯୁକ୍ତ ସୃଷ୍ଟି କରେ ।

(ଖ) ଉନ୍ନତମାନର ଦ୍ରବ୍ୟ ଏବଂ ସେବା ଉତ୍ପାଦନ ଏବଂ ରପ୍ତାନିଦ୍ୱାରା ଦେଶର ମର୍ଯ୍ୟାଦା ହ୍ରାସ ପାଏ ।

(ଗ) ବ୍ୟାବସାୟିକ ଉଦ୍ଦେଶ୍ୟ କେବଳ ଲାଭ ଅର୍ଜନ ଉପରେ କେନ୍ଦ୍ରୀଭୂତ ହେବା ଦରକାର ।

(ଘ) ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଟିକସ ଅଥବା ଅନ୍ୟଦେୟ ରାଶିକୁ ସଙ୍କୋଚତାର ସହିତ ସରକାରଙ୍କୁ ପୈଠ କରିବା ବ୍ୟବସାୟର ରାଷ୍ଟ୍ରୀୟ ଉଦ୍ଦେଶ୍ୟ ଅଟେ ।

(ଙ) ଟିକସ କମ୍ କରିବା ପାଇଁ ବ୍ୟବସାୟୀଙ୍କୁ ନକଲି ହିସାବ ଖାତା ପ୍ରସ୍ତୁତ କରିବା ଦରକାର ।

୧.୫ ବ୍ୟାବସାୟିକ କାର୍ଯ୍ୟକଳାପର ବର୍ଗୀକରଣ

ଆମ ଚତୁର୍ପାର୍ଶ୍ୱରେ ଦୃଷ୍ଟି ପକାଇଲେ ଆମେ କୌଣସି ଏକ ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ବ୍ୟବସାୟ ଦେଖିପାରିବା । ସେଗୁଡ଼ିକ ହେଲା:-

- ତୈଳ, ପ୍ରାକୃତିକ ଗ୍ୟାସ୍ କିମ୍ବା ଖଣିଜ ପଦାର୍ଥର ଉତ୍ତୋଳନ;
- ପଣ୍ୟଦ୍ରବ୍ୟ ସମୂହର ଉତ୍ପାଦନ;
- ଗୋଟିଏ ସ୍ଥାନ/ଦେଶରୁ ଦ୍ରବ୍ୟ କ୍ରୟକରି ତାହାକୁ ଅନ୍ୟ ଗୋଟିଏ ସ୍ଥାନ/ଦେଶରେ ବିକ୍ରି କରିବା;
- କୋଠାବାଡ଼ି, ସଡ଼କ ଏବଂ ପୋଲ ଇତ୍ୟାଦି ନିର୍ମାଣ କରିବା;
- ଟିକଟ କରିବା, ପରିବହନ, ସାଇତି ରଖିବା, ବ୍ୟାଙ୍କିଙ୍ଗ୍, ବୀମା ଆଦି ସେବା ପ୍ରଦାନ କରିବା ।

ଯଦି ଆମେ ଉପଯୁକ୍ତ ବ୍ୟାବସାୟିକ କାର୍ଯ୍ୟଗୁଡ଼ିକର ବିଶ୍ଳେଷଣ କରିବା ତେବେ ଦେଖିବାକୁ ପାଇବା ଯେ, ଏହି କାର୍ଯ୍ୟଗୁଡ଼ିକ ଦ୍ରବ୍ୟ ଏବଂ ସେବାର ଉତ୍ପାଦନ ଏବଂ ପ୍ରକ୍ରିୟାକରଣ ଉପରେ କିମ୍ବା ଏହାର ବିତରଣ ଉପରେ ପର୍ଯ୍ୟବେଶିତ । ପ୍ରଥମ ବ୍ୟାବସାୟିକ କ୍ରିୟାଗୁଡ଼ିକୁ (ଦ୍ରବ୍ୟ ଏବଂ ସେବାର ଉତ୍ପାଦନ ଓ ପ୍ରକ୍ରିୟାକରଣ) 'ଉଦ୍ୟୋଗ' ଏବଂ ଦ୍ୱିତୀୟ ବ୍ୟାବସାୟିକ କ୍ରିୟାଗୁଡ଼ିକୁ (ବିତରଣ) 'ବାଣିଜ୍ୟ' କୁହାଯାଏ । ଏହି ଭାବରେ ଆମେ ବ୍ୟବସାୟକୁ 'ଉଦ୍ୟୋଗ' ଏବଂ 'ବାଣିଜ୍ୟ'ରେ ବର୍ଗୀକରଣ କରିପାରିବା । ଆସ, ଏହି ଦୁଇ ବର୍ଗ ସମ୍ବନ୍ଧରେ ଭଲ ଭାବରେ ଜାଣିବା ।

୧.୬. ଉଦ୍ୟୋଗ/ଶିଳ୍ପ

ଉଦ୍ୟୋଗ ମୁଖ୍ୟତଃ ସେହିସବୁ ବ୍ୟାବସାୟିକ କାର୍ଯ୍ୟ ଯାହାକି ଦ୍ରବ୍ୟ ଏବଂ କିମ୍ବା ସେବାର ଉତ୍ପାଦନ/ ଆହରଣ କିମ୍ବା ଏବଂ ପ୍ରକ୍ରିୟାକରଣ ସହିତ ସମ୍ପୃକ୍ତ । ଉଦ୍ୟୋଗ କଞ୍ଚାମାଲ କିମ୍ବା ଅର୍ଦ୍ଧନିର୍ମିତ ମାଲକୁ ପ୍ରସ୍ତୁତ ମାଲରେ ପରିଣତ କରିଥାଏ । ଭୂ-ପୃଷ୍ଠରୁ କଞ୍ଚାମାଲ ଆହରଣ, ପଣ୍ୟଦ୍ରବ୍ୟ ଉତ୍ପାଦନ, ଫସଲ ଉତ୍ପାଦନ କରିବା, ମାଛ ଚାଷ, ଫୁଲ ଚାଷ ଇତ୍ୟାଦି ଉଦ୍ୟୋଗର ଉଦାହରଣ ଅଟେ । ଏହି କାର୍ଯ୍ୟକୁ ଔଦ୍ୟୋଗିକ କାର୍ଯ୍ୟ ଏବଂ ଏହି କାର୍ଯ୍ୟକୁ କରୁଥିବା ସଂସ୍ଥାକୁ ଶିଳ୍ପ ସଂସ୍ଥା କୁହାଯାଏ । ତେବେ ବ୍ୟାପକ ଅର୍ଥରେ କହିବାକୁ ଗଲେ ବ୍ୟାଙ୍କିଙ୍ଗ୍, ବୀମା, ପରିବହନ ଆଦି ସେବା ପ୍ରଦାନକାରୀ ସଂସ୍ଥାର ଉଦ୍ୟୋଗର ଅଙ୍ଗ ଅଟେ । ଯାହାକୁ ସେବା ଉଦ୍ୟୋଗ କୁହାଯାଏ ।

ଶିଳ୍ପ ଗୁଡ଼ିକର ଶ୍ରେଣୀ ବିଭାଜନ:

କାର୍ଯ୍ୟର ପ୍ରକୃତି ଆଧାରରେ ଉଦ୍ୟୋଗକୁ ବର୍ଗୀକରଣ କରିବା ପୂର୍ବରୁ ଆସ ବର୍ଗୀକରଣର ବିଭିନ୍ନ ଆଭିମୁଖ୍ୟ ଉପରେ ବିସ୍ତାର ଭାବରେ ଧାରଣା ପ୍ରାପ୍ତ ହେବା ।

କାର୍ଯ୍ୟର ପ୍ରକୃତିର ଆଧାର ଉପରେ	ଉତ୍ପାଦିତ ବସ୍ତୁର ପ୍ରକୃତିର ଆଧାର ଉପରେ	ନିବେଶରପରିମାଣର ଆଧାର ଉପରେ	କାର୍ଯ୍ୟର ଆକାରର ଆଧାର ଉପରେ
(କ) ପ୍ରାଥମିକ ଉଦ୍ୟୋଗ	(କ) ଖାଉଟି ଦ୍ରବ୍ୟର ଉଦ୍ୟୋଗ	(କ) କ୍ଷୁଦ୍ର ଶିଳ୍ପ	(କ)ଭାରୀ ଶିଳ୍ପ
(ଖ) ଦ୍ୱିତୀୟକ ଉଦ୍ୟୋଗ	(ଖ) ଉତ୍ପାଦକ କିମ୍ବା ପୁଞ୍ଜିଗତ ଦ୍ରବ୍ୟର ଉଦ୍ୟୋଗ	(ଖ) ବୃହତ୍ ଶିଳ୍ପ	(ଖ) ଲଘୁ ଶିଳ୍ପ
(ଗ) ସେବା ଉଦ୍ୟୋଗ			

ବର୍ତ୍ତମାନ କାର୍ଯ୍ୟର ପ୍ରକୃତିର ଆଧାର ଉପରେ ଉଦ୍ୟୋଗର ବର୍ଗୀକରଣକୁ ଅଧିକ ଆଲୋଚନା କରିବା ।



(କ) ପ୍ରାଥମିକ ଉଦ୍ୟୋଗ

ପ୍ରାଥମିକ ଉଦ୍ୟୋଗର କହିଲେ ପ୍ରାକୃତିକ ସମ୍ପଦ ଯେପରିକି ତେଲ, କୋଇଲା, ଖଣିଜ ପଦାର୍ଥ ଆଦିର ନିଷ୍କାସନ ଏବଂ ଜୈବିକ ପଦାର୍ଥ ଯେପରି ବୃକ୍ଷ, ପଶୁ ଆଦିର ପ୍ରଜନନ ଏବଂ ବିକାଶକୁ ବୁଝାଏ । ପ୍ରାଥମିକ ଉଦ୍ୟୋଗକୁ ଖଣିଜ ଉତ୍ତୋଳନକାରୀ ଏବଂ ଆନୁବଂଶିକ ଉଦ୍ୟୋଗରେ ବିଭକ୍ତ କରାଯାଇପାରେ । ତୁମେ ଓ.ଏନ୍‌.ଜି.ସି. ବିଷୟରେ ଶୁଣିଥିବ । ଏହି କମ୍ପାନୀ ଭୂଗର୍ଭରୁ ତେଲ ଏବଂ ପ୍ରାକୃତିକ ଗ୍ୟାସ ଉତ୍ତୋଳନ କରେ । ସେହିପରି କୃଷକ ଫସଲ ଉତ୍ପାଦନ କରିଥାଏ, ବ୍ୟବସାୟୀ ଭୂପୃଷ୍ଠରୁ କଞ୍ଚାମାଲ୍‌, ଖଣିଜ ପଦାର୍ଥ ନିଷ୍କାସନ କରିଥାଏ (ଯେପରି କୋଇଲା ଖଣି, ଲୁହାପଥର ଖଣି ଇତ୍ୟାଦି) ।

ପୁନଃ ପ୍ରକ୍ରିୟାକରଣ ନିମନ୍ତେ ଜଙ୍ଗଲରୁ ଅରଣ୍ୟ ସମ୍ପଦର ସଂଗ୍ରହ (ଯଥା: ମହୁ, କାଠ ଆଦି), ନଦୀ ଓ ସମୁଦ୍ରକୁ ଜଳ ସମ୍ପଦ (ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ସାମୁଦ୍ରିକ ଖାଦ୍ୟପଦାର୍ଥ ଆଦି) ସଂଗ୍ରହ କରାଯାଏ । ଏଗୁଡ଼ିକ 'ନିଷ୍କର୍ସଣ ଉଦ୍ୟୋଗ' ଅଟେ । ତୁମେ କୁକୁଡ଼ା ପାଳନ କେନ୍ଦ୍ର, ସେଓ ବଗିଚା ଏବଂ ନର୍ସରୀ ଦେଖିଛ କି ? ଏହିସବୁ ଉଦ୍ୟୋଗଗୁଡ଼ିକ ପଶୁ ଓ ପକ୍ଷୀଙ୍କର ପାଳନ ଏବଂ ପ୍ରଜନନ, ଫୁଲ ଏବଂ ଚାରା ବିକ୍ରି କରିବା ନିମନ୍ତେ ଉତ୍ପାଦନ ଜାରି ରଖିଥାନ୍ତି । ଏହି ଉଦ୍ୟୋଗୀମାନଙ୍କୁ 'ଆନୁବଂଶୀକ ଉଦ୍ୟୋଗ' କହନ୍ତି । ଆଜିକାଲି ଆନୁବଂଶିକ ଉଦ୍ୟୋଗର ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି । ପନିପରିବାର ବଗିଚା କରିବା, ଫୁଲ ବଗିଚା, ଦୁଗ୍ଧ ଉତ୍ପାଦନ କେନ୍ଦ୍ର, କୁକୁଡ଼ା ପାଳନ କେନ୍ଦ୍ର, ମାଛ ଚାଷ ଆଦି ଏହାର ଅନ୍ତର୍ଭୁକ୍ତ ଅଟେ ।

(ଖ) ଦ୍ୱିତୀୟକ ଉଦ୍ୟୋଗ

ପ୍ରାଥମିକ ଉଦ୍ୟୋଗରୁ ଉତ୍ପାଦିତ ପଦାର୍ଥକୁ କଞ୍ଚାମାଲ ରୂପେ ବ୍ୟବହାର କରି ଅନେକ ପ୍ରକାର ଦ୍ରବ୍ୟ ଓ ସାମଗ୍ରୀ ପ୍ରସ୍ତୁତ କରାଯାଏ । ପ୍ରାଥମିକ ଉଦ୍ୟୋଗରୁ ଉତ୍ପାଦିତ ପଦାର୍ଥକୁ କଞ୍ଚାମାଲ ରୂପେ ବ୍ୟବହାର କରୁଥିବା ଶିଳ୍ପକୁ ଦ୍ୱିତୀୟକ ଉଦ୍ୟୋଗ କହନ୍ତି । । ଦ୍ୱିତୀୟକ ଉଦ୍ୟୋଗରେ ଅର୍ଧନିର୍ମିତ ମାଲ୍‌ରୁ ଆବଶ୍ୟକୀୟ ମାଲ୍‌ ତିଆରି ହୋଇଥାଏ । ଉଦାହରଣ ସ୍ୱରୂପ କପାରୁ କପଡ଼ା ତିଆରି କରିବା, କାଠରୁ ଫର୍ନିଚର ତିଆରି କରିବା, ବକ୍‌ସାଇଟ୍‌ରୁ ଆଲୁମିନିୟମ ତିଆରି କରିବା ଇତ୍ୟାଦି । କୋଠାବାଡ଼ି, ସଡ଼କ, ପୋଲ, ରେଳଗାଡ଼ି, କେନାଲ, ସୁଡ଼ଙ୍ଗ ଇତ୍ୟାଦି ତିଆରି କରିବାକୁ ନିର୍ମାଣ ଉଦ୍ୟୋଗ କୁହାଯାଏ । ଏହାଦ୍ୱାରା ଅନ୍ୟ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ବସ୍ତୁକୁ ପ୍ରୟୋଗ କରି ଗ୍ରାହକଙ୍କର ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାର ପଦାର୍ଥ ତିଆରି କରାଯାଏ ।

ନିର୍ମାଣ ଉଦ୍ୟୋଗକୁ ନିମ୍ନ ବର୍ଗରେ ବିଭକ୍ତ କରାଯାଇପାରେ:

(i) "ବିଶ୍ଳେଷଣାତ୍ମକ ଉଦ୍ୟୋଗ" ଦ୍ୱାରା ଗୋଟିଏ ଉତ୍ପାଦନରୁ ବିଭିନ୍ନ ତତ୍ତ୍ୱକୁ ନେଇ ଭିନ୍ନ ଭିନ୍ନ ପଦାର୍ଥ ଉତ୍ପାଦନ କରାଯାଏ, ଯେମିତି - ପେଟ୍ରୋଲ, ଡିଜେଲ, କିରାସିନି, ମେସିନ ତେଲ ଇତ୍ୟାଦି ଏବଂ ବିଶୋଧନାଗାରରେ ଅଶୋଧିତ ତେଲରୁ ଉତ୍ପାଦନ କରାଯାଇଥାଏ ।

(ii) "କୃତ୍ରିମବସ୍ତୁ ଉଦ୍ୟୋଗ"ରେ ବିଭିନ୍ନ ତତ୍ତ୍ୱକୁ ଏକତ୍ର କରି ଏକ ନୂତନ ପଦାର୍ଥର ଉତ୍ପାଦନ କରାଯାଇଥାଏ । ଖାଇବା ତେଲ ଏବଂ ପୋଟାସିୟମ ବାଇ-କାର୍ବୋନେଟ୍‌କୁ ମିଶାଇ ସାବୁନ ପ୍ରସ୍ତୁତ କରାଯାଇଥାଏ । ସେହିପରି ଚୂନପଥର କୋଇଲାଗୁଣ୍ଡ ସହିତ ଅନ୍ୟ ରାସାୟନିକ ପଦାର୍ଥର ସଂଯୋଗ କରାଯାଇ ସିମେଣ୍ଟ ଉତ୍ପାଦନ ହୋଇଥାଏ ।

(iii) "ପ୍ରକ୍ରିୟାକରଣ ଉଦ୍ୟୋଗ"ରେ ବିଭିନ୍ନ ପର୍ଯ୍ୟାୟରେ ପ୍ରକ୍ରିୟାକରଣ ଦ୍ୱାରା ଅନ୍ୟ ଏକ ନୂତନ ପଦାର୍ଥ ଉତ୍ପାଦନ କରାଯାଏ ଏହାକୁ ପ୍ରକ୍ରିୟାକରଣ ଉଦ୍ୟୋଗ କୁହାଯାଏ । ଯେପରି କପଡ଼ା, ଚିନି

ଟିପ୍ପଣୀ

ଏବଂ କାଗଜ ଇତ୍ୟାଦି ପ୍ରକ୍ରିୟାକରଣ ଉଦ୍ୟୋଗରେ ଉତ୍ପାଦିତ ହୋଇଥାଏ ।

(iv) ସଂକଳନ ଉଦ୍ୟୋଗ ଦ୍ୱାରା ବିଭିନ୍ନ ବିନିର୍ମିତ ଉତ୍ପାଦକକୁ ଏକତ୍ରୀତ କରି ଏକ ନୂଆ ଉତ୍ପାଦନ ହୋଇଥାଏ । ଯଥା- କାର୍, ସ୍କୁଟର୍, ସାଇକେଲ୍, ରେଡ଼ିଓ, ଟେଲିଭିଜନ୍ ଇତ୍ୟାଦି ।

(ଗ) ତୃତୀୟ ସ୍ତରର ଉଦ୍ୟୋଗ ବା ସେବା ଉଦ୍ୟୋଗ:

ଏହି ଉଦ୍ୟୋଗ ମୁଖ୍ୟତଃ ବିଭିନ୍ନ ସେବାର ଉତ୍ପତ୍ତି; ପ୍ରକ୍ରିୟାକରଣ ସମ୍ବନ୍ଧୀତ ଏବଂ ପ୍ରାଥମିକ ଓ ଦ୍ୱିତୀୟକ ଉଦ୍ୟୋଗର ବ୍ୟାପାର କାର୍ଯ୍ୟକୁ କ୍ରିୟାଶୀଳ କରିବାରେ ସାହାଯ୍ୟ କରିଥାଏ । ବ୍ୟାଙ୍କିଙ୍ଗ୍, ବୀମା, ପରିବହନ ଆଦି ସେବା ଏହାର ଅନ୍ତର୍ଭୁକ୍ତ ଅଟେ ।

"ଚଳଚିତ୍ର ଉଦ୍ୟୋଗ ଫିଲ୍ମ ତିଆରି କରିଥାଏ ଏବଂ ଲୋକମାନଙ୍କର ମନୋରଂଜନ କରିଥାନ୍ତି । ପର୍ଯ୍ୟଟନ ଉଦ୍ୟୋଗ ଯାତ୍ରା ଟିକେଟ କରିବା ଏବଂ ହୋଟେଲ କୋଠରୀର ଆରକ୍ଷଣ କରି ଯାତ୍ରାକୁ ଆନନ୍ଦପ୍ରଦ କରିଥାନ୍ତି । ଏମାନେ ଏହି ବର୍ଗରେ ଅନ୍ତର୍ଭୁକ୍ତ ।

ଉଦ୍ୟୋଗୀର ବର୍ଗୀକରଣ

କାର୍ଯ୍ୟକଳାପର ପ୍ରକୃତି ଉପରେ ଆଧାରିତ)



ପାଠଗତ ପ୍ରଶ୍ନାବଳୀ - ୧(ଘ)

୧. ନିମ୍ନରେ କେତେକ ଉଦ୍ୟୋଗ ସମୂହ ବିଷୟରେ ଦିଆଯାଇଅଛି । ପ୍ରତ୍ୟେକସମୂହରେ ଏକଭିନ୍ନ ଉଦ୍ୟୋଗ ଦିଆଯାଇଅଛି । ସେହି ଉଦ୍ୟୋଗକୁ ରେଖାଙ୍କିତ କରି ପ୍ରଥମ ପ୍ରଶ୍ନର ଉତ୍ତର ଆପଣଙ୍କୁ ସୂଚାଇ ଦିଆଗଲା । ସେଥିରେ ବୟନ ଶିଳ୍ପକୁ ଛାଡ଼ି ଅନ୍ୟ ସମସ୍ତ ଉଦ୍ୟୋଗଗୁଡ଼ିକ ନିଷ୍କର୍ସଣ ଉଦ୍ୟୋଗ ଅଟେ ।

କ) କୃଷି, ବନଜାତ, <u>ବୟନଶିଳ୍ପ</u>, ମାଛଚାଷ ।

ଖ) ବନ୍ଧ, ସଡ଼କ, କେନାଲ, ସିମେଣ୍ଟ ।

ଗ) କୁକୁଡ଼ାପାଳନ, ଶିକାରକରିବା, ଖନନକାର୍ଯ୍ୟ, ବନଜାତ ।

ଘ) ଲୌହ ଏବଂ ଇସ୍ପାତ, ବୟନ ଶିଳ୍ପ ମତ୍ସ୍ୟପାଳନ, ରସାୟନ କାର୍ଯ୍ୟ

ଙ) ତୈଳ ଅନୁସନ୍ଧାନ, କୃଷି, ଦୁଗ୍ଧ ଉତ୍ପାଦନ, ଶିକାରକରିବା

ଚ) ଫୁଲଚାଷ, ଚଳଚିତ୍ର ନିର୍ମାଣ, ପରିବହନ, ବ୍ୟାଙ୍କିଙ୍ଗ୍

୨. ନିମ୍ନରେ ପ୍ରଦତ୍ତ ଚାର୍ଟକୁ ପୂରଣ କର:



୧.୭ ବାଣିଜ୍ୟ

ସମସ୍ତ ଉତ୍ପାଦିତ ବସ୍ତୁ ଏବଂ ସେବାକୁ ଲୋକମାନଙ୍କପାଖରେ ପହଞ୍ଚାଇବା ନିମନ୍ତେ କେତେକ ଅତିରିକ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥାଏ । ଉଦାହରଣ ସ୍ୱରୂପ ଯଦି ଜଣେ ବ୍ୟକ୍ତି ପାଉଁରୁଟି ଉତ୍ପାଦନ କରୁଥାନ୍ତି ତେବେ ତାହାକୁ ଲୋକଙ୍କ ପାଖରେ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚାଇବାକୁ ପଡ଼େ । ସେଥିପାଇଁ ତାଙ୍କୁ ଲୋକମାନଙ୍କୁ ଉତ୍ପାଦ ସମ୍ବନ୍ଧରେ ସୂଚନା ଦେବା, ଉତ୍ପାଦିତ ପଦାର୍ଥକୁ ନିର୍ଦ୍ଦିଷ୍ଟ ସ୍ଥାନରେ ସଂଗୃହୀତ କରିବା, ଉଚିତ ସ୍ଥାନରେ ବିକ୍ରୟ କେନ୍ଦ୍ର ସ୍ଥାପନା, ଉତ୍ପାଦିତ ପଦାର୍ଥର ପ୍ୟାକେଟ କରିବା, ଉତ୍ପାଦର ପରିବହନ, ଉତ୍ପାଦିତ ପଦାର୍ଥର ବିକ୍ରି କରିବା ଆଦି କାର୍ଯ୍ୟ କରିବାକୁ ପଡ଼ିଥାଏ । ଏ ସମସ୍ତ କାର୍ଯ୍ୟକୁ ବାଣିଜ୍ୟ କରନ୍ତି । ବାଣିଜ୍ୟ ଦ୍ରବ୍ୟ ଏବଂ ସେବାର ଉତ୍ପାଦକ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଯୋଗସୂତ୍ରର ମାଧମ ହୁଏ ଏବଂ କ୍ରୟ-ବିକ୍ରୟକୁ ସୁଗମ କରିଥାଏ । ବାସ୍ତବରେ ଏହି କାର୍ଯ୍ୟଗୁଡ଼ିକ ଗ୍ରାହକମାନଙ୍କ ପାଖରେ ବସ୍ତୁ ଏବଂ ସେବାକୁ କୌଣସି ପ୍ରତିବନ୍ଧକ ବିନା ପହଞ୍ଚାଇବା ପାଇଁ ଆବଶ୍ୟକ ହୁଏ । ଏଣୁ ନିମ୍ନଲିଖିତ ଗୁଡ଼ିକ ବାଣିଜ୍ୟ ଅନ୍ତର୍ଗତ:

କ) ବସ୍ତୁ ଏବଂ ସେବାର କ୍ରୟ ଏବଂ ବିକ୍ରୟ

ଖ) ଉତ୍ପାଦନ ସ୍ଥଳରୁ ଖାଉଟିଙ୍କ ପର୍ଯ୍ୟନ୍ତ ବସ୍ତୁ ଏବଂ ସେବାକୁ ଧାରାବାହିକ ଭାବରେ ବିନା ପ୍ରତିବନ୍ଧକରେ ଯୋଗାଣ ଜରୁରୀ ହୋଇଥାଏ । ବସ୍ତୁ ଓ ସେବାର କ୍ରୟ-ବିକ୍ରୟ କାର୍ଯ୍ୟକୁ ବ୍ୟାପାର କୁହାଯାଏ । ଦ୍ୱିତୀୟ କାର୍ଯ୍ୟ ଯାହାଦ୍ୱାରା ବସ୍ତୁ ଏବଂ ସେବାକୁ ଖାଉଟିଙ୍କ ପାଖରେ ସୁବିଧାରେ ଏବଂ ନିଶ୍ଚିତଭାବରେ ଯୋଗାଇବାକୁ ହୋଇଥାଏ, ତାହା ବ୍ୟାପାର ସହାୟକ କାର୍ଯ୍ୟ କିମ୍ବା ବ୍ୟାପାର ପୂରକ କାର୍ଯ୍ୟ ଅଟେ । ଅତଏବ ବାଣିଜ୍ୟକୁ ନିମ୍ନଲିଖିତ ବର୍ଗରେ ବିଭକ୍ତ କରାଯାଇପାରେ ।

୧) ବ୍ୟାପାର, ଏବଂ

୨) ବ୍ୟାପାରର ସହାୟକ କାର୍ଯ୍ୟ । ଆସ ବର୍ତ୍ତମାନ ବାଣିଜ୍ୟର ଏହି ପ୍ରକାର କାର୍ଯ୍ୟବିଷୟରେ ଆଲୋଚନା କରିବା

୧.୭.୧ ବ୍ୟାପାର

ବ୍ୟାପାର ବାଣିଜ୍ୟର ଏକ ଅଭିନ୍ନ ଅଂଗ ଅଟେ । ସରଳଭାଷାରେ କହିବାକୁ ଗଲେ ବସ୍ତୁ ଏବଂ ସେବାର ହସ୍ତାନ୍ତର ଅଥବା ବିନିମୟ ଏହିପରି ଉପାୟରେ ହୋଇଥାଏ । ଏହା ବସ୍ତୁ ଏବଂ ସେବାକୁ ଶେଷ ଖାଉଟିଙ୍କ ପାଖରେ ପହଞ୍ଚାଇବାରେ ସହାୟକ ହୋଇଥାଏ । ଯେଉଁମାନେ ବହୁଳ ପରିମାଣରେ ବସ୍ତୁ ଏବଂ

ସେବାର ଉତ୍ପାଦନ କରନ୍ତି । ସେମାନେ ସିଧାସଳଖ ଖାଉଟିଙ୍କୁ ବିକ୍ରି କରିବା କଷ୍ଟକର ହୋଇଥାଏ । କାରଣ ଉତ୍ପାଦନ ସ୍ଥଳରୁ ଖାଉଟିଙ୍କର ଦୂରତା, ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦନର ପରିମାଣ ଏବଂ ମୂଲ୍ୟପରିଶୋଧ ଇତ୍ୟାଦି ସମସ୍ୟା ରହିଥାଏ । ସେଥିପାଇଁ ଏହାକୁ ବ୍ୟାବସାୟିକ ସହଯୋଗ କିମ୍ବା ବ୍ୟକ୍ତିଙ୍କର ସେବାନେବାକୁ ପଡ଼ିଥାଏ । ଯାହାଦ୍ୱାରା ଉତ୍ପାଦକଙ୍କ ଠାରୁ ବସ୍ତୁ କ୍ରୟକରି ଖାଉଟିଙ୍କୁ ବିକ୍ରି କରାଯାଇପାରେ । ଉଦାହରଣ ସ୍ୱରୂପ ଜଣେ ଦୋକାନର ମାଲିକ ସ୍ଥାନୀୟ ଚାଷୀଠାରୁ ମାଲ୍ କ୍ରୟକରି ଖାଉଟିଙ୍କୁ ବିକ୍ରି କରିଥାଏ । ବେଳେବେଳେ ପାଇକାରୀ ବିକ୍ରେତା ଯିଏ ବହୁଳ ପରିମାଣରେ ଉତ୍ପାଦକୁ ଖରିଦ କରିଥାନ୍ତି ଓ ବିକ୍ରି କରିଥାନ୍ତି - ତାଙ୍କ ଠାରୁ ବସ୍ତୁ କିଣାଯାଇଥାଏ, ଥାକ ବିକ୍ରେତା ଏବଂ ଖୁଚୁରା ଦୋକାନର ମାଲିକ ଦୁହେଁ ବ୍ୟାପାରିକ କାର୍ଯ୍ୟ କରୁଥିବାର କୁହାଯାଇଥାଏ । ଏହିପରି ବ୍ୟାପାରର ଲକ୍ଷଣ ନିମ୍ନପ୍ରକାର ଭାବରେ ପ୍ରସ୍ତୁତ କରାଯାଇଥାଏ ।

କ) ଏହାଦ୍ୱାରା ବସ୍ତୁର ବାସ୍ତବିକ୍ କ୍ରୟ-ବିକ୍ରୟ ହୋଇଥାଏ

ଖ) ଏହାଦ୍ୱାରା ବସ୍ତୁକୁ କୌଣସି ଏକ ବ୍ୟକ୍ତିଠାରୁ ବା କୌଣସି ସ୍ଥାନରୁ ଖରିଦ୍‌କରି କୌଣସି ଅନ୍ୟ ଏକ ବ୍ୟକ୍ତି କିମ୍ବା କୌଣସି ଅନ୍ୟ ଏକ ସ୍ଥାନରେ ବିକ୍ରୟ କରାଯାଇଥାଏ ।

ଗ) ବ୍ୟାପାରୀ ବସ୍ତୁର ବିତରଣକୁ ସୁଗମ କରିଥାଏ ।

ଘ) ବ୍ୟାପାର ଚାହିଦା ଏବଂ ଯୋଗାଣରେ ସମାନତା ଆଣିଥାଏ । ଉଦାହରଣ ସ୍ୱରୂପ ପଞ୍ଜାବ ରାଜ୍ୟ ଅଧିକ ପରିମାଣରେ ଚାଉଳର ଉତ୍ପାଦନ କରିଥାଏ କିନ୍ତୁ ତାଙ୍କ ରାଜ୍ୟରେ ଏହାର ଚାହିଦା ଅଧିକ ନଥାଏ । ବେପାରୀମାନେ ପଞ୍ଜାବରୁ ଚାଉଳ କିଣି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଯେଉଁଠାରେ ଚାଉଳର ଅଧିକ ଚାହିଦା ଅଛି ସେଠାରେ ପହଞ୍ଚାଇଥାନ୍ତି । ଏହି ପ୍ରକାର ଚାହିଦା ଏବଂ ଯୋଗାଣର ଅନୁପାତ ରହିଥାଏ । ପ୍ରଚଳନର ଆଧାରକୁ ନେଇ ବ୍ୟାପାର ନିମ୍ନପ୍ରକାର ବର୍ଗୀକୃତ କରାଯାଇଥାଏ ।

  କ) ଆଭ୍ୟନ୍ତରୀଣ ବ୍ୟାପାର

  ଖ) ବାହ୍ୟ ବ୍ୟାପାର

କ) ଆଭ୍ୟନ୍ତରୀଣ ବ୍ୟାପାର:

ଯେତେବେଳେ କୌଣସି ଦେଶର ଭୌଗୋଳିକ ସୀମା ମଧ୍ୟରେ ବ୍ୟାପାର ହୋଇଥାଏ ତାହାକୁ ଆଭ୍ୟନ୍ତରୀଣ ବ୍ୟାପାର କୁହାଯାଏ । ଏହାଦ୍ୱାରା କ୍ରୟ ଏବଂ ବିକ୍ରୟ ଉଭୟ ଗୋଟିଏ ଦେଶ ଭିତରେ ହୋଇଥାଏ । ଉଦାହରଣସ୍ୱରୂପ ଜଣେ ବ୍ୟାପାରୀ ଲୁଧିଆନାର ନିର୍ମାତାଙ୍କଠାରୁ ବହୁଳ ପରିମାଣରେ ପଶମ ପୋଷାକ କ୍ରୟ କରି ଦିଲ୍ଲୀରେ ଦୋକାନୀମାନଙ୍କୁ ଅଳ୍ପ ଅଳ୍ପ ପରିମାଣରେ ବିକ୍ରି କରିଥାଏ । ସେହିପରି ଗାଁର ଜଣେ ବ୍ୟାପାରୀ ସହର କିମ୍ବା ନିର୍ମାତାଙ୍କଠାରୁ ବସ୍ତୁ ଖରୀଦ୍ କରି ଗାଁ ଲୋକଙ୍କୁ ବିକ୍ରିକରିବା । ଏହି ଦୁଇଟି ଉଦାହରଣରୁ ସ୍ପଷ୍ଟ ହୁଏ ଯେ ଆଭ୍ୟନ୍ତରୀଣ ବ୍ୟାପାର ଦୁଇ ପ୍ରକାରର ହୋଇଥାଏ । (କ) ଉତ୍ପାଦକଙ୍କ ଠାରୁ ବହୁପରିମାଣରେ କ୍ରୟ କରି ବିକ୍ରେତାମାନଙ୍କୁ ଅଳ୍ପ ଅଳ୍ପ ବିକ୍ରି କରିବା(ପାଇକାରୀ ବ୍ୟାପାର କହନ୍ତି) କିମ୍ବା ଉତ୍ପାଦକଙ୍କଠାରୁ ବା ବିକ୍ରେତାଙ୍କଠାରୁ ଖରୀଦ କରି ସିଧା ଖାଉଟିମାନଙ୍କୁ ବିକ୍ରି (ଖୁଚୁରା ବ୍ୟାପାର) କରନ୍ତି ।

ଖ) **ବାହ୍ୟ ବ୍ୟାପାର ବା ବର୍ହିବାଣିଜ୍ୟ** : ବିଭିନ୍ନ ଦେଶ ମଧ୍ୟରେ ହେଉଥିବା ବ୍ୟାପାରକୁ ବାହ୍ୟ ବ୍ୟାପାର କୁହାଯାଏ । ଅନ୍ୟଭାଷାରେ କୌଣସି ଦେଶର ସୀମା ବାହାରେ ବସ୍ତୁ ଏବଂ ସେବାର କ୍ରୟ ଏବଂ ବିକ୍ରୟ କରିବା ପ୍ରକ୍ରିୟା ନିମ୍ନରେ ଦିଆଯାଇଥିବା ଯେକୌଣସି ରୂପରେ ହୋଇପାରେ ।

୧) 'କ' ଦେଶର ଫାର୍ମ 'ଖ' ଦେଶର ଫାର୍ମଠାରୁ ନିଜ ନିଜ ଦେଶରେ ବିକ୍ରୟ ପାଇଁ ମାଲ୍ କ୍ରୟ କରିଥାନ୍ତି । ଏହାକୁ ଆମଦାନୀ ବ୍ୟାପାର କୁହାଯାଏ ।

୨) 'କ' ଦେଶର ଫାର୍ମରେ ଉତ୍ପାଦିତ ବସ୍ତୁକୁ 'ଖ' ଦେଶରେ ବିକ୍ରି କରାଯିବାକୁ 'ରପ୍ତାନି ବ୍ୟାପାର' କୁହାଯାଏ ।

୩) 'କ' ଦେଶର ଫାର୍ମ 'ଖ' ଦେଶର ଫାର୍ମରୁ 'ଗ' ଦେଶର ଫାର୍ମକୁ ବିକିବା ପାଇଁ ମାଲ୍ କିଣିଥାଏ, ତାହାକୁ 'ପୁନଃ ରପ୍ତାନି' ବ୍ୟାପାର କୁହାଯାଏ ।

୧.୭.୨ ବ୍ୟାପାରର ସହାୟକ କାର୍ଯ୍ୟ

ବସ୍ତୁମାନଙ୍କର କ୍ରୟ ଏବଂ ବିକ୍ରୟ (ବ୍ୟାପାର)କୁ ସୁଗମ କରିବା ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟ କରିବାର ଆବଶ୍ୟକତା ହୋଇଥାଏ । ଏହି କାର୍ଯ୍ୟଗୁଡ଼ିକ ମଧରେ ବସ୍ତୁର ପରିବହନ, ଭଣ୍ଡାରଣ, ବିତ୍ତୀୟ ଦିଆନିଆ ଏବଂ ବସ୍ତୁର ବୀମା ଆଦି ସମ୍ମିଳିତ । ଉଦାହରଣ ସ୍ୱରୂପ ଯଦି ଚେନାଇର ଜଣେ ବ୍ୟାପାରୀ ଦିଲ୍ଲୀର କୌଣସି ବ୍ୟାପାରୀଠାରୁ ମାଲ ଖରିଦ କରନ୍ତି କିମ୍ବା ସିଙ୍ଗାପୁରରୁ ଆମଦାନୀ କରନ୍ତି ତାହାହେଲେ ତାଙ୍କୁ ବସ୍ତୁଗୁଡ଼ିକର କ୍ରୟ ଏବଂ ବିକ୍ରୟଛଡ଼ା ଅତିରିକ୍ତ କାର୍ଯ୍ୟ କରିବାକୁ ପଡ଼ିଥାଏ । ସେଗୁଡ଼ିକ ହେଲା:

- ବସ୍ତୁକୁ ଦିଲ୍ଲୀ କିମ୍ବା ସିଙ୍ଗାପୁରରୁ ଭୌତିକ ଅବସ୍ଥାରେ ଚେନ୍ନାଇ ନେବା କାର୍ଯ୍ୟ (ପରିବହନ) ।
- ଚେନ୍ନାଇରେ ବସ୍ତୁଗୁଡ଼ିକ ପହଞ୍ଚିବାପରେ ସେସବୁକୁ ସଂଗ୍ରହ କରି ରଖିବା କାର୍ଯ୍ୟ (ଭଣ୍ଡାରଣ) ।
- ବ୍ୟାଙ୍କ ଏବଂ ଅନ୍ୟ କୌଣସି ମାଧ୍ୟମରେ ମୂଲ୍ୟ ପୈଠ କରିବା କାର୍ଯ୍ୟ (ବ୍ୟାଙ୍କିଙ୍ଗ୍) ।
- ଦିଲ୍ଲୀ କିମ୍ବା ସିଙ୍ଗାପୁରରୁ ବସ୍ତୁଗୁଡ଼ିକ ପରିବହନ ସମୟରେ କିମ୍ବା ଭଣ୍ଡାରଣରେ ବସ୍ତୁଗୁଡ଼ିକୁ କ୍ଷତି ହେବାର ଆଶଙ୍କାରୁ ସୁରକ୍ଷା ପ୍ରଦାନ କାର୍ଯ୍ୟ (ବୀମା) ।
- ଡାକ ଏବଂ ଟେଲିଭିଜନ ସେବା ମାଧ୍ୟମରେ ସମସ୍ତଙ୍କୁ ଆଦାନ-ପ୍ରଦାନର ସୂଚନାଦେବାକୁ (ସଂପ୍ରେଷଣ)କହନ୍ତି ।
- ବିଭିନ୍ନ ମାଧ୍ୟମରେ ଉତ୍ପାଦିତ ବସ୍ତୁ ସମ୍ପର୍କରେ ଖାଉଟିଙ୍କୁ ସୂଚନା ସଂପ୍ରେଷଣ କରିବାକୁ ପଡ଼ିଥାଏ । ତାହାକୁ ବିଜ୍ଞାପନ କହନ୍ତି । ଉପରୋକ୍ତ ସମସ୍ତ କାର୍ଯ୍ୟଗୁଡ଼ିକ ବ୍ୟାପାରିକ କାର୍ଯ୍ୟ ସୁଗମ କରିବା ଏବଂ ତାର ସୁପରିଚାଳନାରେ ସହାୟକ ହୋଇଥାନ୍ତି । ଅତଏବ ବ୍ୟାପାରକୁ ସୁଗମ କରିବା ନିମନ୍ତେ ଯେଉଁ କାର୍ଯ୍ୟମାନ ହୋଇଥାଏ ତାହାକୁ ସହାୟକ କାର୍ଯ୍ୟ କୁହାଯାଏ । ଏହି କାର୍ଯ୍ୟମାନ କେବଳ ବ୍ୟାପାରିକ କାର୍ଯ୍ୟକୁ ସୁଗମ କରିଥାଏ ଏହା ସମସ୍ତ ବ୍ୟବସାୟର ସଫଳ ପରିଚାଳନାକୁ ଆବଶ୍ୟକ ସହଯୋଗ ପ୍ରଦାନ କରିଥାଏ । ଏଣୁ ଏହାକୁ ବ୍ୟବସାୟର ପୋଷକ କାର୍ଯ୍ୟ ମଧ୍ୟ କୁହାଯାଏ । ପର ଅଧ୍ୟାୟରେ ଆମେ ବ୍ୟବସାୟର ଏହି ସହାୟକ ସେବା ବିଷୟରେ ଅଧିକ ଅଧ୍ୟୟନ କରିବା ।

ବାଣିଜ୍ୟର ବର୍ଗୀକରଣ



ପାଠଗତ ପ୍ରଶ୍ନାବଳୀ ୧ (ଙ)

୧. ନିମ୍ନ ବାକ୍ୟକୁ ଗୋଟିଏ ଶବ୍ଦରେ ପ୍ରକାଶ କର:

କ) ବସ୍ତୁ ଏବଂ ସେବାର ବିନିମୟ ଏବଂ ବିତରଣ ପ୍ରକ୍ରିୟା

ଖ) ବସ୍ତୁ ଏବଂ ସେବାର କ୍ରୟ-ବିକ୍ରୟ

ଗ) ବସ୍ତୁ ଏବଂ ସେବାର ବହୁଳ ପରିମାଣରେ କ୍ରୟ-ବିକ୍ରୟ

ଘ) ରପ୍ତାନି ନିମନ୍ତେ ବସ୍ତୁ ଆମଦାନୀ କରିବା

ଙ) ବସ୍ତୁମାନଙ୍କର ବିଭିନ୍ନ ଦେଶରେ କ୍ରୟ-ବିକ୍ରୟ

୨. ନିମ୍ନରେ ଦିଆଯାଇଥିବା ଶବ୍ଦକୁ କୁହାଯାଇଥିବା ବିଷୟ ବସ୍ତୁସାହାଯ୍ୟରେ ପୂରଣ କର । ପ୍ରତ୍ୟେକ ଶୂନ୍ୟସ୍ଥାନ ନିମନ୍ତେ ଗୋଟିଏ ଗୋଟିଏ ଅକ୍ଷର ଲେଖ । ପ୍ରଥମ ପ୍ରଶ୍ନର ଉତ୍ତର ନିମ୍ନରେ ଦିଆଯାଇଅଛି ।

କ) ______ ______ ଜ୍ୟ (ବାଣିଜ୍ୟ)

ଖ) ବ୍ୟା ______ ______

ଗ) ଭ ______ ______ ଣ

ଘ) ______ ପ୍ତା ______

ଙ) ______ ନଃ ର ______ ______

ଚ) ______ ______ କାରୀ ବ୍ୟାପାର

ଛ) ଖୁ ______ ______ ବ୍ୟାପାର

କ) ଏହିସବୁ କାର୍ଯ୍ୟର ଉପଭୋଗ ଦ୍ୱାରା ବସ୍ତୁ ଏବଂ ସେବାର ଉପଲବ୍ଧ ସୁଗମ ହୋଇଥାଏ ।

ଖ) ବସ୍ତୁଗୁଡ଼ିକର କ୍ରୟ-ବିକ୍ରୟ

ଗ) କଞ୍ଚାମାଲ୍ ଅଥବା ତିଆରମାଲ୍‌ଗୁଡ଼ିକୁ ସଂଗ୍ରହ କରିବା

ଘ) ବସ୍ତୁଗୁଡ଼ିକୁ ବିଦେଶରେ ବିକ୍ରି କରିବା



ଟିପ୍ପଣୀ

ଙ) ଗୋଟିଏ ଦେଶ ବ୍ୟାପାରୀ ଦ୍ୱିତୀୟ ଦେଶର ବ୍ୟାପାରୀଠାରୁ ତୃତୀୟ ଦେଶରେ ବିକ୍ରି କରିବା ନିମନ୍ତେ ବସ୍ତୁଗୁଡ଼ିକ କ୍ରୟ କରିବା

ଚ) ବସ୍ତୁର ବହୁଳ ମାତ୍ରାରେ କ୍ରୟ-ବିକ୍ରୟ

ଛ) ବସ୍ତୁଗୁଡ଼ିକୁ ଉପଭୋକ୍ତାଙ୍କୁ ଛୋଟ ଛୋଟ ମାତ୍ରାରେ ବିକ୍ରି କରିବା ।

୧.୮ ତୁମେ କ'ଣ ଶିଖିଲ

- ମନୁଷ୍ୟ ନିଜର ଇଚ୍ଛା ଏବଂ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଅନେକଗୁଡ଼ିଏ କାର୍ଯ୍ୟ ସମ୍ପାଦନ କରିଥାଏ । ଏହି କାର୍ଯ୍ୟଗୁଡ଼ିକୁ 'ମାନବୀୟ କାର୍ଯ୍ୟ' କହନ୍ତି ।
- ଏହି ମାନବୀୟ କାର୍ଯ୍ୟଗୁଡ଼ିକ ଜୀବିକାଅର୍ଜନ ଉଦ୍ଦେଶ୍ୟରେ କରାଗଲେ ତାହକୁ 'ଆର୍ଥିକ କାର୍ଯ୍ୟ ବା ଅର୍ଥନୈତିକ କାର୍ଯ୍ୟ' କୁହାଯାଏ ।
- ଯେଉଁ କାର୍ଯ୍ୟଗୁଡ଼ିକ କେବଳ ନିଜର ସନ୍ତୁଷ୍ଟି ନିମନ୍ତେ କରାଯାଏ ତାହାକୁ 'ଅଣଆର୍ଥିକ କାର୍ଯ୍ୟ ବା ଅଣ ଅର୍ଥନୈତିକ କାର୍ଯ୍ୟ' କୁହାଯାଏ ।
- ଏହିସବୁ କାର୍ଯ୍ୟଗୁଡ଼ିକ ଯେଉଁଥିରେ ବ୍ୟକ୍ତି ଜୀବିକାର୍ଜନ ନିମନ୍ତେ ସ୍ୱତନ୍ତ୍ର, ଜ୍ଞାନ ଏବଂ କୌଶଳ ପ୍ରୟୋଗ କରିଥାଏ ତାହାକୁ "ପେଶା' କୁହାଯାଏ ।
- ଯାହାଦ୍ୱାରା ଲୋକମାନେ ନିୟମିତ ଭାବରେ ସେବା ପ୍ରଦାନ କରି ତା ବଦଳରେ ମଜୁରୀ କିମ୍ବା ଦରମା ପାଇଥାନ୍ତି ତାହାକୁ 'ରୋଜଗାର' କୁହାଯାଏ ।
- ଲାଭ ଉପାର୍ଜନର ଉଦ୍ଦେଶ୍ୟରେ କରାଯାଉଥିବା ନିୟମିତ ଉତ୍ପାଦନ ଅଥବା ବିକ୍ରୟ, ହସ୍ତାନ୍ତର ଏବଂ ବିନିମୟ କୁ 'ବ୍ୟବସାୟ' କୁହାଯାଏ ।
- ଉଚିତ ଲାଭ ପାଇବା, ନୂଆବଜାର ଖୋଜିବା, ବ୍ୟବସାୟର ବିକାଶ ଏବଂ ବିସ୍ତାର କରିବା, ଉପଲବ୍ଧ ସାମଗ୍ରୀରୁ ନୂତନ ଏବଂ ଅନୁକୂଳତ୍ତମ ଉପଯୋଗ ବ୍ୟବସାୟର 'ଆର୍ଥିକ ଉଦ୍ଦେଶ୍ୟ' ଅଟେ ।
- ଉନ୍ନତମାନର ବସ୍ତୁର ଉତ୍ପାଦନ, ଉଚିତ ମୂଲ୍ୟ ଧାର୍ଯ୍ୟ କରିବା, ସମାଜର ଉତ୍ଥାନ ନିମନ୍ତେ କାର୍ଯ୍ୟ, ଉଚିତ ନେଣ-ଦେଣ ଏବଂ ନିବେଶକର ଉଚିତ ପ୍ରତିଫଳକୁ ବ୍ୟବସାୟର "ସାମାଜିକ ଉଦ୍ଦେଶ୍ୟ" କୁହାଯାଏ ।
- କର୍ମଚାରୀଙ୍କୁ ଉଚିତ ପାରିଶ୍ରମିକ ଏବଂ ପ୍ରୋତ୍ସାହନ, ଉଚିତ ମାର୍ଗଦର୍ଶନ କାର୍ଯ୍ୟ ସନ୍ତୁଷ୍ଟି, ପ୍ରଶିକ୍ଷଣ, ବିକାଶ ଏବଂ ପଦୋନ୍ନତିର ସୁବିଧା ଦେବା "ମାନବୀୟ ଉଦ୍ଦେଶ୍ୟ" ଅଟେ ।
- ରୋଜଗାର ନିମନ୍ତେ ନିଯୁକ୍ତି ସୃଷ୍ଟିକରିବା, ସାମାଜିକ ନ୍ୟାୟ, ରାଷ୍ଟ୍ରୀୟ ହିତ ଏବଂ ପ୍ରାଥମିକତା, ସରକାରୀ ଋଣର ଚୁକ୍ତି ମୁତାବକ ପରିଶୋଧ କରିବା "ରାଷ୍ଟ୍ରୀୟ ଉଦ୍ଦେଶ୍ୟ" ଅଟେ ।
- ବ୍ୟାବସାୟିକ ପ୍ରତିଯୋଗୀ ବସ୍ତୁ ଏବଂ ସେବାର ଉପଲବ୍ଧ କରିବା ଏବଂ ବ୍ୟାବସାୟିକ କ୍ରିୟା ଦ୍ୱାରା ଧନି ଏବଂ ଗରିବ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଦୂରତାକୁ ଦୂର କରିବା "ଅନ୍ତର୍ଜାତୀୟ ଉଦ୍ଦେଶ୍ୟ" ଅଟେ ।
- "ଉଦ୍ୟୋଗ"ର ଅର୍ଥ ବସ୍ତୁ ଏବଂ ସେବାର ଉତ୍ପାଦନ ବା ଉତ୍ପନ ବା ପ୍ରକ୍ରିୟାକରଣ । ପ୍ରକୃତିର ଆଧାର ଉପରେ ଏହାକୁ ପ୍ରାଥମିକ, ଦ୍ୱିତୀୟକ ଏବଂ ସେବା ଉଦ୍ୟୋଗରେ ବିଭକ୍ତ କରାଯାଇଅଛି ।
- ପ୍ରାକୃତିକ ସମ୍ପଦର ନିଷ୍କାସନ ତଥା ଜୈବିକ ପଦାର୍ଥର ପ୍ରଜନନ ଏବଂ ବିକାଶକୁ "ପ୍ରାଥମିକ ଉଦ୍ୟୋଗ" କୁହାଯାଏ ।

- ପ୍ରାଥମିକ ଉଦ୍ୟୋଗରୁ ପ୍ରସ୍ତୁତ ମାଲ୍‌କୁ ଦ୍ୱିତୀୟକ ଉଦ୍ୟୋଗ କଞ୍ଚାମାଲ ରୂପେ ବ୍ୟବହାର କରିଥାଏ । ଏହାକୁ ବିନିର୍ମାଣ ବା ନିର୍ମାଣ ଉଦ୍ୟୋଗ କହନ୍ତି ।
- ବିଭିନ୍ନ ପ୍ରକାରର ବସ୍ତୁର ଉତ୍ପାଦନକୁ "ବିନିର୍ମାଣ ଉଦ୍ୟୋଗ" କୁହାଯାଏ । ଏହାକୁ ପୁନଶ୍ଚ ବିଶ୍ଳେଷଣାତ୍ମକ, କୃତ୍ରିମ ତନ୍ତୁ, ପ୍ରକ୍ରିୟାକରଣ ଏବଂ ସଂକଳନ ଉଦ୍ୟୋଗରେ ବର୍ଗୀକୃତ କରାଯାଇଥାଏ ।
- 'ସେବା ଉଦ୍ୟୋଗ' ସମ୍ବନ୍ଧ ଗ୍ରାହକଙ୍କପାଇଁ ବିଭିନ୍ନ ପ୍ରକାର ସେବାର ସୃଷ୍ଟି ଏବଂ ପ୍ରକ୍ରିୟାକରଣ ସହିତ ରହିଥାଏ ।
- ବସ୍ତୁ ଏବଂ ସେବା ବିନିମୟ ପ୍ରକ୍ରିୟାରେ ଥିବା ଅସୁବିଧାକୁ ଦୂର କରିବା ଏବଂ ସେସବୁକୁ ଉପଯୋଗ ନିମନ୍ତେ ଉପଲବ୍ଧ କରାଇବାର ସମସ୍ତ କାର୍ଯ୍ୟକୁ 'ବାଣିଜ୍ୟ' କହନ୍ତି ।
- 'ବ୍ୟାପାର' ହେଉଛି ବସ୍ତୁ ଏବଂ ସେବାର କ୍ରୟ ଏବଂ ବିକ୍ରୟ ପ୍ରକ୍ରିୟା । ଯେତେବେଳେ ବ୍ୟାପାର ଗୋଟିଏ ଦେଶ ଭିତରେ ହୋଇଥାଏ ତାହାକୁ 'ଅଭ୍ୟନ୍ତରୀଣ' ବ୍ୟାପାର କୁହାଯାଏ । ବସ୍ତୁଗୁଡ଼ିକୁ ନିର୍ମାକାରୀ ବା ଉତ୍ପାଦନକାରୀଙ୍କ ପର୍ଯ୍ୟାପ୍ତ ପରିମାଣର ଆଣି ଅଳ୍ପ ଅଳ୍ପ ମାତ୍ରାରେ ଖୁଚୁରା ବିକ୍ରେତାଙ୍କୁ ବିକ୍ରି କରାଯିବାକୁ 'ପାଇକାରୀ-ବ୍ୟାପାର' କୁହାଯାଏ ।
  ଯେତେବେଳେ ବସ୍ତୁଗୁଡ଼ିକୁ ଏବଂ ସେବାକୁ ନିର୍ମାଣକାରୀ କିମ୍ବା ପାଇକାରୀ-ବ୍ୟାପାରୀଙ୍କଠାରୁ ଅଳ୍ପ ଅଳ୍ପ ମାତ୍ରାରେ କ୍ରୟ କରି ଉପଭୋକ୍ତାମାନଙ୍କୁ ବିକ୍ରି କରାଯାଏ ତାହାକୁ ଖୁଚୁରା ବ୍ୟାପାର କୁହାଯାଏ । ବ୍ୟାପାର ଯେତେବେଳେ ଦୁଇଟି ଦେଶ ମଧ୍ୟରେ ହୋଇଥାଏ ତାହାକୁ ବର୍ହିବାଣିଜ୍ୟ କୁହାଯାଏ । ଯେତେବେଳେ ବସ୍ତୁକୁ ବିଦେଶରୁ କ୍ରୟ କରାଯାଇଥାଏ ତାହାକୁ ଆମଦାନୀ ବ୍ୟାପାର କୁହାଯାଏ । ଯେତେବେଳେ ବିଦେଶରେ ମାଲ୍ ବିକ୍ରି କରାଯାଏ, ତାହାକୁ ରପ୍ତାନି ବ୍ୟାପାର କୁହାଯାଏ । ଯେତେବେଳେ ବସ୍ତୁକୁ କୌଣସି ଦେଶରୁ କ୍ରୟ କରି ଅନ୍ୟ ଏକ ଦେଶରେ ବିକ୍ରି କରାଯାଏ, ତାହାକୁ 'ପୁନଃରପ୍ତାନି' ବ୍ୟାପାର କୁହାଯାଏ ।
- ଯାହା ବ୍ୟାପାରକୁ ସୁଗମ କରିଥାଏ ତାହାକୁ ବ୍ୟାପାରର ସହାୟକ କାର୍ଯ୍ୟ କୁହାଯାଇଥାଏ । ସେଗୁଡ଼ିକ ହେଲା ପରିବହନ (ବସ୍ତୁର ସ୍ଥାନାନ୍ତର), ସଂପ୍ରେଷଣ (ସୂଚନାକୁ ଏକତ୍ର କରି ଆଦାନପ୍ରଦାନ କରିବା), ଭଣ୍ଡାରଣ (ବସ୍ତୁକୁ ସୁରକ୍ଷିତ ରଖିବା), ବ୍ୟାଙ୍କିଙ୍ଗ୍ (ମୂଳ ରାଶିର ବ୍ୟବସ୍ଥା ଏବଂ ଏହାର ନେଣଦେଣର ସୁବନ୍ଦୋବସ୍ତ), ବୀମା (କ୍ଷତି କିମ୍ବା ଆଶଙ୍କାରୁ ରକ୍ଷା କରିବା) ଏବଂ ବିଜ୍ଞାପନ (ଉପଭୋକ୍ତାଙ୍କୁ ସୂଚନା ପ୍ରଦାନ) ।

୧.୯ ମୁଖ୍ୟ ଶବ୍ଦ

ବିଶ୍ଳେଷଣାତ୍ମକ ଉଦ୍ୟୋଗ	ପୁନଃରପ୍ତାନି ବ୍ୟାପାର	ପ୍ରକ୍ରିୟାକରଣ ଉଦ୍ୟୋଗ
ସଂକଳନ ଉଦ୍ୟୋଗ	ରପ୍ତାନି ବ୍ୟାପାର	ପେଶା
ବ୍ୟାପାରର ସହାୟକ କାର୍ଯ୍ୟ	ନିଷ୍କର୍ଷଣ ବ୍ୟାପାର	ଖୁଚୁରା ବ୍ୟାପାର
ବ୍ୟାଙ୍କିଙ୍ଗ୍	ଆନୁବଂଶିକ ଉଦ୍ୟୋଗ	ଦ୍ୱିତୀୟକ ବ୍ୟାପାର
ବ୍ୟବସାୟ	ମାନବୀୟ କାର୍ଯ୍ୟ	କୃତ୍ରିମ ତନ୍ତୁ ଉଦ୍ୟୋଗ
ବାଣିଜ୍ୟ	ଆମଦାନୀ ବ୍ୟାପାର	ସେବା ଉଦ୍ୟୋଗ
ସଂପ୍ରେଷଣ	ଉଦ୍ୟୋଗ	ବ୍ୟାପାର
ନିର୍ମାଣ ଉଦ୍ୟୋଗ	ବୀମା	ପରିବହନ
ଆର୍ଥିକ କାର୍ଯ୍ୟ	ଆଭ୍ୟନ୍ତରୀଣ ବ୍ୟାପାର	ଭଣ୍ଡାରଣ
ରୋଜଗାର	ଅଣଅର୍ଥନୈତିକ କାର୍ଯ୍ୟ	ପାଇକାରୀ ବ୍ୟାପାର
ପ୍ରାଥମିକ ଉଦ୍ୟୋଗ	ବିଜ୍ଞାପନ	

୧.୧୦. ପାଠଗତ ପ୍ରଶ୍ନାବଳୀ

୧. ମାନବୀୟ କାର୍ଯ୍ୟର ଅର୍ଥ କ'ଣ ?

୨. ଧନ୍ଦା ଶବ୍ଦର ଅର୍ଥ ପ୍ରକାଶ କର ।

୩. ଖାଉଟି ସାମଗ୍ରୀ ଏବଂ ପୁଞ୍ଜିଗତ ସାମଗ୍ରୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୪. ବଂଶଗତ ଉଦ୍ୟୋଗର ଅର୍ଥ ବର୍ଣ୍ଣନା କର ।

୫. ବ୍ୟାପାର କାହାକୁ କହନ୍ତି ?

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ:

୬. ପ୍ରାଥମିକ ଉଦ୍ୟୋଗର ପ୍ରକାର ବିଷୟରେ ବର୍ଣ୍ଣନା କର ।

୭. ବ୍ୟାବସାୟିକ କାର୍ଯ୍ୟଗୁଡ଼ିକୁ ବର୍ଗୀକରଣ କର ।

୮. ଅର୍ଥନୈତିକ ଓ ଅଣଅର୍ଥନୈତିକ କାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୯. ବ୍ୟବସାୟର ଯେ କୌଣସି ଦୁଇଟି ବିଶେଷତ୍ୱକୁ ବର୍ଣ୍ଣନା କର ।

୧୦. ବ୍ୟବସାୟର କୌଣସି ତିନିଗୋଟି ଅର୍ଥନୈତିକ ଉଦ୍ଦେଶ୍ୟ ଉଲ୍ଲେଖ କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

୧୧. ଆଧୁନିକ ସମାଜରେ ବ୍ୟବସାୟର ମହତ୍ତ୍ୱ ବର୍ଣ୍ଣନା କର ।

୧୨. ପେଶା ଅର୍ଥ କ'ଣ ? ଏହାର ବିଶେଷତ୍ୱକୁ ସଂକ୍ଷେପରେ ବର୍ଣ୍ଣନା କର ।

୧୩. ବ୍ୟବସାୟର ବିଭିନ୍ନ ମାନବୀୟ ଉଦ୍ଦେଶ୍ୟକୁ ବୁଝାଇ ଲେଖ ।

୧୪. ଉଦ୍ୟୋଗ ଶବ୍ଦର ଅର୍ଥ କ'ଣ ? ବିଭିନ୍ନ ଆଧାର ଉପରେ ଉଦ୍ୟୋଗର ବର୍ଗୀକରଣ ବୁଝାଇ ଲେଖ ।

୧୫. 'ବାଣିଜ୍ୟ' ଶବ୍ଦର ଅର୍ଥ ବର୍ଣ୍ଣନା କର । ବାଣିଜ୍ୟ ସମ୍ବନ୍ଧୀତ ବିଭିନ୍ନ କାର୍ଯ୍ୟର ବର୍ଣ୍ଣନା କର ।

୧.୧୧. ପାଠଗତ ପ୍ରଶ୍ନାବଳୀର ଉତ୍ତର

୧. (କ) ଏଠାରେ ଧନ ଉପାର୍ଜନ କିମ୍ବା ଜୀବିକା ଅର୍ଜନ ନିମନ୍ତେ କରାଯାଉଥିବା ସମସ୍ତ କାର୍ଯ୍ୟକୁ ଆର୍ଥିକ କାର୍ଯ୍ୟ କୁହାଯାଏ ।

୨. (କ) ଜଣେ ବ୍ୟକ୍ତି ବିଦ୍ୟାଳୟ ବଗିଚାରେ କାମ କରିବା ।

(ଖ) ଜଣେ ମହିଳା ଜଳଖିଆ ଦୋକାନରେ ରୋଷେଇ କରିବା ।

(ଗ) ଜଣେ ବ୍ୟକ୍ତି ବ୍ୟାପାର କେନ୍ଦ୍ରର ସଫାଇ କରିବା ।

(ଘ) ଜଣେ ଅଧ୍ୟାପକ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦେବା ।

(ଙ) ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କୌଣସି ଏକ ଫାର୍ମର ହିସାବ ଖାତା ପ୍ରସ୍ତୁତ କରିବା ।

ଟିପ୍ପଣୀ

୧.(ଖ)

ବ୍ୟବସାୟ	ପେଶା	ନିଯୁକ୍ତି
(ଘ) (ଙ) (ଚ)	(କ) (ଜ) ○	(କ) (ଖ) (ଗ)
○ ○ ○	○ ○ ○	(ଘ) (ଜ) ○

୧.(ଗ)

ଯଦି ଏହାକୁ ସେ ପସନ୍ଦ କରୁଥାନ୍ତି	ସେ କ'ଣ କରିବେ	ପ୍ରତିବଦଳରେ ସେ କ'ଣ ପାଇବେ
(କ) ବ୍ୟବସାୟ	ଔଷଧ ଦୋକାନ ଖୋଲିବା କିମ୍ବା ଔଷଧ ତିଆରି କମ୍ପାନୀ ଖୋଲିପାରିବେ	ଲାଭ
(ଖ) ପେଶା	ନିଜର ଏକ ଚିକିତ୍ସାଳୟ ଆରମ୍ଭ କରିବା	ଫିସ୍
(ଗ) ରୋଜଗାର	ଡାକ୍ତରଖାନାରେ ଚାକିରୀ କରିବା	ଦରମା

୨. (କ) ବ୍ୟବସାୟ କାର୍ଯ୍ୟ କରିବାର ଅଧିକ ସୁଯୋଗ ସୃଷ୍ଟି କରେ, ଏଣୁ ଦେଶରେ ନିଯୁକ୍ତି ସୁଯୋଗ ବୃଦ୍ଧିପାଏ ।

(ଖ) ଉନ୍ନତ ମାନର ବସ୍ତୁ ଏବଂ ସେବା ଉତ୍ପାଦନ ଏବଂ ରପ୍ତାନି ଦ୍ୱାରା ଦେଶର ଜାତୀୟ ଭାବମୂର୍ତ୍ତିରେ ଉନ୍ନତି ଘଟେ ।

(ଗ) ବ୍ୟାବସାୟିକ ଉଦ୍ଦେଶ୍ୟ କେବଳ ଲାଭ ଅର୍ଜନ ଉପରେ କେନ୍ଦ୍ରୀଭୂତ ହେବା ଉଚିତ ନୁହେଁ ।

(ଘ) ଏହି ବାକ୍ୟ ଠିକ୍ଅଛି ଏଥିରେ କୌଣସି ସଂଶୋଧନର ଆବଶ୍ୟକତା ନାହିଁ ।

(ଙ) ବ୍ୟବସାୟୀମାନେ ଠିକ୍ଭାବେ ହିସାବ ପ୍ରସ୍ତୁତ କରିବା ଏବଂ ସାଧୁତାର ସହ ଟିକସ ପୈଠ କରିବା ଦରକାର ।

୧.(ଘ) ୧. (କ) ସିମେଣ୍ଟ, (ଖ) କୁକୁଡ଼ା ପାଳନ, (ଗ) ମତ୍ସ୍ୟଚାଷ, (ଘ) ଦୁଗ୍ଧ ଉତ୍ପାଦନ, (ଚ) ଫୁଲଚାଷ

୨. (କ) ବ୍ୟବସାୟ, (ଖ) ବାଣିଜ୍ୟ, (ଗ) ପ୍ରାଥମିକ, (ଘ) ସେବା, (ଙ) ଗୁଣସୂତ୍ରୀକ ବା ବଂଶଗତ

୧.(ଙ) ୧. (କ) ବାଣିଜ୍ୟ, (ଖ) ବ୍ୟାପାର, (ଗ) ପାଇକାରୀ ବ୍ୟାପାର, (ଘ) ପୁନଃରପ୍ତାନି, (ଙ) ବହିର୍ବାଣିଜ୍ୟ

୨. (କ)

(ଖ) ବାଣିଜ୍ୟ

(ଗ) ଭଣ୍ଡାରଣ

(ଘ) ରପ୍ତାନି

(ଙ) ପୁନଃରପ୍ତାନି

(ଚ) ପାଇପାରୀ ବ୍ୟାପାର

(ଛ) ଖୁଚୁରାବ୍ୟାପାର

ସମ୍ପାଦନ କର ଏବଂ ଶିଖ

ତୁମ ଅଞ୍ଚଳରେ ଅତି କମ୍‌ରେ ଦଶଟି ବ୍ୟାବସାୟିକ ଉଦ୍ୟୋଗୀଙ୍କର ସୂଚନା ଦିଅ । ତାହାକୁ ଉଦ୍ୟୋଗ, ବ୍ୟାପାର ଏବଂ ବ୍ୟାପାର ସହାୟକ କାର୍ଯ୍ୟରେ ବିଭକ୍ତ କର । ସେହି କାର୍ଯ୍ୟଗୁଡ଼ିକର ପ୍ରକୃତିକୁ ଆଧାର କରି ଏକ ଚାର୍ଟ ପ୍ରସ୍ତୁତ କର ।

ଅଭିନୟନ

ରାମେଶ୍ୱରର ପୁଅ ରାମପାଳ ଏକ ସରକାରୀ କର୍ମଚାରୀ ହେବାକୁ ଚାହୁଁଛି । ତାକୁ ତା'ର ପିତା ଏଥିରେ ସହଯୋଗ କରୁନାହାନ୍ତି, କାରଣ ସେ ଚାହାନ୍ତି କି ରାମପାଳ ନିଜର ଏକ ବ୍ୟବସାୟ ଆରମ୍ଭ କରୁ । ରାମେଶ୍ୱର ଏବଂ ରାମପାଳ ମଧ୍ୟରେ ଏହି ପ୍ରକାର ଆଲୋଚନା ଆରମ୍ଭ ହେଲା ।

ରାମେଶ୍ୱର: ପୁତ୍ର ମୁଁ ଚାହେଁ ତୁ ଜୀବନରେ ସ୍ୱତନ୍ତ୍ର ହୁଅ । ସେଥିପାଇଁ ନିଜର କୌଣସି ବ୍ୟବସାୟ ଆରମ୍ଭ କର ।

ରାମପାଳ: ବାପା, ମୁଁ ସ୍ୱତନ୍ତ୍ର ରହିବା ଅପେକ୍ଷା ଜୀବନ ପଥରେ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଧିକ ପ୍ରାଧାନ୍ୟ ଦିଏ । ମୁଁ ଜଣେ ସମାଜ ସେବକ ହେବାକୁ ଚାହୁଁଛି ।

ରାମେଶ୍ୱର: ଶୁଣ, ସନ୍ତୁଷ୍ଟି କୌଣସି ବସ୍ତୁ ନୁହେଁ । ବ୍ୟବସାୟରେ ତୁମେ ଅଧିକ ଧନ ମିଳିବ ଏବଂ ସମାଜରେ ସମ୍ମାନାସ୍ପଦ ସ୍ଥାନ ମିଳିବ । ଜୀବନରେ ବ୍ୟବହାରିକ ହେବାକୁ ଚେଷ୍ଟାକର ।

ରାମପାଳ: ବାପା, ମୁଁ ଜୀବନରେ ଧନକୁ ସବୁବେଳେ ଦ୍ୱିତୀୟ ପ୍ରାଥମିକତା ଦିଏ । ମୋତେ କର୍ତ୍ତବ୍ୟନିଷ୍ଠ ହୋଇ ଜନତାର ସେବା କରିବାରେ ଅଧିକ ଆନନ୍ଦ ମିଳିବ ।

ନିଜ ପାଇଁ କିମ୍ବା ନିଜର ବନ୍ଧୁଙ୍କ ପାଇଁ ଏହିପରି ଗୋଟିଏ ଗୋଟିଏ ଭୂମିକା ପସନ୍ଦ କରି ତା' ସପକ୍ଷରେ ଏବଂ ବିପକ୍ଷରେ ଯୁକ୍ତି ଦର୍ଶାଅ । ଏହି ଅଧ୍ୟାୟରେ ଦିଆଯାଇଥିବା ଯେ କୌଣସି ଧାରଣାର ଅଭିନୟ ନିମନ୍ତେ ଆପଣ ସ୍ୱତନ୍ତ୍ର ଅଟନ୍ତି । ନିଜର ପଟ କଥା ନିଜେ ଲେଖନ୍ତୁ । ନିଜ ନିଜର ଭୂମିକାକୁ ଅଭିନୟ କରି ଆନନ୍ଦ ନିଅ ।

ଅଧ୍ୟାୟ ଉପରେ ଏକ ଦୃଷ୍ଟିପାତ

୧.୧. ମାନବୀୟ କାର୍ଯ୍ୟ
୧.୨. ଅର୍ଥନୈତିକ କାର୍ଯ୍ୟର ବର୍ଗୀକରଣ
  ୧.୨.୧. ପେଶା
  ୧.୨.୨. ରୋଜଗାର
  ୧.୨.୩. ବ୍ୟବସାୟ
  ୧.୨.୪. ବ୍ୟବସାୟ, ପେଶା ଏବଂ ରୋଜଗାରର ତୁଳନା
୧.୩. ବ୍ୟବସାୟର ମହତ୍ତ୍ୱ
୧.୪. ବ୍ୟବସାୟର ଉଦ୍ଦେଶ୍ୟ
୧.୫. ବ୍ୟାବସାୟିକ କାର୍ଯ୍ୟର ବର୍ଗୀକରଣ
୧.୬. ଉଦ୍ୟୋଗ
୧.୭. ବାଣିଜ୍ୟ

ଟିପ୍ପଣୀ

୨

ବ୍ୟାବସାୟିକ ସହାୟକ ସେବା

ତୁମେ କେବେ ଲକ୍ଷ୍ୟ କରିଛକି, ବ୍ୟବସାୟୀମାନେ ବ୍ୟାବସାୟିକ କାର୍ଯ୍ୟ ସମ୍ପନ୍ନ କରିବା ସମୟରେ ବିଭିନ୍ନ ପ୍ରକାର କାର୍ଯ୍ୟସମ୍ପାଦନ କରିଥାନ୍ତି ? ତୁମେ ତୁମ ଘର ପାଖର ତେଜରାତି ଦୋକାନକୁ ଦେଖ । ଦୋକାନର ମାଲିକ କ'ଣ କ'ଣ କରୁଛି ? ସେ ପୁଞ୍ଜିର ଆୟୋଜନ କରୁଛି, ମୁଖ୍ୟ ବଜାରରୁ ବସ୍ତୁଗୁଡ଼ିକୁ ଖରିଦ୍ କରୁଛି । ତାକୁ ଦୋକାନକୁ ବୋହିକରି ଆଣୁଛି, ତାହାକୁ ଦୋକାନରେ ସଜାଡ଼ି କରି ରଖୁଛି ଏବଂ ଗ୍ରାହକଙ୍କୁ ବିକ୍ରି କରୁଛି । ଏହିସବୁ କାମ କରିବା ପାଇଁ ଦୋକାନୀ (ବ୍ୟବସାୟୀ) ଅନ୍ୟଠାରୁ ବିଭିନ୍ନ ପ୍ରକାର ସହାୟତା ନେଇଥାଏ । ଉଦାହରଣ ସ୍ୱରୂପ ସେ ବ୍ୟାଙ୍କରୁ ଋଣ ନେଇଥାଏ, ମାଲ୍‌ର ପରିବହନ ନିମନ୍ତେ ସେ ଟେମ୍ପୋ କିମ୍ବା ଟ୍ରକ୍ ଭଡ଼ାରେ ନେଇଥାଇପାରେ ଇତ୍ୟାଦି ଇତ୍ୟାଦି । ଏହି ପରି ସେ ବ୍ୟାବସାୟିକ କାର୍ଯ୍ୟକୁ ସଫଳତାର ସହିତ ଚଳାଇବା ପାଇଁ ବିଭିନ୍ନ ସହାୟକ ସେବାର ଆବଶ୍ୟକ କରିଥାଏ । ଆସ ଏହି ସେବା ଏବଂ ତାର ପରିଚାଳନା ବିଷୟରେ କିଛି ଜାଣିବା ।

ଏହି ଅଧ୍ୟାୟରେ ଆମେ ଏହି ସହାୟକ ସେବାର ମୂଳ ଦୃଷ୍ଟିକୋଣ ଯେପରିକି ଅର୍ଥ, ମହତ୍ୱ ଏବଂ ଏହାର କାର୍ଯ୍ୟର ଅଧ୍ୟୟନ କରିବା ।

ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ, ତୁମେ:

- ବ୍ୟାବସାୟିକ ସହାୟକ ସେବାର ଧାରଣା ସମ୍ପର୍କରେ ବର୍ଣ୍ଣନା କରିପାରିବ;
- ବିଭିନ୍ନ ପ୍ରକାର ସେବାଗୁଡ଼ିକୁ ନିରୂପଣ କରିପାରିବ;
- ବ୍ୟାଙ୍କିଙ୍ଗ୍‌ର ମହତ୍ୱକୁ ବୁଝିପାରିବ;
- ବିଭିନ୍ନ ପ୍ରକାର ବାଣିଜ୍ୟିକ ବ୍ୟାଙ୍କ୍ ବିଷୟରେ ଏବଂ ସେମାନଙ୍କ କାର୍ଯ୍ୟ ବିଷୟରେ ତଥ୍ୟ ହାସଲ କରିପାରିବ;
- ବୀମାର ମହତ୍ୱ ଏବଂ ବିଭିନ୍ନ ପ୍ରକାର ବୀମା ବିଷୟରେ ଜାଣିପାରିବ;
- ପରିବହନର ଅର୍ଥ, ମହତ୍ୱ ଏବଂ ଏହାର ପ୍ରକାରକୁ ବର୍ଣ୍ଣନା କରିପାରିବ;
- ସଞ୍ଚାର ବିଦ୍ୟା ବିଷୟରେ ଧାରଣା, ଏହାର ମହତ୍ୱ ଏବଂ ଏହା ସହିତ ସଂପୃକ୍ତ ବିଭିନ୍ନ ମାଧ୍ୟମକୁ ଜାଣିପାରିବ;
- ଭଣ୍ଡାର ଗୃହ (ମାଲ୍ ଗୋଦାମ)ର ଅର୍ଥ ଏବଂ ମହତ୍ୱ ବର୍ଣ୍ଣନା କରିପାରିବ;
- ଭଣ୍ଡାର ଗୃହର ବିଭିନ୍ନତାକୁ ଅନୁଧ୍ୟାନ କରିପାରିବ;
- ମାଲ୍ ଗୋଦାମର ବିଭିନ୍ନ କାର୍ଯ୍ୟର ବର୍ଣ୍ଣନା ମଧ୍ୟ କରିପାରିବ;

ଟିପ୍ପଣୀ

୨.୧ ବ୍ୟାବସାୟିକ ସହାୟକ ସେବା

ପୂର୍ବରୁ କୁହାଯାଇଛି ଯେ, ବ୍ୟାବସାୟିକ ସହାୟକ କାର୍ଯ୍ୟ ହେଉଛି ସେହି ବ୍ୟାବସାୟିକ କ୍ରିୟା ଯାହା ବ୍ୟାପାରର ସହାୟକ ଭାବରେ କାର୍ଯ୍ୟ କରିଥାନ୍ତି । ଉତ୍ପାଦକ ଠାରୁ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ସୁରୁଖୁରୁରେ ସାମଗ୍ରୀ ପହଞ୍ଚାଇବା ସହ ବ୍ୟାବସାୟିକ କାର୍ଯ୍ୟକୁ ଏହା ସୁସମ୍ପାଦିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଗୁଡ଼ିକ ହେଲା ବ୍ୟାଙ୍କିଙ୍ଗ୍, ବୀମା, ପରିବହନ, ମାଲ୍ ଗୋଦାମ, ସଞ୍ଚାର କାର୍ଯ୍ୟ ଇତ୍ୟାଦି । ବ୍ୟାଙ୍କିଙ୍ଗ୍ ବିତ୍ତ ଯୋଗାଣ ଏବଂ ପରିଶୋଧରେ ସହାୟତା କରିଥାଏ, ବୀମା ସବୁ ପ୍ରକାର ବ୍ୟାବସାୟିକ ଆଶଙ୍କା ପାଇଁ ସୁରକ୍ଷା ପ୍ରଦାନ କରିଥାଏ, ପରିବହନ ବସ୍ତୁକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚାଇବାରେ ସାହାଯ୍ୟ କରେ । ଭଣ୍ଡାର ଗୃହ ବିଭିନ୍ନ ଋତୁ ଅନୁସାରେ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନମାନଙ୍କରେ ବସ୍ତୁଗୁଡ଼ିକୁ ମହଜୁଦ୍ ରଖିଥାଏ ଏବଂ ସଞ୍ଚାର ଉତ୍ପାଦନକାରୀ ସଂସ୍ଥା, ମଧ୍ୟସ୍ଥି ଏବଂ ଉପଭୋକ୍ତା ମଧ୍ୟରେ ସୂଚନା ଏବଂ ବିଚାରର ଆଦାନ ପ୍ରଦାନକୁ ସୁଗମ କରିଥାଏ ।

ଏହି ପ୍ରକାର ଭାବରେ ବିଶ୍ୱର କୋଣ ଅନୁକୋଣର ଯେ କୌଣସି ବ୍ୟବସାୟକୁ ସୁଗମତାପୂର୍ବକ ପରିଚାଳନାରେ ବ୍ୟାବସାୟିକ ସହାୟକ ସେବା ମହତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ଏବଂ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ଏହାର ଉପଯୋଗ କରିବା ସମ୍ପର୍କରେ ସଚେତନ ରହିବା ଜରୁରୀ ।

ପାଠଗତ ପ୍ରଶ୍ନାବଳୀ ୨(କ)

୧) ବ୍ୟାବସାୟିକ ସହାୟକ ସେବାର ଅର୍ଥ ବର୍ଣ୍ଣନା କର ।

____

୨) ନିମ୍ନରେ ଦିଆଯାଇଥିବା ବ୍ୟବସାୟିକ କ୍ରିୟା ନିମନ୍ତେ ଆବଶ୍ୟକ ସହାୟକ ସେବାର ନାମ ଲେଖ ।

(କ)	ବସ୍ତୁ ଏବଂ ସେବାର ସ୍ଥାନାନ୍ତର	
(ଖ)	ବିତ୍ତଯୋଗାଣ ଏବଂ ପରିଶୋଧର ସୁବିଧା ବ୍ୟବସ୍ଥା	
(ଗ)	ବ୍ୟାବସାୟିକ ଆଶଙ୍କାରୁ ସୁରକ୍ଷା	
(ଘ)	ବସ୍ତୁର ସଂଗ୍ରହ ତଥା ଆବଶ୍ୟକତା ଅନୁସାରେ ଉପଲବ୍ଧ କରାଇବା	
(ଙ)	ସୂଚନା ଏବଂ ବିଚାର ଆଦାନପ୍ରଦାନ	

୨.୨. ବ୍ୟାଙ୍କିଙ୍ଗ୍

ବ୍ୟାଙ୍କ୍ ଏପରି ଏକ ସଂସ୍ଥା ଯେଉଁଠାରେ ଧନ ଏବଂ ଋଣ ନେବା ଦେବାର ବ୍ୟବସ୍ଥା ରହିଥାଏ । ଏହା ଯେଉଁ ବ୍ୟକ୍ତିମାନଙ୍କ ପାଖରେ ଅଧିକ ଧନ ଅଛି ତାର ଜମା-ରାଶିକୁ ସ୍ୱୀକାର କରେ ଏବଂ ଯେଉଁମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଋଣର ଆବଶ୍ୟକତା ହୁଏ ସେମାନଙ୍କୁ ଅଗ୍ରୀମ ଆକାରରେ ଉପଲବ୍ଧ କରାଇଥାଏ ।

ଅତଏବ ବ୍ୟାଙ୍କିଙ୍ଗ୍‌ର ଅର୍ଥ ହେଉଛି ବ୍ୟାଙ୍କଦ୍ୱାରା ପ୍ରଦତ୍ତ ବିଭିନ୍ନ ସେବା ଯଥା: ଜମାକାରୀମାନଙ୍କର ଜମା-ରାଶିକୁ ଗ୍ରହଣ କରିବା, ଅଗ୍ରୀମ ଋଣ ପ୍ରଦାନ କରିବା ଏବଂ ଅନ୍ୟାନ୍ୟ ସହାୟକ ସେବା ଉପଲବ୍ଧ କରାଇବା । ବ୍ୟାଙ୍କିଙ୍ଗ୍ ନିୟାମକ ଅଧିନିୟମ ଦ୍ୱାରା ବ୍ୟାଙ୍କିଙ୍ଗ୍‌ର ଅର୍ଥ ହେଲା - ବ୍ୟାଙ୍କ ଜନସାଧାରଣଙ୍କ

ନିମନ୍ତେ ଋଣ ଉପଲବ୍ଧ କରାଇବା ଏବଂ ନିବେଶକଙ୍କ ଧନକୁ ଜମା ରୂପରେ ଗ୍ରହଣ କରିବା ଯାହାର ପୁନଃ ପରିଶୋଧ କିମ୍ୱା ଚାହିଦା ଅନୁସାରେ ଚେକ୍ କିମ୍ୱା ଡ୍ରାଫଟ୍ ଦ୍ୱାରା ପ୍ରଦାନ କରିବା । ଅତଏବ ଜମା-ରାଶି ସ୍ୱୀକାର କରିବା ଏବଂ ଋଣ ଦେବା ବ୍ୟାଙ୍କ୍‌ର ଦୁଇଟି ପ୍ରମୁଖ କାର୍ଯ୍ୟ ହୋଇଥାଏ, ଯିଏ ଜନସାଧାରଣଙ୍କର ଧନକୁ ନେଣ-ଦେଣ କରିବାରେ ମଧ୍ୟସ୍ଥି ଭୂମିକା ନେଇଥାଏ । ଏହା ସହିତ ଏହା ଅନ୍ୟ କେତେକ ସେବା ଉପଲବ୍ଧ ମଧ୍ୟ କରାଇଥାଏ, ଯାହାର ବର୍ଣ୍ଣନା ଏହି ପାଠରେ କରାଯାଇଅଛି ।

୨.୨.୧. ବ୍ୟାଙ୍କିଙ୍ଗ୍‌ର ମହତ୍ୱ

(କ) ପୁଞ୍ଜି ନିର୍ମାଣ: ବ୍ୟାଙ୍କ୍ ଦ୍ୱାରା ଗ୍ରହଣ କରାଯାଉଥିବା ଜମାରାଶିକୁ ବ୍ୟାବସାୟିକ ସଂଗଠନମାନଙ୍କୁ ଔଦ୍ୟୋଗିକ ପ୍ରକ୍ରିୟାର ବ୍ୟାପାରିକ କ୍ରିୟା ନିମନ୍ତେ ଋଣ ଏବଂ ଅଗ୍ରୀମ ରାଶି ରୂପରେ ଦିଆଯାଏ । ଏହି ପରି ଭାବରେ ବ୍ୟାଙ୍କ ସଞ୍ଚୟକୁ ନିବେଶରେ ପରିବର୍ତ୍ତିତ କରିଥାଏ, ଯାହାର ପରିଣାମ ସ୍ୱରୂପ ପୁଞ୍ଜି ନିର୍ମାଣ ଏବଂ ଆର୍ଥିକ ବ୍ୟବସ୍ଥାର ବିକାଶ ହୋଇଥାଏ ।

(ଖ) ବ୍ୟବସାୟର ସେବା: ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ବିଭିନ୍ନ ପ୍ରକାର ସେବା ଯଥା: ଦୀର୍ଘ କିମ୍ୱା ସ୍ୱଳ୍ପ ମିଆଦି ନିମନ୍ତେ ବିତ୍ତ ପ୍ରଦାନ କରିବା, ପଇସାର ହସ୍ତାନ୍ତରଣ ବ୍ୟବସ୍ଥା କରିବା, ଚେକ୍ କିମ୍ୱା ବିଲ୍ ଆଦିର ପଇସାକୁ ଏକତ୍ରୀତ କରିବା ଏବଂ ପୁଞ୍ଜି ସଂଗ୍ରହ ନିମନ୍ତେ ସହାୟତା କରିବା ଆଦି ସେବା ଯୋଗାଇଥାଏ ।

(ଗ) ମୁଦ୍ରା ବ୍ୟବହାରକୁ କମ୍ କରିବା: ବ୍ୟାଙ୍କ ଜମାକାରୀମାନଙ୍କୁ ଚେକ୍ ଦ୍ୱାରା ଦେୟ ପରିଶୋଧର ସୁବିଧା ପ୍ରଦାନ କରିଥାଏ ଯାହାକି ହସ୍ତାନ୍ତରଣ ଦ୍ୱାରା ମଧ୍ୟ ହୋଇଥାଏ । ଏହା ସହିତ ଯାତ୍ରୀମାନେ ନଗଦ ରାଶି ପରିବର୍ତ୍ତେ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ଯାତ୍ରୀ ଚେକ୍ କିମ୍ୱା କ୍ରେଡିଟ୍ କାର୍ଡ ଆଦି ନେଇଥାନ୍ତି । ଏହି ପ୍ରକାରରେ ମୁଦ୍ରାର ବ୍ୟବହାରକୁ କମ୍ କରାଯାଇଥାଏ ।

(ଘ) ସଞ୍ଚୟର ସୁପରିଚାଳନା: ବ୍ୟାଙ୍କଖାତାଧାରୀଙ୍କ ସଞ୍ଚୟକୁ ବିଭିନ୍ନ ପ୍ରକାର ଖାତାରେ ଜମା କରିବାର ସୁବିଧା ଦେଇଥାଏ ଯେପରି ଚାଲୁଖାତା, ସଞ୍ଚୟ ଖାତା, ଅବଧି ଜମାଖାତା ଇତ୍ୟାଦି । ଆବଶ୍ୟକତା ଅନୁସାରେ ଟଙ୍କା ଉଠାଣ ସୁବିଧା ଓ ଜମା ରାଶି ଉପରେ ସୁଧ ପ୍ରଦାନ କରିବା ଦ୍ୱାରା ଲୋକମାନଙ୍କୁ ସଞ୍ଚୟ କରିବା ଏବଂ ତାହାକୁ ବ୍ୟାଙ୍କରେ ଜମା ରଖିବାର ପ୍ରୋତ୍ସାହନ ମିଳିଥାଏ ।

(ଙ) ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ଲାଭ: ବ୍ୟାଙ୍କର ଗ୍ରାମୀଣ ଶାଖାଗୁଡ଼ିକ ଗ୍ରାମାଞ୍ଚଳରେ ସଞ୍ଚୟକୁ ଉତ୍ସାହିତ କରିବା ସଂଗେ ସଂଗେ କୃଷକ ଏବଂ କାରିଗରମାନଙ୍କୁ ରିହାତି ଦରରେ ଋଣ ଯୋଗାଇଦେବାର ସୁଯୋଗ ଉପଲବ୍ଧ କରାଇଥାଏ । ଏହାଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସହାୟତା ମିଳିଥାଏ ।

(ଚ) ଅର୍ଥ ବ୍ୟବସ୍ଥାର ସନ୍ତୁଳିତ ବିକାଶ: ଯେଉଁଠାରେ ଔଦ୍ୟୋଗିକ ବିକାଶ ନିମନ୍ତେ ବିଶେଷ ସହାୟତା ଦରକାର ହୁଏ ସେହିସବୁ ସ୍ଥାନକୁ ବ୍ୟାଙ୍କ୍ ଚିହ୍ନଟ କରିଥାଏ ଏବଂ ବ୍ୟାଙ୍କ୍ ସେଠାରେ ଆବଶ୍ୟକ ସହାୟତା ପ୍ରଦାନ କରିଥାଏ । ଏହି କ୍ରମରେ ପଛୁଆ ଅଞ୍ଚଳ ଚିହ୍ନଟ କରି ସେଠାରେ ଉଚିତ ଦରରେ ପର୍ଯ୍ୟାପ୍ତ ପରିମାଣର ଧନ ପ୍ରଦାନ କରି ସେମାନଙ୍କର ଆର୍ଥିକ ବିକାଶରେ ସହାୟତା କରିଥାଏ । ଏହି ପରି ବ୍ୟାଙ୍କ୍ ପଛୁଆ ଅଞ୍ଚଳର ଉଦ୍ୟୋଗ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶରେ ସହାୟତା କରିଥାଏ ।



ଟିପ୍ପଣୀ

(ଛ) ଋଣ ନୀତିର ବିକାଶ: ଆର୍ଥିକ ବିକାଶ ନିମନ୍ତେ ଋଣ ନୀତିର ପ୍ରଥମେ ଆବଶ୍ୟକତା ହୋଇଥାଏ । ଦେଶର କେନ୍ଦ୍ରୀୟ ବ୍ୟାଙ୍କ୍ ଉଚିତ ମୁଦ୍ରାନୀତି ବିକଶିତ କରିଥାଏ । ଏଥିପାଇଁ ଏହା ଅର୍ଥ ବ୍ୟବସ୍ଥାର ବ୍ୟାପକ ସୁବିଧା ନିମନ୍ତେ ତଥା ବିକାଶର ଗତିକୁ ବଢ଼ାଇବା ପାଇଁ ଏହି ବ୍ୟାଙ୍କ ସୁଧର ହାର ନିର୍ଦ୍ଧାରଣ କରିଥାଏ ଏବଂ ମୁଦ୍ରାର ଉଦ୍ରେକ ନିମନ୍ତେ ପଦକ୍ଷେପ ନେଇଥାଏ ।

୨.୨.୨ ବ୍ୟାଙ୍କ୍‌ର ପ୍ରକାର

ଗ୍ରାହକଙ୍କର ବିଭିନ୍ନ ଆର୍ଥିକ ଆବଶ୍ୟକତାକୁ ପୁରା କରିବା ପାଇଁ ଦେଶରେ ବିଭିନ୍ନ ବ୍ୟାଙ୍କ୍ କାର୍ଯ୍ୟ କରୁଅଛନ୍ତି । କାହାକୁ କମ୍ ସମୟ ପାଇଁ ଧନର ଆବଶ୍ୟକତା ହୋଇଥାଏ ତ କାହାକୁ ଦୀର୍ଘ ସମୟ ପାଇଁ ଆବଶ୍ୟକ ହୋଇଥାଏ । ଗୋଟିଏ ବ୍ୟବସାୟକୁ ବ୍ୟାପାର କରିବା ନିମନ୍ତେ ଧନର ଆବଶ୍ୟକତା ହୋଇଥାଏ, ହେଲେ ଅନ୍ୟ କାହାକୁ ବଡ଼ ବଡ଼ ନିର୍ମାଣ ସଂସ୍ଥା ସ୍ଥାପନା କରିବା ନିମନ୍ତେ ଆବଶ୍ୟକ ହୋଇଥାଏ । ବେଳେବେଳେ ସରକାରଙ୍କୁ ମଧ ଋଣର ଆବଶ୍ୟକତା ହୁଏ । ଅତଏବ ଏହିସବୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ପାଖରେ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ୍ ସଂସ୍ଥା ଅଛି ଯାହାକୁ ସେମାନଙ୍କର କାର୍ଯ୍ୟ ଅନୁସାରେ ବର୍ଗୀକରଣ କରାଯାଇଛି ।

(କ) **ବାଣିଜ୍ୟିକ ବ୍ୟାଙ୍କ୍**
(ଖ) ସମବାୟ ବ୍ୟାଙ୍କ୍
(ଗ) ବିକାଶ ବ୍ୟାଙ୍କ୍
(ଘ) ବିଶେଷ ଉଦ୍ଦେଶ୍ୟ ବ୍ୟାଙ୍କ୍
(ଙ) କେନ୍ଦ୍ରୀୟ ବ୍ୟାଙ୍କ୍

ଆସ ଏହି ବ୍ୟାଙ୍କ୍ ବିଷୟରେ ଜାଣିବା ।

ବାଣିଜ୍ୟିକ ବ୍ୟାଙ୍କ : ବାଣିଜ୍ୟିକ ବ୍ୟାଙ୍କ୍ ସେହି ବ୍ୟାଙ୍କିଙ୍ଗ୍ ସଂସ୍ଥା ଅଟେ ଯିଏ ଜନ ସାଧାରଣଙ୍କ ଜମା-ରାଶିକୁ ସ୍ୱୀକାର କରେ ଏବଂ ନିଜ ଗ୍ରାହକମାନଙ୍କୁ ସ୍ୱଳ୍ପ ମିଆଦୀ ଋଣ ଦେଇଥାଏ । ଆଜିକାଲି ବାଣିଜ୍ୟିକ ବ୍ୟାଙ୍କ ବ୍ୟାପାର ଏବଂ ଉଦ୍ୟୋଗ ନିମନ୍ତେ ମଧ୍ୟମ ମିଆଦି ଏବଂ ଦୀର୍ଘ ମିଆଦି ଋଣ ପ୍ରଦାନ ଆରମ୍ଭ କରିଲେଣି । ବାଣିଜ୍ୟିକ ବ୍ୟାଙ୍କ୍ ମଧ୍ୟ ବିଭିନ୍ନ ପ୍ରକାରର (୧) ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍, (୨) ଘରୋଇ ବ୍ୟାଙ୍କ, (୩) ବିଦେଶୀ ବ୍ୟାଙ୍କ

୧) **ରାଷ୍ଟ୍ରାୟତ୍ତ ବାଣିଜ୍ୟିକ ବ୍ୟାଙ୍କ :** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅଧିକାଂଶ ଅଂଶଧନ ଭାରତ ସରକାର କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ୍ ହାତରେ ଥାଏ । ଇଣ୍ଡିଆନ୍ ବ୍ୟାଙ୍କ୍, ବ୍ୟାଙ୍କ ଅଫ୍ ବରୋଦା, ସିଣ୍ଡିକେଟ୍ ବ୍ୟାଙ୍କ୍, ଦେନା ବ୍ୟାଙ୍କ୍ ଏହାର ଉଦାହରଣ ।

୨) **ଘରୋଇ ବାଣିଜ୍ୟିକ ବ୍ୟାଙ୍କ୍ :** ଘରୋଇ ବାଣିଜ୍ୟିକ ବ୍ୟାଙ୍କର ଅଧିକାଂଶ ପୁଞ୍ଜି ଘରୋଇ ହାତରୁ ଆସିଥାଏ । ଏହି ବ୍ୟାଙ୍କଗୁଡ଼ିକ ସାର୍ବଜନିକ କମ୍ପାନୀ ରୂପରେ ପଞ୍ଜିକୃତ ହୋଇଥାଏ । ଏହି ବର୍ଗର ବ୍ୟାଙ୍କଗୁଡ଼ିକ ହେଲା ଜାମ୍ମୁ ଏବଂ କାଶ୍ମିର ବ୍ୟାଙ୍କ ଲିମିଟେଡ୍, କୋଟାକ ବ୍ୟାଙ୍କ, ଆଇ.ସି.ଆଇ.ସି.ଆଇ, ଲର୍ଡ଼ କ୍ରିଷ୍ଣା ବ୍ୟାଙ୍କ, ଏଚ.ଡି.ଏଫ୍.ସି. ବ୍ୟାଙ୍କ୍ ଇତ୍ୟାଦି ।

(୩) ବିଦେଶୀ ବ୍ୟାଙ୍କ: ଏହା ଏପରି ଏକ ବ୍ୟାଙ୍କ ଯାହାର ସ୍ଥାପନା ବା ସମ୍ମିଳନ ବିଦେଶରେ ହୋଇଥାଏ ଏବଂ ଏହାର ଶାଖାଗୁଡ଼ିକ ଆମ ଦେଶରେ କାର୍ଯ୍ୟ କରିଥାନ୍ତି । ଏହି ବର୍ଗର ବ୍ୟାଙ୍କଗୁଡ଼ିକ ମଧ୍ୟରେ

ଟିପ୍ପଣୀ

ହଂକଂ ଆଣ୍ଡ ସାଙ୍ଘାଇ ବ୍ୟାଙ୍କିଙ୍ଗ୍ କର୍ପୋରେସନ ବ୍ୟାଙ୍କ, ଆମେରିକାନ ଏକ୍ସପ୍ରେସ ବ୍ୟାଙ୍କ, ଷ୍ଟାଣ୍ଡାର୍ଡ଼ ଚାର୍ଟାର୍ଡ ବ୍ୟାଙ୍କ, ଏବିଏନ୍ ଆମ୍ରୋ, ସିଟି ବ୍ୟାଙ୍କ ଇତ୍ୟାଦି ।

ଖ) **ସମବାୟ ବ୍ୟାଙ୍କ :** ଏକ ସମବାୟ ସମିତି ବ୍ୟାଙ୍କିଙ୍ଗ୍ ବ୍ୟବସାୟ ଆରମ୍ଭ କରେ ତାହାକୁ ସମବାୟ ବ୍ୟାଙ୍କ କୁହାଯାଏ । ସମବାୟ ବ୍ୟାଙ୍କ ସାଧାରଣତଃ ଲାଭପ୍ରଦ ଉଦ୍ଦେଶ୍ୟ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟ ପାଇଁ ଋଣ ପ୍ରଦାନକରିଥାଏ । ସୁଧର ହାର ସାଧାରଣତଃ କମ୍ ଥାଏ । ଏହି ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ଏବଂ ନିରୀକ୍ଷଣ ଭାରତୀୟ ରିଜର୍ଭ ବ୍ୟାଙ୍କ କରିଥାଏ । ଆମ ଦେଶରେ ତିନିପ୍ରକାରର ସମବାୟ ବ୍ୟାଙ୍କ ରହିଛି । ସେଗୁଡ଼ିକ ହେଲା: (୧) ପ୍ରାଥମିକ ଋଣ ସମିତି, (୨) କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, (୩) ରାଜ୍ୟ ସମବାୟ ବ୍ୟାଙ୍କ ।

ଗ) **ବିକାଶ ବ୍ୟାଙ୍କ :** ବିକାଶ ବ୍ୟାଙ୍କ ଏକ ଆର୍ଥିକ ସଂସ୍ଥା ଯାହା ଉଦ୍ୟୋଗୀମାନଙ୍କୁ ମଧ୍ୟମିଆଦି ଏବଂ ଦୀର୍ଘମିଆଦି ଋଣ ପ୍ରଦାନ କରିଥାଏ । ସ୍ୱାଧୀନତା ପ୍ରାପ୍ତି ପରେ ଦେଶରେ ଉଦ୍ୟୋଗ ଧନ୍ଦାର ଅଧିକ ବିକାଶ ହୋଇଅଛି । ସେହିସବୁ ଉଦ୍ୟୋଗ ପାଇଁ ବହୁଳ ପରିମାଣର ପୁଞ୍ଜି ଏବଂ ଉଦ୍ୟୋଗ ସ୍ଥାପନା ଅର୍ଥ ଆବଶ୍ୟକ ହେଉଛି । ବିକାଶ ବ୍ୟାଙ୍କ ଉଦ୍ୟୋଗଶିଳ୍ପର ପ୍ରବର୍ତ୍ତନ, ବିସ୍ତାର ଏକ ଆଧୁନିକୀକରଣରେ ସହାୟତା ପ୍ରଦାନ କରିଥାଏ । ମଧ୍ୟମ ମିଆଦି ଏବଂ ଦୀର୍ଘମିଆଦି ଋଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କ ଔଦ୍ୟୋଗିକ ଉପକ୍ରମରେ ମଧ୍ୟ ପୁଞ୍ଜି ବିନିଯୋଗ କରିଥାଏ । ଆବଶ୍ୟକ ସ୍ଥଳରେ ଏହା ବୈଷୟିକ ପରାମର୍ଶ ଏବଂ ସହାୟତା ମଧ ଦେଇଥାଏ । ଭାରତରେ, ଭାରତୀୟ ଔଦ୍ୟୋଗିକ ଅର୍ଥନିଗମ, ରାଜ୍ୟ ଅର୍ଥନିଗମ ଏବଂ ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ ବିକାଶ ବ୍ୟାଙ୍କ ଅନ୍ତର୍ଭୁକ୍ତ ।

ଘ) **ବିଶେଷ ଉଦ୍ଦେଶ୍ୟ ବ୍ୟାଙ୍କ :** କେତେକ ବ୍ୟାଙ୍କ ବିଶେଷ ଗତିବିଧିକୁ ନେଇ ପରିଚାଳିତ ହୋଇଥାଏ କିମ୍ବା ସ୍ୱତନ୍ତ୍ର କ୍ଷେତ୍ରରେ କାର୍ଯ୍ୟ କରିଥାଏ ତାହାକୁ ବିଶେଷ ଉଦ୍ଦେଶ୍ୟ ବ୍ୟାଙ୍କ କୁହାଯାଏ । ଏଠାରେ ଏକ୍ସପୋର୍ଟ-ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା EXIM ବ୍ୟାଙ୍କ, କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କ ବା ସିଡ୍‌ବି, ନ୍ୟାସ୍‌ନାଲ ବ୍ୟାଙ୍କ ଅଫ୍ ଏଗ୍ରିକଲ୍‌ଚରାଲ୍ ଆଣ୍ଡ୍ ରୁରାଲ୍ ଡେଭେଲପ୍‌ମେଣ୍ଟ ବା ନାବାର୍ଡ଼ ଏହାର ଉଦାହରଣ ।

ଙ) **କେନ୍ଦ୍ରୀୟ ବ୍ୟାଙ୍କ:** ପ୍ରତ୍ୟେକ ଦେଶରେ ଗୋଟିଏ ବ୍ୟାଙ୍କକୁ ବ୍ୟାଙ୍କିଙ୍ଗ୍ ପ୍ରଣାଳୀର ମାର୍ଗଦର୍ଶନ ଏବଂ ନିୟନ୍ତ୍ରଣ କରିବାର ଉତ୍ତରଦାୟିତ୍ୱ ଦିଆଯାଇଥାଏ । ତାହାକୁ କେନ୍ଦ୍ରୀୟବ୍ୟାଙ୍କ କୁହାଯାଏ । ଏହା ଶୀର୍ଷ ବ୍ୟାଙ୍କ ଅଟେ ଏବଂ ଏହାକୁ ସବୁଠାରୁ ଉଚ୍ଚତମ ଆର୍ଥିକ ଅଧିକାର ଦିଆଯାଇଥାଏ । ଭାରତର କେନ୍ଦ୍ରୀୟ ବ୍ୟାଙ୍କର ଅଧିକାର ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଦିଆଯାଇଅଛି । ଏହା ଜନସାଧାରଣଙ୍କ ସହ ସିଧାସଳଖ ନେଣ-ଦେଣ କରେନାହିଁ । ଏହା ବ୍ୟାଙ୍କମାନଙ୍କର ବ୍ୟାଙ୍କ ଅଟେ । ଏଠାରେ ସବୁ ବ୍ୟାଙ୍କର ଜମାଖାତା ରହିଥାଏ । ଏହା ବ୍ୟାଙ୍କମାନଙ୍କ ଆବଶ୍ୟକତା ଅନୁସାରେ ଅଗ୍ରୀମ ରାଶି ଦେଇଥାଏ । ମୁଦ୍ରା ଓ ଋଣ ପରିମାଣ ନିୟନ୍ତ୍ରଣ ଓ ନିରୀକ୍ଷଣ ସାଙ୍ଗକୁ ସମସ୍ତ ବ୍ୟାଙ୍କର ମୁଦ୍ରା ସମ୍ବନ୍ଧୀୟ ଏବଂ ଜମା କାରବାରର ନିରୀକ୍ଷଣ ଓ ନିୟନ୍ତ୍ରଣ କରିଥାଏ । ରିଜର୍ଭ ବ୍ୟାଙ୍କ ସରକାରଙ୍କ ବ୍ୟାଙ୍କ ଭାବରେ କାମକରିଥାଏ ଏବଂ ସରକାରୀ ପ୍ରାପ୍ତି, ପରିଶୋଧ ଏବଂ ବିଭିନ୍ନ ଉତ୍ସରୁ ଆସିଥିବା ଋଣର ବିବରଣୀ ରଖିଥାଏ । ଏହା ସରକାରଙ୍କୁ ମୁଦ୍ରା ବିନିମୟ ନୀତି ବିଷୟରେ ଉପଦେଶ ଦେବା ଏବଂ ବ୍ୟାଙ୍କଦ୍ୱାରା ସ୍ୱୀକାର କରାଯାଇଥିବା ଜମାରାଶି ଏବଂ ଦିଆଯାଇଥିବା ଋଣ ଉପରେ ସୁଧହାର

ନିର୍ଦ୍ଧାରଣ କରିଥାଏ । ଏହା ଦେଶର ମୁଦ୍ରା ଏବଂ ବିଦେଶୀ ମୁଦ୍ରା ଭଣ୍ଡାର, ସୁନା ଏବଂ ଅନ୍ୟ ସମ୍ବଳ (Securities)ର ଦେଖାରଖା କାର୍ଯ୍ୟ କରିଥାଏ । ରିଜର୍ଭ ବ୍ୟାଙ୍କ କରେନ୍ସି ନୋଟ ଜାରି କରିବା ଏବଂ ମୁଦ୍ରା ସମ୍ବନ୍ଧୀୟ ଦେୟର ନିୟନ୍ତ୍ରଣ କାର୍ଯ୍ୟ କରିଥାଏ ।

୨.୨.୩ ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ :

ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀକୁ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରେ

(କ) ମୁଖ୍ୟକାର୍ଯ୍ୟ ଏବଂ (ଖ) ଗୌଣକାର୍ଯ୍ୟ ।

ଆସ ଏହି କାର୍ଯ୍ୟର ପ୍ରକୃତି ଏବଂ ପ୍ରକାର ସଂକ୍ରାନ୍ତରେ ଜାଣିବା ।

କ) **ମୁଖ୍ୟକାର୍ଯ୍ୟ :** ବାଣିଜ୍ୟିକ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ (୧) ଜମାରାଶିକୁ ସ୍ୱୀକାର କରିବା, (୨) ଋଣ ଆକାରରେ ଧନ ଉପଲବ୍ଧ କରାଇବା ଅନ୍ୟତମ ।

୧. **ଜମାରାଶି ସ୍ୱୀକାର କରିବା :** ବାଣିଜ୍ୟିକ ବ୍ୟାଙ୍କର ମୁଖ୍ୟକାର୍ଯ୍ୟ ହେଉଛି ଜମାରାଶିକୁ ସ୍ୱୀକାର କରିବା । ସାଧାରଣତଃ ଲୋକମାନେ ନିଜ ଆୟରୁ କିଛି ଅଂଶ ସଞ୍ଚୟ କରି ତାହାକୁ ବ୍ୟାଙ୍କରେ ଜମାକରିବାକୁ ପସନ୍ଦ କରିଥାନ୍ତି । ଗ୍ରାହକଙ୍କର ସୁବିଧା ଅନୁସାରେ ବ୍ୟାଙ୍କ ବିଭିନ୍ନ ପ୍ରକାର ଜମା ଖାତାର ସୁବିଧା କରିଥାଏ ଯେପରି ଅବଧିଜମାଖାତା, ପୁନଃପୌନିକ ଜମାଖାତା, ଚାଲୁଖାତା, ସଞ୍ଚୟ ବ୍ୟାଙ୍କଖାତା ଇତ୍ୟାଦି । ଏହିସବୁ ଖାତା ଉପରେ ଅଲଗା ଅଲଗା ହାରରେସୁଧ ଦିଆଯାଇଥାଏ । ଜନତାଙ୍କୁ ବ୍ୟାଙ୍କରେ ଥିବା ଜମାରାଶିର ସୁରକ୍ଷାର ବିଶ୍ୱାସ ମଧ୍ୟ ଦିଆଯାଇଥାଏ ।

୨. **ଋଣଦେବା :** ବାଣିଜ୍ୟିକ ବ୍ୟାଙ୍କର ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଜନତା ଏବଂ ବ୍ୟାବସାୟିକ ସଂସ୍ଥାକୁ ଋଣ ଏବଂ ଅଗ୍ରୀମ ଉପଲବ୍ଧ କରାଇବା । ଏହା ନିର୍ଦ୍ଧାରିତ ସୁଧହାର ଉପରେ ଋଣ ଏବଂ ଅଗ୍ରୀମ ଦେଇଥାନ୍ତି । ଋଣ ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ଦିଆଯାଇଥାଏ । ଋଣ ଗ୍ରହୀତଙ୍କୁ ପୁରାରାଶିକୁ ଏକାଥରକେ କିମ୍ବା କିସ୍ତିରେ ଦିଆଯାଇଥାଏ । ଋଣ ଏବଂ ଅଗ୍ରୀମ କୌଣସି ସମ୍ପତ୍ତିର ଜମାନତ ଉପରେ ଦିଆ ଯାଇଥାଏ । ସ୍ୱଳ୍ପ ମିଆଦି ନିମନ୍ତେ ବ୍ୟାଙ୍କଦ୍ୱାରା ଦିଆଯାଇଥିବା ଋଣକୁ ନଗଦ ପୈଠ, ଟଙ୍କାଦେବା ପାଇଁ ବ୍ୟାଙ୍କ ଦ୍ୱାରା ଲିଖିତ ଅନୁମତି ପତ୍ର ମାଧ୍ୟମରେ, କିମ୍ବା ବିଲ୍ କାଟିବା ଦ୍ୱାରା ସୁବିଧାରେ ପରିଶୋଧ କରାଯାଏ । ଯେପରି ଆଗରୁ କୁହାଯାଇଛି, ବ୍ୟାଙ୍କ ମଧ୍ୟମମିଆଦି ଏବଂ ଦୀର୍ଘମିଆଦି ଋଣ ମଧ୍ୟ ଦେଇଥାନ୍ତି ।

ଖ) **ଗୌଣକାର୍ଯ୍ୟ :** ଉପର ଲିଖିତ ଦୁଇ ମୁଖ୍ୟ କାର୍ଯ୍ୟ ବ୍ୟତୀତ ବାଣିଜ୍ୟିକ ବ୍ୟାଙ୍କ କିଛି ସହାୟକ କାର୍ଯ୍ୟ ମଧ୍ୟ କରିଥାଏ । ଏହି ସେବାଗୁଡ଼ିକ ମୁଖ୍ୟସେବାର ପୂରକ କୁହାଯାଏ ତେଣୁ ଏହାକୁ ବାଣିଜ୍ୟିକ ବ୍ୟାଙ୍କର ଗୌଣ କାର୍ଯ୍ୟ କୁହାଯାଏ । ଏହି ସେବା ବାସ୍ତବରେ ଅଣବ୍ୟାଙ୍କିଙ୍ଗ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ମୁଖ୍ୟତଃ ଦୁଇ ପ୍ରକାର ହୋଇଥାଏ । (୧) ଏଜେନ୍ସି ସେବା, (୨) ସାଧାରଣ ଉପଯୋଗୀ ସେବା (ଜେନେରାଲ ୟୁଟିଲିଟି ସର୍ଭିସ୍) ।

୧) **ଏଜେନ୍ସି ସେବା :** ଗ୍ରାହକଙ୍କ ଏଜେଣ୍ଟ୍ ରୂପରେ ବାଣିଜ୍ୟିକ ବ୍ୟାଙ୍କ ଯୋଗାଉଥିବା ସେବାକୁ ଏଜେନ୍ସି ସେବା କହନ୍ତି । ଏଥିରେ ନିମ୍ନଲିଖିତ ସେବାଗୁଡ଼ିକ ସମ୍ମିଳିତ ଅଟନ୍ତି ।

ଟିପ୍ପଣୀ

- ଗ୍ରାହକମାନଙ୍କୁ ଚେକ୍ କିମ୍ବା ବିଲ୍ ପ୍ରେରଣ କରିବା
- ଗ୍ରାହକମାନଙ୍କ ପାଇଁ ଲାଭାଂଶ, ସୁଧ, ଭଡ଼ା ଇତ୍ୟାଦିର ପ୍ରେରଣ କରିବା
- ଗ୍ରାହକମାନଙ୍କ ପ୍ରତିଭୂତି (ଅଂଶଧନ, ଋଣପତ୍ର, ବଣ୍ଡ୍ ଆଦି)ର କ୍ରୟ-ବିକ୍ରୟ
- ଗ୍ରାହକମାନଙ୍କ ଭଡ଼ା, ସୁଧ, ବୀମା ପ୍ରିମିୟମ, ଚାନ୍ଦା ଆଦିର ପରିଶୋଧ କରିବା
- ଏଜେଣ୍ଟ୍ ଗ୍ରାହକଙ୍କର ପରିଚାଳକ ରୂପେ କାର୍ଯ୍ୟ କରିଥାଏ
- ଗ୍ରାହକମାନଙ୍କ ପାଇଁ ଦେଶ କିମ୍ବା ବିଦେଶର ଅନ୍ୟ ବ୍ୟାଙ୍କର ଆର୍ଥିକ ସଂସ୍ଥାମାନଙ୍କ ସହିତ ଏଜେଣ୍ଟ ଅଥବା ସମ୍ବାଦଦାତାର କାର୍ଯ୍ୟ କରିଥାଏ ।

୨. **ସାଧାରଣ ଉପଯୋଗୀ ସେବା :** ସାଧାରଣ ଉପଯୋଗୀ ସେବା ଦ୍ୱାରା ବାଣିଜ୍ୟିକ ବ୍ୟାଙ୍କମାନେ କେବଳ ନିଜର ଗ୍ରାହକଙ୍କର ସେବା କରିନଥାନ୍ତି ସେମାନେ ଜନ ସାଧାରଣଙ୍କୁ ମଧ୍ୟ ସେବା ପ୍ରଦାନ କରିଥାନ୍ତି । ଏଥିପାଇଁ ଜନସାଧାରଣଙ୍କ ଠାରୁ ବ୍ୟାଙ୍କ ଫିସ୍ ନେଇଥାଏ । ଏଥିରେ ନିମ୍ନରେ ଦିଆଯାଇଥିବା ସେବାଗୁଡ଼ିକ ସମ୍ମିଳିତ ଅଟେ:

- ବ୍ୟାଙ୍କଡ୍ରାଫଟ୍, ଦେୟ ଆଦେଶ, ବ୍ୟାଙ୍କ ଚେକ୍, କିମ୍ବା ଯାତ୍ରୀଚେକ୍ ପ୍ରସ୍ତୁତ କରିବା
- କ୍ରେଡ଼ିଟ୍ କାର୍ଡ ପ୍ରସ୍ତୁତ କରିବା
- ଲକରରେ ମୂଲ୍ୟବାନ ସମ୍ପତ୍ତିର ସୁରକ୍ଷା କରିବା
- ଏଟିଏମ୍ କାର୍ଡ, ଡେବିଟ୍ କାର୍ଡ (Debit Card) ଏବଂ କ୍ରେଡ଼ିଟ୍ କାର୍ଡ (Credit Card) ସୁବିଧାର ଉପଲବ୍ଧ କରାଇବା ।
- ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍ ଏବଂ ଫୋନ୍ ବ୍ୟାଙ୍କିଙ୍ଗ୍
- ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାର ବିବରଣୀ ପତ୍ର ଏବଂ ଆବେଦନପତ୍ର ବିକ୍ରି କରିବା ।
- ଟେଲିଫୋନ୍ ବିଲ୍ ଏବଂ ବିଜୁଳି ବିଲ୍ ପୈଠ କରାଇବା
- ସରକାର ଏବଂ ସାର୍ବଜନିକ ସଂସ୍ଥା ଦ୍ୱାରା ହୋଇଥିବା ଋଣର ଗୋପନୀୟତା ରକ୍ଷା କରିବା ।
- ଗ୍ରାହକଙ୍କୁ ଉପଯୋଗୀ ବ୍ୟାବସାୟିକ ଏବଂ ସାଂଖ୍ୟିକୀୟ ଖବର ଉପଲବ୍ଧ କରାଇବା ଏବଂ
- ଗ୍ରାହକମାନଙ୍କୁ ଆର୍ଥିକ ସ୍ଥିତି ସମ୍ବନ୍ଧରେ ଧାରଣା ପ୍ରଦାନ କରିବା

ପାଠଗତ ପ୍ରଶ୍ନାବଳୀ ୨ (ଖ)

୧. ଏପରିଏକ ବ୍ୟାଙ୍କର ନାମ ପ୍ରକାଶ କର ଯାହାକୁ ବ୍ୟାଙ୍କମାନଙ୍କର ବ୍ୟାଙ୍କ କୁହାଯାଏ ।

୨. ନିମ୍ନରେ ବ୍ୟାଙ୍କମାନଙ୍କଦ୍ୱାରା ପ୍ରଦତ୍ତ କେତେକ ସେବା ଦିଆଯାଇଅଛି । ସେଗୁଡ଼ିକୁ ଏଜେନ୍ସି ସେବା କିମ୍ବା ସାଧାରଣ ଉପଯୋଗୀ ସେବାରେ ବର୍ଗୀକୃତ କର ।

କ) ପ୍ରତିଭୂତିଗୁଡ଼ିକ କ୍ରୟ ବିକ୍ରୟ

ଖ) କ୍ରେଡ଼ିଟ୍ ଜମା ପତ୍ର ଜାରିକରିବା

ଗ) ବ୍ୟାଙ୍କ ଡ୍ରାଫଟ୍ ଜାରି କରିବା

ଘ) ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍

ଙ) ଲାଭାଂଶ ଅସୁଲ କରିବା ।

ଏଜେନ୍‌ସି ସେବା — ସାଧାରଣ ଉପଯୋଗୀ ସେବା



୩. ପ୍ରବାହ ଚାର୍ଟକୁ ପୂରଣ କର ।



୨.୩ ବୀମା

ତୁମେ ଜାଣିଛ ପ୍ରତ୍ୟେକ ବ୍ୟବସାୟକୁ ଅନେକ ପ୍ରକାର ଆଶଙ୍କା (ରିସ୍କ୍)ର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ କର୍ମଚାରୀମାନଙ୍କର କାର୍ଯ୍ୟ କରିବା ସମୟରେ ଦୁର୍ଘଟଣାଜନିତ କ୍ଷୟକ୍ଷତି ଘଟିବାର ଆଶଙ୍କା, ପରିବହନ ସମୟରେ ମାଲ୍ ଚୋରିହେବାର ସମ୍ଭାବନା, ମାଲ ଗୋଦାମରେ ନିଆଁ ଲାଗିବା ଇତ୍ୟାଦି । ଏହିସବୁ ପରିସ୍ଥିତିରେ ବ୍ୟବସାୟର ସମସ୍ତ କ୍ଷତିକୁ ମାଲିକଙ୍କୁ ହିଁ ବହନ କରିବାକୁ ପଡ଼ିଥାଏ । କିନ୍ତୁ ଆଜିକାଲି ଏହି ସବୁ କ୍ଷତି ମାଲିକଙ୍କୁ ବହନ କରିବାକୁ ପଡୁନାହିଁ । ବୀମା ଯୋଗାଣକାରୀ ଅଧିଶୁଳ୍କ ଯାହାକୁ ପ୍ରିମିୟମ କୁହାଯାଏ ତା' ବଦଳରେ ବ୍ୟବସାୟକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଅନ୍ୟ ଭାଷାରେ ଏହାଦ୍ୱାରା ବ୍ୟବସାୟକୁ ସହାୟତା ମିଳିଥାଏ କାରଣ ବ୍ୟାବସାୟିକ ଗତିବିଧିର ପରିଚାଳନାରେ ଯେଉଁ କ୍ଷତି ହୋଇଥାଏ ତାହାକୁ ସମ୍ପୂର୍ଣ୍ଣ ବା ଆଂଶିକ ମାତ୍ରାରେ ବୀମା କମ୍ପାନୀ ଭରଣା କରିଥାଏ । ବୀମା ସମ୍ବନ୍ଧରେ ବିସ୍ତାର ଭାବରେ ଜାଣିବା ପୂର୍ବରୁ ଆସ ବ୍ୟାବସାୟିକ ଆଶଙ୍କା, ଏହାର ପ୍ରକୃତି ଏବଂ ବୀମାଯୋଗ୍ୟ ସମ୍ବନ୍ଧରେ ସଂକ୍ଷେପରେ ଜାଣିବା ।

ଆଶଙ୍କା ଜନିତ କ୍ଷତି, କିମ୍ବା କ୍ଷତିର ସମ୍ଭାବନା ତାହାକୁ କୁହାଯାଏ ଯେଉଁ କାରଣ ଉପରେ ଆମର ବହୁତ କମ୍ ଅଥବା କୌଣସି ନିୟନ୍ତ୍ରଣ ନଥାଏ । ସେହିପରି ବ୍ୟାବସାୟିକ ବିପଦର ଭାର ଏପରି ହାନି ବା ଆଶଙ୍କାର ସମ୍ଭାବନା ଉପରେ ହୋଇଥାଏ ଯାହା ଉପରେ କାହାରି ନିୟନ୍ତ୍ରଣ ନଥାଏ । ଉଦାହରଣ ସ୍ୱରୂପ ବସ୍ତୁଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ନେବା ସମୟରେ ଦୁର୍ଘଟଣା ଦ୍ୱାରା ବସ୍ତୁଗୁଡ଼ିକୁ କ୍ଷତି ପହଞ୍ଚିଥାଏ ଅଥବା ହାନି ହୋଇଥାଏ । ରେଳଗାଡ଼ି ଲାଇନ୍‌ଚ୍ୟୁତ ହେବା କିମ୍ବା ପୋଲ ଭୁଶୁଡ଼ିପଡିବା, ଇଂଜିନ୍ ଖରାପ ହୋଇଯିବା, ଜାହାଜରେ ମାଲ ଲଦିବା କିମ୍ବା ଓହ୍ଲାଇବା ଫଳରେ ବସ୍ତୁଗୁଡ଼ିକୁ କୌଣସି କାରଣରୁ କ୍ଷତି ପହଞ୍ଚିବା ଇତ୍ୟାଦି । ଗ୍ରାହକଙ୍କର ପସନ୍ଦ କିମ୍ବା ଫେସନର ପରିବର୍ତ୍ତନ କାରଣରୁ ବସ୍ତୁଗୁଡ଼ିକର ଚାହିଦା କମିଯିବାରୁ ବ୍ୟବସାୟରେ ହାନି ହୋଇଥାଏ । ବୈଜ୍ଞାନିକ ଟେକ୍‌ନିକର ଉନ୍ନତି ଫଳରେ ଉତ୍ପାଦିତ ବସ୍ତୁର ଚାହିଦାର ପରିବର୍ତ୍ତନ ଫଳରେ ଲାଭ ମଧ୍ୟ କମିଯାଇଥାଏ । ଯେପରି ତାରଯୁକ୍ତ ଟେଲିଫୋନର ଚାହିଦାକୁ

ମୋବାଇଲ ଫୋନ୍ କମାଇ ଦେଇଛି । ସରକାରଙ୍କର ନୀତି, ଟିକସ ଦର, ସୁଧର ହାର ଆଦି ବ୍ୟବସାୟର ଆୟକୁ ପ୍ରଭାବିତ କରିଥାଏ । କୌଣସି ବ୍ୟବସାୟ ତାର ଜୀବନକାଳ ମଧ୍ୟରେ ଉପର ଲିଖିତ ବିପଦର ସମ୍ମୁଖୀନ ହୋଇପାରେ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି କି ଏହି ସବୁ ବିପଦ ନିମନ୍ତେ ବୀମା ହୋଇପାରିବକି ? ଉପରେ ଯେତେଗୁଡ଼ିଏ ବିପଦ ବର୍ଣ୍ଣନା କରାଗଲା ତା ମଧ୍ୟରୁ କେତେକର ବୀମା ହୋଇପାରିବ ଏବଂ ଅନ୍ୟଗୁଡ଼ିକ ବୀମାଭୁକ୍ତ ହୋଇ ପାରିବନାହିଁ । ସ୍ପଷ୍ଟ ଭାବରେ କହିବାକୁ ଗଲେ, ଅଗ୍ନିକାଣ୍ଡ ଦ୍ୱାରା କ୍ଷୟକ୍ଷତି, ଚୋରି, ଭୂକମ୍ପ, ବନ୍ୟା ଆଦି ବିପଦ ନିମନ୍ତେ ଅଳ୍ପ ଅଧିଶୁଳ୍କ ଅଥବା ପ୍ରିମିୟମ ଜରିଆରେ ବୀମା କରାଯାଇପାରିବ । ଏସବୁକୁ ବୀମାଯୋଗ୍ୟ ଆଶଙ୍କା କୁହାଯାଏ । କିନ୍ତୁ ଫେସନ୍‌ର ପରିବର୍ତ୍ତନ, ବଜାରରେ ନୂଆ ଉତ୍ପାଦିତ ବସ୍ତୁ ଆସିବାରେ ଅଥବା ସରକାରୀ ନୀତିର ପରିବର୍ତ୍ତନର କାରଣରୁ ହେଉଥିବା ହାନିର ଭରଣା ପାଇଁ ବୀମା ହୋଇପାରେ ନାହିଁ । ଏହାକୁ ବୀମାରହିତ ଯୋଗ୍ୟ ଆଶଙ୍କା କୁହାଯାଏ । ବୀମାରହିତ ଯୋଗ୍ୟ ପ୍ରତିବନ୍ଧକକୁ ବ୍ୟବସାୟୀଙ୍କୁ ପୂରା ବହନ କରିବାକୁ ପଡ଼ିଥାଏ ।

୨.୩.୧ ବୀମାର ଅର୍ଥ

'ବୀମା' କହିଲେ ଦୁଇପକ୍ଷଙ୍କ ମଧ୍ୟରେ ଅନୁବନ୍ଧନକୁ କୁହାଯାଏ । ଯେଉଁଥିରେ ଗୋଟିଏ ପକ୍ଷକୁ ବୀମିତ ଏବଂ ଅନ୍ୟକୁ ବୀମାକାର କୁହାଯାଇଥାଏ । ଏହି ଅନୁବନ୍ଧନ ଅନୁସାରେ ବୀମାକାର ଏକ ନିଶ୍ଚିତ ବୀମାରାଶି ବଦଳର ବୀମିତର ଯେକୌଣସି ଆଶଙ୍କା ଘଟିବା ଦ୍ୱାରା ଯେଉଁ କ୍ଷତି ହୋଇଥାଏ ଅଥବା କ୍ଷତିପୂରଣର ବୁଝାମଣା କରିଥାନ୍ତି । ଅନୁବନ୍ଧନର ଏହି ବିଚାରଧାରାକୁ ବୀମା ପଲିସି କୁହାଯାଇଥାଏ । ଯେଉଁ ବ୍ୟକ୍ତିର ଆଶଙ୍କାକୁ ବୀମା କରାଯାଇଥାଏ ତାହାଙ୍କୁ ବୀମିତ କୁହାଯାଏ ଏବଂ ଯେଉଁ କମ୍ପାନୀ ବୀମା କରିଥାଏ ତାହାକୁ ବୀମାକାର କୁହାଯାଏ । କ୍ଷତିପୂରଣ ରାଶି ଯାହା ବଦଳରେ ବୀମାକାର ହାନି ସମୟରେ ବୀମିତକୁ ଭରଣା ଦେବା ପାଇଁ ସ୍ୱୀକାର କରିଥାଏ ତାହାକୁ ପ୍ରିମିୟମ କହନ୍ତି ।

ଅତଏବ ବୀମାର ଅର୍ଥ ହେଲା ବୀମାକାର ଏବଂ ବୀମିତି ମଧ୍ୟରେ ଅନୁବନ୍ଧନ ଯାହାଦ୍ୱାରା ବୀମାକାର ନିଶ୍ଚିତ ରାଶି (ପ୍ରିମିୟମ) ବଦଳରେ ବୀମିତକୁ ଏକ ନିଶ୍ଚିତ ଘଟଣା (ଏକ ନିର୍ଦ୍ଦିଷ୍ଟ ବୟସ ସୀମା ପ୍ରାପ୍ତ କରିବା ଅଥବା ମୃତ୍ୟୁ) ଘଟିବା ଦ୍ୱାରା ହେଉଥିବା ହାନି ନିମନ୍ତେ ଏକ ନିଶ୍ଚିତ ରାଶି ଦେବାପାଇଁ ବଚନବଦ୍ଧ ହୋଇଥାଏ ଅଥବା ଯେଉଁ ବିପଦକୁ ବୀମା କରାଯାଇଥାଏ ସେହି କାରଣରୁ ହେଉଥିବା ହାନି ଦ୍ୱାରା ବ୍ୟାବସାୟିକ ହାନିର ଭରଣା କରିବାର ବଚନ ଦିଆଯାଇଥାଏ ।

୨.୩.୨. ବୀମାର ମହତ୍ତ୍ୱ

(କ) **ପ୍ରତିବନ୍ଧକର ସୁରକ୍ଷା:** ବ୍ୟବସାୟର ବିଭିନ୍ନ ପ୍ରତିବନ୍ଧକ ବା ଆଶଙ୍କାର ସୁରକ୍ଷା ବୀମା ପ୍ରଦାନ କରିଥାଏ । ଏହି ସୁରକ୍ଷା ବୀମିତିଙ୍କ କ୍ଷତିପୂରଣକୁ ବିଧାନ ଅନୁସାରେ ସମାହିତ କରାଯାଇଥାଏ ।

(ଖ) **ବିପଦ କାଳର ବିଭାଜନ:** ଆଶଙ୍କା ବିଭାଜନରେ ବୀମା ସହାୟତା କରେ । ଲୋକେ ପ୍ରିମିୟମ ଦେଇ ବୀମା କରିଥାନ୍ତି । ଏହି ରାଶିରେ ବୀମା କୋଷ ତିଆରି ହୋଇଥାଏ । ବାସ୍ତବରେ ଯେଉଁମାନଙ୍କର କ୍ଷତି ହୋଇଥାଏ, ତାହାକୁ ଲୋକମାନଙ୍କ ଦ୍ୱାରା ଗଠିତ କୋଷରୁ ଉପଯୋଗ କରାଯାଇଥାଏ । ଏହି ପ୍ରକାରରେ ହାନିର ବଡ଼ ପରିମାଣକୁ ଲୋକମାନଙ୍କ ମଧ୍ୟରେ ବିଭାଜନ କରାଯାଇଥାଏ ।

(ଗ) **ଋଣ ନେବାରେ ସହାୟକ:** ବ୍ୟାଙ୍କ୍ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକ ସାଧାରଣତଃ ଋଣ ଦେବା ପୂର୍ବରୁ ସେହି ବସ୍ତୁ ଏବଂ ସମ୍ପତ୍ତିର ବୀମା କରିବା ଉପରେ ଜୋର ଦେଇଥାନ୍ତି ଯାହାର ଜମାନତ ଉପରେ ଋଣ ଦିଆଯାଇଥାଏ । ଏଣୁ ଆର୍ଥିକ ସଂସ୍ଥାରୁ ଋଣ ଏବଂ ଅଗ୍ରୀମ ପ୍ରାପ୍ତ କରିବାରେ ବୀମା ସହାୟତା ପ୍ରଦାନ କରିଥାଏ ।

(ଘ) **ବିଭିନ୍ନ ଶ୍ରମ ଆଇନ୍ ଅନ୍ତର୍ଗତ ଦାୟିତ୍ୱର ସୁରକ୍ଷା:** ବୀମା ବ୍ୟବସାୟୀଙ୍କର କର୍ମଚାରୀମାନଙ୍କ ସହିତ ହେଉଥିବା ଦୁର୍ଘଟଣା ଯାହା ଫଳରେ ଗଭୀର ଚୋଟ ହେବା, ବିକଳାଙ୍ଗ, ବେମାରୀ ତଥା ପ୍ରସୂତି ଆଦି ପରିସ୍ଥିତି ସମ୍ବନ୍ଧୀୟ ଦେୟ ନିମନ୍ତେ ସୁରକ୍ଷା ପ୍ରଦାନ କରିଥାଏ ।

(ଙ) **ଆର୍ଥିକ ବିକାଶରେ ଯୋଗଦାନ:** ବୀମା କମ୍ପାନୀ ପାଖରେ ଥିବା ଧନ ବିଭିନ୍ନ ପ୍ରକାର ସମ୍ବଳ ଏବଂ ପରିଯୋଜନାରେ ନିବେଶ କରାଯାଇଥାଏ । ଫଳରେ ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇଥାଏ ।

(ଚ) **ନିଯୁକ୍ତି ସୁଯୋଗ ସୃଷ୍ଟି:** ବୀମା କମ୍ପାନୀ ବହୁତ ସଂଖ୍ୟାରେ ଲୋକଙ୍କୁ ନିୟମିତଭାବେ ନିଯୁକ୍ତି ଦେଇଥାନ୍ତି । ଅନେକ ଲୋକ ବୀମା ଏଜେଣ୍ଟ ଭାବରେ କାମ କରି ନିଜର ଜୀବିକା ଅର୍ଜ୍ଜନ କରିଥାନ୍ତି ।

(ଛ) **ସାମାଜିକ ନିରାପତ୍ତା:** ଜୀବନ ବୀମା ବାର୍ଦ୍ଧକ୍ୟରେ କିମ୍ବା ସମୟ ପୂର୍ବରୁ ମୃତ୍ୟୁର ବିପଦରୁ ସୁରକ୍ଷା ପ୍ରଦାନ କରିଥାଏ । ଏହା ବ୍ୟତୀତ କର୍ମଚାରୀମାନଙ୍କୁ "ରାଜ୍ୟ କର୍ମଚାରୀ ବୀମା" ଯୋଜନା ମାଧ୍ୟମରେ ଦୁର୍ଘଟଣାଜନିତ କ୍ଷୟକ୍ଷତିର ସାମାଜିକ ସୁରକ୍ଷା ପ୍ରଦାନ କରିଥାଏ ।

୨.୩.୩. ବୀମାର ପ୍ରକାର:

ବୀମାର ବିଷୟବସ୍ତୁ ଅଥବା ବୀମାଭୁକ୍ତ ଆଶଙ୍କାର ଆଧାର ଉପରେ ବୀମାକୁ ନିମ୍ନ ପ୍ରକାରରେ ବର୍ଗୀକୃତ କରାଯାଇଛି-

(କ) ଜୀବନ ବୀମା, (ଖ) ଅଗ୍ନି ବୀମା

(ଗ) ସାମୁଦ୍ରିକ ବୀମା, (ଘ) ଅନ୍ୟ ପ୍ରକାରର ବୀମା

(କ) ଜୀବନ ବୀମା:

ମଣିଷକୁ ବିଭିନ୍ନ ଆଶଙ୍କାର ସମ୍ମୁଖୀନ ହେବାକୁ ପଡ଼ିଥାଏ । କୌଣସି ବ୍ୟକ୍ତି ଦୁର୍ଘଟଣା ଅଥବା ବେମାରୀ କାରଣରୁ ଅସମୟରେ ମୃତ୍ୟୁବରଣ କରିଥାନ୍ତି । ଏପରି ପରିସ୍ଥିତିରେ ମୃତକଙ୍କ ପରିବାରକୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ବାର୍ଦ୍ଧକ୍ୟ ସମୟରେ ବ୍ୟକ୍ତିକୁ ଆରାମଦାୟକ ଜୀବନଯାପନ ନିମନ୍ତେ ଆବଶ୍ୟକ ପରିମାଣର ଧନ ମଧ୍ୟ ନଥାଏ, ଏହାଛଡ଼ା ବ୍ୟକ୍ତିଙ୍କୁ ନିଜର ସନ୍ତାନମାନଙ୍କର ବିବାହ କିମ୍ବା ଉଚ୍ଚଶିକ୍ଷା ଦେବା ନିମନ୍ତେ ଅଧିକ ପରିମାଣର ଧନର ଆବଶ୍ୟକତା ହୋଇଥାଏ । ଜୀବନ ବୀମା ଏପରି ଏକ ଚୁକ୍ତି ଅଟେ, ଯାହାକି ବ୍ୟକ୍ତିକୁ ଏହିସବୁ ପରିସ୍ଥିତିରେ ସୁରକ୍ଷା ପ୍ରଦାନ କରିଥାଏ । ଏହା ଏପରି ଏକ ଚୁକ୍ତିନାମା ଅଟେ ଯେଉଁଥିରେ ବୀମାକାରୀ ଏକ ନିଶ୍ଚିତ ପ୍ରିମିୟମ ବଦଳରେ ବୀମିତଙ୍କ ମୃତ୍ୟୁ ଅଥବା ଏକ ନିଶ୍ଚିତ ଅବଧି ସମ୍ପୂର୍ଣ୍ଣ ହେବାପରେ ଏକ ନିଶ୍ଚିତ ପରିମାଣର ସମ୍ପୂର୍ଣ୍ଣ ରାଶି ଅଥବା କିସ୍ତି ମାଧ୍ୟମରେ ରାଶିର ଦେୟ ନିଶ୍ଚିତ କରିଥାନ୍ତି । ଯେହେତୁ ବୀମିତ ବିପଦର ସମ୍ମୁଖୀନ ହେବା ସୁନିଶ୍ଚିତ ଏବଂ ବୀମାରାଶି ଶୀଘ୍ର ବା ବିଳମ୍ବରେ ହେଲେ ବି ପ୍ରଦାନ କରିବାକୁ ପଡ଼ିବ, ତେଣୁ ଜୀବନ ବୀମା ଅନୁବନ୍ଧନକୁ 'ଜୀବନର ଆଶ୍ୱାସନା' (Life Assurance) ମଧ୍ୟ କହନ୍ତି ।

ଜୀବନ ବୀମା ଜୀବନର ଅନିଶ୍ଚିତତାର ସୁରକ୍ଷା ପ୍ରଦାନ ନିମନ୍ତେ ଆରମ୍ଭ କରାଯାଇଥିଲା । କିନ୍ତୁ ଧୀରେ ଧୀରେ ଏହାର କ୍ଷେତ୍ରକୁ ସ୍ୱାସ୍ଥ୍ୟ ବୀମା, ଭିନ୍ନକ୍ଷମତା ବୀମା, ପେସନ ଯୋଜନା ବୀମା ଆଦି ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା । ମୁଖ୍ୟତଃ ଜୀବନ ବୀମା ପଲିସି ଦୁଇ ପ୍ରକାରର ହୋଇଥାଏ । (କ) ଆଜୀବନ ବୀମା ପଲିସି, (ଖ) ବନ୍ଦୋବସ୍ତୀ ବୀମା ପଲିସି । ଆଜୀବନ ବୀମା ପଲିସିରେ ପ୍ରିମିୟମ ରାଶିକୁ ବୀମିତଙ୍କର ଆଜୀବନ କିମ୍ବା ଏକ ନିଶ୍ଚିତ ଅବଧି ପର୍ଯ୍ୟନ୍ତ ନିୟମିତ ରୂପରେ ଦେବାକୁ ହୋଇଥାଏ । ବୀମାରାଶି ବୀମିତଙ୍କର ଉତ୍ତରାଧିକାରୀଙ୍କୁ ତାଙ୍କର ମୃତ୍ୟୁ ପରେ ଦିଆଯାଇଥାଏ । ଏହି ପଲିସି ଏହିପରି ବ୍ୟକ୍ତିଙ୍କ ଦ୍ୱାରା ହୋଇଥାଏ ଯେଉଁମାନେ କି ନିଜର ମୃତ୍ୟୁ ପରେ ନିଜର ଆଶ୍ରିତ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତାର ସୁବିଧା ଦେବାକୁ ଚାହିଁଥାନ୍ତି । ଅନ୍ୟ ପକ୍ଷରେ ବନ୍ଦୋବସ୍ତୀ ବୀମା ପଲିସି ଏକ ନିଶ୍ଚିତ ଅବଧି ପର୍ଯ୍ୟନ୍ତ ହୋଇଥାଏ, ଅର୍ଥାତ୍ ବୀମିତ ଏକ ନିଶ୍ଚିତ ଆୟୁ ପ୍ରାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ସେହି ବୟସ ପୂର୍ବରୁ ତାଙ୍କର ମୃତ୍ୟୁ ହେଲେ ବୀମା କମ୍ପାନୀ ଦ୍ୱାରା ବୀମା ରାଶି ଦିଆଯାଇଥାଏ ।

ଉପରୋକ୍ତ ପଲିସିଗୁଡ଼ିକ ବ୍ୟତୀତ ବୀମା କମ୍ପାନୀମାନେ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ଅନ୍ୟ କେତେକ ପ୍ରକାର ପଲିସି ମଧ୍ୟ କରିଥାନ୍ତି । ଆସ ସେଗୁଡ଼ିକ ମଧ୍ୟରୁ କେତେକ ପଲିସି ସମ୍ବନ୍ଧରେ ସଂକ୍ଷେପରେ ଜାଣିବା ।

(୧) **ସଂଯୁକ୍ତ ଜୀବନ ବୀମା ପଲିସି:** ଏହି ପଲିସି ଦୁଇ ବା ତା'ଠାରୁ ଅଧିକ ବ୍ୟକ୍ତିଙ୍କର ଜୀବନକୁ ସଂଯୁକ୍ତ କରି ବୀମିତ କରାଯାଇଥାଏ । ଏହାଦ୍ୱାରା କୌଣସି ଜଣେ ବ୍ୟକ୍ତିର ମୃତ୍ୟୁ ନିମନ୍ତେ ଜୀବିତ ଥିବା ଅନ୍ୟ ବ୍ୟକ୍ତି/ବ୍ୟକ୍ତିମାନଙ୍କୁ ବୀମା ରାଶି ଦିଆଯାଇଥାଏ । ସାଧାରଣତଃ ଏହି ପଲିସି ପତିପତ୍ନୀଙ୍କ ଜୀବନ ଉପରେ କିମ୍ବା ଭାଗୀଦାରଙ୍କର ଜୀବନ ଉପରେ କରାଯାଇଥାଏ ।

(୨) **ଧନଫେରସ୍ତ (Money Back) ପଲିସି :** ଏହି ଯୋଜନା ଦ୍ୱାରା ପଲିସିଧାରକମାନଙ୍କୁ କିଛି କିଛି ସମୟ ଅନ୍ତରାଳରେ ପ୍ରାପ୍ୟ ପରିଶୋଧ କରାଯାଇଥାଏ । ଏହା ସାଧାରଣ ସ୍ଥାୟୀ ନିଧି ବୀମା ପଲିସିଠାରୁ ଭିନ୍ନ ଅଟେ ଯେଉଁଥିରେ ଜୀବିତ ରହିଥିବା ବ୍ୟକ୍ତିଙ୍କୁ ତାଙ୍କର ନିଶ୍ଚିତ ଆୟୁ ପ୍ରାପ୍ତ ହେବା ପରେ ଏକାଥରକେ ସମ୍ପୂର୍ଣ୍ଣ ରାଶି ମିଳିଥାଏ । ଉଦାହରଣ ସ୍ୱରୂପ ଯଦି ଧନଫେରସ୍ତ ପଲିସି ୨୦ ବର୍ଷ ପାଇଁ କରାଯାଇଥାଏ ତେବେ ବୀମିତ ରାଶିର ୨୦ ପ୍ରତିଶତ ପ୍ରତି ପାଞ୍ଚବର୍ଷ, ୧୦ବର୍ଷ, ୧୫ବର୍ଷ ଏବଂ ଶେଷ ୪୦ ପ୍ରତିଶତ ବୋନସ୍ ସହିତ ୨୦ ବର୍ଷ ପୂରଣ ପରେ ଦିଆଯାଇଥାଏ ।

(୩) **ପେନ୍‌ସନ ଯୋଜନା :** ଏହି ଯୋଜନା ଦ୍ୱାରା ଅବଧି ଶେଷ ହେବାପରେ ଜୀବିତ ରହିଥିବା ପଲିସିଧାରକଙ୍କୁ ପଲିସିର ରାଶିକୁ ଦିଆଯାଇଥାଏ । ବୀମିତରାଶି ଅଥବା ପଲିସି ରାଶି ବା ଦେୟ ଯେପରିକି - ମାସିକ, ଷାଣ୍ମାସିକ କିମ୍ବା ବାର୍ଷିକ କିସ୍ତି ଅନୁସାରେ କରାଯାଇଥାଏ । ଏହା ସେହି ଲୋକମାନଙ୍କ ପାଇଁ ଅଟେ ଯେଉଁମାନେ ଗୋଟିଏ ନିଶ୍ଚିତ ଆୟୁ ପରେ ନିୟମିତ ଆୟ ଚାହାନ୍ତି ।

(୪) **ୟୁନିଟ୍ ଯୋଜନା :** ଏହି ଯୋଜନା ଫଳରେ ଦୁଇପ୍ରକାର ଲାଭ ଅର୍ଥାତ୍ ନିବେଶ ଏବଂ ବୀମା ଦୁଇଟି ଯାକ ଲାଭ ମିଳିଥାଏ । ପଲିସିଧାରକ ଦ୍ୱାରା ଯେଉଁ ପ୍ରିମିୟମ ରାଶି ଦେୟ କରାଯାଇଥାଏ ତାହାକୁ ବିଭିନ୍ନ କମ୍ପାନୀର ଅଂଶ ଏବଂ ଋଣପତ୍ରଗୁଡ଼ିକୁ କିଣିବାରେ ଖର୍ଚ୍ଚ କରାଯାଏ । ପରିପକ୍ୱତା ରାଶି ମୁଖ୍ୟତଃ ନିବେଶ ବଜାରର ମୂଲ୍ୟ ଉପରେ ନିର୍ଭର କରିଥାଏ ।

(୫) **ସାମୁହିକ ବୀମା:** ସାମୁହିକ ବୀମା ଯୋଜନାଦ୍ୱାରା ଅନେକ ଲୋକଙ୍କର ସମୂହ ଜୀବନ ବୀମା

କମ୍ ଲଗାଣ ଦ୍ୱାରା କରାଯାଇଥାଏ । ଏହି ଯୋଜନା କୌଣସି ବ୍ୟାବସାୟିକ ସଂସ୍ଥା ଅଥବା କାର୍ଯ୍ୟାଳୟର କର୍ମଚାରୀମାନଙ୍କ ନିମନ୍ତେ ଉପଯୋଗୀ ଅଟେ ।

(ଖ) **ଅଗ୍ନିବୀମା:** ଅଗ୍ନିବୀମା ଏପରି ଏକ ଅନୁବନ୍ଧନ ଅଟେ ଯେଉଁଥିରେ ବୀମାକାର ପ୍ରିମିୟମ ବଦଳରେ ଅଗ୍ନି ଦ୍ୱାରା ହେଉଥିବା କ୍ଷତି ଅଥବା କ୍ଷତିପୂରଣର ବଚନ ଦେଇଥାନ୍ତି । ଏଥିରେ ପ୍ରିମିୟମ ଗୋଟିଏ ଥରରେ ଦିଆଯାଇଥାଏ । ଅଗ୍ନିବୀମା ଅନୁବନ୍ଧନ ସାଧାରଣତଃ ଗୋଟିଏ ବର୍ଷ ପାଇଁ କରାଯାଇଥାଏ । ଏକବର୍ଷ ପୁରାହୋଇଗଲେ ଏହା ସ୍ୱୟଂ ସମାପ୍ତ ହୋଇଯାଏ । ଏଥିରେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ପ୍ରିମିୟମ ପୈଠକରି ପଲିସିର ନବୀକରଣ କରାଯାଇଥାଏ ।

ଅଗ୍ନି ଦ୍ୱାରା ହୋଇଥିବା କ୍ଷତିର ପରିଶୋଧ ଦୁଇଟି ସର୍ତ୍ତ ଆଧାରରେ ପୂରଣ କରାଯାଇଥାଏ (୧) ନିଆଁ ବାସ୍ତବରେ ଲାଗିଥିବ (୨) ନିଆଁ ଦୁର୍ଘଟଣାଜନିତ ହୋଇଥିବ ଅର୍ଥାତ୍ ଜାଣିଶୁଣି ବା ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯାଇନଥିବ । ନିଆଁ ଲାଗିବାର କାରଣ ସେତେ ମହତ୍ତ୍ୱପୂର୍ଣ୍ଣ ନୁହେଁ । ଅଗ୍ନିବୀମା ଅନୁବନ୍ଧ କ୍ଷତିପୂରଣର ଅନୁବନ୍ଧ ଅଟେ ଅର୍ଥାତ୍ ବୀମିତ, ଅଗ୍ନିଦ୍ୱାରା ହୋଇଥିବା କ୍ଷତି କିମ୍ବା ପଲିସି ରାଶି ମଧ୍ୟରୁ ଯେଉଁଟି କମ୍, ତା' ଠାରେ ଅଧିକ ରାଶିପାଇଁ ଦାବି କରି ପାରିବେ ନାହିଁ । ଅଗ୍ନିଦ୍ୱାରା କ୍ଷତି ଅଥବା କ୍ଷତିକୁ କମ କରିବା ପାଇଁ କରାଯାଇଥିବା ଚେଷ୍ଟା ଏବଂ କ୍ଷତି ଏହାମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

(ଗ) **ସାମୁଦ୍ରିକ ବୀମା :** ସାମୁଦ୍ରିକ ବୀମା ଏପରି ଏକ ବୁଝାମଣା ଯାହା ବୀମାକମ୍ପାନୀ ଜାହାଜ କିମ୍ବା ଜାହାଜୀମାଲର ସମୁଦ୍ରରେ ଯାତ୍ରା ସମୟରେ ହେଉଥିବା ବିପଦଜନିତ କ୍ଷତି ପୂରଣର ଆଶ୍ୱାସନା ଦେଇଥାଏ । ସମୁଦ୍ର ଯାତ୍ରା ସମୟରେ ଜାହାଜକୁ ବିଭିନ୍ନ ପ୍ରକାର ବିପଦର ଆଶଙ୍କା ରହିଥାଏ, ଯେପରି ଅନ୍ୟକୌଣସି ଜାହାଜ ସହିତ ଧକ୍କା ହେବା, ସମୁଦ୍ର ଚଟାଣରେ ଧକ୍କା ହେବା, ସାମୁଦ୍ରିକ ଝଡ଼ ଆଦି । ଏହିସବୁ ପରିସ୍ଥିତିରେ ହେଉଥିବା କ୍ଷତିକୁ ତିନୋଟି ବର୍ଗରେ ବଣ୍ଟା ଯାଇଅଛି । (୧) ଜାହାଜର ହାନି, (୨) ଜାହାଜର ମାଲ୍‌ର ହାନି, (୩) ମାଲ୍ ଭଡ଼ାର ହାନି । ମାଲ୍ ହାନି ନିମନ୍ତେ ହେଉଥିବା ସାମୁଦ୍ରିକ ବୀମାକୁ ମାଲ୍ (Cargo) ବୀମା କହନ୍ତି । ଜାହାଜର ମାଲିକ ଯେତେବେଳେ ସାମୁଦ୍ରିକ ବିପଦ ନିମନ୍ତେ ବୀମା କରନ୍ତି ତାହାକୁ ଜାହାଜୀବୀମା କିମ୍ବା ହଲ୍‌ବୀମା କହନ୍ତି । ସାଧାରଣତଃ ମାଲର ମାଲିକ ମାଲଭଡ଼ାକୁ ତାର ଗନ୍ତବ୍ୟ ବନ୍ଦରଠାରେ ପୈଠ କରିଥାନ୍ତି । ଏଥିପାଇଁ ଜାହାଜ କମ୍ପାନୀ ଭଡ଼ାର କ୍ଷତି ନିମନ୍ତେ ବୀମା କରିଥାନ୍ତି । ଏହାକୁ ଭଡ଼ାବୀମା କହନ୍ତି ।

(ଘ) **ଅନ୍ୟ ପ୍ରକାର ବୀମା :** ଜୀବନବୀମା, ଅଗ୍ନିବୀମା, ସାମୁଦ୍ରିକ ବୀମା ଅତିରିକ୍ତ ସାଧାରଣବୀମା କମ୍ପାନୀମାନେ ବିଭିନ୍ନ ପଲିସି ମାଧ୍ୟମରେ ଅନ୍ୟ କେତେକ ବିପଦର ବୀମା କରିଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ବିପଦ ତଥା ବିଭିନ୍ନ ପଲିସି ବିଷୟ ନିମ୍ନରେ ଦିଆଗଲା ।

(୧) **ମୋଟରଗାଡ଼ିରବୀମା :** ଯାତ୍ରୀ କାର୍, ଭ୍ୟାନ୍, ମୋଟସାଇକେଲ, ସ୍କୁଟର ଆଦିର ବୀମା, ଦୁର୍ଘଟଣାରେ ଗାଡ଼ି ଓ ଚାଳକର ହେଉଥିବା କ୍ଷତି, ଚୋରିଦ୍ୱାରା ହେଉଥିବା କ୍ଷତି, ତଥା ଦୁର୍ଘଟଣା ଫଳରେ ତୃତୀୟ ପକ୍ଷର ଯେଉଁ କ୍ଷତି ହୋଇଥାଏ ଅଥବା ମୃତ୍ୟୁ ଫଳରେ ଉତ୍ପନ୍ନ ହେଉଥିବା କ୍ଷତି ଜବାବରେ ବୀମା ହୋଇଥାଏ । ବାସ୍ତବରେ ଗାଡ଼ିର ତୃତୀୟ ପକ୍ଷ ସମ୍ବନ୍ଧୀୟ ବୀମା ଅନିବାର୍ଯ୍ୟ ଅଟେ ।

(୨) **ସ୍ୱାସ୍ଥ୍ୟ ବୀମା:** ଏହା ପଲିସିଧାରୀଙ୍କର ବେମାରୀ ଅଥବା ଦୁର୍ଘଟଣା ଜନିତ ଚିକିତ୍ସା ଖର୍ଚ୍ଚର ସୁରକ୍ଷା ପ୍ରଦାନ କରିଥାଏ, ଏହାକୁ ସ୍ୱାସ୍ଥ୍ୟବୀମା ବା ମେଡିକ୍ଲେମ୍ ବୀମା କହନ୍ତି । ଆଜିକାଲି ଏହା ସର୍ବାଧିକ ଲୋକପ୍ରିୟ ବୀମା ଅଟେ ।

(୩) **ଫସଲ ବୀମା :** ଏହା ମରୁଡ଼ି, ଅଥବା ବନ୍ୟା କାରଣରୁ କୃଷକଙ୍କୁ ହେଉଥିବା କ୍ଷତିରୁ ସୁରକ୍ଷା ପ୍ରଦାନ କରିଥାଏ ।

(୪) **ମୁଦ୍ରାବୀମା :** ଏହା ବ୍ୟାଙ୍କ ଏବଂ ବ୍ୟାବସାୟିକ ସଂସ୍ଥାର ନଗଦମୁଦ୍ରାର ସ୍ଥାନାନ୍ତର ସମୟରେ ରାସ୍ତାରେ ଚୋରି କିମ୍ବା ଅନ୍ୟ କାରଣରୁ ହେଉଥିବା କ୍ଷତି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାଏ ।

(୫) **ପଶୁବୀମା:** ଏହା ଗାଇ, ମଇଁଷି, ବଳଦ ଆଦିଙ୍କର ଦୁର୍ଘଟଣାବଶତଃ କିମ୍ବା ବେମାରୀ ଦ୍ୱାରା ମୃତ୍ୟୁ ଫଳରେ ହେଉଥିବା କ୍ଷତିର ବୀମା ଅଟେ ।

(୬) **ରାଜେଶ୍ୱରୀ ମହିଳା କଲ୍ୟାଣ ବୀମା ଯୋଜନା :** ଏହି ଯୋଜନା ମହିଳାଙ୍କର ମୃତ୍ୟୁ ଅଥବା ସେମାନେ ଭିନ୍ନକ୍ଷମ ହୋଇଯିବା ଫଳରେ ତାଙ୍କ ପରିବାର ସଦସ୍ୟଙ୍କୁ ସହାୟତା ପହଁଚାଇ ଥାଏ ।

(୭) **ଅମର୍ତ୍ୟ ଶିକ୍ଷା ଯୋଜନା ବୀମା ପଲିସି:** ଏହା ଆଶ୍ରିତ ସନ୍ତାନଙ୍କର ଶିକ୍ଷା ନିମନ୍ତେ ପଲିସି ହୋଇଥାଏ । ଯଦି କୌଣସି ବୀମିତ ବ୍ୟକ୍ତିଙ୍କୁ କୌଣସି ଶାରୀରିକ କଷ୍ଟ ହୁଏ ଯାହାଦ୍ୱାରା ତାର ମୃତ୍ୟୁ ହୋଇଯାଏ ଅଥବା ସବୁଦିନ ପାଇଁ ବିକଳାଙ୍ଗ ହୋଇଯାନ୍ତି ତେବେ ବୀମା କମ୍ପାନୀ ସେ ବୀମିତ ଅଭିଭାବକଙ୍କର ଆଶ୍ରିତ ସନ୍ତାନମାନଙ୍କର ପାଠପଢ଼ା ଖର୍ଚ୍ଚ ବହନକରିଥାଏ ।

(୮) **ଚୋରିଦ୍ୱାରା ହେଉଥିବା କ୍ଷତି :** ଏହି ପ୍ରକାର ବୀମା ଦ୍ୱାରା ବୀମା କମ୍ପାନୀ ବୀମିତ ବ୍ୟକ୍ତିଙ୍କର ଚୋରିଦ୍ୱାରା ହେଉଥିବା କ୍ଷତି ପୂରଣର ପ୍ରତିଶ୍ରୁତି ଦେଇଥାଏ । ଚୋରି କିମ୍ବା ଡକାୟତି ସମ୍ବନ୍ଧୀୟ ହାନି ଅର୍ଥ ଚଳନ୍ତି ସମ୍ପତ୍ତିର ଲୁଟପାଟ, ଚୋରୀ ଆଦି କାରଣ ହୋଇଥାଏ ।

(୯) **ବିଶ୍ୱସନୀୟତା ବୀମା:** କର୍ମଚାରୀମାନଙ୍କଦ୍ୱାରା ନଗଦମୁଦ୍ରାର ଠକେଇ କିମ୍ବା ବସ୍ତୁଗୁଡ଼ିକର ଦୃରୁପଯୋଗରୁ ହେଉଥିବା କ୍ଷତିର ଭରଣା ନିମନ୍ତେ ବ୍ୟବସାୟୀ ସେହି ସବୁ କର୍ମଚାରୀ ଯିଏକି ନଗଦ ମୁଦ୍ରାକୁ ସମ୍ଭାଳି ଥାଆନ୍ତି କିମ୍ବା ଭଣ୍ଡାର ଜଗୁଆଳିର ଧୋକାବାଜି କିମ୍ବା ବେଇମାନୀ ଦ୍ୱାରା ହେଉଥିବା କ୍ଷତିର କଷ୍ଟ ବିରୁଦ୍ଧରେ ବୀମା କରିଥାଏ । ଏହାକୁ ବିଶ୍ୱସନୀୟତା ବା ବିଶ୍ୱସ୍ତତା ବୀମା କହନ୍ତି ।

ପାଠଗତ ପ୍ରଶ୍ନାବଳୀ ୨(ଗ)

୧) ସାମୁଦ୍ରିକ ବୀମା ବିଭିନ୍ନ ପ୍ରକାର ନାମ ଲେଖ

୨) ନିମ୍ନଲିଖିତ ମାମଲାର ବୀମା ପଲିସି ଚିହ୍ନଟ କର

କ) ପତିପତ୍ନୀ ଦ୍ୱାରା ସଂଯୁକ୍ତରେ ହୋଇଥିବା ବୀମା ପଲିସି

ଖ) ପଲିସିର ପରିପକ୍ୱତା ପୂର୍ବରୁ ପଲିସିଧାରୀଙ୍କୁ ନିୟମିତ ଦେୟ

ଗ) ଫସଲ ଖରାପ ହେବା ଦ୍ୱାରା ହେଉଥିବା କ୍ଷତିର ସୁରକ୍ଷା

ଘ) ପଲିସି ଯାହା ପଲିସିଧାରୀଙ୍କର ଆଶ୍ରିତ ସନ୍ତାନମାନଙ୍କର ଶିକ୍ଷା ନିମନ୍ତେ ଖର୍ଚ୍ଚ ବହନ କରେ ।

ଙ) କର୍ମଚାରୀମାନଙ୍କଦ୍ୱାରା ବସ୍ତୁର ଅପହରଣ/ଦୂରୁପଯୋଗର ସୁରକ୍ଷା ।

ଟିପ୍ପଣୀ

୨.୩.୪. ବୀମାର ସିଦ୍ଧାନ୍ତ:

ବୀମା ଅନୁବନ୍ଧର ବୈଧତା କେତେକ ସ୍ଥାପିତ ସିଦ୍ଧାନ୍ତ ଉପରେ ନିର୍ଭର କରିଥାଏ ଯାହାକି ସବୁ ପ୍ରକାର ବୀମା ପାଇଁ ଲାଗୁ ହୋଇଥାଏ । ତଳେ ଏହି ସିଦ୍ଧାନ୍ତର ବର୍ଣ୍ଣନା କରାଯାଇଛି ।

(କ) **ପୂର୍ଣ୍ଣ ସଦ୍‌ବିଶ୍ୱାସର ସିଦ୍ଧାନ୍ତ:** ବୀମା ଅନୁବନ୍ଧନ ପରସ୍ପରର ବିଶ୍ୱାସର ଅନୁବନ୍ଧନ ଅଟେ । ବୀମାକାର ଏବଂ ବୀମିତ ଦୁଇ ପକ୍ଷ ବିଷୟବସ୍ତୁ ସମ୍ବନ୍ଧିତ ସମସ୍ତ ସୂଚନା ଜାଣିବା ଜରୁରୀ । ଉଦାହରଣ ସ୍ୱରୂପ ଜୀବନ ବୀମାର ପ୍ରସ୍ତାବକ (ଯିଏ ବୀମା କରିବାକୁ ଚାହେଁ) ନିଜର ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟକ୍ତିଗତ ଇତିହାସ, ପାରିବାରିକ ଇତିହାସ ଆଦିର ସୂଚନା ସଠିକ୍ ଭାବରେ ଦେବା ଉଚିତ । ଯଦି ମହତ୍ତ୍ୱପୂର୍ଣ୍ଣ ତଥ୍ୟକୁ ଲୁଚାଇ ରଖାଯାଏ ତେବେ ଅନୁବନ୍ଧ ବୈଧ ହେବନାହିଁ, କାରଣ ବୀମାର ବିଷୟବସ୍ତୁ ସହିତ ସମ୍ବନ୍ଧିତ ତଥ୍ୟର ଆଧାର ଉପରେ ହୋଇଥିବା ବିପଦର ମୂଲ୍ୟାୟନ କରାଯାଇଥାଏ ।

(ଖ) **ବୀମୋଚିତ ସ୍ୱାର୍ଥର ସମ୍ବନ୍ଧ:** ଏହି ସିଦ୍ଧାନ୍ତ ଅନୁସାରେ ବୀମାର ବିଷୟବସ୍ତୁରେ ବୀମିତଙ୍କ ବୀମୋଚିତ ଲାଭ ଥିବା ଦରକାର । ବୀମା-ଯୋଗ୍ୟ ହିତର ଅର୍ଥ ହେଉଛି ବୀମାର ବିଷୟବସ୍ତୁରେ ଆର୍ଥିକ ଅଥବା ଲାଭ ପ୍ରାପ୍ତିର ସ୍ୱାର୍ଥ ରହିବା । କୌଣସି ବ୍ୟକ୍ତି କୌଣସି ସମ୍ପତ୍ତି ଅଥବା କାହାର ଜୀବନର ବୀମା ଯୋଗ୍ୟ ହିତ ସେତେବେଳେ ମିଳିଥାଏ ଯଦି ତାହାକୁ ଚାଲୁ ରଖିବା ଦ୍ୱାରା ଲାଭ ପ୍ରାପ୍ତ ହୋଇଥାଏ । ଉଦାହରଣସ୍ୱରୂପ ଜଣେ ବ୍ୟକ୍ତି ନିଜର ଜୀବନ ଓ ପତ୍ନୀଙ୍କ ଜୀବନର ବିମୋଚିତ ସ୍ୱାର୍ଥ ପାଇବା ଏବଂ ସେହି ପ୍ରକାର ସୂଚୀ ତା' ଜୀବନ ଓ ସ୍ୱାମୀର ବିମୋଚିତ ସ୍ୱାର୍ଥ ପାଇବାର ସୁଯୋଗ ପାଇଥାଏ । ଯେଉଁଠି ସମ୍ପତ୍ତିର ପ୍ରଶ୍ନ ଆସେ ସେଠାରେ ସ୍ୱାମୀର ବୀମା-ଯୋଗ୍ୟ ହିତ ହୋଇଥାଏ । ସମ୍ପତ୍ତିର ମାଲିକ ନିଜର ଘର ତିଆରି କରିବା ପାଇଁ ଗୃହ ବିତ୍ତ କମ୍ପାନୀଠାରୁ ଋଣ ନେଇଥାଏ । ସେହି ବିତ୍ତ କମ୍ପାନୀର ସେହି ଘର ଉପରେ ବୀମା-ଯୋଗ୍ୟ ହିତ ହୋଇଥାଏ, ତେଣୁ ସେ ତା'ର ବୀମା କରାଇପାରନ୍ତି । ଜୀବନ ବୀମାରେ ପଲିସି ନେବା ସମୟ, ସାମୂହିକ ବୀମାରରେ ସମ୍ପତ୍ତିକୁ କ୍ଷତି ପହଞ୍ଚାଇବା ଅଥବା ତାହାର ନଷ୍ଟ ହେବା ସମୟ, ତଥା ଅଗ୍ନି ବୀମାରେ ପଲିସି କରିବା ସମୟ ଏବଂ ସମ୍ପତ୍ତିର କ୍ଷତି ହେବା କିମ୍ବା ହାନି ହେବା ଦୁହିଁଙ୍କ ସମୟ ବୀମା-ଯୋଗ୍ୟ ହିତ ହେବା ଆବଶ୍ୟକତାକୁ ଧ୍ୟାନ ଦିଆଯାଇଥାଏ ।

(ଗ) **କ୍ଷତିପୂରଣ ସିଦ୍ଧାନ୍ତ:** କ୍ଷତି ପୂରଣର ଅର୍ଥ ହେଉଛି କୌଣସି ବ୍ୟକ୍ତିଙ୍କୁ ତାଙ୍କର ବାସ୍ତବିକ୍ କ୍ଷତି ଭରଣା କରିବା ଅଥବା ସେ ବୀମା କରିବା ଦ୍ୱାରା ପୂର୍ବରୁ ଥିବା ଅବସ୍ଥା ଫେରି ପାଇବା । ଏହି ସିଦ୍ଧାନ୍ତ ସାମୂହିକ ବୀମା, ଅଗ୍ନି ବୀମା ଏବଂ ସାଧାରଣ ବୀମା ନିମନ୍ତେ ସାହାଯ୍ୟ କରିଥାଏ । ଏହା ଜୀବନ ବୀମା ନିମନ୍ତେ ଲାଗୁ ହୋଇନଥାଏ କାରଣ ଜୀବନର କ୍ଷତି ଅର୍ଥାତ୍ ମୃତ୍ୟୁ ହେବାର କ୍ଷତିପୂରଣ ଅସମ୍ଭବ ଅଟେ ।

କ୍ଷତିପୂରଣ ସିଦ୍ଧାନ୍ତର ଅଭିପ୍ରାୟ ଏହା ଯେ ବୀମିତଙ୍କୁ ବୀମାର ଘଟଣା ଦ୍ୱାରା ହୋଇଥିବା କ୍ଷତି ଉପରେ ବୀମା ଚୁକ୍ତିନାମା ଅନୁଯାୟୀ କୌଣସି ଲାଭର ସୁଯୋଗ ଦିଆଯାଏ ନାହିଁ । କ୍ଷତିପୂରଣର ଦେୟ ବାସ୍ତବିକ୍ ହାନି ଅଥବା ବୀମା ରାଶି ଯେଉଁଟା କମ୍ ଥାଏ ସେହି ଅନୁସାରେ ଦିଆଯାଇଥାଏ । ଏହାର ଏକ ଉଦାହରଣ ଦେଖିବା । ମନେକର ଜଣେ ବ୍ୟକ୍ତି ତାଙ୍କର ଗୃହକୁ ୨୦ ଲକ୍ଷ ଟଙ୍କାରେ ବୀମା କରିଥିଲେ । ଅଗ୍ନି ଦ୍ୱାରା ହୋଇଥିବା କ୍ଷତିର ମରାମତି ନିମନ୍ତେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ

ପଡ଼ିଲା । ସେବେ ସେ ବୀମାକାରୀଙ୍କଠାରୁ କେବଳ ୫ ଲକ୍ଷ ଟଙ୍କା ଦାବି କରିପାରିବେ, ବୀମାର ସମସ୍ତ ରାଶି ଦାବି କରିପାରିବେ ନାହିଁ ।

(ଘ) **ଯୋଗଦାନର ସିଦ୍ଧାନ୍ତ:** କୌଣସି ବିଷୟବସ୍ତୁର ବୀମା ଏକରୁ ଅଧିକ ବୀମାକାରୀଙ୍କ ଠାରେ କରାଯାଇ ପାରିବ । ଏପରି ପରିସ୍ଥିତିରେ ବୀମିତଙ୍କର ବୀମା ଦାବିକୁ ବୀମାକାରୀମାନେ ଭାଗିଦାରୀ ଅନୁପାତରେ ଯୋଗଦାନ କରିଥାନ୍ତି । ଯଦି କୌଣସି ଏକ ବୀମାକାରୀ ବୀମିତକୁ ତା'ର ପୁରା କ୍ଷତି ଭରଣା କରିଥାଏ ତେବେ ସେ ଅନ୍ୟ ବୀମାକାରୀଙ୍କଠାରୁ ଏହି କ୍ଷତିର ଆନୁପାତିକ ଭାଗିଦାରୀ ନିମନ୍ତେ ଦାବି କରିପାରେ । ମନେରଖିବାକୁ ହେବ ଯେ କୌଣସି ପଲିସି କରିବା ଦ୍ୱାରା ବୀମିତ କୌଣସି ବୀମାକାରୀଠାରୁ କ୍ଷତିପୂରଣର ଦାବି କରିପାରିବ, କିନ୍ତୁ ଏହାର ସର୍ତ୍ତ ହେଉଛି ବୀମିତ ସମସ୍ତ ବୀମାକାରୀଙ୍କଠାରୁ ମିଶାଇ କ୍ଷତି ହୋଇଥିବା ବାସ୍ତବିକ୍ ହାନିଠାରୁ ଅଧିକ ରାଶି ଆଦାୟ କରିପାରିବ ନାହିଁ ।

(ଙ) **ପ୍ରତିସ୍ଥାପନାର ସିଦ୍ଧାନ୍ତ:** ଏହି ସିଦ୍ଧାନ୍ତ ଅନୁସାରେ ଯଦି ବୀମିତଙ୍କର ଦାବିକୁ ସ୍ଥିର କରିଦିଆଯାଏ ତେବେ ବୀମାର ବିଷୟବସ୍ତୁର ମାଲିକାନା ବୀମାକାରୀଙ୍କୁ ପ୍ରାପ୍ତ ହୋଇଥାଏ । ଯଦି କ୍ଷତିଗ୍ରସ୍ତ ସମ୍ପତ୍ତିର କୌଣସି ମୂଲ୍ୟ ଥାଏ ତେବେ ସେହି ସମ୍ପତ୍ତି ବୀମାକାରୀଙ୍କୁ ମିଳିଥାଏ । ନଚେତ୍ ବୀମିତ ବାସ୍ତବିକ୍ କ୍ଷତିଠାରୁ ଅଧିକ ଆଦାୟ କରିନେବା ଦ୍ୱାରା କ୍ଷତିପୂରଣ ସିଦ୍ଧାନ୍ତର ବିରୁଦ୍ଧାଚରଣ ହୋଇଥାଏ । ସେଥିପାଇଁ ୧,୦୦,୦୦୦ ଟଙ୍କା ମୂଲ୍ୟର ମାଲ ଦୁର୍ଘଟଣାରେ କ୍ଷତି ହେଲେ ବୀମା କମ୍ପାନୀ ବୀମିତଙ୍କର ପୁରା କ୍ଷତି ପୂରଣ କରିଥାଏ । ତେଣୁ ବୀମାକମ୍ପାନୀ ସେହି କ୍ଷତିଗ୍ରସ୍ତ ମାଲ୍‌କୁ ନିଜ ଅଧିକାରକୁ ନେଇଥାଏ ଏବଂ ତାଙ୍କର ସେହି କ୍ଷତିଗ୍ରସ୍ତ ମାଲ୍‌କୁ ବିକ୍ରି କରିବାର ପୁରା ଅଧିକାର ପାଇଥାଏ ।

(ଚ) **କ୍ଷତି କମ୍ କରିବାର ସିଦ୍ଧାନ୍ତ:** ଦୁର୍ଘଟଣା ଜନିତ କ୍ଷତିରେ ବୀମିତର ବୀମା ବିଷୟବସ୍ତୁର ହାନି ଅଥବା କ୍ଷତି କମ୍ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବା ଦରକାର । ଏହି ସିଦ୍ଧାନ୍ତ ଦ୍ୱାରା ନିଶ୍ଚିତ ହୋଇଥାଏ ଯେ ବୀମିତ ବୀମା ପଲିସି ନେଇକରି ମଧ ବୀମା ହୋଇଥିବା ବସ୍ତୁ ପ୍ରତି ସାବଧାନ ରହିବେ । ବୀମିତକୁ ଏହି ପ୍ରକାର ବ୍ୟବହାର କରିବା ଦରକାର ଯେପରିକି ବିଷୟବସ୍ତୁ ବୀମା ହୋଇନାହିଁ । ଯଦି ସମ୍ପତ୍ତିର ସୁରକ୍ଷା ନିମନ୍ତେ ଉଚିତ୍ ପଦକ୍ଷେପ ନିଆ ନଯାଏ ତେବେ ବୀମା କମ୍ପାନୀ ପୁରା ସହାନୁଭୂତି ନେଇ ନଥାଏ । ଉଦାହରଣ ସ୍ୱରୂପ ମନେକର ଗୋଟିଏ ଗୃହର ଅଗ୍ନିବୀମା ହୋଇଅଛି ଏବଂ ସେହି ଗୃହରେ ନିଆଁ ଲାଗିଗଲା ତେବେ ମାଲିକ ହାନିକୁ କମ୍ କରିବା ନିମନ୍ତେ ସମସ୍ତ ପଦକ୍ଷେପ ନେବା ଦରକାର । ସେହିପରି ଯେତେବେଳେ ଚୋରି ନିମନ୍ତେ ବୀମା କରାଯାଏ, ତେବେ ଗୃହ ମାଲିକ ଗୃହର ସୁରକ୍ଷା ନିମନ୍ତେ ସାବଧାନ ରହି ଚୋରି ରୋକିବାର ସମସ୍ତ ଉପାୟ କରିବା ଦରକାର ।

(ଛ) **ହାନିର ନିକଟତମ କାରଣର ସିଦ୍ଧାନ୍ତ:** ଏହି ସିଦ୍ଧାନ୍ତ ଅନୁସାରେ ବୀମିତଙ୍କୁ କେବଳ ସେହି ପରିସ୍ଥିତିରେ କ୍ଷତିପୂରଣ ମିଳିବାର ଅଧିକାର ପ୍ରାପ୍ତ ହୋଇଥାଏ ଯେଉଁ କାରଣର ସୁରକ୍ଷା ନିମନ୍ତେ ବୀମା କରାଯାଇଥାଏ । ଅନ୍ୟ ପକ୍ଷରେ ଯଦି କ୍ଷତିର ନିକଟତମ କାରଣ ତାହା ନୁହେଁ ଯେଉଁଥିପାଇଁ ବୀମା କରାଯାଇଥଏ ତେବେ ବୀମିତ ବୀମା କମ୍ପାନୀଠାରୁ କ୍ଷତିପୂରଣ ଦାବି କରିପାରେନାହିଁ । ଉଦାହରଣ ସ୍ୱରୂପ ଗୋଟିଏ କମଳା ବୋଝେଇ ଜାହାଜର ଦୁର୍ଘଟଣା ଜନିତ କ୍ଷତି ପାଇଁ ବୀମା

କରାଯାଇଥିଲା, ଜାହାଜ ବନ୍ଦରରେ ସୁରକ୍ଷିତ ପହଞ୍ଚିଗଲା ପରେ ଜାହାଜରୁ ମାଲ୍ ଓହ୍ଲାଇବାରେ ବିଳମ୍ବ ହେଲା । ଏହି ପରିସ୍ଥିତିରେ ବୀମା କମ୍ପାନୀ ଦ୍ୱାରା କୌଣସି କ୍ଷତିପୂରଣ ମିଳି ନଥାଏ, କାରଣ କମଳା ଖରାପ ହେବାର କାରଣ ଦୁର୍ଘଟଣା ନୁହେଁ, ମାଲ୍ ଖଲାସ କରାଇବାରେ ବିଳମ୍ବ ।

ପାଠଗତ ପ୍ରଶ୍ନାବଳୀ ୨(ଘ)

୧. ବୀମାଯୋଗ୍ୟ ହିତ ର ଅର୍ଥ କ'ଣ ?

____

୨. ନିମ୍ନ ସ୍ଥିତିରେ ବୀମାର ଯେଉଁ ସିଦ୍ଧାନ୍ତର ଉଲ୍ଲଙ୍ଘନ ହୋଇଅଛି ତା'ର ନାମ ଲେଖ ।

(କ) ଯଦି 'କ' ଗୃହର ମାଲିକ ନୁହେଁ ତଥାପି ବୀମା ପଲିସିର ଏକ ପକ୍ଷ ଭାବରେ ତାହାର ବୀମା କରିବାକୁ ଚାହୁଁଛି ।

(ଖ) 'କ' ଭାରତୀୟ ଜୀବନ ବୀମା ନିଗମରେ ଜୀବନ ବୀମାର ଅନୁବନ୍ଧ କରିଅଛି । 'କ' ହୃଦୟ ରୋଗରେ ପୀଡ଼ିତ ଥିଲା, କିନ୍ତୁ ସେ ଅନୁବନ୍ଧ ସମୟରେ କୌଣସି ସୂଚନା ଦେଇ ନଥିଲା ।

(ଗ) ପାଞ୍ଚଲକ୍ଷ ଟଙ୍କାର କୋଠା ପାଇଁ 'ଖ' ଦୁଇଟି କମ୍ପାନୀ 'ଗ' ଓ 'ଘ' ସହ ଚୁକ୍ତି କଲା । କୋଠାର ନିଆଁ ଲାଗିବା ଫଳରେ ୩ ଲକ୍ଷ ଟଙ୍କାର କ୍ଷତି ହେଲା । 'ଗ'ପୂରା ଦାବି ଭରଣା କଲା ଏବଂ ଏହାର ଅଂଶ ଦେବାକୁ 'ଘ'କୁ କହିଲା । ମାତ୍ର 'ଘ' ଦାବିକୁ ଅସ୍ୱୀକାର କଲା । ତାପରେ 'ଦ' କମ୍ପାନୀଠାରୁ ତା'ର ଭାଗ ଦାବି କଲା, ଯାହାକୁ କି 'ଦ' କମ୍ପାନୀ ଅସ୍ୱୀକାର କରିଦେଲା ।

(ଘ) 'ଜେଡ୍'ର ୫୦,୦୦୦ ଟଙ୍କା ମୂଲ୍ୟ ମାଲ୍ ହାନି ହୋଇଥିଲା ତଥା ବୀମା କମ୍ପାନୀ ହାନିର କ୍ଷତି ଭରଣା କଲା । 'ଜେଡ୍' କେବଳ ହାନିର କ୍ଷତିପୂରଣ ଟଙ୍କା ନେଇନଥିଲା ଏହାପରେ ବି କ୍ଷତିଗ୍ରସ୍ତ ମାଲ୍ ଉପରେ ନିଜର ମାଲିକାନା ମଧ୍ୟ ଦାବି କଲା ।

(ଙ) 'ପି' 'କ୍ୟୁ' କମ୍ପାନୀଠାରୁ ଏକ ଲକ୍ଷର ବୀମା ପଲିସି ନେଇଅଛି । ନିଆଁ ଲାଗିବା ଦ୍ୱାରା ତାର ୨୫,୦୦୦ ଟଙ୍କାର ମାଲ୍‌ର କ୍ଷତି ହୋଇଅଛି । 'କ୍ୟୁ' ବାସ୍ତବିକ୍ ହାନିର ଭରଣା କରିବ କିନ୍ତୁ 'ପି' ପଲିସିର ପୁରା ରାଶିର ପରିମାଣକୁ ଦାବି କରୁଅଛି ।

୨.୪. ପରିବହନ

ତୁମେ ଭଲ ଭାବରେ ଜାଣ ଯେ ସାଧାରଣତଃ ମାଲ୍‌ର ଉତ୍ପାଦନ ଗୋଟିଏ ସ୍ଥାନରେ ହୋଇଥାଏ କିନ୍ତୁ ତା'ର ବ୍ୟବହାର ବିଭିନ୍ନ ସ୍ଥାନରେ ହୋଇଥାଏ । କାରଣ ମାଲ୍‌ର ବଜାର ଆଜିକାଲି କେବଳ ଆମ ଦେଶରେ ନୁହେଁ, ବାହାର ଦେଶରେ ମଧ୍ୟ ପ୍ରସାରିତ ହେଉଅଛି । ସେଥିପାଇଁ ମାଲ୍‌ର ଉତ୍ପାଦନ ସ୍ଥଳରୁ ଉପଭୋଗ ଏବଂ ଉପଯୋଗ ସ୍ଥାନ ପର୍ଯ୍ୟନ୍ତ ନେଇଯିବାର ଆବଶ୍ୟକତା ହୋଇଥାଏ । ଏହି ପ୍ରକ୍ରିୟାକୁ ପରିବହନ କହନ୍ତି । ପରିବହନର ବିଭିନ୍ନ ମାଧ୍ୟମ ହେଉଛି, ସଡ଼କପଥ, ରେଳପଥ, ଆକାଶପଥ ଏବଂ ଜଳପଥ । ବାସ୍ତବରେ ପରିବହନ ଉତ୍ପାଦନ ଏବଂ ଉପଭୋଗ ମଧ୍ୟରେ ଥିବା ଦୂରତାକୁ ଦୂର କରି ଉପଯୋଗୀ ସ୍ଥଳ ନିର୍ମାଣ କରିଥାଏ ତଥା ବ୍ୟାବହାରିକ କ୍ରିୟାକୁ ସୁଗମ କରିଥାଏ ।

୨.୪.୧. ପରିବହନର ମହତ୍ତ୍ୱ:

(କ) ପରିବହନ ଦେଶରେ ଏବଂ ଦେଶ ବାହାରେ ମାଲ୍‌ର ବିତରଣରେ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ।

(ଖ) ପରିବହନ ବିଭିନ୍ନ ବଜାରରେ ମୂଲ୍ୟ ସ୍ଥିର ଏବଂ ସମାନ ରଖିବାରେ ସହାୟକ ହୋଇଥାଏ । କାରଣ ବେପାରୀ ପରିବର୍ତ୍ତିତ ପସନ୍ଦ ଅନୁସାରେ ବିଭିନ୍ନ ସ୍ଥାନକୁ ମାଲ୍ ପ୍ରେରିତ କରିଥାଏ ।

(ଗ) ଉପଭୋକ୍ତାଙ୍କୁ ସେମାନଙ୍କର ଘର ପାଖରେ ମାଲ୍ କହିବା ମାତ୍ରେ ଏବଂ ଉଚିତ୍ ମୂଲ୍ୟରେ ମିଳୁଛି ।

(ଘ) ଏହା ଉଦ୍ୟୋଗୀମାନଙ୍କୁ ନିରନ୍ତର କଞ୍ଚାମାଲ୍ ସଂଗ୍ରହ କରିବା ନିଶ୍ଚିତ କରିଥାଏ ।

(ଙ) ଏହା ଉଦ୍ୟୋଗୀମାନଙ୍କର ବିକାଶ ନିମନ୍ତେ ନିରନ୍ତର କଞ୍ଚାମାଲ୍‌ର ସଂଗ୍ରହ କରିବା ସଂଗେ ସଂଗେ ପ୍ରସ୍ତୁତ ମାଲ୍‌ର ନିଷ୍କାସନ ମଧ୍ୟ କରିଥାଏ ।

(ଚ) ବିକଶିତ ପରିବହନ ପ୍ରାଣାଳୀ ଦ୍ୱାରା ଅନ୍ତର୍ରାଷ୍ଟ୍ରୀୟ ପ୍ରତିଯୋଗିତା ସମ୍ଭବ ହୋଇପାରୁଛି । ଏହାଦ୍ୱାରା ଅନ୍ତର୍ରାଷ୍ଟ୍ରୀୟ ବଜାର ବିଭିନ୍ନ ଦେଶର ବିକ୍ରେତା ଏବଂ କ୍ରେତା ପାଖରେ ସହଜରେ ପହଞ୍ଚିପାରିଥାଏ ।

୨.୪.୨. ପରିବହନର ମାଧ୍ୟମ:

ଆମେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପହଞ୍ଚିବା ପାଇଁ କାର୍ କିମ୍ବା ବସ୍ ଅଥବା ରେଳଗାଡ଼ିର ବ୍ୟବହାର କରୁଛେ । ଲୋକେ ନୌକା, ଜଳଯାନ ଅଥବା ଉଡ଼ାଜାହାଜର ଉପଯୋଗ ମଧ୍ୟ କରିଥାନ୍ତି । ଆମକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଏହିପରି ବିଭିନ୍ନ ମାଧ୍ୟମ ଅଛି, ଯାହାଦ୍ୱାରା ଆମେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଉ । ପରିବହନର ଏହିସବୁ ସାଧନଗୁଡ଼ିକୁ ଚଳାଇବା ନିମନ୍ତେ ଏକ ବିଶେଷ ମାଧ୍ୟମର ଆବଶ୍ୟକତା ହୋଇଥାଏ, ଯାହାଦ୍ୱାରା ଯାତ୍ରା କରିହୁଏ । ଉଦାହରଣ ସ୍ୱରୂପ, ଯାତ୍ରା ପାଇଁ ଟ୍ରକ୍‌କୁ ସଡ଼କପଥର ସହାୟତା ଦରକାର, ଉଡ଼ାଜାହାଜକୁ ଆକାଶପଥ ଏବଂ ଜାହାଜକୁ ଜଳପଥର ଆବଶ୍ୟକତା ହୋଇଥାଏ । ଅତଏବ ପରିବହନର ମାଧ୍ୟମକୁ ଏହି ପ୍ରକାର ବର୍ଗୀକରଣ କରାଯାଏ । (କ) ସଡ଼କ ପରିବହନ, (ଖ) ରେଳ ପରିବହନ, (ଗ) ଜଳ ପରିବହନ ଏବଂ (ଘ) ବାୟୁ ପରିବହନ । ଆସ ଏପରି ବିଭିନ୍ନ ମାଧ୍ୟମ ବିଷୟରେ ସଂକ୍ଷେପରେ ଜାଣିବା ।

(କ) ସଡ଼କ ପରିବହନ: ସଡ଼କ ପଥରେ ପରିବହନ ପଶୁମାନଙ୍କ (ଘୋଡ଼ା, ଓଟ, ଗଧ) ଏବଂ ପଶୁମାନଙ୍କ ଦ୍ୱାରା ଟଣାଯାଉଥିବା ଗାଡ଼ି ତଥା ମୋଟର ଯାନ (ଭ୍ୟାନ୍, ଟ୍ରକ୍ ଆଦି) ଦ୍ୱାରା କରାଯାଇଥାଏ । ପଶୁ ଏବଂ ପଶୁମାନଙ୍କ ଦ୍ୱାରା ଟଣା ଗାଡ଼ିର ବ୍ୟବହାର କମ୍ ମାତ୍ରାରେ ଗାଁମାନଙ୍କ ମଧ୍ୟରେ ସୀମିତ ରହେ । ସହର ଭିତରେ ସ୍ଥାନୀୟ ପରିବହନ ନିମନ୍ତେ ଭ୍ୟାନ୍‌ର ବ୍ୟବହାର କରାଯାଏ । ଅଧିକାଂଶ ମାଲ୍ ଟ୍ରକ୍ ଦ୍ୱାରା ସ୍ଥାନାନ୍ତରିତ ହୋଇଥାଏ, ଯାହାକୁ ସୁଗମ, କମ୍ ଖର୍ଚ୍ଚ ଏବଂ ସୁରକ୍ଷିତ ଯାନ ହିସାବରେ ନିଆଯାଏ ।

(ଖ) ରେଳ ପରିବହନ: ରେଳ ପରିବହନର ଉଦ୍ଦେଶ୍ୟ ଯାତ୍ରୀ ଏବଂ ମାଲ୍‌କୁ ରେଳଗାଡ଼ି ମାଧ୍ୟମରେ ପରିବହନ କରିବା । ଏଥିପାଇଁ ବିଛାଯାଇଥିବା ଧାରଣା ଉପରେ ରେଳଗାଡ଼ି ଚାଲିଥାଏ । ଦୂର ସ୍ଥାନକୁ ନେଇଯିବା ନିମନ୍ତେ ରେଳର କ୍ଷମତା ହିସାବରେ ରେଳ ପରିବହନ କମ୍ ଖର୍ଚ୍ଚ ଏବଂ ସୁରକ୍ଷିତ ଅଟେ । ଭାରତରେ ରେଳ ପରିବହନ ଭାରତ ସରକାରଙ୍କର ନିଜସ୍ୱ ଅଟେ ଏବଂ ମାଲ୍ ପରିବହନ ନିମନ୍ତେ ଏହାର ପର୍ଯ୍ୟାପ୍ତ ବ୍ୟବହାର କରାଯାଇଥାଏ ।

(ଗ) ଜଳ ପରିବହନ: ଜଳ ପରିବହନ ଦ୍ୱାରା ଜଳପଥରେ ଯାତ୍ରୀ ଏବଂ ମାଲ୍‌କୁ ନିଆଯାଇଥାଏ । ଯେଉଁଥିରେ ଷ୍ଟିମର୍, ଲଞ୍ଚ୍, ଜାହାଜ ଆଦି ମାଧ୍ୟମକୁ ବ୍ୟବହାର କରାଯାଇଥାଏ । ଏହି ସଞ୍ଚାଳନ ଦେଶ ଭିତରେ କିମ୍ବା ଗୋଟିଏ ଦେଶରୁ ଅନ୍ୟ ଏକ ଦେଶକୁ ହୋଇଥାଏ । ଭାରତରେ ଏହି ପ୍ରକାର ପରିବହନର ସାଧନର ଉପଯୋଗ ବହୁତ କମ୍ ଅଟେ, କାରଣ ଦେଶ ଭିତରର ଜଳପଥ ସୀମିତ ଅଟେ । ଅନ୍ତରାଷ୍ଟ୍ରୀୟ ବ୍ୟାପାର ନିମନ୍ତେ ସମୁଦ୍ର ଏବଂ ମହାସାଗରରେ ପରିବହନ ତଟ ନିକଟବର୍ତ୍ତୀ କ୍ଷେତ୍ରରେ ବହୁତ କମ୍ ହୁଏ । ପରିବହନର ଏହି ମାଧ୍ୟମରେ ବହୁ ଦୂର ସ୍ଥାନକୁ ଭାରୀମାଲ୍ ନେବା ପାଇଁ କମ୍ ଖର୍ଚ୍ଚ ହୋଇଥାଏ ।

(ଘ) ବାୟୁ ପରିବହନ: ମାଲ୍ ନବା ଆଣିବା ବ୍ୟକ୍ତିମାନଙ୍କର ଯିବାଆସିବା ନିମନ୍ତେ ଉଡ଼ାଜାହାଜର ଉପଯୋଗକୁ ବାୟୁ ପରିବହନ କୁହାଯାଏ । ଏହା ପରିବହନର ସବୁଠାରୁ କ୍ଷୀପ୍ରଗତି ବାଲା ମାଧ୍ୟମ ଅଟେ ଏବଂ ଏହାର ଅଧିକାଂଶ ଉପଯୋଗ ଯାତ୍ରୀମାନଙ୍କୁ ନେବା ଆଣିବାରେ ହୋଇଥାଏ, ଯେଉଁଠାରେ କି ବସ୍ତୁ ସମ୍ବନ୍ଧୀୟ ବାୟୁ ପରିବହନ ବା ଆକାଶପଥ ପରିବହନରେ ପ୍ରୟୋଗ କେବଳ ମୂଲ୍ୟବାନ୍ ବସ୍ତୁ ଏବଂ ହାଲୁକା ବସ୍ତୁ ନିମନ୍ତେ ଯେପରିକି ଔଷଧ, ମେସିନାରୀ ଉପକରଣ, ଇଲେକ୍ଟ୍ରୋନିକ୍ସ ପଦାର୍ଥ ଉପରେ ହୋଇଥାଏ । ଅଧିକ ମାଲବାହୀ ଉଡ଼ାଜାହାଜର ଉପଯୋଗ ହେବା ଦ୍ୱାରା ଦେଶ ଭିତରେ ଏବଂ ବିଦେଶରେ ବ୍ୟାପାର ବଢ଼ିଗଲାଣି ।

ପାଠଗତ ପ୍ରଶ୍ନାବଳୀ ୨ (ଙ)

୧. ପରିବହନ ଶବ୍ଦର ଅର୍ଥ ଲେଖ ।

____

____

୨. ନିମ୍ନରେ ଦିଆଯାଇଥିବା ସ୍ଥିତିରେ ଉପଯୁକ୍ତ ପରିବହନ ସାଧନର ବର୍ଣ୍ଣନା କର ।

(କ) ଶୀଘ୍ର ନଷ୍ଟ ହେଇଯାଉଥିବା ବସ୍ତୁର ଦେଶ ମଧ୍ୟରେ ପ୍ରେରଣ ।

(ଖ) ମୂଲ୍ୟବାନ୍ ଏବଂ ହାଲୁକା ବସ୍ତୁର ପ୍ରେରଣ ।

(ଗ) ଯାତ୍ରୀମାନଙ୍କୁ ନେବା ପାଇଁ ଦ୍ରୁତଗାମୀ ସାଧନ ।

(ଘ) ଅଳ୍ପ ଦୂର ଯିବା ପାଇଁ ସୁବିଧାଜନକ ସାଧନ ।

(ଙ) ଦେଶ ଭିତରେ ଦୂର ସ୍ଥାନକୁ ଯାତ୍ରା ନିମନ୍ତେ ଶସ୍ତା ସାଧନ ।

୨.୫. ସଂପ୍ରେଷଣ (Communication)

ଦୁଇ କିମ୍ବା ତତୋଧିକ ବ୍ୟକ୍ତିଙ୍କ ମଧ୍ୟରେ ମୌଖିକ, ଲିଖିତ, ସାଂକେତିକ ଅଥବା ପ୍ରତୀକ ମାଧ୍ୟମରେ ବିଚାର ଏବଂ ସୂଚନାର ସଞ୍ଚାର ପ୍ରକ୍ରିୟାକୁ ସଂପ୍ରେଷଣ କୁହାଯାଏ । ସଂପ୍ରେଷଣ ସର୍ବଦା କୌଣସି ସନ୍ଦେଶ ହୋଇଥାଏ, ଯାହାକୁ ବିଭିନ୍ନ ପକ୍ଷଙ୍କ ନିକଟକୁ ପଠାଯାଏ । ସଂପ୍ରେଷଣରେ ଅତି କମ୍‌ରେ ଦୁଇଟି ପକ୍ଷ ଥାନ୍ତି । ଜଣେ ବାର୍ତ୍ତାର ପ୍ରେରକ (ପ୍ରେରକ) ତଥା ଦ୍ୱିତୀୟ ଜଣକ ବାର୍ତ୍ତା ଗ୍ରହଣ କରିବା (ଗ୍ରାହକ)ପକ୍ଷ । ସଂପ୍ରେଷଣ ପ୍ରକ୍ରିୟା ସେତେବେଳେ ପୂର୍ଣ୍ଣ ହୁଏ ଯେତେବେଳେ ଗ୍ରାହକଙ୍କୁ ସନ୍ଦେଶ ମିଳିଯାଏ ଏବଂ ସେ ତା'ର ପ୍ରତ୍ୟୁତ୍ତର ଦେଇଥାଏ କିମ୍ବା ଅନୁରୂପ ଆଚରଣ କରିଥାଏ ।

୨.୫.୧. ସଂପ୍ରେଷଣର ପ୍ରକାର: ସଂପ୍ରେଷଣ ମୌଖିକ, ଲିଖିତ କିମ୍ବା ବିନା ବାକ୍ୟରେ ହୋଇଥାଏ । ଏହାକୁ ନିମ୍ନରେ ସଂକ୍ଷେପରେ ବର୍ଣ୍ଣନା କରାଗଲା ।

(କ) **ମୌଖିକ ସଂପ୍ରେଷଣ:** ଯେତେବେଳେ କୌଣସି ସନ୍ଦେଶ ପାଟି ଖୋଲାଯାଇ ପଠାଯାଏ, ତାହାକୁ ମୌଖିକ ସଂପ୍ରେଷଣ କୁହାଯାଏ । ଏହା ହେଉଛି ଭାଷଣ, ମିଟିଙ୍ଗ୍, ସାମୂହିକ ଚର୍ଚ୍ଚା, ସମ୍ମେଳନ, ଟେଲିଫୋନ୍‌ରେ କଥାବାର୍ତ୍ତା, ରେଡ଼ିଓ ଦ୍ୱାରା ସନ୍ଦେଶ ଦେବା ଇତ୍ୟାଦି । ଏହି ସଂପ୍ରେଷଣ ପ୍ରବାହ ଶସ୍ତାରେ ହୋଇଥାଏ । ଏହା ଅନ୍ତରୀଣ ଏବଂ ବାହ୍ୟ ଦୁଇ ପ୍ରକାରର ସଂପ୍ରେଷଣ ନିମନ୍ତେ ସାଧାରଣ ଭାବରେ ପ୍ରୟୋଗ କରାଯାଇଥାଏ । ମୌଖିକ ସଂପ୍ରେଷଣର ଦୁର୍ବଳତା ହେଉଛି ଏହାକୁ ପ୍ରମାଣିତ କରାଯାଇପାରିବ ନାହିଁ ।

(ଖ) **ଲିଖିତ ସଂପ୍ରେଷଣ:** ଯେଉଁ ସନ୍ଦେଶ ଲିଖିତ ଭାବରେ ପଠାଯାଏ, ଯଥା: ଚିଠି, ଟେଲିଗ୍ରାମ୍, ମେମୋ, ସର୍କୁଲାର, ନୋଟିସ୍, ରିପୋର୍ଟ ଆଦି ଲିଖିତ ସଂପ୍ରେଷଣ କୁହାଯାଏ । ଆବଶ୍ୟକତା ସମୟରେ ଏହାର ପ୍ରୟୋଗ କରାଯାଇପାରେ । ସାଧରଣତଃ ଲିଖିତ ସଂଦେଶ ପଠାଇବା ସମୟରେ ବ୍ୟକ୍ତି ସନ୍ଦେଶ ସମ୍ବନ୍ଧରେ ସାବଧାନ ରହିଥାଏ । ଏହା ଔପଚାରିକ ହୋଇଥାଏ । ଏଥିରେ ନିଜରପଣିଆ ନଥାଏ ତଥା କୌଣସି ତଥ୍ୟର ଗୋପନୀୟତାକୁ ରକ୍ଷା କରିବା କଠିନ ହୋଇଥାଏ ।

(ଗ) **ବିନା ଶବ୍ଦର ସଂପ୍ରେଷଣ:** ଏପରି ସଂପ୍ରେଷଣ ବିନା ଶବ୍ଦରେ ହୋଇଥିବାରୁ ଏହାକୁ ବିନାଶବ୍ଦ ସଞ୍ଚାରଣ କୁହାଯାଏ । ଯେତେବେଳେ କୌଣସି ଫଟୋ, ଗ୍ରାଫ୍, ପ୍ରତୀକ, ଆକୃତି ଦେଖାଯାଇଥାଏ ଆପଣଙ୍କୁ ସେଥିରେ ପ୍ରଦର୍ଶିତ ସନ୍ଦେଶ ମିଳିଥାଏ । ଏଗୁଡ଼ିକ ସବୁ ଦୃଶ୍ୟ ସଞ୍ଚାରଣ ବା ସଂପ୍ରେଷଣ ଅଟେ । ଘଣ୍ଟି, ସିଟି, ବାଜା, ବିଗୁଲ ଇତ୍ୟାଦି ଏପରି ଉପକରଣ ଅଟେ ଯାହା ମାଧ୍ୟମରେ ଆମେ ସନ୍ଦେଶ ପଠାଇ ପାରିଥାଉ । ଏହି ପ୍ରକାର ଧ୍ୱନିକୁ ଶ୍ରୁତି କହିଥାନ୍ତି । ସେହିପରି ଶାରୀରିକ ମୁଦ୍ରା ଯେଉଁଥିରେ ଶରୀରର ବିଭିନ୍ନ ଅଙ୍ଗ ବ୍ୟବହାର କରି ସନ୍ଦେଶ ଦେଇଥାଉ, ତାହାକୁ ଭାବଭଙ୍ଗୀ ସଂପ୍ରେଷଣ କୁହାଯାଏ । ହାତ ହଲେଇବା, ମୁଣ୍ଡ ହଲେଇବା, ରାଗିବା (କ୍ରୋଧର ଭାବ ଶରୀରରେ ଦେଖେଇବା), ଜାତୀୟ ସଂଗୀତ ଗାନ ସମୟରେ ସାବଧାନ ଅବସ୍ଥାରେ ରହିବା ଆଦି ଏ ସମସ୍ତ ମାଧ୍ୟମରେ ସଂପ୍ରେଷଣ ହୋଇଥାଏ । ଯେତେବେଳେ ଛାତ୍ରର ପିଠି ଉପରେ ଅଧ୍ୟାପକ ହାତ ଥାପୁଡ଼େଇଥାନ୍ତି ତାହାକୁ ତାର କାର୍ଯ୍ୟର ସାବାସୀ ବୋଲି ଜଣାପଡ଼ିଥାଏ ଅଥବା ଏହାଦ୍ୱାରା ବିଦ୍ୟାର୍ଥୀକୁ ଅଧିକ ଭଲ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଇଥାଏ ।

୨.୫.୨. ସଂପ୍ରେଷଣ ସେବା:

ସନ୍ଦେଶ ପଠାଇବା ତଥା ତାହାର ଉତ୍ତର ପାଇବା ପାଇଁ ତୁମକୁ କୌଣସି ମାଧ୍ୟମର ଆବଶ୍ୟକତା ହୋଇଥାଏ । ଏହି ମାଧ୍ୟମକୁ ସଂପ୍ରେଷଣର ମାଧ୍ୟମ କୁହାଯାଏ । ଏହା ସନ୍ଦେଶକୁ ଗ୍ରାହକ ନିକଟକୁ ପଠାଇଥାଏ ଏବଂ ତାର ପ୍ରତ୍ୟୁତ୍ତର ମଧ୍ୟ ପ୍ରାପ୍ତ କରିଥାଏ । ସାଧାରଣତଃ ଡାକ ପତ୍ର ପ୍ରେରଣ ସେବା, କୋରିଅର ସେବା, ଟେଲିଫୋନ୍, ଟେଲିଗ୍ରାମ୍, ଇଣ୍ଟରନେଟ୍, ଫ୍ୟାକ୍ସ, ଇ-ମେଲ୍, ଭଏସ୍ ମେଲ୍ ଆଦି ସଂପ୍ରେଷଣର ବିଭିନ୍ନ ମାଧ୍ୟମ ଅଟେ । ଏହି ସାଧନଗୁଡ଼ିକୁ ସଂପ୍ରେଷଣ ସେବା କୁହାଯାଏ । ଏଥିରେ ମୁଖ୍ୟ ସେବା ହେଉଛି, ଯାହା ବ୍ୟବସାୟର ପ୍ରଭାବକୁ ସଂପ୍ରେଷଣ କରିବାରେ ସହାୟକ ହୋଇଥାଏ । ଏଗୁଡ଼ିକୁ ନିମ୍ନ ବର୍ଗରେ ବଣ୍ଟାଯାଇପାରେ । (୧) ଡାକ ସେବା, (୨) ଦୂରସଞ୍ଚାର ସେବା ।



୨.୫.୩. ଡାକ ସେବା:

ଲର୍ଡ କ୍ଲାଇବ୍ ୧୭୬୬ରେ ସରକାରୀ ଡାକ ପଠାଇବା ନିମନ୍ତେ ଭାରତରେ ଡାକ ସେବା ଆରମ୍ଭ କରିଥିଲେ । ଏହା ଜନସାଧାରଣଙ୍କ ନିମନ୍ତେ ୧୮୩୭ରେ ଉପଲବ୍ଧ ହୋଇଥିଲା । ଭାରତୀୟ ଡାକ ସେବା ନେଟ୍‌ୱାର୍କର ଗଣନା ବିଶ୍ୱର ବଡ଼ ବଡ଼ ଡାକ ସେବା ସହିତ ହୋଇଥାଏ । ଏଥିରେ ପୂରା ଦେଶରେ ୧,୫୫,୫୧୬ ଡାକଘର ଅଛି ଯେଉଁଥିରେ ୧,୩୯,୧୨୦ ଗ୍ରାମୀଣ କ୍ଷେତ୍ରରେ ରହିଅଛି । ଏହାର ମୁଖ୍ୟ କାର୍ଯ୍ୟ ଚିଠି, ପାର୍ସଲ, ପ୍ୟାକେଟ୍‌ଗୁଡ଼ିକୁ ଏକତ୍ରୀତ କରିବା, ତାକୁ ବାଛିବା ଏବଂ ସେଗୁଡ଼ିକ ବିତରଣ କରିବା । ଏହାଛଡ଼ା ଏହା ଜନସାଧାରଣ ଏବଂ ବ୍ୟାବସାୟିକ ଉଦ୍ୟୋଗକୁ ଅନେକ ସେବା ପ୍ରଦାନ କରିଥାଏ । ଆସ ଡାକ ସେବାକୁ ବିଭିନ୍ନ ବର୍ଗରେ ବର୍ଗୀକୃତ କରିବା ।

(କ) ଡାକ ସେବା (ଖ) ଆର୍ଥିକ ସେବା

(ଗ) ବୀମା ସେବା (ଘ) ବ୍ୟବସାୟ ବିକାଶ ସେବା

(କ) ଡାକ ସେବା:

ଡାକ ସେବାରେ ଅନ୍ତର୍ଦ୍ଦେଶୀୟ ଓ ଅନ୍ତର୍ରାଷ୍ଟ୍ରୀୟ ଦୁଇ ପ୍ରକାରର ଡାକ ସେବା ପ୍ରଚଳିତ । ଡାକ ପ୍ରେରକ ଏବଂ ଡାକ ଗ୍ରାହକ ଦୁହେଁ ଗୋଟିଏ ଦେଶର ହୋଇଥିଲେ ତାହାକୁ ଦେଶୀୟ ସେବା କୁହାଯାଏ । ଅନ୍ୟ ପକ୍ଷରେ ଯଦି ଡାକ ପ୍ରେରକ ଏବଂ ଡାକ ଗ୍ରାହକ ଭିନ୍ନ ଭିନ୍ନ ଦେଶର ହୋଇଥାନ୍ତି ତେବେ ତାହାକୁ ଅନ୍ତର୍ରାଷ୍ଟ୍ରୀୟ ଡାକ ସେବା କହନ୍ତି । ଡାକରେ ଲିଖିତ ସଂଦେଶ ପଠାଇବା ପାଇଁ ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟ ପତ୍ର ଏବଂ ଲଫାପାର ଉପଯୋଗ କରାଯାଏ । ପ୍ୟାକେଟ୍‌ରେ କିଛି ଜିନିଷ ପଠାଇବା ପାଇଁ ଡାକ ପାର୍ସଲର ପ୍ରୟୋଗ ହୋଇଥାଏ । ଛାପା ସାମଗ୍ରୀ, ପୁସ୍ତକ, ପତ୍ରିକା, ଶୁଭ ଖବର ଆଦି ବୁକ୍‌ପୋଷ୍ଟ ଦ୍ୱାରା ପଠାଯାଇଥାଏ । ଏହା ସହିତ ଜନସାଧାରଣଙ୍କର ସୁବିଧା ନିମନ୍ତେ ଡାକଘର କିଛି ବିଶିଷ୍ଟ ଡାକସେବା ମଧ୍ୟ ପ୍ରଦାନ କରିଥାଏ । ଆସ ଏ ସମସ୍ତ ବିଷୟରେ ସଂକ୍ଷେପରେ ଜାଣିବା ।

୧) **ଡାକ ପ୍ରେରଣର ପ୍ରମାଣ ପତ୍ର:** ସାଧାରଣ ଚିଠି ନିମନ୍ତେ ଡାକଘର କୌଣସି ରସିଦ୍ ଦେଇନଥାଏ । କିନ୍ତୁ ଯଦି ଚିଠି ପ୍ରେରକ ଏହାର ପ୍ରମାଣ ଚାହିଁବେ ଯେ ଏହା ବାସ୍ତବରେ ଡାକଦ୍ୱାରା ପଠାଯାଇଛି ତେବେ ନିର୍ଦ୍ଧାରିତ ଫିସ୍ ପୈଠ ପରେ ଡାକଘର ତାଙ୍କୁ ଏକ ପ୍ରମାଣପତ୍ର ପ୍ରଦାନ କରିବ ତାହାକୁ ଡାକ ପ୍ରେରଣ ପ୍ରମାଣ ପତ୍ର କୁହାଯାଏ । ଏହି ପତ୍ର ଉପରେ ଡାକ ପ୍ରମାଣ ପତ୍ର ଅନ୍ତର୍ଗତ (UPC ବା ଅଣ୍ଡର ପୋଷ୍ଟାଲ୍ ସାର୍ଟିଫିକେଟ୍) ଅଙ୍କିତ ହୋଇଥାଏ ।

୨) **ପଞ୍ଜିକୃତ ଡାକ :** ଯଦି ଡାକ ପ୍ରେରକ ଡାକ ନିଶ୍ଚିତଭାବେ ଗ୍ରାହକକୁ ପ୍ରଦାନ କରାଯାଉ ଅଥବା ନିଜ ପାଖକୁ ଫେରିଆସୁ ବୋଲି ଚାହିଁବ, ଡାକ ବିଭାଗ ତାକୁ ପଞ୍ଜିକୃତ ଡାକ ସୁବିଧା ଯୋଗାଇବ । ଏହି ସେବା ନିମନ୍ତେ ଡାକଘର ଅଧିକ ରାଶି ନେଇଥାନ୍ତି ଏବଂ ପଞ୍ଜୀକୃତ ଡାକ ନିମନ୍ତେ ପ୍ରେରକଙ୍କୁ ରସିଦ୍ ଦେଇଥାନ୍ତି ।

୩) **ବୀମାକୃତ ଡାକ :** ଯଦି ଡାକ କିମ୍ବା ପାର୍ସଲ ରାସ୍ତାରେ ନଷ୍ଟହେବାର ବା ହାନି ହେବାର ଭୟ ଥାଏ ତେବେ ପ୍ରେରକ ପ୍ରିମିୟମ ପୈଠକରି ଡାକଘରଠାରେ ତାର ବୀମା କରି ନିଜ ସାମଗ୍ରୀ ପଠାଇ ଥାଏ । ଏହିସ୍ଥିତିରେ ଡାକଘର ବୀମାକାରର କାମ କରିଥାଏ ଏବଂ

କ୍ଷତିହେବାଦ୍ୱାରା ତାର ଭରଣା କରିଥାଏ । ବୀମା ପ୍ରିମିୟମର ଦେୟ ଡାକ ପ୍ରେରକ କରିଥାଏ ।

୪) **ଦ୍ରୁତଗାମୀ ଡାକ:** ଅତିରିକ୍ତ ଫିସ୍ ପୈଠକରି କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଶୀଘ୍ର ଏବଂ ନିଶ୍ଚିତ ସମୟରେ ଗ୍ୟାରେଣ୍ଟି ସହିତ ଡାକ ପହଞ୍ଚାଇବାକୁ ଦ୍ରୁତଗାମୀ ସେବା କୁହାଯାଏ । ଏହି ସୁବିଧା ଭାରତରେ ୧୦୦୦ ଡାକଘରେ ଉପଲବ୍ଧ ଏବଂ ୯୭ ଦେଶରେ ଅନ୍ତର୍ରାଷ୍ଟ୍ରୀୟ ସେବାର ଉପଲବ୍ଧ ମଧ୍ୟ ହେଉଛି ।

୫) ନ୍ୟସ୍ତ ଡାକ: ଯଦି ଗ୍ରାହକର ଠିକଣା ମିଳିପାରେ ନାହିଁ ତେବେ ପ୍ରେରକ ନ୍ୟସ୍ତଡାକର ସୁବିଧା ପାଇପାରିବ । ଉକ୍ତ ଚିଠିକୁ ସେହି କ୍ଷେତ୍ରର ଡାକ ଅଧିକାରୀଙ୍କ ପାଖକୁ ପଠାଇଦିଆଯାଏ, ଯେଉଁଠାରେ ଗ୍ରାହକ ରହୁଥାଏ । ଗ୍ରାହକ ନିଜର ପରିଚୟ ପ୍ରଦାନକରି ଡାକଘରୁ ଚିଠି ସଂଗ୍ରହ କରିପାରିବେ । ଏହି ସୁବିଧା ଯାତ୍ରା କରୁଥିବା ଲୋକ କିମ୍ବା ବିକ୍ରୟକର୍ତ୍ତା ଯାତ୍ରୀମାନଙ୍କ ପାଇଁ ଉପଯୋଗୀ ହୁଏ କାରଣ ସହରରେ ସେମାନଙ୍କର ନିଶ୍ଚିତ ଠିକଣା ନଥାଏ । ଏତଦ୍‌ବ୍ୟତୀତ ସେହି ଲୋକ ପାଇଁ ଯେଉଁମାନେ କୌଣସି ନୂଆ ସ୍ଥାନରେ ସ୍ଥାୟୀ ଠିକଣା ତଲାସ କରୁଥାନ୍ତି ।

ଖ) **ଆର୍ଥିକ ସେବା :** ଡାକଘରଦ୍ୱାରା ବିଭିନ୍ନ ଆର୍ଥିକ ସେବା ଯୋଗାଇ ଦିଆଯାଇଥାଏ, ଯେପରି ଡାକଘର ସଂଞ୍ଚୟ ଯୋଜନା, ଧନ ହସ୍ତାନ୍ତର ସେବା, ମ୍ୟୁଚୁଆଲ୍ ଫଣ୍ଡ୍ ଏବଂ ଅନ୍ୟ ସମ୍ବଳର ବିତରଣ ଇତ୍ୟାଦି ।

୧) **ସଞ୍ଚୟ ସେବା:** ଜନସାଧାରଣଙ୍କର ସଞ୍ଚୟକୁ ଜମାକରିବା ନିମନ୍ତେ ଡାକଘରେ ଆଠ ପ୍ରକାରର ବିଭିନ୍ନ ଯୋଜନା ଅଛି ଯାହା ନିମ୍ନରେ ଦିଆଗଲା:

କ) ଡାକଘର ସଞ୍ଚୟ ବ୍ୟାଙ୍କ ଖାତା

ଖ) ୫ ବର୍ଷୟା ଡାକଘର ପୁନଃପୌନିକ ଜମା ଯୋଜନା (Recurring deposit)

ଗ) ଡାକଘର ସମୟାବଧି ଖାତା (Post Office time deposit Account)

ଘ) ଡାକଘର ମାସିକ ଆୟ ଯୋଜନା

ଙ) ୬ ବର୍ଷୟା ରାଷ୍ଟ୍ରୀୟ ସଞ୍ଚୟ ପ୍ରମାଣପତ୍ର (ଅଷ୍ଟମ ନିର୍ଗମନ) ଯୋଜନା

ଚ) ୧୫ ବର୍ଷୟ ଲୋକ ଭବିଷ୍ୟନିଧିଖାତା (୧୧୮)

ଛ) କିସାନ ବିକାଶପତ୍ର ଯୋଜନା

ଜ) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା - ୨୦୦୪

୨) ଧନ ହସ୍ତାନ୍ତରଣ ସେବା: ଡାକଘରର ଧନ ହସ୍ତାନ୍ତରସେବା ମାଧ୍ୟମରେ ଟଙ୍କା ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯାଏ । ମନିଅର୍ଡର ଏବଂ ପୋଷ୍ଟାଲ ଅର୍ଡର ସହାୟତାରେ ଲୋକ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ତଥା ଅନ୍ୟଦେଶକୁ ଅର୍ଥ ହସ୍ତାନ୍ତର କରି ପାରନ୍ତି । ମନିଅର୍ଡର ମାଧ୍ୟମରେ ଏକ ଡାକଘର ଅନ୍ୟ ଡାକଘରକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ମନିଅର୍ଡର ଫର୍ମରେ ଲେଖାଯାଇଥିବା ଧନରାଶିକୁ ପୈଠ କରିବାର ଆଦେଶ

ଦିଆଯାଇଥାଏ । ଟଙ୍କା ପଠାଇବା ବାଲା ଡାକଘରେ ଟଙ୍କା ଜମା କରି ଦିଅନ୍ତ ତଥା ଆବଶ୍ୟକ କମିଶନ୍ ନେଇ ଡାକଘର ଗ୍ରାହକଙ୍କୁ ପ୍ରଦାନ କରିବାର ଦାୟିତ୍ୱ ନେଇଥାଏ । ଗୋଟିଏ ମନିଅର୍ଡର ଫର୍ମଦ୍ୱାରା ସର୍ବାଧିକ ୫,୦୦୦ ଟଙ୍କା ପଠାଯାଇ ପାରିବ । ଗ୍ରାହକଙ୍କର ସୁବିଦା ନିମନ୍ତେ ଡାକଘର ବିଭିନ୍ନ ପ୍ରକାରର ମନିଅର୍ଡର ସେବା ପ୍ରଦାନ କରିଥାଏ, ଯେପରି ସାଧାରଣ ମନିଅର୍ଡର, ଟେଲିଗ୍ରାଫିକ୍ ମନଅର୍ଡର, ସାଟେଲାଇଟ ମନିଅର୍ଡର, ଦ୍ରୁତ ଡାକ ମନିଅର୍ଡର, ଇନ୍‌ଷ୍ଟାଣ୍ଟ ମନିଅର୍ଡର, ଅନ୍ତର୍ରାଷ୍ଟ୍ରୀୟ ଧନ ହସ୍ତାନ୍ତରଣ ସେବା ଆଦି । ବ୍ୟବସାୟୀମାନଙ୍କ ସୁବିଧା ନିମନ୍ତେ କର୍ପୋରେଟ୍ ମନିଅର୍ଡର ସେବା ମଧ୍ୟ ପ୍ରଦାନ କରାଯାଏ ।

ମନିଅର୍ଡରର ସମାନ ପରିମାଣର ଟଙ୍କାକୁ ଆମେ ପୋଷ୍ଟାଲଅର୍ଡର ଅର୍ଥାତ ଇଣ୍ଡିଆନ୍ ପୋଷ୍ଟାଲ ଅର୍ଡର (IPO) ମାଧ୍ୟମରେ ମଧ୍ୟ ପଠାଇପାରିବା । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଧନ ହସ୍ତାନ୍ତର କରିବାର ଏହା ଏକ ସରଳ ପଦ୍ଧତି ଅଟେ ମୁଖ୍ୟତଃ ପରୀକ୍ଷା ଶୁଳ୍କ, ଅଥବା କୌଣସି ପଦ ପାଇଁ ଆବେଦନ କରିବା ସମୟରେ ଏହି ପଦ୍ଧତିର ଉପଯୋଗ ହୋଇଥାଏ ।

୩) ମ୍ୟୁଚୁଆଲ୍ ଫଣ୍ଡ୍ ଏବଂ ସମ୍ବଳ (securities) ବିତରଣ: ଏହି ସୁବିଧା ମାଧ୍ୟମରେ ନିବେଶକମାନଙ୍କୁ ନିର୍ଦ୍ଧାରିତ ଡାକଘରଠାରୁ ମ୍ୟୁଚୁଆଲ ଫଣ୍ଡ୍ ଏବଂ ସରକାର ସ୍ୱୀକୃତ ସମ୍ବଳ (Govt. securities)କୁ କିଣିବାର ସୁବିଧା ମିଳିଥାଏ । ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ପ୍ରୁଡେନ୍‌ସିଆଲ ଆଇ.ସି.ଆଇ.ସି.ଆଇର ମ୍ୟୁଚୁଆଲ ଫଣ୍ଡ, ଆର.ବି.ଆଇ/ ସରକାରୀ ରିଲିଫ ଫଣ୍ଡ୍ ଏବଂ ଆଇ.ସି.ଆଇ.ସି.ଆଇ ସେଫ୍‌ଟି ବଣ୍ଡ, ବେଙ୍ଗଲୁର, ଚେନାଇ, ଚଣ୍ଡିଗଡ଼, ଦିଲ୍ଲୀ, ମୁମ୍ବେଇରେ ୪୨ଟି ଡାକଘରେ ଉପଲବ୍ଧ ଅଟେ ।

(ଗ) **ବୀମା ସେବା :** ଡାକ ସେବା ଦ୍ୱାରା ଧନ ହସ୍ତାନ୍ତରଣ ବ୍ୟତୀତ ଡାକଘର ଲୋକମାନଙ୍କର ଜୀବନ ବୀମା ମଧ୍ୟ କରିଥାଏ । ଡାକଘର ଦ୍ୱାରା ଦିଆଯାଉଥିବା ଜୀବନ ବୀମା ଦୁଇଟି ଅଲଗା ଅଲଗା ଯୋଜନା ଅଟେ । (୧) ପୋଷ୍ଟାଲ ଲାଇଫ୍ ଇନ୍‌ସୁରାନ୍‌ସ (PLI) ଏବଂ (୨) ଗ୍ରାମୀଣ ଡାକ ଜୀବନବୀମା । ପୋଷ୍ଟାଲ ଲାଇଫ୍ ଇନ୍‌ସୁରାନ୍‌ସ ୧୮୮୪ ମସିହାରେ ଡାକ ଏବଂ ତାର ବିଭାଗ କର୍ମଚାରୀମାନଙ୍କ ନିମନ୍ତେ କରାଯାଇଥିଲା ଯାହାକି ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀ, ସାର୍ବଜନୀକ କ୍ଷେତ୍ର ନିଗମ, ବିଶ୍ୱବିଦ୍ୟାଳୟ, ସରକାରୀ ସହାୟତା ପ୍ରାପ୍ତ ଅନୁଷ୍ଠାନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନ ଏବଂ ଜିଲା ପରିଷଦ କର୍ମଚାରୀମାନଙ୍କର ଜୀବନ ବୀମା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏହି ସମସ୍ତ ସଂଗଠନର କର୍ମଚାରୀମାନେ ଯିଏ ୫୦ ବର୍ଷରୁ କମ୍ ଆୟୁ ବିଶିଷ୍ଟ ଅଛନ୍ତି ଏକ ନିଶ୍ଚିତ ପ୍ରିମିୟମ ପୈଠକରି ଏକ ନିର୍ଦ୍ଦିଷ୍ଟ ଅବଧିପର୍ଯ୍ୟନ୍ତ ନିଜ ଜୀବନର ବୀମା କରାଇପାରିବେ । ପି.ଏଲ.ଆଇ.ର ପାଞ୍ଚଟି ଯୋଜନା ଅଛି । (୧) ସୁରକ୍ଷା (ଆଜୀବନ ଜୀବନବୀମା), (୨) ସୁବିଧା (ପରିବର୍ତ୍ତନୀୟ ଆଜୀବନ ଜୀବନ ବୀମା), (୩) ସନ୍ତୋଷ (ବନ୍ଦୋବସ୍ତ ବୀମା), (୪) ସୁମଂଗଳ (ସମ୍ଭାବ୍ୟ ବନ୍ଦୋବସ୍ତ ବୀମା), (୫) ଯୁଗଳ ସୁରକ୍ଷା (ପତିପତ୍ନୀଙ୍କ ସଂଯୁକ୍ତ ଜୀବନ ବନ୍ଦୋବସ୍ତ ବୀମା) । ପି.ଏଲ୍.ଆଇ. ପରି - ଡାକଘର ନିଜର ଗ୍ରାମୀଣ ଡାକ, ଜୀବନ ବୀମା (ଆର.ପି.ଏଲ୍ ଆଇ) ଯୋଜନାର ଅନ୍ତର୍ଗତ କମ୍ ପ୍ରିମିୟମ ନେଇ ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକଙ୍କୁ ଜୀବନ ବୀମା ଯୋଗାଇଥାଏ । ଏହାର ଆରମ୍ଭ ୨୪

ମାର୍ଚ୍ଚ ୧୯୯୫ରେ କରାଯାଇଥିଲା । ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକ ଗ୍ରାମୀଣ ଡାକ ଜୀବନବୀମା ଯୋଜନାର ଅନ୍ତର୍ଗତ ଉପଲବ୍ଧ ହୋଇଥାଏ ।

(ଘ) **ବ୍ୟବସାୟ ବିକାଶ ସେବା:** ଆଗରୁ କୁହାଯାଇଥିବା ବିଭିନ୍ନ ମାଧ୍ୟମରେ ଡାକସେବା ଅତିରିକ୍ତ ଅନ୍ୟସେବା ମଧ୍ୟ ଅଛି । ଡାକଘର ବ୍ୟାବସାୟିକ ପ୍ରକ୍ରିୟାକୁ କେତେକ ବିଶେଷ ସେବା ପ୍ରଦାନ କରିଥାଏ । ଆସନ୍ତୁ ଏହି ସେବାଗୁଡ଼ିକ ସମ୍ବନ୍ଧରେ ସଂକ୍ଷେପରେ ଜାଣିବା ।

୧) **ବ୍ୟାବସାୟିକ ଡାକ :** ଏହି ସେବା ଦ୍ୱାରା ଡାକଘର ଡାକ ପଠାଉଥିବା ଲୋକମାନଙ୍କର ଡାକ ପଠାଇବା ପୂର୍ବରୁ ହେଉଥିବା ସମସ୍ତକାର୍ଯ୍ୟ ବହୁମାତ୍ରାରେ କରିଥାନ୍ତି । ଏହି କାର୍ଯ୍ୟଦ୍ୱାରା ପ୍ରେରକଙ୍କର କାର୍ଯ୍ୟାଳୟରୁ ଡାକ ନେବା, ତାହାକୁ ପ୍ୟାକେଟ୍ କରିବା, ତାହା ଉପରେ ଠିକଣା ଲେଖିକରି ଡାକଟିକଟ ଲଗାଇ ପୋଷ୍ଟ କରିବା ହୋଇଥାଏ ।

୨) **ମିଡ଼ିଆ ଡାକ:** ଡାକ ବିଭାଗ ମିଡ଼ିଆପୋଷ୍ଟ ମାଧ୍ୟମରେ କର୍ପୋରେଟ ଏବଂ ସରକାରୀ ସଂଗଠନଗୁଡ଼ିକର ସମ୍ଭାବିତ ଗ୍ରାହକମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସହାୟତାର ଏକ ଅଦ୍‌ଭୂତ ସାଧନ ଉପଲବ୍ଧ କରାଇଥାଏ । ଏହି ସୁବିଧା ଦ୍ୱାରା (କ) ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ଏବଂ ଅନ୍ୟ ଡାକ ଷ୍ଟେସ୍‌ନାରୀ ଉପରେ ବିଜ୍ଞାପନର ରିହାତି ମିଳିଥାଏ ଏବଂ (ଖ) ପତ୍ରପେଟି (ଲେଟର ବକ୍‌ସ) ଉପରେ ସ୍ଥାନ ପ୍ରୟୋଜନର ସୁବିଧା କରାଯାଇଥାଏ ।

୩) **ଏକ୍‌ସପ୍ରେସ ପାର୍ସଲ ପୋଷ୍ଟ:** ଡାକଘର ନିଜର ଏକ୍‌ସପ୍ରେସ ଡାକସେବା ଦ୍ୱାରା କର୍ପୋରେଟ୍ ଏବଂ ବ୍ୟାବସାୟିକ ଗ୍ରାହକମାନଙ୍କୁ ବିଶ୍ୱସନୀୟ, ଶୀଘ୍ରଗାମୀ ଏବଂ ମିତବ୍ୟୟୀ ପାର୍ସଲ ସେବା ପ୍ରଦାନ କରିଥାଏ । ଏହା ୩୫ କି.ଗ୍ରା. ଓଜନ ପର୍ଯ୍ୟନ୍ତ ପାର୍ସଲ ଏବଂ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟଦେୟ ଡାକକୁ ନିର୍ଦ୍ଧାରିତ ସମୟଭିତରେ ଗ୍ରାହକର ଘର ପର୍ଯ୍ୟନ୍ତ ପହଞ୍ଚାଇଥାଏ ।

୪) **ପ୍ରତ୍ୟକ୍ଷ ଡାକ :** ଏହାଦ୍ୱାରା ବ୍ୟାବସାୟିକ ପ୍ରକ୍ରିୟାର କ୍ଷୁଦ୍ରପୁସ୍ତିକା (ପାମ୍ଫଲେଟ୍) ଏବଂ ବିଜ୍ଞାପନ ସାମଗ୍ରୀ ଯଥା ସିଡ଼ି, ଫ୍ଲପି, କ୍ୟାସେଟ୍, ନମୁନା ଆଦିକୁ କମ୍ ମୂଲ୍ୟରେ ସିଧା ସଳଖ ସମ୍ଭାବିତ ଗ୍ରାହକଙ୍କ ପାଖକୁ ପଠାଯାଇପାରେ ।

୫) **ଖୁଚୁରା ଡାକ :** ଡାକଘର ଟେଲିଫୋନ୍‌କଲ୍, ବିଦ୍ୟୁତ୍‌ବିଲ୍, ପାଣିବିଲ୍ ଇତ୍ୟାଦି ସାର୍ବଜନିକ ସୁବିଧା ସମ୍ବନ୍ଧୀୟ ବିଲ୍‌ର ପଇସା ଏକତ୍ରୀତ କରିବା ଏବଂ ଏହି ପ୍ରକାର ଅନ୍ୟାନ୍ୟସୁବିଧା ମଧ୍ୟ କରିଥାଏ ।

୬) **ବ୍ୟାବସାୟିକ ଜବାବୀ ଡାକ:** ଏହି ସେବା ଦ୍ୱାରା ଡାକଘର ଗ୍ରାହକଙ୍କର ବ୍ୟାବସାୟିକ ଜବାବୀ ଡାକ ମାଧ୍ୟମରେ ବିନା ଶୁଳ୍କରେ ନିଜର ଉତ୍ତର ପଠାଇବାର ରିହାତି ପାଇଥାଏ । ଏଥିପାଇଁ ପ୍ରେରକଙ୍କୁ କୌଣସି ଖର୍ଚ୍ଚକରିବାକୁ ପଡ଼ିନଥାଏ । ଡାକଘର ଗ୍ରାହକଙ୍କଠାରୁ ଏହି ରାଶିକୁ ପ୍ରାପ୍ତ କରିଥାଏ ।

୭) **ଡାକଦୋକାନ :** ଡାକ ଦୋକାନ ଏକ ଛୋଟ ଖୁଚୁରା ଦୋକାନ ଯେଉଁଠାରେ ଗ୍ରାହକମାନଙ୍କ ନିମନ୍ତେ ଡାକ ଷ୍ଟେସ୍‌ନାରୀ, ଶୁଭକାମନା କାର୍ଡ, ଏବଂ ଛୋଟ ଉପହାର ବିକ୍ରି କରିବାର ବନ୍ଦୋବସ୍ତ ହୋଇଥାଏ । ଏହି ଦୋକାନ କେତେକ ଡାକ ଘରେ ଥାଏ ।

୮) **ମୂଲ୍ୟଦେୟ ଡାକ:** ଏହି ସୁବିଧା ଦ୍ୱାରା କେତେକ ବ୍ୟାପାରୀ ନିଜର ମାଲକୁ ଡାକ ମାଧ୍ୟମରେ ବିକ୍ରି କରନ୍ତି ଏବଂ ମୂଲ୍ୟ ଆଦାୟ କରିଥାନ୍ତି । ଏଥିରେ ଡାକଘର ପ୍ୟାକ୍ ହୋଇଥିବା ମାଲ୍‌କୁ ନେଇ ଗ୍ରାହକଙ୍କ ପାଖରେ ପହଞ୍ଚାଇଥାଏ । ଗ୍ରାହକଙ୍କଠାରୁ ମାଲ୍‌ର ମୂଲ୍ୟ ଏବଂ ଡାକ ଶୁଳ୍କର ମିଳିତରାଶି ପୂରା ଆଗୁଆ ନେଲାପରେ ତାଙ୍କୁ ସାମଗ୍ରୀ ଦିଆଯାଇଥାଏ । ତତ୍ପରେ ଡାକଘର ତାର ଶୁଳ୍କରାଶି ରଖି ବାକି ରାଶିକୁ ବିକେତ୍ରାଙ୍କ ନିକଟକୁ ପଠାଇ ଦେଇଥାଏ ।

୯) **କର୍ପୋରେଟ୍ ମନିଅର୍ଡର:** ସାଧାରଣ ଲୋକଙ୍କ ପରି ବ୍ୟାପାରିକ ସଂଗଠନ ମନିଅର୍ଡରଦ୍ୱାରା ଧନ ହସ୍ତାନ୍ତରିତ କରିପାରିବେ । ସେମାନଙ୍କ ନିମନ୍ତେ ଡାକଘରମାନଙ୍କରେ କର୍ପୋରେଟ୍ ମନିଅର୍ଡର ସେବା ଉପଲବ୍ଧ । ଏହାଦ୍ୱାରା ବ୍ୟାବସାୟିକ ସଂଗଠନ ଦେଶର କୌଣସି ଭାଗକୁ ଏକ କୋଟି ପର୍ଯ୍ୟନ୍ତ ଟଙ୍କା ହସ୍ତାନ୍ତରିତ କରିପାରେ । ଏହି ସୁବିଧା ଉପଗ୍ରହ ମାଧମରେ କରାଯାଇଥାଏ ।

୧୦) **ପୋଷ୍ଟବକ୍‌ସ ଏବଂ ପୋଷ୍ଟବ୍ୟାଗ ସୁବିଧା:** ଏହି ସୁବିଧାଦ୍ୱାରା ଡାକଘରଠାରେ ପ୍ରାପ୍ତକର୍ତ୍ତାଙ୍କୁ ଏକ ବିଶେଷ ସଂଖ୍ୟା ଦ୍ୱାରା ବା ଏକ ବକ୍‌ସ ଅଥବା ବ୍ୟାଗକୁ ନିର୍ଦ୍ଧାରିତ କରାଯାଇଥାଏ । ଡାକଘର ସେହି ସଂଖ୍ୟାଧାରୀ ସମସ୍ତ ବିନାପଞ୍ଜିକୃତ ଡାକକୁ ସେହି ବାକ୍‌ସ ଅଥବା ବ୍ୟାଗରେ ରଖି ଦେଇଥାଏ । ପ୍ରାପ୍ତକର୍ତ୍ତା ନିଜର ସୁବିଧାନୁସାରେ ଡାକକୁନେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥାନ୍ତି । ଏହି ସୁବିଧା ସେହି ବ୍ୟାବସାୟିକ କର୍ମଚାରୀମାନଙ୍କୁ ହୋଇଥାଏ ଯେଉଁମାନେ ନିଜ ଡାକ ଶୀଘ୍ରନେବାକୁ ଚାହାନ୍ତି । ଯେଉଁଲୋକମାନଙ୍କର କୌଣସି ସ୍ଥାୟୀଠିକଣା ନଥାଏ କିମ୍ବା ନିଜର ନାମ ଏବଂ ଠିକଣା ଗୁପ୍ତରଖିବାକୁ ଚାହାନ୍ତି ଏହି ସୁବିଧା ଲାଭ କରିବା ପାଇଁ ନିର୍ଦ୍ଧାରିତ ଭଡ଼ା ଦେଇଥାନ୍ତି ।

୧୧) **ବିଲ୍ ଡାକ ସେବା:** ଏହା ବାର୍ଷିକ ରିପୋର୍ଟ, ବିଲ୍, ମାସିକ ଲେଖା ବିଲ୍ ଏବଂ ଏହି ପ୍ରକାର ଅନ୍ୟ ପଦାର୍ଥର ଆବଧିକ ସଂପ୍ରେଷଣ ନିମନ୍ତେ କମ୍ ଦରରେ କରାଯାଇପାରେ ।

୧୨) **ଇ-ଡାକ:** ଇ-ଡାକ ସେବାର ଶୁଭାରମ୍ଭ ୩୦ ଜାନୁୟାରୀ ୨୦୦୪ରେ ହୋଇଥିଲା । ଏହାଦ୍ୱାରା ଲୋକମାନେ ଦେଶର ସମସ୍ତ ଡାକଘରକୁ ଇ-ମେଲ ମାଧ୍ୟମରେ ସନ୍ଦେଶ ପଠାଇ ପାରୁଛନ୍ତି । ବ୍ୟବସାୟରେ ଅଧିକ ଉପଯୋଗୀ କରାଇବା ନିମନ୍ତେ କର୍ପୋରେଟ ଇ-ମେଲ୍ ମଧ୍ୟ ୧୮ ଅକ୍ଟୋବର ୨୦୦୫ଠାରୁ ଶୁଭାରମ୍ଭ କରାଗଲା ଯେଉଁଥିରେ ଗୋଟିଏ ସମୟର ଅଧିକତ୍ତମ ୯୯୯୯ ପତ୍ରର ଇ-ମେଲ୍ ଏକାଥରରେ ପଠାଯାଇପାରିବ ।

ପାଠଗତ ପ୍ରଶ୍ନାବଳୀ ୨ (ଚ)

୧. ନିମ୍ନ ପ୍ରକାର ସଂପ୍ରେଷଣକୁ ଏକ ଶବ୍ଦରେ ପ୍ରକାଶ କର ।

କ) ଟେଲିଫୋନ୍ ସାହାଯ୍ୟରେ କଥାବାର୍ତ୍ତା ।

ଖ) ପ୍ରତୀକ ଏବଂ ଚିତ୍ର ମାଧ୍ୟମରେ ସଂପ୍ରେଷଣ ।

ଗ) ନାଲିବତି ଦେଖାଇ ଯାତାୟାତର ସିଗ୍‌ନାଲ ଦେବା ।

ଘ) ମୋବାଇଲ ଫୋନ୍ ମାଧ୍ୟମରେ ମିତ୍ରଙ୍କୁ ସଂଦେଶ ଦେବା (SMS)

ଙ) ବିଭିନ୍ନ ଅବସରରେ ଜାତୀୟ ପତାକାକୁ ଅଭିବାଦନ ଜଣାଇବା ।

୨. ନିମ୍ନଲିଖିତକୁ ସଂଯୋଗ କର ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
୧. ଖୁଚୁରା ଡାକ	୧. ଗ୍ରାହକଙ୍କଠାରୁ ସାଧାଚିଠି ସଂଗ୍ରହ
୨. ମିଡ଼ିଆ ଡାକ	୨. ପାର୍ସଲ ହଜିଯିବା କିମ୍ବା କ୍ଷତିଗ୍ରସ୍ତ ହେବାଦ୍ୱାରା କ୍ଷତି ପୂରଣ
୩. ପ୍ରତ୍ୟକ୍ଷ ଡାକ	୩. ପୋଷ୍ଟକାର୍ଡ ଉପରେ ବିଜ୍ଞାପନ
୪. ବ୍ୟବସାୟିକ ଡାକ	୪. ଟେଲିଫୋନ ବିଲ୍ ଏକାଠି କରିବା
୫. ବୀମିତ ଡାକ	୫. ସମ୍ଭାବିତ ଗ୍ରାହକଙ୍କୁ ଛୋଟ ପୁସ୍ତିକା ପଠାଇବା

୨.୫.୪ ଦୂର ସଞ୍ଚାର ସେବା:

କଲିକତା ଏବଂ ଡାଇମଣ୍ଡ ହାରବର ମଧ୍ୟରେ ପ୍ରଥମେ ଟେଲିଗ୍ରାଫ୍ ସେବା ୧୮୫୧ ମସିହାରେ ଖୋଲି ଯାଇଥିଲା । ପ୍ରଥମେ ଟେଲିଫୋନ୍ ସେବାର ଆରମ୍ଭ କଲିକତାରେ ୧୮୮୧-୮୨ ମସିହାରେ କରାଯାଇଥିଲା ଏବଂ ପ୍ରଥମ ସ୍ୱଚାଳିତ ଏକ୍ସଚେଞ୍ଜ ଶିମଲାଠାରେ ୧୯୧୩-୧୪ ମସିହାରେ ପ୍ରାରମ୍ଭ କରାଯାଇଥିଲା । ବର୍ତ୍ତମାନ ଭାରତ ଟେଲିଫୋନ ସଂଖ୍ୟା ହିସାବରେ ବିଶ୍ୱର ୧୦ମ ବୃହତ୍ ନେଟୱାର୍କ ହୋଇପାରିଛି । ଭାରତରେ ମିଳୁଥିବା ବିଭିନ୍ନ ଦୂରସଂଚାର ସେବାଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

କ) **ସ୍ଥାୟୀ ଲାଇନ୍ ଫୋନ୍:** ସ୍ଥାୟୀ ଲାଇନ୍ ଫୋନ୍ ହେଉଛି ଟେଲିଫୋନ ମୌଖିକ ସଞ୍ଚାରଣର ସବୁଠାରୁ ଲୋକପ୍ରିୟ ସାଧନ । ଏହା ବ୍ୟବସାୟର ଆଭ୍ୟନ୍ତରୀଣ ଏବଂ ବାହ୍ୟ ପ୍ରସାରଣ ନିମନ୍ତେ ଅଧିକ ପ୍ରୟୋଗ କରାଯାଇଥାଏ । ଏହାଦ୍ୱାରା ମୌଖିକ କଥାବାର୍ତ୍ତା, ଚର୍ଚ୍ଚା ଏବଂ ଲିଖିତ ସଂଦେଶ ପଠାଇଯାଇପାରିଥାଏ । ଆମ ଦେଶରେ ସରକାର ଏବଂ ଘରୋଇ ଦୂରସଂଚାର କମ୍ପାନୀ ଏହି ସେବା ପ୍ରଦାନ କରୁଛନ୍ତି ।

ଖ) **ସେଲ୍ୟୁଲାର ସେବା:** ଆଜିକାଲି ସେଲ୍ୟୁଲାର ଅର୍ଥାତ ମୋବାଇଲ ଫୋନ୍‌ର ଅଧିକ ଲୋକପ୍ରିୟତା ବୃଦ୍ଧି ପାଇଛି । ଏହାଦ୍ୱାରା ସଂଦେଶ ସବୁ ସମୟରେ ସବୁ ସ୍ଥାନରେ ପହଞ୍ଚାଯାଇ ପାରିବ । ଏହା ସ୍ଥାୟୀ ଲାଇନ୍ ଟେଲିଫୋନ୍‌ର ପରିବର୍ତ୍ତିତ ରୂପ ଅଟେ । ଏଥିରେ ଅନେକ ଆଧୁନିକସେବା ମଧ୍ୟ ସମ୍ଭବ ହେଉଛି ଯେପରି ସଂକ୍ଷିପ୍ତ ସନ୍ଦେଶ ସେବା(SMS), ମଲ୍‌ଟିମିଡିଆ ମେସେଜିଙ୍ଗ୍ ସେବା (MMS) ଇତ୍ୟାଦି । ଏମ୍.ଟି.ଏନ୍.ଏଲ୍, ବି.ଏସ୍.ଏନ୍.ଏଲ, ଏୟାରଟେଲ୍, ଆଇଡ଼ିଆ, ଭୋଡ଼ାଫୋନ୍, ରିଲାୟନ୍‌ସ ଏବଂ ଟାଟା ଇତ୍ୟାଦି ଆମ ଦେଶରେ ମୋବାଇଲ ଯୋଗାଉଛନ୍ତି ।

ଗ) **ଟେଲିଗ୍ରାମ୍ :** ଏହା ଏକ ପ୍ରକାର ଲିଖିତ ସଞ୍ଚାରଣ ଅଟେ ଯାହାଦ୍ୱାରା ସଂଦେଶକୁ ଶୀଘ୍ର ଦୂର ସ୍ଥାନକୁ ପଠାଯାଇପାରେ । ଏହାର ପ୍ରୟୋଗ ଅତି-ଆବଶ୍ୟକୀୟ ଛୋଟ ସଂଦେଶ ପ୍ରେରଣ ନିମନ୍ତେ କରାଯାଇଥାଏ । ଏହି ସୁବିଧା ଟେଲିଗ୍ରାଫ୍ ଅଫିସ୍‌ରେ ଉପଲବ୍ଧ ଅଟେ ।

ଘ) **ଟେଲେକ୍ସ :** ଟେଲେକ୍ସରେ ଟେଲିମିଟର ପ୍ରୟୋଗ ହୋଇଥାଏ । ଏହା ମୁଦ୍ରଣ ସଂପ୍ରେଷଣର ମାଧ୍ୟମ ଅଟେ । ଟେଲିମିଟର ଏକ ଟେଲିଟାଇପ୍ ରାଇଟର ଯେଉଁଥିରେ ଏକ ମାନକ କି'ବୋର୍ଡ

ରହିଥାଏ ଏବଂ ଏହା ଟେଲିଫୋନ୍ ସହିତ ସଂଯୁକ୍ତ ହୋଇଥାଏ ।

ଙ) **ଫ୍ୟାକ୍ସ:** ଫ୍ୟାକ୍ସ କିମ୍ବା ଫ୍ୟାକ୍ସିମାଇଲ ଏକ ଇଲୋକ୍ଟ୍ରୋନିକ୍ ମେସିନ୍ ଯେଉଁଥିରେ ହସ୍ତଲେଖା ଅଥବା ମୁଦ୍ରିତ ବିଷୟକୁ ଦୂର ସ୍ଥାନକୁ ପଠାଯାଇଥାଏ । ଟେଲିଫୋନ ଲାଇନ୍‌କୁ ପ୍ରୟୋଗକରି ଏହି ମେସିନ ରିପୋର୍ଟର ଅବିକଳ ନକଲକୁ ପ୍ରାପ୍ତକରିବା ବ୍ୟକ୍ତିର ମେସିନ୍‌କୁ ପଠାଇ ଦେଇଥାଏ । ଆଜିକାଲି ବ୍ୟବସାୟରେ ଲିଖିତ ସଞ୍ଚାରଣ ନିମନ୍ତେ ଏହାର ପ୍ରଚଳନ ବଢ଼ି ଯାଇଅଛି ।

ଚ) **ଭଏସ୍ ମେଲ୍:** ଏହା କମ୍ପ୍ୟୁଟର ଆଧାରିତ ପ୍ରଣାଳୀ ଅଟେ । ଯାହାଦ୍ୱାରା କି ଆସୁଥିବା ଟେଲିଫୋନ୍‌କୁ ପ୍ରାପ୍ତ କରି ତାର ଉତ୍ତର ଦେଇ ହୋଇଥାଏ । ଭଏସ୍ ମେଲରେ କମ୍ପ୍ୟୁଟର ମେମୋରି ଦ୍ୱାରା ଟେଲିଫୋନ୍‌ରେ ଆସିଥିବା ସଂଦେଶକୁ ଜମା କରାଯାଏ । ଟେଲିଫୋନ କରିବା ବ୍ୟକ୍ତି ଭଏସ୍‌ମେଲର ନମ୍ବରକୁ ଡାଏଲ୍ କରିଥାଏ । ପୁନଶ୍ଚ କମ୍ପ୍ୟୁଟର ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରି ଆବଶ୍ୟକ ସୂଚନା ଦେଇଥାଏ । ଲୋକମାନେ ଭଏସ୍ ମେଲ ଉପରେ ସଂଦେଶକୁ ରେକର୍ଡ କରିଥାନ୍ତି ଏବଂ ତା'ର ଜବାବ ମଧ୍ୟ ଦେଇ ପାରିଥାଆନ୍ତି ।

ଛ) **ଇ-ମେଲ:** ଇଲେକ୍‌ଟ୍ରୋନିକ ମେଲ୍‌ର ଜଣାଶୁଣାନାମ ଇ-ମେଲ୍ । ଏହା ସଂପ୍ରେଷଣର ଏକ ଆଧୁନିକ ମାଧ୍ୟମ ଅଟେ । ଏଥିରେ ମୁଦ୍ରିତ ସଂଦେଶ, ଫଟୋଚିତ୍ର, ସ୍ୱର ଆଦିକୁ ଇଣ୍ଟରନେଟ୍ ମାଧ୍ୟମରେ ଏକ କମ୍ପ୍ୟୁଟରରୁ ଅନ୍ୟ ଏକ କମ୍ପ୍ୟୁଟରକୁ ପଠାଯାଇ ଥାଏ ।

ଜ) **ଏକତ୍ରୀତ ସଂଦେଶ ସେବା :** ଏହା ଏପରି ଏକ ପ୍ରଣାଳୀ ଯେଉଁଥିରେ ଟେଲିଫୋନ୍ ଉପକରଣ, ଫ୍ୟାକ୍ସ ମେସିନ୍, ମୋବାଇଲ ଫୋନ୍ ଏବଂ ଇଣ୍ଟରନେଟ ବ୍ରାଉଜରକୁ ବ୍ୟବହାର କରି ଗୋଟିଏ ମେଲ୍ ବକ୍ସରେ ଫ୍ୟାକ୍ସ, ଭଏସ୍ ମେଲ୍ ଏବଂ ଇ-ମେଲ୍‌ର ସଂଦେଶକୁ ପ୍ରାପ୍ତ କରାଯାଇଥାଏ ।

ଝ) **ଟେଲିକନ୍‌ଫରେସିଂ:** ଟେଲିକନ୍‌ଫରେସିଂ ଏକ ପ୍ରଣାଳୀ ଯେଉଁଥିରେ ଲୋକମାନେ ପାଖାପାଖି ନଥାଇ ମଧ୍ୟ କଥାବାର୍ତ୍ତା କରିପାରନ୍ତି । ଲୋକମାନେ ଅନ୍ୟମାନଙ୍କର କଥା ଶୁଣି ପାରନ୍ତି ଏବଂ ସେମାନଙ୍କର ଫଟୋ ମଧ୍ୟ ଦେଖି ପାରନ୍ତି । ଭିନ୍ନ ଭିନ୍ନ ଦେଶରେ ଥିବା ଲୋକମାନେ ଜଣେ ଅନ୍ୟଜଣଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ପାରନ୍ତି । ଏଥିରେ ଟେଲିଫୋନ୍, କମ୍ପ୍ୟୁଟର, ଟେଲିଭିଜନ ପରି ଆଧୁନିକ ଉପକରଣଗୁଡ଼ିକର ଉପଯୋଗ କରାଯାଇଥାଏ ।

୨.୫.୫ ସଂପ୍ରେଷଣର ମହତ୍ତ୍ୱ:

କ) **ବ୍ୟବସାୟକୁ ପ୍ରୋତ୍ସାହନ:** ସଞ୍ଚାରଣର ଆଧୁନିକ ମାଧମଦ୍ୱାରା ବ୍ୟବସାୟୀମାନେ ବହୁ ଦୂରରୁ ସହଜରେ ବ୍ୟବସାୟ କରିପାରୁଛନ୍ତି । ଏହାଦ୍ୱାରା ଅନୁସନ୍ଧାନ କରିପାରନ୍ତି, ସର୍ତ୍ତାବଳୀ ପ୍ରସ୍ତୁତ କରିଥାନ୍ତି, ନିର୍ଦ୍ଦେଶ ମଧ୍ୟଦେଇ ପାରିଥାନ୍ତି ଏବଂ ନିଜର ସ୍ୱୀକୃତି ମଧ୍ୟ ପଠାଇ ପାରନ୍ତି । ଏହିକାରଣରୁ ବିଦେଶୀ ଏବଂ ଘରୋଇ ବ୍ୟାପାରର ବୃଦ୍ଧି ହୋଇପାରୁଛି ।

ଖ) **ଶ୍ରମର ଗତିଶୀଳତା :** କାମଧନ୍ଦା ପାଇଁ ଯେଉଁ ଲୋକମାନେ ନିଜର ଘର ପରିବାର ଠାରୁ ଦୂରରେ ରହୁଛନ୍ତି ସେମାନେ ଏହି ସଂପ୍ରେଷଣ ମାଧ୍ୟମରେ ନିଜର ପରିବାର ଏବଂ ବନ୍ଧୁମାନଙ୍କ ସହିତ ସମ୍ପର୍କ ରକ୍ଷା କରିପାରୁଛନ୍ତି ।

ଗ) **ସାମାଜିକକରଣ:** ସଂପ୍ରେଷଣର ବିଭିନ୍ନ ମାଧମ ଯେପରି ଟେଲିଫୋନ୍, ଫ୍ୟାକ୍ସ, ଇ-ମେଲ ଆଦି ମାଧ୍ୟମରେ ଲୋକମାନେ ନିଜର ସମ୍ପର୍କୀୟ, ବନ୍ଧୁବାନ୍ଧବମାନଙ୍କ ସହିତ ନିୟମିତ ଭାବରେ

ସଂଦେଶ ଆଦାନ ପ୍ରଦାନ କରିପାରୁଛନ୍ତି । ଏହାଦ୍ୱାରା କେବଳ ସମ୍ପର୍କ ରକ୍ଷାକରାଯାଉନି ବରଂ ଏହାକୁ ଅଧିକ ଦୃଢ଼ ମଧ୍ୟ କରାଯାଇପାରୁଛି ।

ଘ) **ସମନ୍ୱୟ ଏବଂ ନିୟନ୍ତ୍ରଣ :** ବ୍ୟାବସାୟିକ ଗୃହ ଏବଂ ସରକାରୀ କାର୍ଯ୍ୟାଳୟ ଅଲଗା ଅଲଗା ସ୍ଥାନରେ ହୋଇଥାଏ ଏବଂ ଗୋଟିଏ ଭବନ ମଧ୍ୟରେ ଅନେକ ଗୁଡ଼ିଏ ବିଭାଗ ମଧ୍ୟ ରହିଥାଏ । ପ୍ରଭାବୀ ସଂପ୍ରେଷଣ ଦ୍ୱାରା ସେମାନଙ୍କ କାର୍ଯ୍ୟରେ ସମନ୍ୱୟ ସ୍ଥାପନା ଏବଂ ନିୟନ୍ତ୍ରଣ ରକ୍ଷାକରାଯାଇ ପାରୁଛି ।

ଙ) **କାର୍ଯ୍ୟ ସମ୍ପାଦନରେ କୁଶଳତା:** ପ୍ରଭାବୀ ସଂପ୍ରେଷଣଦ୍ୱାରା କାର୍ଯ୍ୟ ସମ୍ପାଦନା ଉତ୍ତମ ଭାବରେ ହୋଇପାରିଥାଏ । ବ୍ୟାବସାୟିକ ପ୍ରକ୍ରିୟାର ନିୟମିତ ସଂପ୍ରେଷଣ କାରଣରୁ ଅନ୍ୟମାନଙ୍କ ଠାରୁ ଚାହୁଁଥିବା ସହଯୋଗ ପ୍ରାପ୍ତ ହୋଇଥାଏ । ଏହା ବିଚାର ଏବଂ ନିର୍ଦ୍ଦେଶକୁ ଭଲଭାବରେ ବୁଝିବାରେ ସାହାଯ୍ୟ କରେ ।

ଚ) **ପେଶାଦାର ଲୋକମାନଙ୍କ ପାଇଁ ସହାୟକ:** ଓକିଲ ଅଲଗା ଅଲଗା କୋର୍ଟକୁ ଯାଇଥାନ୍ତି ଯେଉଁଗୁଡ଼ିକ ବହୁତ ଦୂରରେ ଅବସ୍ଥିତ ହୋଇଥାଏ । ଡାକ୍ତର କେତେକ ନର୍ସିଂହୋମକୁ ଯାଇଥାନ୍ତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କମ୍ପାନୀମାନଙ୍କର କାର୍ଯ୍ୟାଳୟକୁ ଯାଇଥାନ୍ତି । ମୋବାଇଲ ଟେଲିଫୋନ୍ ବ୍ୟବହାରଦ୍ୱାରା ସେମାନେ ନିଜର କାର୍ଯ୍ୟକ୍ରମ ସ୍ଥିର କରିଥାନ୍ତି ଏବଂ ଆବଶ୍ୟକସ୍ଥଳେ ତାର ପରିବର୍ତ୍ତନ ମଧ୍ୟ କରିବାରେ ସହାୟକ ହୋଇଥାଏ ।

ଛ) **ବିପଦ ସମୟରେ ସହାୟକ:** ଯଦି କୌଣସି ଦୁର୍ଘଟଣା ଘଟିଲା କିମ୍ବା କେଉଁଠାରେ ନିଆଁ ଲାଗିଲା ତେବେ ଆଧୁନିକ ସଂଚାର ମାଧ୍ୟମରେ ତୁରନ୍ତ ସହାୟତା ଲୋଡ଼ାଯାଇ ପାରୁଛିଏବଂ ସହାୟତା ପ୍ରାପ୍ତ ମଧ୍ୟ ହୋଇପାରୁଛି ।

ଜ) **ସମୁଦ୍ର କିମ୍ବା ବାୟୁପଥରେ ଯାତାୟାତ:** ସଂଚାର ମାଧ୍ୟମ ସମୁଦ୍ର ଜାହାଜ କିମ୍ବା ଉଡ଼ାଜାହାଜର ସୁରକ୍ଷିତଯାତ୍ରା ନିମନ୍ତେ ସହାୟକ ହୋଇଥାଏ କାରଣ ଏହାର ମାର୍ଗ ଦର୍ଶନ, କୌଣସି ସ୍ଥାନର ବିଶେଷସ୍ଥିତି ନିୟନ୍ତ୍ରଣକକ୍ଷରୁ ସଂପ୍ରେଷଣ ଦ୍ୱାରା କରାଯାଇଥାଏ ।

ଝ) **ଶିକ୍ଷାର ପ୍ରସାର:** ଶିକ୍ଷାସମ୍ବନ୍ଧୀୟ ଅନେକ କାର୍ଯ୍ୟକ୍ରମ ରେଡ଼ିଓ ଦ୍ୱାରା ପ୍ରସାରିତ ହୋଇଥାଏ ଏବଂ ଟେଲିଭିଜନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥାଏ । ଏହି ପ୍ରଣାଳୀ ବ୍ୟକ୍ତିଗତ ଅଧ୍ୟୟନ ସ୍ଥାନରେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଅଧିକ ଲୋକପ୍ରିୟପ୍ରଣାଳୀ ହୋଇପାରିଛି ।

ଞ) **ବିଜ୍ଞାପନ:** ରେଡ଼ିଓ ତଥା ଟେଲିଭିଜନ ଜନସାଧାରଣଙ୍କର ସମ୍ବାଦର ମାଧ୍ୟମ ଅଟେ ଏବଂ ବ୍ୟାବସାୟିକ ଫାର୍ମ ନିମନ୍ତେ ବିଜ୍ଞାପନର ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ଅଟେ କାରଣ ଏମାନଙ୍କଦ୍ୱାରା ବହୁଳ ଭାବରେ ଲୋକମାନଙ୍କ ପାଖରେ ସମ୍ବାଦ ପହଞ୍ଚାଯାଇ ପାରିଥାଏ ।

ପାଠଗତ ପ୍ରଶ୍ନାବଳୀ ୨(ଛ)

୧. ଦୂର ସଂଚାର ସେବା ନଥିଲେ ଆମକୁ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ତନ୍ମଧ୍ୟରୁ ଦୁଇଟି ଲେଖ ।

କ) ....

ଖ) ....



୨. ନିମ୍ନରେ ଦିଆଯାଇଥିବା ଶୂନ୍ୟସ୍ଥାନକୁ ପୂରଣକର । ପ୍ରତ୍ୟେକର ସମ୍ବନ୍ଧରେ ଦିଆଯାଇଥିବା ପାଠରୁ ସଙ୍କେତ ମିଳିବ । ପ୍ରତ୍ୟେକ ଶୂନ୍ୟସ୍ଥାନ ପାଇଁ ଗୋଟିଏ ଗୋଟିଏ ଅକ୍ଷର ଲେଖ । 'କ' ଆପଣଙ୍କୁ ଉଦାହରଣ ଦିଆଗଲା ।

କ) ଟେ ______ କ୍ ______ (ଟେଲେକ୍ସ)

ଖ) ଓ ______ ସ ______ ଲ

ଗ) ______ କ୍ସ

ଘ) ଟେ ______ ଗ୍ରା ______

ଙ) ଇ ______ ଲ୍

ସଙ୍କେତ

କ) ସଂପ୍ରେଷଣ ଯେଉଁଥିରେ ଟେଲିମିଟର ପ୍ରୟୋଗ ହୁଏ

ଖ) ଆସିଥିବା ଟେଲିଫୋନ୍ କଲ୍‌କୁ କମ୍ପ୍ୟୁଟର ଆଧାରିତ ପ୍ରଣାଳୀଦ୍ୱାରା ପ୍ରାପ୍ତ କରିବା ଏବଂ ତାର ଉତ୍ତର ଦେବା ।

ଗ) ହସ୍ତଲେଖା ସଂଦେଶକୁ ତୁରନ୍ତ ପ୍ରେରଣ ନିମନ୍ତେ ବ୍ୟବହୃତ ମେସିନ୍

ଘ) ଏକ ପ୍ରକାର ଲିଖିତ ସଂପ୍ରେଷଣ

ଙ) ଇଣ୍ଟରନେଟ୍ ମାଧ୍ୟମରେ ଲିଖିତ ସଂଦେଶର ସଂପ୍ରେଷଣ ।

୨.୬ ଭଣ୍ଡାରଣ

ଭଣ୍ଡାରଗୃହ ବା ପଣ୍ୟାଗାର ଅଥବା ଗୋଦାମ ଶବ୍ଦ ପରସ୍ପରର ପ୍ରତିଶବ୍ଦ । ଅତଏବ ଭଣ୍ଡାରଗୃହ ସେହିସ୍ଥାନକୁ କହନ୍ତି ଯେଉଁଠାରେ ବସ୍ତୁଗୁଡ଼ିକ ସଂଗୃହୀତ କରାଯାଏ ଏବଂ ଏହିସବୁ କାର୍ଯ୍ୟକୁ ଭଣ୍ଡାରଣ କହନ୍ତି ଯେଉଁଥିରେ ମାଲ୍‌ଗୁଡ଼ିକ ବହୁପରିମାଣରେ ବ୍ୟବସ୍ଥିତ ଭାବରେ ସଂଗୃହୀତ କରାଯାଇଥାଏ ଏବଂ ଆବଶ୍ୟକ ବେଳେ ତାକୁ ସହଜରେ ଉପଲବ୍ଧ କରାଯାଇପାରିଥାଏ । ଅନ୍ୟଭାଷାରେ ଭଣ୍ଡାରଣ ଅର୍ଥ ବହୁତ ପରିମାଣ ବସ୍ତୁ ଖରୀଦ୍ କରିବା କିମ୍ବା ଉତ୍ପାଦନ କରିବା ସମୟଠାରୁ ତାହାର ବାସ୍ତବିକ ଉପଯୋଗ ଅଥବା ବିକ୍ରୟ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା । ଏଣୁ ଏହା ବସ୍ତୁଗୁଡ଼ିକର ଉତ୍ପାଦନ ଏବଂ ଉପଯୋଗ ମଧ୍ୟରେ ସମୟସୀମାକୁ କମ୍ କରି ସମୟର ସଦୁପଯୋଗ କରାଇଥାଏ ।

୨.୬.୧ ଭଣ୍ଡାରଣର ମହତ୍ତ୍ୱ

ଯେପରି ଆଗରୁ ବର୍ଣ୍ଣନା କରାଯାଇଅଛି ଯେ ଭଣ୍ଡାରଣ ବସ୍ତୁଗୁଡ଼ିକର ଉତ୍ପାଦନ ଏବଂ ଉପଯୋଗ ମଧ୍ୟରେ ସମୟ ସୀମାକୁ କମ୍ କରିଥାଏ ଏବଂ ଏହି ପ୍ରକାରରେ ବଡ଼ ମାତ୍ରାର ବ୍ୟାବସାୟିକ କାର୍ଯ୍ୟ କଳାପର ଉପଯୋଗୀ ଉଦ୍ଦେଶ୍ୟ ମଧ୍ୟ ପୂରଣ କରିଥାଏ । ଉପଯୋଗିତାର ଆଧାର ଦୃଷ୍ଟିରୁ ଏହାର ମହତ୍ତ୍ୱକୁ ନିମ୍ନପ୍ରକାରରେ ସଂକ୍ଷେପରେ ବର୍ଣ୍ଣନା କରାଯାଇପାରେ ।

କ) **କଞ୍ଚାମାଲ ମହଜୁଦ୍ କରିବା:** ଉତ୍ପାଦନକୁ ନିରନ୍ତର ଚାଲୁରଖିବାକୁ ହେଲେ କଞ୍ଚାମାଲକୁ ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ସର୍ବଦା ଉପଲବ୍ଧ ରଖାଯିବା ଦରକାର । ଏପରି ନକଲେ କେତେକ କଞ୍ଚାମାଲ ଏପରି ଥାଏ ଯାହାକି ଏବଂ ନିର୍ଦ୍ଦିଷ୍ଟ ଋତୁରେ ଉପଲବ୍ଧ ହୋଇଥାଏ ଯେପରି କପା, ତୈଳବୀଜ,

ଟିପ୍ପଣୀ

କିନ୍ତୁ ଏହାର ଆବଶ୍ୟକତା ଉତ୍ପାଦନ ନିମନ୍ତେ ବର୍ଷସାରା ରହିଥାଏ । ସେଥିପାଇଁ ଏହାକୁ ଷ୍ଟକ୍ (ମହଜୁଦ୍) ରଖିବାକୁ ପଡ଼େ ଯାହାକୁ ଆବଶ୍ୟକ ସମୟରେ ଉପଯୋଗ କରାଯାଇପାରିଥାଏ ।

ଖ) **ସମ୍ଭାବ୍ୟ ମୂଲ୍ୟବୃଦ୍ଧି ପାଇଁ ଗଚ୍ଛିତ କରିବା:** ନିର୍ମାଣକାରୀ ଯଦି ବିଚାର କରନ୍ତି ଯେ କଞ୍ଚାମାଲର ମୂଲ୍ୟ ଭବିଷ୍ୟତରେ ବୃଦ୍ଧି ପାଇବା ସମ୍ଭାବନା ରହିଛି ସେ ଏହାକୁ ଗଚ୍ଛିତ କରି ରଖିବେ । ସମାନ ଭାବରେ ବ୍ୟାପାରିମାନେ ମଧ୍ୟ ଜିନିଷର ସମ୍ଭାବ୍ୟ ଦର ବୃଦ୍ଧି ଆଶଙ୍କା କରି ମହଜୁଦ୍ କରଣ କରିଥାନ୍ତି ।

ଗ) **ତିଆରିମାଲ୍‌କୁ ମହଜୁଦ୍ ରଖିବା:** ସାଧାରଣତଃ ମାଲର ବିକ୍ରିକୁ ଧ୍ୟାନରେ ରଖିକରି ଉତ୍ପାଦନ କରାଯାଏ । କେବଳ ତାହା ନୁହଁ, କେତେକ ବସ୍ତୁର ଉତ୍ପାଦନ ବର୍ଷସାରା ହୋଇଥାଏ । କିନ୍ତୁ ଏହାର ଉପଯୋଗବର୍ଷର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହୋଇଥାଏ ଯେପରିକି ବିଦ୍ୟୁତପଙ୍ଖା, ଗରମ ପୋଷାକ ଇତ୍ୟାଦି । ସେହିପରି କେତେକ ବସ୍ତୁର ଉତ୍ପାଦନ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ହୋଇଥାଏ କିନ୍ତୁ ଏହାର ଉପଯୋଗ ବର୍ଷସାରା ହୋଇଥାଏ, ଯେପରି ଚିନି । ଏହି କାରଣରୁ ଏହାର ସଂଗ୍ରହର ଆବଶ୍ୟକତା ରହିଛି ।

ଘ) **ପାଇକାରୀ ବିକ୍ରେତାଙ୍କ ଦ୍ୱାରା ମାଲ୍‌ର ମହଜୁଦିକରଣ:** ପାଇକାରୀ ବିକ୍ରେତାମାନେ ବହୁମାତ୍ରାରେ ମାଲ ଖରୀଦ କରିଥାନ୍ତି ଏବଂ ସମୟ-ସମୟରେ ଖୁଚୁରା ବ୍ୟବସାୟୀଙ୍କୁ ଅଳ୍ପମାତ୍ରାରେ ସେମାନଙ୍କ ଆବଶ୍ୟକତାନୁସାରେ ମାଲର ବିକ୍ରୟ କରିଥାନ୍ତି ।

ଙ) **ପ୍ୟାକେଟ ଏବଂ ବସ୍ତୁର ଶ୍ରେଣୀବଦ୍ଧ କରିବା:** ଭଣ୍ଡାରଗୃହରେ ବସ୍ତୁମାନଙ୍କର ଆକାର ଏବଂ ମାନର ଆଧାର ଅନୁସାରେ ବସ୍ତୁକୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଥାଏ ଯାହାଫଳରେ ତାକୁ ସହଜରେ ଉପଯୋଗ କିମ୍ବା ବିକ୍ରି କରାଯାଇପାରେ ।

ଚ) **ଆମଦାନୀକାରୀଙ୍କ ନିମନ୍ତେ ଉପଯୋଗୀ:** କେତେକ ଭଣ୍ଡାରଗୃହ (ଯାହାକୁ ବନ୍ଧକ ଗୋଦାମଘର କହନ୍ତି) ଆମଦାନୀ ହୋଇଥିବା ମାଲକୁ ଏହି ଗୃହରେ ମହଜୁଦ୍ କରାଯାଇଥାଏ ଯେ ପର୍ଯ୍ୟନ୍ତ ଆମଦାନୀକାରୀ ତାଙ୍କର ସୀମାଶୁଳ୍କ ପରିଶୋଧ କରି ଆମଦାନୀ କରାଯାଇଥିବା ସାମଗ୍ରୀ ନେଇ ନଥାନ୍ତି ।

ଭଣ୍ଡାରଣର ଉପଯୋଗିତା ବିଷୟରେ ଅନୁଧ୍ୟାନ କଲେ ଏହା ବିପଣନ ଶୃଙ୍ଖଳାର ଏକ ମହତ୍ତ୍ୱପୂର୍ଣ୍ଣ କଡ଼ି ବୋଲି ନିଷ୍କର୍ଷ ବାହାରିବ । ଏହା ସମୟ ଏବଂ ସ୍ଥାନ ଅନୁଯାୟୀ ମାଲ୍‌ର ମୂଲ୍ୟ ବୃଦ୍ଧି ମଧ୍ୟ କରିଥାଏ । ଏହା ବସ୍ତୁର ଚାହିଦା ଏବଂ ଯୋଗାଣର କମ୍-ବେଶୀକୁ ନିୟନ୍ତ୍ରଣ କରିଥାଏ । ଅତଏବ ଏହା କୁହାଯାଇପାରେ କି ଯେଉଁଠାରେ ବଣିଜ ଏବଂ ବେପାର ଅଛି ସେଠାରେ ଭଣ୍ଡାରଣର ଆବଶ୍ୟକତା ଅଛି ।

୨.୬.୨ ଭଣ୍ଡାରଗୃହ ବା ପଣ୍ୟାଗାରର ପ୍ରକାର :

ଯାଣିଛ ଯେ ଭଣ୍ଡାରଗୃହ ବିଭିନ୍ନ ପ୍ରକାରର ବସ୍ତୁଗୁଡ଼ିକ ସଂଗ୍ରହଣର ଆବଶ୍ୟକତାକୁ ପୂରଣ କରିଥାଏ । ବସ୍ତୁର ସଂଗ୍ରହଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଉତ୍ତମଭାବରେ ପୂରଣ କରିବା ନିମନ୍ତେ ବିଭିନ୍ନ ପ୍ରକାରର ଭଣ୍ଡାରଗୃହ ହୋଇଥାଏ । ସେଗୁଡ଼ିକ ହେଲା —

କ) **ଘରୋଇ ପଣ୍ୟାଗାର:** ଏହିପ୍ରକାର ପଣ୍ୟାଗାରର ମାଲିକାନା ଏବଂ ସଂଚାଳନା ଉତ୍ପାଦନକାରୀ ବା ବ୍ୟାପାରୀ କରିଥାନ୍ତି । ଏହା ସେମାନଙ୍କର ନିଜର ମାଲ୍ ସଂଗ୍ରହଣ ନିମନ୍ତେ କରିଥାନ୍ତି । ସେଥିପାଇଁ ତାକୁ ଘରୋଇ ପଣ୍ୟାଗାର କୁହାଯାଏ ।



ଟିପ୍ପଣୀ

ଖ) **ରାଷ୍ଟ୍ରାୟତ୍ତ ପଣ୍ୟାଗାର**: ଏହାଏକ ସ୍ୱତନ୍ତ୍ର ସଂସ୍ଥାଅଟେ । ଏଥିରେ ଅନ୍ୟ ଫାର୍ମର ମାଲ ସଂଗ୍ରହଣ କରାଯାଇଥାଏ । ଯେ କୌଣସି ବ୍ୟକ୍ତି ଭଡ଼ା ପ୍ରଦାନ କରି ନିଜର ମାଲ୍‌କୁ ଏହି ପଣ୍ୟାଗାରରେ ରଖିପାରନ୍ତି ।

ଗ) **ସରକାରୀ ପଣ୍ୟାଗାର:** ଏହି ପଣ୍ୟାଗାରର ମାଲିକ ସରକାର । ସେ ଏହାର ପରିଚାଳନ ଏବଂ ନିୟନ୍ତ୍ରଣ କରିଥାନ୍ତି । ଭାରତୀୟ କେନ୍ଦ୍ରୀୟ ପଣ୍ୟାଗାର ନିଗମ, ରାଜ୍ୟ ପଣ୍ୟାଗାର ନିଗମ ଏବଂ ଭାରତୀୟ ଖାଦ୍ୟ ନିଗମ ସରକାରୀ ପଣ୍ୟାଗାରର ଉଦାହରଣ ଅଟେ । ସରକାରୀ ଏବଂ ଘରୋଇ ଉଭୟ ଉଦ୍ୟୋଗ ଏହି ଭଣ୍ଡାରଗୃହର ଉପଯୋଗ କରିଥାନ୍ତି ।

ଘ) **ବନ୍ଧକ ପଣ୍ୟାଗାର:** ଏହି ଭଣ୍ଡାର ଗୃହଗୁଡ଼ିକ ଯେଉଁଥିରେ ଆମଦାନୀ ବସ୍ତୁଗୁଡ଼ିକୁ ଭଣ୍ଡାରଣ କରାଯାଏ ଯାହା ଉପରେ ଆମଦାନୀ କର ପରିଶୋଧ ହୋଇନଥାଏ । ଏହି ଭଣ୍ଡାରଗୃହର ମାଲିକାନା ସାଧାରଣତଃ ପୋତାଶ୍ରୟ ପ୍ରାଧିକରଣ ହାତରେ ଥାଏ ତଥା ବନ୍ଦର ନିକଟରେ ସ୍ଥାପିତ ହୋଇଥାଏ ।

ଙ) **ସମବାୟ ପଣ୍ୟାଗାର:** ଏହି ଭଣ୍ଡାର ଗୃହର ସ୍ଥାପନା ସମବାୟ ସମିତିମାନଙ୍କଦ୍ୱାରା ନିଜର ସଦସ୍ୟମାନଙ୍କର ଲାଭ ନିମନ୍ତେ କରାଯାଇଥାଏ । ଏହା ବହୁତ କମ୍ ଦରରେ ଭଣ୍ଡାରଣ ସୁବିଧା ପ୍ରଦାନ କରିଥାଏ ।

୨.୬.୩. ପଣ୍ୟାଗାରର କାର୍ଯ୍ୟ:

ପଣ୍ୟାଗାରରେ ବହୁତମାତ୍ରାର ମାଲ୍‌କୁ ବ୍ୟବସ୍ଥିତ ଢଙ୍ଗରେ ରଖାଯାଇଥାଏ । ଏହା ମାଲକୁ ଗରମ ପବନ, ଏବଂ ଆର୍ଦ୍ରତାରୁ ସୁରକ୍ଷା ପ୍ରଦାନ କରେ ତଥା ସଢ଼ିବା, ପଚିବା, ଅପବ୍ୟୟ ଆଦି ହାନିକୁ କମ୍ କରିଥାଏ । ଏହା ସହିତ ଭଣ୍ଡାରଗୃହ ଆଜିକାଲି କେତେକ ଅନ୍ୟ କାର୍ଯ୍ୟ ମଧ୍ୟ କରୁଅଛି ଯାହାକୁ ନିମ୍ନରେ ଦିଆଗଲା ।

କ) **ବସ୍ତୁଗୁଡ଼ିକର ଭଣ୍ଡାରଣ**:ପଣ୍ୟାଗାରର ମୁଖ୍ୟକାର୍ଯ୍ୟ ହେଉଛି ବସ୍ତୁଗୁଡ଼ିକୁ ତାର ବିକ୍ରି କିମ୍ବା ଉପଯୋଗର ଆବଶ୍ୟକତା ହେବା ପର୍ଯ୍ୟନ୍ତ ଉତ୍ତମ ଭାବରେ ସଂଗୃହୀତ କରିରଖିବା ।

ଖ) **ବସ୍ତୁର ସୁରକ୍ଷା:** ପଣ୍ୟାଗାର ବସ୍ତୁଗୁଡ଼ିକୁ ଗରମ, ଧୂଳି, ପବନ, ଆଦ୍ରତା ଆଦି କାରଣରୁ ଖରାପ ହେବାରୁ ରକ୍ଷା କରେ । ତାଙ୍କ ପାଖରେ ବିଭିନ୍ନ ବସ୍ତୁନିମନ୍ତେ ସେଗୁଡ଼ିକର ପ୍ରକୃତି ଅନୁସାରେ ସଂରକ୍ଷଣର ବ୍ୟବସ୍ଥା ରହିଥାଏ ।

ଗ) **ଆଶଙ୍କା ବହନ:** ପଣ୍ୟାଗାରରେ ବସ୍ତୁଗୁଡ଼ିକ ହାନି କିମ୍ବା କ୍ଷତିର ଆଶଙ୍କାକୁ ପଣ୍ୟାଗାର ଅଧିକାରୀ ବହନ କରିଥାନ୍ତି । ସେଥିପାଇଁ ସେ ଏହାର ସୁରକ୍ଷା ନିମନ୍ତେ ସମସ୍ତ ଉପାୟ କରିଥାନ୍ତି ।

ଘ) **ବିତ୍ତିୟନ:** ଯେତେବେଳେ କୌଣସି ବ୍ୟକ୍ତି ପଣ୍ୟାଗାରରେ ମାଲ ରଖିବାପରେ ଭଣ୍ଡାରଗୃହଠାରୁ ତାଙ୍କୁ ଏକ ରସିଦ୍ ମିଳିଥାଏ । ଏହାଦ୍ୱାରା ପ୍ରମାଣିତ ହୁଏ ଯେ ମାଲ୍ ଭଣ୍ଡାରଗୃହରେ ଜମା ଅଛି । ଏହି ରସିଦ୍‌କୁ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାରେ ଜମାନତ ହିସାବରେ ବ୍ୟବହାରକରି ଋଣ ନିଆଯାଇପାରେ । କେତେକ ଭଣ୍ଡାରଗୃହର ମାଲିକ ତାଙ୍କ ଭଣ୍ଡାରଗୃହରେଥିବା ମାଲର ଜମାନତଉପରେ ଜମାକର୍ତ୍ତାଙ୍କୁ ଅଳ୍ପ ସମୟ ପାଇଁ ଅଗ୍ରୀମ ଧନ ପ୍ରଦାନ କରିଥାନ୍ତି ।

ଙ) **ପ୍ରକ୍ରିୟାକରଣ:** କିଛି ବସ୍ତୁ ଏପରିଥାଏ ଯାହାକୁ ଉତ୍ପାଦନରୂପରେ ଉପଯୋଗ କରାଯାଇ ପାରେନାହିଁ । ତାହାକୁ ଉପଯୋଗୀ କରିବା ନିମନ୍ତେ ପ୍ରକ୍ରିୟାକରଣର ଆବଶ୍ୟକତା ହୋଇଥାଏ ।

ଉଦାହରଣ ସ୍ୱରୂପ ଧାନକୁ ପଲିସ୍ କରିବା, କାଠକୁ ସିଜନିଂ କରିବା ଏବଂ ଫଳକୁ ପଚେଇବା ପ୍ରଭୃତି ପ୍ରକ୍ରିୟାକରଣ ହୋଇଥାଏ । ବେଳେବେଳେ ଭଣ୍ଡାରଗୃହର ମାଲିକଙ୍କୁ ଏହି କାମ କରିବାକୁ ପଡ଼ିଥାଏ ।

ଟିପ୍ପଣୀ

ଚ) **ମୂଲ୍ୟଯୁକ୍ତ ସେବା:** ଭଣ୍ଡାରଗୃହର ତଦାରଖ ଅଧିକାରୀ, ନିର୍ମାତା, ନିର୍ଯାତକ ଏବଂ ଥାକ ବିକ୍ରେତାଙ୍କ ତରଫରୁ ବସ୍ତୁଗୁଡ଼ିକର ଶ୍ରେଣୀକରଣ ଏବଂ ବ୍ରାଣ୍ଡିଙ୍ଗ୍ ସେବା ଉପଲବ୍ଧ କରାଇଥାନ୍ତି । ବସ୍ତୁଗୁଡ଼ିକ ସମିଶ୍ରଣ ତଥା ବିକ୍ରୟ ନିମନ୍ତେ ସୁବିଧାଜନକ ପ୍ୟାକେଜିଙ୍ଗ୍ ଇତ୍ୟାଦି କରିବାର ସୁବିଧା ମଧ୍ୟ ଏହା ପ୍ରଦାନ କରିଥାଏ ।

ଛ) **ପରିବହନ:** କେତେକ କ୍ଷେତ୍ରରେ ପଣ୍ୟାଗାର ପାଇକାରି ସଂଗ୍ରାହକ ବିକ୍ରେତାମାନଙ୍କୁ ପରିବହନର ସୁବିଧା ଯୋଗାଇ ଦେଇଥାଏ । ଏହାଦ୍ୱାରା ବସ୍ତୁଗୁଡ଼ିକୁ ଉତ୍ପାଦନ ସ୍ଥଳରୁ ସଂଗ୍ରହକରି ଆବଶ୍ୟକସ୍ଥଳକୁ ବୋହିନେବାରେ ସାହାଯ୍ୟକରେ ।

ପାଠଗତ ପ୍ରଶ୍ନାବଳୀ ୨(ଜ)

୧. ଭଣ୍ଡାରଣର ଅର୍ଥ ଲେଖ ।

୨. ନିମ୍ନରେ ପ୍ରଦତ୍ତ ପଣ୍ୟାଗାରକୁ ଚିହ୍ନଟ କର ।

କ) ପଣ୍ୟାଗାର ଯାହା ଜନସାଧାରଣଙ୍କର ବସ୍ତୁଗୁଡ଼ିକ ସଂଗ୍ରହକରେ ।

ଖ) ପଣ୍ୟାଗାର ଯାହାର ମାଲିକାନା ଏବଂ ପରିଚାଳନ ସରକାର ପାଖରେ ଥାଏ

ଗ) ପଣ୍ୟାଗାର ଯେଉଁଠାରେ ସେହି ଆମଦାନୀ ବସ୍ତୁଗୁଡ଼ିକୁ ରଖାଯାଏ ଯାହାର ଆମଦାନୀର ମୂଲ୍ୟ ପରିଶୋଧ ହୋଇନଥାଏ ।

ଘ) ନିଜର ସଦସ୍ୟମାନଙ୍କ ସୁବିଧା ନିମନ୍ତେ ହୋଇଥିବା ଭଣ୍ଡାରଗୃହ

ଙ) ଘରୋଇ ବ୍ୟାପାରୀଦ୍ୱାରା ନିଜର ମାଲ ସଂଗ୍ରହ ନିମନ୍ତେ ତିଆରି ହୋଇଥିବା ଭଣ୍ଡାରଗୃହ ।

୨.୭. ତୁମେ କ'ଣ ଶିଖିଲ:

- ଯେଉଁ କାର୍ଯ୍ୟ ବ୍ୟାପାର ନିମନ୍ତେ ସହାୟକ ହୋଇଥାଏ ତଥା ଉତ୍ପାଦକ ଠାରୁ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ବସ୍ତୁଗୁଡ଼ିକର ପ୍ରବାହକୁସୁଗମ ଏବଂ ବ୍ୟବସାୟ ସଂଚାଳନକୁ ସୁବିଧା ଜନକ କରାଇଥାଏ ତାହାକୁ ସହାୟକ ସେବା କହନ୍ତି ।
- ବ୍ୟାଙ୍କିଙ୍ଗ୍‌ର ଅଭିପ୍ରାୟ ହେଉଛି ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ସେବା ଯେଉଁଥିରେ ଜମା ସ୍ୱୀକାର କରିବା, ଋଣ ଏବଂ ଅଗ୍ରୀମ ଦେବା ତଥା ଅନ୍ୟ ଏଜେନସଇ ଉପଯୋଗୀ ସେବା ପ୍ରଦାନ କରିବା ।
- ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟ:

  କ) ମୁଖ୍ୟକାର୍ଯ୍ୟ : ଜମାସ୍ୱୀକାର କରିବା ଏବଂ ଋଣ ଦେବା

  ଖ) ଗୌଣକାର୍ଯ୍ୟ: ଏଜେନ୍‌ସି କାର୍ଯ୍ୟ, ସାଧାରଣ ଉପଯୋଗୀ ସେବା

ବ୍ୟାଙ୍କର ପ୍ରକାର

ବାଣିଜ୍ୟିକ ବ୍ୟାଙ୍କ	ସମବାୟ ବ୍ୟାଙ୍କ	ବିକାଶ ବ୍ୟାଙ୍କ	ବିଶିଷ୍ଟ ଉଦ୍ଦେଶ୍ୟବ୍ୟାଙ୍କ	କେନ୍ଦ୍ରୀୟ ବ୍ୟାଙ୍କ
ରାଷ୍ଟ୍ରାୟତ୍ତ ବ୍ୟାଙ୍କ	ପ୍ରାଥମିକଶାଖା ସମିତି	ଭାରତୀୟ ବିତ୍ତ ନିଗମ	ଆମଦାନୀ ରପ୍ତାନୀ ବ୍ୟାଙ୍କ	ଭାରତୀୟ ରିଜର୍ଭ ବ୍ୟାଙ୍କ
ଘରୋଇ କ୍ଷେତ୍ର ବ୍ୟାଙ୍କ	କେନ୍ଦ୍ରୀୟ ସହକାରୀ ବ୍ୟାଙ୍କ	ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ	ରାଜ୍ୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ	
ବିଦେଶୀ ବ୍ୟାଙ୍କ	ରାଜ୍ୟସହକାରୀ ବ୍ୟାଙ୍କ	ରାଜ୍ୟବିତ୍ତ ନିଗମ	ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ	

- ବିମାକାର ଏବଂ ବୀମିତ ମଧ୍ୟରେ ଏକ ଅନୁବନ୍ଧ ସ୍ୱାକ୍ଷରିତ ହୁଏ ଯେଉଁଥିରେ ବୀମାକାର ଏକ ନିଶ୍ଚିତ ରାଶି ବଦଳରେ ଏକ ନିଶ୍ଚିତ ରାଶି ଦେୟ ପାଇଁ ପ୍ରତିଶ୍ରୁତି ଦେଇଥାଏ ।
- ବୀମାର ବିଷୟବସ୍ତୁ ଏବଂ ବିପଦର ପ୍ରକୃତି ଓ ଆଧାର ଉପରେ ବୀମାକୁ ବର୍ଗୀକୃତ କରାଯାଇଛି । ଯଥା (କ) ଜୀବନ ବୀମା, (ଖ) ଅଗ୍ନିବୀମା, (ଗ) ସାମୁଦ୍ରିକ ବୀମା (ଘ) ଅନ୍ୟ ପ୍ରକାର ବୀମା ।
- ବୀମାର ସିଦ୍ଧାନ୍ତ

  କ) ପୂର୍ଣ୍ଣ ସଦ୍‌ବିଶ୍ୱାସ

  ଖ) ବୀମାଦ୍ୱାରା ଉଚିତ ସ୍ୱାର୍ଥ/ହିତ

  ଗ) କ୍ଷତିପୂରଣ

  ଘ) ଯୋଗଦାନ

  ଙ) ଅଧିକାର ସମର୍ପଣ

  ଚ) ହାନିକମ୍‌କରିବାର ଚେଷ୍ଟା

  ଛ) ହାନିର ନିକଟତ୍ତମ କାରଣ

- **ପରିବହନ:** ବସ୍ତୁ ଏବଂ ଯାତ୍ରୀଙ୍କୁ ଗୋଟିଏ ସ୍ଥାନରୁ ନେବା ପାଇଁ ଯେଉଁ ପ୍ରକ୍ରିୟା ହୋଇଥାଏ ତାହାକୁ ପରିବହନ କହନ୍ତି ।
- **ସଞ୍ଚାରଣ:** ଦୁଇ କିମ୍ବା ତତୋଧିକ ବ୍ୟକ୍ତିଙ୍କ ମଧ୍ୟରେ ମୌଖିକ, ଲିଖିତ, ସାଂକେତିକ କିମ୍ବା ଚିହ୍ନ ମାଧ୍ୟମରେ ବିଚାର, ଦାରଣା ଏବଂ ସୂଚନା ନେବାର ପ୍ରକ୍ରିୟାକୁ ସଞ୍ଚାରଣ କୁହାଯାଏ ।
- ବ୍ୟବସାୟକୁ ପ୍ରଭାବିତ କରୁଥିବା ସଂଚାରଣ ସେବା ମୁଖ୍ୟତଃ ଦୁଇପ୍ରକାରର (୧) ଡାକ ସେବା, (୨) ଦୂର ସଂଚାରସେବା ।

ଟିପ୍ପଣୀ

- ଡାକଘର ଦ୍ୱାରା ଦିଆଯାଉଥିବା ସେବାମାନଙ୍କ ମଧ୍ୟରେ (କ) ଡାକସେବା, (ଖ) ବିତ୍ତୀୟ ସେବା (ଆର୍ଥିକସେବା), (ଗ) ବୀମାସେବା, (ଘ) ବ୍ୟବସାୟ ବିକାଶ ସେବା ।
- ଡାକଘର ଦ୍ୱାରା ବ୍ୟାବସାୟିକ ପ୍ରକ୍ରିୟା ସାହାଯ୍ୟ କରୁଥିବା ବିଭିନ୍ନ ବିଶିଷ୍ଟ ସେବାଗୁଡ଼ିକ ହେଲା ବ୍ୟବସାୟିକ ଡାକ ସେବା, ମିଡ଼ିଆ ଡାକସେବା, ଏକ୍‌ସପ୍ରେସ ପାର୍ସଲ ଡାକ, ପ୍ରତ୍ୟକ୍ଷ ଡାକ, ଖୁଚୁରାଡାକ, ବ୍ୟବସାୟ ଉତ୍ତରଡାକ, ଡାକ ଦୋକାନ, ମୂଲ୍ୟଦେବା ଡାକ, କର୍ପୋରେଟ୍ ମନିଅର୍ଡର, ପୋଷ୍ଟବାକ୍‌ସ, ପୋଷ୍ଟ ବ୍ୟାଗସୁବିଧା, ଇ-ଡାକ ଏବଂ ବିଲ୍‌ଡାକସେବା ।
- **ଦୂରସଂଚାର ସେବା:** ସେଲ୍ୟୁଲାର ସେବା, ଟେଲିଗ୍ରାମ, ଟେଲେକ୍ସ, ଫ୍ୟାକ୍ସ, ଭଏସ୍‌ମେଲ, ଇ-ମେଲ, ଟେଲି-କନ୍‌ଫରେନସିଂ ଆଦି ବ୍ୟବସାୟିକ କାର୍ଯ୍ୟରେ ସହାୟକ ହୋଇଥାଏ ।
- ଭଣ୍ଡାରଣ, ଏହା ଏକ ଏପରି ପ୍ରକ୍ରିୟା ଯେଉଁଥିରେ ବସ୍ତୁଗୁଡ଼ିକୁ ବହୁତ ପରିମାଣରେ ବ୍ୟବସ୍ଥିତ ଏବଂ କ୍ରମବଦ୍ଧ ଭାବରେ ସଂଗୃହୀତ କରାଯାଇଥାଏ ଏବଂ ଆବଶ୍ୟକତା ପଡ଼ିଲେ ସୁବିଧାନୁସାରେ ଉପଲବ୍ଧ ହୋଇଥାଏ ।
- ଆମ ଦେଶରେ ବିଭିନ୍ନ ପ୍ରକାରର ପଣ୍ୟାଗାର ଅଛି, ଯେପରିକି ଘରୋଇ ପଣ୍ୟାଗାର, ରାଷ୍ଟ୍ରାୟତ ପଣ୍ୟାଗାର, ସରକାରୀ ପଣ୍ୟାଗାର, ବନ୍ଧକ ପଣ୍ୟାଗାର ଏବଂ ସମବାୟ ପଣ୍ୟାଗାର ।
- ପଣ୍ୟାଗାରର କାର୍ଯ୍ୟହେଲା ମାଲର ଭଣ୍ଡାରଣ, ସଂରକ୍ଷଣ । ଭଣ୍ଡାରଗୃହରେ ରଖାଯାଇଥିବା ମାଲ୍‌ର କ୍ଷତି ବା ହାନିର କଷ୍ଟକୁ ବହନ କରିବା, ବିତ୍ତୀୟନ, ପ୍ରକ୍ରିୟାକରଣ । ଏହାବ୍ୟତୀତ ବିଭିନ୍ନ ମୂଲ୍ୟବୃଦ୍ଧି ସେବା ଯେପରି ଶ୍ରେଣୀକରଣ, ବ୍ରାଣ୍ଡିଙ୍ଗ୍, ସମ୍ମିଶ୍ରଣ ଏବଂ ପ୍ୟାକେଜିଙ୍ଗ୍ ଆଦି ସୁବିଧା ପ୍ରଦାନ ।

୨.୮. ମୁଖ୍ୟଶବ୍ଦ

ବ୍ୟାଙ୍କିଙ୍ଗ୍	ଅଗ୍ନିବୀମା	ବନ୍ଧକ ପଣ୍ୟାଗାର
ସ୍ୱାସ୍ଥ୍ୟବୀମା	ଚୋରିବୀମା	ବିଶ୍ୱସନୀୟତା ବୀମା
ଡାକ ଜୀବନ ବୀମା	ବ୍ୟାବସାୟିକ ଡାକ	ନଗଦ ବୀମା
ପଶୁ ବୀମା	ବୀମା	ଖୁଚୁରା ଡାକ
କେନ୍ଦ୍ରୀୟ ବ୍ୟାଙ୍କ	ବୀମାକୃତ ଡାକ	ବିଶେଷ ଉଦ୍ଦେଶ୍ୟ ବ୍ୟାଙ୍କ
ସମବାୟ ବ୍ୟାଙ୍କ	ସଂଯୁକ୍ତ ଜୀବନ ପଲିସି	ସାମୁଦ୍ରିକ ବୀମା
ଫସଲ ବୀମା	ମିଡ଼ିଆ ଡାକ	ଭଏସ୍ ମେଲ
ପ୍ରତ୍ୟକ୍ଷ ଡାକ	ଭଣ୍ଡାରଣ	ବନ୍ଦୋବସ୍ତ ପଲିସି
ମୋଟର ବାହନ ବୀମା	ଆଜୀବନ ବୀମା ପଲିସି	ଏକ୍‌ସପ୍ରେସ୍ ଡାକ
ପେନ୍‌ସନ ଯୋଜନା	ବାଣିଜ୍ୟିକ ବ୍ୟାଙ୍କ	ବୀମାଯୋଗ୍ୟହିତ
ଧନ ଫେରସ୍ତ ପଲିସି	ଅଧିକାର ସମର୍ପଣ ସିଦ୍ଧାନ୍ତ	ମୂଲ୍ୟଦେୟ ଡାକ
କ୍ଷତିପୂରଣ	ନ୍ୟସ୍ତ ଡାକ	

୨.୯ ପାଠାନ୍ତ ପ୍ରଶ୍ନାବଳୀ

ଅତିକ୍ଷୁଦ୍ରଉତ୍ତରମୂଳକ ପ୍ରଶ୍ନ

୧) ବ୍ୟାଙ୍କିଙ୍ଗ୍ ଶବ୍ଦର ଅର୍ଥ କ'ଣ ?

୨) ବୀମା ଶବ୍ଦର ବର୍ଣ୍ଣନା କର ?

୩) ପରିବହନଦ୍ୱାରା ଯେଉଁ ଅସୁବିଧା ଦୂରହୁଏ ତାର ନାମ କରଣ କର ।

୪) ବୀମିତ ଡାକର ଲାଭ ବର୍ଣ୍ଣନା କର ।

୫) ବନ୍ଧକ ପଣ୍ୟାଗାର କ'ଣ ?

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୬) ବାଣିଜ୍ୟିକ ବ୍ୟାଙ୍କ ଦୁଇଟି ସାଧାରଣ ଉପଯୋଗିତା ଲେଖ ।

୭) ଆଜୀବନ ବୀମା ପଲିସି ଏବଂ ବନ୍ଦୋବସ୍ତ ବୀମା ପଲିସି ମଧ୍ୟରେ ପାର୍ଥକ୍ୟ ଲେଖ ।

୮) ବ୍ୟବସାୟ ନିମନ୍ତେ ପରିବହନର ମହତ୍ତ୍ୱରୁ କୌଣସି ଦୁଇଟି ମହତ୍ତ୍ୱ ଉଲ୍ଲେଖ କର ।

୯) ନ୍ୟସ୍ତ ଡାକ ପତ୍ରର ଅର୍ଥ କ'ଣ ?

୧୦) ପଣ୍ୟାଗାର ଦୁଇଟି କାର୍ଯ୍ୟ ବିଷୟରେ ବାଖ୍ୟାକର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

୧୧) ବାଣିଜ୍ୟିକ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟକୁ ବୁଝାଅ ।

୧୨) କୌଣସି ଏକ ବୈଧ ବୀମା ଅନୁବନ୍ଧର ଦୁଇଟି ସିଦ୍ଧାନ୍ତ ବର୍ଣ୍ଣନା କର ।

୧୩) ପରିବହନର ଅର୍ଥ କ'ଣ ? ପରିବହନର ଯେକୌଣସି ଦୁଇଟି ମାଧ୍ୟମର ଉଲ୍ଲେଖକର ।

୧୪) ବ୍ୟବସାୟ ନିମନ୍ତେ ଡାକଘର ଦ୍ୱାରା ଦିଆଯାଇଥିବା ଯେ କୌଣସି ଚାରୋଟି ବିଶେଷ ସେବାର ବର୍ଣ୍ଣନା କର ।

୧୫) ପଣ୍ୟାଗାର କୌଣସି ଚାରୋଟି ଲାଭର ବ୍ୟାଖ୍ୟା କର ।

୨.୧୦ ପାଠଗତ ପ୍ରଶ୍ନାବଳୀର ଉତ୍ତର

୨(କ)

୧) ବ୍ୟାବସାୟିକ ସହାୟକସେବା ସେହି ବ୍ୟାବସାୟିକ କ୍ରିୟାଗୁଡ଼ିକୁ କୁହାଯାଏ ଯାହା ବ୍ୟାପାରରେ ସହାୟକ ହୋଇଥାଏ ଏବଂ ଉତ୍ପାଦକକୁ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ବସ୍ତୁର ପ୍ରବାହକୁ ସୁଗମ କରିଥାଏ ।

କ.(କ) ପରିବହନ, (ଖ) ବ୍ୟାଙ୍କିଙ୍ଗ, (ଗ) ବୀମା (ଘ) ଭଣ୍ଡାରଣ, (ଙ) ସଂପ୍ରେଷଣ

୨. (ଖ)

୧) କେନ୍ଦ୍ରୀୟ ବ୍ୟାଙ୍କ / ଭାରତୀୟ ରିଜର୍ଭ ବ୍ୟାଙ୍କ, ୨) ଏଜେନ୍ସି ସେବା - ବି, ଖ

ସାମାନ୍ୟ ସାଧାରଣ ଉପଯୋଗୀ ସେବା - ଖ, ଗ, ଘ

୩. (କ) ଗୌଣ ସେବା
(ଖ) ଜମା ସ୍ୱୀକାର କରିବା
(ଗ) ଋଣଦେବା
(ଘ) ସାମାନ୍ୟ / ସାଧାରଣ ଉପଯୋଗୀ ସେବା

୨ (ଗ) ୧. (କ) ମାଲବୀମା
(ଖ) ଜାହାଜ ବୀମା
(ଗ) ଭଡ଼ାବୀମା

୨. (କ) ସଂଯୁକ୍ତ ଜୀବନ ପଲିସି
(ଖ) ଧନଫେରସ୍ତ ପଲିସି
(ଗ) ଫସଲ ବୀମା
(ଘ) ଅମର୍ତ୍ୟ ଶିକ୍ଷାଯୋଜନା
(ଙ) ବିଶ୍ୱସନୀୟତା ବୀମା

୨. (ଘ)

୧. ବୀମା ଉଚିତ ହିତର ଅର୍ଥ ହେଉଛି ବୀମାର ବିଷୟ ବସ୍ତୁରେ ବିତ୍ତୀୟ ଅଥବା ଆର୍ଥିକ ହିତ
(କ) ବୀମାଯୋଗ୍ୟ ହିତର ସିଦ୍ଧାନ୍ତ
(ଘ) ଅଧିକାରସମ୍ପୂର୍ଣ୍ଣ ସିଦ୍ଧାନ୍ତ
(ଖ) ପୂର୍ଣ୍ଣ ସଦ୍‌ବିଶ୍ୱାସର ସିଦ୍ଧାନ୍ତ
(ଙ) କ୍ଷତିପୂରଣର ସିଦ୍ଧାନ୍ତ
(ଗ) ଯୋଗଦାନର ସିଦ୍ଧାନ୍ତ

୨. (ଙ)
କ) ସଡ଼କ ଯାତାୟାତ
ଖ) ରେଳ ଯାତାୟାତ
ଗ) ଉଡ଼ାଜାହଜ ଯାତାୟାତ
ଘ) ସଡ଼କ ଯାତାୟାତ
ଙ) ରେଳ ଯାତାୟାତ

୨. (ଚ)

୧. (କ) ମୌଖିକ ସଂପ୍ରେଷଣଖ) ଦୃଶ୍ୟ ସଂପ୍ରେଷଣ
ଗ) ଦୃଶ୍ୟ ସଂପ୍ରେଷଣ ଘ) ଲିଖିତ ସଂପ୍ରେଷଣ
(ଙ) ଶାରୀରିକ ମୁଦ୍ରାଦ୍ୱାର ସଂପ୍ରେଷଣ

୨. (କ) ୪ ଖ) ୧

ଗ) ୩ ଘ) ୨ ଙ) ୫

୨. (ଛ)

୨. ଖ) ଭଏସ୍‌ମେଲ ଗ) ଫ୍ୟାକ୍‌ସ

ଘ) ଟେଲିଗ୍ରାମ ଙ) ଇ-ମେଲ

୨. (ଜ)

୧. ବସ୍ତୁଗୁଡ଼ିକ ବହୁତ ପରିମାଣରେ ସଂଗ୍ରହଣ କରିବା ଏବଂ ଚାହିଦାନୁସାରେ ଉପଲବ୍ଧ କରାଇବା ।

୨. କ) ରାଷ୍ଟ୍ରାୟତ୍ତ ପଣ୍ୟାଗାର

ଖ) ସରକାରୀ ପଣ୍ୟାଗାର

ଗ) ବନ୍ଧକ ମାଲ ଗୋଦାମ

ଘ) ସମବାୟ ପଣ୍ୟାଗାର

ଙ) ଘରୋଇ ପଣ୍ୟାଗାର

ସମ୍ପାଦନ କର ଏବଂ ଶିଖ

ନିଜ ଅଞ୍ଚଳର ପାଖରେ ଥିବା ଡାକଘରକୁ ଯାଅ ତଥା ତାଙ୍କଦ୍ୱାରା ଜନସାଧାରଣ ଏବଂ ବ୍ୟବସାୟୀଙ୍କୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ବନ୍ଧରେ ସୂଚନା ଏକତ୍ର କର । ବିଭିନ୍ନ ସଞ୍ଚୟ ଯୋଜନାମାନଙ୍କ ସମ୍ବନ୍ଧରେ ସୂଚନା ପତ୍ରମାନ ମଧ୍ୟ ଏକତ୍ର କର ।

ଅଭିନୟନ

ଦୀକ୍ଷା ଏକ ଜୀବନ ବୀମା ଏଜେଣ୍ଟ ହିସାବରେ କାମ କରୁଛି ଏବଂ ସୁନୀତା ଏକ ସାଧାରଣ ବୀମା ଏଜେଣ୍ଟ ହିସାବରେ କାମ କରୁଛି । ସେ ଦୁଇଜଣଙ୍କର କଥୋପକଥନକୁ ପଢ଼ ଏବଂ ତାହାକୁ ପୂରା କର ।

ଦୀକ୍ଷା: ସୁନୀତା, ମୁଁ ଶୁଣିଲି ଯେ ତୁମେ ଜୀ° ଆଇ° ସୀ° ଏଜେଣ୍ଟ ହୋଇଛ । ତୁମେ ତୁମର ବୀମା ବିଷୟବସ୍ତୁ କ'ଣ କହିପାରିବ ।

ସୁନୀତା: ହଁ, ଜୀବନ ବୀମା ପରି ଆମର ବୀମା ଯୋଜନାର ଏପରି ବିଷୟବସ୍ତୁ ଅଛି ଯାହାକି ବ୍ୟବସାୟିକ ବିପଦରୁ ବସ୍ତୁଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଏ ।

ଦୀକ୍ଷା: ଏହା ତ ବହୁତ ଆନନ୍ଦ ଦାୟକ କଥା । ତୁମେ ଏହା ବିଷୟରେ ଆହୁରି ଅଧିକ କିଛି କହିପାରିବକି ?

ସୁନୀତା: ହଁ, କାହିଁକି କହି ପାରିବିନି । କିନ୍ତୁ ମୁଁ ମଧ୍ୟ ଜୀବନ ବୀମା ସମ୍ବନ୍ଧରେ କିଛି ଜାଣି ନାହିଁ । ପ୍ରଥମେ ତୁମେ ମୋତେ ଉପଦେଶ ଦିଅ ଯେ ନିଜର ଜୀବନର ସୁରକ୍ଷା ନିମନ୍ତେ କେଉଁ ପଲିସି ନେବି ?

ଦୁଇମିତ୍ରଙ୍କର କଥାବାର୍ତ୍ତାକୁ ଜାରୀରଖ । ଆପଣ ମୁଖ୍ୟ ସିଦ୍ଧାନ୍ତର ଆଧାର ଉପରେ ଏବଂ ବିଭିନ୍ନ ପଲିସି ଉପରେ ଧ୍ୟାନ ଦେଇ ଏକ ଏଜେଣ୍ଟର ପାର୍ଟ କର ଏବଂ ନିଜର ଅନ୍ୟ ଏକ ମିତ୍ରକୁ ଅନ୍ୟଜଣଙ୍କର ଅଭିନୟ କରିବାକୁ କୁହ ।

ଟିପ୍ପଣୀ

ପାଠ ଉପରେ ଏକ ଦୃଷ୍ଟି

୨.୧ ବ୍ୟବସାୟିକ ସହାୟକ ସେବା

୨.୨ ବ୍ୟାଙ୍କିଙ୍ଗ୍

- ୨.୨.୧ ବ୍ୟାଙ୍କିଙ୍ଗ୍‌ର ମହତ୍ତ୍ୱ
- ୨.୨.୨ ବ୍ୟାଙ୍କର ପ୍ରକାର
- ୨.୨.୩ ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟ

୨.୩ ବୀମା

- ୨.୩.୧ ବୀମାର ଅର୍ଥ
- ୨.୩.୨ ବୀମାର ମହତ୍ତ୍ୱ
- ୨.୩.୩ ବୀମାର ପ୍ରକାର
- ୨.୩.୪ ବୀମାର ସିଦ୍ଧାନ୍ତ

୨.୪ ପରିବହନ

- ୨.୪.୧ ପରିବହନର ମହତ୍ତ୍ୱ
- ୨.୪.୨ ପରିବହନର ମାଧ୍ୟମ

୨.୫ ସଂପ୍ରେଷଣ

- ୨.୫.୧ ସଂପ୍ରେଷଣ ର ପ୍ରକାର
- ୨.୫.୨ ସଂପ୍ରେଷଣ ସେବା
- ୨.୫.୩ ଡାକ ସେବା
- ୨.୫.୪ ଦୂରସଂଚାର ସେବା
- ୨.୫.୫ ସଂଚାରଣର ମହତ୍ତ୍ୱ

୨.୬ ଭଣ୍ଡାରଣ

- ୨.୬.୧ ଭଣ୍ଡାରଣର ମହତ୍ତ୍ୱ
- ୨.୬.୨ ପଣ୍ୟାଗାରର ପ୍ରକାର
- ୨.୬.୩ ପଣ୍ୟାଗାରର କାର୍ଯ୍ୟ

ଟିପ୍ପଣୀ

୩

ବ୍ୟାବସାୟିକ ପରିବେଶ

କୌଣସି ସ୍ଥାନରେ ବ୍ୟାବସାୟିକ ପ୍ରକ୍ରିୟାକୁ ସଫଳତାର ସହିତ ପରିଚାଳନା କରିବା ପାଇଁ ତାହାର ପରିବେଶକୁ ବୁଝିବା ମହତ୍ତ୍ୱପୂର୍ଣ୍ଣ ଅଟେ । କାରଣ ପରିବେଶର ତତ୍ତ୍ୱ ବ୍ୟବସାୟର ସମସ୍ତ ଦୃଷ୍ଟିକୋଣକୁ ପ୍ରଭାବିତ କରିଥାଏ । ତାହା ବ୍ୟବସାୟର ପ୍ରକୃତି ବା ସ୍ଥାନ, ଉତ୍ପାଦନର ମୂଲ୍ୟ, ବିତରଣପ୍ରଣାଳୀ କିମ୍ବା କର୍ମଚାରୀ ସମ୍ବନ୍ଧୀୟ ନୀତି ହୋଇପାରେ । ସେଥିପାଇଁ ବ୍ୟାବସାୟିକ ପରିବେଶର ବିଭିନ୍ନ ତତ୍ତ୍ୱ ସମ୍ବନ୍ଧକୁ ଜାଣିବା ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି ତତ୍ତ୍ୱଗୁଡ଼ିକ ହେଲା ବ୍ୟବସାୟର ଆର୍ଥିକ ଦୃଷ୍ଟିକୋଣ, ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣ, ରାଜନୈତିକ ପରିବେଶ, ବୈଧାନିକ ଦୃଷ୍ଟିକୋଣ ଏବଂ ବୈଷୟିକ ଦୃଷ୍ଟିକୋଣ ଆଦି । ଏହି ଅଧ୍ୟାୟରେ ଆମେ ବ୍ୟାବସାୟିକ ପରିବେଶର ଅବଧାରଣା, ଏହାର ପ୍ରକୃତ ଏବଂ ମହତ୍ତ୍ୱ ତଥା ପରିବେଶର ବିଭିନ୍ନ ଉପାଂଶକୁ ଅଧ୍ୟୟନ କରିବା । ଏହା ସହିତ ଆମେ ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱ ଏବଂ ବ୍ୟାବସାୟିକ ନୈତିକତା ସମ୍ବନ୍ଧରେ ମଧ୍ୟ ଧାରଣା ପ୍ରାପ୍ତ କରିବା ।

ଉଦ୍ଦେଶ୍ୟ:

ଏହି ପାଠଟିକୁ ପଢ଼ିସାରିବା ପରେ, ତୁମେ:

- ବ୍ୟାବସାୟିକ ପରିବେଶର ଅର୍ଥ ବୁଝିପାରିବ;
- ବ୍ୟାବସାୟିକ ପରିବେଶର ଲକ୍ଷଣ ଜାଣିପାରିବ;
- ବ୍ୟାବସାୟିକ ପରିବେଶର ମହତ୍ତ୍ୱ ଏବଂ ଏହାର ପ୍ରକାରକୁ ବର୍ଣ୍ଣନା କରିପାରିବ;
- ଭାରତୀୟ ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ହେଉଥିବା ଏହି ପରିବର୍ତ୍ତନକୁ ବର୍ଣ୍ଣନା କରିପାରିବ, ଯାହା ଭାରତରେ ବ୍ୟାବସାୟିକ ସଂସ୍ଥାର କାର୍ଯ୍ୟକୁ ଅତ୍ୟଧିକ ପ୍ରଭାବିତ କରିଥାଏ ।
- ବ୍ୟବସାୟରେ ସାମାଜିକ ଉତ୍ତରଦାୟିତ୍ୱର ଅବଧାରଣାକୁ ବୁଝିପାରିବ;
- ବ୍ୟବସାୟରେ ହିତ ରଖୁଥିବା ବିଭିନ୍ନ ସମୂହଙ୍କ ପ୍ରତି ବ୍ୟବସାୟର ସାମାଜିକ ଉତ୍ତର ଦାୟିତ୍ୱର ବର୍ଣ୍ଣନା କରିପାରିବ; ଏବଂ
- ବ୍ୟାବସାୟିକ ନୈତିକତାର ଅବଧାରଣାକୁ ବୁଝିପାରିବ ।

୩.୧. ବ୍ୟାବସାୟିକ ପରିବେଶର

ଯେପରି ଆଗରୁ କୁହାଯାଇଛି ଯେ ପ୍ରତ୍ୟେକ ବ୍ୟବସାୟରେ ସଫଳତା ନିଜକୁ ପରିବେଶ ସହିତ ଖାପଖୁଆଇବା ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ ଯେତେବେଳେ ସରକାରୀ ନୀତିରେ ପରିବର୍ତ୍ତନ ହୁଏ ସେତେବେଳେ ବ୍ୟବସାୟକୁ ମଧ୍ୟ ସେହି ନୀତି ଅନୁରୂପ ବ୍ୟବସ୍ଥା କରିବା ପାଇଁ

ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ପଡ଼ିଥାଏ । ବୈଷୟିକ ଜ୍ଞାନରେ ପରିବର୍ତ୍ତନ ହେତୁ ଉତ୍ପାଦଗୁଡ଼ିକର ପ୍ରଚଳନ ବନ୍ଦ ହୋଇଯାଉଛି, ଯେପରି କମ୍ପ୍ୟୁଟର ବ୍ୟବହାର ଫଳରେ ଟାଇପ୍ ରାଇଟର ଏବଂ ରଙ୍ଗୀନ ଟିଭି ଫଳରେ ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଟିଭିର ପ୍ରଚଳନ ବନ୍ଦ ହୋଇଗଲା । ସେହିପରି ଫେସନ୍‌ର ପରିବର୍ତ୍ତନ ଅଥବା ଗ୍ରାହକଙ୍କର ରୁଚିରେ ପରିବର୍ତ୍ତନ ମଧ୍ୟ ବଜାରରେ ଉତ୍ପାଦର ଚାହିଦାରେ ପରିବର୍ତ୍ତନ ଆଣିଥାଏ । ଉଦାହରଣ ସ୍ୱରୂପ ଜିନ୍‌ସର ଚାହିଦା ଫଳରେ ଅନ୍ୟ ପାରମ୍ପରିକ ପୋଷାକର ବିକ୍ରି କମ୍ ହୋଇଯିବା । ଏହିସବୁ ଏପରି ବାହ୍ୟ ତତ୍ତ୍ୱ ଯାହାକି ବ୍ୟବସାୟର ନିୟନ୍ତ୍ରଣ ବାହାରେ ହୋଇଥାଏ । ତେଣୁ ବ୍ୟବସାୟକୁ ନିଜର ବ୍ୟାବସାୟିକ ସଫଳତା ଏବଂ ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ପରିବର୍ତ୍ତନର ଅନୁରୂପ ପ୍ରସ୍ତୁତ କରିବାକୁ ହୋଇଥାଏ । ଅତଏବ ବ୍ୟାବସାୟିକ ପରିବେଶର ଅବଧାରଣା ଏବଂଏହାର ବିଭିନ୍ନ ତତ୍ତ୍ୱର ପ୍ରକୃତି ସ୍ପଷ୍ଟରୂପରେ ବୁଝିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

ବ୍ୟାବସାୟିକ ପରିବେଶ ଶବ୍ଦର ଅଭିପ୍ରାୟ ହେଉଛି ଏହା ବାହ୍ୟ ଶକ୍ତି, ତତ୍ତ୍ୱ ଏବଂ ସଂସ୍ଥାଗୁଡ଼ିକ ଯାହା ବ୍ୟବସାୟର ନିୟନ୍ତ୍ରଣ ବାହାରେ ଏବଂ ବ୍ୟାବସାୟିକ ଉଦ୍ୟମର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ଏଥିରେ ଗ୍ରାହକ, ପ୍ରତିଯୋଗୀ, ଯୋଗାଣକାରୀ, ସରକାର ତଥା ସାମାଜିକ, ରାଜନୈତିକ, ବୈଧାନିକ ଏବଂ ବୈଷୟିକ ତତ୍ତ୍ୱ ସମ୍ମିଳିତ ଅଟେ । ଏଥିରେ କେତେକ ତତ୍ତ୍ୱ ଅଥବା ଶକ୍ତିମାନଙ୍କର ବ୍ୟାବସାୟିକ ସଂସ୍ଥା ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ ଓ କେତେକ ପରୋକ୍ଷ ପ୍ରଭାବ ପଡ଼ିଥାଏ । ଏହାକୁ ଆମେ ଆର୍ଥିକ, ସାମାଜିକ ରାଜନୈତିକ, ବୈଧାନିକ, ବୈଷୟିକ ଏବଂ ଜନସଂଖ୍ୟା ସମ୍ବନ୍ଧୀୟ ବାହ୍ୟତତ୍ତ୍ୱକୁ ଏପରି ଏକ ସାମୂହିକ ରୂପରେ ବର୍ଣ୍ଣନା କରିପାରିବା ଯାହାକି ଅନିୟନ୍ତ୍ରିତ ପ୍ରକୃତି ଅଟେ ଏବଂ ଏକ ଫାର୍ମର ବ୍ୟାବସାୟିକ ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ ।

୩.୧.୧. ବ୍ୟାବସାୟିକ ପରିବେଶର ଲକ୍ଷଣ:

ଉପରୋକ୍ତ ଚର୍ଚ୍ଚାର ଆଧାର ଉପରେ ବ୍ୟାବସାୟିକ ପରିବେଶର ବିଶେଷତାକୁ ଏହି ପ୍ରକାର ସଂକ୍ଷେପରେ ବର୍ଣ୍ଣନା କରାଯାଇପାରେ ।

(କ) ବ୍ୟାବସାୟିକ ପରିବେଶ ଉପରୋକ୍ତ ସମସ୍ତ ତତ୍ତ୍ୱସମୂହ ଅଟେ, ଯାହା ବ୍ୟାବସାୟିକ ଉଦ୍ୟମ କାର୍ଯ୍ୟପ୍ରଣାଳୀକୁ ବାହାରୁ ଅଧିକ ପ୍ରଭାବିତ କରିଥାଏ ।

(ଖ) ଏଥିରେ ଗ୍ରାହକ, ପ୍ରତିଯୋଗୀ, ଯୋଗାଣକାରୀ ତଥା ସରକାରଙ୍କ ପରି ଶକ୍ତିସମୂହ ଏବଂ ସାମାଜିକ, ସାଂସ୍କୃତିକ, ବୈଷୟିକ ଏବଂ ବୈଧାନିକ ପରିସ୍ଥିତି ପରି ତତ୍ତ୍ୱ ସମ୍ମିଳିତ ଅଟନ୍ତି ।

(ଗ) ବ୍ୟାବସାୟିକ ପରିବେଶ ପ୍ରକୃତି ଦ୍ୱାରା ଗତିଶୀଳ ହୋଇଥାଏ ଅର୍ଥାତ୍ ଏହା ବଦଳୁଥାଏ ।

(ଘ) ବ୍ୟାବସାୟିକ ପରିବେଶ ଏବଂ ପରିବର୍ତ୍ତନର ପୂର୍ବାନୁମାନ କରିହୁଏ ନାହିଁ । ଭବିଷ୍ୟତରେ କ'ଣ ଘଟିବ ଏହାର ସଠିକ୍ ପ୍ରକୃତି ବିଷୟରେ ଜାଣିବା ଏବଂ ଆର୍ଥିକ ଏବଂ ସାମାଜିକ ପରିବେଶରେ ପରିବର୍ତ୍ତନର ପୂର୍ବାନୁମାନ କରିବା ଅତ୍ୟନ୍ତ କଠିନ ଅଟେ ।

(ଙ) ବ୍ୟାବସାୟିକ ପରିବେଶ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ, ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ର ତଥା ଗୋଟିଏ ଦେଶରୁ ଅନ୍ୟ ଦେଶପାଇଁ ଅଲଗା ଅଲଗା ହୋଇଥାଏ । ଭାରତର ରାଜନୈତିକ ପରିସ୍ଥିତି ପାକିସ୍ତାନର ପରିସ୍ଥିତିଠାରୁ ଭିନ୍ନ ଅଟେ । ଭାରତ ଏବଂ ଚୀନ୍‌ର ଲୋକମାନଙ୍କର ରୁଚି ଏବଂ ମୂଲ୍ୟବୋଧ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି ।

୩.୧.୨. ବ୍ୟାବସାୟିକ ପରିବେଶର ମହତ୍ତ୍ୱ:

ବ୍ୟାବସାୟ ଏବଂ ଏହାର ପରିବେଶ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥାଏ । ଏହା ବ୍ୟାବସାୟିକ ଉଦ୍ୟମଶୀଳତା ସୁଦୃଢ଼ କରିବାରେ ତଥା ଏହାର ସାଧନକୁ ପ୍ରଭାବିତ କରି ଉପଯୋଗ କରିବାରେ ସହାୟକ ହୁଏ । ଯେପରି ଆଗରୁ କୁହାଯାଇଅଛି ଯେ ବ୍ୟାବସାୟିକ ପରିବେଷ୍ଟନୀର କେତେକ ସ୍ୱରୂପ ଅଛି ଯାହା ଜଟିଳ ତଥା ଗତିଶୀଳ ଏବଂ ବ୍ୟବସାୟର ଅସ୍ତିତ୍ୱ ଏବଂ ବିକାଶ ଉପରେ ଏହାର ଦ୍ରୁତ ପ୍ରଭାବ ପଡ଼ିଥାଏ । ଅଧିକ ସ୍ପଷ୍ଟ କରି କୁହାଯାଇପାରେ ଯେ ବ୍ୟବସାୟର ସାମାଜିକ, ରାଜନୈତିକ, ଆଇନ୍‌ଗତ ଏବଂ ଆର୍ଥିକ ପରିବେଷ୍ଟନୀର ଅଧିକ ବର୍ଣ୍ଣନା ନିମ୍ନମତେ ହୋଇଥାଏ ।

(କ) ଅନୁକୂଳ ଏବଂ ପ୍ରତିକୂଳକୁ ବୁଝିବା: ବ୍ୟବସାୟ ଏବଂ ଏହାର ପରିବେଶ ମଧ୍ୟରେ ସମ୍ବନ୍ଧରୁ ବ୍ୟବସାୟର ଅନୁକୂଳ ସ୍ଥିତି ଏବଂ ପ୍ରତିକୂଳ ସ୍ଥିତି ଜଣାପଡ଼େ । ଏହା ବ୍ୟାବସାୟିକ ଉଦ୍ୟମର ସମସ୍ତ ଆହ୍ୱାନକୁ ପୂରଣ କରିବାର ସହାୟକ ହୁଏ ।

(ଖ) ବିକାଶ ନିମନ୍ତେ ନିର୍ଦ୍ଦେଶ ଦେବା: ବ୍ୟବସାୟ ଏବଂ ପରିବେଶର ସମ୍ବନ୍ଧ ବ୍ୟାବସାୟିକ ଉଦ୍ୟମର ବିକାଶ ନିମନ୍ତେ ନୂତନ ଦିଗ ଦର୍ଶାଇଥାଏ । ଏହାଦ୍ୱାରା ବ୍ୟବସାୟ ନିଜ କାର୍ଯ୍ୟର ବିକାଶ ଏବଂ ବିସ୍ତାର କ୍ଷେତ୍ରକୁ ଚିହ୍ନିପାରେ ।

(ଗ) ନିରନ୍ତର ଜ୍ଞାନ ଆହରଣ କରିବା: ପରିବେଶ ବିଶ୍ଳେଷଣରେ ବ୍ୟାବସାୟିକ ସମସ୍ୟାର ସମ୍ମୁଖୀନ ହେବା ସରଳ ହୋଇଥାଏ । ପରିଚାଳକଙ୍କୁ ନିରନ୍ତର ପ୍ରରୋଚିତ କରାଯାଇଥାଏ ସେ ନିଜର ଜ୍ଞାନ, ବୁଝିବା ଶକ୍ତି, କୌଶଳକୁ ନିରନ୍ତର ଜ୍ଞାନର ପରିସରକୁ ଜାଗ୍ରତ ରଖିବା ଦ୍ୱାରା ବ୍ୟବସାୟିକ କ୍ଷେତ୍ରରେ ଆନୁମାନିକ ପରିବର୍ତ୍ତନର ସମ୍ମୁଖୀନ ହୋଇପାରିବ ।

(ଘ) ବ୍ୟାବସାୟିକ ଛବିକୁ ସୁଧାରିବାରେ ସହାୟକ: ବ୍ୟାବସାୟିକ ପରିବେଶ ବ୍ୟାବସାୟିକ ସଂଗଠନକୁ ନିଜର ଛବି ସୁଧାରିବାରେ ସହାୟତା କରିଥାଏ । ଏହା ପରିବେଶ ପ୍ରତି ସମ୍ବେଦନଶୀଳ ହୁଏ

ଯେଉଁଥିରେ ଏହା କାର୍ଯ୍ୟ କରୁଥାଏ । ଉଦାହରଣ ସ୍ୱରୂପ ବିଦ୍ୟୁତ୍ ଶକ୍ତିର ଅଭାବକୁ ଦେଖି କେତେକ କମ୍ପାନୀ ଆବଶ୍ୟକତା ପୂରଣ ନିମନ୍ତେ ନିଜ କାରଖାନାରେ ନିଜସ୍ୱ ପାୱାର ପ୍ଲାଣ୍ଟ (ବିଦ୍ୟୁତ୍ ଉତ୍ପନ କାରାଖାନା) ସ୍ଥାପନ କରିଥାନ୍ତି ।

ଟିପ୍ପଣୀ

(ଙ) ପ୍ରତିଯୋଗିତାର ସମ୍ମୁଖୀନ ହେବା: ଏହାଦ୍ୱାରା ବ୍ୟାବସାୟିକ ଉଦ୍ୟମଗୁଡ଼ିକ ପ୍ରତିଯୋଗିତାର ବିଶ୍ଳେଷଣ କରିବା ସହ ଏହାର ମୁକାବିଲା ପାଇଁ ନିଜର ରଣନୀତି ପ୍ରସ୍ତୁତ କରିଥାନ୍ତି ।

(ଚ) ଫାର୍ମର ଶକ୍ତି ଏବଂ ଦୁର୍ବଳତାକୁ ଚିହ୍ନଟ କରିବା: ବୈଷୟିକ ଜ୍ଞାନ କୌଶଳ ଏବଂ ବିଶ୍ୱ ବିକାଶକୁ ଧ୍ୟାନରେ ରଖି ବ୍ୟାବସାୟିକ ପରିବେଶ ପ୍ରତ୍ୟେକ ଫାର୍ମକୁ ସେମାନଙ୍କର ଶକ୍ତି ଏବଂ ଦୁର୍ବଳତାକୁ ଚିହ୍ନଟ କରିବାରେ ସାହାଯ୍ୟ କରେ ।

ପାଠଗତ ପ୍ରଶ୍ନାବଳୀ ୩(କ)

୧. ବ୍ୟାବସାୟିକ ପରିବେଶକୁ ନିଜ ଭାଷାର ବ୍ୟାଖ୍ୟା କର ।

____

____

୨. ନିମ୍ନରେ ଦିଆଯାଇଥିବା ବାକ୍ୟରେ ଯଦି ଭୁଲ୍ ଥାଏ ତା'ର ସଂଶୋଧନ କର ।

(କ) ବ୍ୟାବସାୟିକ ପରିବେଶ ସ୍ଥିର ପ୍ରକୃତିର ଅଟେ ।

____

(ଖ) ବ୍ୟାବସାୟିକ ପରିବେଶରେ ବ୍ୟାବସାୟିକ ଉଦ୍ୟମର ବାହ୍ୟିକ ଏବଂ ଆଭ୍ୟନ୍ତରୀଣ ତତ୍ତ୍ୱ ସମ୍ମିଳିତ ହୋଇଥାନ୍ତି ।

____

(ଗ) ବ୍ୟାବସାୟିକ ପରିବେଶରେ ପରିବର୍ତ୍ତନର ପୂର୍ବାନୁମାନ ଲଗାଯାଇପାରେ ।

____

(ଘ) ବ୍ୟାବସାୟିକ ପରିବେଶ ବ୍ୟବସାୟ ନିମନ୍ତେ ଅନୁକୂଳ ସ୍ଥିତିକୁ ଚିହ୍ନିବାରେ ସହାୟତା କରିଥାଏ ।

____

୩.୨. ବ୍ୟାବସାୟିକ ପରିବେଶର ପ୍ରକାର

ଯଦି ବ୍ୟାବସାୟିକ ପରିବେଶକୁ ଅନିୟନ୍ତ୍ରିତ ବାହ୍ୟ ତତ୍ତ୍ୱ ମଧ୍ୟରେ ସୀମିତ ରଖାଯାଏ ତେବେ ତାହାକୁ (କ) ଆର୍ଥିକ ପରିବେଷ୍ଟନୀ ଏବଂ (ଖ) ଅଣଆର୍ଥିକ ପରିବେଶରେ ବିଭକ୍ତ କରାଯାଇପାରେ । ଆର୍ଥିକ ପରିବେଶରେ ଦେଶର ଆର୍ଥିକ ପରିସ୍ଥିତି, ଆର୍ଥିକ ନୀତି ଏବଂ ଆର୍ଥିକ ପ୍ରଣାଳୀ ଅନ୍ତର୍ଭୁକ୍ତ ଅଟେ । ଅଣଆର୍ଥିକ ପରିବେଶ ମଧ୍ୟରେ ସାମାଜିକ, ରାଜନୈତିକ, ବୈଧାନିକ, ବୈଷୟିକ, ଜନସଂଖ୍ୟା ସମ୍ବନ୍ଧୀୟ ଏବଂ ପ୍ରାକୃତିକ ପରିବେଶ ଅନ୍ତର୍ଭୁକ୍ତ ଅଟେ । ଫାର୍ମର ରଣନୀତି ଉପରେ ଏଗୁଡ଼ିକର ପ୍ରଭାବ ପଡ଼ିଥାଏ ଏବଂ ଏହି କ୍ଷେତ୍ରରେ କୌଣସି ପରିବର୍ତ୍ତନ ପରିଚାଳନାକୁ ପ୍ରଭାବିତ କରିବାର ସମ୍ଭାବନା ଥାଏ ।

୩.୨.୧. ଆର୍ଥିକ ପରିବେଶ:

ଯେ କୌଣସି ବ୍ୟାବସାୟିକ ଉଦ୍ୟମର ଅସ୍ତିତ୍ୱ ଏବଂ ତାହାର ସଫଳତା ସମ୍ପୂର୍ଣ୍ଣ ରୂପେ ତାହାର ଆର୍ଥିକ ପରିବେଶ ଉପରେ ନିର୍ଭର କରିଥାଏ । ଆର୍ଥିକ ପରିବେଶକୁ ପ୍ରଭାବିତ କରୁଥିବା ପ୍ରମୁଖ ତତ୍ତ୍ୱ ଗୁଡ଼ିକ ହେଲା:

(କ) ଆର୍ଥିକ ପରିସ୍ଥିତି: ବ୍ୟବସାୟିକ ସଂଗଠନ ଏବଂ ତାର ପରିଚାଳନାକୁ ଗଭୀର ଭାବେ ପ୍ରଭାବିତ କରୁଥିବା ଆର୍ଥିକ ତତ୍ତ୍ୱମାନଙ୍କୁ କୌଣସି ରାଷ୍ଟ୍ରର ଆର୍ଥିକ ସ୍ଥିତି କହନ୍ତି । ଦେଶର ଘରୋଇ ଉତ୍ପାଦ, ମୁଣ୍ଡପିଛା ଆୟ, ବସ୍ତୁ ଏବଂ ସେବା ନିମନ୍ତେ ବଜାର, ଉପଲବ୍ଧ ପୁଞ୍ଜି, ବିଦେଶୀ ମୁଦ୍ରା ଭଣ୍ଡାର, ବୈଦେଶିକ କାରବାର ବୃଦ୍ଧି, ପୁଞ୍ଜି ବଜାରର ସୁଦୃଢ଼ତା ଆଦି ଆର୍ଥିକ ସ୍ଥିତି ଅନ୍ତର୍ଭୁକ୍ତ । ଏଗୁଡ଼ିକ ମୁକ୍ତ ଆର୍ଥିକ ବିକାଶ ଓ ଗତି ସୁଧାରିବାରେ ସହାୟତା କରିଥାନ୍ତି ।

(ଖ) ଆର୍ଥିକ ନୀତି: ସମସ୍ତ ବ୍ୟାବସାୟିକ ଗତିବିଧି ଏବଂ ପରିଚାଳନା କାର୍ଯ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ପ୍ରଣୀତ ଆର୍ଥିକ ନୀତି ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥାଏ । କେତେକ ମହତ୍ତ୍ୱପୂର୍ଣ୍ଣ ଆର୍ଥିକ ନୀତି ହେଲା:

(୧) ଔଦ୍ୟୋଗିକ ନୀତି	(୨) ରାଜସ୍ୱ ନୀତି
(୩) ମୁଦ୍ରା ନୀତି	(୪) ବିଦେଶୀ ନିବେଶ ନୀତି
(୫) ଆମଦାନୀ-ରପ୍ତାନି ନୀତି	

ଅର୍ଥନୈତିକ ଦୃଶ୍ୟପଟ, ରାଜନୈତିକ ଆବଶ୍ୟକତା ଏବଂ ଅନ୍ୟାନ୍ୟ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସରକାର ସମୟେ ସମୟେ ଏହି ନୀତିକୁ ପରିବର୍ତ୍ତନ କରିଥାନ୍ତି । ଉଦ୍ୟୋଗଗୁଡ଼ିକ ସେହି ସବୁ ନୀତି ନିୟମ ମଧ୍ୟରେ କାର୍ଯ୍ୟକରିଥାନ୍ତି ଏବଂ ପରିବର୍ତ୍ତନ ସହ ନିଜକୁ ଖାପ୍ ଖୁଆଇ ଥାନ୍ତି ।

ମହତ୍ତ୍ୱପୂର୍ଣ୍ଣ ଅର୍ଥନୈତିକ ନୀତି:

୧. **ଔଦୋଗିକ ନୀତି:** ଦେଶର ଶିଳ୍ପୋଦ୍ୟୋଗକୁ ନିର୍ଦ୍ଦେଶନ ଓ ନିୟନ୍ତ୍ରଣ କରୁଥିବା ଏବଂ ଶିଳ୍ପ ବିକାଶର ରୂପରେଖ ପ୍ରସ୍ତୁତ କରିଥିବା ସମସ୍ତ ସିଦ୍ଧାନ୍ତ, ନୀତି, ନିୟମ ଏବଂ କାର୍ଯ୍ୟବିଧି ଆଦି ସରକାରଙ୍କ ଶିଳ୍ପ ନୀତି ଅନ୍ତର୍ଭୁକ୍ତ ।

୨. **ରାଜସ୍ୱନୀତି :** ଏଥିରେ ସରକାରଙ୍କର ସାର୍ବଜନୀକ ବ୍ୟୟ, ଟିକସ, ଏବଂ ସାର୍ବଜନୀକ ଋଣ ସଂକ୍ରାନ୍ତ ସରକାରୀ ନୀତି ଅନ୍ତର୍ଭୁକ୍ତ ।

୩. **ମୁଦ୍ରାନୀତି :** ବ୍ୟବସାୟକୁ ସହଜରେ ଧନ ଉପଲବ୍ଧ କରାଇବା ଏବଂ ବ୍ୟାପାର ଓ ଉଦ୍ୟୋଗକୁ ଆଗକୁ ବଢ଼ାଇବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକଳାପ ଏବଂ ହସ୍ତକ୍ଷେପକୁ ମୁଦ୍ରାନୀତି କହନ୍ତି ।

୪. **ବିଦେଶୀ ନିବେଶ ନୀତି:** ଏହି ନୀତିର ଉଦ୍ଦେଶ୍ୟ ଉଦ୍ୟୋଗର ବିକାଶକୁ ଗତିଶୀଳ କରାଇବା ତଥା ଆଧୁନିକ ଟେକ୍‌ନିକ୍‌ର ଲାଭ ଉଠାଇବା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ବୈଦେଶିକ ନିବେଶର ପ୍ରବାହକୁ ନିୟନ୍ତ୍ରିତ କରାଇବା ।

ଟିପ୍ପଣୀ

୫. **ଆମଦାନୀ-ରପ୍ତାନି ନୀତି:** ଏହାର ଉଦ୍ଦେଶ୍ୟ ରପ୍ତାନିକୁ କମାଇବା ଏବଂ ଆମଦାନୀ-ରପ୍ତାନି ମଧ୍ୟରେ ଥିବା ଅନ୍ତରକୁ କମ୍ କରିବା । ଏହି ନୀତି ମାଧ୍ୟମରେ ସରକାର ବିଭିନ୍ନ ଟିକସର ଘୋଷଣା କରିଥାନ୍ତି । ଆଜିକାଲି ଏହିନୀତି ମାତ୍ରାଧିକ ପ୍ରତିବନ୍ଧକ ଏବଂ ନିୟନ୍ତ୍ରଣକୁ ଦୂର କରିବା ତଥା ସୀମା ଶୁଳ୍କକୁ କମ୍ କରିବା ଉପରେ ଗୁରୁତ୍ୱ ଦେଉଛି ।

ଗ) **ଅର୍ଥନୈତିକ ପ୍ରଣାଳୀ :** ବିଶ୍ୱ ଅର୍ଥନୀତି ମୁଖ୍ୟତଃ ତିନିପ୍ରକାରର ଆର୍ଥିକ ପ୍ରଣାଳୀ ଯଥା: (୧) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା, (୨) ସମାଜବାଦୀ ଅର୍ଥନୀତି, (୩) ମିଶ୍ରିତ ଅର୍ଥ ବ୍ୟବସ୍ଥା ଦ୍ୱାରା ପରିଚାଳିତ । ଭାରତ ମିଶ୍ରିତ ଅର୍ଥବ୍ୟବସ୍ଥାକୁ ଆଦରି ନେଇଛି ଯେଉଁଥିରେ ସାର୍ବଜନିକ କ୍ଷେତ୍ର ଏବଂ ଘରୋଇ କ୍ଷେତ୍ର ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି ।

- ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାରେ ଘରୋଇ ମାଲିକାନାକୁ ଗୁରୁତ୍ୱ ।
- ସମାଜବାଦୀ ଅର୍ଥବ୍ୟବସ୍ଥାରେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ହାତରେ ସମ୍ବଳର ମାଲିକାନା ଏବଂ ପରିଚାଳନା ଥାଏ ।
- ମିଶ୍ରିତ ଅର୍ଥ ବ୍ୟବସ୍ଥାରେ ସାର୍ବଜନିକ ଏବଂ ଘରୋଇ କ୍ଷେତ୍ର ମିଳିତ ଭାବେ ସ୍ଥାପିତ ହୋଇଥାଏ ।

୩.୨.୨. ଅଣଅର୍ଥନୈତିକ ପରିବେଶ

ଅଣଅର୍ଥନୈତିକ ପରିବେଶର ବିଭିନ୍ନ ତତ୍ତ୍ୱ (ଉପାଦାନ)ଗୁଡ଼ିକ ନିମ୍ନପ୍ରକାର:

(କ) ସାମାଜିକ ପରିବେଶ

ସାମାଜିକ କାରଣ ଯଥା: ପ୍ରଥା, ପରମ୍ପରା, ମୂଲ୍ୟବୋଧ, ବିଶ୍ୱାସ, ଗରିବୀ, ସାକ୍ଷରତା, ଆୟୁସୀମା ଆଦି ସାମାଜିକ ପରିବେଶ ଅନ୍ତର୍ଗତ ଅଟେ । ସାମାଜିକ ଗଠନ ଏବଂ ସାମାଜିକ ମୂଲ୍ୟବୋଧ ବ୍ୟାବସାୟିକ ଉଦ୍ୟମର କାର୍ଯ୍ୟ ସଂଚାଳନ ଉପରେ ବ୍ୟାପକ ପ୍ରଭାବ ପକାଇଥାଏ । ଉଦାହରଣ ସ୍ୱରୂପ ପର୍ବପର୍ବାଣୀ ଦିନରେ ନୂଆ ପୋଷାକ, ମିଠାଇ, ଫଳ, ଫୁଲ ଆଦିର ଚାହିଦା ବୃଦ୍ଧି ପାଇଥାଏ । ସାକ୍ଷରତା ବୃଦ୍ଧି ହେତୁ ଉପଭୋକ୍ତାମାନେ ଉତ୍ପାଦନର ଗୁଣବତ୍ତା ଉପରେ ଅଧିକ ସଚେତନ ରହୁଛନ୍ତି । ପରିବାର ସଂରଚନାର ପରିବର୍ତ୍ତନ ହେତୁ ଗୋଟିଏ ସନ୍ତାନ ବିଶିଷ୍ଟ ପରିବାର ଅଧିକ ସୃଷ୍ଟି ହେଉଛି । ଏହା କେତେକ ଭିନ୍ନ ପ୍ରକାରର ଘରୋଇ ଉପକରଣର ଚାହିଦା ବୃଦ୍ଧି କରୁଛି । ଏଠାରେ ଉଲ୍ଲେଖଯୋଗ୍ୟ: ବିଭିନ୍ନ ସାମାଜିକ ଗଠନ ଏବଂ ସଂସ୍କୃତି ସମ୍ପନ୍ନ ଲୋକମାନଙ୍କର ଉପଭୋଗ ଶୈଳୀ, ପୋଷାକ ପରିଧାନ ଏବଂ ଜୀବନ ଶୈଳୀରେ ବିଶେଷ ସ୍ୱତନ୍ତ୍ରତା ମଧ୍ୟ ରହିଛି ।

(ଖ) ରାଜନୈତିକ ପରିବେଶ:

ରାଜନୈତିକ ପରିବେଶରେ ରାଜନୈତିକ ପ୍ରଣାଳୀ, ସରକାରୀ ନୀତି, ବ୍ୟବସାୟ ସମୁଦାୟ ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ଶ୍ରମ ସଂଘ ଅନ୍ତର୍ଭୁକ୍ତ । ବ୍ୟାବସାୟିକ ଉଦ୍ୟୋଗମାନେ ଆପଣାଉଥିବା ରଣନୀତି ଉପରେ ଏହିସବୁ ଦୃଷ୍ଟିଭଙ୍ଗୀ ପ୍ରଭାବ ପକାଇଥାଏ । ସରକାରର ସ୍ଥିରତା ମଧ୍ୟ ବ୍ୟବସାୟ ଏବଂ ଏହା ସମ୍ବନ୍ଧିତ ଗତିବିଧିକୁ ବିଶେଷ ପ୍ରଭାବିତ କରି ଥାଏ । ଏହା ବ୍ୟବସାୟ ହିତ ସାଧନର ଆଗ୍ରହୀ ବିଭିନ୍ନ ସଂଗଠନ ଏବଂ ନିବେଶକଙ୍କୁ ଶକ୍ତି ଏବଂ ବିଶ୍ୱାସ ଦେଇଥାଏ । ଏହା ସହିତ ରାଜନୈତିକ ଦଳଙ୍କର ବିଚାରଧାରା ମଧ୍ୟ ବ୍ୟାବସାୟିକ ସଂଗଠନ ଏବଂ ଏହାର ପରିଚାଳନାକୁ ପ୍ରଭାବିତ କରିଥାଏ । ତୁମେ ଜାଣିଛ, ଏବେବି ବିଶେଷ ଆଦୃତ ମୃଦୁ ପାନୀୟ କୋକାକୋଲା ସତୁରୀ ଦଶକର ଶେଷ ଭାଗରେ ଭାରତରେ ତାହାର ବ୍ୟବସାୟ ବନ୍ଦ କରିଥାନ୍ତା । ଏହା ସହିତ ଶ୍ରମିକ ସଂଗଠନର କାର୍ଯ୍ୟକଳାପ ମଧ୍ୟ ବ୍ୟାବସାୟିକ ସଂଗଠନକୁ ପ୍ରଭାବିତ କରିଥାଏ । ଭାରତରେ ଅଧିକାଂଶ ଶ୍ରମିକ

ସଂଗଠନ କୌଣସି ନା କୌଣସି ରାଜନୈତିକ ଦଳ ସହିତ ଜଡ଼ିତ । ହରତାଳ, ତାଲାବନ୍ଦ ଏବଂ ଶ୍ରମିକ ଆନ୍ଦୋଳନ ଆଦି ବ୍ୟାବସାୟିକ କାର୍ଯ୍ୟକୁ ନକରାତ୍ମକ ଭାବେ ପ୍ରଭାବିତ କରିଥାନ୍ତି । କିନ୍ତୁ ଆଜିକାଲି ପ୍ରତିଯୋଗିତା ମୂଳକ ବ୍ୟାବସାୟିକ ପରିବେଶରେ ଶ୍ରମ ସଂଘ ପରିପକ୍ୱତା ପ୍ରଦର୍ଶନ ପ୍ରକଟ ସକରାତ୍ମକ ଭୂମିକା ଗ୍ରହଣ କରୁଅଛନ୍ତି ଏବଂ ବ୍ୟବସାୟ ପରିଚାଳନାରେ ଶ୍ରମିକ ମାନଙ୍କର ଯୋଗଦାନ ଜରିଆରେ ବ୍ୟବସାୟ ସଂଗଠନକୁ ପ୍ରଗତିପଥେ ଆଗେଇ ନେଉଛନ୍ତି ।

(ଗ) ଆଇନ୍‌ଗତ ପରିବେଶ:

ବ୍ୟାବସାୟିକ ସଂଗଠନ ଏବଂ ସେଗୁଡ଼ିକର ପରିଚାଳନାକୁ ପ୍ରଭାବିତ କରୁଥିବା ସମସ୍ତ ଆଇନ୍ ଓ ନୀତି ନିୟମ ସମୂହକୁ ଆଇନ୍‌ଗତ ପରିବେଶ କହନ୍ତି । ପ୍ରତ୍ୟେକ ବ୍ୟାବସାୟିକ ସଂଗଠନ ସେହି ଆଇନ୍‌କୁ ପାଳନ କରନ୍ତି ଏବଂ ତାର ସୀମା ସରହଦ୍ ମଧ୍ୟରେ କାମ କରନ୍ତି । ବ୍ୟାବସାୟିକ ଉଦ୍ୟମ ସମ୍ବନ୍ଧିତ ମହତ୍ତ୍ୱପୂର୍ଣ୍ଣ ଅଧିନିୟମ (ଦଲିଲ/ଦସ୍ତାବିଜ୍) ଗୁଡ଼ିକ ହେଲା:

୧. କମ୍ପାନୀ ଅଧିନିୟମ, ୧୯୫୬
୨. ବିଦେଶୀ ମୁଦ୍ରା ପରିଚାଳନା ଅଧିନିୟମ, ୧୯୯୯
୩. କାରଖାନା ଅଧିନିୟମ, ୧୯୪୮
୪. ଉଦ୍ୟୋଗ ବିବାଦ ଅଧିନିୟମ, ୧୯୭୨
୫. ଗ୍ରାଚୁଇଟି ଦେୟ ଅଧିନିୟମ, ୧୯୭୨
୬. ଔଦ୍ୟୋଗିକ ବିକାଶ ଏବଂ ନିୟାମକ ଅଧିନିୟମ, ୧୯୫୧
୭. ଖାଦ୍ୟ ଅପମିଶ୍ରଣ ରୋକିବା ଅଧିନିୟମ, ୧୯୫୪
୮. ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୨୦୦୨
୯. ଓଜନ ଓ ମାପର ମାନକ ଅଧିନିୟମ, ୧୯୫୬
୧୦. ଏକଚାଟିଆ ଏବଂ ପ୍ରତିବନ୍ଧିତ ବ୍ୟାପାର ବ୍ୟବହାର ଅଧିନିୟମ, ୧୯୬୯
୧୧. ବ୍ୟାପାର ଚିହ୍ନ ଅଧିନିୟମ, ୧୯୯୯
୧୨. ଭାରତୀୟ ମାନକ ବ୍ୟୁରୋ ଅଧିନିୟମ, ୧୯୮୬
୧୩. ଖାଉଟି ସୁରକ୍ଷା ଅଧିନିୟମ, ୧୯୮୬
୧୪. ପରିବେଶ ସୁରକ୍ଷା ଅଧିନିୟମ
୧୫. ପ୍ରତିଯୋଗିତା ଅଧିନିୟମ, ୨୦୦୨

ଉପରୋକ୍ତ ଅଧିନିୟମ ବ୍ୟତୀତ ନିମ୍ନ ପ୍ରଦତ୍ତ ଉପାଦାନଗୁଡ଼ିକ ମଧ୍ୟ ବ୍ୟବସାୟର ଆଇନ୍‌ଗତ ପରିବେଷ୍ଟନୀ ଅନ୍ତର୍ଭୁକ୍ତ ।

୧. ସାମ୍ବିଧାନିକ ବ୍ୟବସ୍ଥା: ଭାରତୀୟ ସଂବିଧାନର ବିଭିନ୍ନ ବିଧି ବ୍ୟବସ୍ଥା, ବିଶେଷ ଭାବରେ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ, ନାଗରିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ବୈଧାନିକ ଅଧିକାର ଇତ୍ୟାଦି ମଧ୍ୟ ବ୍ୟାବସାୟିକ ଉଦ୍ୟମର ସଂଚାଳନକୁ ପ୍ରଭାବିତ କରିଥାଏ ।

ଟିପ୍ପଣୀ

୨. **ନ୍ୟାୟିକ ନିଷ୍ପତ୍ତି:** ବ୍ୟବସ୍ଥାପିକା ଏବଂ ସରକାର ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ସାମ୍ବିଧାନିକ ସୀମା ମଧ୍ୟରେ ରହି କାର୍ଯ୍ୟ କରୁଥିବାର ନ୍ୟାୟପାଳିକା ନିଶ୍ଚିତ କରିଥାଏ । ବ୍ୟାପାର ଏବଂ ଉଦ୍ୟୋଗ ସହ ଜଡ଼ିତ ବିଭିନ୍ନ ମାମଲାରେ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ରାୟ ବ୍ୟାବସାୟିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରିଥାଏ ।

୩. **ବୈଷୟିକ ପରିବେଶ:** ବସ୍ତୁ ଏବଂ ସେବା ଉତ୍ପାଦନ ଏବଂ ବିତରଣ ନିମନ୍ତେ ଗ୍ରହଣ କରାଯାଉଥିବା ବୈଷୟିକ ଜ୍ଞାନ କୌଶଳ ପ୍ରଣାଳୀ ବୈଷୟିକ ପରିବେଶ ଅନ୍ତର୍ଭୁକ୍ତ । ବିଭିନ୍ନ ଦେଶର ପୃଥକ୍ ପୃଥକ୍ ବୈଷୟିକ ପରିବେଶ ଉତ୍ପାଦର ଡିଜାଇନ୍‌କୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ଆମେରିକା ଏବଂ ଅନ୍ୟ କେତେକ ଦେଶରେ ବିଦ୍ୟୁତ୍ ଉପକରଣ ୧୧୦ ଭୋଲ୍‌ଟରେ ତିଆରି ହୋଇଥାଏ । କିନ୍ତୁ ଏହାକୁ ଯେତେବେଳେ ଭାରତ ନିମନ୍ତେ ତିଆରି କରାଯାଏ ତାହା ୨୨୦ ଭୋଲ୍‌ଟରେ କରାଯାଏ । ଆଜିର ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଯୁଗରେ ବୈଷୟିକ ଜ୍ଞାନ କୌଶଳ ଶୀଘ୍ର ପରିବର୍ତ୍ତିତ ହୋଉଛି । ଅତଏବ ବଜାରରେ ତିଷ୍ଠିବା ଏବଂ ଅଭିବୃଦ୍ଧି ହାସଲ କରିବା ପାଇଁ ବ୍ୟାବସାୟିକ ଉଦ୍ୟମ ଗୁଡ଼ିକୁ ସମୟ ସାଥିରେ ପରିବର୍ତ୍ତିତ ବୈଷୟିକ ଜ୍ଞାନକୁ ଗ୍ରହଣ କରିନେବାକୁ ପଡ଼େ । ଏଠାରେ ଉଲ୍ଲେଖଯୋଗ୍ୟ ଯେଅଧିକାଂଶ ବଡ଼ ବଡ଼ ଉଦ୍ୟୋଗଙ୍କର ବସ୍ତୁ ଏବଂ ସେବାର ଉନ୍ନତି ଏବଂ ନୂତନତ୍ୱ ଆଣିବା ପାଇଁ ବୈଜ୍ଞାନିକ ଅନୁସନ୍ଧାନ ଏକ ନିୟମିତ କାର୍ଯ୍ୟ ଅଟେ । ସମ୍ପ୍ରତି କୌଣସି ଫାର୍ମ ପୁରୁଣା ପଦ୍ଧତି ଓ ଜ୍ଞାନକୌଶଳକୁ ନେଇ ତିଷ୍ଠିବା ଅସମ୍ଭବ ।

(ଙ) **ଜନସଂଖ୍ୟା ସମ୍ବନ୍ଧୀୟ ପରିବେଶ:** ଜନସଂଖ୍ୟା ସଂକ୍ରାନ୍ତ ପରିବେଶ କହିଲେ ଜନସଂଖ୍ୟାର ଆକାର, ଘନତ୍ୱ, ବଣ୍ଟନ ଏବଂ ଜନସଂଖ୍ୟାରବୃଦ୍ଧି ହାରକୁ ବୁଝାଏ । ଏହିସବୁ ଉପାଦାନଗୁଡ଼ିକ ବିଭିନ୍ନ ବସ୍ତୁ ଏବଂ ସେବାର ଚାହିଦା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଉଦାହରଣସ୍ୱରୂପ ଗୋଟିଏ ଦେଶର ଜନସଂଖ୍ୟାର ହାର ଅଧିକ ହୋଇଥିବ ଏବଂ ଜନସଂଖ୍ୟାର ଅଧିକ ଭାଗ ଶିଶୁ ହୋଇଥିବେ ତେବେ ସେଠାରେ ପିଲାମାନଙ୍କଉତ୍ପାଦର ଚାହିଦା ଅଧିକ ହେବ । ସେହିପରି ସହର ଏବଂ ନଗରର ଲୋକଙ୍କ ଚାହିଦା ଗ୍ରାମାଞ୍ଚଳ ଲୋକଙ୍କ ଚାହିଦା ଠାରୁ ଭିନ୍ନ ଅଟେ । ଜନସଂଖ୍ୟା ହାରବୃଦ୍ଧିରୁ ଶ୍ରମିକର ସହଜ ଉପଲବ୍ଧି ସୂଚନା ମିଳେ ।

ଫଳରେ ବ୍ୟାବସାୟିକ ସଂଗଠନମାନେ ଉତ୍ପାଦନ ପାଇଁ ଶ୍ରମ ଆଧାରିତ ଟେକ୍‌ନିକ୍‌କୁ ଉପଯୋଗ କରିବାକୁ ଉତ୍ସାହିତ ହୋଇଥାନ୍ତି । ଏହିପରି କେତେକ କ୍ଷେତ୍ରରେ କୁଶଳୀ ଶ୍ରମିକଙ୍କର ଉପଲବ୍ଧତା କାରଣରୁ ବ୍ୟବସାୟ ସଂଗଠନ ସେହି କ୍ଷେତ୍ରରେ ନିଜର ଉଦ୍ୟମ ସ୍ଥାପନ କରିବା ନିମନ୍ତେ ପ୍ରୋତ୍ସାହିତ ମଧ୍ୟ ହୋଇଥାନ୍ତି । ଉଦାହରଣ ସ୍ୱରୂପ କୁଶଳୀ ଶ୍ରମିକ ଶକ୍ତିର ଉପଲବ୍ଧତା ହେତୁ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଜର୍ମାନ, ଇଂଲଣ୍ଡର ବ୍ୟବସାୟିକ ଉଦ୍ୟମ ଭାରତକୁ ଆସୁଛନ୍ତି । ଅତଏବ ସେମାନେ ବ୍ୟାବସାୟିକ ଉଦ୍ୟମ ନିମନ୍ତେ ଜନସଂଖ୍ୟାର ଆଧାର ଉପରେ ହେଉଥିବା ପରିବର୍ତ୍ତନକୁ ଦୃଷ୍ଟିରଖିଥାନ୍ତି ତଥା ତାହାକୁ ସଠିକ୍‌ଭାବରେ ଅଧ୍ୟୟନ କରି ତାର ସୁଯୋଗର ଫାଇଦା ଉଠାଇଥାନ୍ତି ।

ଚ) **ପ୍ରାକୃତିକ ପରିବେଶ** – ପ୍ରାକୃତିକ ପରିବେଶରେ ଭୌଗୋଳିକ ଏବଂ ପରିବେଶ ବିଜ୍ଞାନ ଉପାଦାନ ସମ୍ମିଳିତ, ଯାହା ବ୍ୟବସାୟ କାର୍ଯ୍ୟକଳାପକୁ ପ୍ରଭାବିତ କରିଥାଏ । ପ୍ରାକୃତିକ ସମ୍ପଦର ଉପଲଭ୍ୟ, ପାଣିପାଗ ଏବଂ ଜଳବାୟୁର ସ୍ଥିତି, ସ୍ଥାନରଅବସ୍ଥିତି ଏବଂ ସ୍ଥଳାକୃତି ଆଦି ଏଥିରେ ଅନ୍ତର୍ଭୁକ୍ତ



ଅଟନ୍ତି । ପ୍ରାକୃତିକ ପରିବେଶ ଦ୍ୱାରା ବ୍ୟାବସାୟିକ କାର୍ଯ୍ୟକଳାପ ବିଶେଷ ପ୍ରଭାବିତ ହୋଇଥାଏ । ଉଦାହରଣ ସ୍ୱରୂପ, ଚିନିକଳ କେବଳ ସେଇଠି ବସାଯାଏ ଯେଉଁଠାରେ ଆଖୁଚାଷ ହେଉଥାଏ । ଏହି କାରଣରୁ କଞ୍ଚାମାଲ ମିଳୁଥିବା ସ୍ଥାନ ନିକଟରେ ନିର୍ମାଣ ଉଦ୍ୟୋଗ ସ୍ଥାପନା କରାଯାଇଥାଏ । ତା' ସହିତ ପରିବେଶ ସନ୍ତୁଳନ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସଂକ୍ରାନ୍ତ ସରକାରୀ ନୀତି ବ୍ୟାବସାୟିକ କ୍ଷେତ୍ର ଉପରେ ଅତିରିକ୍ତ ଉତ୍ତରଦାୟିତ୍ୱ ଦେଇଥାଏ ।

ପାଠଗତ ପ୍ରଶ୍ନାବଳୀ ୩(ଖ)

୧. ଆମଦାନୀ – ରପ୍ତାନି ନୀତିର ଅର୍ଥ କ'ଣ ?

____

____

୨. ନିମ୍ନରେ ଦିଆଯାଇଥିବା ବାକ୍ୟରେ ଅଣଅର୍ଥନୈତିକ ପରିବେଶର ବିଭିନ୍ନ ପ୍ରକାରକୁ ଚିହ୍ନଟ କର ।

କ) ପର୍ବପର୍ବାଣୀରେ ନୂଆ ପୋଷାକର ଚାହିଦା ବଢ଼ିଥାଏ ।

ଖ) କମ୍ପ୍ୟୁଟର ଟାଇପ୍ ରାଇଟରକୁ ପୁରୁଣା କରିଦେଲା ।

ଗ) କୋକାକୋଲା ଆଜି ମଧ୍ୟ ଭାରତୀୟ ବଜାରରେ ସ୍ୱତନ୍ତ୍ରତାର ସହିତ ବିକ୍ରି ହେଉଛି ।

ଘ) ଚିନିକଳ ସେଠାରେ ସ୍ଥାପିତ ହୁଏ ଯେଉଁଠାରେ ଆଖୁ ବହୁଳ ପରିମାଣରେ ଚାଷ ହୁଏ ।

ଙ) କ୍ଷେତ୍ର ବିଶେଷରେ କୁଶଳୀ ଶ୍ରମିକଙ୍କର ଉପଲବ୍ଧତା ।

୩.୩ ଭାରତୀୟ ଅର୍ଥନୀତିରେ ସାଂପ୍ରତିକ ପରିବର୍ତ୍ତନ

ଭାରତରେ ବ୍ୟବସାୟର ଅର୍ଥନୈତିକ ପରିବେଶ ସରକାରଙ୍କ ଅର୍ଥନୈତିକ ନୀତିର ପରିବର୍ତ୍ତନ ଯୋଗୁଁ ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି । ସ୍ୱାଧୀନତା ପ୍ରାପ୍ତିସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ମୁଖ୍ୟତଃ କୃଷି ପ୍ରଧାନ ଥିଲା ଯାହାର ଔଦ୍ୟୋଗୀକ ଆଧାର ବହୁତଦୁର୍ବଳ ଥିଲା । ଔଦ୍ୟୋଗୀକ ବିକାଶକୁ ଗତିଶୀଳ କରିବା ଏବଂ ବିଭିନ୍ନ ଆର୍ଥିକ ସମସ୍ୟାର ସମାଧାନ କରିବାପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଲେ ଯେପରି କେତେକ ଉଦ୍ୟୋଗକୁ ସରକାରୀ ମାଲିକାନାରେ ନେବା, ଆର୍ଥିକ ନିୟୋଜନରେ ଘରୋଇ କ୍ଷେତ୍ରର ପ୍ରଭାବକୁ କମ୍ କରିବା ଇତ୍ୟାଦି । ଘରୋଇ ଉଦ୍ୟୋଗ ପରିଚାଳନାକୁ ନିୟନ୍ତ୍ରଣ କରିବାକୁ ସରକାର ମଧ୍ୟ ଅନେକ ପଦକ୍ଷେପ ନେଲେ । ଏହିସବୁ ପଦକ୍ଷେପ ମିଶ୍ରିତ ଫଳଦେଲା । ନିଟ୍ ଜାତୀୟ ଉତ୍ପାଦରେ ବୃଦ୍ଧି, ମୁଣ୍ଡପିଛା ଆୟଏବଂ ପୁଞ୍ଜିଗତ ବସ୍ତୁର କ୍ଷେତ୍ର ଏବଂ ଭିତ୍ତିଭୂମି ବିକାଶରେ ବୃଦ୍ଧି ହେଲା । କିନ୍ତୁ ଔଦ୍ୟୋଗୀକ ବିକାଶର ଧାରା ମନ୍ଥର ହେଲା, ମୁଦ୍ରାସ୍ଫୀତି ବୃଦ୍ଧିହେଲା ଏବଂ ସରକାରଙ୍କୁ ଅଶୀଦଶକରେ ବିଦେଶୀ ମୁଦ୍ରାର ଅଭାବର ସମ୍ମୁଖୀନ ହେବାକୁ ପଡ଼ିଲା । ଏହାର ପରିଣାମସ୍ୱରୂପ ଭାରତ ସରକାର ୧୯୯୧ରେ ଅର୍ଥନୈତିକ ନୀତିରେ ବ୍ୟାପକ ପରିବର୍ତ୍ତନ କଲେ । ଏହି ନୀତି ଅନୁସାରେ ଅଧିକାଂଶ କ୍ଷେତ୍ରରେ ଔଦ୍ୟୋଗୀକ ଲାଇସେନ୍ସକୁ ରଦ୍ଦ କରିଦିଆଗଲା, କେତେକ ଉଦ୍ୟୋଗୀ ଧନ୍ଦାରେ ଘରୋଇ କ୍ଷେତ୍ରର ଭାଗିଦାରୀକୁ ଛାଡ଼ି ଦିଆଗଲା । ଅନେକଗୁଡ଼ିଲ ସାର୍ବଜନିକ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କରାଗଲା ତଥା ବହୁତ ପରିମାଣରେ ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତା ଅଣାଗଲା । ଭାରତକୁ ବିଦେଶୀ ପୁଞ୍ଜିଆଣିବା ଉଦ୍ଦେଶ୍ୟରେ ବିଦେଶୀ ନିବେଶ ବୋର୍ଡ ଗଠନ କରାଗଲା । ବର୍ତ୍ତମାନ ଆମେ ପରିବର୍ତ୍ତନର ତିନୋଟି ଧାରାକୁ ବର୍ଣ୍ଣନା କରିବା ।

(କ) ଉଦାରୀକରଣ, (ଖ) ଘରୋଇକରଣ, (ଗ) ଜଗତୀ କରଣ ।

(କ) ଉଦାରୀକରଣ:

ଉଦାରୀକରଣର ଅଭିପ୍ରାୟ ହେଉଛି ବ୍ୟାବସାୟିକ ଉଦ୍ୟମର ସୁଗମ ସଂଚାଳନ ନିମନ୍ତେ ଅନାବଶ୍ୟକ ନିୟନ୍ତ୍ରଣ ଏବଂ ପ୍ରତିବନ୍ଧକକୁ ସମାପ୍ତ କରିବାର ପ୍ରକ୍ରିୟା । ଯଥା:

୧) ଅଧିକାଂଶ ଶିଳ୍ପୋଦ୍ୟୋଗର ଔଦୋଗିକ ଲାଇସେନ୍ସ ଆବଶ୍ୟକତାର ସମାପ୍ତିକରଣ ।

୨) ବ୍ୟାବସାୟିକ କାର୍ଯ୍ୟକଳାପର କ୍ଷମତା ସଂକ୍ରାନ୍ତ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ।

୩) ବସ୍ତୁ ଏବଂ ସେବାର ମୂଲ୍ୟ ନିର୍ଦ୍ଧାରଣର ସ୍ୱାଧୀନତା ।

୪) ଆମଦାନୀ ଏବଂ ରପ୍ତାନିର ପ୍ରକ୍ରିୟାକୁ ସରଳ କରିବା ।

୫) ଟିକସ ହାର କମାଇବା ।

୬) ଭାରତକୁ ବିଦେଶୀ ପୁଞ୍ଜି ଏବଂ ବୈଷୟିକ ଜ୍ଞାନକୌଶଳ ଆକର୍ଷିତ କରିବାପାଇଁ ନୀତି ସରଳୀକରଣ ।

ଏହି ଉଦାରୀକରଣ ପ୍ରକ୍ରିୟା ଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥାରେ ସ୍ୱଚ୍ଛଳତା ଆସିବା ସଙ୍ଗେ ସଙ୍ଗେ ବିଶ୍ୱ ବଜାର ସହ ଆଦାନ-ପ୍ରଦାନ ଆରମ୍ଭ ହୋଇପାରିଲା । ଏହିକାରଣରୁ ବିଦେଶୀ ବ୍ୟାବସାୟିକ ସଂଗଠନମାନେ ଭାରତରେ ସହଜରେ ପ୍ରବେଶ କରିପାରିଲେ । ପରିଣାମ ସ୍ୱରୂପ ପ୍ରତିଯୋଗିତା ଏବଂ କାର୍ଯ୍ୟ କୁଶଳତା ବୃଦ୍ଧି ହୋଇପାରିଲା । ଉଦାରୀକରଣ ଫଳରେ ଅର୍ଥବ୍ୟବସ୍ଥାରେ ବିକାଶର ହାର ଅଧିକ ହେବାସହ ବସ୍ତୁଗୁଡ଼ିକୁ ଉଚିତ ମୂଲ୍ୟରେ ଉପଲବ୍ଧ, ମଜବୁତ୍ ଷ୍ଟକ ବଜାର, ବଡ଼ମାତ୍ରାରେ ବିଦେଶୀ ବିନିମୟ ଭଣ୍ଡାର, ମୁଦ୍ରାସ୍ଫୀତି ହ୍ରାସ, ଟଙ୍କାମୂଲ୍ୟର ବୃଦ୍ଧି ଏବଂ ଉତ୍ତମ ଶିଳ୍ପାୟନ ସମ୍ପର୍କ ହାସଲ କଲା ।

ଖ) ଘରୋଇକରଣ:

ଘରୋଇକରଣର ଅର୍ଥ ଅଧିକାଂଶ କ୍ଷେତ୍ରରେ ଘରୋଇ କ୍ଷେତ୍ରକୁ ସାମିଲ କରି ସାର୍ବଜନୀକ କ୍ଷେତ୍ରର ଭୂମିକାକୁ ନ୍ୟୂନ କରିବା । ୧୯୯୧ରେ ଶିଳ୍ପନୀତିର ଘୋଷଣା ପରେ ସାର୍ବଜନିକକ୍ଷେତ୍ରର ବିସ୍ତାର ପ୍ରାୟତଃ ଠପ୍ ହୋଇଯାଇଛି ଏବଂ ଉଦାରୀକରଣପରେ ଘରୋଇ ଶିଳ୍ପ କ୍ଷୀପ୍ରଗତିରେ ବୃଦ୍ଧିପାଇଛି । ଘରୋଇକରଣରେ ନିମ୍ନଲିଖିତ ପ୍ରସଙ୍ଗ ସମ୍ମିଳିତ:

୧) ସାର୍ବଜନିକ କ୍ଷେତ୍ର ନିମନ୍ତେ ସଂରକ୍ଷିତ ଉଦ୍ୟୋଗ ସଂଖ୍ୟା ୧୭ରୁ ୮କୁ ହ୍ରାସ (ଯାହା ପରେ ୩କୁ ହ୍ରାସ ପାଇଲା) ଏବଂ ସଂରକ୍ଷିତ କ୍ଷେତ୍ରରେ ପ୍ରତିଯୋଗିତାର ପ୍ରଚଳନ ବା ଆରମ୍ଭ ।

୨) ସମ୍ବଳ ବୃଦ୍ଧି ଏବଂ ବ୍ୟାବସାୟିକ ମାଲିକାନାରେ ଜନସାଧାରଣ ଏବଂ କର୍ମଚାରୀଙ୍କ ବହୁଳ ଭାଗୀଦାରୀକୁ ପ୍ରୋତ୍ସାହିତ କରିବା ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ସାର୍ବଜନିକ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ।

୩) କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ବୁଝାମଣା ପତ୍ର ପ୍ରଣାଳୀ (MOU) ଦ୍ୱାରା ପରିଚାଳକଙ୍କୁ ଅଧିକ ସ୍ୱତନ୍ତ୍ରତା ପ୍ରଦାନ ସହ କିଛି ବିଶିଷ୍ଟ ପରିଣାମ ନିମନ୍ତେ ଉତ୍ତରଦାୟୀ କରାଗଲା । ଏହା ଦ୍ୱାରା ଭାରତରେ ଉଦାରୀକରଣ ପରବର୍ତ୍ତୀ ସମୟରେ ଘରୋଇ କ୍ଷେତ୍ରର ବହୁଳ ବିସ୍ତାର ହେଲା । ୧୯୯୨-୯୩ରେ, ୫୦୦ଟି ଘରୋଇ କ୍ଷେତ୍ରରେ ପୁଞ୍ଜି ପରିମାଣ

୧,୩୯,୮୦୬ କୋଟିରୁ ବୃଦ୍ଧିପାଇ ୧୯୯୪-୯୫ବେଳକୁ ୨,୩୪,୭୫୧ କୋଟି ହୋଇଥିଲା । ଏଥିରୁ ତୁମେ ଅନୁମାନ କରିପାରିବ କେତେ କ୍ଷୀପ୍ର ଗତିରେ ଘରୋଇ ଉଦ୍ୟୋଗ ବଢ଼ିଥିଲା ।

(ଗ) **ଜଗତୀକରଣ:** ଜଗତୀକରଣ ଅର୍ଥ ହେଉଛି ଏକ ଦେଶର ଅର୍ଥ ବ୍ୟବସ୍ଥାକୁ ବିଶ୍ୱ ଅର୍ଥବ୍ୟବସ୍ଥା ସହିତ ସମନ୍ୱିତ କରିବା । ଏହାର ଅର୍ଥ ବିଦେଶରୁ ବସ୍ତୁ ଏବଂ ସେବା, ପୁଞ୍ଜି, ବୈଷୟିକ ଜ୍ଞାନ ଏବଂ ଶ୍ରମର ଆଗମନ ଜଗତୀକରଣର ଲକ୍ଷ୍ୟକୁ ପ୍ରାପ୍ତି ନିମନ୍ତେ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଯେପରିକି ସୀମାଶୁଳ୍କକୁ କମ କରିବା, ଆମଦାନୀ ଏବଂ ରପ୍ତାନି ଉପରୁ ପରିମାଣ ବା କୋଟା କଟକଣାକୁ ଉଠାଇଦେବା, ବିଦେଶୀ ନିବେଶକୁ ସୁଗମ କରିବା ତଥା ବିଦେଶୀ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବା ଆଦି । ଏହି ଉପାୟଦ୍ୱାରା ଅଭିବୃଦ୍ଧି ହାର ବଢ଼ିବା, ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ଆଞ୍ଚଳିକ ବୈଷମ୍ୟ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ପାଠଗତ ପ୍ରଶ୍ନାବଳୀ ୩(ଗ)

୧. ଜଗତୀକରଣର ଅର୍ଥ କ'ଣ ?

____

____

୨. ଉଦାରୀକରଣ ନିମନ୍ତେ 'ଉ' ଘରୋଇ କରଣ ନିମନ୍ତେ 'ଘ' ତଥା ଜଗତୀକରଣ ନିମନ୍ତେ 'ଜ' ଲେଖ ।

କ) ବସ୍ତୁ ଏବଂ ସେବାର ମୂଲ୍ୟ ନିର୍ଦ୍ଧାରରେ ସ୍ୱତନ୍ତ୍ରତା । ☐

ଖ) ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗୀକ ଉଦ୍ୟମରୁ ପୁଞ୍ଜିପ୍ରତ୍ୟାହାର ବିନିବେଶ । ☐

ଗ) ବିକ୍ରିକରର ହାରକୁ କମ୍ । ☐

ଘ) ସୀମାଶୁଳ୍କରେ କମ୍ । ☐

ଙ) ସାର୍ବଜନିକ କ୍ଷେତ୍ର ନିମନ୍ତେ ସଂରକ୍ଷିତ ଉଦ୍ୟୋଗୀଙ୍କ ସଂଖ୍ୟାରେ ହ୍ରାସ । ☐

୩.୪ ବ୍ୟବସାୟର ସାମାଜିକ ଉତ୍ତର ଦାୟିତ୍ୱ

ପ୍ରତ୍ୟେକ ବ୍ୟାବସାୟିକ ସଂଗଠନ ସମାଜର ଏକ ଅଭିନ୍ନ ଅଙ୍ଗ ଅଟେ । ଏହା ସମାଜରେ ତିଷ୍ଠିବା ଏବଂ ବିକାଶ ପାଇଁ ଉପଲବ୍ଧ ସୀମିତ ସମ୍ବଳକୁ ବିନିଯୋଗ କରିଥାଏ । ଏଣୁ ବ୍ୟବସାୟର କୌଣସି କାର୍ଯ୍ୟ ଯେମିତି ସମାଜର ଦୀର୍ଘକାଳୀନ ହିତର ପରିପନ୍ଥୀ ନହେବ ତାହା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବାସ୍ତବରେ ଏହା ଦେଖାଯାଇଛି ଯେ ବ୍ୟବସାୟର କେତେକ କାର୍ଯ୍ୟକଳାପ ସମାଜର ପରିପନ୍ଥୀ । ଯେମିତିକି ପରିବେଶ ପ୍ରଦୂଷଣ, ଟିକସ ଫାଙ୍କି, ଅପମିଶ୍ରିତ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରି ଭ୍ରମାତ୍ମକ ବିଜ୍ଞାପନ ଇତ୍ୟାଦି ଇତ୍ୟାଦି । ଏହି ସବୁରୁ ବ୍ୟାବସାୟର ସାମାଜିକ ଉତ୍ତର ଦାୟିତ୍ୱର ସୃଷ୍ଟିହେଲା । ଯାହାର ମୂଳ ଉଦ୍ଦେଶ୍ୟ ହେଲା ବ୍ୟବସାୟୀ, ମାଲିକ ଓ ପରିଚାଳକଙ୍କୁ ଗ୍ରାହକ ଓ କର୍ମଚାରୀଙ୍କ ପ୍ରତି ଉତ୍ତରଦାୟୀ କରିବା ।

୩.୪.୧. ସାମାଜିକ ଉତ୍ତର ଦାୟିତ୍ୱର ଅର୍ଥ:

ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱର ଅର୍ଥହେଲା - ବ୍ୟାବସାୟିକ ଉଦ୍ୟମ ଦ୍ୱାରା ଏପରି ଯୋଜନା ଏବଂ ନୀତିର ପ୍ରଣୟନ ହେବା ଆବଶ୍ୟକ ଯାହାଦ୍ୱାରା ସମାଜର ଆକାଂକ୍ଷା, ମୂଲ୍ୟ ଏବଂ ହିତ ସାଧନ ହେବ । ଏହା ସୁନିଶ୍ଚିତ କରିଥାଏ କି ବ୍ୟବସାୟର କୌଣସି ନିଷ୍ପତ୍ତି ଏବଂ ନୀତି ଯୋଗୁଁ ବିଭିନ୍ନ ବର୍ଗର ଲୋକଙ୍କ ସ୍ୱାର୍ଥ ଯେମିତି ପ୍ରଭାବିତ ନହେବ ।

୩.୪.୨. ବିଭିନ୍ନ ବର୍ଗ ପ୍ରତି ସାମାଜିକ ଉତ୍ତରଦାୟିତ୍ୱ:

ଏହା ମନେରଖିବାକୁ ହେବଯେ ଯେଉଁ ବ୍ୟକ୍ତିମାନେ ବ୍ୟବସାୟ ପରିଚାଳନା କରୁଛନ୍ତ ସେମାନଙ୍କ ଉତ୍ତର ଦାୟିତ୍ୱ କେବଳ ମାଲିକମାନଙ୍କ ମଧ୍ୟରେ ସୀମିତ ନୁହେଁ । ବ୍ୟବସାୟର ହିତରେ ଥିବା ଅନ୍ୟ ବ୍ୟକ୍ତି ଯେପରି କର୍ମଚାରୀ, ଉପଭୋକ୍ତା, ସରକାର, ଗୋଷ୍ଠୀ ଏବଂ ଜନସାଧାରଣଙ୍କର ଆକାଂକ୍ଷାକୁ ମଧ୍ୟ ସୋମନଙ୍କୁ ଧ୍ୟାନ ଦେବାକୁ ପଡ଼ିବ । ଆସ ଏହି ସବୁ ବର୍ଗପ୍ରତି ବ୍ୟବସାୟର ଉତ୍ତରଦାୟିତ୍ୱ ଉପରେ ନଜର ପକାଇବା ।

କ) **ଅଂଶଧାରୀ ବା ମାଲିକଙ୍କ ପ୍ରତି ଉତ୍ତରଦାୟିତ୍ୱ:** ବ୍ୟବସାୟରେ ପୁଞ୍ଜି ଖଟାଉଥିବା ବ୍ୟକ୍ତିମାନେ ହିଁ ଅଂଶଧାରୀ ବା ମାଲିକ । ସେମାନଙ୍କୁ ସେମାନଙ୍କ ପୁଞ୍ଜି ଉପରେ ଉଚିତ ପ୍ରତିଫଳ/ଲାଭ ମିଳିବା ଆବଶ୍ୟକ । ତୁମେ ଜାଣିଛଯେ କମ୍ପାନୀର ଏହି ପ୍ରତିଫଳ ଲାଭାଂଶ ରୂପରେ ହୋଇଥାଏ । ଏହା ନିଶ୍ଚିତ କରିବା ଦରକାରଯେ ଲାଭାଂଶର ହାର ନିଶ୍ଚିତଭାବେ ଆଶଙ୍କାଏବଂ ଅର୍ଜିତ ଲାଭର ଅନୁରୂପ ହେବା ଦରକାର । ଲାଭାଂଶ ବ୍ୟତୀତ ଅଂଶଧାରୀମାନେ ମଧ୍ୟ ଅଂଶଧନର ମୂଲ୍ୟର ବୃଦ୍ଧି ଆଶା କରିଥାନ୍ତି ଏବଂ ଏହା ମୁଖ୍ୟତଃ କମ୍ପାନୀର ଦକ୍ଷତା ଉପରେ ନିର୍ଦ୍ଧାରିତ ହୋଇଥାଏ ।

ଖ) **କର୍ମଚାରୀଙ୍କ ପ୍ରତି ଉତ୍ତରଦାୟିତ୍ୱ:** ପ୍ରତ୍ୟେକ ବ୍ୟାବସାୟିକ ସଂଗଠନ କାର୍ଯ୍ୟର ପ୍ରକୃତି ଏବଂ ବଜାରରେ ପ୍ରଚଳିତ ଦର ଅନୁଯାୟୀ କର୍ମଚାରୀମାନଙ୍କୁ ଉଚିତ ମଜୁରୀ କିମ୍ବା ବେତନ ପ୍ରଦାନ କରିବା ଉଚିତ । କାର୍ଯ୍ୟ କରିବାର ପରିବେଶ ତଥା ପରିସ୍ଥିତି, ସୁରକ୍ଷା, ଚିକିତ୍ସା ସୁବିଧା, ଜଳଖିଆର ଗୃହ, ରହିବା ପାଇଁ ଘର, ଛୁଟି ଏବଂ ଅବସରକାଳୀନ ସେବା ଆଦି ଦୃଷ୍ଟିକୋଣରୁ ଉତ୍ତମ ହେବା ଦରକାର । ବ୍ୟବସାୟର ଲାଭରୁ ମଧ୍ୟ ସେମାନଙ୍କୁ ଉଚିତ ବୋନସ୍ ମିଳିବା ଦରକାର । ସେମାନଙ୍କୁ ପରିଚାଳନରେ ଅଂଶଗ୍ରହଣ ପାଇଁ ସୁବିଧା ସୁଯୋଗ ମଧ୍ୟ ମିଳିବା ଉଚିତ୍ ।

ଗ) **ଖାଉଟିଙ୍କ ପ୍ରତି ଉତ୍ତରଦାୟିତ୍ୱ:** ପ୍ରତ୍ୟେକ ବ୍ୟାବସାୟିକ ସଂଗଠନ ଖାଉଟିମାନଙ୍କୁ ଉଚିତ ମୂଲ୍ୟରେ ଉତ୍ତମ ମାନର ବସ୍ତୁ ବା ସେବା ଯୋଗାଇବା ଉଚିତ । ଅପମିଶ୍ରଣ, ନିମ୍ନମାନର ପ୍ୟାକେଟ୍, ଲୋକମାନଙ୍କୁ ଭ୍ରମିତ କଲା ଭଳି ବିଜ୍ଞାପନରୁ ଦୂରେଇ ରହିବା ଦରକାର । ଗ୍ରାହକମାନଙ୍କର ଆପତ୍ତି ଅଭିଯୋଗକୁ ଦୂର କରିବା ନିମନ୍ତେ ଉଚିତ ବ୍ୟବସ୍ଥା କରିବା ମଧ୍ୟ ଦରକାର ।

ଘ) **ସମାଜ ପ୍ରତି ଉତ୍ତରଦାୟିତ୍ୱ:** ପ୍ରତ୍ୟେକ ବ୍ୟବସାୟ ଆମ ସମାଜର ଏକ ଅଭିନ୍ନ ଅଙ୍ଗ । ତେଣୁ ବ୍ୟବସାୟକୁ ମଧ୍ୟ ସମାଜ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ଦରକାର । ଏହା ସାମାଜିକ, ସାଂସ୍କୃତିକ ମୂଲ୍ୟବୋଧର ସଂରକ୍ଷଣ ଏବଂ ସଂବର୍ଦ୍ଧନ ନିମନ୍ତେ କାର୍ଯ୍ୟ କରିବା ଦରକାର । ନିଯୁକ୍ତି ସୁଯୋଗ ସୃଷ୍ଟି ସାଙ୍ଗକୁ ସମାଜର ଦୂର୍ବଳ ବର୍ଗର ଉତ୍‌ଥାନ ପାଇଁ କାର୍ଯ୍ୟ କରିବା ଦରକାର ।

ଏହା ସମାଜର ଭୌତିକ ଏବଂ ବୈଷୟିକ ପରିବେଶରସଂରକ୍ଷଣ ନିମନ୍ତେ ପଦକ୍ଷେପ ଉଠାଇବା ଦରକାର । ଏହା ଜନସ୍ୱାସ୍ଥ୍ୟ, ସୁରକ୍ଷା, ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସାମୂହିକ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବା ଆବଶ୍ୟକ ।

ଙ) **ସରକାରଙ୍କ ପ୍ରତି ଉତ୍ତରଦାୟିତ୍ୱ:** ପ୍ରତ୍ୟେକ ବ୍ୟାବସାୟିକ ଉଦ୍ୟମ ବ୍ୟବସାୟ ଆରମ୍ଭ ସମୟରେ ସରକାରଙ୍କ ଦ୍ୱାରା ପ୍ରଣୀତ ନିର୍ଦ୍ଦେଶକୁ ପାଳନ କରିବା ଉଚିତ । ଏହା ବୈଧ ବ୍ୟବସାୟ କରିବା ଉଚିତ । ସଚ୍ଚୋଟତାର ସହିତ ଟିକସ୍ ଦେବା ଆବଶ୍ୟକ ।ଏହା କୌଣସି ଦୁର୍ନୀତିଖୋର ବା ବେଆଇନ୍ କାର୍ଯ୍ୟକଳାପର ଲିପ୍ତ ହେବା ଅନୁଚିତ୍ ।

ବିଭିନ୍ନ ବର୍ଗଙ୍କ ପ୍ରତି ସାମାଜିକ ଉତ୍ତରଦାୟିତ୍ୱର ଗୁରୁତ୍ୱ ଦୃଷ୍ଟିରୁ କମ୍ପାନୀ ବାର୍ଷିକ ରିପୋର୍ଟରେ 'ସାମାଜିକ କାର୍ଯ୍ୟର ରିପୋର୍ଟ' ଉପସ୍ଥାପନକୁ କମ୍ପାନୀ ଅଧିନିୟମ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । କେତେକ ବଡ଼ ବଡ଼ କମ୍ପାନୀ ସ୍ୱଇଚ୍ଛାରେ ନିଜର ବାର୍ଷିକ ରିପୋର୍ଟରେ ନିୟମିତ ଭାବରେ ସାମାଜିକ କାର୍ଯ୍ୟର ରିପୋର୍ଟ ଦେଉଅଛନ୍ତି । ଏମାନଙ୍କ ମଧ୍ୟରେ ସିମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଭାରତୀୟ ସିମେଣ୍ଟ ନିଗମ), ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଭାରତୀୟ ତୈଳ ନିଗମ), ଟାଟା ଆଇରନ୍ ଆଣ୍ଡ୍ ଷ୍ଟିଲ୍ କମ୍ପାନୀ (ଟାଟା ଲୌହ ଏବଂ ଇସ୍ପାତ୍ କମ୍ପାନୀ), ଏସିଆନ୍ ପେଣ୍ଟସ୍ ତଥା ଆଇ.ଟି.ସି. ଅନ୍ୟତମ । ଏହି ରିପୋର୍ଟରୁ କମ୍ପାନୀଗୁଡ଼ିକ ପରିବେଷ୍ଟନୀର ମିତ୍ର ଏବଂ ସମାଜର ବିକାଶ ନିମନ୍ତେ ସଚେତନ ଥିବା ଜଣାପଡ଼େ ।

କେତେକ କମ୍ପାନୀ ଗ୍ରହଣ କରିଥିବା ସାମାଜିକ ଉତ୍ତରଦାୟିତ୍ୱ ରିପୋର୍ଟ:

ଲାର୍ସନ୍ ଆଣ୍ଡ୍ ଟବ୍ରୋ ଲିଃ (ଏଲ୍ ଆଣ୍ଡ୍ ଟି)

ଏଲ୍ ଆଣ୍ଡ୍ ଟି ବ୍ୟାବସାୟିକ ବିଷୟ ପ୍ରତି ଯେତିକି ଗମ୍ଭୀରତାର ସହ ଧ୍ୟାନ ଦିଏ, ସ୍ୱାସ୍ଥ୍ୟ ଓ ପରିବେଶ ପରି ସାମାଜିକ ବିଷୟକୁ ମଧ୍ୟ ସେତିକି ଗୁରୁତ୍ୱ ଦେଇଥାଏ । ଏଲ୍ ଆଣ୍ଡ୍ ଟି ବିଶେଷ ବିଶ୍ଳେଷଣ, ନିୟୋଜନ, କାର୍ଯ୍ୟ ସମ୍ପାଦନ, ପରିଣାମର ମୂଲ୍ୟାଙ୍କନର ଲାଭ ଉପରେ ବିଶ୍ୱାସ କରେ । ବିଶେଷ ଭାବରେ କହିବାକୁ ଗଲେ ଏହାର ସାମାଜିକ ଉତ୍ତରଦାୟିତ୍ୱ ସମ୍ପାଦନରେ ସ୍ୱାସ୍ଥ୍ୟ, ସୁରକ୍ଷା, ଆଖପାଖ ପରିବେଶ ତଥା ଶିକ୍ଷା ଅନ୍ତର୍ଭୁକ୍ତ ଅଟେ ।

ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ନିଗମ (ଓ ଏନ୍ ଜି ସି)

ଓ ଏନ ଜି ସି ଏକ ଉତ୍ତରଦାୟୀ ନିଗମ । ଏହା ବିଶେଷଭାବେ ଧନ୍ଦାମୂଳକ ଶିକ୍ଷା, ସ୍ୱାସ୍ଥ୍ୟ ପରିଚର୍ଯ୍ୟା ଏବଂ ଉଦ୍ୟମତା ଉପରେ ନିଜର ଧ୍ୟାନ କେନ୍ଦ୍ରୀଭୂତ କରିଥାଏ । ଏହା ସହିତ ଦେଶର ଜଳ ପରିଚାଳନା ଏବଂ ବିପର୍ଯ୍ୟୟ ସମୟରେ ସାହାଯ୍ୟ ଯୋଗାଇବା ଆଦି ମଧ୍ୟ କରିଥାଏ । ଏହି ସବୁ କାର୍ଯ୍ୟର ମାନ୍ୟତା ସ୍ୱରୂପ ୨୦୦୬ ମଇ ମାସରେ ଲଣ୍ଡନରେ ଅନୁଷ୍ଠିତ ସପ୍ତମ ଅନ୍ତର୍ଜାତୀୟ କମ୍ପାନୀ ପରିଚାଳନା ସମ୍ମିଳନୀରେ ଓ ଏନ୍ ଜି ସିକୁ 'କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟ୍ ଇନ୍ ଏମର୍ଜିଂ ଇକୋନୋମିକ୍ସ-୨୦୦୬' ନିମନ୍ତେ ସ୍ୱର୍ଣ୍ଣ ମୟୂର ସମ୍ମାନ ପ୍ରଦାନ କରାଯାଇଥିଲା ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆର୍ଆଇଏଲ୍)

ଗୋଷ୍ଠୀ ସହାୟତା ଏବଂ ସାମାଜିକ ବିକାଶ ନିମନ୍ତେ ଆର୍ଆଇଏଲ୍ କମ୍ପାନୀ ଏହାର ନିର୍ମାଣ ସ୍ଥଳର ପାଖାପାଖି ଗାଁମାନଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଉଭୟ ଆର୍ଥିକ ଏବଂ ପ୍ରାଶାସନିକ

ସହାୟତା ପ୍ରଦାନ ସହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥାପନା ମଧ୍ୟ କରିଥାଏ । ଆର୍‌ଆଇଏଲ୍ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ ପୁସ୍ତକ ବିତରଣ କରିଥାଏ । ଗ୍ରାମାଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆର୍ଥିକ ସହାୟତା ଦେଇଥାଏ, ସ୍ୱାସ୍ଥ୍ୟ ଶିବିର ଆୟୋଜନ ଏବଂ ଖେଳକୁଦର ଆୟୋଜନ ମଧ୍ୟ କରିଥାଏ ।

ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିଃ (ଜିଆଇଏଲ୍)

ଗ୍ରାସିମ୍ ଭାରତର ଆଭ୍ୟନ୍ତରୀଣ କ୍ଷେତ୍ରରେ "ଆଦିତ୍ୟ ବିର୍ଲା ସେଣ୍ଟର୍ ଫର୍ କମ୍ୟୁନିଟି ଇନିସିଏଟିଭ୍ ଆଣ୍ଡ୍ ରୁରାଲ୍ ଡେଭେଲପମେଣ୍ଟ" (ଆଦିତ୍ୟ ବିର୍ଲା ଗୋଷ୍ଠୀ ଉନ୍ନୟନ ଏବଂ ଗ୍ରାମୀଣ ବିକାଶ କେନ୍ଦ୍ର) ଦ୍ୱାରା ସାମାଜିକ ପରିଯୋଜନାଗୁଡ଼ିକୁ ଚଳାଉଛି । ଏହାର କାର୍ଯ୍ୟ ସମାଜ ଦ୍ୱାରା ଅନୁଭବ କରାଯାଇଥିବା ଆବଶ୍ୟକତା ଉପରେ ଆଧାରିତ ଅଟେ । ଏହାର ସାମାଜିକ ଦୃଷ୍ଟିକୋଣ ନିଜର କ୍ଷମତା ପରିସର ମଧ୍ୟରେ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଏବଂ ଦେଶର ମାନବ ସମ୍ବଳ ସୂଚକାଙ୍କରେ ଉନ୍ନତି ଆଣିବା । ୨୦୦୫-୦୬ରେ ଏହା ପ୍ରାୟ ୬ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା, ପିଲାମାନଙ୍କର ଦେଖାଶୁଣା, ସାମୂହିକ ବିବାହ କାର୍ଯ୍ୟକ୍ରମ ଭିତ୍ତିଭୂମିର ବିକାଶ ଆଦିରେ ସହାୟତା ଯୋଗାଇଥିଲା । ଏହି ମାନବୀୟ ପ୍ରୟାସରେ ସରକାର, ଜିଲ୍ଲା ପ୍ରଶାସନ, ଗ୍ରାମ ପଞ୍ଚାୟତ ତଥା ଅନ୍ୟ ସମାନ ବିଚାରଧାରାର ବେସରକାରୀ ସଂଗଠନ ସହିତ କମ୍ପାନି ସହଯୋଗର ହାତ ବାଣ୍ଟିଥିଲା ।

୩.୫. ବ୍ୟାବସାୟିକ ନୈତିକତା

ଏଥିକ୍ସ ବା ନୈତିକତା ଶବ୍ଦ ଗ୍ରୀକ୍ ଶବ୍ଦ 'ଏଥୋସ୍'ରୁ ଉଦ୍ଧୃତ ହୋଇଛି ଯାହାର ଅର୍ଥ ନୈତିକତା ସିଦ୍ଧାନ୍ତ ଉପରେ ଆଧାରିତ ଲୋକଙ୍କର ଚରିତ୍ର, ବ୍ୟବହାର ଏବଂ କାର୍ଯ୍ୟକଳାପ । ସମାଜ ଦ୍ୱାରା ସ୍ୱୀକୃତ ମାନକ ବ୍ୟବହାର ବା ଚରିତ୍ର ଆଧାରରେ ମାନବୀୟ ବ୍ୟବହାରର କେଉଁଟା ଭୁଲ ବା କେଉଁଟା ଠିକ୍ ଜାଣିବା । ସାଧୁତା, ସଚ୍ଚୋଟତା, ସତ୍ୟପ୍ରିୟ, ଦୟା, ସହାନୁଭୂତି, ଭାତୃତ୍ୱଭାବ ଭାବନାକୁ ନୈତିକତା କହିଥାନ୍ତି ।

ସେହିପରି ବ୍ୟାବସାୟିକ ଦୃଷ୍ଟିକୋଣରୁ ନୈତିକତା ଅଥବା ବ୍ୟାବସାୟିକ ନୈତିକତା ଏପରି ଏକ ସଦାଚାରଣର ସିଦ୍ଧାନ୍ତ ଅଟେ ଯାହା ସମାଜ ସମ୍ବନ୍ଧରେ ବ୍ୟବସାୟୀମାନଙ୍କ ବ୍ୟବହାର କିମ୍ବା ବ୍ୟାବସାୟିକ କ୍ରିୟାର ପଥପ୍ରଦର୍ଶକ ହୋଇଥାଏ । ଏହା ନୈତିକତା ରକ୍ଷାକରି ଉଚିତ ବ୍ୟାବସାୟ ଚଳାଇବାର ଆଚାର ସଂହିତା ପ୍ରଦାନ କରିଥାଏ । ବେଆଇନ୍ କାର୍ଯ୍ୟକଳାପ ବିନା ବ୍ୟବସାୟ ଚଳାଇବା, ସାଧୁତା ଆଚରଣ କରିବା, ବସ୍ତୁଗୁଡ଼ିକର ଗୁଣବତ୍ତା ପ୍ରତି ନିଷ୍ଠାପର ହେବା, ସତ୍ୟପ୍ରିୟ ହେବା, ଉଚିତ ମୂଲ୍ୟ ନେବା, ଆଇନ୍‌ର ପାଳନ କରିବା, ସରକାରଙ୍କୁ ଟିକସ୍, ଶୁଳ୍କ କିମ୍ବା ଫିସ୍ ଆଦି ପରିଶୋଧ କରିବା ଆଦି ବ୍ୟବସାୟର କେତେକ ନୈତିକ ବ୍ୟବହାର ଅଟେ ।

ବ୍ୟାବସାୟିକ ନୈତିକତାର ଆରମ୍ଭ ଆମେରିକାରେ ୧୯୭୦ରେ ହୋଇଥିଲା । ଏହା ବ୍ୟବସାୟରେ ଜଡ଼ିତ ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରାଇବା ସହ ଖାଉଟି ବିରୋଧି କାର୍ଯ୍ୟ ନକରିବା ଏବଂ ପରିବେଶର ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବା ପାଇଁ କମ୍ପାନୀଗୁଡ଼ିକ ଉପରେ ଜୋର ଦେଉଥିଲା ।

ପାଠଗତ ପ୍ରଶ୍ନାବଳୀ ୩(ଘ)

୧. ବ୍ୟାବସାୟିକ ନୈତିକତା ଅର୍ଥ ପ୍ରକାଶ କର ।

____

____

____

୨. ନିମ୍ନଲିଖିତ ବାକ୍ୟମାନଙ୍କରୁ ବ୍ୟବସାୟର ଉତ୍ତରଦାୟିତ୍ୱକୁ ସ୍ପଷ୍ଟ କରୁଥିବା ବାକ୍ୟକୁ ଚିହ୍ନଟ କର ।

(କ) ଯେତେବେଳେ ସଂଗଠନ ଠିକ୍ ସମୟରେ ଟିକସ ପୈଠ କରିଥାଏ ।

(ଖ) ଯେତେବେଳେ କମ୍ପାନୀ ଉନ୍ନତମାନର ବସ୍ତୁ ଉତ୍ପାଦନ କରିଥାଏ ଏବଂ ତାହାକୁ ଉଚିତ ମୂଲ୍ୟରେ ବିକ୍ରି କରିଥାଏ ।

(ଗ) ଯେତେବେଳେ କମ୍ପାନୀ କୌଣସି ବିଶେଷ କ୍ଷେତ୍ରର ଲୋକଙ୍କ ନିମନ୍ତେ ଖେଳର ଆୟୋଜନ କରିଥାଏ ।

(ଘ) ଯେତେବେଳେ କମ୍ପାନୀ ଉଚ୍ଚ ହାରର ଲାଭାଂଶ ଘୋଷଣା କରିଥାଏ ।

(ଙ) ଯେତେବେଳେ ସଂଗଠନ ନିଜର କର୍ମଚାରୀମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସାର ସୁବିଧା କରିଥାଏ ।

୩.୬ ତୁମେ କ'ଣ ଶିଖିଲ ?

- ବ୍ୟାବସାୟିକ ପରିବେଶ: ବ୍ୟାବସାୟିକ କାର୍ଯ୍ୟକଳାପ ସଂଚାଳନକୁ ପ୍ରଭାବିତ କରୁଥିବା, ସେହି ବାହ୍ୟଶକ୍ତି, ତତ୍ତ୍ୱ ଏବଂ ସଂସ୍ଥାକୁ ବ୍ୟବସାୟର ପରିବେଶ ବା ବ୍ୟାବସାୟିକ ପରିବେଶ କୁହାଯାଏ ।
- ଏଥିରେ ଗ୍ରାହକ, ପ୍ରତିଯୋଗୀ, ଯୋଗାଣକର୍ତ୍ତା, ସରକାର ତଥା ସାମାଜିକ, ରାଜନୈତିକ, ବୈଧାନିକ ଏବଂ ବୈଷୟିକ ତତ୍ତ୍ୱ ଅନ୍ତର୍ଭୁକ୍ତ । ବ୍ୟାବସାୟିକ ପରିବେଶର ଅନେକ ସ୍ୱରୂପ ରହିଛି, ସେଗୁଡ଼ିକ ହେଲା ଜଟିଳ ଏବଂ ପ୍ରଗତିଶୀଳ । ବ୍ୟାବସାୟିକ ପରିବେଶରେ ପରିବର୍ତ୍ତନର ପୂର୍ବାନୁମାନ ସମ୍ଭବ ନୁହେଁ । ବ୍ୟାବସାୟିକ ପରିବେଶ ସ୍ଥାନ, କ୍ଷେତ୍ର ଏବଂ ଦେଶଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।
- ବ୍ୟାବସାୟିକ ପରିବେଶର ମହତ୍ତ୍ୱ: ବ୍ୟବସାୟ ଏବଂ ଏହାର ପରିବେଶ ସମ୍ବନ୍ଧୀୟ ଚର୍ଚ୍ଚା ବ୍ୟବସାୟର ବିଭିନ୍ନ ସୁଯୋଗ ଏବଂ ବିପଦକୁ ସୂଚାଇବାରେ ସାହାଯ୍ୟ କରାଇଥାଏ । ଏହା ବ୍ୟାବସାୟିକ ଉଦ୍ୟମର ବିକାଶକୁ ନୂତନ ସୁଯୋଗ ପ୍ରଦାନ କରିଥାଏ । ପରିବେଶର ବିଶ୍ଳେଷଣ ବ୍ୟବସାୟିକ ପ୍ରତିଯୋଗିତାକୁ ମୁକାବିଲା କରିବା ପାଇଁ ପରିଚାଳକଙ୍କର କାର୍ଯ୍ୟକୁ ସରଳ କରିଥାଏ । ଏହା ଫାର୍ମର ପ୍ରତିଯୋଗୀଙ୍କ ରଣନୀତିର ବିଶ୍ଳେଷଣ କରିବା ତଥା ନିଜର ଶକ୍ତି ଏବଂ ସଫଳତାକୁ ଦୃଷ୍ଟିରେ ରଖି ସେହି ଅନୁସାରେ ନିଜ ରଣନୀତି ପ୍ରସ୍ତୁତ କରିବା ପାଇଁ ଫାର୍ମକୁ ସହାୟତା କରିଥାଏ ।

ବ୍ୟାବସାୟିକ ପରିବେଶର ପ୍ରକାର:

(କ) ଅର୍ଥନୈତିକ ପରିବେଶ

୧. ଅର୍ଥନୈତିକ ପରିସ୍ଥିତି

୨. ଅର୍ଥନୈତିକ ନୀତି

୩. ଅର୍ଥନୈତିକ ପ୍ରଣାଳୀ

(ଖ) ଅଣଅର୍ଥନୈତିକ ପରିବେଶ

୧. ସାମାଜିକ ପରିବେଶ
୨. ରାଜନୈତିକ ପରିବେଶ
୩. ଆଇନ୍‌ଗତ ପରିବେଶ
୪. ବୈଷୟିକ ପରିବେଶ
୫. ଜନସଂଖ୍ୟା ସମ୍ବନ୍ଧୀୟ ପରିବେଶ
୬. ପ୍ରାକୃତିକ ପରିବେଶ

ଭାରତୀୟ ଅର୍ଥ ବ୍ୟବସ୍ଥାରେ ସାଂପ୍ରତିକ ପରିବର୍ତ୍ତନ:

(କ) ଉଦାରୀକରଣ: ଉଦାରୀକରଣର ଉଦ୍ଦେଶ୍ୟ ବ୍ୟବସାୟିକ ଉଦ୍ୟମର ସୁଗମ ସଂଚାଳନରେ ଆସୁଥିବା ଅନାବଶ୍ୟକ ନିୟନ୍ତ୍ରଣ ଏବଂ ପ୍ରତିବନ୍ଧକକୁ ଦୂର କରିବାର ପ୍ରକ୍ରିୟା ।

(ଖ) ଘରୋଇକରଣ: ଘରୋକରଣ ଦ୍ୱାରା ଏହା ସମ୍ପର୍କୀତ ଅଧିକାଂଶ କାର୍ଯ୍ୟକୁ ଘରୋଇ କ୍ଷେତ୍ରରେ ସମ୍ମିଳିତ କରି ସାର୍ବଜନିକ କ୍ଷେତ୍ରର ଭୂମିକାକୁ କମ୍ କରିବା ।

(ଗ) ଜଗତୀକରଣ: ଜଗତୀକରଣର ଅର୍ଥ ହେଉଛି କୌଣସି ଦେଶର ଅର୍ଥ ବ୍ୟବସ୍ଥାକୁ ବିଶ୍ୱ ଅର୍ଥ ବ୍ୟବସ୍ଥା ସହିତ ଏକାକାର କରିବା । ଏହାର ଅର୍ଥ ରାଷ୍ଟ୍ରୀୟ ସୀମା ବାହାରେ ବସ୍ତୁ ଏବଂ ସେବା, ପୁଞ୍ଜି, ଟେକ୍‌ନିକ୍ ଏବଂ ଶ୍ରମର ସ୍ୱତନ୍ତ୍ର ପ୍ରବାହ ।

- ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱ: ବ୍ୟବସାୟରେ ସାମାଜିକ ଉତ୍ତରଦାୟିତ୍ୱ ଏବଂ ତାତ୍ପର୍ଯ୍ୟ ବ୍ୟବସାୟିକ ଉଦ୍ୟମ ଦ୍ୱାରା ଏପରି ନୀତି ଏବଂ ଯୋଜନା ଗ୍ରହଣ କରିବା ଯାହା ସମାଜର ଆକାଂକ୍ଷା, ମୂଲ୍ୟ ଏବଂ ହିତର ଅନୁରୂପ ହେବ । ଏହା ସୁନିଶ୍ଚିତ ଯେ ବ୍ୟବସାୟର କୌଣସି ନିର୍ଣ୍ଣୟ ଏବଂ ନୀତି ବ୍ୟବସାୟର ବିଭିନ୍ନ ବର୍ଗ ରହିତ ବିପରୀତ ଭାବରେ ପ୍ରଭାବିତ ହୁଏନାହିଁ ।
- ବିଭିନ୍ନ ଗୋଷ୍ଠୀ ପ୍ରତି ସାମାଜିକ ଉତ୍ତରଦାୟିତ୍ୱ:

(କ) ଅଂଶଧାରୀ ଏବଂ ମାଲିକଙ୍କ ପ୍ରତି ଉତ୍ତରଦାୟିତ୍ୱ ।
(ଖ) କର୍ମଚାରୀମାନଙ୍କ ପ୍ରତି ଉତ୍ତରଦାୟିତ୍ୱ ।
(ଗ) ଖାଉଟିଙ୍କ ପ୍ରତି ଉତ୍ତରଦାୟିତ୍ୱ ।
(ଘ) ସରକାରଙ୍କ ପ୍ରତି ଉତ୍ତରଦାୟିତ୍ୱ ।
(ଙ) ବୃତ୍ତିଗତ ଗୋଷ୍ଠୀ ପ୍ରତି ଉତ୍ତରଦାୟିତ୍ୱ ।

- ବ୍ୟାବସାୟିକ ନୈତିକତା: ବ୍ୟବସାୟିକ ନୈତିକତା ଏପର ସଦାଚାରଣର ସିଦ୍ଧାନ୍ତ ଅଟେ ଯାହା ସମାଜର ସମ୍ବନ୍ଧୀୟ ବ୍ୟାବସାୟିକ ବ୍ୟବହାର ଏବଂ ବ୍ୟାବସାୟିକ କ୍ରିୟାର ମାର୍ଗଦର୍ଶକ ଅଟେ । ଏହା ନୈତିକ ରୂପରେ ଉଚିତ୍ ବ୍ୟବସାୟ ଚଳାଇବାର ଆଚାର ସଂହିତା ପ୍ରଦାନ କରିଥାଏ ।

୩.୭ ମୁଖ୍ୟ ଶବ୍ଦ

ବ୍ୟାବସାୟିକ ନୈତିକତା	ଜନସଂଖ୍ୟା ସମ୍ବନ୍ଧୀୟ ପରିବେଶ
ଆର୍ଥିକ ନୀତି	ଜଗତୀକରଣ
ଉଦାରୀକରଣ	ପ୍ରାକୃତିକ ପରିବେଶ
ଘରୋଇକରଣ	ସାମାଜିକ ପରିବେଶ



ଟିପ୍ପଣୀ

ବୈଷୟିକ ପରିବେଶ	ବୁଝାମଣାପତ୍ର ପ୍ରଣାଳୀ (MOU)
ଅର୍ଥନୈତିକ ପରିବେଶ	ବୈଧାନିକ ପରିବେଶ
ରାଜନୈତିକ ପରିବେଶ	ବ୍ୟବସାୟର ସାମାଜିକ ଦାୟିତ୍ୱ

୩.୮ ପାଠାନ୍ତ ପ୍ରଶ୍ନାବଳୀ

ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ:

୧. ବ୍ୟାବସାୟିକ ପରିବେଶର ଯେ କୌଣସି ଦୁଇଟି ବିଶେଷତାର ଉଲ୍ଲେଖ କର ।

୨. ବ୍ୟାବସାୟିକ ପରିବେଶର ବିଭିନ୍ନ ପ୍ରକାର ଲେଖ ।

୩. ବ୍ୟାବସାୟର ଅଣଅର୍ଥନୈତିକ ପରିବେଶର ବିଭିନ୍ନ ତତ୍ତ୍ୱର ସୂଚୀ ପ୍ରସ୍ତୁତ କର ।

୪. ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଉଦାରୀକରଣର ଯେ କୌଣସି ଦୁଇଟ ପ୍ରଭାବର ଉଲ୍ଲେଖ କର ।

୫. ନୈତିକତା ଶବ୍ଦର ଅର୍ଥ କ'ଣ ?

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ:

୬. ବ୍ୟବସାୟର ଜନସଂଖ୍ୟା ସମ୍ବନ୍ଧୀୟ ପରିବେଶ ବ୍ୟାବସାୟିକ କ୍ରିୟାକୁ କିପରି ଭାବରେ ପ୍ରଭାବିତ ହୁଏ ।

୭. ଉଦାରୀକରଣ ପ୍ରକ୍ରିୟାକୁ ଏକ ଭାଗ ହିସାବରେ ଭାରତୀୟ ସରକାର କି କି ପ୍ରକାର ପଦକ୍ଷେପ ନେଇଛନ୍ତି ?

୮. ବ୍ୟାବସାୟୀକ ସଂଗଠନକୁ ସାଧାରଣ ଭାବରେ ପରିଚାଳନା ନିମନ୍ତେ ରାଜନୈତିକ ପରିବେଶର କି ପ୍ରଭାବ ରହିଛି ?

୯. ଏକ ବ୍ୟାବସାୟିକ ଉଦ୍ୟମକୁ ସମାଜ ପ୍ରତି ଉତ୍ତରଦାୟୀ ହେବା କାହିଁକି ଦରକାର ?

୧୦. ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିଶ୍ୱୀକରଣର କ'ଣ ପ୍ରଭାବ ଅଛି ?

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

୧୧. ଏକ ବ୍ୟବସାୟିକ ଉଦ୍ୟମରେ ବ୍ୟାବସାୟିକ ପରିବେଶର ମହତ୍ତ୍ୱ ବର୍ଣ୍ଣନା କର ।

୧୨. ଅଣଅର୍ଥନୈତିକ ବ୍ୟାବସାୟିକ ପରିବେଶର ଯେ କୌଣସି ଦୁଇଟି ତତ୍ତ୍ୱକୁ ବର୍ଣ୍ଣନା କର ।

୧୩. ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱର ଅର୍ଥ କ'ଣ ?

୧୪. ବ୍ୟବସାୟର ଆର୍ଥିକ ପରିବେଶକୁ ସଂକ୍ଷେପରେ ବର୍ଣ୍ଣନା କର ।

୧୫. ବିଭିନ୍ନ ବର୍ଗ ପ୍ରତି ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱକୁ ବର୍ଣ୍ଣନା କର ।

୩.୯ ପାଠଗତ ପ୍ରଶ୍ନାବଳୀର ଉତ୍ତର

୩.(କ) ବ୍ୟାବସାୟିକ ପରିବେଶର ଅଭିପ୍ରାୟ ଏହା ଯେ ବ୍ୟବସାୟର ନିୟନ୍ତ୍ରଣ ବାହାରେ ଥିବା ବାହ୍ୟଶକ୍ତି, ତତ୍ତ୍ୱ ଏବଂ ସଂସ୍ଥାଗୁଡ଼ିକ ଯାହା ବ୍ୟବସାୟିକ ଉଦ୍ୟମର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାନ୍ତି ।

୨.(କ) ବ୍ୟାବସାୟିକ ପରିବେଶ ଗତିଶୀଳ ପ୍ରକୃତିର ହୋଇଥାଏ ।

(ଖ) ବ୍ୟାବସାୟିକ ପରିବେଶରେ ବ୍ୟାବସାୟିକ ଉଦ୍ୟମରେ ବାହ୍ୟତତ୍ତ୍ୱ ସମ୍ମିଳିତ ହୋଇଥାନ୍ତି ।

(ଗ) ବ୍ୟାବସାୟିକ ପରିବେଶରେ ପରିବର୍ତ୍ତନର ପୂର୍ବନୁମାନ ସମ୍ଭବ ନୁହେଁ ।

(ଘ) ଠିକ୍ ଉତ୍ତର ।

୩.(ଖ) ୧. ଆମଦାନୀ-ରପ୍ତାନି ନୀତି ଆମ ଦେଶର ଆମଦାନୀ-ରପ୍ତାନୀକୁ ନିୟମନ କରିଥାଏ । ଏହି ନୀତି ମାଧ୍ୟମରେ ସରକାର ବସ୍ତୁ ଏବଂ ସେବାଗୁଡ଼ିକର ଆମଦାନୀ ଉପରେ ଶୁଳ୍କ ଅଥବ କରର

ନିର୍ଦ୍ଧାରଣ କରିଥାନ୍ତି ।

୨. (କ) ସାମାଜିକ ପରିବେଶ
(ଖ) ବୈଷୟିକ ପରିବେଶ
(ଗ) ରାଜନୈତିକ ପରିବେଶ
(ଘ) ଜନସଂଖ୍ୟା ସମ୍ବନ୍ଧୀୟ ପରିବେଶ ।

୩.(ଗ) ୧. ଜଗତୀକରଣର ଅର୍ଥ ଦେଶର ଅର୍ଥ ବ୍ୟବସ୍ଥାକୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକୀକୃତ କରିବା । ଏହାଦ୍ୱାରା ବସ୍ତୁ ଏବଂ ସେବା, ପୁଞ୍ଜି, ଟେକ୍‌ନିକ ଏବଂ ଶ୍ରମର ରାଷ୍ଟ୍ରୀୟ ସୀମା ବାହାରେ ସ୍ୱତନ୍ତ୍ର ପ୍ରବାହ ହୋଇଥାଏ ।

୨. (କ) ଉ, (ଖ) ଘ, (ଗ) ଉ, (ଘ) ଜ, (ଙ) ନ

୩.(ଘ) ୧. ବ୍ୟବସାୟିକ ନୈତିକତା ଅର୍ଥ ସମାସ ଏବଂ ବ୍ୟବସାୟିକ କ୍ରିୟା ମଧ୍ୟରେ ପରସ୍ପରର ସମ୍ବନ୍ଧ । ବ୍ୟବସାୟର ଉଦ୍ଦେଶ୍ୟ, କାର୍ଯ୍ୟ, ଟେକ୍ ନିକ୍ ଏବଂ ବ୍ୟବହାର ସମାଜ ଦ୍ୱାରା ନିର୍ଦ୍ଧାରିତ ମାନକର ଅନୁରୂପ ହେବା ଉଚିତ ।

୨. (କ) ସରକାରଙ୍କ ପ୍ରତି ଉତ୍ତର ଦାୟିତ୍ୱ
(ଖ) ଗ୍ରାହକଙ୍କ ପ୍ରତି ଉତ୍ତର ଦାୟିତ୍ୱ
(ଗ) ସମାଜ ପ୍ରତି ଉତ୍ତର ଦାୟିତ୍ୱ
(ଘ) ମାଲିକ / ଅଂଶଧାରୀଙ୍କ ପ୍ରତି ଉତ୍ତର ଦାୟିତ୍ୱ
(ଙ) କର୍ମଚାରୀଙ୍କ ପ୍ରତି ଉତ୍ତର ଦାୟିତ୍ୱ

ସମ୍ପାଦନ କର ଏବଂ ଶିଖ

୧. ନିଜ ଅଞ୍ଚଳର ଡାକଘର, ବଜାର, ବ୍ୟାଙ୍କ ତଥା ଅନ୍ୟସ୍ଥାନକୁ ଯାଇ ଟେକ୍‌ନିକ୍ ପରିବର୍ତ୍ତନ ଫଳରେ ସେସ୍ଥାନରେ ଦେଖିବାକୁ ମିଳୁଥିବା ସୂଚନାଗୁଡ଼ିକର ସୂଚୀ ପ୍ରସ୍ତୁତ କର ।

୨. ନିଜ ସ୍ଥାନରେ ବହୁପରିମାଣରେ ମିଳୁଥିବା କଞ୍ଚାମାଲର ଠିକଣା କର । ଏହାଉପରେ ଆଧାରିତ କେତେ ଉଦ୍ୟୋଗୀକ ଉଦ୍ୟମ ଏବଂ ବ୍ୟବସାୟିକ ଉଦ୍ୟମ କରାଯାଇଛି । ତାହାଉପରେ ତୁମର ରିପୋର୍ଟ ପ୍ରସ୍ତୁତ କର ।

ଅଭିନୟ

ସତୀଶ୍ ଏକ ଗାଁରେ ରହେ । ଥରେ ସେ ତାଙ୍କର ନିକଟବର୍ତ୍ତୀ ସହରକୁ ଗଲା । ସେଠାରେ ସେ ଏକ ସଫାସୁତୁରା ପାର୍କ ଦେଖିଲା । ପାର୍କରେ ଗୋଟିଏ ଛୋଟ ବୋର୍ଡ ଲାଗିଥିଲା - ଏହା ଉପରେ ଲେଖାହୋଇଥିଲା - "ଏହି ପାର୍କର ପରିଚାଳନା କେ.ସି.ଏମ୍ କରୁଅଛି । ସେ ମନେପକାଇଲା ଯେ ଏ ନାମ ସେ ଆଗରୁ କେଉଁଠି ପଢ଼ିଛି । ତାହାର ମନେପଡ଼ିଲାକି ତାଙ୍କ ଗାଁର ଦାତବ୍ୟ ଚିକିତ୍ସାଳୟ ମଧ୍ୟ କେ.ସି.ଏମ୍ ପରିଚାଳିତ କରୁଅଛି । ତାର ଉତ୍ସୁକତା ବଢ଼ିଲା । ସେ ତା ବିଷୟରେ ଅଧିକ ଜାଣିବାକୁ ନିର୍ଣ୍ଣୟ ନେଲା । ସତୀଶ ତାର ଜଣେ ସାଙ୍ଗର ପିତାଙ୍କୁ ଭେଟିଲା:

ସତୀଶ - ଅଂକଲ ସୁପ୍ରଭାତ ।
କେ. ମୋହନ - ସୁ ପ୍ରଭାତ, ସତୀଶ୍ କିପରି ଅଛ ?
ସତୀଶ୍ - ଭଲ ଅଛି, ଆଉ ଆପଣ କିପରି ଅଛନ୍ତି ?
କେ. ମୋହନ - ଏକଦମ୍ ଠିକ୍ । ପୁଅ ! ଆସିବାର କାରଣ ?



ସତୀଶ - ଅଂକଲ, ମୋର ମନେପଡୁଛି ଆପଣ କେ.ସି.ଏମ୍. ଲି.ରେ କାମ କରନ୍ତି ନା ! ଠିକ୍ ଅଛିନା ।

କେ. ମୋହନ - ତୁମେ ଠିକ୍ କହିଛ । ମୁଁ ସେଠାରେ ଜେନେରାଲ ମ୍ୟାନେଜର (ସାଧାରଣ ପରିଚାଳକ) ପଦରେ କାର୍ଯ୍ୟକରୁଛି । କିନ୍ତୁ ତୁମେ ଏ ସବୁ କାହିଁକି ପଚାରିଲ ?

ସତୀଶ - ଅଙ୍କଲ ଆଜି ମୁଁ ଯେତେବେଳେ ପାର୍କ ଯାଇଥିଲି ସେଠାରେ ଦେଖିଲି ସେ ପାର୍କର ପରିଚାଳନା କେ.ସି.ଏମ୍.ଲି. କରୁଅଛି ଏବଂ ଆମ ଗାଁର ଦାତବ୍ୟ ଚିକିତ୍ସାଳୟର ମଧ୍ୟ ପରିଚାଳନା କରୁଅଛି । କହନ୍ତୁ କୌଣସି କମ୍ପାନୀ ତାର ନିୟମିତ ଗତିବିଧି ଠାରୁ ବାହାରି ଅନ୍ୟ ଗତିବିଧିର କାହିଁକି ଧ୍ୟାନ ଦେଉଛି ଏବଂ ଏପରି କାର୍ଯ୍ୟ ଯେଉଁଥିରେ ତାର ଖର୍ଚ୍ଚର ବୃଦ୍ଧି ହେଉଛି ।

କେ. ମୋହନ - ପୁତ୍ର ଏସବୁ କାର୍ଯ୍ୟକୁ ସମାଜ ନିମନ୍ତେ ନିଜର କର୍ତ୍ତବ୍ୟର ଏକଭାଗ ମାନିକରି କରୁଅଛି ଏବଂ ଏହା କମ୍ପାନୀର ସାମାଜିକ ଉତ୍ତର ଦାୟିତ୍ୱ କୁହାଯାଏ ।

ସତୀଶ - ସାମାଜିକ ଦାୟିତ୍ୱ କ'ଣ ?

କେ. ମୋହନ ସତୀଶକୁ ବ୍ୟବସାୟର ସାମାଜିକ ଦାୟିତ୍ୱ ବିଷୟରେ ଧାରଣା ଦେଲେ । ଏବେ ଆପଣ ନିଜପାଇଁ ଏକ ଭୂମିକା ବାଛିକରି ଏବଂ ନିଜର ମିତ୍ର ପାଇଁ ଏକ ଭୂମିକା ବାଛି କଥାବାର୍ତ୍ତା କର ।

ଅଧ୍ୟାୟ ଉପରେ ଏକ ଦୃଷ୍ଟି

୩.୧ ବ୍ୟାବସାୟିକ ପରିବେଶର ଅର୍ଥ
- ୩.୧.୧. ବ୍ୟାବସାୟିକ ପରିବେଶର ବିଶ୍ଳେଷଣ
- ୩.୧.୨. ବ୍ୟବସାୟିକ ପରିବେଶର ମହତ୍ତ୍ୱ

୩.୨ ବ୍ୟାବସାୟିକ ପରିବେଶର ପ୍ରକାର
- ୩.୨.୧ ଅର୍ଥନୈତିକ ପରିବେଶର
- ୩.୨.୨ ଅଣଅର୍ଥନୈତିକ ପରିବେଶର

୩.୩ ୩.୩.୧ ଭାରତୀୟ ଅର୍ଥ ବ୍ୟବସ୍ଥାରେ ସାଂପ୍ରତିକ ପରିବର୍ତ୍ତନ

୩.୪ ବ୍ୟବସାୟର ସାମାଜିକ ଉତ୍ତର ଦାୟିତ୍ୱ
- ୩.୪.୧ ସାମାଜିକ ଉତ୍ତରଦାୟିତ୍ୱର ଅର୍ଥ
- ୩.୪.୨. ବିଭିନ୍ନବର୍ଗଙ୍କ ପ୍ରତିସାମାଜିକ ଉତ୍ତର ଦାୟିତ୍ୱ

୩.୫ ବ୍ୟାବସାୟିକ ନୈତିକତା

ଟିପ୍ପଣୀ

୪

ବ୍ୟବସାୟର ଆଧୁନିକ ମାଧ୍ୟମ

ତୁମେ ଜାଣିଛ ଯେ ସାଧାରଣ ବସ୍ତୁର କିଣା-ବିକା ନିମନ୍ତେ ଆମେ ନିକଟବର୍ତ୍ତୀ ବଜାରକୁ ଯାଇଥାଉ, ରେଲୱେ ଟିକଟ୍ ସଂରକ୍ଷିତ କରିବା ପାଇଁ ଆମେ ରେଲେୱେ ଆରକ୍ଷଣକେନ୍ଦ୍ରକୁ ଏବଂ ଟଙ୍କା ଜମା କରିବା ପାଇଁ କିମ୍ବା ଉଠାଣ ପାଇଁ ଆମେ ବ୍ୟକ୍ତିଗତ ଭାବେ ବ୍ୟାଙ୍କ ଯାଇଥାଉ । କିନ୍ତୁ ଆଜିକାଲି ଏସବୁ ସୁବିଧା ଆମକୁ ଘରେ ବସି ଉପଲବ୍ଧ ହୋଇପାରୁଛି । ସୂଚନା ଏବଂ ଯୋଗାଯୋଗ ଟେକ୍‌ନିକ୍ (ଆଇ.ଟି.ସି) ଏହାକୁ ବାସ୍ତବିକତାରେ ପରିଣତ କରିପାରିଛି । ଏହା ଦ୍ୱାରା ବ୍ୟାବସାୟିକ କାର୍ଯ୍ୟକଳାପ ସମ୍ପାଦନ ଶୈଳୀରେ ବିଶେଷ ପରିବର୍ତ୍ତନ ଆସିଅଛି । ଏବେ ବ୍ୟାଙ୍କ ଅଥବା ରେଲୱେ ଷ୍ଟେସନ୍‌ର ଆରକ୍ଷଣକେନ୍ଦ୍ରରେ ଲମ୍ବା ଧାଡ଼ିରେ ଠିଆ ହେବାର ଆବଶ୍ୟକତା ନାହିଁ । ଆଜିକାଲି ଏସବୁ ନେଣ-ଦେଣ ଇଣ୍ଟରନେଟ୍ ସାହାଯ୍ୟରେ କରାଯାଇପାରୁଛି । ଆମେ ଘରେ ବସି ଯେକୌଣସି ସମୟରେ ବିଶ୍ୱର ଯେକୌଣସି ବଜାରରେ ବୁଲିପାରୁଛେ । ଦୋକାନକୁ କିମ୍ବା ବଜାରକୁ ନଯାଇ ତୁମେ ଅନେକ ସୁବିଧା ପାଇପାରୁଛ । ଏହିସବୁ ପ୍ରଗତି ସରକାରଙ୍କ ଦ୍ୱାରା ଘୋଷିତ ଆର୍ଥିକ ନୀତିରେ ପରିବର୍ତ୍ତନର ପରିଣାମ ଅଟେ । ଜଗତୀକରଣ ଫଳରେ ଭାରତକୁ ଏକ ବିଶେଷ ଲାଭ ମିଳିଛି । ତାହା ହେଲା ବିଶ୍ୱସ୍ତରର ପ୍ରଯୁକ୍ତି ବିଦ୍ୟା ସହିତ ପରିଚୟ । ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆଧୁନିକ ବିଜ୍ଞାନ ଏବଂ ଟେକ୍‌ନିକ୍‌ର ପ୍ରୟୋଗ ଦ୍ୱାରା ଭାରତୀୟ ବଜାରରେ ପର୍ଯ୍ୟାପ୍ତ ସୁଯୋଗ ପାଇଛନ୍ତି । ଏପରିକି ଭାରତ ମଧ୍ୟ ସମୟ ନଷ୍ଟ ନ କରି ପରିବର୍ତ୍ତନର ଟେକ୍‌ନିକ୍‌କୁ ଗ୍ରହଣ କରିନେଇ ବିଶ୍ୱବଜାରରେ ଏକ ସଫଳ ଖେଳାଳୀ ହିସାବରେ ପରିଚିତ ହୋଇପାରିଛି । ଟେକ୍‌ନିକ୍ କ୍ରାନ୍ତି ଛଡ଼ା ଭାରତୀୟ ବଜାରରେ ଆଉ ଏକ ନୂଆ ଅବଧାରଣା ପ୍ରବେଶ କରିଛି । ତାହା ହେଉଛି ବାହ୍ୟସ୍ରୋତୀକରଣ ଅଥବା ବ୍ୟବସାୟ ପ୍ରକ୍ରିୟାର ବାହ୍ୟସ୍ରୋତୀକରଣ (ବି.ପି.ଓ) । ଏହାଦ୍ୱାରା ବ୍ୟାବସାୟିକ ଉଦ୍ୟମକୁ ନିଜର ମୂଳ କ୍ଷମତା ଉପରେ ଲକ୍ଷ୍ୟଧାର୍ଯ୍ୟ କରିବାରେ ସହାୟତା ମିଳିଥାଏ । ଏହି ଅଧ୍ୟାୟରେ ଆମେ ଏହିସବୁ ଆଧୁନିକ ବ୍ୟାବସାୟିକ ସାଧନକୁ ବିସ୍ତାର ଭାବରେ ଅଧ୍ୟୟନ କରିବା ।

ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ, ତୁମେ:

- ବ୍ୟବସାୟର ବିଭିନ୍ନ ବିଧିକୁ ବୁଝିପାରିବ;
- ଇଣ୍ଟରନେଟ୍‌ର ସୁବିଧା ଏବଂ ଏହାର ବିଭିନ୍ନ ଉପଯୋଗର ବର୍ଣ୍ଣନା କରିପାରିବ;
- ଇ-କମର୍ସ ଏବଂ ଇ-ବ୍ୟବସାୟର ଉପାଦେୟତା କିମ୍ବା ସୀମିତତାକୁ ରେଖାଙ୍କିତ କରିପାରିବ;
- ଅନ୍‌ଲାଇନ୍‌ରେ ନେଣ-ଦେଣରେ ବ୍ୟାପାର ପ୍ରକ୍ରିୟାର ବିଭିନ୍ନ ସ୍ତରକୁ ଚିହ୍ନିପାରିବ;
- ଅନ୍-ଲାଇନ୍ ନେଣ-ଦେଣର ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ଗୃହୀତ ସାବଧାନତାର ବର୍ଣ୍ଣନା କରିପାରିବ;

ଟିପ୍ପଣୀ

- ସେବାର ବାହ୍ୟସ୍ରୋତୀକରଣର ଅବଧାରଣ; ଏହାର ଉପାଦେୟତା ଏବଂ ଏହାର ସୀମିତତାକୁ ବୁଝିପାରିବ;
- ଇ-କମର୍ସ ଏବଂ ଇ-ବ୍ୟବସାୟର ଅବଧାରଣାକୁ ବୁଝିପାରିବ ।
- ଇ-କମର୍ସର ବିଭିନ୍ନ ପ୍ରୟୋଗ, ଯେପରି ଇ-ଟିକେଟ୍, ଇ-ବ୍ୟାଙ୍କିଙ୍ଗ୍, ଇ-ବିଜ୍ଞାପନ, ଇ-ଡାକସେବା ଇତ୍ୟାଦି ।

୪.୧ ବ୍ୟବସାୟର ମାଧ୍ୟମ

ଆଗରୁ କୁହାଯାଇଅଛି ଯେ ବସ୍ତୁ ଏବଂ ସେବାଗୁଡ଼ିକର କ୍ରୟ କରିବାପାଇଁ ଆମେ ସାଧାରଣ ତଥା ବ୍ୟକ୍ତିଗତ ରୂପରେ ପାଖ ବଜାରକୁ ଯାଇଥାଉ, ସେଠାରେ କ୍ରେତା ଏବଂ ବିକ୍ରେତା ନେଣ-ଦେଣ କରିବା ନିମନ୍ତେ ଏକତ୍ରୀତ ହୋଇଥାନ୍ତି । କ୍ରେତା ଜିନିଷର ମାନକୁ ଅନୁଧ୍ୟାନ କରନ୍ତି ତଥା ମୂଲଚାଲ କରିଥାନ୍ତି । ଅନ୍ୟପକ୍ଷରେ ବିକ୍ରେତା ସମ୍ଭାବ୍ୟ କ୍ରେତାଙ୍କୁ ନେଣ-ଦେଣ ସମ୍ପର୍କରେ ବୁଝାଇଥାନ୍ତି । କେବେ କେବେ ଆମେ ନିର୍ଦ୍ଦିଷ୍ଟ ବସ୍ତୁ କିଣିବା ପାଇଁ ବିକ୍ରେତାଙ୍କ ସହ ଫୋନ ଜରିଆରେ ବା ପତ୍ର ମାଧ୍ୟମରେ ସମ୍ପର୍କ କରିଥାଉ । ଏହା ନେଣ-ଦେଣର ସାଧାରଣ ମାଧ୍ୟମ ଅଟେ । ବିଳମ୍ବରେ ହେଲେ ବି ଏବେ ବଜାରର ମାଧ୍ୟମ ବା ନେଣ-ଦେଣର ମାଧ୍ୟମ ଅଧିକ ଗତିଶୀଳ ହୋଇଛି । ଫଳରେ ଲୋକ ବଜାର ନଯାଇ ଘରେ ବସି ନିଜ ପସନ୍ଦର ବସ୍ତୁ ଓ ସେବା ପାଇପାରୁଛି । ଏହାସବୁ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା କାରଣରୁ ସମ୍ଭବ ହୋଇଅଛି । କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ଉପଯୋଗ କରି ଉତ୍ପାଦନ, ବିପଣନ, ବିକ୍ରୟ ବ୍ୟାଙ୍କିଙ୍ଗ୍, ବୀମା ଆଦି କ୍ରିୟାକୁ ତୀବ୍ର ଗତି ସମ୍ପନ୍ନ କରାଯାଇପାରିବ । ଯେତେବେଳେ ଏହି ସବୁ କ୍ରିୟାକୁ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ କରାଯାଏ ତାହାକୁ ଇଲେକ୍ଟ୍ରୋନିକସ୍ ବ୍ୟବସାୟ ବା ଇ-ବ୍ୟବସାୟ କହିଥାଉ । ଏବେ ଯେହେତୁ ସମସ୍ତ ଇ-ବ୍ୟବସାୟରେ ଇଣ୍ଟରନେଟ୍‌ର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଥିପାଇଁ ଏହାକୁ ଜାଣିବା ପୂର୍ବରୁ ପ୍ରଥମେ ଇଣ୍ଟରନେଟ୍ କ'ଣ ଜାଣିବା ? ବ୍ୟବସାୟକୁ ଚଳାଇବା ପାଇଁ ଏହା କି ପ୍ରକାର ସହାୟକ ହୁଏ ମଧ୍ୟ ଆଲୋଚନା କରିବା ।

୪.୨ ଇଣ୍ଟରନେଟ୍

"ଇଣ୍ଟରନେଟ୍‌କୁ ସୂଚନାର ରାଜମାର୍ଗ କୁହାଯାଏ ।"

ଇଣ୍ଟରନେଟ୍ ଯାହାକୁ ସଂକ୍ଷିପ୍ତରେ ନେଟ୍ ମଧ୍ୟ କହିଥାନ୍ତି । କମ୍ପ୍ୟୁଟର ଶୃଙ୍ଖଳ ବା ନେଟ୍‌ୱର୍କ ଏବେ ପୁରା ବିଶ୍ୱରେ ଜାଲ ଭଳି ବିଛାଇ ହୋଇଛି । ଯାହା ମାଧ୍ୟମରେ କୌଣସି ଏକ କମ୍ପ୍ୟୁଟରରୁ ଅନ୍ୟ କମ୍ପ୍ୟୁଟରରେ ସଂଗୃହୀତ ସୂଚନା ପ୍ରାପ୍ତ କରିହେଉଛି । ଏହା ବିଜ୍ଞାନ, ପ୍ରାଦ୍ୟୋଗିକୀ, ଇତିହାସ, ରାଜନୀତି, ଖେଳ, ବ୍ୟବସାୟ, ବର୍ତ୍ତମାନର ଘଟଣାବଳୀ, ସଂଗୀତ, ମନୋରଂଜନ ଏବଂ କେତେକ ବିଷୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥାଏ । ବ୍ୟବହାରକାରୀଙ୍କୁ ଏହା ନିମ୍ନଲିଖିତ ଭାବରେ ସାହାଯ୍ୟ ପ୍ରଦାନ କରିଥାଏ ।

"ରାଷ୍ଟ୍ରୀୟମୁକ୍ତ ବିଦ୍ୟାଳୟରଶିକ୍ଷା ସଂସ୍ଥାନ ଇ-ୱେବସାଇଟ୍ **www.nios.ac.in** କୁ ଯାଅ"

(କ) ୱାଲର୍ଡ ୱାଇଡ୍ ୱେବ ମାଧ୍ୟମରେ କୌଣସି ବିଷୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥାଏ ।

(ଖ) ପ୍ରମୁଖ ସମାଚାର ପତ୍ର ଏବଂ ଟେଲିଭିଜନ୍ ଚାନେଲ୍‌ରେ ଉପଲବ୍ଧ ସମାଚାରକୁ ପଢ଼ିପାରିବା ।

(ଗ) ଇ-ମେଲରେ ବାର୍ତ୍ତା ଆଦାନ ପ୍ରଦାନ ।

(ଘ) ସରକାର, ବ୍ୟକ୍ତି ଏବଂ ଘରୋଇ ସଂଗଠନର ବିଭିନ୍ନ ତଥ୍ୟ (ଡାଟା)କୁ ଖୋଜିବା ।

(ଙ) ଫାଇଲ୍, ଚିତ୍ର, ସଜୀବ ଚିତ୍ର (ଆନିମେସନ୍) ଆଦିର ପ୍ରେରଣ ।

(ଚ) ଇଣ୍ଟରନେଟ୍‌ରେ ସଂଯୁକ୍ତ ଦୁଇପକ୍ଷ/ବ୍ୟକ୍ତିଙ୍କ ମଧ୍ୟର କଥାବାର୍ତ୍ତା ଏବଂ ଭାବ ବିନିମୟ ।

(ଛ) ଅନ୍-ଲାଇନ୍ ଖରୀଦ ନିମନ୍ତେ ବସ୍ତୁ ଏବଂ ସେବାର ସୂଚୀ-ପତ୍ର ଖୋଜିବା ।

(ଜ) ନିଜ ସଂଗଠନର ଉତ୍ପାଦ ଏବଂ ସେବାର ସୂଚନା ୱେବସାଇଟ୍‌ରେ ପ୍ରସ୍ତୁତ କରିବା ।

ଟିପ୍ପଣୀ

"ଇଣ୍ଟରନେଟ୍‌ର ଜନ୍ମ ଆମେରିକା ସରକାରଙ୍କର ଆଡ୍‌ଭାନ୍‌ସଡ଼ ରିସର୍ଚ୍ଚ ପ୍ରୋଜେକ୍ଟସ ଏଜେନ୍‌ସୀ (ARPA)ଦ୍ୱାରା ୧୯୬୯ରେ ଏକ ସାମାଜିକ ପରିଯୋଜନା ରୂପରେ କରାଯାଇଥିଲା, ଯାହାକୁ ARPANET କୁହାଯାଉଥିଲା । ପରେ ଏହା ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ବିକଶିତ ହେଲା । କ୍ରମେ ଏହା ସାଧାରଣ ଜନତା ଏବଂ ବ୍ୟାପାରିକ ପ୍ରୟୋଗପାଇଁ ଉନ୍ମୁକ୍ତ ହେଲା । ୧୯୭୯ରେ ଏହା ଇଣ୍ଟରନେଟ୍ ନାମରେ ପରିଚିତ ହେଲା । ବର୍ତ୍ତମାନ ଏହା ବିଶ୍ୱର କୋଣ ଅନୁକୋଣରେ ପରିବ୍ୟାପ୍ତ ।

୪.୩ ଇଲେକ୍‌ଟ୍ରୋନିକ୍ କମର୍ସ

ତୁମେ ଜାଣିଛ, ବାଣିଜ୍ୟରେ କ୍ରୟ ବିକ୍ରୟ ଏବଂ ସହଯୋଗୀ ସେବା ଯଥା: ପରିବହନ, ବୀମା, ବ୍ୟାଙ୍କିଙ୍ଗ୍‌ର ପ୍ରୟୋଗ କରାଯାଇଥାଏ । ଏହି ସବୁ ପ୍ରକ୍ରିୟାକୁ ଯେତେବେଳେ ସୂଚନା ଓ ପ୍ରଯୁକ୍ତ ବିଦ୍ୟା ଆଧାରରେ କରାଯାଏ ତାହାକୁ ଇଲେକ୍‌ଟ୍ରୋନିକ୍‌ସ କମର୍ସ ବା ଇ-କମର୍ସ ବା ଇ-ବାଣିଜ୍ୟ କହନ୍ତି । ଅନ୍ୟ ଭାଷାରେ ଇ-କମର୍ସ ସେହି ପ୍ରକ୍ରିୟା ଯେଉଁଥିରେ ଇଲେକ୍‌ଟ୍ରୋନିକ୍ ଯନ୍ତ୍ର (କମ୍ପ୍ୟୁଟର ଏବଂ ପରସ୍ପରଜଡ଼ିତ ଦୂରସଂଚାର ତନ୍ତ୍ର)ର ପ୍ରୟୋଗ ବ୍ୟବସାୟର ସଂଚାଳନ ନିମନ୍ତେ କରାଯାଇଥାଏ । ଏଥିରେ ବିକ୍ରୟର ପ୍ରଭାବ ତଥା ତାହାର ସ୍ୱୀକୃତି ଇଣ୍ଟରନେଟ୍‌ଦ୍ୱାରା ଇଲୋକ୍‌ଟ୍ରୋନିକ ମାଧ୍ୟମରେ କରାଯାଏ । ଏହି ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବରେ ଆଦାନ-ପ୍ରଦାନ ହୁଏନାହିଁ । ଏହାକୁ ଅନଲାଇନ୍ ବ୍ୟାପାର ବା ଇ-ସପିଙ୍ଗ୍ କୁହାଯାଏ । ଇ-କମର୍ସ ଦୁଇଟି କମ୍ପାନୀ ମଧ୍ୟରେ ଅର୍ଥାତ ବ୍ୟବସାୟ ଏବଂ ବ୍ୟବସାୟ ମଧ୍ୟରେ (B2B) କମ୍ପାନୀ ଓ ଗ୍ରାହକଙ୍କ ମଧ୍ୟରେ (B2C) ଏବଂ ଗ୍ରାହକ ଏବଂ ଗ୍ରାହକଙ୍କ ମଧ୍ୟରେ (C2C) ହୋଇଥାଏ ।

B2B (ବ୍ୟବସାୟ-ବ୍ୟବସାୟ ମଧ୍ୟରେ)ଅର୍ଥ ମାଲ୍ ଏବଂ ସେବାର ଉତ୍ପାଦକ ଏବଂ ଯୋଗାଣକର୍ତ୍ତା ମଧ୍ୟରେ ଅଥବା ଉତ୍ପାଦକ ଏବଂ ପାଇକାରୀବ୍ୟାପାରୀ ମଧ୍ୟରେ କିମ୍ବା ପାଇକାରୀ ବ୍ୟାପାରୀ ଏବଂ ଖୁଚୁରା ବେପାରୀ ମଧ୍ୟରେ ଭାବବିନିମୟକୁ କୁହାଯାଏ । କମ୍ପ୍ୟୁଟର ନେଟ୍‌ୱର୍କ ଦ୍‌ରା କଥାବାର୍ତ୍ତା କରିବା, ଜିନିଷ ବା ସେବାର ବରାଦ, ବସ୍ତୁ ଯୋଗାଣର ସୂଚନା, ମୂଲ୍ୟ ପୈଠକରିବା ପ୍ରଭୃତି କରାଯାଇଥାଏ ।

B2C (ବ୍ୟବସାୟ ଏବଂ ଉପଭୋକ୍ତା ମଧ୍ୟରେ)ରେ ଏକପକ୍ଷରେ ବ୍ୟାବସାୟିକ ଉଦ୍ୟମ ଏବଂ ଅନ୍ୟ ପକ୍ଷରେ ଉପଭୋକ୍ତା ଥାଆନ୍ତି । ଇ-କମର୍ସର ପ୍ରୟୋଗର ଏକ ବ୍ୟାବସାୟିକ ଉଦ୍ୟମ ସବୁ ସମୟରେ ନିଜ ଗ୍ରାହକଙ୍କ ସହିତ ସମ୍ପର୍କରେ ରହିଥାଏ । ଏଥିରେ ବିପଣନ କ୍ରିୟା ଶୃଙ୍ଖଳିତ ଭାବରେ ହୋଇଥାଏ ଯେପରିକି ସଂବର୍ଦ୍ଧନ, ଆଦେଶ ପ୍ରାପ୍ତ କରିବା, ଯୋଗାଣର ସୂଚନା ଦେବା ଇତ୍ୟାଦି ଇତ୍ୟାଦି ।

C2C (ଉପଭୋକ୍ତା ଏବଂ ଉପଭୋକ୍ତା ମଧ୍ୟରେ)ରେ ସାଧାରଣତଃ ଦୁଇପକ୍ଷ ଉପଭୋକ୍ତା ହୋଇଥାନ୍ତି ଯେଉଁମାନେ ଏପରି ବସ୍ତୁର ନେଣ-ଦେଣ କରିଥାନ୍ତି ଯାହାର କୌଣସି ନିର୍ଦ୍ଦିଷ୍ଟ ବଜାର ନଥାଏ । ଯେପରି ବ୍ୟବହାର କରାଯାଇଥିବା ପୁରୁଣା ପୁସ୍ତକ କିମ୍ବା ବ୍ୟବହୃତ ଉପକରଣ ଏହି ମାଧ୍ୟମ ଅନ୍ତର୍ଭୁକ୍ତ ।

ପାଠଗତ ପ୍ରଶ୍ନାବଳୀ ୪(କ)

୧. ଇଣ୍ଟରନେଟ୍ ଶବ୍ଦର ଅର୍ଥ ବର୍ଣ୍ଣନା କର ।

____

____

୨. ନିମ୍ନଲିଖିତ ପ୍ରଶ୍ନର ପୁରା ଶବ୍ଦ ଲେଖ ।

କ) www. ଖ) B2B

ଗ) B2C ଘ) C2C

୪.୪ ଇଲେକ୍‌ଟ୍ରୋନିକ୍ ବ୍ୟବସାୟ

ସାଧାରଣତଃ ଲୋକମାନେ ଇ-କମର୍ସ ଏବଂ ଇ-ବ୍ୟବସାୟ ଶବ୍ଦକୁ ଗୋଟିଏ ଅର୍ଥରେ ନେଇଥାନ୍ତି । କିନ୍ତୁ ବ୍ୟବହାରରେ ଇ-ବ୍ୟବସାୟ ଶବ୍ଦର ଅର୍ଥ ବ୍ୟାପକ ଅଟେ । ଇ-ବ୍ୟବସାୟରେ କେବଳ ଗ୍ରାହକ ଏବଂ ଯୋଗାଣ କର୍ତ୍ତା ମଧ୍ୟରେ ନେଣ-ଦେଣ ହୋଇନଥାଏ, ବରଂ ଏକ ବ୍ୟବସାୟିକ ଉଦ୍ୟମରେ ବିଭିନ୍ନ ବିଭାଗ ଏବଂ ବ୍ୟକ୍ତିଙ୍କ ମଧରେ ବ୍ୟାବସାୟିକ ନେଣ-ଦେଣ ଏବଂ ଆଦାନ-ପ୍ରଦାନ ମଧ୍ୟ ହୋଇଥାଏ । ଏଣୁ ଇ-ବ୍ୟବସାୟ ଏକ ବ୍ୟାପକ ଶବ୍ଦ ଅଟେ ଯେଉଁଥିରେଇ-କମର୍ସ ଏବଂ ଇଲେକ୍‌ଟ୍ରୋନିକ୍ସ ମାଧ୍ୟମଦ୍ୱାରା ସଂଚାଳିତ ଅନ୍ୟ ବ୍ୟାବସାୟିକ କାର୍ଯ୍ୟ ଯେପରି ଉତ୍ପାଦନ, ହିସାବରକ୍ଷଣ (ଲେଖାଙ୍କନ), ବିକ୍ରିୟନ, କର୍ମଚାରୀ ପରିଚାଳନ, ଏବଂ ପ୍ରଶାସନ ଆଦି ସମ୍ମିଳିତ ଅଟନ୍ତି । ଅନ୍ୟଭାଷାରେ ଇ-ବ୍ୟବସାୟରେ B2B, B2C ଏବଂ C2C ବ୍ୟତୀତ ଇଣ୍ଟ୍ରା-ବି କମର୍ସ (Intra B Commerce) ଅର୍ଥାତ୍ ଫାର୍ମର ବିଭିନ୍ନ ବିଭାଗ ଏବଂ ବ୍ୟକ୍ତିମାନଙ୍କ ମଧ୍ୟରେ କଥାବାର୍ତ୍ତା ଏବଂ ନେଣ-ଦେଣ୍ ମଧ୍ୟ ସମ୍ମିଳିତ ଅଟେ । ଉଦାହରଣ ସ୍ୱରୂପ ବିପଣନ ବିଭାଗ ନିୟମିତ ଭାବରେ ଉତ୍ପାଦନ ବିଭାଗ ସହିତ କଥାବାର୍ତ୍ତା କରି ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ବସ୍ତୁର ଉତ୍ପାଦନ କରିଥାଏ । ଏଣୁ ଅନ୍ୟ ବିଭାଗମାନଙ୍କ ମଧରେ ନିୟମିତ କଥାବାର୍ତ୍ତା ଦ୍ୱାରା ପ୍ରଭାବପୂର୍ଣ୍ଣ ଷ୍ଟକ ନିୟନ୍ତ୍ରଣ, ପୁଞ୍ଜିର ଶ୍ରେଷ୍ଠ ପରିଚାଳନ, ଉତ୍ପାଦନ କ୍ଷମତାର ଉପଯୁକ୍ତ ଉପଯୋଗ, ଏବଂ ନିର୍ଦ୍ଦିଷ୍ଟ ସମୟରେ ସୁବିଧାର ସହିତ ଗ୍ରାହକଙ୍କୁ ସେବା ପ୍ରଦାନ ଇତ୍ୟାଦିରେ ସହାୟତା ମିଳିଥାଏ । ଏଣୁ ବ୍ୟବସାୟର ମୁଖ୍ୟ କାର୍ଯ୍ୟକଳାପ ସଂଚାଳନରେ ଇଣ୍ଟରନେଟ୍‌ର ବ୍ୟବହାରକୁ ଇ-ବ୍ୟବସାୟ କହନ୍ତି ।

"ପ୍ରତିଦିନ ଅଧିକରୁ ଅଧିକ କମ୍ପାନୀ ଏବଂ ଲୋକମାନେ ୱେବ୍‌ର ପ୍ରୟୋଗ କରୁଅଛନ୍ତି ଏବଂ ପ୍ରତିଦିନ ଅଧିକରୁ ଅଧିକ ବ୍ୟବସାୟ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ସମାପନ ହେଉଅଛି । ସମ୍ଭବତଃ ପୃଥିବୀର ଏକ ଷଷ୍ଠାଂଶରୁ ଅଧିକ ଲୋକ ନେଟ୍‌ର ବ୍ୟବହାର କରୁଛନ୍ତି । କେବଳ ଆମେରିକା ବଜାରରେ ୨୧୦ କୋଟି ଡଲାର ବ୍ୟାପାର ହୋଇଥାଏ ଯାହାର ୮୦% ଇଣ୍ଟରନେଟ୍ ମାଧ୍ୟମରେ ହିଁ ହୋଇଥାଏ । ଭାରତ ମଧ୍ୟ ଇ-ବ୍ୟବସାୟର ପ୍ରମୁଖ ଖେଳାଳୀ ରୂପେ ପରିଚିତ ହୋଇପାରିଛି । ସଫ୍‌ଟୱେର ଉଦ୍ୟୋଗର ସର୍ବଶ୍ରେଷ୍ଠ ସଂଗଠନ ନାସକମ୍ (NASSCOM) ଅନୁସାରେ ଇଣ୍ଟରନେଟ୍‌ର ବ୍ୟବହାର କ୍ଷେତ୍ରରେ ଭାରତ ଆଗାମୀ ବର୍ଷରେ ବିଶ୍ୱରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି ।"

୪.୫ ଇ-କମର୍ସ / ଇ-ବ୍ୟବସାୟର ଲାଭ

ଇ-କମର୍ସ / ଇ-ବ୍ୟବସାୟରଲାଭ ସଂକ୍ଷେପରେ ଦିଆଗଲା ।

(କ) **ବିସ୍ତୃତ ପ୍ରବେଶ :** ବିକଶିତ କମ୍ପ୍ୟୁଟରୀକରଣ ନେଟ୍‌ୱାର୍କ ପ୍ରଣାଳୀ ସହାୟତାରେ ବ୍ୟାବସାୟିକ ଉଦ୍ୟମଗୁଡ଼ିକ ରାଷ୍ଟ୍ରୀୟ ଏବଂ ବିଶ୍ୱସ୍ତରରେ ଉତ୍ତମରୂପରେ କାର୍ଯ୍ୟ ସଂଚାଳନ କରିପାରୁଛନ୍ତି । ବିଶ୍ୱର ଯେ କୌଣସି ସ୍ଥାନର କ୍ରେତା ଏବଂ ବିକ୍ରେତା ନିଜ ନିଜ ଭିତରେ କଥାବାର୍ତ୍ତା ଏବଂ ନେଣ-ଦେଣ ମଧ୍ୟ କରିପାରୁଛନ୍ତି । ଏଥିରେ ନୂତନ ବଜାର ବିଷୟରେ ସୂଚନା ମଧ୍ୟ ମିଳି ପାରୁଛି ।

(ଖ) **ଉତ୍ତମ ଗ୍ରାହକ ସେବା :** ଇ-କମର୍ସ ଗ୍ରାହକ ଯେତେବେଳେ ଚାହିଁବେ ବ୍ୟବସାୟ କରିପାରିବେ । ୱେବ୍‌ରେ ଉତ୍ପାଦିତ ବସ୍ତୁର ଆଧୁନିକତମ ସୂଚନା ଦିଆ ଯାଇପାରେ ଯେଉଁଥିରେ ଗ୍ରାହକ ସର୍ବୋତ୍ତମ ଉତ୍ପାଦର ପସନ୍ଦ ସହଜରେ କରିପାରେ । ଏଥିରେ ବସ୍ତୁ ଏବଂ ସେବାଗୁଡ଼ିକର ଯୋଗାଣକର୍ତ୍ତା ବିକ୍ରିପୂର୍ବରୁ ଏବଂ ବିକ୍ରିପରେ ଅଧିକ ସେବା ପ୍ରଦାନ କରିବାର ପ୍ରସ୍ତାବ ଦେଇ ପାରନ୍ତି ଏବଂ ଅବିଳମ୍ବେ ଗ୍ରାହକଙ୍କର ସନ୍ଦେହର ପ୍ରତ୍ୟୁତ୍ତର ଦେଇପାରନ୍ତି ।

(ଗ) **କମ୍ ସମୟରେ ନେଣ୍-ଦେଣ୍ :** ସାଧାରଣ କ୍ରୟ ଏବଂ ବିକ୍ରୟ ପ୍ରକ୍ରିୟାତୁଳନାରେ ଇ-ବ୍ୟବସାୟ ମାଧ୍ୟମରେ ନେଣ-ଦେଣ ପାଇଁ କମ୍ ସମୟ ଲାଗିଥାଏ କାରଣ ଉତ୍ପାଦକ ନିମନ୍ତେ ବିତରଣର ମାଧ୍ୟମ କମ୍ ହୋଇଯାଇଥାଏ ତଥା ଗ୍ରାହକଙ୍କ ସହିତ ସିଧାସମ୍ପର୍କ କରାଯାଇଥାଏ । ଏଥିରେ କମ୍ପାନୀ ବଜାରରେ ନୂଆ ଉତ୍ପାଦନ ଆଣି ପାରିଥାଏ, ଗ୍ରାହକମାନଙ୍କର ପ୍ରତିକ୍ରିୟାକୁ ତୁରନ୍ତ ଜାଣି ପାରିଥାଏ ଏବଂ ଅଧିକ ବ୍ୟୟଭାର କିମ୍ବା ସମୟ ନଷ୍ଟ ନକରି ଉତ୍ପାଦନରେ ଆବଶ୍ୟକୀୟ ପରିବର୍ତ୍ତନ କରିପାରିଥାଏ ।

(ଘ) **ଖର୍ଚ୍ଚକାଟ ଏବଂ ସୁଲଭ ମୂଲ୍ୟ:** ଇ-କମର୍ସ ମାଧ୍ୟମରେ ବ୍ୟବସାୟ କରିବା ଯୋଗୁଁ ବ୍ୟୟଭାର ବହୁତ କମ୍ ହୋଇଥାଏ, କାରଣ ଏଥିରେ ବସ୍ତୁଗୁଡ଼ିକୁ ଗ୍ରାହକମାନଙ୍କୁ ପ୍ରଦର୍ଶନ କରିବାକୁ ପଡ଼ିନଥାଏ କି ଗୋଦାମରେ ପର୍ଯ୍ୟାପ୍ତ ପରିମାଣରେ ସଂଗ୍ରହକରି ରଖିବାକୁ ପଡ଼ିନଥାଏ । ଏଥିରେ କମ୍‌ସଂଖ୍ୟାର କର୍ମଚାରୀ ଆବଶ୍ୟକ ହୋଇଥାନ୍ତି । ଉଦାହରଣସ୍ୱରୂପ ଏଥିରେ ବରାଦ ସିଧା ସଳଖ କମ୍ପ୍ୟୁଟର ମାଧ୍ୟମରେ ଦିଆଯାଇଥାଏ । ଏଥିପାଇଁ କୌଣସି ବିକ୍ରୟ କର୍ତ୍ତା କିମ୍ବା ଆଦେଶଦେବା କିରାଣିଙ୍କର ଆବଶ୍ୟକତା ହୋଇନଥାଏ । ଫଳରେ ପରିଚାଳନା ବ୍ୟୟର ସଞ୍ଚୟ ହୋଇଥାଏ ତଥା ଗ୍ରାହକମାନଙ୍କୁ କମ୍ ଦାମରେ ଉତ୍ପାଦ ଦିଆ ଯାଇପାରିଥାଏ ।

(ଙ) **ବଡ଼ମାତ୍ରାରେ ବ୍ୟବସାୟ ଏବଂ ଲାଭ :** ଇ-କମର୍ସ ସହାୟତାରେ କମ୍ପାନୀମାନେ ବହୁସଂଖ୍ୟାର ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ପାଖରେ ପହଞ୍ଚିପାରିଥାନ୍ତି ତଥା ନୂଆ ନୂଆ ବଜାର ସମ୍ପର୍କରେ ଆସିଥାନ୍ତି । ଏଥିରେ ସେମାନଙ୍କର ବ୍ୟବସାୟର ପରିମାଣ ଭମାତ୍ରାବୃଦ୍ଧି ହେବା ସହ ଲାଭ ମଧ୍ୟ ବଢ଼ିଥାଏ ।

(ଚ) **ଗ୍ରାହକଙ୍କର ସୁବିଧା :** ଇ-କମର୍ସ ଫଳରେ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ଲାଭ ମିଳିଥାଏ । ସେମାନେ ବହୁ ସଂଖ୍ୟାର ଯୋଗାଣକାରୀମାନଙ୍କ ପାଖରେ ପହଞ୍ଚିପାରନ୍ତି । ପସନ୍ଦ କରିବାର ସୁଯୋଗ ଅଧିକ ମିଳୁଥିବାରୁ ଉନ୍ନତମାନର ବସ୍ତୁ ଏବଂ ସେବା ଉଚିତ ମୂଲ୍ୟରେ ଉପଲବ୍ଧ ହୋଇଥାଏ । ସେମାନଙ୍କୁ ତୁରନ୍ତ ଏବଂ କୁଶଳ ସେବା ମିଳିଥାଏ ଏବଂ ତାହାଙ୍କୁ ନୂଆ ଉତ୍ପାଦ ସମ୍ବନ୍ଧରେ ସୂଚନା ମଧ୍ୟ ମିଳିଥାଏ ।



ଟିପ୍ପଣୀ

୪.୬ ଇ-କମର୍ସ ବ୍ୟବସାୟର ସୀମିତତା

ଇ-ବ୍ୟବସାୟ/ଇ-କମର୍ସର ସୀମିତତା ଗୁଡ଼ିକ ହେଲା:

(କ) ଏଥିରେ ଗ୍ରାହକମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ହୋଇ ନଥାଏ । ଅତଏବ ଏହି ବ୍ୟବସାୟ ମାଧ୍ୟମ ପୋଷାକ କିମ୍ବା ଆଭୂଷଣ ଭଳି ବସ୍ତୁ ନିମନ୍ତେ ଉପଯୁକ୍ତ ନୁହେଁ ।

(ଖ) ୱେବ୍‌ସାଇଟ୍‌ରେ ଉତ୍ପାଦର ସ୍ପଷ୍ଟଚିତ୍ରର ବିସ୍ତୃତ ବର୍ଣ୍ଣନା ମିଳିଥାଏ - କିନ୍ତୁ ଗ୍ରାହକ ଯେଉଁ ବସ୍ତୁ କ୍ରୟ କରିଥାନ୍ତି ତାହାର ବାସ୍ତବିକ ରୂପକୁ ଦେଖି କିମ୍ବା ତାହାକୁ ସ୍ପର୍ଶକରି ପରୀକ୍ଷାକରିବାର ସୁଯୋଗ ନଥାଏ ।

(ଗ) ଯଦିଓ କାରବାରକୁ ଶୀଘ୍ର ଶେଷ କରାଯାଇଥାଏ କିନ୍ତୁ ବସ୍ତୁର ବାସ୍ତବ ପ୍ରେରଣ ନିମନ୍ତେ ଅଧିକ ସମୟ ଲାଗିଥାଏ ଏବଂ ଅଧିକ ବିଳମ୍ବ ହୋଇଯାଇଥାଏ । ଫଳରେ ଗ୍ରାହକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ।

(ଘ) ଅନ୍‌ଲାଇନ୍ କ୍ରୟରେ ଦୋଷଯୁକ୍ତ ବସ୍ତୁକୁ ଫେରସ୍ତ କରିବାପାଇଁ ଅଧିକ ସମସ୍ୟା ସୃଷ୍ଟି ହୋଇଥାଏ ଏବଂ ଏହା ମଧ୍ୟ ସମୟ ସାପେକ୍ଷ ।

(ଙ) ଇଣ୍ଟରନେଟ୍ ମାଧ୍ୟମରେ ଖରୀଦ୍‌ଦାରୀ ଅଧିକ ଆନନ୍ଦପ୍ରଦ ହୋଇନଥାଏ ଯାହା ନିଜର ପରିବାରକିମ୍ବା ବନ୍ଧୁଙ୍କ ସାଙ୍ଗରେ ଖରୀଦ କରିବାରେ ହୋଇଥାଏ । କମ୍ ପରିମାଣର କ୍ରୟ କରାଯାଉଥିବା ବସ୍ତୁ ପାଇଁ ଏହି ମାଧ୍ୟମ ଉପଯୁକ୍ତ ହୋଇନଥାଏ । କାରଣ ଏସବୁ କ୍ରୟକରିବା ନିମନ୍ତେ ମିତ୍ର ଏବଂ ପରିବାର ସଦସ୍ୟଙ୍କର ମତାମତ ନେବାର ଆବଶ୍ୟକ ହୋଇଥାଏ ।

(ଚ) ଅନ୍‌ଲାଇନ୍ ନେଣ-ଦେଣରେ ଅନେକ ଅସୁବିଧା ଥାଏ, ଯେଉଁଥିରେ ନେଣ୍-ଦେଣ୍ ସମ୍ବନ୍ଧୀୟ ବିଭିନ୍ନପକ୍ଷଙ୍କୁ ଅର୍ଥ ହାନି, ମାନ ହାନି, ତଥା ମାନସିକ ସ୍ତରରେ ହାନି ହୋଇପାରେ । ଏହି ଅସୁବିଧାର ସମ୍ବନ୍ଧ (୧) ନେଣ-ଦେଣରେ ହୋଇପାରେ (ଆଦେଶ ନେବାର, ପହଞ୍ଚାଇବାରେ, ଦେୟରେ), (୨) ତଥ୍ୟ ସଂଗ୍ରହ ଏବଂପ୍ରସାରଣରେ ମଧ୍ୟ ହୋଇପାରେ, (୩) ତଥ୍ୟର ଗୋପନୀୟତା ମଧ୍ୟ ହୋଇପାରେ । ନିଜର ବ୍ୟକ୍ତିଗତ ଧାରଣାକୁ ଗୁପ୍ତ ରଖିବା ଏବଂ ଆର୍ଥିକ କାରବାରର ସୁରକ୍ଷା ଆଦି ଇଣ୍ଟରନେଟ୍‌ର ଅନେକ ଉପଭୋକ୍ତାଙ୍କ ନିମନ୍ତେ ଚିନ୍ତାର ବିଷୟ ।

ଏଥିରେ ଜାଣିରଖିବାକୁ ହେବଯେ ଉପରୋକ୍ତ ସୀମିତତା ମଧ୍ୟରୁ ଅଧିକାଂଶ B2C ଇ-କମର୍ସ କ୍ଷେତ୍ରରେ ହୋଇଥାଏ । ବ୍ୟାବସାୟିକ କ୍ରୟ ଅର୍ଥାତ୍ B2B ଇ-କମର୍ସ କ୍ଷେତ୍ରରେ ଦୁଇ ପକ୍ଷଙ୍କ ପାଖରେ ପର୍ଯ୍ୟାପ୍ତ ଜ୍ଞାନ ଏବଂ ସମ୍ବଳର ଧାରଣା ଏବଂ ଉଭୟଙ୍କ ମଧ୍ୟରେ ନିୟମିତ ଭାବରେ କାରବାର ହୋଇଥାଏ । ସେଥିପାଇଁ କୌଣସି ଯୋଗାଣକାରୀ ନିଜର ବ୍ୟବସାୟୀ-ଗ୍ରାହକଙ୍କ ସହିତ କୌଣସି କାରବାରକୁ ବିଗିଡ଼ିବାକୁ ଦିଅନ୍ତି ନାହିଁ । ତଥାପି କେତେକ ପ୍ରତିଦ୍ୱନ୍ଦ୍ୱିତା ଏପରି ଥାଏ ଯାହାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ ଓ ଏହି ପ୍ରତିଦ୍ୱନ୍ଦ୍ୱିତା ହେଲା (୧) ଇଣ୍ଟରନେଟ୍ ଭିତ୍ତିଭୂମି ଅଭାବ, (୨) ପ୍ରେରଣ ଏବଂ ପୈଠର ସମସ୍ୟା ଏବଂ (୩) ସାଇବର ଆଇନ୍‌ର ଅନୁପସ୍ଥିତି ।

ଟିପ୍ପଣୀ

ପାଠଗତ ପ୍ରଶ୍ନାବଳୀ ୪(ଖ)

୧. ଇଣ୍ଟ୍ରା ବି-କମର୍ସର ଅର୍ଥ କ'ଣ ?

____

____

୨. B2C ଇ-କମର୍ସର ସୀମିତତା ବର୍ଣ୍ଣନା କର ।

(କ) ______________________________

(ଖ) ______________________________

(ଗ) ______________________________

୩. ନିମ୍ନ ତଥ୍ୟରୁ ଇ-କମର୍ସର ଉପାଦେୟତା ଏବଂ ସୀମିତତାର ପରିଚୟ ପ୍ରଦାନ କର ।

କ) ଏଥିରେ ବ୍ୟାବସାୟିକ କାରବାରରେବ୍ୟକ୍ତିଗତ ସମ୍ପର୍କ କମ୍ଥାଏ

ଖ) ଇଚ୍ଛିତ ବସ୍ତୁ ଏବଂ ସେବାମାନଙ୍କ ପାଇଁ ଆଦେଶ ନେବା ପାଇଁ କମ୍ ସମୟ ଲାଗେ ।

ଗ) ଗ୍ରାହକ ବହୁସଂଖ୍ୟାର ଯୋଗାଣକାରୀମାନଙ୍କ ସହିତ ସମ୍ପର୍କ କରି ପାରିଥାଏ । ଅତଏବ ଗ୍ରାହକଙ୍କୁ ବିସ୍ତୃତ ପସନ୍ଦ କରିବାର ସୁଯୋଗ ମିଳିଥାଏ

ଘ) ଏହାଦ୍ୱାରା ବ୍ୟବସାୟିକ ଗୃହର ନିଜର ବ୍ୟବସାୟକୁ ବିସ୍ତାର କରିବାପାଇଁ ଏବଂ ଅଧିକ ଲାଭ ପାଇବାର ସହାୟତା ମିଳିଥାଏ ।

ଙ) ନିଜର କଥାକୁ ଗୋପୀୟ ରଖିବା ଏବଂ ଆର୍ଥିକକାରବାରର ସୁରକ୍ଷା ଆଦିର ଚିନ୍ତାର ବିଷୟ ଅଟେ କାରଣ ଇଣ୍ଟରନେଟ୍ର ଅନେକ ଉପଯୋଗୀ କର୍ତ୍ତା ଅଛନ୍ତି ।

୪.୭ କାରବାରର ପ୍ରକ୍ରିୟା



ଅନ୍ୟ ବ୍ୟାପାର ପ୍ରକ୍ରିୟା ପରି ଅନଲାଇନ୍ କାରବାରରେ ମଧ୍ୟ କେତେକ ସୋପାନ ଥାଏ ।

କ) **ଖୋଜିବା –** କ୍ରୟକରିବା ପାଇଁ ଗ୍ରାହକଙ୍କୁ ଉଚିତ ବିକ୍ରେତା ଖୋଜିବାକୁ ହୁଏ । ଏଥିପାଇଁ ସେ ବିଭିନ୍ନ ୱେବସାଇଟ୍କୁ ପ୍ରତ୍ୟକ୍ଷ ଭାବରେ ଅଥବା ଏକ ସର୍ଚ୍ଚ ଇଂଜିନ୍ ଜରିଆରେ ଖୋଜିଥାନ୍ତି ।

ଖ) **ଆଦେଶ –** ବିକ୍ରେତା ମିଳିଯିବାପରେ ଏବଂ ବସ୍ତୁ ଚିହ୍ନଟ ହେବାପରେ ଗ୍ରାହକ ତାଙ୍କ ସହିତ ସମ୍ପର୍କ କରି ବିକ୍ରୟର ସର୍ତ୍ତ ପ୍ରସ୍ତୁତ କରିଥାଏ । ସନ୍ତୁଷ୍ଟ ହେଲାପରେ ଗ୍ରାହକ ଚେକ୍ଆଉଟ୍ ଅପ୍ସନକୁ ଯାଇଥାଏ । ଯେଉଁଥିରେ ତାକୁ ଖାତା ଖୋଲିବା ପାଇଁ ପଞ୍ଜିକରଣ ଫର୍ମପୂରଣ କରିବାକୁ ପଡ଼ିଥାଏ । ତାହାପରେ ସେ ସେହି ବସ୍ତୁପାଇଁ ଆଦେଶ ଦେଇପାରିବେ ଯାହାକୁ ସେ ଅନ୍ଲାଇନ୍ ଷ୍ଟୋରରେ ଦେଖିକରି ମନୋନୀତ କରିଥିଲେ ।

ଗ) **ଦେୟ –** ଅନଲାଇନ୍ କ୍ରୟ କରିବା ନିମନ୍ତେ ଦେୟର ସାଧାରଣ ଶୈଳୀକ୍ରେଡିଟ୍କାର୍ଡ ଦ୍ୱାରା ପୈଠ କରିବା । ଗ୍ରାହକ ଆଦେଶପତ୍ର ଉପରେ କ୍ରେଡିଟ୍ କାର୍ଡ ସଂଖ୍ୟା, ତାର ସମ୍ପତ୍ତି ସ୍ଥିତି ଏବଂ ନିଜର ଠିକଣା ଲେଖିଥାଏ । ବିକ୍ରେତା ତାହାକୁ ଅନୁଧ୍ୟାନ କରିପାରନ୍ତି । ଏଥିପାଇଁ ନାମ କାର୍ଡ (ଡେବିଟ୍ କାର୍ଡ) କିମ୍ବା ଷ୍ଟୋର ମୂଲ୍ୟ କାର୍ଡର ମଧ୍ୟ ପ୍ରୟୋଗ କରାଯାଇପାରିବ ।



ଟିପ୍ପଣୀ

ଘ) **ପ୍ରେରଣ -** ଦେୟ ପୈଠ କରିଦେଲାପରେ ଅଥବା ଏହା ସୁନିଶ୍ଚିତ ହେଲାପରେ ବିକ୍ରେତା କ୍ରେତାର ଠିକଣା ଅନୁସାରେ ସାମଗ୍ରୀ ପହଞ୍ଚାଇବାର ବ୍ୟବସ୍ଥା କରିଥାନ୍ତି ।

ଙ) **ବିକ୍ରୟ ପରବର୍ତ୍ତୀସେବା -** କୌଣସି କାରବାର ପରେ ବସ୍ତୁ କ୍ଷତିଗ୍ରସ୍ତ ହେବା କିମ୍ବା ତୃଟିପୂର୍ଣ୍ଣ ହୋଇଥିବା ଆଶଙ୍କା ଥାଏ । ମେସିନ୍ କିମ୍ବା ଖାଉଟି ବସ୍ତୁ କ୍ଷେତ୍ରରେ ୱାରେଣ୍ଟି ଅଥବା ଜଗାରଖାର ସୁବିଧା ଥାଏ । ଇ-ବିକ୍ରେତାଙ୍କୁ ଏହିପ୍ରକାର ଆପତ୍ତି ଶୁଣିବାପାଇଁ କିମ୍ବା ବିକ୍ରୟ ଉପରାନ୍ତ ସେବା ଉପଲବ୍ଧ କରାଇବାପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ହୁଏ ।

୪.୮ ସୁରକ୍ଷା ନିମନ୍ତେ ସାବଧାନତା

ଇ-କମର୍ସର ସୁରକ୍ଷାକୁ ଗ୍ରାହକ ଏବଂ ବିକ୍ରେତା ଦୁହିଁଙ୍କତରଫରୁ ବିପଦର ସମ୍ଭାବନା ଥାଏ । ସାଧାରଣ ଅନ୍-ଲାଇନ୍ କାରବାରର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିମ୍ନ ପଦକ୍ଷେପ ନିଆଯାଇଥାଏ ।

କ) **ସଂକେତ ଶବ୍ଦ (ପାସ୍‌ୱାର୍ଡ):** ଅନ୍‌ଲାଇନ ବ୍ୟାପାରରେ ବିକ୍ରେତା ପାଖରେ ନିଜ ଖାତା ରଖିବାପାଇଁ ପଞ୍ଜିକରଣ କରିବାକୁ ପଡ଼ିଥାଏ । ଅନ୍ୟକୌଣସି ଲୋକ ଏହାର ଉପଯୋଗ ନକରିବା ପାଇଁ ଏକ ସଂକେତ ଶବ୍ଦ ରଖାଯାଇଥାଏ ।

ଖ) **ସତ୍ୟତା ପ୍ରତିପାଦନ :** ଯଦି ଆବଶ୍ୟକ ହୁଏ ତେବେ ସଂଦେଶର ଅଫ୍‌ଲାଇନ ବୈଧିକରଣ କରିବା ଅନିବାର୍ଯ୍ୟ ହୋଇଥାଏ । ଏହାଦ୍ୱାରା ସଂକେତ ଶବ୍ଦର ଭୁଲ ବ୍ୟବହାର କିମ୍ବା ଠକାମିର ସମ୍ଭାବନାରୁ ରକ୍ଷା ମିଳିପାରେ ।

ଗ) **ସୂଚନାର ସାଂକେତିକ ପରିବର୍ତ୍ତନ :** ଏହାର ଅଭିପ୍ରାୟ ହେଉଛି ତଥ୍ୟକୁ ସାଂକେତିକ ଭାଷାରେ ବଦଳାଇବା ଯାହାଦ୍ୱାରା ଅନ୍ୟ ବ୍ୟବହାରକାରୀ ଏହାକୁ ପଢ଼ି ପାରିବେ ନାହିଁ । ପ୍ରେରକ ତଥ୍ୟର ସାଂକେତିକ ଭାଷାକୁ ବଦଳାଇ ଦେଇଥାଏ ଏବଂ ପ୍ରାପ୍ତକର୍ତ୍ତା ପୁନର୍ବାରଏହାକୁ ପରିବର୍ତ୍ତିତ କରି ସୂଚନା ପ୍ରାପ୍ତ କରିଥାଏ । ଏଥିପାଇଁ ସେ ଆଲ୍‌ଗୋରିଦମ୍ ଓ ବାଇନାରୀ ନମ୍ବର ଗାଣିତିକ ସଂଖ୍ୟାର ଉପଯୋଗ କରିଥାଏ । ଅନ୍ୟ ଏକ ବିକଳ୍ପ ବ୍ୟବସ୍ଥା ହେଉଛି ଗୁପ୍ତ ଚାବି ପ୍ରଣାଳୀ ।

ଗ) **ଡିଜିଟାଲ ହସ୍ତାକ୍ଷର :** ବାର୍ତ୍ତା ପ୍ରେରକଙ୍କ ବୈଧତା ପ୍ରମାଣ ପାଇଁ ଏହି ଡିଜିଟାଲ ହସ୍ତାକ୍ଷର ବ୍ୟବହାର କରାଯାଇଥାଏ । ଟ୍ରାନ୍‌ଜିଟ୍ ସମୟରେ ବାର୍ତ୍ତାର ରୂପରେଖରେ କୌଣସି ପରିବର୍ତ୍ତନ କରାଯାଇନଥିବା ଡିଜିଟାଲ ହସ୍ତାକ୍ଷରରୁ ପ୍ରମାଣିତ ହୋଇଥାଏ । ସନ୍ଦେଶ ପଠାଇବା ତଥା ଏହାର ଅଧିକୃତସ୍ଥିତି ଏବଂ ବିଶ୍ୱସନୀୟତାର ବିଷୟର ଡିଜିଟାଲ ହସ୍ତାକ୍ଷରକୁ ବହୁ ସୁରକ୍ଷିତ ମାନିବାକୁ ହୁଏ । କିନ୍ତୁ ଏହାର ପ୍ରୟୋଗ ଏପରି ମାଧ୍ୟମ ଦ୍ୱାରା ହିଁ କରାଯିବା ଦରକାର ଯାହା ଉପଭୋକ୍ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ।

ଙ) **ବିଶ୍ୱସନୀୟ ତୃତୀୟ ପକ୍ଷ:** ବିଶ୍ୱାସଯୋଗ୍ୟ ତୃତୀୟ ପକ୍ଷ ସୁରକ୍ଷାର ଅନ୍ୟ ଏକ ଦିଗ । କାରବାରକୁ ବୁଝିବାପାଇଁ କାରବାରର ଏକ ନକଲ କୌଣସି ଜଣେ ବିଶ୍ୱସନୀୟ ପାଖକୁ ଦିଆଯାଏ । ଭବିଷ୍ୟତରେ କୌଣସି ବିବାଦ ସୃଷ୍ଟିହେଉ ତୃତୀୟ ପକ୍ଷଙ୍କ ନକଲ ସମାଧାନର ମାଧ୍ୟମ ହୋଇଥାଏ ।

ବାସ୍ତବରେ ଡିଜିଟାଲ୍ ହସ୍ତାକ୍ଷର ଏବଂ ବିଶ୍ୱାସୀ ତୃତୀୟ ପକ୍ଷଙ୍କ ବ୍ୟବସ୍ଥା ଚୋରି ହୋଇଥିବା କ୍ରେଡିଟ୍‌କାର୍ଡ କିମ୍ବା କୌଣସି ନକଲି ବ୍ୟାପାରୀଦ୍ୱାରା ଠକିବା ନିମନ୍ତେ ନୂଆ ୱେବ୍‌ସାଇଟ୍ ସ୍ଥାପନାକୁ ରୋକିପାରେ ନାହିଁ ।ଏଣୁ ସମ୍ବନ୍ଧିତ ପକ୍ଷକୁ ଅତ୍ୟଧିକ ସତର୍କ ରହିବାକୁ ହୁଏ ତଥା ଇ-ବାଣିଜ୍ୟ କାରବାରରେ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ଯେତେ ଖର୍ଚ୍ଚ ଲାଗିଲେ ବି ସମସ୍ତ ସମ୍ଭବ ଉପାୟ କରିବାକୁ ହୋଇଥାଏ ।

ପାଠଗତ ପ୍ରଶ୍ନାବଳୀ ୪ (ଗ)

୧. ଅନ୍-ଲାଇନ୍ କାରବାରରେ ଦେୟ ପୈଠ କରିବା ନିମନ୍ତେ ଆସୁଥିବା ବିଭିନ୍ନ ଉପାୟ ବର୍ଣ୍ଣନା କର ।

କ) ____________________

ଖ) ____________________

ଗ) ____________________

ଘ) ____________________

୨. ଅନ୍-ଲାଇନ୍ କାରବାରର ବିଭିନ୍ନ ସୋପାନକୁ ଉଚିତ କ୍ରମରେ ଉପସ୍ଥାପନ କର ।

କ) ଆଦେଶ   ଘ) ଖୋଜ

ଖ) ପହୁଞ୍ଚାଣ   ଙ) ବିକ୍ରୟ ଉପରାନ୍ତ ସେବା

ଗ) ଦେୟ

୪.୯ ଇ-ବାଣିଜ୍ୟର ପ୍ରୟୋଗ

ଗ୍ରାହକ ସେବାଠାରୁ ଆରମ୍ଭ କରି ନୂଆ ଉତ୍ପାଦର ଅଭିକଳ୍ପନା ପର୍ଯ୍ୟନ୍ତ ବ୍ୟବସାୟର ସମସ୍ତ କ୍ଷେତ୍ରରେ ଇ-ବାଣିଜ୍ୟର ପ୍ରଭାବ ଦେଖାଯାଉଅଛି । ଗ୍ରାହକଙ୍କ ସହ ଭାବବିନିମୟରେ ଏହା ନୂଆ ନୂଆ ପ୍ରକାରର ସୂଚନା ପ୍ରଦାନ କରିଥାଏ । ଏତଦ୍ ବ୍ୟତୀତ ଇଣ୍ଟରନେଟ୍ ପୁସ୍ତକ ଦୋକାନ, ଅନ୍-ଲାଇନ୍ ସୁପର ମାର୍କେଟ, ଇଲେକ୍‌ଟ୍ରୋନିକସ୍ ସମାଚାର ପତ୍ର, ଷ୍ଟକ୍ ଏକ୍‌ସଚେଞ୍ଜରେ ଅନ୍-ଲାଇନ ବ୍ୟାପାର (ଇ-ବ୍ୟାପାର), ଅନ୍-ଲାଇନ୍ ବିଜ୍ଞାପନ (ଇ-ବିଜ୍ଞାପନ) ଅନ୍-ଲାଇନ ଟିକସ ନିର୍ଦ୍ଧାରଣ (ଇ-ଟିକସ ନିର୍ଦ୍ଧାରଣ), ଅନ-ଲାଇନ୍ ବ୍ୟାଙ୍କିଙ୍ଗ୍ (ଇ-ବ୍ୟାଙ୍କିଙ୍ଗ୍), ଡାକ ସଂପ୍ରେଷଣରେ କମ୍ପ୍ୟୁଟରର ପ୍ରୟୋଗଆଦି ଦ୍ୱାରା ଗ୍ରାହକମାନଙ୍କ ସୂଚନା ଆଧାରିତ କଥାବାର୍ତ୍ତାରେ ଏକ ନୂଆ ପ୍ରକାର ଉପଲବ୍ଧି ମଧ୍ୟ କରାଇଥାଏ । ଆମେ ଏହି ଇ-ବାଣିଜ୍ୟ ସେବାମାନଙ୍କ ମଧ୍ୟରେ କେତେକ ବିଷୟ ଉପରେ ବିଚାର କରିବା ଯେଉଁଥିରେ ଏହି ଅନୁମାନ ଲଗା ଯାଇପାରିବ କି ଏହି କ୍ଷେତ୍ରର କାର୍ଯ୍ୟ ସଂଚାଳନରେ ବାଣିଜ୍ୟର ପ୍ରୟୋଗରେ କି କି ପରିବର୍ତ୍ତନ ଆସୁଅଛି ?

୪.୯.୧ ଇ-ବ୍ୟାଙ୍କିଙ୍ଗ୍ :

ସେହି ଦିନକୁ କଳ୍ପନା କର ଯେତେବେଳେ ଜଣେ ଲୋକକୁ ବ୍ୟାଙ୍କରେ ଧନରାଶି ଜମାକରିବା, ଅର୍ଥ କାଢ଼ିବା କିମ୍ବା ଡିମାଣ୍ଡ-ଡ୍ରାଫ୍‌ଟ ପ୍ରସ୍ତୁତ କରିବାପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟରେ ଅଥବା ସପ୍ତାହର ବିଶେଷ ଦିନମାନଙ୍କରେ ହିଁ ବ୍ୟାଙ୍କ ଯିବାକୁ ପଡୁଥିଲା । ଲମ୍ବାଧାଡ଼ିରେ ଠିଆହୋଇ ଅପେକ୍ଷା କରିବାକୁ



ଟିପ୍ପଣୀ

ପଡୁଥିଲା । କିନ୍ତୁ ଆଜିକାଲିର ଏହି ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଆଜି ବ୍ୟକ୍ତି ନିଜର ସୁବିଧାନୁସାରେ କେତେବେଳେ ମଧ୍ୟ ବ୍ୟାଙ୍କରୁ ପଇସା ବାହାର କରିପାରିବ ଏବଂ ଜମା ମଧ୍ୟ କରିପାରିବ । ଭାରତର କୌଣସି ସ୍ଥାନରେ ବ୍ୟାଙ୍କର ଖାତାଥିଲେ ମଧ୍ୟ ସେ ଦେଶର କୌଣସି ଭାଗରେ ନେଣ୍‌-ଦେଣ୍ କରିପାରିବ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଆସୁଥିବା ନୂଆ ପରିବର୍ତ୍ତନ ନିମ୍ନ ପ୍ରକାର ଅଟେ ।

କ) **ଟେଲି ବ୍ୟାଙ୍କିଙ୍ଗ୍ –** ଏହା ମାଧ୍ୟମରେ ଗ୍ରାହକଙ୍କୁ ଏକ ସଂକେତ ସଂଖ୍ୟା ଦିଆ ଯାଇଥାଏ ଯାହା ଟି.ପିନ୍ (ଟେଲିଫୋନିକ୍ ପର୍ସନାଲ ଆଇଡେନ୍‌ଟିଫିକେସନ ନମ୍ବର) ବା ଟେଲିଫୋନରେ ବ୍ୟକ୍ତିଗତ ପରିଚୟ ସଂଖ୍ୟା ଭାବରେ ଜଣା । ଏହାର ପ୍ରୟୋଗ କରି ଗ୍ରାହକ ଟେଲିଫୋନ୍ ମାଧ୍ୟମରେ ନିଜ ଖାତାରୁ ପଇସା କାଢ଼ିବା, ଡ୍ରାଫଟ ଜାରିକରିବା ନିମନ୍ତେ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇପାରନ୍ତି । ଗ୍ରାହକ ମୋବାଇଲ ଫୋନ୍ ମାଧ୍ୟମରେ ନିଜର ଖାତା ବିଷୟରେ ଜାଣିପାରିଥାଏ ଏବଂ ବ୍ୟାଙ୍କକୁ ଖାତା ସମ୍ବନ୍ଧୀୟ ନିର୍ଦ୍ଦେଶ ଦେଇପାରିଥାଏ । ସେହିପରି ବ୍ୟାଙ୍କ ମଧ୍ୟ ଟେଲିଫୋନ ମାଧ୍ୟମରେ ଗ୍ରାହକକୁ ଏହାର ଯୋଜନା, ସୁଯୋଗ, ଅନ୍ତିମ ତାରିଖ ଆଦି ବିଷୟରେ ଅବଗତ କରାଇଥାଏ ଏବଂ ବ୍ୟାଙ୍କ ଖାତାର ଜମାହିସାବ ଗ୍ରାହକଙ୍କ ଅନୁସନ୍ଧାନ ଅନୁଯାୟୀ ଅବଗତ କରାଇଥାଏ ।

ଖ) **ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ –** ଏହା ଆଉ ଏକ ପଦ୍ଧତି ଯାହାଦ୍ୱାରା ଗ୍ରାହକ ନିଜର ବ୍ୟାଙ୍କ ଖାତାର ପରିଚାଳନା କରିପାରିଥାନ୍ତି ଏବଂ ଖାତା ସମ୍ବନ୍ଧରେ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇପାରନ୍ତି । ଏଥିରେ ଗ୍ରାହକଙ୍କର କାର୍ଯ୍ୟ ସରଳହୋଇଥାଏ । କାରଣ ସେ ନିଜର ଖାତା ବିଷୟରେ ଯେକୌଣସି ସ୍ଥାନରୁ, ଯେକୌଣସି ସମୟରେ, ଯେତେଥର ଏହା ବୁଝିପାରିଥାଏ, ଗ୍ରାହକ ଘରେ ବସି କେବଳ ନିଜ ଖାତାର ସଂକେତ ସଂଖ୍ୟା ବ୍ୟବହାର କରି ନେଣ-ଦେଣର ବିସ୍ତୃତ ବିବରଣୀପ୍ରାପ୍ତ କରିଥାଏ ।

ଗ) **ଏ.ଟି.ଏମ୍ –** ଏ.ଟି.ଏମ୍ ହେଉଛି ଅଟୋମେଟେଡ୍ ଟେଲର ମେସିନ୍‌ର ସଂକ୍ଷିପ୍ତ ନାମ । ଏହା ବ୍ୟାଙ୍କିଙ୍ଗ୍ ଉଦ୍ୟୋଗରେ ଅଧିକ ଲୋକପ୍ରିୟ ହୋଇପାରିଛି । ଏ.ଟି.ଏମ୍ ଏକ କମ୍ପ୍ୟୁଟରୀକୃତ ମେସିନ୍ ଅଟେ ଯାହାର ଉପଯୋଗ ବ୍ୟାଙ୍କର ଅଧିକାଂଶ ସାଧାରଣକାର୍ଯ୍ୟରେ ବ୍ୟବହାର କରାଯାଇଥାଏ । ଏକ ଚୁମ୍ବକୀୟ ପ୍ଲାଷ୍ଟିକ୍ କାର୍ଡ ଦ୍ୱାରା ଏହା କାର୍ଯ୍ୟକରିଥାଏ ଯାହାକୁ ସମସ୍ତେ ଏ.ଟି.ଏମ୍ କାର୍ଡ କହନ୍ତି । ଏହାଦ୍ୱାରା ପରିଚାଳନା କାର୍ଯ୍ୟ ହୋଇଥାଏ । ମେସିନ୍‌ରେ ଏ.ଟି.ଏମ୍ କାର୍ଡ ଭର୍ତ୍ତିକରି ପିନ୍ ନଂ (ବ୍ୟକ୍ତିଗତ ପରିଚୟ ସଂଖ୍ୟା) ପ୍ରବିଷ୍ଟ (entering) କରିବାଦ୍ୱାରା ଗ୍ରାହକ ନିଜ ଖାତାର ଧନରାଶିରୁ ଅର୍ଥ କାଢ଼ିପାରିଥାନ୍ତି ଏବଂ ଜମା ମଧ୍ୟ କରିପାରନ୍ତି । ଏ.ଟି.ଏମ୍ ଦ୍ୱାରା ଗ୍ରାହକ ନିଜ ଖାତାର ଶେଷରାଶି ସମ୍ବନ୍ଧରେ ସୂଚନା ପ୍ରାପ୍ତ କରିଥାଏ ଏବଂ ବ୍ୟାଙ୍କ ସହିତ ହୋଇଥିବା ଶେଷ ୫ ବା ୧୦ ନେଣ୍-ଦେଣ୍‌ର ଏକ ଛୋଟ ବିବରଣ ମଧ୍ୟ ପ୍ରାପ୍ତ ହୋଇଥାଏ । ଏ.ଟି.ଏମ୍‌ର ଉପଯୋଗ କରିବା ନିମନ୍ତେ ପ୍ରଥମେ ଗ୍ରାହକଙ୍କ ପାଖରେ କେବଳ ଗୋଟିଏ ବ୍ୟାଙ୍କରେ ଉପଯୋଗ କରି ଏ.ଟି.ଏମ୍‌ରେ ଧନରାଶି କାଢ଼ିପାରୁଥିଲେ ଯେଉଁଥିରେ କି ତାଙ୍କର ଖାତା ରହୁଥିଲା । କିନ୍ତୁ ଆଜିକାଲି ଅନ୍ୟ ବ୍ୟାଙ୍କମାନଙ୍କରୁ ସେହି ଏ.ଟି.ଏମ୍ ବ୍ୟବହାର କରି ଟଙ୍କା ଉଠା ଯାଇପାରୁଛି ଯେଉଁ ବ୍ୟାଙ୍କମାନେ ନିଜ ଭିତରେ ଏକମତହୋଇ ଗଠବନ୍ଧନ କରିଥାନ୍ତି ।

ପ୍ରଥମ ଏ.ଟି.ଏମ୍ ଲଣ୍ଡନର ବାରକ୍ଲେଜ୍ ବ୍ୟାଙ୍କଦ୍ୱାରା ୧୯୬୭ ମସିହାରେ ସ୍ଥାପିତ ହୋଇଥିଲା । ଭାରତରେ ଏଚ.ଏସ୍.ବି.ସି. ୧୯୮୭ରେ ପ୍ରଥମ ଏ.ଟି.ଏମ୍ ସ୍ଥାପନା କରିଥିଲା ।

(ଘ) **ଡେବିଟ୍ କାର୍ଡ :** ଏହା ଏକ ଇଲେକ୍‌ଟ୍ରୋନିକ କାର୍ଡ ଯାହାର ପ୍ରୟୋଗ ଅର୍ଥପୈଠ କରିବା ନିମନ୍ତେ କରାଯାଇଥାଏ । ଏହି କାର୍ଡ ବ୍ୟାଙ୍କରେ ଚାଲୁଖାତା କିମ୍ବା ଜମା ଖାତାଧାରୀମାନଙ୍କୁ ପ୍ରଦାନ

କରାଯାଇଥାଏ । କେତେକ ବିକ୍ରୟକେନ୍ଦ୍ରରେ ବସ୍ତୁ ଏବଂ ସେବାର କ୍ରୟ କରିବା ନିମନ୍ତେ କାର୍ଡଧାରୀ କାର୍ଡର ଉପଯୋଗ କରିଥାନ୍ତି । ଏହା କାର୍ଡ଼ଧାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଖାତାରେ ଥିବା ଜମାରାଶି ପର୍ଯ୍ୟନ୍ତ ବ୍ୟୟ କରିବାର ଅନୁମତି ଦେଇଥାଏ । ଏହାକୁ ଏ.ଟି.ଏମ୍ କାର୍ଡ ପରି ଏ.ଟି.ଏମ୍‌ରେ ମଧ୍ୟ ଉପଯୋଗ କରାଯାଇଥାଏ ।

(ଙ) **କ୍ରେଡିଟ୍‌କାର୍ଡ:** କେତେକ ବ୍ୟାଙ୍କ ବ୍ୟାଙ୍କରେ ଖାତା ଥିବା ବା ନଥିବା ଲୋକଙ୍କୁ କ୍ରେଡ଼ିଟ୍ କାର୍ଡ଼ ପ୍ରଦାନ କରିଥାନ୍ତି । ଏହି କାର୍ଡ ଗ୍ରାହକଙ୍କ ଗୁରୁତ୍ୱକୁ ଅନୁଧ୍ୟାନ କରିବା ପରେ ପ୍ରଦାନ କରାଯାଇଥାଏ । ସଂପୃକ୍ତ ବ୍ୟକ୍ତି ଏହି କାର୍ଡକୁ ବିଭିନ୍ନ ବିକ୍ରୟ କେନ୍ଦ୍ରରେ ବସ୍ତୁ କିମ୍ବା ସେବାର କ୍ରୟ ନିମନ୍ତେ ଅର୍ଥ ପୈଠ କରିବାପାଇଁ ବ୍ୟବହାର କରିଥାନ୍ତି । କାର୍ଡ଼ ପ୍ରଦାନ କରିଥିବା ବ୍ୟାଙ୍କ ଉଧାର ରାଶି ସୀମା ନିର୍ଦ୍ଧାରଣ କରିଥାନ୍ତି । ଯେଉଁ ସୀମା ମଧ୍ୟରେ ଗ୍ରାହକ ବସ୍ତୁ ଓ ସାମଗ୍ରୀ କ୍ରୟ କରିଥାନ୍ତି । ବ୍ୟାଙ୍କ ଦ୍ୱାରା ଏକ ନିଶ୍ଚିତ ସମୟ ମଧ୍ୟରେ କାର୍ଡଧାରୀଙ୍କୁ ନେଣ-ଦେଣର ବିବରଣ ଉପଲବ୍ଧ କରାଯାଏ । କାର୍ଡଧାରୀଙ୍କୁ ତାଙ୍କ ଦ୍ୱାରା ଉପଯୋଗ ହୋଇଥିବା ରାଶି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବ୍ୟାଙ୍କକୁ ଫେରାଇ ଦେବାକୁ ପଡିଥାଏ । ଗ୍ରାହକମାନଙ୍କୁ ୧୦ ରୁ ୫୫ ଦିନ ପର୍ଯ୍ୟନ୍ତ ଉଧାର ମିଳିଥାଏ । ଏହି ସମୟସୀମା ଭିନ୍ନ ଭିନ୍ନ ବ୍ୟାଙ୍କର ନେଣ-ଦେଣର ପ୍ରକୃତି ଅନୁସାରେ ଅଲଗା ଅଲଗା ହୋଇଥାଏ । ଯଦି ଅର୍ଥପୈଠ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରାଯାଏ ତାହାହେଲେ ଗ୍ରାହକଙ୍କୁ ସେହି ରାଶି ଉପରେ ବ୍ୟାଙ୍କକୁ କୌଣସି ସୁଧ ଦେବାକୁ ପଡ଼ିନଥାଏ । କିନ୍ତୁ ଯଦି ଗ୍ରାହକ ଦେୟତିଥି ମଧ୍ୟରେ ଅର୍ଥ ପୈଠ ନକରନ୍ତି ତେବେ ବ୍ୟାଙ୍କ ତାଙ୍କଠାରୁ ଅଧିକ ହାରରେ ସୁଧ ନେଇଥାଏ । ଅଧିକାଂଶ ବ୍ୟାଙ୍କ କାର୍ଡର ଉପଯୋଗଦ୍ୱାରା କରାଯାଇଥିବା ନେଣ-ଦେଣ ଉପରେ ବୋନସ୍ ଅଙ୍କ ଦେଇଥାନ୍ତି ଏବଂ କାର୍ଡ଼ଧାରୀର ବୀମା ମଧ୍ୟ କରାଯାଏ । କାର୍ଡ଼ଧାରୀ ଏହି କାର୍ଡ଼ର ଉପଯୋଗ ଏ.ଟି.ଏମ୍‌ରୁ ଟଙ୍କା କାଢ଼ିବାରେ ମଧ୍ୟ ବ୍ୟବହାର କରିପାରନ୍ତି ।

ପାଠଗତ ପ୍ରଶ୍ନାବଳୀ ୪(ଘ)

୧. ବ୍ୟାଙ୍କର ଗ୍ରାହକଙ୍କୁ ଏ.ଟି.ଏମ୍. ଦ୍ୱାରା ମିଳୁଥିବା ସୁବିଧା ବର୍ଣ୍ଣନା କର ।

(କ) ____________________

(ଖ) ____________________

(ଗ) ____________________

୨. ନିମ୍ନଲିଖିତ ନେଣ-ଦେଣ ଇ-ବ୍ୟାଙ୍କିଙ୍ଗ୍‌ର କେଉଁ କ୍ଷେତ୍ର ସହିତ ସମ୍ବନ୍ଧିତ ଅଟେ, ଚିହ୍ନଟ କର ।

କ) ଏକ କାର୍ଡ ଯାହାର ଧାରକ ନିଜର ବ୍ୟାଙ୍କ ଖାତାରେ କୌଣସି ଧନରାଶି ନଥାଇ ମଧ୍ୟ ବ୍ୟବହାର କରିପାରିବ ।

ଖ) ଏକ ମେସିନ୍ ଯାହାର ଉପଯୋଗ କରି ଗ୍ରାହକ ନିଜର ଜମା ଖାତାରୁ ନିଜର ସୁବିଧାନୁସାରେ ପଇସା କାଢ଼ିପାରେ ।

ଗ) ଏକ ପଦ୍ଧତି ଯାହାଦ୍ୱାରା ଖାତାଦାର ଟେଲିଫୋନ୍ ଯୋଗେ ବ୍ୟାଙ୍କ ସମ୍ବନ୍ଧୀୟ ସୁବିଦା ପ୍ରାପ୍ତ କରିପାରିଥାଏ ।

ଟିପ୍ପଣୀ

ଘ) ଏକ ସୁଗମମାର୍ଗ ଯାହାଦ୍ୱାରା କୌଣସି ସମୟରେ କୌଣସି ସ୍ଥାନରେ କେତେଥର ନିଜର ଖାତାର ପରିଚାଳନା କରାଯାଇପାରେ ।

୪.୯.୨. ଇ-ଟିକେଟିଙ୍ଗ/ଇ-ଟିକେଟ୍‌କରଣ

ରେଲୱେ ଟିକେଟ୍ କ୍ରୟ କରିବା ବହୁତ ସହଜ ହୋଇଗଲା । ଏବେ ତୁମେ ଘରେ ବସି ଯେକୌଣସି ସ୍ଥାନକୁ ଯିବା ପାଇଁ ରେଲୱେ ଟିକେଟ୍ ବୁକ୍ କରି ପାରିବ । ପାଖରେ ଇଣ୍ଟରନେଟ୍‌ର ସୁବିଧା ଥିଲେ ତୁମେ ରେଲୱେ ସମ୍ବନ୍ଧରେ ସମସ୍ତ ତଥ୍ୟ ବୁଝିପାରିବ ଏବଂ ସେହି ଅନୁସାରେ ନିଜ ପାଇଁ ଟିକେଟ୍ ବୁକ୍ କରି ପାରିବ । ଅନ୍-ଲାଇନ୍ ରେଲୱେ ଟିକେଟ୍ ବୁକ୍ କରିବାପାଇଁ ତୁମକୁ ଅର୍ଥ ପୈଠ କ୍ରେଡିଟ୍ କାର୍ଡ କିମ୍ବା ଡେବିଟ୍‌କାର୍ଡ ଦ୍ୱାରା କରିବାକୁ ହୁଏ । ଏହିପରି ତୁମେ ଉଡ଼ାଜାହାଜର ଟିକେଟ୍ ମଧ୍ୟ କିଣି ପାରିବ । ଉଡ଼ାଜାହାଜର ଘରୋଇ କ୍ଷେତ୍ରର ପ୍ରବେଶ ସଙ୍ଗେ ସଙ୍ଗେ ପ୍ରତିଯୋଗୀତା ବୃଦ୍ଧି ପାଇଛି ଏବଂ ଇଣ୍ଟରନେଟ୍ ମାଧ୍ୟମରେ ଉଡାଜାହାଜର ଟିକେଟ୍ ବିକ୍ରି ବା ନିଲାମ ପ୍ରାରମ୍ଭ ହୋଇଛି । ସବୁଠାରୁ ଅଧିକ ନିଲାମ ଡାକିବା ବାଲାଙ୍କୁ ସାଧାରଣ ଭଡ଼ାଠାରୁ କମ୍ ମୂଲ୍ୟରେ ଉଡ଼ାଜାହାଜ ଯାତ୍ରାର ସୁଯୋଗ ମିଳୁଛି । ଇ-ଟିକେଟ୍ ସେବା ମୋବାଇଲ ଫୋନ୍ ମାଧ୍ୟମରେ ମଧ୍ୟ ଉପଲବ୍ଧ ।

ରେଲ୍ ଟିକେଟ୍‌ର ଅନ୍‌ଲାଇନ୍ କ୍ରୟ ନିମନ୍ତେ **www.irctc.co.in** କୁ ଯାଅ ।

୪.୯.୩. ଇ-ବିଜ୍ଞାପନ

ଇଣ୍ଟରନେଟ୍ ବିଜ୍ଞାପନ ବିପଣନ ରଣକୌଶଳରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ମୁଦ୍ରଣ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ବିଜ୍ଞାପନ ଆବଶ୍ୟକ ଅନୁସାରେ ଦେଖିବାକୁ ବା ଶୁଣିବାକୁ ପଡ଼ିଥାଏ । କିନ୍ତୁ ଲୋକମାନେ ନିଜ ଇଚ୍ଛାନୁସାରେ ଏସବୁ ଠାରୁ ଦୂରେଇ ଇଣ୍ଟରନେଟ୍ ମାଧ୍ୟମରେ ବିଜ୍ଞାପନର ମନୋନୟନ କରି ତାହାକୁ ଦେଖୁଛନ୍ତି । ସେମାନେ ନିଜ ପସନ୍ଦର ବିଜ୍ଞାପନକୁ କେବଳ କ୍ଲିକ୍ କରି ଦେଖି ପାରିବେ । ଇ-ବିଜ୍ଞାପନ ଏପର୍ଯ୍ୟନ୍ତ ଶୈଶବାବସ୍ଥାରେ ଅଛି କାରଣ ବିଜ୍ଞାପନ ବଜାରରେ ତାର ଭାଗିଦାରୀ ଏବେ ମଧ୍ୟ କମ୍ ରହିଛି ।

୪.୯.୪. ଷ୍ଟକ୍ ଏକ୍‌ସଚେଞ୍ଜ୍‌ରେ ଇ-ବ୍ୟାପାର

OTCEI ର ସ୍ଥାପନାପରେଅନ୍-ଲାଇନ୍ ବ୍ୟାପାର ଆରମ୍ଭ ହୋଇଅଛି । ଏକ ରାଷ୍ଟ୍ରୀୟ ଷ୍ଟକ ଏକ୍‌ସଚେଞ୍ଜ (NSE) ଏବଂ ବମ୍ବେ ଷ୍ଟକ୍ ଏକସ୍‌ଚେଞ୍ଜ (BSE) ସମ୍ପୂର୍ଣ୍ଣ ଭାବରେ ଅନ୍-ଲାଇନ୍ ବ୍ୟାପାର କରୁଛନ୍ତି । ଅଧିକାଂଶ ସେୟାର ଦଲାଲ ଇଣ୍ଟରନେଟ୍ ମାଧ୍ୟମରେସେମାନଙ୍କ ପାଖରେ ପହଞ୍ଚି ପାରୁଛନ୍ତି । ଆଜିକାଲି ଛୋଟ ଛୋଟ ନିବେଶକ ଏବଂ ବ୍ୟବସାୟୀ ଷ୍ଟକ୍ ତଥା ସେୟାର ବ୍ୟାପାର ପ୍ରତି ଆକୃଷ୍ଟ ହୋଉଛନ୍ତ । କିଣା ବିକାର ସବୁ ସୂଚନା ଇଣ୍ଟରନେଟ୍ ଜରିଆରେ ପ୍ରତିମିନିଟ୍‌ରେ ମିଳିପାରୁଛି, ଯାହପୂର୍ବରୁ କେବଳ ଅର୍ଥନୈତିକ ସଂସ୍ଥାକୁ ମିଳୁଥିଲା ।

"ବନ୍ଦୋବସ୍ତ ସମୟ ସୀମାର ଅର୍ଥ ହେଉଛି ଅଂଶକୁ କ୍ରୟ କରିବା ଏବଂ ତାର ମୂଲ୍ୟ ଅର୍ଥ ପୈଠ କରିବା ସମୟର ବ୍ୟବଧାନ ଅଟେ ।"

ଅନ୍-ଲାଇନ୍‌ରେ ଦଲାଲ ସେବା ଉପଲବ୍ଧରେ ବିକା-କିଣା ସ୍ୱୟଂଚାଳିତ ହୋଇଗଲାଣି । ଏହାଦ୍ୱାରା ଦଲାଲ ସେବାକୁ କମ୍ ହେବାସହ କ୍ରୟ-ବିକ୍ରୟରେ ସ୍ୱଚ୍ଛତା ଆସିଛି । କାରଣ ଅନ୍-ଲାଇନ୍‌ରେ ବଜାର ଦରକୁ ଦେଖି ନିବେଶକମାନେ ତୁରନ୍ତ ସେହି ମୂଲ୍ୟରେ ସଉଦାକରି ପାରୁଛନ୍ତି । ଏବେ ନିବେଶକଙ୍କର ଡି.ମ୍ୟାଟ୍ ଖାତାରେ ଇଲେକ୍‌ଟ୍ରୋନିକ୍‌ସ ପ୍ରକ୍ରିୟା ମାଧ୍ୟମରେ ଷ୍ଟକ ଏବଂ ସେୟାର ହସ୍ତାନ୍ତରଣର ଲିପିବଦ୍ଧ କରାଯାଇପାରୁଛି । ଫଳରେ ଭୌତିକ ହସ୍ତାନ୍ତରଣର ଆବଶ୍ୟକତା ପଡୁ ନାହିଁ । ଏହାଦ୍ୱାରା ଅର୍ଥପୈଠ ତୁରନ୍ତ ହୋଇଯାଏ ଏବଂ ବନ୍ଦୋବସ୍ତର ସମୟ ୩-୪ ଦିନକୁ ହ୍ରାସ ପାଇଛି ।

ଟିପ୍ପଣୀ

୪.୯.୫ ଡାକ ପ୍ରେରଣ ଏବଂ ପ୍ରକ୍ରିୟାକରଣର କମ୍ପ୍ୟୁଟରୀକରଣ

ଆଧୁନିକୀକରଣ କାର୍ଯ୍ୟକ୍ରମ ଅଂଶସ୍ୱରୂପ ଭାରତର ଅଧିକାଂଶ ଡାକ ଘରେ ଡାକ ପଞ୍ଜିକରଣ ଏବଂ ଚୟନ କରିବା କାର୍ଯ୍ୟର କମ୍ପ୍ୟୁଟରୀକରଣ ହୋଇଗଲାଣି । ଦେଶସାରା ମନିଅର୍ଡରର ପ୍ରେରଣ ସମୟକୁ କମ୍ କରିବା ପାଇଁ ମନିଅର୍ଡରକୁ ଭିସାଟ୍ (VSAT) ସ୍ୟାଟେଲାଇଟ୍ ନେଟ୍‌ୱାର୍କ ମାଧ୍ୟମରେ ପଠା ଯାଉଅଛି । ଏହାଦ୍ୱାରା ମନିଅର୍ଡର ବହୁତ ଶୀଘ୍ର ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛି । ୨୦୦୧ରେ ଭଏସ୍ ମେଲ ଏବଂ ଅଡ଼ିଓ ଫ୍ୟାକ୍ସ ସେବାର ନୂତନ ନୀତି ଘୋଷଣା କରାଗଲା । ଏହି ନୂଆ ସେବାଦ୍ୱାରା ଏପରି ଏକ ତନ୍ତ୍ରର ବିକାଶ କରାଗଲା ଯାହାଦ୍ୱାରା ଗୋଟିଏ ମେଲ୍ ବାକ୍ସ ବ୍ୟବହାର କରି ଭଏସ୍ ମେଲ୍ ସଂଦେଶ, ଫ୍ୟାକ୍ସ, ଇ-ମେଲକୁ ଟେଲିଫୋନ ଉପକରଣ, ଫ୍ୟାକ୍ସ ମେସିନ୍, ମୋବାଇଲ ଫୋନ୍, ଇଣ୍ଟରନେଟ୍ ବ୍ରାଉଜର ଇତ୍ୟାଦି ମାଧ୍ୟମରେ ପ୍ରାପ୍ତ ହୋଇପାରିଲା । ଏହି ନୂଆ ପ୍ରକାର ସେବାକୁ ଏକୀକୃତ ସଂଦେଶ ସେବା (ୟୁ.ଏମ୍.ଏସ୍) ନାମ କରଣ କରାଯାଇଛି ।

୪.୯.୬. ଇ-ପୋଷ୍ଟ

ତୁମେ ଇ-ମେଲ ସମ୍ବନ୍ଧରେ ଜାଣିଛ ଯାହା ସନ୍ଦେଶ ପ୍ରେରଣର ଦ୍ରୁତତର ସାଧନ ଅଟେ । ଇ-ମେଲରେ କୌଣସି ସୂଚନା ପଠାଇବା ଅଥବା ପାଇବା ପାଇଁ ଇଣ୍ଟରନେଟ୍‌ଯୁକ୍ତ କମ୍ପ୍ୟୁଟରର ଆବଶ୍ୟକତା ହୋଇଥାଏ । ନେଟ୍‌ର କୌଣସି ସର୍ଚ୍ଚ ଲାଇନ୍‌କୁ ଯାଇ ପ୍ରେରକ ନିଜର ଇ-ମେଲ୍ ଆକାଉଣ୍ଟ ଖୋଲିପାରିବେ । ତାପରେ ଏହାର ମାଧ୍ୟମରେ ଇ-ମେଲ୍‌ର ପ୍ରୟୋଗ କରାଯାଇପାରିବ । ଅଧିକନ୍ତୁ ଏହି ଟେକ୍‌ନିକ୍ ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ସ୍ଥାନମାନଙ୍କରେ ପହଞ୍ଚି ପାରିନାହିଁ । ଏହି ବ୍ୟବଧାନକୁ କମ୍ କରିବା ନିମନ୍ତେ ଏବଂ ଇ-ମେଲ୍‌ର ଉପକାରିତାକୁ ଗ୍ରାମୀଣ ଭାରତର ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଡାକ ବିଭାଗ ଇ-ମେଲ୍‌ର ସୁବିଧାକୁ ପ୍ରାରମ୍ଭ କରିଅଛି । ଏହା ମାଧ୍ୟମରେ ଡାକ ଘରୁ ଇ-ମେଲ ପଠାଯାଇ ପାରିବ ଏବଂ ପ୍ରାପ୍ତ କରାଯାଇପାରିବ ।

ଇ-ମେଲ୍ ସେବା ଅଧିନରେ ଛପା ହୋଇଥିବା କିମ୍ବା ହାତରେ ଲେଖା ହୋଇଥିବା ସଂଦେଶକୁ ଇଣ୍ଟରନେଟ୍ ମାଧ୍ୟମରେ ପଠାଇଯାଇ ପାରୁଛି । ପଠାଯାଉଥିବା ଡାକଘରକୁ ଏହି ସଂଦେଶ ପ୍ରିଣ୍ଟରରେ ଛପାଇ ଲଫାପାରେ ଭରିକରି ଅନ୍ୟ ଚିଠିପରି ଡାକବାଲା ହାତରେ ପହଞ୍ଚାଇ ଦିଆଯାଏ । ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ସମସ୍ତ ବଡ଼ବଡ଼ ସହର ଏବଂ ଜିଲ୍ଲାରେ ଇ-ପୋଷ୍ଟ୍ କେନ୍ଦ୍ର ସ୍ଥାପନା କରାଯାଇଛି । ଯେଉଁ ଡାକଘରେ ଇ-ପୋଷ୍ଟ୍‌ର ସୁବିଧା ନଥାଏ ସେମାନେ ଗ୍ରାହକମାନଙ୍କର ପ୍ରାପ୍ତ ସଂଦେଶକୁ ନିକଟସ୍ଥ ଇ-ପୋଷ୍ଟ୍ କେନ୍ଦ୍ରକୁ ପ୍ରେରଣ ନିମନ୍ତେ ପଠାଇ ଦିଅନ୍ତି । ସେହିପରି ଇ-ମେଲରେପ୍ରାପ୍ତ ସଂଦେଶକୁ ଇ-ପୋଷ୍ଟ କେନ୍ଦ୍ରର ଅଧିକାର କ୍ଷେତ୍ର ବାହାରେ ହୋଇଥିବା ସ୍ଥାନକୁ ପ୍ରିଣ୍ଟ ବାହାରକରି ସମ୍ବନ୍ଧିତ ଡାକ ଘରକୁ ପ୍ରେରଣ ନିମନ୍ତେ ପଠାଇ ଦିଆଯାଇଥାଏ । ଡାକଘର ମାଧ୍ୟମରେ ଡାକ ସେବା ପାଇବା ସଙ୍ଗେ ସଙ୍ଗେ ଗ୍ରାହକ ନିଜ ଘର, କାର୍ଯ୍ୟାଳୟ ଅଥବା ଅନ୍ୟ କୌଣସି ସ୍ଥାନରେ ଇ-ପୋଷ୍ଟର ସୁବିଧା ପ୍ରାପ୍ତ କରିପାରିବେ ଯଦି ତାଙ୍କ ପାଖରେ ଇଣ୍ଟରନେଟ୍‌ର ସୁବିଧା ଥାଏ । ଗ୍ରାହକ ମୁଖ୍ୟ ଡାକଘର ଏବଂ ଅନ୍ୟ ଡାକଘରେ ଉପଲବ୍ଧ ପୂର୍ବ ପୈଠକାର୍ଡ ମାଧ୍ୟମରେ ପୈଠ କରିପାରିବେ । ଏହି ସେବାର ପ୍ରୟୋଗ ନିମନ୍ତେ ଗ୍ରାହକଙ୍କୁ ନିଜର ଉପଯୋଗ କର୍ତ୍ତା ରୂପରେ ପଞ୍ଜିକୃତ କରିବାକୁ ହୁଏ ତଥା ଏହି ସେବାକୁ ସେ ଇ-ଡାକ ପୋର୍ଟାଲ http:indiapost.nic.in ରେ ଲଗ୍‌ଇନ (login) କରି ପ୍ରାପ୍ତ କରିପାରିବେ । ଏକ ଏ-୪ ଆକାରର କାଗଜ ଉପରେ ସଂଦେଶ ପଠାଇବାର ବର୍ତ୍ତମାନ ଶୁଳ୍କ ସଂଦେଶ ପ୍ରତି ୧୦ ଟଙ୍କା ।

A-4 ଆକାର କାଗଜ = 8.27”x11.69”

ପାଠଗତ ପ୍ରଶ୍ନାବଳୀ ୪ (ଙ)

୧. ଇ-ପୋଷ୍ଟ୍‌ର ଅର୍ଥ କ'ଣ ?

___

___

୨. ଇ-ବାଣିଜ୍ୟ ଉପଯୋଗରେ ନିମ୍ନ ଶବ୍ଦ କି ପ୍ରକାର ଯୋଡ଼ାଯାଇଛି ଚିହ୍ନଟ କର ।

କ) ଡି.ମ୍ୟାଟ୍ ଖାତା

ଖ) ଏକୀକୃତ ସଂଦେଶ ସେବା

ଗ) ନେଟ୍ ନଯାଇ ଇ-ମେଲ୍‌ର ସୁବିଧା ପ୍ରାପ୍ତକରିବା

ଘ) ଉଡ଼ାଜାହାଜ ଯାତ୍ରା ଟିକେଟ୍ ଅନ୍-ଲାଇନ୍‌ରେ ବୁକିଙ୍ଗ୍

୪.୧୦ ସେବାର ବାହ୍ୟସ୍ରୋତୀକରଣ

ବ୍ୟବସାୟରେ ଆଜିକାଲି କେତେକ କାର୍ଯ୍ୟକୁ ବାହ୍ୟସ୍ରୋତୀକରଣ (Outsourcing) ଜରିଆରେ କରିବାର ପ୍ରଚଳନ ହୋଇଗଲାଣି ଅର୍ଥାତ ଯେଉଁ କାର୍ଯ୍ୟକୁ ଆଜିପର୍ଯ୍ୟନ୍ତ ନିଜର କର୍ମଚାରୀ ଓ ସମ୍ବଳ ଦ୍ୱାରା କରାଯାଇ ଆସୁଥିଲା, ଏବେ ତାକୁ ପୁରା କରିବା ପାଇଁ ବାହାର ସ୍ରୋତର ସହାୟତା ନେବାକୁ ପଡୁଅଛି । ଅଧିକାଂଶ କମ୍ପାନୀ ପାଖରେ ନିଜର ସୁରକ୍ଷା ଏବଂ ସଫେଇ କର୍ମଚାରୀ ଥାଆନ୍ତି, କିନ୍ତୁ କିଛିଦିନ ହେଲା ଏହି କମ୍ପାନୀମାନେ ସେହି କାର୍ଯ୍ୟପାଇଁ ବାହାର ଏଜେନ୍‌ସିକୁ ଠିକାରେ କରିବାକୁ ଦେଇ ଦେଉଛନ୍ତି । ବାସ୍ତବରେ ବାହ୍ୟସ୍ରୋତୀକରଣ ଏକ ପରିଚାଳନାଗତ ରଣନୀତି ଅଟେ । ଯାହାର ଅନ୍ତର୍ଗତ ସଂଗଠନ ନିଜର ଗୌଣ (noncore) କାର୍ଯ୍ୟକୁ ବାହ୍ୟସ୍ରୋତୀକରଣ କରିଥାଏ । ଯାହାଫଳରେ ବିଶେଷ ଅନୁଭୂତି ସମ୍ପର୍ଣ୍ଣ ସେବା ପ୍ରଦାନ କରିବା ବାଲାଙ୍କୁ କାମ ଦେଇ ସେମାନେ ତାଙ୍କର ବିଶିଷ୍ଟତା, ଖର୍ଚ୍ଚ କମ୍ ଏବଂ କୁଶଳତାର ଫାଇଦା ଉଠାନ୍ତି ଏବଂ ନିଜର ମୁଖ୍ୟ କାର୍ଯ୍ୟ ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି । ଉଦାହରଣ ସ୍ୱରୂପ ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ଆଇ.ଟି.) ଏପରି ଏକ କ୍ଷେତ୍ର ଯେଉଁଥିରେ ଏହାର ପ୍ରବୃତ୍ତିର ପ୍ରଖର ବୃଦ୍ଧି ହେଉଅଛି, ଫଳରେ ବର୍ଷରେ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀ ସହିତ ଜଡ଼ିତ କାର୍ଯ୍ୟକୁ ବାହ୍ୟସ୍ରୋତୀ କରଣ ସଙ୍ଗେ ପୂରା ବ୍ୟବସାୟର ବିଭିନ୍ନ ପ୍ରକ୍ରିୟାଗୁଡ଼ିକ ଯେପରି ବେତନ, ପତ୍ର ପ୍ରକ୍ରିୟା, ଚେକ୍ ପ୍ରକ୍ରିୟା ଆଦି ମଧ୍ୟ ବାହ୍ୟସ୍ରୋତୀକରଣ ହେବାକୁ ଲାଗିଲାଣି । ଏହାକୁ ବ୍ୟାବସାୟିକ କ୍ଷେତ୍ରର ବାହ୍ୟସ୍ରୋତୀକରଣ କୁହାଯାଏ । ଧ୍ୟାନ ଦେବାର ବିଷୟ ଯେ ଭାରତୀୟ ଆଇ.ଟି, ବି.ପି.ଓ (ବିଜିନେସ୍ ପ୍ରୋସେସ୍ ଆଉଟ୍ ସୋର୍ସିଂ) ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରରେ ୨୦୦୬-୦୭ରେ ୨୮% ବୃଦ୍ଧି ହୋଇଛି ତଥା ବାର୍ଷିକ ରାଜସ୍ୱ ୪୮କୋଟି ଡଲାରରୁ ଅଧିକ ହୋଇଛି, ଯାହା ୧୯୯୮ର ମୋଟ ରାଜସ୍ୱର ପ୍ରାୟ ୧୦ ଗୁଣ ହେବ ।

୪.୧୦.୧ ସେବାର ବାହ୍ୟସ୍ରୋତୀକରଣର ଲକ୍ଷଣ:

ସେବାର ବାହ୍ୟସ୍ରୋତୀକରଣର ମୂଳ ଲକ୍ଷଣ ଗୁଡ଼ିକ ହେଲା:

କ) ଏଥିରେ କୌଣସି କାର୍ଯ୍ୟକୁ ଠିକା କିମ୍ବା ଏଜେନ୍‌ସିକୁ ଦିଆଯାଏ, ଯିଏକି, ନିଜର ଶ୍ରମ ଶକ୍ତିର ଉପଯୋଗକରି କାର୍ଯ୍ୟକୁ ଉତ୍ତମ ଭାବରେ ସମ୍ପୂର୍ଣ୍ଣ କରିବାର ଉତ୍ତରଦାୟିତ୍ୱ ନେଇଥାଏ ।

ଖ) ସାଧାରଣତଃ ବାହ୍ୟସ୍ରୋତୀକରଣ ରକ୍ଷଣାବେକ୍ଷଣ, ସୁରକ୍ଷା ଆଦି ଗୌଣ କାର୍ଯ୍ୟ ନିମନ୍ତେ ନିଆଯାଇଥାଏ । କିନ୍ତୁ ଆଜିକାଲି ସେମାନଙ୍କ କାର୍ଯ୍ୟ କ୍ଷେତ୍ର ମୂଳ କାର୍ଯ୍ୟ ପର୍ଯ୍ୟନ୍ତ ପହଞ୍ଚିଗଲାଣି । ଉଦାହରଣ ସ୍ୱରୂପ ଏକ ବିଦ୍ୟାଳୟ ନିଜର ବିଦ୍ୟାର୍ଥୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ନିମନ୍ତେ କମ୍ପ୍ୟୁଟର ପ୍ରଶିକ୍ଷଣ ସଂସ୍ଥାର ଏବଂ ବ୍ୟାଙ୍କ ନିଜର ଚେକ୍‌ର ପ୍ରକ୍ରିୟଣ ନିମନ୍ତେ ବାହ୍ୟସ୍ରୋତୀର ସେବା ନେଉଛନ୍ତି ।

ଗ) ବାହ୍ୟସ୍ରୋତୀକରଣର ଦୁଇଟି ସ୍ୱରୂପ ହୋଇଥାଏ । (୧) କୌଣସି ତୃତୀୟ ପକ୍ଷର ବାହ୍ୟସ୍ରୋତୀକରଣ, (୨) ନିଜର ଏକ ସହାୟକ କମ୍ପାନୀ ଠାରୁ ବାହ୍ୟସ୍ରୋତୀକରଣ ଯାହାକି ଏହି ବିଶେଷ କାର୍ଯ୍ୟପାଇଁ ସ୍ଥାପନା କରାଯାଇଛି ।

୪.୧୦.୨ ସେବାର ବାହ୍ୟସ୍ରୋତୀକରଣର ଉପାଦେୟତା :

 କ) ଏହା କୌଣସି ସଂଗଠନକୁ ସେହିକ୍ଷେତ୍ର ଉପରେ ଧ୍ୟାନ ଦେବାକୁ ସୁଯୋଗ ପ୍ରାପ୍ତ ହୋଇଥାଏ ଯେଉଁଥିରେ ସେ ମୂଳରୂପରେ ସକ୍ଷମ ହୋଇଥିବ କିମ୍ବା ଏହାର ସ୍ଥିତି ସୁଦୃଢ଼ ଥିବ । ଏହାଦ୍ୱାରା ସଂଗଠନକୁ ବାରମ୍ବାର କରିବାକୁ ପଡୁଥିବା ନିତିଦିନିଆ କାର୍ଯ୍ୟରୁ ମୁକ୍ତି ମିଳିଥାଏ ।

ଖ) ଏହାଦ୍ୱାରା ସମ୍ବଳର ସୁବିନିଯୋଗ ହୋଇପାରିଥାଏ । ଫଳରେ ପରିଚାଳନ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅଧିକ ଧାନ ଦେଇପାରେ ଏବଂ କାର୍ଯ୍ୟ ଦକ୍ଷତା ହାସଲ କରିହୁଏ ।

ଗ) ଏହା ସଂଗଠନକୁ ପ୍ରତିଯୋଗୀ ମୂଲ୍ୟରେ ବିଶେଷଜ୍ଞ ଏବଂ ବିଶିଷ୍ଟ ସେବା ପ୍ରାପ୍ତ କରିବାକୁ ସହାୟତା କରିଥାଏ । ଫଳରେ ସେବାରେ ସୁଧାର ଏବଂ ଖର୍ଚ୍ଚ କମ୍ ହୋଇଥାଏ । ବି.ପି.ଓ ସଂଗଠନ ପର୍ଯ୍ୟାପ୍ତ ପରିମାଣରେ ସୁଦୃଢ଼ ହୋଇଥାନ୍ତି ଏବଂ ଅଧିକ କୁଶଳ ସେବାପ୍ରଦାନ କରିବାକୁ ସର୍ବଶ୍ରେଷ୍ଠ ଉପାୟ ବାଛିଥାନ୍ତି ।

ଘ) ଏହାଦ୍ୱାରା ବ୍ୟବସାୟର ବିସ୍ତାର ହୋଇଥାଏ କାରଣ ବାହ୍ୟସ୍ରୋତୀକରଣ ଫଳରେ ସଂସାଧନର ସଞ୍ଚୟ, ଉପଯୋଗ, ଉତ୍ପାଦନ କ୍ଷମତା ଏବଂ ଉତ୍ପାଦର ବୃଦ୍ଧି କରିବା ଏବଂ ନୂଆ ବଜାର ଖୋଜିବା କାର୍ଯ୍ୟ କରାଯାଇପାରେ ।

ଙ) ବିତ୍ତୀୟ ଲାଭ ଅତିରିକ୍ତ ବାହ୍ୟସ୍ରୋତୀକରଣରେ ବିଭିନ୍ନ ସଂଗଠନ ନିଜ ନିଜର ଜ୍ଞାନକୁ ପରସ୍ପର ମଧ୍ୟରେ ବାଣ୍ଟିପାରିଥାନ୍ତି ଏବଂ ମିଳିମିଶି କରି ଶିଖିବା ଫଳରେ ନିଜ ନିଜର ସହାୟତା କରିପାରନ୍ତି ।

- ମୂଳ କାର୍ଯ୍ୟକ୍ଷେତ୍ରଉପରେ ଅଧିକ ଧ୍ୟାନ ଦେବା
- ସଂସାଧନ ବା ସମ୍ବଳର କୁଶଳ ଉପଯୋଗ
- ପ୍ରତିଯୋଗୀ ମୂଲ୍ୟରେ ବିଶିଷ୍ଟ ସେବା
- ବ୍ୟବସାୟର ବିସ୍ତାର
- ଜ୍ଞାନର ବଣ୍ଟନ ଏବଂ ମିଳିମିଶି କାମ କରିବାର ଶିକ୍ଷା

୪.୧୦.୩ ବାହ୍ୟସ୍ରୋତୀକରଣର ସୀମିତତା:

କ) ଶ୍ରମସଂଗଠନ ଏହାର ବିରୋଧ କରିପାରନ୍ତି କାରଣ ଛଟେଇ ହେବାର ଭୟର କାରଣ ଏମାନଙ୍କୁ ଭବିଷ୍ୟତ ପାଇଁ ଭୟ ଆଣିଥାଏ ।

ଖ) ବାହ୍ୟସ୍ରୋତୀକରଣ ଫଳରେବହୁତଗୁଡ଼ିଏ ସୂଚନାକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ କରିବାକୁ ପଡ଼ିଥାଏ । ସେଥିପାଇଁ ଗୋପନୀୟତା ହ୍ରାସ ପାଏ । ଏହା ସମ୍ଭବ ହୁଏ ଯେ ଅନ୍ୟ ଲୋକ ସୂଚନାକୁ ପ୍ରତିଯୋଗୀମାନଙ୍କ ପାଖରେ ପହଞ୍ଚାଇ ଦେବ ।

ଗ) ବିଶ୍ୱସ୍ତରରେ ବାହ୍ୟସ୍ରୋତୀକରଣ କାରଣରୁ ଘରୋଇ ଶ୍ରମ ଶକ୍ତିରେ ଇର୍ଷା ଉତ୍ପନ୍ନ ହୋଇଥାଏ କାରଣ ସେମାନଙ୍କ ପ୍ରତିଭାକୁ ପ୍ରତିଯୋଗିତାର ଭୟଥାଏ ।

ଘ) ବାହାର ଲୋକଙ୍କ ସେବା ନେଉଥିବା ସଂଗଠନ ସଂପୃକ୍ତ ସଂସ୍ଥା ଉପରୁ ନିୟନ୍ତ୍ରଣ ହାରାଇବାର ଆଶଙ୍କାଥାଏ । କାରଣ ନିଜ କର୍ମଚାରୀଙ୍କ ତୁଳନାରେ ଅଧିକ ସେବା ପ୍ରଦାନକାରୀଙ୍କୁ ପରିଚାଳନା କରିବା କଠିନ ହୋଇଥାଏ । ଏତିକି ନୁହେଁ ଏଥିରେ ନିପୁଣତାରେ ମଧ୍ୟ ପାର୍ଥକ୍ୟ ଆସେ ଅଥବା ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । କାରଣ ସଂଗଠନ ସେବା ପ୍ରଦାନ କରିବା ବାଲା ଉପରେ ଆଂଶିକ ବା ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଯାଇଥାଏ ।

ବାହ୍ୟସ୍ରୋତୀକରଣ ଉପରୋକ୍ତ ସୀମାକୁ ଦେଖି ଏହା ଆବଶ୍ୟକ ଯେ ବାହ୍ୟସେବା ପ୍ରାପ୍ତ କରୁଥିବା କମ୍ପାନୀମାନେ ଉପଯୁକ୍ତ ପଦକ୍ଷେପ ଉଠାଇ ସେମାନଙ୍କ ତଦାରଖ କରିବା, ସର୍ବଦା ସେବାପ୍ରଦାନକାରୀଙ୍କ ସହିତ ସମ୍ପର୍କ ରକ୍ଷାକରିବା ଏବଂ ଯେଉଁ କାର୍ଯ୍ୟ ଉପରେ ବାହ୍ୟସ୍ରୋତୀକରଣ କରାଯାଇଛି ତାହାଉପରେ ନିୟନ୍ତ୍ରଣ ରଖିବା ଉଚିତ ।

- ଶ୍ରମ ସଂଘଦ୍ୱାରା ବିରୋଧ
- ଗୋପନୀୟତା ହ୍ରାସ
- ଘରୋଇ ଶ୍ରମ ଶକ୍ତି ସହିତ ଇର୍ଷା
- ବାହ୍ୟ ଲୋକମାନଙ୍କ ଉପରେ ନିୟନ୍ତ୍ରଣ ଅସୁବିଧା

ପାଠଗତ ପ୍ରଶ୍ନାବଳୀ ୪ (ଚ)

୧. ସେବାର ବାହ୍ୟସ୍ରୋତୀକରଣ ଅର୍ଥ କ'ଣ ?

____

____

୨. ସେବାଗୁଡ଼ିକୁ ବାହ୍ୟସ୍ରୋତୀକରଣର ଉପାଦେୟତର ଏବଂ ସୀମିତତା ଚିହ୍ନଟ କର ।

କ) ଏଥିରେ ସଂଗଠନମାନଙ୍କ ସହିତ ଜ୍ଞାନ ବାଣ୍ଟିବା ଏବଂ ମିଳିମିଶିକରି କାର୍ଯ୍ୟ ଶିଖିବା ସହଜ ହୋଇଥାଏ ।

ଖ) ଏଥିରେ ଗୋପନୀୟତାରେ ହ୍ରାସ ହୋଇଥାଏ ।

ଗ) ଏହା ସଂଗଠନର ମୂଳ କାର୍ଯ୍ୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସାହାଯ୍ୟ କରିଥାଏ ।

ଘ) ପ୍ରବନ୍ଧକଙ୍କୁ ବାହାର କର୍ମଚାରୀଙ୍କ ଠାରୁ କାମ ଆଦାୟରେ ଅସୁବିଧା ସୃଷ୍ଟି ହୁଏ ।

ଙ) ଏଥିରେ ବିଶିଷ୍ଟ ସେବା ପ୍ରତିଯୋଗୀ ମୂଲ୍ୟ ଉପରେ ପ୍ରାପ୍ତ ହେବାରେ ସହାୟକ ହୋଇଥାଏ ।

୪.୧୧. ତୁମେ କ'ଣ ଶିଖିଲ

- ବସ୍ତୁ ଏବଂ ସେବାର କ୍ରୟ କରିବା ନିମନ୍ତେ ଆମେ ପାଖ ବଜାରକୁ ଯାଇଥାଉ । କିନ୍ତୁ କାଳ୍ପନିକ ବଜାର ମାଧ୍ୟମରେ ବାସ୍ତବିକ୍ ବଜାରକୁ ଯାଇ କ୍ରିୟ-ବିକ୍ରୟ କରାଯାଇପାରେ । ଏହା ସୂଚନ ଏବଂ ପ୍ରତିଯୋଗିତାର ନୂଆ ଟେକ୍‌ନିକର ଉପଯୋଗ କାରଣରୁ ସମ୍ଭବ ହୋଇପାରିଛି ।
- ଇଣ୍ଟରନେଟ୍ କମ୍ପ୍ୟୁଟର ନେଟ୍‌ୱାର୍କର ଏହି ବିଶ୍ୱସ୍ତରୀୟ ପ୍ରଣାଳୀର ଭାଗ ଅଟେ ଯାହା ମାଧ୍ୟମରେ ଯେକୌଣସି କମ୍ପ୍ୟୁଟରର ପ୍ରୟୋଗ କରି ଅନ୍ୟ କମ୍ପ୍ୟୁଟରରୁ ସୂଚନା ପ୍ରାପ୍ତକରିପାରିଥାଏ । ଏହାର ପ୍ରୟୋଗକର୍ତ୍ତା କୌଣସି ବିଷୟରେ ସୂଚନା ପ୍ରାପ୍ତ କରିବା, ସମାଚାର ପତ୍ରର ପଠନ, ଇ-ମେଲ୍‌ର ପ୍ରୟୋଗ କରି ସଂଦେଶର ଆଦାନ-ପ୍ରଦାନ, କଥାବାର୍ତ୍ତା, ବସ୍ତୁ ଏବଂ ପଦାର୍ଥର ମୂଲ୍ୟ ସୂଚନାର ଖୋଜ ତଥା ଅନ୍-ଲାଇନ୍ ବସ୍ତୁର କ୍ରୟ ଆଦିରେ ସହାୟତା ପ୍ରଦାନ କରିଥାଏ ।

- ଇ-କମର୍ସ କମ୍ପ୍ୟୁଟର ଏବଂସେମାନଙ୍କ ସହିତ ଜଡ଼ିତ ଦୂରସଂଚାର ନେଟ୍‌ୱାର୍କର ପ୍ରୟୋଗ କରି ଇଲେକ୍‌ଟ୍ରୋନିକ୍‌ସ ସାଧନର ସହାୟତାରେ ବ୍ୟବସାୟ ଚଳାଇବାର ପ୍ରକ୍ରିୟା ଅଟେ । ଏଥିରେ ବିକ୍ରିର ପ୍ରସ୍ତାବ ଏବଂ ତାହାର ସ୍ୱୀକୃତି ଇଣ୍ଟରନେଟ ମାଧ୍ୟମରେ ଦିଆଯାଇଥାଏ । ଏହାକୁ ଅନ୍-ଲାଇନ୍ ବ୍ୟାପାର କରିବା, ଅନ୍-ଲାଇନ ଖରୀଦ୍ ଏବଂ ଇ-ଖରୀଦଦାରୀ ମଧ୍ୟ କୁହାଯାଏ । ଇ-କମର୍ସ ଦୁଇଟି କମ୍ପାନୀଙ୍କ ମଧ୍ୟରେ ବ୍ୟାବସାୟିକ କାର୍ଯ୍ୟ (B2B), କମ୍ପାନୀ ଏବଂ ତାହାର ଗ୍ରାହକଙ୍କ ମଧ୍ୟରେ (B2C) ଏବଂ ଗ୍ରାହକ ଏବଂ ଅନ୍ୟ ଗ୍ରାହକଙ୍କ ମଧ୍ୟରେ (C2C) ହୋଇଥାଏ ।
- ଇ-ବ୍ୟବସାୟ କେବଳ ନିଜର ଗ୍ରାହକ ଏବଂ ଯୋଗାଣକାରୀଙ୍କ ମଧ୍ୟରେ କଥାବାର୍ତ୍ତାକୁ ସମ୍ଭବ କରିନଥାଏ ବିଭିନ୍ନ ସଂଗଠନର ବିଭିନ୍ନ ବିଭାଗ କିମ୍ବା ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର କଥାବାର୍ତ୍ତା ଏବଂ ଲେଣ୍-ଦେଣ୍‌କୁ ମଧ୍ୟ ସମ୍ଭବ କରିଥାଏ । ଏହିପ୍ରକାର ଇ-ବ୍ୟବସାୟରେ କେବଳ B2B, B2C ଏବଂ C2C ସମ୍ମିଳିତ ହୋଇ ନଥାନ୍ତି, ସେଥିରେ ବିଭିନ୍ନ ସଂଗଠନର ବିଭିନ୍ନ ବିଭାଗ ଏବଂ ବ୍ୟକ୍ତିମାନେ ମଧ୍ୟରେ ପରସ୍ପର କଥାବାର୍ତ୍ତା ଏବଂ ଲେଣ୍-ଦେଣ୍ ସମ୍ମିଳିତ ଅଟେ ।
- ଇ-ବାଣିଜ୍ୟ / ଇ-ବ୍ୟବସାୟର ଲାଭ

  କ) ବ୍ୟାପକ ବିସ୍ତାର

  ଖ) ସଂଶୋଧିତ ଗ୍ରାହକ ସେବା

  ଗ) ନେଣ-ଦେଣରେ ଲାଗୁଥିବା ସମୟରେ ହ୍ରାସ

  ଘ) ଲଗାଣ ସଂଚୟ ଏବଂ ମୂଲ୍ୟ କମ୍

  ଙ) ବ୍ୟବସାୟ ଏବଂ ଲାଭରେ ବୃଦ୍ଧି

  ଚ) ଗ୍ରାହକଙ୍କ ନିମନ୍ତେ ସୁବିଧାଜନକ
- ଇ-ବାଣିଜ୍ୟ/ଇ-ବ୍ୟବସାୟର ସୀମିତତା

  କ) ଗ୍ରାହକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ନଥାଏ

  ଖ) ଗ୍ରାହକ କ୍ରୟ କରୁଥିବା ବସ୍ତୁକୁ ବାସ୍ତବିକ ରୂପରେ ନା ଦେଖିପାରିବ, ନା ଛୁଇଁ ପାରିବ, ନା ତା'ର ପରୀକ୍ଷଣ କରିପାରିବ ।

  ଗ) ବସ୍ତୁକୁ ଅଧିକନ୍ତୁ ଯୋଗାଣରେ ଅଧିକ ସମୟ ଲାଗିଥାଏ ଏବଂ ତାଠାରୁ ମଧ୍ୟ ବିଳମ୍ବ ହୋଇଯାଏ

  ଘ) ଅନ୍-ଲାଇନ୍‌ରେ କ୍ରୟ କରାଯାଇଥିବା ଦୋଷଯୁକ୍ତ ବସ୍ତୁକୁ ଫେରସ୍ତ କରିବାରେ ବଡ଼ ସମସ୍ୟା ହୋଇଥାଏ ଏବଂ ଏଥିରେ ମଧ୍ୟ ଅଧିକ ସମୟ ଲାଗିଥାଏ ।

  ଙ) ଇଣ୍ଟରନେଟ୍ ମାଧ୍ୟମରେ ଖରୀଦଦାରୀରେ ସେ ଆନନ୍ଦମିଳେନାହିଁ ଯାହା ପରିବାର ଏବଂ ମିତ୍ରଙ୍କ ସହିତ ଖରୀଦଦାରୀରେ ମିଳିଥାଏ ।

  ଚ) ଅନ୍-ଲାଇନ୍ ଖରୀଦ ଦାରୀରେ ଅନେକ ଆଶଙ୍କା ରହିଥାଏ ଯେଉଁଥିରେ ନେଣ୍-ଦେଣ୍ ସମ୍ବନ୍ଧିତ ବିଭିନ୍ନ ପକ୍ଷର ବିତ୍ତୀୟ ହାନି, ମହତ୍ତ୍ୱହାନି, ଏବଂ ମନୋବୈଜ୍ଞାନିକ ହାନି ହୋଇପାରେ ।

ସଉଦାର ପ୍ରକ୍ରିୟା

ଖୋଜ → ଆଦେଶ → ପୈଠ → ଯୋଗାଣ → ବିକ୍ରୟ ପରବର୍ତ୍ତୀ ସେବା

ସୁରକ୍ଷା ନିମନ୍ତେ ସାବଧାନତା

କ) ସଂକେତ / ଚିହ୍ନଟ ଶବ୍ଦଦ୍ୱାରା ସୁରକ୍ଷା

ଖ) ଅଫ ଲାଇନ୍ ବୈଧିକରଣର ପରୀକ୍ଷା

ଗ) ସୂଚନାକୁ ସାଂକେତିକ ଭାଷାରେ ପରିବର୍ତ୍ତନକରିବା ଯେଉଁଥିରେ ଅନ୍ୟ କୌଣସି ଉପଯୋଗକର୍ତ୍ତା ତାହାକୁ ପଢ଼ି ପାରିବେ ନାହିଁ ।

ଘ) ସଂଦେଶ ପ୍ରେରକର ପ୍ରାମାଣିକତା ନିମନ୍ତେ ଡିଜିଟାଲ ହସ୍ତାକ୍ଷରର ପ୍ରୟୋଗ

ଙ) ନେଣ୍-ଦେଣ୍‌ର ନକଲକୁ ଅନ୍ୟଜଣଙ୍କ ଉପରେ ବିଶ୍ୱାସଯୋଗୀ ତୃତୀୟପକ୍ଷର ସ୍ଥାପନା

- ଇ-ବାଣିଜ୍ୟର ଉପଯୋଗୀ

  କ) ଇ-ବ୍ୟାଙ୍କିଙ୍ଗ

  ଖ) ଇ-ଟିକେଟ

  ଗ) ଇ-ବିଜ୍ଞାପନ

  ଘ) ଇ-ବ୍ୟାପାର

  ଙ) ଇ-ପୋଷ୍ଟ

- ବାହ୍ୟସ୍ରୋତୀକରଣ ପରିଚାଳନ ଏକ ରଣନୀତି ଅଟେ ଯାହା ଅନୁସାରେ ଏକ ସଂଗଠନ ନିଜର ପ୍ରମୁଖ/ମୂଳ କାର୍ଯ୍ୟକୁ ଛାଡ଼ି ଅନ୍ୟ କାର୍ଯ୍ୟ କରିବା ପାଇଁ ବିଶେଷ ସେବାପ୍ରଦାନ କରିବା ବାଲାକୁ ଠିକା ଦେଇଥାଏ ଯେଉଁଥିରେକି ତାହାର ବିଶିଷ୍ଟତା, ଲଗାଣରେ ହ୍ରାସ ଏବଂ କୁଶଳତାର ଲାଭ ଉଠାଯାଇଥାଏ । ଏହାଦ୍ୱାରା ପରିଚାଳକ ନିଜର ମୁଖ୍ୟ/ମୂଳ କାର୍ଯ୍ୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରିଥାଏ ।

୪.୧୨ ମୁଖ୍ୟ ଶବ୍ଦ

ଏ.ଟି.ଏମ୍	ଇ-ବ୍ୟବସାୟ	ଇଣ୍ଟରନେଟ୍
ଇ-ବାଣିଜ୍ୟ	ଇ-ଟିକେଟିଙ୍ଗ୍	ବ୍ୟବସାୟ ପ୍ରକ୍ରିୟା
ଇ-ପୋଷ୍ଟ/ମେଲ୍	ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍	ବାହ୍ୟସ୍ରୋତୀକରଣ
ମୋବାଇଲ ବ୍ୟାଙ୍କିଙ୍ଗ୍	ଡେବିଟ୍ କାର୍ଡ (ଜମାକାର୍ଡ)	କ୍ରେଡ଼ିଟ୍ କାର୍ଡ (ନାମକାର୍ଡ)
ଇ-ବ୍ୟାଙ୍କିଙ୍ଗ୍	ଇ-ବ୍ୟାପାର	ଟେଲିବ୍ୟାଙ୍କିଙ୍ଗ୍

୪.୧୩ ପାଠାନ୍ତ ପ୍ରଶ୍ନାବଳୀ

ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୧. ଇ-କମର୍ସ ଶବ୍ଦର ଅର୍ଥ ପ୍ରକାଶ କର

୨. ଅନ୍‌ଲାଇନ୍ ନେଣ୍-ଦେଣ୍ କରିବା ସମୟରେ ପ୍ରୟୋଗରେ ଆସୁଥିବା ଯେକୌଣସି ଦୁଇଟି ସାବଧାନିକତାର ଉଲ୍ଲେଖକର

୩. ସେବା ଏବଂ ବାହ୍ୟସ୍ରୋତୀକରଣର କୌଣସି ଦୁଇଟି ଲାଭ ବିଷୟରେ ଲେଖ

୪. ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌ର ଅର୍ଥ କ'ଣ ?

୫. B2C ଇ-କମର୍ସର ଅର୍ଥ ଲେଖ ।

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬. ଦୈନନ୍ଦିନ ଜୀବନରେ ଇଣ୍ଟରନେଟ୍‌ର କୌଣସି ଚାରୋଟି ଉପଯୋଗିତାର ଉଲ୍ଲେଖ କର ।

୭. ଇ-ବ୍ୟବସାୟ ଏବଂ ଇ-ବାଣିଜ୍ୟରେ ପାର୍ଥକ୍ୟ ଦର୍ଶାଅ ।

୮. ଇ-ବାଣିଜ୍ୟର କୌଣସି ଚାରୋଟି ସୀମିତତା ଲେଖ ।

୯. ଡେବିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୧୦. ଜନସାଧାରଣଙ୍କ ନିମନ୍ତେ ଇ-ପୋଷ୍ଟ୍‌ର ଉପଯୋଗୀତା ବର୍ଣ୍ଣନା କର ।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ:

୧୧. ଇ-କମର୍ସର ଲାଭକୁ ବୁଝାଅ ।

୧୨. ଇ-କମର୍ସରେ ନେଣ-ଦେଣର ପ୍ରକ୍ରିୟାର ବର୍ଣ୍ଣନା କର ।

୧୩. ଇ-ବ୍ୟାଙ୍କିଙ୍ଗ୍‌ର ଅନ୍ତର୍ଗତ ବ୍ୟାଙ୍କିଙ୍ଗ୍ ସେବାର ଯେକୌଣସି ଚାରୋଟି ନୂଆ ପ୍ରକାରକୁ ପ୍ରକାଶ କର ।

୧୪. ସେବାର ବାହ୍ୟସ୍ରୋତୀକରଣର ଅର୍ଥ କ'ଣ ? ଏହାର ବିଶେଷତ୍ୱକୁ ବର୍ଣ୍ଣନା କର ।

୧୫. ଇ-ବ୍ୟାଙ୍କିଙ୍ଗ୍‌ର ଅର୍ଥ ଲେଖ ? ଇ-ବ୍ୟାଙ୍କିଙ୍ଗ୍‌ର କୌଣସି ଦୁଇଟି ପଦ୍ଧତିକୁ ବର୍ଣ୍ଣନା କର ।

୪.୧୪. ପାଠଗତ ପ୍ରଶ୍ନାବଳୀର ଉତ୍ତର

୪.(କ)

୧) ଇଣ୍ଟରନେଟ୍ କମ୍ପ୍ୟୁଟର ନେଟୱାର୍କର ବିଶ୍ୱସ୍ତରୀୟ ପ୍ରଣାଳୀ ଯାହା ମାଧ୍ୟମରେ କୌଣସି କମ୍ପ୍ୟୁଟରକୁ ଉପଯୋଗ କରି ଅନ୍ୟ କୌଣସି କମ୍ପ୍ୟୁଟର ଥିବା ସୂଚନାକୁ ପ୍ରାପ୍ତ କରି ପାରିବା ।

୨(କ) www ୱାର୍ଲଡ ୱାଇଡ ୱେବ (ଖ) B2B ବ୍ୟବସାୟ ଏବଂ ବ୍ୟବସାୟଙ୍କ ମଧ୍ୟରେ (ଗ) B2C ବ୍ୟବସାୟ ଏବଂ ଉପଭୋକ୍ତାଙ୍କ ମଧ୍ୟରେ । (ଘ) C2C ଉପଭୋକ୍ତା ଏବଂ ଉପଭୋକ୍ତାଙ୍କ ମଧ୍ୟରେ ।

୪(ଖ)

୧. ଇଣ୍ଟ୍ରା ବି-କମର୍ସ ଫାର୍ମ ଭିତର କମ୍ପ୍ୟୁଟରରେ ପାରସ୍ପରିକ ରୂପେ ଜଡ଼ିତ ଦୂରସଂଚାର ନେଟୱାର୍କର ସହାୟତାରେ ସଂଗଠନର ବିଭିନ୍ନ ବିଭାଗ ଏବଂ ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର କଥାବାର୍ତ୍ତା ଏବଂ ନେଣ-ଦେଣକୁ କୁହାଯାଏ ।

୨) (କ) ଉପଯୁକ୍ତ ସଂସ୍ଥାନର ଅଭାବ

(ଖ) ଯୋଗାଣ ଏବଂ ଅର୍ଥ ପୈଠରେ ଜଡ଼ିତ ସମସ୍ୟା

(ଗ) ସାଇବର କାନୁନର ଅନୁପସ୍ଥିତି



ଟିପ୍ପଣୀ

୩) ଉପାଦେୟତା, (ଖ), (ଗ), (ଘ), ସୀମିତତା, (କ), (ଙ)

୪ (ଗ)

୧) କ) କ୍ରେଡିଟ୍‌କାର୍ଡ, (ଖ) ଡେବିଟ୍‌କାର୍ଡ, (ଗ) ଷ୍ଟୋର୍ସ ମୂଲ୍ୟକାର୍ଡ (ଭାଲ୍ୟୁକାର୍ଡ), (ଘ) ଚେକ୍

୨) (ଘ), (କ), (ଗ), (ଖ), (ଙ)

୪ (ଘ)

୧) କ) ଯେ କୌଣସି ସମୟରେ ଧନରାଶିକୁ ଜମା କରିବା ଏବଂ କାଢ଼ିବାର ସୁବିଧା

ଖ) ବ୍ୟାଙ୍କ୍‌ର ଶେଷରାଶି ବିଷୟରେ ଜାଣିବା ପାଇଁ ବ୍ୟାଙ୍କ ଯିବା ଦରକାର ନାହିଁ ।

ଗ) ଗ୍ରାହକ ଦ୍ୱାରା ବ୍ୟାଙ୍କରେ ହୋଇଥିବା ଲେଣ-ଦେଣର ଲଘୁ ବିବରଣୀ ପ୍ରାପ୍ତ କରିବା ସରଳ ।

୨) (କ) କ୍ରେଡିଟ୍ କାର୍ଡ, (ଖ) ଏ.ଟି.ଏମ୍ କାର୍ଡ, (ଗ) ଟେଲିବ୍ୟାଙ୍କିଙ୍ଗ, (ଘ) ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍

୪ (ଙ)

୧) ଇ-ପୋଷ୍ଟ ଡାକଘର ଦ୍ୱାରା ପ୍ରଦତ୍ତ ସେବା ଯାହାଦ୍ୱାରା ଅଙ୍କିତ କିମ୍ବା ହସ୍ତଲିଖିତ ସଂନ୍ଦେଶ ଇ-ମେଲ ଅଥବା ଇଣ୍ଟରନେଟ୍‌ର ମାଧ୍ୟମରେ ପ୍ରସାରିତ କରାଯାଇଥାଏ ।

ଏହି ସଂଦେଶ ପ୍ରିଣ୍ଟରଦ୍ୱାରା ଛପାହୋଇ ଡାକବାଲା ସହାୟତାରେ ଗ୍ରାହକ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇଥାଏ ।

୨) କ) ଷ୍ଟକ ଏକ୍‌ସଚେଞ୍ଜରେ ଇ-ବ୍ୟାପାର, ସେୟାର ଅନ୍-ଲାଇନ୍ କ୍ରୟ-ବିକ୍ରୟ

ଖ) ଡାକ ପଠାଇବା କିମ୍ବା ଏହି ପ୍ରକ୍ରିୟାର କମ୍ପ୍ୟୁଟରୀକରଣ

ଗ) ଇ-ପୋଷ୍ଟ୍

ଘ) ଇ-ଟିକେଟ୍

୪ (ଚ)

୧) ବାହ୍ୟସ୍ରୋତୀକରଣ ପ୍ରବନ୍ଧ ଏକ ରଣନୀତି ଅଟେ ଯାହାଦ୍ୱାରା ଏକ ସଂଗଠନ ନିଜର କିଛି କାର୍ଯ୍ୟ କରିବା ନିମନ୍ତେ ବିଶେଷ ସେବା ପ୍ରଦାନ କରିବାକୁ ଠିକା ଦେଇଥାଆନ୍ତି ।

୨) ଲାଭ - (କ), (ଗ), (ଙ) ସୀମା - (ଖ), (ଘ)

କର ଏବଂ ଶିଖ

ତୁମର ନିକଟବର୍ତ୍ତୀ ଏକ ଡାକଘରକୁ ଯାଅ । ସେମାନଙ୍କଦ୍ୱାରା ଇଲେକ୍‌ଟ୍ରୋନିକ୍ ଏବଂ କମ୍ପ୍ୟୁଟର ମାଧ୍ୟମରେ ଦିଆଯାଉଥିବା ସମସ୍ତ ସେବାର ଅନୁଧ୍ୟାନ କର । ଏହି ସେବା ଏବଂ ତାର ବିଶେଷତାଗୁଡ଼ିକର ତାଲିକା କର ।

ଅଭିନୟନ

ଶ୍ରୀ ଏ. ରେଡ୍ଡୀ ୭୦ ବର୍ଷର ଜଣେ ବୃଦ୍ଧ ଅଟନ୍ତି । ସେ ନିଜର ଦୈନନ୍ଦିନ କାମକୁ ତତ୍ପରତା ସହିତ କରି ପ୍ରସ୍ତୁତ ହେଉଥିଲେ । ତାଙ୍କ ନାତି ସତୀଶ ଯିଏକି ଭାରତୀୟ ଷ୍ଟେଟବ୍ୟାଙ୍କର ଅଧିକାରୀ ଅଛନ୍ତି ସେ ସମସ୍ତ କାର୍ଯ୍ୟକୁ ଚୁପ୍‌ଚାପ ଦେଖୁଥିଲେ ।

ଏ.ରେଡ୍ଡୀ - ସତୀଶ, ଦେଖିଲ ମୋ ଜଳଖିଆ ପ୍ରସ୍ତୁତ ହୋଇଛି ?

ସତୀଶ- ଆଚ୍ଛା, ଜେଜେ ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ? ଏପରି ଲାଗୁଛି ଆପଣ ବହୁତ ଜଲ୍‌ଦିରେ ଅଛନ୍ତି ।

ଏ.ରେଡ୍ଡୀ- ଆଜି ମୋତେ ବହୁତ କାମ କରିବାକୁ ଅଛି । ଏଥିରେ ପୁରାଦିନ ଲାଗିପାରେ । ପ୍ରଥମେ ମୋତେ ମୋ ଭାଇ ପାଖକୁ ମୁମ୍ବେଇ ଯିବାକୁ ରେଲଟିକେଟ୍ ବୁକ୍ କରିବାକୁ ଯିବାକୁ ହେବ, ତାପରେ ୧୦,୦୦୦ ଟଙ୍କା କାଢ଼ିବା ପାଇଁ ବ୍ୟାଙ୍କ ଯିବାକୁ ପଡ଼ିବ ଏବଂ ତାପରେ ବେଙ୍ଗାଲୁରୁରେ ରହୁଥିବା ଭଉଣୀ ପାଖକୁ ମନଅର୍ଡର ପଠାଇବାକୁ ଡାକଘର ମଧ୍ୟ ଯିବାକୁ ହେବ । ଏହାସବୁ କରି ଘରକୁ ଫେରିବି । ବୁଝ୍ ଗୋଟିଏ ଦିନରେ କେତେ କାମ ?

ସତୀଶ- ଆଜ୍ଞା, ମୁଁ ବୁଝିଗଲି ଯେ ଆପଣ ଏତେ ଚିନ୍ତିତ କାହିଁକି ?

ଏ.ରେଡ୍ଡୀ- ତୁମେ ତ ଜାଣିଛ ଯେ ରେଲୱେ ବୁକିଙ୍ଗ୍ କରିବା ପାଇଁ କାଉଣ୍ଟରରେ କେତେ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼େ । କମ୍ ସେ କମ୍ ଦୁଇ ଘଣ୍ଟା ସେଥିରେ ଲାଗିଯିବ । ପୁଣି ଅନ୍ୟ କାମ ପାଇଁ ସମୟ କେତେ ରହିବ ?

ସତୀଶ- ଜେଜେ, ଆପଣ ବର୍ତ୍ତମାନ ବି ପୁରୁଣା ସମୟରେ ରହିଅଛନ୍ତି । ଏବେ ସମୟ ବହୁତ ବଦଳିଗଲାଣି । କ'ଣ ଆପଣ ଇ-ଟିକେଟ୍, ଇ-ବ୍ୟାଙ୍କିଙ୍ଗ୍ ଆଦି ବିଷୟରେ ଶୁଣିନାହାନ୍ତି ?

ଏ.ରେଡ୍ଡୀ- ଇ-ବ୍ୟାଙ୍କିଙ୍ଗ୍, ଇ-ଟିକେଟ କ'ଣ ?

ସତୀଶ- ଜେଜେ, ଏହା ବ୍ୟାବସାୟିକ କ୍ରିୟାର ନୂଆ ମାଧ୍ୟମ ଅଟେ । ଏବେ ଆପଣଙ୍କୁ ଟିକେଟ୍ ବୁକ୍ କରିବା ପାଇଁ ଲମ୍ବାଧାଡ଼ିରେ ଠିଆ ହୋଇ ଝାଳବୁହାଇବାର ଆବଶ୍ୟକତା ନାହିଁ । ନା ଆପଣଙ୍କୁ ଟଙ୍କା ପଇସା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ଆଶଙ୍କା ଉପୁଯାଇବାର ଆବଶ୍ୟକ ରହିଛି ।

(ସତୀଶ ଏହିସବୁ ମାଧ୍ୟମ ଗୁଡ଼ିକୁ ଜେଜେଙ୍କୁ ବୁଝାଉଛି । ଗୋଟିଏ ଭୂମିକାରେ ତୁମେ ତୁମ ନିଜକୁ ରଖ ଏବଂ ଅନ୍ୟ ଭୂମିକାରେ ତୁମ ସାଙ୍ଗକୁ ରଖି କଥାବାର୍ତ୍ତାକୁ ଆଗକୁ ବଢ଼ାଅ ।)



ଟିପ୍ପଣୀ

ଅଧ୍ୟାୟର ଏକ ଦୃଷ୍ଟିପାତ

୪.୧ ବ୍ୟବସାୟର ମାଧ୍ୟମ
୪.୨ ଇଣ୍ଟରନେଟ୍
୪.୩ ଇଲେକଟ୍ରୋନିକ୍ କମର୍ସ
୪.୪ ଇଲେକ୍‌ଟ୍ରୋନିକ୍ ବ୍ୟବସାୟ
୪.୫ ଇ-କମର୍ସ/ଇ-ବ୍ୟବସାୟର ଲାଭ
୪.୬ ଇ-କମର୍ସ/ଇ-ବ୍ୟବସାୟର ସୀମା
୪.୭ ସଉଦାର ପ୍ରକ୍ରିୟା
୪.୮ ସୁରକ୍ଷା ନିମନ୍ତେ ସାବଧାନତା
୪.୯ ଇ-କମର୍ସର ଉପଯୋଗର କ୍ଷେତ୍ର
  ୪.୯.୧ ଇ-ବ୍ୟାଙ୍କିଙ୍ଗ୍
  ୪.୯.୨. ଇ-ଟିକେଟ୍
  ୪.୯.୩ ଇ-ବିଜ୍ଞାପନ
  ୪.୯.୪ ଷ୍ଟକ ଏକ୍‌ସଚେଞ୍ଜରେଇ-ବ୍ୟାପାର
  ୪.୯.୫ ଡାକ ପ୍ରେରଣ ଏବଂ ଏହାର ପ୍ରକ୍ରିୟାର କମ୍ପ୍ୟୁଟରୀକରଣ
  ୪.୯.୬ ଇ-ପୋଷ୍ଟ
୪.୧୦ ସେବା ଏବଂ ବାହ୍ୟସ୍ରୋତୀକରଣ
  ୪.୧୦.୧ ସେବା ଏବଂ ବାହ୍ୟସ୍ରୋତୀକରଣର ବିଶେଷତ୍ୱ
  ୪.୧୦.୨ ସେବା ଏବଂ ବାହ୍ୟସ୍ରୋତୀକରଣର ଲାଭ
  ୪.୧୦.୩ ସେବା ଏବଂବାହ୍ୟସ୍ରୋତୀକରଣର ସୀମା

ଟିପ୍ପଣୀ

୫

ବ୍ୟାବସାୟିକ ସଂଗଠନର ପ୍ରକାର

ତୁମେ ପୂର୍ବ ପାଠରେ ବ୍ୟବସାୟ, ଏହାର ମହତ୍ତ୍ୱ ଏବଂଏହାର କ୍ରିୟାର ବର୍ଗୀକରଣ ବିଷୟରେ ପଢ଼ିଛ । ତୁମେ ଏହା ଜାଣିଛ ଭିନ୍ନ ଭିନ୍ନ ପରିଚାଳନ ଏବଂ ମାଲିକାନାରେ ଥିବା ବ୍ୟବସାୟ ସଂଗଠନରେ ବ୍ୟକ୍ତିମାନେ ଏହି କାମ ସଂଗଠିତ ଭାବେ କରିଥାନ୍ତି । ଏକ ବ୍ୟବସାୟର ମାଲିକାନା ଜଣକ ହାତରେ ବା ଏକାଧିକ ବ୍ୟକ୍ତିଙ୍କ ହାତରେ ଥାଏ । ଏଣୁ ମାଲିକାନା ଆଧାରରେ ବ୍ୟାବସାୟିକ ସଂଗଠନ ଭିନ୍ନ ଭିନ୍ନ ପ୍ରକାରର ଅଟେ । ସେଗୁଡ଼ିକ ହେଲା, ଏକକ ମାଲିକାନା ବ୍ୟବସାୟ, ଭାଗିଦାରୀ ଫାର୍ମ ଏବଂ ଯୌଥ ଉଦ୍ୟୋଗ । ଏହି ପାଠରେ ତୁମେ ଯୌଥ ଉଦ୍ୟୋଗକୁ ଛାଡ଼ି ବିଭିନ୍ନ ପ୍ରକାର ବ୍ୟବସାୟ ସଂଗଠନ ଓ ଏହାର ବିଶେଷତ୍ୱ, ଉପାଦେୟତା, ସୀମିତତା, ଉପଯୁକ୍ତତା ଏବଂ ସେସବୁ ଗଠନର ବିଭିନ୍ନ ସୋପାନ ବିଷୟରେ ଜାଣିବ ।

ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ, ତୁମେ:

- ବ୍ୟାବସାୟିକ ପ୍ରକ୍ରିୟାର ଅବଧାରଣ ବର୍ଣ୍ଣନା କରିପାରିବ;
- ଏକକ ମାଲିକାନା, ଭାଗିଦାରୀ, ସଂଯୁକ୍ତ (ଯୌଥ) ହିନ୍ଦୁ ପରିବାର ବ୍ୟବସାୟ ଏବଂ ସମବାୟ ସମିତି ଆଦି ବିଭିନ୍ନ ବ୍ୟବସାୟ ସଂଗଠନର ଅର୍ଥ ଏବଂ ସେଗୁଡ଼ିକର ବିଶେଷତା ବର୍ଣ୍ଣନା କରିପାରିବ;
- ଏହି ବ୍ୟାବସାୟିକ ସଂଗଠନର ଗୁଣ ଏବଂ ସୀମିତତାକୁ ଚିହ୍ନିପାରିବ;
- ଏହି ବ୍ୟାବସାୟିକ ପ୍ରକ୍ରିୟାର ଉପଯୁକ୍ତତାକୁ ବର୍ଣ୍ଣନା କରିପାରିବ;
- ଏହି ବ୍ୟାବସାୟିକ ସଂଗଠନର ସ୍ଥାପନା ପ୍ରକ୍ରିୟା ନିମନ୍ତେ ଆବଶ୍ୟକୀୟ ସ୍ତରର ବାଖ୍ୟା କରିପାରିବ ।

୫.୧ ବ୍ୟାବସାୟିକ ସଂଗଠନ

ତୁମେ ବ୍ୟବସାୟର ଅର୍ଥ ଏବଂ ବିଭିନ୍ନ ପ୍ରକାର ବ୍ୟାବସାୟିକ କାର୍ଯ୍ୟକଳାପ ଯେପରି ଉଦ୍ୟୋଗ, ବ୍ୟାପାର, ଯାତାୟାତ, ବ୍ୟାଙ୍କିଙ୍ଗ୍ ଏବଂ ବୀମା ଆଦି ବିଷୟରେ ପ୍ରଥମରୁ ଜାଣିସାରିଛ । ଏଥିରୁ ସୁସ୍ପଷ୍ଟ ଯେ କୌଣସି ବ୍ୟବସାୟକୁ ସଫଳତା ପୂର୍ବକ ଚଳାଇବା ପାଇଁ ବ୍ୟବସାୟର ବିଭିନ୍ନ ସଂସାଧନ ଯଥା: ଶ୍ରମିକ, ଧନ, ସାମଗ୍ରୀ, ମେସିନ୍ ଏବଂ ଟେକ୍‌ନିକ୍ ଆଦିକୁ ଏକତ୍ରୀତ କରିବାକୁ ପଡ଼ିଥାଏ । କେବଳ ଏକତ୍ରୀତ କରିବା ଯଥେଷ୍ଟ ନୁହେଁ ଏହାର ଉଦ୍ଦେଶ୍ୟକୁ ହାସଲକରିବା ନିମନ୍ତେ ସେଗୁଡ଼ିକ ବ୍ୟବସ୍ଥିତ ପ୍ରଣାଳୀରେ ଉପଯୋଗ କରିବାକୁ ପଡ଼ିଥାଏ ।

ଆସ, ଗୋଟିଏ ଚାଉଳ ମିଲ୍‌ର ଉଦାହରଣ ନେବା । ପ୍ରଥମେ ମାଲିକକୁ ଜମି ଖରୀଦ କରି ତା ଉପରେଏକ ଘର ତିଆରି କରିବାକୁ ପଡ଼ିଥାଏ । ମେସିନ୍‌ରେ କାମକରିବାକୁ ଶ୍ରମିକ ସଂଗ୍ରହ କରିବାକୁ ପଡ଼େ, ପୁଣି ଧାନ କିଣିବାକୁ ପଡ଼ିଥାଏ ଏବଂ ତା ପରେ ଧାନରୁ ଚାଉଳ ବାହାରକରି ଗ୍ରାହକଙ୍କୁ ବିକ୍ରି କରାଯାଏ । ଏହିପରି ଧାନରୁ ଚାଉଳ ବାହାର କରିବାକୁ ତୁମକୁ ଭୂମି, ଘର, ମେସିନ୍ ଏବଂ ଶ୍ରମିକ ଆଦି ସଂସାଧନ ଏକାଠି କରିବାକୁ ପଡ଼ିବ । ଏହି ସଂସାଧନଗୁଡ଼ିକୁ ବ୍ୟବସ୍ଥିତ ପ୍ରଣାଳୀରେ ଲଗାଇ କାର୍ଯ୍ୟର ରୂପ ଦିଆଯାଏ, ତାପରେ ଯାଇ ଚାଉଳର ଉତ୍ପାଦନ ସମ୍ଭବ ହୋଇଥାଏ । ଯାହା ଗ୍ରାହକଙ୍କୁ ବିକ୍ରିକରି ଲାଭ ଅର୍ଜନ କରାଯାଇ ପାରିବ ।

ଏଣୁ କୌଣସି ବ୍ୟବସାୟକୁ ଚଳାଇବା ଏବଂ ସେଥିରୁ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟକୁ ପୂରା କରିବା ପାଇଁ ସମସ୍ତ ସଂସାଧନକୁ ଏକତ୍ରୀତକରି ବ୍ୟବସ୍ଥିତ ଭାବରେ ଉପଯୋଗ କରିବା ଆବଶ୍ୟକ ହୁଏ । ଏହିସବୁ କ୍ରିୟାର ସମନ୍ୱୟ ଏବଂ ନିୟନ୍ତ୍ରଣ ଜରୁରୀ ଅଟେ । ଏହି ସମସ୍ତ ବ୍ୟବସ୍ଥାକୁ ବ୍ୟାବସାୟିକ ସଂଗଠନ କୁହାଯାଏ ।

୫.୨ ବ୍ୟାବସାୟିକ ସଂଗଠନର ପ୍ରକାର

କୌଣସି ବ୍ୟବସାୟ ବିଷୟରେ କେବେ ତୁମେ ଚିନ୍ତା କରିଛ କି, ଲାଭ ପାଇବା ପାଇଁ କିଏ ଏଥିରେ ପୁଞ୍ଜି ଲଗାନ୍ତି, ସାଧନଗୁଡ଼ିକୁ ଏକାଠି କରି ସେଗୁଡ଼ିକ ବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ କରିଥାନ୍ତି ? କିଏ ତାକୁ ବ୍ୟବସ୍ଥିତ ଭାବରେ ଲଗାଇଛନ୍ତି । ସମନ୍ୱୟ ଏବଂ ନିୟନ୍ତ୍ରଣ କରିଛନ୍ତି ? ତୁମେ ଯଦି ତୁମ ପାଖ ତେଜରାତି ଦୋକାନକୁ ଦେଖିବ ତେବେ ସେଠାରେ ମାଲିକ ଜଣେବ୍ୟକ୍ତି ହୋଇଥାଏ । ସେ ଏହାକୁ ଚଳାଇଥାଏ ଏବଂ ସମସ୍ତ ଆବଶ୍ୟକୀୟ କାମ ନିଜେ କରିଥାଏ । କିନ୍ତୁ ବଡ଼ ବ୍ୟବସାୟରେ ଜଣେ ବ୍ୟକ୍ତି ସବୁ କାମକରିପାରିବା ସମ୍ଭବ ନୁହେଁ । ଅତଏବ ଏହିପ୍ରକାର ବ୍ୟବସାୟ ଦୁଇ ବା ତତୋଧିକ ବ୍ୟକ୍ତି ମିଶିକରି ପୁଞ୍ଜି ଖଟାଇଥାନ୍ତି ଏବଂ ବ୍ୟବସାୟର ପରିଚାଳନ କରିଥାନ୍ତି ଏବଂ ଚୁକ୍ତି ଅନୁସାରେ ଲାଭ ବାଣ୍ଟିକରି ନେଇଥାନ୍ତି । ଏହିପରି ବ୍ୟାବସାୟିକ ସଂଗଠନର ମାଲିକ ଏବଂ ପରିଚାଳକ ଜଣେ ବ୍ୟକ୍ତି ମଧ୍ୟ ହୋଇପାରେ, କିମ୍ବା କେତକ ବ୍ୟକ୍ତି ମିଶିକରି ଭାଗିଦାରୀ ଉଦ୍ୟୋଗ କିମ୍ବା ଯୌଥ ଉଦ୍ୟୋଗ ମଧ୍ୟ କରିପାରନ୍ତି । ଅତଏବ ଭାରତରେ ଏକ ବ୍ୟାବସାୟିକ ସଂଗଠନ ସାଧାରଣତଃ ନିମ୍ନ ପ୍ରକାରର ହୋଇଥାଏ ।

୧) ଏକକ ମାଲିକାନା
୨) ଭାଗିଦାରୀ
୩) ସଂଯୁକ୍ତ (ଯୌଥ) ହିନ୍ଦୁପରିବାର
୪) ସମବାୟ ସମିତି
୫) ଯୌଥ ଉଦ୍ୟୋଗ

ଆସନ୍ତୁ ଏବେ ଏହି ବ୍ୟାବସାୟିକ ସଂଗଠନର ପ୍ରକାର ବିଷୟରେ ଜାଣିବା । ଯୌଥ ଉଦ୍ୟୋଗ ବିଷୟରେ ପର ପାଠରେ ବର୍ଣ୍ଣନା କରାଯିବ ।

୫.୩ ଏକକ ମାଲିକାନା

ଗୋପାଳ ସ୍ଥାନୀୟ ବଜାରରେ ଏକ ତେଜରାତି ଦୋକାନ ଚଳାଇଥାଏ । ସେ ପାଇକାରୀ ବଜାରରୁ ସାମଗ୍ରୀ କ୍ରୟକରି ଗ୍ରାହକଙ୍କୁ ସେମାନଙ୍କର ଆବଶ୍ୟକତା ଅନୁସାରେ ବିକ୍ରି କରିଥାଏ । ଏପରି କରି ସେ କିଛି ଲାଭ ପାଇଥାଏ । ସେ ଦୁଇ ବର୍ଷ ପୂର୍ବେ ଏକ ଲକ୍ଷ ଟଙ୍କା ପୁଞ୍ଜି ଲଗାଇ ନିଜର ବ୍ୟବସାୟ

ଆରମ୍ଭ କରିଥିଲା । ସେହି ପୁଞ୍ଜିକୁ ସେ ତାର ବନ୍ଧୁଙ୍କଠାରୁ ଉଧାର ନେଇଥିଲା । ଆଜି ସେ ନିଜର ବ୍ୟବସାୟକୁ ସଫଳତାପୂର୍ବକ ଚଳାଇ ଉତ୍ତମ ଲାଭ ପାଇପାରୁଛି । ତା ସହିତ ଉଧାର ମଧ୍ୟ ଶୁଝି ଦେଉଛି । ସେ ଦୋକାନରେ କାମ କରିବା ପାଇଁ ଦୁଇଜଣ କର୍ମଚାରୀ ମଧ୍ୟ ରଖିଅଛି । ଗୋପାଳ ଅନୁସାରେ ସେ ଏକକ ମାଲିକାନା ବ୍ୟବସାୟର ସ୍ୱାମୀ ବା ମାଲିକ ଅଟେ ।

କ'ଣ ତୁମେ ଏହି କଥାରେ ସହମତ ଅଟ ? ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଆସ ଏକକ ମାଲିକାନା ବ୍ୟବସାୟର ପ୍ରକୃତି ବିଷୟରେ ଜାଣିବା ।

'ଏକକ' ଶବ୍ଦର ଅଭିପ୍ରାୟ ଜଣେ ଏବଂ 'ମାଲିକାନା'ର ଅର୍ଥ ମାଲିକ ଅଟେ । ଏହାର ଅର୍ଥ ହେଉଛି ବ୍ୟବସାୟ ଏପରି ପ୍ରକାର ଯାହାର ମାଲିକ ଜଣେ ବ୍ୟକ୍ତି, ଏହାର ପରିଚାଳନ ସେ ଏକାକୀ କରିଥାନ୍ତି ଏବଂ ସେଥିରୁ ସେ ଲାଭ ପାଇଥାନ୍ତି ଏବଂ କ୍ଷତି ମଧ୍ୟ ସ୍ୱୟଂବହନ କରିଥାନ୍ତି । ଏହାକୁ 'ଏକକ ମାଲିକାନା' (ଏକ ସ୍ୱତ୍ତ୍ୱାଧିକାର ବ୍ୟବସାୟ) ବ୍ୟବସାୟ କୁହାଯାଏ ।

ଗୋପାଳ ଠିକ୍ ଏପରି ହିଁ କରିଥାଏ । ଅତଃ ତୁମେ କହିପାରିବ ଯେ ଗୋପାଳ ଏକକ ମାଲିକାନା ବ୍ୟବସାୟ ଚଳାଏ ଏବଂ ସେ ଜଣେ ମାଲିକ ବା ଜଣେ ବ୍ୟାପାରୀ ହିସାବରେ ଜଣାଯାଇଥାଏ ।

ନିଜର ଆଖ-ପାଖରେ ଏପରି ବ୍ୟବସାୟ ନିଶ୍ଚିତ ଦେଖିଥିବ । କ'ଣ ତୁମେ ବର୍ତ୍ତମାନ ଏହି ପ୍ରକାରର ବିଭିନ୍ନ ବ୍ୟାବସାୟିକ ସଂଗଠନର ତାଲିକା କରିପାରିବ ?

୧) ସୁପ୍ରିମ୍ ଡ୍ରାଏକ୍ଲିନର୍ସ,
୨) ____________________,
୩) ____________________,
୪) ____________________,
୫) ____________________

ବିଶେଷତ୍ୱ
- ଏକକ ମାଲିକାନା
- ମାଲିକାନା ଏବଂ ପରିଚାଳନ ଅଲଗା-ଅଲଗା ନୁହେଁ
- କମ ଆଇନ୍‌ଗତ ଔପଚାରିକତା
- ପୃଥକ ଅସ୍ତିତ୍ୱ ନୁହେଁ
- ଲାଭ କ୍ଷତିର ବଣ୍ଟନ ନାହିଁ
- ଅସୀମିତ ଦେୟ
- ଏକକ ନିୟନ୍ତ୍ରଣ

ଏକ ସ୍ୱତ୍ତ୍ୱାଧିକାର ମାଲିକ ବା ଏକକ ମାଲିକାନା ସଂଗଠନରେ ଯୋଗଦାନ କରିଥାଏ । ସଂସାଧନକୁ ବ୍ୟବସ୍ଥିତ କରି ଲାଭ ପାଇବା ଉଦ୍ଦେଶ୍ୟରେ ସେ ଏହାର କାର୍ଯ୍ୟ କଳାପ ଉପରେ ନିୟନ୍ତ୍ରଣ ମଧ ରଖିଥାଏ ।

ଏକକ ମାଲିକାନା ବ୍ୟବସାୟର ପରିଭାଷା

ଜେ. ଏଲ୍. ହେନ୍‌ସନଙ୍କ ଅନୁସାରେ - "ଏହା ଏପରି କାର୍ଯ୍ୟ ଯେଉଁଥିରେ କେବଳ ଜଣେ ବ୍ୟକ୍ତି ପୁଞ୍ଜି ବିନିଯୋଗ କରନ୍ତି ଏବଂ ଉଦ୍ୟୋଗ ନିମନ୍ତେ କଷ୍ଟ ବହନ କରନ୍ତି ଏବଂ ବ୍ୟବସାୟ ପରିଚାଳନର ଦାୟିତ୍ୱ ଉଠାଇଥାନ୍ତି ।

'ଏଣୁ ଯେତେବେଳେ ଜଣେ ବ୍ୟକ୍ତି ଏକାକୀ ଅଧିକାର ଏବଂ ଉତ୍ତର ଦାୟିତ୍ୱ ସହିତ କୌଣସି ବ୍ୟବସାୟର ମାଲିକାନା, ପରିଚାଳନା, ନିୟନ୍ତ୍ରଣ ଏବଂ ଆଶଙ୍କା ବହନ କରିଥାନ୍ତି ତାହାକୁ ଏକକ ମାଲିକାନା ବ୍ୟବସାୟ କହିଥାନ୍ତି ।'

ଏବେ ତୁମେ ଏକକ ମାଲିକାନା ବ୍ୟବସାୟକୁ ଜାଣିପାରିବାର ସ୍ଥିତିକୁ ଆସିଯାଇଅଛ ।

୫.୩.୧ ଏକକ ମାଲିକାନା ବ୍ୟବସାୟର ବିଶେଷତ୍ୱ

କ) **ଏକକ ମାଲିକାନା:** ଏକ ସ୍ୱତ୍ତ୍ୱାଧିକାର ବିଶିଷ୍ଟବ୍ୟବସାୟର ମାଲିକ ଜଣେ ବ୍ୟକ୍ତି ହୋଇଥାଏ ଯିଏ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ସ୍ୱୟଂ ସମସ୍ତ ସଂସାଧନ ଏକତ୍ରୀତ କରିଥାନ୍ତି ।

ଖ) **ମାଲିକାନା ଏବଂ ପରିଚାଳନା ଅଲଗା ଅଲଗା ନୁହେଁ:** ମାଲିକ ନିଜର କୌଶଳ ଏବଂ ବୁଦ୍ଧିମତ୍ତା ଦ୍ୱାରା ବ୍ୟବସାୟର ପରିଚାଳନା କରିଥାଏ । ବ୍ୟବସାୟର କମ୍ପାନୀ ସ୍ୱରୂପ ଭଳି ଏକ ସ୍ୱତ୍ତ୍ୱାଧିକାର ପରିଚାଳନ ଏବଂ ମାଲିକାନା ଅଲଗା-ଅଲଗା ହୋଇ ନଥାଏ ।



ଟିପ୍ପଣୀ

ଗ) **କମ୍ ଆଇନ୍‌ଗତ ଔପଚାରିକତା :** ଏକକ ମାଲିକାନା ବ୍ୟବସାୟ ଚଳାଇବାରେ କମ୍ ଆଇନ୍‌ଗତ ଔପଚାରିକତା ପାଳନ କରିବାକୁ ପଡ଼ିଥାଏ । ଏଥିପାଇଁ ଏହାର ସ୍ଥାପନା ବହୁତ ସରଳ ଅଟେ ।

ଘ) **ପୃଥକ ଅସ୍ତିତ୍ୱ ନଥାଏ:** ଏହି ବ୍ୟବସାୟ ସଂଗଠନର ଅସ୍ତିତ୍ୱ ନିଜର ମାଲିକଠାରୁ ଅଲଗା ହୋଇନଥାଏ । ବ୍ୟବସାୟ ଏବଂ ବ୍ୟବସାୟୀ ଏକ ହୋଇଥାନ୍ତି । ବ୍ୟବସାୟୀ ବ୍ୟବସାୟର ସମସ୍ତ ପରିସ୍ଥିତି ପାଇଁ ଦାୟୀ ରହନ୍ତି ।

ଙ) **ଲାଭ-କ୍ଷତିର ବଣ୍ଟନ ହୁଏନାହିଁ** - ଏହି ବ୍ୟବସାୟର ମାଲିକ ଏକାକୀ ଲାଭର ଆନନ୍ଦ ନେଇଥାନ୍ତି । କ୍ଷତି ହେଲାବେଳେ ମଧ୍ୟ ସେ ଏକାକୀ ସାରା କ୍ଷତିକୁ ବହନ କରିଥାନ୍ତି । ଲାଭ-କ୍ଷତିର ବଣ୍ଟନ ନିମନ୍ତେ କେହି ଦ୍ୱିତୀୟ ବ୍ୟକ୍ତି ନଥାନ୍ତି । ସେ ଏକାକୀ ଆଶଙ୍କା ଉଠାଇଥାନ୍ତି ଏବଂ ଲାଭର ଆନନ୍ଦ ନେଇଥାନ୍ତି ।

ଚ) **ଅସୀମିତ ଦେୟ:** ଏକକ ମାଲିକାନାରେ ମାଲିକର ଦେୟ ଅସୀମିତ ହୋଇଥାଏ । କ୍ଷତି ସମୟରେ ତାହାର ବ୍ୟାବସାୟିକ ଦେୟ ଅର୍ଥ ପୈଠ କରିବା ନିମନ୍ତେ ବ୍ୟବସାୟର ସମ୍ପତ୍ତି ନିଅଣ୍ଟ ହେଲେ ନିଜର ବ୍ୟକ୍ତିଗତ ସମ୍ପତ୍ତିରେ ଭରଣା କରିବାକୁ ପଡ଼ିଥାଏ ।

ଛ) ଏକକ ମାଲିକାନା ବ୍ୟବସାୟର ନିୟନ୍ତ୍ରଣ କେବଳ ତାହାର ମାଲିକ ହାତରେଥାଏ । ସେ ନିଜର ଇଚ୍ଛା ଅନୁସାରେ ବ୍ୟବସାୟ ଚଳାଇଥାଏ ।

> **"ଗୋପାଳ ଏକାକୀ ନିଜ ବ୍ୟବସାୟ ଚଳାଇ ଖୁସି ହୋଇଥାଏ କାରଣ ତାକୁ ସେଥିରୁ ବହୁତ ଲାଭ ମିଳେ । କିନ୍ତୁ ତାକୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତୁମେ କ'ଣ ଏହି ବ୍ୟବସାୟର ଲାଭ ଏବଂ ସୀମା ବିଷୟରେ ଜାଣିଛ ? ଆସ ଜାଣିବା ।"**

୫.୩.୨ ଏକକ ମାଲିକାନା ବ୍ୟବସାୟର ଉପାଦେୟତା ବା ଲାଭ

ଉପାଦେୟତା
- ସରଳ ସ୍ଥାପନା ଏବଂ ସମାପ୍ତି
- ଶୀଘ୍ର ନିଷ୍ପତି ଏବଂ ଉନ୍ନତ କାର୍ଯ୍ୟଶୈଳୀ
- ପ୍ରେରଣା
- ସଂଚାଳନର ନମନୀୟତା
- ଗୋପନୀୟତା
- ବ୍ୟକ୍ତିଗତ ସମ୍ପର୍କ

କ) **ସରଳ ସ୍ଥାପନା ଏବଂ ସମାପ୍ତି:** ଏକକ ମାଲିକାନା ବ୍ୟବସାୟର ସ୍ଥାପନା ବହୁତ ସହଜ ଅଟେ । ସାଧାରଣତଃ ଏଥିପାଇଁ ବହୁତ କମ୍ ଆଇନ୍‌ଗତ ଔପଚାରିକତା ପୂରଣ କରିବାକୁ ପଡ଼ିଥାଏ । ସେହିପରି ଏହି ପ୍ରକାର ବ୍ୟବସାୟରେ ମାଲିକ ଯେବେ ଚାହିଁବ ବନ୍ଦ ମଧ୍ୟ କରିଦେଇ ପାରିବ ।

ଖ) **ଶୀଘ୍ର ନିଷ୍ପତ୍ତି ଏବଂ ତ୍ୱରିତ ପଦକ୍ଷେପ:** ଯେପରି ପ୍ରଥମରୁ କୁହାଯାଇଛି ଯେ ଏକକ ମାଲିକାନା ବ୍ୟବସାୟରେ ଅନ୍ୟ କେହି ହସ୍ତକ୍ଷେପ କରିନଥାନ୍ତି । ତେଣୁ ମାଲିକ ବ୍ୟବସାୟ ସମ୍ବନ୍ଧ ନିଷ୍ପତ୍ତି ଶୀଘ୍ର ନିଅନ୍ତି ଏବଂ ତାକୁ ତ୍ୱରିତ କାର୍ଯ୍ୟକାରୀ କରିଥାନ୍ତି ।

ବ୍ୟାବସାୟିକ ଗୋପନୀୟତା କହିଲେ, ଭବିଷ୍ୟତ ଯୋଜନା, ଟେକନିକ୍, କ୍ଷମତା ନିଜର ଗୁପ୍ତନୀତିକୁ ପ୍ରତିଯୋଗୀତା ଏବଂ ବାହାର ଲୋକଙ୍କଠାରୁ ଗୋପନୀୟ ରଖିବା ।

ଗ) **ପ୍ରେରଣା:** ଏକକ ମାଲିକାନା ବ୍ୟବସାୟରେ ସମ୍ପୂର୍ଣ୍ଣ ଲାଭ ସିଧା ମାଲିକକୁ ମିଳିଥାଏ ତେଣୁ କଠିନ ପରିଶ୍ରମକରି ବ୍ୟବସାୟକୁ ଅଧିକ କୁଶଳତା ସହିତ ପରିଚାଳନା କରିବାକୁ ପ୍ରେରଣା ମିଳିଥାଏ ।

ଘ) **ସଂଚାଳନାରେ ନମନୀୟତା :** ଆବଶ୍ୟକତା ଅନୁସାରେ ବ୍ୟାବସାୟିକ କ୍ରିୟାକଳାପରେ ତୁରନ୍ତ ପରିବର୍ତ୍ତନ ସମ୍ଭବ ଅଟେ । କାରଣ ଏହାର ବିସ୍ତାର କିମ୍ବା ସଂକୋଚନ କରିବା ନିମନ୍ତେ କୌଣସି ଔପଚାରିକତାର ଆବଶ୍ୟକତା ନଥାଏ ।

ଙ) **ଗୋପନୀୟତା :** ବ୍ୟବସାୟର ଗୋପନୀୟ ସୂଚନା କେବଳ ମାଲିକକୁ ହିଁ ଜଣାଥାଏ । ତାଙ୍କ

ଇଚ୍ଛା ବିନା କେହି ସେ ବିଷୟରେ ଜାଣି ପାରିବେ ନାହିଁ । ସେ ବ୍ୟାବସାୟିକ ଖାତାକୁ ପ୍ରକାଶ କରିବା ନିମନ୍ତେ ବାଧ୍ୟ ନୁହଁନ୍ତି ।

ଚ) **ବ୍ୟକ୍ତିଗତ ସମ୍ପର୍କ :** ଯେହେତୁ ମାଲିକ ଏକାକୀ ବ୍ୟବସାୟ ପରିଚାଳନା କରିଥାନ୍ତି ତାଙ୍କୁ ଗ୍ରାହକ ଏବଂ ନିଜର କର୍ମଚାରୀମାନଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିବା ସହଜ ହୋଇଥାଏ । ଗ୍ରାହକଙ୍କର ଆବଶ୍ୟକତା ଏବଂ ସ୍ୱଭାବକୁ ଦେଖିକରି ସେ ନିଜର ବ୍ୟବସାୟକୁ ତଦନୁସାରେ ପରିବର୍ତ୍ତନ କରିଥାନ୍ତି । ସାଧାରଣ କର୍ମଚାରୀ ମଧ୍ୟ କମ୍ ହୋଇଥାନ୍ତି ଏବଂ ବ୍ୟବସାୟ ସିଧା ମାଲିକ ଅଧିନରେ ରହିଥିବାରୁ ସେମାନଙ୍କ ସହିତ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ରକ୍ଷାକରି ବ୍ୟବସାୟକୁ ସୁଗମତାର ସହିତ ଚଳାଇଥାନ୍ତି ।

ଏକକ ମାଲିକାନା ବ୍ୟାବସାୟିକ ସଂଗଠନର ଗୁଣଗୁଡ଼ିକ ଜାଣିଲ । ଏବେ ଏହାର ସୀମିତତା ବିଷୟରେ ଜାଣିବା ।

୫.୩.୩ ଏକକ ମାଲିକାନା ବ୍ୟବସାୟର ସୀମିତତା:

କ) **ସୀମିତ ସଂସାଧନ :** ଏକକ ମାଲିକାନା ବ୍ୟବସାୟର ସଂସାଧନ ସର୍ବଦା ସୀମିତ ହୋଇଥାଏ । ଏକାକୀ ମାଲିକ ନିମନ୍ତେ ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜି କିମ୍ବା ସଂସାଧନ ଏକତ୍ରୀତ କରିବା ସର୍ବଦା ସମ୍ଭବ ହୋଇପାରେ ନାହିଁ । ନିଜର ସାଙ୍ଗ, ବନ୍ଧୁ ଏବଂ ବ୍ୟାଙ୍କଠାରୁ ଉଧାର/ଋଣ ନେବାରେ ତାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ଏକ ସ୍ୱାମୀତ୍ୱ ବ୍ୟାପାରରେ ପୁଞ୍ଜି ସଂଗ୍ରହର କ୍ଷମତା ସୀମିତ ହୋଇଥାଏ ।

ଖ) **ନିରନ୍ତରତାର ଅଭାବ:** ଏହି ବ୍ୟବସାୟର ନିରନ୍ତରତା ମାଲିକର ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ ନିର୍ଭର କରିଥାଏ । ତାଙ୍କର ବେମାରୀ, ମୃତ୍ୟୁ କିମ୍ବା ଦେବାଳିଆପଣର ପରିସ୍ଥିତିରେ ବ୍ୟବସାୟ ସମାପ୍ତ ହୋଇଥାଏ । ତେଣୁ ବ୍ୟବସାୟର ନିରନ୍ତରଣ ଅନିଶ୍ଚିତ ହୋଇଥାଏ ।

ଗ) **ଅସୀମିତ ଦେୟ:** ଆଗରୁ ପଢ଼ିଅଛ ଯେ ଏହି ପ୍ରକାର ବ୍ୟବସାୟର ମାଲିକ ଏବଂ ଅସ୍ତିତ୍ୱ ଅଲଗା ନୁହେଁ । ଆଇନ୍ ଦୃଷ୍ଟିରେ ମାଲିକ ଏବଂ ତାର ବ୍ୟବସାୟ ଏକ ଅଟେ । ସେଥିପାଇଁ ବ୍ୟାବସାୟିକ କାରବାରରେ ଅର୍ଥପୈଠ କରିବା ପାଇଁ ମାଲିକକୁ ନିଜ ସଂପତ୍ତିର ପ୍ରୟୋଗ କରିବାକୁ ପଡ଼ିଥାଏ ।

ଘ) **ଉଚ୍ଚସ୍ତରରେ ବ୍ୟାବସାୟିକ କ୍ରିୟାକଳାପ ନିମନ୍ତେ ଅନୁପଯୁକ୍ତ:** ଏକକ ମାଲିକାନା ବ୍ୟବସାୟରେ ସଂସାଧନ ଏବଂ ପରିଚାଳନ କ୍ଷମତା ସୀମିତ ଅଟେ । ତେଣୁ ଏକ ଉଚ୍ଚସ୍ତରର ବ୍ୟବସାୟ କ୍ରିୟାକଳାପର ସଂଚାଳନ ନିମନ୍ତେ ଅନୁପଯୁକ୍ତ ଅଟେ ।

ଙ) **ସୀମିତ ପରିଚାଳନ ବିଶେଷଜ୍ଞତା:** ଏକକ ମାଲିକାନା ବ୍ୟବସାୟରେ ସର୍ବଦା ପରିଚାଳନ କୁଶଳତାର ଅଭାବ ଅନୁଭୂତ ହୁଏ । ଏକ ଜଣିକିଆ ବ୍ୟକ୍ତି ସମସ୍ତ କ୍ଷେତ୍ରରେ ଯେପରି ଯଥା: ମାଲ୍ କ୍ରୟ ବିକ୍ରୟ ଏବଂ ବିତ୍ତ ଆଦି କ୍ଷେତ୍ରରେ ବିଶେଷଜ୍ଞ ହୋଇପାରେ ନାହିଁ । କିନ୍ତୁ ବ୍ୟବସାୟର ସୀମିତ ସଂସାଧନର ଛୋଟ ଆକାରର କାରଣରୁ ସଂଗଠନର ଆବଶ୍ୟକତାନୁସାରେ କୁଶଳ ପରିଚାଳକର ସେବା ମଧ୍ଯ ନେଇପାରେନାହିଁ ।

"ଏବେ ତୁମକୁ ଗୋପାଳର ବ୍ୟବସାୟର ଗୁଣ ଏବଂ ଏହାର ସୀମା ବିଷୟରେ ଜଣାଗଲାଣି । ଏକକ ମାଲିକାନା ବ୍ୟବସାୟର ଏପରି ଅନ୍ୟ ଉଦାହରଣ ତୁମେ ନିଜ କ୍ଷେତ୍ରରେ ନେଇ ପାରିବ । ଏହାର କ୍ରିୟା କଳାପକୁ ଅନୁଧ୍ୟାନ କରି ଜାଣିବାକୁ

ଚେଷ୍ଟାକରଯେ ଉପରେ ବିଷୟ କରି ଦିଆଯାଇଥିବା ବିଶେଷତ୍ୱ ଏହା କ୍ଷେତ୍ରରେ ଲାଗୁ ହେବ ନା ନାହିଁ । ପୁସ୍ତକର ଜ୍ଞାନ ବାସ୍ତବ ଜୀବନରେ ପ୍ରୟୋଗ, ଏକକ ମାଲିକାନା ବ୍ୟବସାୟର ତଥ୍ୟଗୁଡ଼ିକୁ ଠିକ୍ ଭାବରେ ବୁଝିବାରେ ଏବଂ ମନେରଖିବାରେ ନିଶ୍ଚିତ ଭାବରେ ତୁମକୁ ସହାୟତା କରିବ ।"

୫.୩.୪ ଏକକ ମାଲିକାନା ବ୍ୟବସାୟର ଉପଯୁକ୍ତତା

ତୁମେ ଏକକ ମାଲିକାନା ବ୍ୟାବସାୟିକ କାର୍ଯ୍ୟର ଅର୍ଥ, ବିଶେଷତ୍ୱ ଏବଂ ଏହାର ଗୁଣ ବିଷୟ ପଢ଼ିଲ । ବିସ୍ତୃତ ଅଧ୍ୟୟନ କରିବାପରେ ତୁମକୁ ସେହି କ୍ଷେତ୍ର ବିଷୟରେ ଜାଣିବା ସହଜ ହୋଇଯିବ ଯେଉଁଥିରେ ଏକକ ମାଲିକାନା ବ୍ୟବସାୟ ସ୍ଥାପନା ଉପଯୁକ୍ତ ହେବ ।

ତୁମର ସାହାଯ୍ୟ ନିମନ୍ତେ ଜଣାଇ ଦିଆଗଲା ଯେ, ଏକକ ମାଲିକାନା ବ୍ୟବସାୟ ଉପଯୁକ୍ତ ହେବ, ଯେଉଁଠାରେ ବଜାର ସୀମିତ ଏବଂ ସ୍ଥାନଭିତ୍ତିକ ଏବଂ ଗ୍ରାହକଙ୍କ ପାଇଁ ବ୍ୟକ୍ତିଗତ ସମ୍ପର୍କର ଉପଯୋଗୀତା ହୋଇଥାଏ । ଏତଦ୍‌ବ୍ୟତୀତ ଯେଉଁଠାରେ କମ୍ ପୁଞ୍ଜିର ଆବଶ୍ୟକତା, କ୍ଷତି ଆଶଙ୍କା କମ୍ ସେଠାରେ ଏକକ ମାଲିକାନା ବ୍ୟବସାୟ ଉପଯୁକ୍ତ ହୋଇଥାଏ ।

ଖାଲି ସେତିକି ନୁହେଁ ଯେଉଁଠାରେ ହସ୍ତକୌଶଳର ପ୍ରୟୋଗ କରି ବସ୍ତୁର ଉତ୍ପାଦ ହୋଇଥାଏ, ଯେପରି ଯଥା: ହସ୍ତଶିଳ୍ପ, ଜରୀକାମ, ଗହଣା ତିଆରି, ପୋଷାକ ସିଲାଇ, ସେଲୁନ୍ ଆଦି ବ୍ୟବସାୟ ନିମନ୍ତେ ଏକକ ମାଲିକାନା ଉପଯୁକ୍ତ ହୋଇଥାଏ ।

"ନିଜର ଆଖ-ପାଖ ଅଞ୍ଚଳରେ ବୁଲି ଏକକ ମାଲିକାନା ବିଶିଷ୍ଟ ବ୍ୟବସାୟର ସୂଚୀ ପ୍ରସ୍ତୁତ କର । ତାକୁ ଉପରେ ଦିଆଯାଇଥିବା ବିଶେଷତା ଅନୁସାରେ ବର୍ଗୀକୃତ କର ।"

୫.୩.୫ ଏକକ ମାଲିକାନା ବ୍ୟବସାୟର ସ୍ଥାପନା

ଏକକ ମାଲିକାନା ବ୍ୟବସାୟ ଆରମ୍ଭ କରିବା ବହୁତ ସହଜ ଅଟେ । ଇଚ୍ଛୁକ ବ୍ୟକ୍ତି ଯାହା ପାଖରେ ଆବଶ୍ୟକ ସଂସାଧନ ଅଛି ଏହାକୁ ଆରମ୍ଭ କରିପାରିବ । ଯଦିଓ ଏହାକୁ ସ୍ଥାପନା କରିବାରେ କୌଣସି ଆଇନ୍‌ଗତ ଔପଚାରିକତା ପୂରଣକରିବା ଦରକାର ପଡ଼େନାହିଁ, ତଥାପି କେତେକ କ୍ଷେତ୍ର ଯେପରି, ରେଷ୍ଟୁରାଣ୍ଟ (ଭୋଜନାଳୟ) କିମ୍ବା ଔଷଧଦୋକାନ ସ୍ଥାପନାକରିବା ନିମନ୍ତେ ସମ୍ବନ୍ଧିତ ବିଭାଗଠାରୁ ଅନୁମତି ନେବାକୁ ପଡ଼ିଥାଏ । ସେହିପରି ଏକ ଫ୍ୟାକ୍ଟ୍ରି ବସାଇବାକୁ ହେଲେ ପ୍ରଶାସନଠାରୁ ତାପାଇଁ ଅନୁମତି ଆଗ ନେବାକୁ ପଡ଼ିଥାଏ ।

ସୀମିତତା

- ସୀମିତ ସଂସାଧନ
- ନିରନ୍ତରତାର ଅଭାବ
- ଅସୀମିତ ଦେୟ
- ଉଚ୍ଚସ୍ତରର ବ୍ୟାବସାୟିକ କାର୍ଯ୍ୟ କଳାପ ନିମନ୍ତେ ଅନୁପଯୁକ୍ତତା
- ସୀମିତ ପ୍ରବନ୍ଧନ ବିଶେଷଜ୍ଞତା

ପାଠଗତ ପ୍ରଶ୍ନାବଳୀ ୫ (କ)

୧. ଏକକ ମାଲିକାନା ବ୍ୟବସାୟକୁ ନିଜ ଭାଷାରେ ବର୍ଣ୍ଣନା କର ।

____

____

____

____

୨. ନିମ୍ନରେ ଏକକ ମାଲିକାନା ବ୍ୟବସାୟର ଉପାଦେୟତା ଏବଂ ସୀମିତତା ବିଷୟରେ ଦିଆଯାଇଅଛି । ପାଖରେ ଦିଆଯାଇଥିବା ଖାଲି ସ୍ଥାନରେ ଉପାଦେୟତା ପାଖରେ **'ଉ'** ଏବଂ ସୀମିତତା ସ୍ଥାନରେ **'ସ'** ଲେଖ ।

କ) ଏକକ ମାଲିକାନା ବ୍ୟବସାୟର ସ୍ଥାପନା ସହଜ ଅଟେ । ☐

ଖ) ଏକକ ମାଲିକାନା ବ୍ୟବସାୟରେ ମାଲିକ ବ୍ୟକ୍ତିଗତ ରୂପରେ ବ୍ୟବସାୟିକ କାରବାର ପାଇଁ ଉତ୍ତରଦାୟୀ ହୋଇଥାଏ । ☐

ଗ) ଏକକ ମାଲିକାନା ବ୍ୟବସାୟରେ ମାଲିକର ନିଜ ବ୍ୟବସାୟ ନିମନ୍ତେ ଧନ ସଂଗ୍ରହର କ୍ଷମତା ସୀମିତ ହୋଇଥାଏ । ☐

ଘ) ଏକକ ମାଲିକାନା ବ୍ୟବସାୟରେ ବ୍ୟବସାୟର ଗୋପନୀୟତାକୁ ରକ୍ଷା କରାଯାଇପାରେ । ☐

ଙ) ଏକକ ମାଲିକାନା ବ୍ୟବସାୟରେ ମାଲିକ ଗ୍ରାହକମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିପାରେ । ☐

୩. ଏକକ ମାଲିକାନା ବ୍ୟବସାୟକୁ ଧ୍ୟାନ ନେଇ ନିମ୍ନଲିଖିତ ଶବ୍ଦକୁ ଯୋଡ଼ ।

'କ' ସ୍ତମ୍ଭ		**'ଖ' ସ୍ତମ୍ଭ**	
କ)	ଦେୟତା	୧)	ସହଜ
ଖ)	ସ୍ଥାପନା	୨)	ନ୍ୟୁନତ୍ତମ
ଗ)	ସଂସାଧନ	୩)	ତତ୍‌କାଳ
ଘ)	ନିଷ୍ପତ୍ତି ନେବା	୪)	ଅସୀମିତ
ଙ)	ଆଇନ୍‌ଗତ ଔପଚାରିକତା	୫)	ସୀମିତତା

୫.୪ ଭାଗିଦାରୀ ବ୍ୟବସାୟ

ଗୋପାଳ ଯେଉଁଠାରେ ନିଜର ବ୍ୟବସାୟ କରୁଅଛି ସେଠାରେ ଏକ ବଡ଼ କପଡ଼ା ଫ୍ୟାକ୍‌ଟରୀ ଆରମ୍ଭ ହେବାକୁ ଯାଉଅଛି । ଏକ ବ୍ୟବସାୟୀ ହିସାବରେ ତା'ର ମନରେ ଉତ୍ସାହ ହେଲା, ସେ ଭାବିଲା ଯେ ଥରେ ଫ୍ୟାକ୍‌ଟରୀ ବସିଗଲେ ତାକୁ ଆହୁରି ଗ୍ରାହକ ମିଳିବେ ଏବଂ ତା'ର ଲାଭ ଆହୁରି ବଢ଼ିବ । କିନ୍ତୁ ଏସବୁ ପାଇଁ ତାକୁ ତାର ବ୍ୟବସାୟ ବଢ଼ାଇବାକୁ ପଡ଼ିବ ଏବଂ ତା ପାଇଁ ତାକୁ ଅଧିକ ଧନ ଦରକାର ହେବ ।

ଏହି ଅଧିକ ଧନର ବ୍ୟବସ୍ଥା କିପରି ହେବ ତାହା ଏକ ବଡ଼ ସମସ୍ୟା । ଗୋଟିଏ ବିକଳ୍ପ ଅଛି ଯେ ସେ ବ୍ୟାଙ୍କରୁ ଧନ ଉଧାର ନେଇ ପାରିବ । କିନ୍ତୁ କ୍ଷତି ହେବା ଭୟରେ ସିଏ ଏହି ଉଧାର ନେବାକୁ ଡରି ଯାଉଅଛି । ଏକ ଅନ୍ୟ ବିକଳ୍ପ ହେଉଛି ଅନ୍ୟ ବ୍ୟକ୍ତିଙ୍କୁ ନିଜ ବ୍ୟାପାରରେ ସାମିଲ ମଧ୍ୟ କରାଇ ପାରିବ । ଏପରି କରିବା ଦ୍ୱାରା ଅଧିକ ସଂସାଧନ ମିଳିବ ଏବଂ କାମରେ ସହଯୋଗ କରିବା ନିମନ୍ତେ ଏକ ବ୍ୟକ୍ତି ମଧ୍ୟ ଉପଲବ୍ଧ ହେବ । ଏହାଦ୍ୱାରା ବ୍ୟବସାୟ ସୁଚାରୁ ରୂପରେ ଚଳାଇ ଯାଇପାରିବ । ହାନିର ଆଶଙ୍କାକୁ ମଧ୍ୟ ବାଣ୍ଟିହେବ । କିନ୍ତୁ ଏପରି କରିବା ଦ୍ୱାରା ତା' ବ୍ୟବସାୟର ପ୍ରକାର ବଦଳିଯିବ ଏବଂ ଭାଗିଦାରୀ ହୋଇଯିବ । ଏହି ନୂଆ ପ୍ରକାରର ବ୍ୟବସାୟକୁ ଆରମ୍ଭ କରିବା ପୂର୍ବରୁ ଗୋପାଳ ତାହାର ହାନି, ଲାଭ ଏବଂ ପ୍ରକୃତି ବିଷୟରେ ସ୍ପଷ୍ଟ ଜାଣିବାକୁ ଚାହେଁ ।

“ଭାଗିଦାରୀ” ଅର୍ଥ ଦୁଇ ଅଥବା ତତୋଧିକ ବ୍ୟକ୍ତିଙ୍କର ମେଣ୍ଟ, ଯେଉଁଥିରେ ସେମାନେ ନିଜର ଆର୍ଥିକ ଓ ପରିଚାଳନାଗତ ସମ୍ବଳ ବିନିଯୋଗ କରି ବ୍ୟବସାୟ ଚଳାନ୍ତି ଏବଂ ଲାଭ ବଣ୍ଟନ କରିଥାନ୍ତି । ଭାଗିଦାରୀ ଫାର୍ମର ହେଉଥିବା କାର୍ଯ୍ୟକୁ ଭାଗିଦାରୀ ବା ଅଂଶିଦାରୀ ଏବଂ ଏକାଠି ଏକାଠି ସେମାନଙ୍କୁ ଫାର୍ମ ବା ଭାଗିଦାରୀ ଫାର୍ମ କହନ୍ତି ।



ଟିପ୍ପଣୀ

“ଭାଗିଦାରୀ ଦଲିଲ୍‌ରେ ଭାଗିଦାରୀ ଫାର୍ମ ଆରମ୍ଭ କରିବା ଏବଂ ପରିଚାଳନାର ନିୟମ ଏବଂ ସର୍ତ୍ତ ଲେଖା ହୋଇଥାଏ । ଭବିଷ୍ୟତରେ କୌଣସି ପ୍ରକାର ଆଇନ୍‌ଗତ ବିବାଦକୁ ଏଡ଼ାଇବା ପାଇଁ ଦଲିଲ୍‌ରେ ସର୍ତ୍ତଗୁଡ଼ିକ ଲିପିବଦ୍ଧ ହୋଇଥାଏ ।”

ମାନିବାକୁ ପଡ଼ିବ ଯେ ଗୋପାଳ ରହିମ୍ ସହିତ ହାତ ମିଶାଇଲା ଏବଂ ଛୋଟ ତେଜରାତି ଦୋକାନରୁ ଏକ ବଡ଼ ଦୋକାନ ଖୋଲିଲା । ଏବେ ଗୋପାଳ ଏବଂ ରହିମ ପରସ୍ପରର ଅଂଶୀଦାର ହୋଇଗଲେ । ସେ ଦୁଇଜଣ ନିଜର ସମ୍ବଳକୁ ଏକାଠିକରି କୁଶଳତାର ସହିତ ବ୍ୟବସାୟକୁ ଆଗକୁ ବଢ଼ାଇବେ । ସେମାନେ ସହମତିର ସର୍ତ୍ତ ଅନୁସାରେ ନିଜର ଲାଭ ଏବଂ କ୍ଷତି ବାଣ୍ଟିବେ । ବାସ୍ତବରେ ସେମାନେ ନିଜର କାମ ପାଇଁ ନିୟମ, ସର୍ତ୍ତ ଏବଂ ସମସ୍ତ ଦିଗ ଉପରେ ଏକ ସାଥିରେବସି ନିଷ୍ପତ୍ତି ନେବାକୁ ହେବ । ସେମାନଙ୍କ ମଧ୍ୟରେ ଏକ ବୁଝାମଣା ହେବା ଦରକାର । ଏହି ବୁଝାମଣା ମୌଖିକ, ଲିଖିତ ଅଥବା ଇଙ୍ଗିତ ହୋଇପାରେ ।

ଏହି ସର୍ତ୍ତଗୁଡ଼ିକ ଲିଖିତଥିବା ଦଲିଲ୍‌କୁ ଭାଗିଦାରୀ ଦଲିଲ୍ (Partnership Deed) କୁହାଯାଏ । ସର୍ତ୍ତହେଲାପରେ ଭାରତୀୟ ଭାଗୀଦାରୀ ଅଧିନିୟମ ୧୯୩୨ର ବିଭିନ୍ନ ଧାରା ଲାଗୁ ହେବ ।

ଭାରତରେ ଭାଗିଦାରୀ ବ୍ୟବସାୟ, ଭାରତୀୟ ଭାଗୀଦାର ଅଧିନିୟମ ୧୯୩୨ ଦ୍ୱାରା ଶାସିତ ହୋଇଥାଏ । ଯାହାଦ୍ୱାରା ଭାଗୀଦାର ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ସମ୍ବନ୍ଧ ଥାଏ ଯେଉଁଥିରେ କି ଏପରି ବ୍ୟବସାୟର ଲାଭ ବାଣ୍ଟିବା ପାଇଁ ସହମତ ହୋଇଥାନ୍ତି ଯାହା ସେମାନଙ୍କ ଦ୍ୱାରା କିମ୍ବା ସେମାନଙ୍କ ତରଫରୁ ଜଣଙ୍କଦ୍ୱାରା ସଂଚାଳିତ କରାଯାଇଥାଏ ।

୫.୪.୧ ଭାଗିଦାରୀର ବିଶେଷତ୍ୱ

ଉପଯୁକ୍ତ ପରିଭାଷା ଅନୁସାରେ ଭାଗିଦାରୀର ନିମ୍ନଲିଖିତ ବିଶେଷତ୍ୱ ଅଛି:

ଭାଗିଦାରୀର ବିଶେଷତ୍ୱ:
- ଦୁଇ କିମ୍ବା ତତୋଧିକ ବ୍ୟକ୍ତି
- ଅନୁବନ୍ଧନାତ୍ମକ ସମ୍ବନ୍ଧ
- ବ୍ୟବସାୟର ଲାଭକୁ ବାଣ୍ଟିବା
- ବୈଧ ଉପାୟର ଅସ୍ତିତ୍ୱ
- ଏଜେନ୍‌ସି ସମ୍ବନ୍ଧ
- ଅସୀମିତ ଦେୟତା
- ସ୍ୱେଚ୍ଛାକୃତ ପଞ୍ଜୀକରଣ

କ) **ଦୁଇ ବା ତତୋଧିକ ବ୍ୟକ୍ତି :** ଭାଗିଦାରୀ ଫାର୍ମ ନିମନ୍ତେ ଅତିକମ୍‌ରେ ଦୁଇଜଣ ବ୍ୟକ୍ତିଙ୍କ ଆବଶ୍ୟକତା ହୋଇଥାଏ । ବ୍ୟାଙ୍କିଙ୍ଗ୍, ବ୍ୟବସାୟ ନିମନ୍ତେ ଅଧିକତମ ୧୦ ଏବଂ ଅନ୍ୟ ବ୍ୟବସାୟ ନିମନ୍ତେ ସର୍ବାଧିକ ୨୦ବ୍ୟକ୍ତି ମିଶିକରି ଭାଗିଦାରୀଫାର୍ମ କରି ପାରିବେ । ଯଦି ବ୍ୟକ୍ତିଙ୍କ ସଂଖ୍ୟା ଅଧିକହୋଇଯାଏ ତାହା ଅବୈଧ ହୋଇଯାଏ ଏବଂ ତାହା ଭାଗିଦାରୀ କୁହାଯାଇ ପାରେନି ।

ଖ) **ଠିକା ସମ୍ବନ୍ଧ :** ଭାଗିଦାରୀର ସ୍ଥାପନା ସେହି ବ୍ୟକ୍ତିମାନଙ୍କର ବୁଝାମଣା ମଧ୍ୟରେ ହୋଇଥାଏ ଯେଉଁମାନେ ଏକାଠି କାମ କରିବାକୁ ଚାହିଁଥାନ୍ତି । ଭାଗିଦାରୀ ଏକ ସର୍ତ୍ତ ଦ୍ୱାରା ହୋଇଥାଏ । ଏଥିପାଇଁ ଏପରି ବ୍ୟକ୍ତି ଭାଗିଦାରୀର ଅନୁବନ୍ଧନ ଯୋଗ୍ୟ ହୋଇଥାଏ । ନାବାଳକ, ପାଗଳ ଏବଂ ଦେବାଳିଆ ବ୍ୟକ୍ତି ଭାଗିଦାରୀର ଯୋଗ୍ୟ ହୋଇନଥାନ୍ତି । କିନ୍ତୁ ବିଶେଷ ପରିସ୍ଥିତିରେ ନାବାଳକକୁ ଲାଭରେ ଅଂଶୀଦାର କରିବାପାଇଁ ଭାଗୀଦାର କରାଯାଇଥାଏ । ଅର୍ଥାତ ସେ ହାନିର ଆଶଙ୍କାକୁ ନ ନେଇ କେବଳ ଲାଭର ଭାଗୀଦାର ହୋଇଥାଏ ।

ଗ) **ବ୍ୟବସାୟର ଲାଭର ବଣ୍ଟନ :** ଭାଗିଦାରୀ ଫାର୍ମରେ ଲାଭ ଏବଂ କ୍ଷତିର ବଣ୍ଟନ ନିମନ୍ତେ ଭାଗୀଦାରରେ ଏକ ସର୍ତ୍ତମୂଳକ ବୁଝାମଣା ଜରୁରୀ ହୋଇଥାଏ । ଯଦି ଦୁଇ ବା ଅଧିକ ବ୍ୟକ୍ତି ସଂଯୁକ୍ତହୋଇ କୌଣସି ସମ୍ପତ୍ତିର ପ୍ରାପ୍ତ ଆମଦାନୀକୁ ବାଣ୍ଟିଥାନ୍ତି ତେବେ ତାହାକୁ ଭାଗୀଦାର କୁହାଯାଏ ନାହିଁ ।

ଟିପ୍ପଣୀ

ଭାଗିଦାରୀର ବିଶେଷତ୍ୱ

- ଦୁଇ କିମ୍ବା ତତୋଧିକ ବ୍ୟକ୍ତି
- ଅନୁବନ୍ଧାତ୍ମକ ସମ୍ବନ୍ଧ
- ବ୍ୟବସାୟର ଲାଭର ବଣ୍ଟନ
- ବୈଧ ବ୍ୟବସାୟର ଅସ୍ତିତ୍ୱ
- ଏଜେନ୍ସି ସମ୍ବନ୍ଧ
- ଅସୀମିତ ଦେୟତା
- ସ୍ୱେଚ୍ଛାକୃତ ପଞ୍ଜୀକରଣ

ଘ) **ବୈଧ ବ୍ୟବସାୟର ଅସ୍ତିତ୍ୱ :** ଯେଉଁ ବ୍ୟବସାୟରେ ଲାଭକୁ ବାଣ୍ଟିବା ପାଇଁ ବ୍ୟକ୍ତି ସହମତ ହୋଇଥାଏ ତାହା ବୈଧ ହେବା ଦରକାର । ଡକାୟତି, କଳାବଜାରୀ ଆଦି କୌଣସି ଅସାଂବିଧାନିକ କାର୍ଯ୍ୟରେ ହୋଇଥିବା ଲାଭକୁ ବାଣ୍ଟିବାର ବୁଝାମଣା ଆଇନ୍ ଦୃଷ୍ଟିରେ ଭାଗିଦାରୀ ହୋଇନଥାଏ ।

ଙ) **ଏଜେନ୍ସି ସମ୍ବନ୍ଧ :** ଭାଗିଦାରୀ ମଧ୍ୟରେ ଏଜେନ୍ସି ସମ୍ବନ୍ଧ ହେବା ଦରକାର । ପ୍ରତ୍ୟେକ ଭାଗୀଦାର ପ୍ରଧାନ ଅଟେ ଏବଂ ଫାର୍ମର ଏଜେଣ୍ଟ ମଧ୍ୟ ଅଟେ । ଯେତେବେଳେ ଜଣେ ଭାଗୀଦାର ଗ୍ରାହକମାନଙ୍କ ସହିତ ବ୍ୟାପାରିକ ନେଣ-ଦେଣ କରିଥାଏ ସେ ପର୍ଯ୍ୟନ୍ତ ସେ ଏକ ଏଜେଣ୍ଟରୂପେ କାମ କରିଥାଏ । ସେପଟେ ଅନ୍ୟ ପକ୍ଷରେ ଭାଗୀଦାରପ୍ରଧାନ ରୂପରେ ମଧ୍ୟ ରହିଥାନ୍ତି ।

ଚ) **ଅସୀମିତ ଦେୟତା:** ଫାର୍ମର ସମସ୍ତ ଭାଗୀଦାରମାନଙ୍କର ଦେୟତା ଅସୀମିତ ହୋଇଥାଏ । ସେମାନେ ସଂଯୁକ୍ତ ଭାବରେ କିମ୍ବା ବ୍ୟକ୍ତିଗତ ଭାବରେ ଫାର୍ମର ଦେୟତାକୁ ଦେବା ପାଇଁ ବାଧ୍ୟ ହୋଇଥାନ୍ତି । ଯଦି ଫାର୍ମର ସମ୍ପତ୍ତି ତାର ଦେୟତାକୁ ପୈଠ କରିବା ନିମନ୍ତେ ନିଅଣ୍ଟ ହୁଏ ତେବେ ବ୍ୟକ୍ତିଗତ ସମ୍ପତ୍ତିର ଉପଯୋଗ ପୈଠ ନିମନ୍ତେ କରାଯାଇଥାଏ ।

ଛ) **ସ୍ୱେଚ୍ଛାକୃତ ପଞ୍ଜୀକରଣ:** ଭାଗିଦାରୀ ଫାର୍ମର ପଞ୍ଜୀକରଣ କରିବା ଆବଶ୍ୟକ ହୋଇନଥାଏ କିନ୍ତୁ ଏକ ପଞ୍ଜୀକୃତ ହୋଇ ନଥିବା ଫାର୍ମର କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ଫାର୍ମର ପଞ୍ଜୀକରଣ ପରୋକ୍ଷ ଭାବରେ ଆବଶ୍ୟକ ହୋଇଯାଏ । ବିନା ପଞ୍ଜୀକୃତ ଫାର୍ମକୁ ନିମ୍ନ ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

୧) ଫାର୍ମ ବାହାର ଲୋକଙ୍କ ନାମରେ ମୋକଦ୍ଦମା କରି ପାରିବ ନାହିଁ କିନ୍ତ ବାହାର ଲୋକେ ଫାର୍ମ ଉପରେ ମୋକଦ୍ଦମା କରିପାରିବେ ।

୨) ଭାଗିଦାରମାନଙ୍କ ମଧ୍ୟରେ ଦେଖାଦେଉଥିବା ବିବାଦକୁ ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇପାରେନାହିଁ ।

୩) ଫାର୍ମ କୌଣସି ଅନ୍ୟ ବ୍ୟକ୍ତି ଉପରେ ଦେୟ ପ୍ରାପ୍ତି ଦାବି କରିପାରେନାହିଁ ।

୫.୪.୨ ଭାଗିଦାରୀ ବ୍ୟବସାୟର ଲାଭ

କ) **ସ୍ଥାପନର ସୁଗମତା :** ଏକ ଭାଗିଦାରୀ ଫାର୍ମ ଅନେକ ଆଇନ୍‌ଗତ ଔପଚାରିକତା ବିନା ସହଜରେ ଗଠନ କରାଯାଇଥାଏ । ଏହାକୁ ପଞ୍ଜୀକୃତ କରିବା ବାଧ୍ୟତାମୂଳକ ନୁହେଁ । ଏକ ସର୍ତ୍ତମୂଳକ ଲିଖିତ, ମୌଖିକ ବା ସୂଚୀତ ତଥ୍ୟ ଏହାର ସ୍ଥାପନା ନିମନ୍ତେ ପର୍ଯ୍ୟାପ୍ତ ହୋଇଥାଏ ।

ଖ) **ଅଧିକ ସମ୍ବଳର ଉପଲବ୍ଧି :** ଏହି ବ୍ୟବସାୟ ଦୁଇ ବା ତତୋଧିକ ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ତେଣୁ ଏକକ ମାଲିକାନା ବ୍ୟବସାୟ ତୁଳନାରେ ଭାଗିଦାରୀ ବ୍ୟବସାୟରେ ଅଧିକ ସମ୍ବଳ ଏକତ୍ର ହେବାର ସମ୍ଭାବନାଥାଏ ।

ଗ) **ଉନ୍ନତ ନିଷ୍ପତ୍ତି:** ଭାଗିଦାରୀ ଫାର୍ମର ପରିଚାଳନ ନିମନ୍ତେ ପ୍ରତ୍ୟେକ ଭାଗୀଦାରଙ୍କୁ ନିଷ୍ପତ୍ତି ନେବାର ପୂରା ଅଧିକାର ଥାଏ । ବଡ଼ ବଡ଼ ନିଷ୍ପତ୍ତି ସମସ୍ତ ଭାଗୀଦାରଙ୍କ ମତାମତ ଉପରେ ନିଆଯାଇଥାଏ । ସେଥିପାଇଁ ସାମୁହିକ ଜ୍ଞାନର ପ୍ରଭାବ କାରଣରୁ ଅସାବଧାନତାର ସମ୍ଭାବନା କମ୍ ଥାଏ ।

ଘ) **ନମନୀୟତା :** ଭାଗିଦାରୀ ବ୍ୟବସାୟରେ ନମନୀୟତା ମଧ୍ୟ ହୋଇଥାଏ । କୌଣସି ଭାଗୀଦାର ଅନ୍ୟ ଭାଗୀଦାରମାନଙ୍କ ସହମତିରେ ତାହାର ପ୍ରକୃତ, ଆକାର, କାର୍ଯ୍ୟକ୍ଷେତ୍ର ଇତ୍ୟାଦିର ପରିବର୍ତ୍ତନ କରିପାରେ ।

ଙ) **ଆଶଙ୍କାର ବଣ୍ଟନ :** ସର୍ତ୍ତ ଅନୁସାରେ ସମସ୍ତ ଭାଗୀଦାର ବ୍ୟବସାୟରେ ଆସୁଥିବା ଆଶଙ୍କାକୁ ପରସ୍ପର ମଧ୍ୟରେ ବହନ କରିଥାନ୍ତି ।

ଚ) **ବିଶେଷ ଆଗ୍ରହ :** ଯେପର୍ଯ୍ୟନ୍ତ ଭାଗୀଦାର ବ୍ୟବସାୟର ହାନି କିମ୍ବା ଲାଭକୁ ନିଜ ଭିତରେ ବାଣ୍ଟିଥାନ୍ତି ସେପର୍ଯ୍ୟନ୍ତ ସେମାନେ ବ୍ୟବସାୟ କ୍ରିୟା କଳାପରେ ବିଶେଷ ଆଗ୍ରହ ଦେଖାଇଥାନ୍ତି ।

ଛ) **ବିଶିଷ୍ଟତାର ଲାଭ:** ସମସ୍ତ ଭାଗୀଦାର ନିଜର ବିଶିଷ୍ଟ ଜ୍ଞାନ ଅନୁସାରେ ବ୍ୟବସାୟର କ୍ରିୟାକଳାପରେ ସକ୍ରିୟ ଭାଗ ନେଇଥାନ୍ତି । ଉଦାହରଣସ୍ୱରୂପ ନ୍ୟାୟିକ ପରାମର୍ଶଦାତା ବୃତ୍ତିରେ ଜଣେ ଭାଗୀଦାର ଦେଓ୍ୱାନୀ ମୋକଦ୍ଦମାର ପରାମର୍ଶ ଦେଇଥାନ୍ତି ତ ଅନ୍ୟ ଜଣେ ଅପରାଧ ମାମଲାର, ତୃତୀୟ ଜଣକ ଶ୍ରମକାନୁନ୍‌ର ବିଶେଷଜ୍ଞ ହୋଇପାରନ୍ତି ଏବଂ ସେମାନେ ନିଜ ନିଜ କ୍ଷେତ୍ର ସମ୍ବନ୍ଧିତ ମାମଲାର ପରାମର୍ଶ ଦେଇଥାନ୍ତି । ଠିକ୍ ସେହିପରି ଅଲଗା-ଅଲଗା ରୋଗର ବିଶେଷଜ୍ଞ ଡାକ୍ତରମାନେ ମିଶିକରି ଭାଗିଦାରୀରେ ଏକ କ୍ଲିନିକ୍ ଚଳାଇ ପାରନ୍ତି ।

ଜ) **ହିତର ସୁରକ୍ଷା :** ଭାଗିଦାରୀ ବ୍ୟବସାୟରେ ପ୍ରତ୍ୟେକ ଅଧିକାର ଏବଂ ହିତ ପୂରାପୂରି ଭାବରେ ସୁରକ୍ଷିତ ରହିଥାଏ । ଯଦି କୌଣସି ଭାଗୀଦାର କୌଣସି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ ତେବେ ସେ ଏହାକୁ ବଦଳାଇବାକୁ କହିପାରନ୍ତି, ଏପରିକି ଭାଗୀଦାରକୁ ଭାଙ୍ଗିଦେଇପାରନ୍ତି କିମ୍ବା ସେ ଫାର୍ମର କାର୍ଯ୍ୟରୁ ନିଜକୁ ପ୍ରତ୍ୟାହାର କରିନେଇପାରନ୍ତି ।

ଝ) **ଗୋପନୀୟତା :** ଭାଗୀଦାରୀ ଫାର୍ମର ବ୍ୟାବସାୟିକ ଗୋପନୀୟତା କେବଳ ଭାଗୀଦାରୀଙ୍କ ପାଖରେ ରହିଥାଏ । ବାହାରବ୍ୟକ୍ତିଙ୍କ ପାଖରେ ଏହାର ଗୁପ୍ତତା ଖୋଲିବା ଦରକାର ନାହିଁ । ଫାର୍ମର ବାର୍ଷିକ ବିବରଣୀ ପ୍ରକାଶନ ମଧ୍ୟ ବାଧ୍ୟତା ମୂଳକ ନୁହେଁ ।

"ଭାଗୀଦାରୀ ବ୍ୟବସାୟର ପ୍ରକୃତି ଏବଂ ଏହାର ଗୁଣ ଜାଣିଲାପରେ ଗୋପାଳ ଠିକ୍ କଲା ଯେ ସେ ଭାଗିଦାରୀ ବ୍ୟବସାୟ ଆରମ୍ଭ କରି ନିଜର ବ୍ୟବସାୟକୁ ବଢ଼ାଇବ । ଦିନେ ରହିମ୍‌କୁ ଭେଟିଲା । (ରହିମ୍ ମଧ୍ୟ ସେହି କଲୋନୀରେ ଏକ ତେଜରାତି ଦୋକାନ ଚଳାଉଥିଲା) ଗୋପାଳ ତାକୁ ନିଜର ଯୋଜନା ଭାଗିଦାରୀ ବ୍ୟବସାୟର ଗୁଣ ଏବଂ ତାର ବିଶେଷତ୍ୱ ବିଷୟରେ କହିଲା । ସେ ଗୋପାଳର କଥାକୁ ଧ୍ୟାନରେ ଶୁଣିଲା ଏବଂ ଭାଗିଦାରୀର ସୀମା ବିଷୟରେ ପଚାରିଲା । ଗୋପାଳ ତାର ସୀମା ବିଷୟରେ ଜାଣି ନଥିଲା । ଆସନ୍ତୁ ଏବେ ଆମେ ଭାଗିଦାରୀ ବ୍ୟବସାୟର ସୀମିତତା ବିଷୟରେ ଜାଣିବା ।"

ସୀମିତତା
- ଅସୀମିତ ଦେୟତା
- ଅନିଶ୍ଚିତ କାର୍ଯ୍ୟକାଳ
- ସୀମିତ ପୁଞ୍ଜି
- ଅହସ୍ତାନ୍ତରଣୀୟ ଭାଗ
- ପରସ୍ପର ମତଭେଦର ସମ୍ଭାବନା ।

୫.୪.୩ ଭାଗିଦାରୀ ବ୍ୟବସାୟର ସୀମିତତା

ଭାଗିଦାରୀ ବ୍ୟବସାୟର କେତେକ ସୀମା ବିଷୟରେ ନିମ୍ନରେ ଦିଆଗଲା:

୧) **ଅସୀମିତ ଦେୟତା :** ଭାଗିଦାରୀ ବ୍ୟବସାୟରେ ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଅସୀମିତ ଦେୟତା । ଅର୍ଥାତ୍ ସମସ୍ତ ଭାଗୀଦାରୀ ଫାର୍ମର ଋଣ ଏବଂ ଦେୟତା ନିମନ୍ତେ ବ୍ୟକ୍ତିଗତ ଭାବରେ ବା ସାମୁହିକ ଭାବରେ ଜମିଦାର (ଦାୟୀ) ହୋଇଥାନ୍ତି ଅନ୍ୟ ଭାଷାରେ ଫାର୍ମର ଦେୟତା ସେମାନଙ୍କର ନିଜ ସମ୍ପତ୍ତିରୁ ମଧ୍ୟ ପୈଠ କରାଯାଇଥାଏ ।

୨) **ଅନିଶ୍ଚିତ କାର୍ଯ୍ୟକାଳ:** ପ୍ରତ୍ୟେକ ଭାଗୀଦାରଙ୍କର କାର୍ଯ୍ୟକାଳ ଅନିଶ୍ଚିତ ହୋଇଥାଏ । କୌଣସି ଭାଗୀଦାରୀଙ୍କ ମୃତ୍ୟୁ, ଦେବାଳିଆପଣ, ପାଗଳ କିମ୍ବା ସେବା ନିବୃତ୍ତିରୁ ଫାର୍ମ ବନ୍ଦ ହୋଇପାରେ । କେବଳ ଏତିକି ନୁହେଁ କୌଣସି ଭାଗୀଦାର କୌଣସି ସମୟରେ ନିଜର ଭାଗୀଦାରୀକୁ ସମାପ୍ତ କରିବାର ଇଚ୍ଛା ପ୍ରକାଶ କରିପାରନ୍ତି ।



ଟିପ୍ପଣୀ

ଲାଭ

- ସ୍ଥାପନାର ସୁଗମତା
- ଅଧିକ ସମ୍ବଳର ଉପଲବ୍ଧି
- ଉନ୍ନତ ନିଷ୍ପତ୍ତି
- ନମନୀୟତା
- ଆଶଙ୍କାର ବଣ୍ଟନ
- ବିଶେଷ ଆଗ୍ରହ
- ହିତର ସୁରକ୍ଷା
- ଗୋପନୀୟତା

୩) **ସୀମିତ ପୁଞ୍ଜି:** ଯେହେତୁ ଅଂଶୀଦାର ୨୦ରୁ ଅଧିକ ହୋଇନଥାଏ, ଯୌଥ ଉଦ୍ୟୋଗ ଯେଉଁଠାରେ ଅଂଶୀଦାରଙ୍କ ସଂଖ୍ୟା ଅସୀମିତ ଥାଏ ତାହା ତୁଳନାରେ ପୁଞ୍ଜି ସଂଗ୍ରହ କମ୍ ହୋଇଥାଏ ।

୪) **ଅହସ୍ତାନ୍ତରଣୀୟ ଭାଗ:** ଭାଗୀଦାରୀ ଫାର୍ମର ଭାଗୀଦାର ନିଜର ଭାଗକୁ କୌଣସି ଅନ୍ୟ ଭାଗୀଦାର କିମ୍ବା କୌଣସି ବାହାର ବ୍ୟକ୍ତିକୁ ସ୍ୱେଚ୍ଛାକୃତ ଭାବରେ ହସ୍ତାନ୍ତରିତ କରି ପାରିବେ ନାହିଁ । ତେଣୁ ଏହା ସେହି ଭାଗୀଦାରଙ୍କ ପାଇଁ ଅସୁବିଧା ଜନକ ହୋଇଥାଏ ଯାହାକୁ କୌଣସି ଅନ୍ୟ ବ୍ୟକ୍ତିଙ୍କୁ ଆଂଶିକ ବା ସମ୍ପୂର୍ଣ୍ଣ ହସ୍ତାନ୍ତରିତ କରିବାକୁ ଚାହିଁଥାନ୍ତି । ଯଦି ସେ ଏପରି କରିବାକୁ ଚାହିଁବେ ତେବେ ଫାର୍ମକୁ ଭାଙ୍ଗିଦେବା ତାର ଅନ୍ତିମ ବିକଳ୍ପ ଅଟେ ।

୫) **ପରସ୍ପର ମତଭେଦର ସମ୍ଭାବନା :** ଭାଗୀଦାରୀ ଫାର୍ମର ପରିଚାଳନାରେ ପ୍ରତ୍ୟେକ ଭାଗୀଦାରଙ୍କର ସମାନ ଅଧିକାର ହୋଇଥାଏ । ପ୍ରତ୍ୟେକ ଭାଗୀଦାର ଯେକୌଣସି ମାମଲାକୁ ନିଜ ବିଚାର ଅନୁସାରେ ଯେତେବେଳେ ପରିଚାଳନ ସମ୍ମୁଖରେ ଚାହିଁବେ ରଖିପାରିବେ । ଏହି କାରଣରୁ କେବେ କେବେ ଭାଗୀଦାରରେ ମତଭେଦ ଏବଂ ବିବାଦ ହୋଇଥାଏ । ଏହି ମତଭେଦ ଝଗଡ଼ା ରୂପ ନେଇଥାଏ ଯାହାଫଳରେ ଫାର୍ମ ଭାଙ୍ଗିଯିବାର ଆଶଙ୍କା ସୃଷ୍ଟି ହୋଇଥାଏ ।

୫.୪.୪ ଭାଗୀଦାରୀର ପ୍ରକାର

ବର୍ତ୍ତମାନ ପର୍ଯ୍ୟନ୍ତ ତୁମେ ଜାଣିଲ ଯେ ସାଧାରଣତଃ ଭାଗୀଦାରୀ ଫାର୍ମରେ ପ୍ରତ୍ୟେକ ଭାଗୀଦାର ଫାର୍ମ ପୁଞ୍ଜିର ଯୋଗଦାନ ସଙ୍ଗେ ସଙ୍ଗେ ସକ୍ରିୟତାରେ ପ୍ରବନ୍ଧନ ଏବଂ ଦୈନିକ କାର୍ଯ୍ୟକଳାପରେ ଭାଗ ନିଅନ୍ତି ତଥା ନିଶ୍ଚିତ ଅନୁପାତରେ ଲାଭ ଏବଂ କ୍ଷତିରେ ଭାଗୀଦାର ହୁଅନ୍ତି । ଅନ୍ୟ ଭାଷାରେ ସମସ୍ତ ଭାଗୀଦାରଙ୍କୁ ସକ୍ରିୟ ଭାଗୀଦାର ହେବାକୁ ପଡ଼ିଥାଏ, କିନ୍ତୁ କେତେକ ଭାଗୀଦାର ବିଶେଷ ପରିସ୍ଥିତିରେ ସୀମିତ ଭୂମିକା ମଧ୍ୟ କରିଥାନ୍ତି । ସେମାନେ କେବଳ ପୁଞ୍ଜିରେ ଯୋଗଦାନ ଦିଅନ୍ତି ସେଥିପାଇଁ ସେମାନଙ୍କୁ ସକ୍ରିୟ ଭାଗୀଦାର କୁହାଯାଇପାରେ ନାହିଁ । ସେହିପରି କେତେକ ଭାଗୀଦାର ନିଜର ନାମ ଦେଇ ଥାଆନ୍ତି କିନ୍ତୁ - କୌଣସି ପ୍ରକାରର ସହଯୋଗ କରିନଥାନ୍ତି । ତାହାକୁ କେବଳ ନାମମାତ୍ର ଭାଗୀଦାର କୁହାଯାଏ । ଏହି ପ୍ରକାର ଭାଗିଦାରୀର ବିସ୍ତାର, ଲାଭର ବଣ୍ଟନ, ଏବଂ ଦେୟତା ଆଦି ଆଧାର ଉପରେ ଭାଗିଦାରଙ୍କୁ ନିମ୍ନଲିଖିତ ବର୍ଗରେ ବିଭାଜିତ କରାଯାଇପାରେ ।

କ) **ଅଂଶଗ୍ରହଣ ଆଧାରରେ:** ଭାଗିଦାରୀ ବ୍ୟବସାୟରେ ଦୈନିକ ପରିଚାଳନରେ ସହଭାଗିତା ଆଧାର ଉପରେ ଭାଗୀଦାରୀକୁ ସକ୍ରିୟ ଭାଗୀଦାର ଏକ ନିଷ୍କ୍ରିୟ ଭାଗୀଦାର ବର୍ଗରେ ବଣ୍ଟାଯାଇପାରିବ । ଯେଉଁ ଭାଗୀଦାର ଫାର୍ମର ସଂଚାଳନରେ ସକ୍ରିୟତାର ସହିତ ଭାଗ ନିଅନ୍ତି ତାକୁ ସକ୍ରିୟ ଭାଗୀଦାର କିମ୍ବା କର୍ମଶୀଳ ଭାଗୀଦାର କୁହାଯାଏ । ସକ୍ରିୟ ଭାବରେ ଭାଗ ନନେବା ଭାଗୀଦାରଙ୍କୁ ନିଷ୍କ୍ରିୟ ଭାଗୀଦାର ବା ସୁପ୍ତ ଭାଗୀଦାର କୁହାଯାଏ । ଏପରି ଭାଗୀଦାର କେବଳ ପୁଞ୍ଜି, ଲାଭ ଏବଂ ହାନିର ଭାଗୀଦାର ହୋଇଥାନ୍ତି ।

ଖ) **ଲାଭାଂଶ ଭାଗୀଦାରର ଆଧାର ଉପରେ :** ଲାଭର ଭାଗୀଦାରୀର ଆଧାର ଉପରେ ଭାଗୀଦାରଙ୍କୁ କେବଳ ନାମ ମାତ୍ର ଭାଗୀଦାର ଓ କେବଳ ଲାଭ ନିମନ୍ତେ ଭାଗୀଦାରରେ ବିଭାଜିତ କରାଯାଇପାରେ । ନାମମାତ୍ର ଭାଗୀଦାର ଫାର୍ମକୁ ନିଜ ନାମ ଭାଗୀଦାର ଭାବରେ ବ୍ୟବହାର କରିବାକୁ ଅନୁମତି ଦେଇଥାଆନ୍ତି । ସେ ଏଥିରେ ପୁଞ୍ଜି ନିବେଶ କରନ୍ତିନାହିଁ କିମ୍ବା

ଦୈନିକ ସଞ୍ଚାଳନରେ କୌଣସି ଭାଗ ନିଅନ୍ତିନାହିଁ । ସେ ଫାର୍ମର ଲାଭରେ ମଧ୍ୟ ଭାଗନିଅନ୍ତି କିନ୍ତୁ ତାଙ୍କର କ୍ଷତିରେ କୌଣସି ଭାଗିଦାରୀ ନଥାଏ । ତାକୁ କେବଳ ଲାଭର ଭାଗୀଦାରୀ କୁହାଯାଏ । ଏହା କେବଳ ନାବାଳକମାନଙ୍କ କ୍ଷେତ୍ରରେ ଲାଗୁହୋଇଥାଏ । ଯାହାର ଫାର୍ମରେ ପ୍ରବେଶ କେବଳ ଲାଭ ପାଇବାପାଇଁ ହୋଇଥାଏ ଏବଂ ଦେୟତା କେବଳ ପୁଞ୍ଜିର ଯୋଗଦାନ ମଧ୍ୟରେ ସୀମିତ ଥାଏ ।

ଗ) **ଦେୟତାର ଆଧାର ଉପରେ :** ଦେୟତାର ଆଧାର ଉପରେ ଭାଗୀଦାରୀଙ୍କୁ ସାଧାରଣ ଭାଗିଦାର ଓ ସୀମିତ ଭାଗୀଦାର କୁହାଯାଇଥାଏ । ସୀମିତ ଭାଗୀଦାରୀର ଦେୟତା ତାଙ୍କର ପୁଞ୍ଜି ଅନୁପାତରେ ନିର୍ଦ୍ଧାରିତ ହୋଇଥାଏ । ଏହି ପ୍ରକାରର ଭାଗୀଦାର ୟୁରୋପର କେତେକ ଦେଶରେ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଅଛନ୍ତି । କିନ୍ତୁ ଭାରତରେ ଏପରି ଭାଗୀଦାରୀଙ୍କୁ ସ୍ୱୀକୃତି ମିଳେନାହିଁ । ସୀମିତ ଭାଗୀଦାରୀ ଆକ୍ଟ ଭାରତୀୟ ସଂସଦର ବିଚାରାଧିନ ଅଛି । ଅସୀମିତ ଦାୟୀତ୍ୱ ବାଲା ଭାଗୀଦାର ମୁଖ୍ୟ ଭାଗୀଦାର ହୋଇଥାନ୍ତି । ଧ୍ୟାନଦେବାକୁ ହେବ ଯେ ଯିଏ ସୀମିତ ଭାଗୀଦାର ନୁହେଁ ସେ ମୁଖ୍ୟ ଭାଗୀଦାର ।

ଘ) **ବ୍ୟବହାର ଅଥବା ଆଚରଣର ଆଧାର ଉପରେ :** ଉପରୋକ୍ତ ଭାଗୀଦାରୀର ଅତିରିକ୍ତ ଭାଗୀଦାରୀ ଦୁଇ ପ୍ରକାରର ହୋଇଥାନ୍ତି । (କ) ବିବନ୍ଧିତ ଭାଗୀଦାର (Partner by estoppel), (ଖ) ବ୍ୟବହାର ଦ୍ୱାରା ଭାଗୀଦାର (Partner by Holding out) । ଏପରି ଭାଗୀଦାର ଯିଏ ଏପରି ବ୍ୟବହାର କରନ୍ତି ଯାହାକୁ ଲୋକ ସେହି ଫାର୍ମର ଭାଗୀଦାର ବୋଲି ଗ୍ରହଣ କରିଥାନ୍ତି, ତାଙ୍କୁ ବିବନ୍ଧିତ ଭାଗୀଦାର କହନ୍ତି । ଏହି ଧରଣର ଭାଗୀଦାର ଫାର୍ମରୁ ମିଳୁଥିବା ଲାଭରେ ଭାଗୀଦାର ହୁଅନ୍ତିନାହିଁ । କିନ୍ତୁ ତାଙ୍କର କୌଣସି ମନ୍ତବ୍ୟ ବା ବ୍ୟବହାର ଦ୍ୱାରା ଫାର୍ମରେ ହେଉଥିବା କ୍ଷତି ନିମନ୍ତେ ଦାୟୀ ରହନ୍ତି । ସେହିପରି ଯଦି କୌଣସି ଭାଗୀଦାରୀ ଫାର୍ମ କୌଣସି ବ୍ୟକ୍ତିକୁ ନିଜର ଭାଗୀଦାର ଘୋଷଣା କରନ୍ତି ଏବଂ ସମ୍ବନ୍ଧିତ ବ୍ୟକ୍ତି ତା ଉପରେ ନିଜର ଅସହମତି ପ୍ରକାଶ ନକରନ୍ତି ସେ ବ୍ୟକ୍ତି ବ୍ୟବହାରଦ୍ୱାରା ଭାଗୀଦାର (Partner by Holding out) କୁହାଯାଏ । ଏପରି ଭାଗୀଦାର ଲାଭର ଦାବି କରନ୍ତି ନାହିଁ କିନ୍ତୁ ଦେୟତା ନିମନ୍ତେ ଅବଶ୍ୟ ଦାୟୀ ରହନ୍ତି ।

ଭାଗୀଦାର ବିସ୍ତାରର ଆଧାର ଉପରେ



ରାହୁଲ ଗୋପାଳର ଘନିଷ୍ଠ ମିତ୍ର ଅଟେ । ସେ ଗୋପାଳର ଦୋକାନରେ ଘଣ୍ଟାଘଣ୍ଟା ଧରି ବସେ । ଗୋପାଳର ଅନୁପସ୍ଥିତିରେ ସେ ଗ୍ରାହକ ଏବଂ ଯୋଗାଣକାରୀଙ୍କ ସହିତ ନେଣ-ଦେଣ ମଧ୍ୟ କରିଥାଏ । ଏହା ଭାବିକରି ଯେ ସେ ରାହୁଲ, ଗୋପାଳର ଭାଗୀଦାର ଅଟେ । (କିନ୍ତୁ ସେ ତାର ଭାଗୀଦାର ନୁହେଁ) । ଜଣେ ଯୋଗାଣକାରୀ ରାହୁଲ ସହିତ ଏକ ସଉଦା କଥାବାର୍ତ୍ତା କରିଥିଲା କିନ୍ତୁ ଗୋପାଳ ସେଥିରେ ରାଜି ନଥିଲା । ଏଥିରେ ଯୋଗାଣକାରୀକୁ କ୍ଷତି ସହିବାକୁ ପଡ଼ିଲା । ଏହି କ୍ଷତିପାଇଁ ଗୋପାଳ ରାହୁଲ ଉପରେ କ୍ଷତିପୂରଣ ଦାବିକରି ପାରିବ କି ? ରାହୁଲ କି ପ୍ରକାର ଭାଗୀଦାର ଅଟେ ?

୫.୪.୫ ଭାଗୀଦାରୀ ଫାର୍ମର ଉପଯୁକ୍ତତା :

ଆମେ ଆଗରୁ ଜାଣିଛେ ଯେ ଭିନ୍ନ ଭିନ୍ନ ଯୋଗ୍ୟତା, କୌଶଳ ଏବଂ ଅନୁଭବକୁ ନେଇ ବ୍ୟକ୍ତି ବ୍ୟବସାୟ ଚଳାଇବା ନିମନ୍ତେ ଭାଗୀଦାରୀ ଫାର୍ମ ପ୍ରସ୍ତୁତ କରିଥାନ୍ତି । ଭାଗୀଦାରୀ ନିର୍ମାଣ ସଂବର୍ଧ୍ୟ, କାନୁନ୍, ସେବା ଏବଂ ଚିକିତ୍ସା ସେବା ଯେପରି ବ୍ୟବସାୟ ସଫଳତାପୂର୍ବକ ଚଳାଯାଇପାରେ । ମଧ୍ୟମସ୍ତରରେ ପୁଞ୍ଜିର ଆବଶ୍ୟକତା ଥିବା ବ୍ୟବସାୟ ନିମନ୍ତେ ଭାଗୀଦାରୀ ଉପଯୁକ୍ତ ଅଟେ । ପାଇକାରୀ ବ୍ୟାପାର, ବ୍ୟାବସାୟିକ ସେବା, ବ୍ୟାପାରିକ କେନ୍ଦ୍ର, ଲଘୁ ଉଦ୍ୟୋଗ ଆଦି ଭାଗୀଦାର ଫାର୍ମ ଅନ୍ତର୍ଗତ ସଫଳତା ପୂର୍ବକ ଚଳାଇ ଯାଇ ପାରିଥାଏ ।

୫.୪.୬ ଭାଗୀଦାରୀ ଫାର୍ମର ସ୍ଥାପନା

ଭାଗୀଦାରୀ ଫାର୍ମର ସ୍ଥାପନା ନିମନ୍ତେ ନିମ୍ନ ସୋପାନଗୁଡ଼ିକ ଆବଶ୍ୟକ ଅଟେ ।

କ) ଭାଗୀଦାରୀ ଫାର୍ମ ଚଳାଇବାପାଇଁ ଅତିକମ୍‌ରେ ୨ଜଣ ବ୍ୟକ୍ତି ଦରକାର । ବ୍ୟାଙ୍କିଙ୍ଗ୍ ବ୍ୟବସାୟ ଚଳାଇବା ପାଇଁ ସର୍ବାଧିକ ସଂଖ୍ୟା ୧୦ ଏବଂ ଅନ୍ୟାନ୍ୟ ବ୍ୟବସାୟ ପାଇଁ ସର୍ବାଧିକ ୨୦ଜଣ ଆବଶ୍ୟକ ।

ଖ) ବ୍ୟବସାୟର ପ୍ରକୃତି ଏବଂ ଉଦ୍ଦେଶ୍ୟ ଅନୁସାରେ ସମାନ ବୌଦ୍ଧିକ କ୍ଷମତା ବାଲା ବ୍ୟକ୍ତିମାନଙ୍କୁ ଭାଗୀଦାରୀ ନିମନ୍ତେ ମନୋନୀତ କରାଯିବା ଦରକାର ।

ଗ) ବ୍ୟବସାୟକୁ ଚଳାଇବା, ଲାଭବାଣ୍ଟିବା ତଥା ହାନି ବହନ କରିବା ନିମନ୍ତେ ଭାଗୀଦାରୀଙ୍କ ମଧ୍ୟରେ ଏକ ସର୍ତ୍ତ (Agreement) ହେବା ଦରକାର, ଏହି ସର୍ତ୍ତ ଲିଖିତ ରୂପରେ ହେବା ଦରକାର ଏବଂ ଏହା ସମସ୍ତ ଭାଗୀଦାରଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଦରକାର । ଏହି ଲିଖିତ ସର୍ତ୍ତ, ଯାହାକୁ ଭାଗୀଦାର-ପତ୍ର ମଧ୍ୟ କୁହାଯାଏ ।

ଭାଗିଦାରୀ ଦଲିଲରେ ନିମ୍ନଲିଖିତ ତଥ୍ୟ ଲିଖିତ ଥାଏ:

୧) ଫାର୍ମର ନାମ
୨) ବ୍ୟବସାୟର ପ୍ରକୃତି
୩) ଭାଗୀଦାରଙ୍କ ନାମ ଏବଂ ଠିକଣା
୪) ବ୍ୟବସାୟ ସ୍ଥାନର ବିବରଣୀ
୫) ଯଦି ନୂଆ ହୋଇଥାଏ ତେବେ ଭାଗୀଦାରୀର ସମୟସୀମା
୬) ଲାଭ-ହାନିର ଅନୁପାତ
୭) ପ୍ରତ୍ୟେକ ଭାଗୀଦାର ଦ୍ୱାରା ପୁଞ୍ଜିର ଯୋଗଦାନ

୮) ଭାଗୀଦାରଙ୍କର କର୍ତ୍ତବ୍ୟ, ଅଧିକାର ଏବଂ ଦାୟୀତ୍ୱ

୯) ଭାଗୀଦାରଙ୍କର ବେତନ ଏବଂ ଉଠାଣ

୧୦) ଖାତାର ଲେଖାଙ୍କନ ଏବଂ ଲେଖା ପରୀକ୍ଷଣ (Auditing)

୧୧) ଫାର୍ମକୁ ଭାଙ୍ଗିଦେବାର ଉପାୟ

୧୨) ବିବାଦର ସମାଧାନର ଉପାୟ

ଘ) ଭାଗୀଦାରଙ୍କୁ ନିଜର ଫାର୍ମର ସମ୍ବନ୍ଧିତ ରାଜ୍ୟରେ ଫାର୍ମର ରେଜିଷ୍ଟ୍ରାରଙ୍କ ନିକଟରେ ପଞ୍ଜୀକୃତ କରିବା ଦରକାର, ଯଦିଓ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ, ତଥାପି ପଞ୍ଜୀକରଣ ନକରିବାର କୁପରିଣାମରୁ ରକ୍ଷା ପାଇବା ପାଇଁ ଫାର୍ମ ତିଆରି ସମୟରେ କିମ୍ବା ଅନ୍ୟ ସମୟରେ ପଞ୍ଜୀକରଣ କରିନେବା ଭଲ ହୋଇଥାଏ । ଫାର୍ମର ପଞ୍ଜୀକରଣ ନିମ୍ନ ପ୍ରକାରରେ କରାଯାଇଥାଏ ।

୧) ପଞ୍ଜୀକରଣ ନିମନ୍ତେ ନିଶ୍ଚିତ ଫର୍ମ ପୂରଣ କରି ସମ୍ବନ୍ଧିତ ରାଜ୍ୟର ରେଜିଷ୍ଟ୍ରାରଙ୍କୁ ଆବେଦନ କରିବା ଦରକାର ।

୨) ଫର୍ମକୁ ପୂରା ଏବଂ ଠିକ୍‌ରେ ପୂରଣ କରି ସମସ୍ତ ଭାଗୀଦାରଙ୍କ ସ୍ୱାକ୍ଷର କରିବା ଦରକାର ।

୩) ପୂରଣ ହୋଇଥିବା ଆବେଦନ-ପତ୍ର ସହିତ ପଞ୍ଜୀକରଣ ଶୁଳ୍କ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମା କରିବାକୁ ହୁଏ ।

୪) ତାପରେ ରେଜିଷ୍ଟ୍ରାର ଆବେଦନ ପତ୍ରର ଅନୁଧ୍ୟାନକରିବେ ଏବଂ ସନ୍ତୁଷ୍ଟ ହେଲାପରେ ପଞ୍ଜୀକରଣ ସଂବନ୍ଧିତ ସମସ୍ତ ଔପଚାରିକତା ପୁରା କରାଯାଏ, ଫାର୍ମର ନାମ ନିଜର ରେଜିଷ୍ଟରରେ ଲେଖିବେ ଏବଂ ଫାର୍ମର ନାମ ପଞ୍ଜୀକରଣ ପ୍ରମାଣ-ପତ୍ର ପ୍ରଦାନ କରିବେ ।

ଗୋପାଳ ଏବଂ ରହିମ୍ ମିଶିକରି ଏକ ଭାଗୀଦାରୀ ଫାର୍ମ ଚଳାଉଛନ୍ତି । ବ୍ୟବସାୟକୁ ସଫଳତା ପୂର୍ବକ ଚଳାଇ ଆସୁଛନ୍ତି । ଲାଭ ମଧ୍ୟ ପାଉଛନ୍ତି । ଗୋପାଳର ବାପା ସେହି ଅଞ୍ଚଳରେ ଏକ ପାଇକାରୀ ବ୍ୟବସାୟ ଚଳାଉଛନ୍ତି । ଏହି ବ୍ୟବସାୟ ପ୍ରଥମେ ତାର ଜେଜେ ଚଳାଉଥିଲେ । ଦିନେ ତାକୁ ତାର ପିତାଙ୍କ ଠାରୁ ଜାଣିବାକୁ ମିଳିଲା ଯେ ତାକୁ ଏବଂ ତା ଛୋଟଭାଇ-ଭଉଣୀ ସେ ବ୍ୟବସାୟରେ ସମାନ ସମାନ ଭାଗୀଦାର ଅଟନ୍ତି । ସେଇଟା ପରିବାରର ବ୍ୟବସାୟ ଅଟେ ଏବଂ ଗୋପାଳ ନିଜର ପରିବାର ବ୍ୟବସାୟରେ ନିଜ ଅଂଶ ନ ହରାଇ ଅନ୍ୟ ଏକ ଭାଗୀଦାରୀ ବ୍ୟବସାୟ ଚଳାଉଛି । ଏହି ସୂଚନା ଗୋପାଳକୁ ଦ୍ୱନ୍ଦ୍ୱରେ ପକାଇ ଦେଲା କିନ୍ତୁ ତା ପିତା ତାକୁ ବୁଝାଇଥିଲେ ଯେ ଏହା ହେଉଛି ପାରିବାରିକ ବ୍ୟବସାୟ । ହିନ୍ଦୁ ଅଧିନିୟମ ଅନୁସାରେ ସଂଯୁକ୍ତ (ଯୌଥ) ହିନ୍ଦୁ ପରିବାର ବ୍ୟବସାୟ ଅଟେ । ଆସ ଯୌଥ ହିନ୍ଦୁ ପରିବାର ବ୍ୟବସାୟ ବିଷୟରେ ଜାଣିବା ।

ପାଠଗତ ପ୍ରଶ୍ନାବଳୀ ୫(ଖ)

୧) ଭାଗୀଦାର ଫର୍ମର ସନ୍ଦର୍ଭରେ ନାବାଳକର ସ୍ଥିତି ଲେଖ

ଟିପ୍ପଣୀ

୨) ନିମ୍ନଲିଖିତ ବାକ୍ୟସହ ଭାଗୀଦାରୀ ଫାର୍ମ ପ୍ରସ୍ତୁତିର ସମ୍ବନ୍ଧ ଅଛି । ଯଦି ଏହା ଭୁଲ ଥାଏ ତେବେ ଠିକ୍ କରି ପୁନର୍ବାର ଲେଖ ।

କ) ବ୍ୟାଙ୍କିଙ୍ଗ୍ ବ୍ୟବସାୟର ଭାଗିଦାରୀରେ ଚଳାଇବାପାଇଁ ସର୍ବାଧିକ ୨୦ ଭାଗିଦାର ହେବା ଦରକାର

ଖ) ଭାଗିଦାରୀ ବିଲେଖ (ଦଲିଲ୍) ମୌଖିକ କିମ୍ବା ଲିଖିତ ହୋଇପାରେ

ଗ) ଭାଗୀଦାରରେ ନିଯୋକ୍ତା-କର୍ମଚାରୀ ସମ୍ବନ୍ଧ ରହିଥାଏ ।

ଘ) ଭାଗୀଦାର ଫର୍ମରେ ହରି ଏବଂ ମଧୁ ପ୍ରତ୍ୟେକ ୧୦,୦୦୦ ଟଙ୍କା ଲେଖାଏଁ ଅଶଂଦାନ କରିଛନ୍ତି । ଫାର୍ମରେ ହାନିର ସ୍ଥିତିରେ ମଧୁର ଦେୟତା ୧୦,୦୦୦ ପର୍ଯ୍ୟନ୍ତ ସୀମିତହେବ ।

ଙ) ଏକ ବ୍ୟକ୍ତି ବର୍ତ୍ତମାନ ଭାଗୀଦାରୀମାନଙ୍କ ସହିତ ସଂବନ୍ଧର ଆଧାର ଉପରେ ଭାଗୀଦାରୀ ଫର୍ମରେ ଲାଭ ଅର୍ଜନ କଲା ।

୩. ନିମ୍ନଲିଖିତ ପରିସ୍ଥିତିରେ ଭାଗୀଦାରର ପ୍ରକାର ଚିହ୍ନଟ କର ।

କ) ୨୫ ବର୍ଷୀୟ ଭାଗୀଦାର ଶ୍ରୀଧରର ଦେୟତା ତାହାର ପୁଞ୍ଜି ନିବେଶ ପର୍ଯ୍ୟନ୍ତ ଅଟେ ।

ଖ) ମଦନ ପୁଞ୍ଜିରେ ଅଂଶଧନ ଦେଇନାହିଁ କି ଲାଭର ଭାଗ ମଧ୍ୟ ତାର ନାହିଁ ତଥାପି ସେ ଭାଗୀଦାର ଅଟେ ।

ଗ) ୧୫ ବର୍ଷୀୟା ସୁନୀତା ଫାର୍ମରେ ଲାଭର ଅଂଶ ନେବା ପାଇଁ ପ୍ରବେଶ କରିଅଛି ।

ଘ) ସୁଧୀର ଫାର୍ମରେ ନିବେଶ କରିଅଛି ଏବଂ ସେ ଲାଭ-କ୍ଷତିରେ ଭାଗ ନେଉଛି । କିନ୍ତୁ ଦୈନିକ କ୍ରିୟାକଳାପରେ ଭାଗ ନେଉନାହିଁ ।

ଙ) ଏକ ଫାର୍ମ ଘୋଷଣା କଲା କି ସଚିନ୍ ତାହାର ଏକ ଭାଗୀଦାର ଅଟେ । ସେ ଘୋଷଣା ଶୁଣିକରି ସଚିନ୍ ଏହାକୁ ଅସ୍ୱୀକାର କଲାନାହିଁ ।

୫.୫. "ଯୌଥ ହିନ୍ଦୁ ପରିବାର" ବ୍ୟବସାୟ

ଏକକ ମାଲିକାନା ତଥା ଭାଗୀଦାରୀ ବ୍ୟବସାୟ ବିଷୟରେ ଜାଣିଲା ପରେ, ଏବେ ଏକ ନିଆରା ବ୍ୟାବସାୟିକ କାର୍ଯ୍ୟ ବିଷୟରେ କଥାହେବା । ଏହା କେବଳ ଭାରତରେ ହିନ୍ଦୁ ପରିବାରରେ ଦେଖିବାକୁ ମିଳେ । ଯୌଥ ହିନ୍ଦୁ ପରିବାର ବ୍ୟବସାୟ ଏକ ପ୍ରକାର ଏପରି ବ୍ୟବସାୟିକ କାର୍ଯ୍ୟ ଯାହା ଯୌଥ କିମ୍ବା ଅବିଭାଜିତ ହିନ୍ଦୁ ପରିବାର ଦ୍ୱାରା ଚଳାଯାଇଥାଏ । ପରିବାର ତିନି ପିଢ଼ି (ଜେଜେଠାରୁ ନାତି ପର୍ଯ୍ୟନ୍ତ)ର ସଦସ୍ୟ ଏହି ବ୍ୟବସାୟର ସଦସ୍ୟ ହୋଇଥାନ୍ତି । କର୍ତ୍ତା ଅର୍ଥାତ ପରିବାରର ବରିଷ୍ଠ ବ୍ୟକ୍ତି ଏହାକୁ ସଂଚାଳିତ କରିଥାନ୍ତି । ଅନ୍ୟ ସଦସ୍ୟଙ୍କ ସହ ସମ୍ବନ୍ଧୀ (Co-parceners) କୁହାଯାଏ । ଅନ୍ୟ ସମସ୍ତ ସଦସ୍ୟଙ୍କୁ ବ୍ୟାବସାୟିକ ସମ୍ପତ୍ତିରେ ବରାବର ସ୍ୱତ୍ତ୍ୱ ଅଧିକାର ମିଳିଥାଏ ।

ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ସଦସ୍ୟତାର ଅଧିକାର ପରିବାରରେ ଜନ୍ମ ହେବା ପରେ ମିଳିଥାଏ । ଜଣେ ନାବାଳକ ସଦସ୍ୟ ହେବାରେ କୌଣସି ପ୍ରତିବନ୍ଧକ ନଥାଏ । ହିନ୍ଦୁ ଅଧିନିୟମର "ଦୟାଭାଗ ପ୍ରଣାଳୀ" ଅନୁସାରେ ସମସ୍ତ ପୁରୁଷ ଏବଂ ସ୍ତ୍ରୀ ସଦସ୍ୟ ବ୍ୟବସାୟରେ ଯୌଥ ମାଲିକ ହୋଇଥାନ୍ତି । କିନ୍ତୁ ହିନ୍ଦୁ ନିୟମର "ମିତାକ୍ଷର" ପ୍ରଣାଳୀ ଅନୁସାରେ ପରିବାରର କେବଳ ପୁରୁଷ ସଦସ୍ୟ ହିଁ ସହ-ଭାଗୀ ହୋଇପାରିବେ । "ଦୟାଭାଗ ପ୍ରଣାଳୀ" ପଶ୍ଚିମବଙ୍ଗରେ ପ୍ରଚଳିତ ଅଛି ଏବଂ "ମିତାକ୍ଷର" ପ୍ରଣାଳୀ ଦେଶର ଅନ୍ୟ ସମସ୍ତ ଅଞ୍ଚଳରେ ପ୍ରଚଳିତ ।

୫.୫.୧ ଯୌଥ ହିନ୍ଦୁ ପରିବାର (JHF)ର ବିଶେଷତ୍ୱ

ଏପର୍ଯ୍ୟନ୍ତ ତୁମେ ଜାଣି ସାରିଲଣି ଯେ "ଯୌଥ ହିନ୍ଦୁ ପରିବାର"ର ବ୍ୟବସାୟରେ କେତେକ ବିଶେଷତା ରହିଅଛି । ସେଗୁଡ଼ିକ ହେଲା:

କ) **ସ୍ଥାପନା :** "ଯୌଥ ହିନ୍ଦୁ ପରିବାର" ବ୍ୟବସାୟ ନିମନ୍ତେ ପରିବାରରେ କମ୍ ସେ କମ୍ ଦୁଇ ଜଣ ସଦସ୍ୟ ଏବଂ କିଛି ପୈତୃକ ସମ୍ପତ୍ତି ଥିବା ଦରକାର । ଏହା କୌଣସି ସର୍ତ୍ତଦ୍ୱାରା ପରିଚାଳିତ ହୁଏ ନାହିଁ, ମାତ୍ର ଆଇନ୍ ଦ୍ୱାରା କ୍ରିୟାଶୀଳ ହୋଇଥାଏ ।

ଖ) **ବୈଧାନିକ ସ୍ଥିତି :** ଯୌଥ ହିନ୍ଦୁ ପରିବାର ବ୍ୟବସାୟ ଏକ ସାମୁହିକ ମାଲିକାନା ବିଶିଷ୍ଟ ବ୍ୟବସାୟ ଅଟେ । ଏହା ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ ଅନୁସାରେ ଶାସିତ ହୋଇଥାଏ ।

ଗ) **ସଦସ୍ୟତା :** ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ପରିବାରର ବାହାର କୌଣସି ବ୍ୟକ୍ତି ସହ-ଭାଗୀ ହୋଇପାରିବେ ନାହିଁ । କେବଳ ଅବିଭାଜିତ ପରିବାରର ସଦସ୍ୟ ଜନ୍ମରୁ ଏହାର ସଦସ୍ୟ ହୋଇଥାନ୍ତି ।

ଘ) **ଲାଭର ବଣ୍ଟନ :** ସମସ୍ତ ସହଭାଗୀ ବ୍ୟବସାୟର ଲାଭରେ ସମାନ ସମାନ ଭାଗୀଦାର ହୋଇଥାନ୍ତି ।

ଙ) **ପରିଚାଳନ :** ଏହି ବ୍ୟବସାୟର ପରିଚାଳନ ପରିବାରର ବରିଷ୍ଠ ସଦସ୍ୟ କରିଥାନ୍ତି, ଯାହାକୁ କର୍ତ୍ତା କହନ୍ତି । ପରିବାରର ଅନ୍ୟ ସଦସ୍ୟଙ୍କ ପରିଚାଳନାରେ ଭାଗ ନେବାର ଅଧିକାର ନଥାଏ । କର୍ତ୍ତା ନିଜର ଇଚ୍ଛାନୁସାରେ ବ୍ୟବସାୟ ଚଳାଇବାକୁ କ୍ଷମତା ପ୍ରାପ୍ତ, ଏବଂ ଅନ୍ୟ କୌଣସି ସଦସ୍ୟ

ଟିପ୍ପଣୀ

ପରିଚାଳନାର ଶୈଳୀରେ ପ୍ରଶ୍ନ କରିପାରିବେ ନାହିଁ । ଯଦି ସହଭାଗୀ କର୍ତ୍ତା ପରିଚାଳନାରେ ଅସନ୍ତୁଷ୍ଟ ହୁଅନ୍ତି କେବଳ ପରସ୍ପର ବୁଝାମଣାଭିତ୍ତିରେ ଅଭିଭାଜିତ ହିନ୍ଦୁ ପରିବାରର ବିଘଟନ ହୋଇଥାଏ ।

ଚ) **ଦାୟୀତ୍ୱ :** ସହ ସମାଂଶୀମାନଙ୍କ ଦାୟୀତ୍ୱ ବ୍ୟବସାୟରେ ସେମାନଙ୍କର ଅଂଶ ପର୍ଯ୍ୟନ୍ତ ସୀମିତ ହୋଇଥାଏ । କେବଳ କର୍ତ୍ତାର ଦାୟୀତ୍ୱ ଅସୀମିତ ହୋଇଥାଏ । ବ୍ୟବସାୟର ଆବଶ୍ୟକତା ସମୟରେ ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର ମଧ୍ୟ ଉପଯୋଗ କରାଯାଇଥାଏ ।

ଛ) **ନିରନ୍ତରଣ :** କୌଣସି ସହ-ସମ୍ବନ୍ଧୀ (co-parcener)ର ମୃତ୍ୟୁରେ ବ୍ୟବସାୟର ନିରନ୍ତରଣ ଉପରେ କୌଣସି ପ୍ରଭାବ ପଡ଼େନାହିଁ । ଏପରିକି କର୍ତ୍ତାର ମୃତ୍ୟୁପରେ ପରିବାରର ଅନ୍ୟ ବରିଷ୍ଠ ସହ-ସମାଂଶୀ କର୍ତ୍ତାର ଦାୟୀତ୍ୱ ନେଇଥାନ୍ତି । ଯୌଥ ହିନ୍ଦୁ ପରିବାର ବ୍ୟବସାୟର ପରସ୍ପର ବୁଝାମଣା କିମ୍ବା ନ୍ୟାୟାଳୟରେ ଆବେଦନକରି ପରିବାରର ବିଘଟନ (ଭାଙ୍ଗିବା) କରାଯାଇପାରେ ।

ବିଶେଷତ୍ୱ
(୧) ସ୍ଥାପନା
(୨) ବୈଧାନିକସ୍ଥିତି,
(୩) ସଦସ୍ୟତା,
(୪) ଲାଭର ବଣ୍ଟନ,
(୫) ପ୍ରବନ୍ଧନ,
(୬) ଦାୟୀତ୍ୱ,
(୭) ନିରନ୍ତରଣ

୫.୫.୨ 'ଯୌଥ ହିନ୍ଦୁ ପରିବାର' ବ୍ୟବସାୟର ଗୁଣ

କ) **ନିଶ୍ଚିତ ଲାଭାଂଶ** – ପ୍ରତ୍ୟେକ ସହ-ସମ୍ବନ୍ଧୀ ବ୍ୟବସାୟକୁ ଚଳାଇବାରେ ନିଜ ନିଜର ଯୋଗଦାନ କ୍ରିୟା ନକରି ଲାଭର ସମାନ ଭାଗ ପାଇଥାନ୍ତି । ଏଥିରେ ନାବାଳକ, ବେମାର, ଶାରୀରିକ କିମ୍ବା ମାନସିକ ଅସୁବିଧାରେ ଥିବା ସହ-ଭାଗୀଙ୍କର ସମାନ ଭାଗ ସୁରକ୍ଷିତ ରହିଥାଏ ।

ଖ) **ଶୀଘ୍ର ନିଷ୍ପତ୍ତି :** ଏହି ବ୍ୟବସାୟରେ କର୍ତ୍ତା ପରିଚାଳନ ସମ୍ବନ୍ଧରେ ପୂର୍ଣ୍ଣ ସ୍ୱତନ୍ତ୍ରତାର ଆନନ୍ଦ ଉଠାଇଥାନ୍ତି । ଫଳରେ କାହାର ଦଖଲ ବିନା ସେ ଶୀଘ୍ର ନିଷ୍ପତ୍ତି ନେଇଥାନ୍ତି ।

ଗ) **ଜ୍ଞାନ ଏବଂ ଅନୁଭବକୁ ବାଣ୍ଟିବା** – ଏକ ଯୌଥ ହିନ୍ଦୁ ପରିବାରର ଯୁବପିଢ଼ିକୁ ନିଜର ବରିଷ୍ଠ ସଦସ୍ୟଙ୍କ ଜ୍ଞାନ ଏବଂ ଅନୁଭବର ଫାଇଦା ଉଠାଇବା ସୁଯୋଗ ମିଳିଥାଏ । ସେ ଏମାନଙ୍କଠାରେ ଅନୁଶାସନ, ଆତ୍ମବଳିଦାନ, ଏବଂ ସହନଶୀଳତା ପରି ଗୁଣ ଭରି ଦେଇଥାନ୍ତି ।

ଘ) **ସଦସ୍ୟଙ୍କର ସୀମିତ ଦାୟୀତ୍ୱ** – କର୍ତ୍ତାଙ୍କୁ ଛାଡ଼ିକରି ବାକି ସମସ୍ତ ସହ-ସମ୍ବନ୍ଧୀଙ୍କର ଦାୟୀତ୍ୱ ସେମାନଙ୍କର ପୁଞ୍ଜି ଅଂଶଦାନ ମଧ୍ୟରେ ସୀମିତ ଅଟେ । ଏହି ସ୍ଥିତି ସଦସ୍ୟଙ୍କର କର୍ତ୍ତାଙ୍କର ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର ବ୍ୟବସାୟ ଚଳାଇବା ପାଇଁ ସକ୍ଷମ କରିଦିଅନ୍ତି ।

ଙ) **କର୍ତ୍ତାର ଅସୀମିତ ଦାୟୀତ୍ୱ :** କର୍ତ୍ତାଙ୍କର ଦାୟୀତ୍ୱ ଅସୀମିତ ହୋଇଥାଏ । ଏପରିକି ବ୍ୟବସାୟ ନ ଚାଲିଲେ ଦେୟତାକୁ ଅର୍ଥ ପୈଠ ନିମନ୍ତେ ସେ ନିଜ ସମ୍ପତ୍ତିର ବାଜି ଲଗାଇଥାନ୍ତି । ଏହି କାରଣରୁ କର୍ତ୍ତାଙ୍କୁ ବ୍ୟବସାୟକୁ ଅତି ସାବଧାନତାର ସହିତ ବୁଦ୍ଧି ଖଟାଇ ଚଳାଇବାକୁ ପଡ଼ିଥାଏ ।

ଚ) **ନିରନ୍ତର ଅସ୍ତିତ୍ୱ :** କୌଣସି ସଦସ୍ୟଙ୍କର ମୃତ୍ୟୁ କିମ୍ବା ଦେବାଳିଆ ହେବାଦ୍ୱାରା ବ୍ୟବସାୟର ନିରନ୍ତରଣ ଉପରେ କୌଣସି ପ୍ରଭାବ ପଡ଼େନାହିଁ, ତାହା ଦୀର୍ଘ ସମୟଧରି ଚାଲୁ ରହିଥାଏ ।

ଛ) **ଟିକସ ଲାଭ :** ଟିକସ କ୍ଷେତ୍ରରେ ଅବିଭାଜିତ ହିନ୍ଦୁ ପରିବାର ଏକ ସ୍ୱତନ୍ତ୍ର କରଦାତା ଅଟେ । ବ୍ୟବସାୟରେ ପ୍ରାପ୍ତ ଆୟ ସହିତ ସହ-ସମ୍ବନ୍ଧୀଙ୍କର ନିଜ ଆୟକୁ କର ନିମନ୍ତେ ସମ୍ମିଳିତ କରାଯାଏ ନାହିଁ ।

ଗୁଣ :
କ) ନିଶ୍ଚିତ ଲାଭ,
ଖ) ଶୀଘ୍ର ନିଷ୍ପତ୍ତି,
ଗ) ଜ୍ଞାନ ଏବଂ ଅନୁଭବର ବଣ୍ଟନ,
ଘ) ସଦସ୍ୟଙ୍କର ସୀମିତ ଦାୟୀତ୍ୱ,
ଙ) କର୍ତ୍ତାର ଅସୀମିତ ଦାୟୀତ୍ୱ,
ଚ) ନିରନ୍ତର ଅସ୍ତିତ୍ୱ ।

ଗୁଣକୁ ଜାଣିଲାପରେ ଆସ ହିନ୍ଦୁ ପରିବାର ବ୍ୟବସାୟର ସୀମିତତା ବିଷୟରେ ଜାଣିବା ।

୫.୫.୩. ଯୌଥ ହିନ୍ଦୁ ପରିବାର ବ୍ୟବସାୟର ସୀମିତତା

କ) **ସୀମିତ ସଂସାଧନ :** ଯୌଥ ହିନ୍ଦୁ ପରିବାରରେ ସାଧାରଣତଃ ସୀମିତ ବିତ୍ତ ଏବଂ ପ୍ରବନ୍ଧିକୀୟ ସାଧନ ହୋଇଥାଏ । ଏଥିପାଇଁ ବ୍ୟବସାୟର ଏହି ପ୍ରକାର ବଡ଼ ବ୍ୟବସାୟ ନିମନ୍ତେ ଉଚିତ ନୁହେଁ ।

ଖ) **ପ୍ରେରଣାର ଅଭାବ :** ସମସ୍ତସହ-ସମ୍ବନ୍ଧିଙ୍କର ଲାଭରେ ସମାନ ଭାଗ ଥାଏ । ତେଣୁ ପ୍ରବନ୍ଧରେ ଭାଗୀଦାରୀ ଲାଭାଂଶ ସହିତ ସିଧା ସମ୍ବନ୍ଧ ନରହୁଥିବାରୁ ସେ ଭଲ କାମ କରିବା ପାଇଁ ପ୍ରେରିତ ହୁଅନ୍ତ ନାହିଁ ।

ଗ) **ଅଧିକାରର ଦୁରୁପଯୋଗର ସମ୍ଭାବନା :** ଯେପର୍ଯ୍ୟପ୍ତ ଏହି ବ୍ୟବସାୟକୁ ଚଳାଇବା ପାଇଁ କର୍ତ୍ତା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥାଏ ସେଥିପାଇଁ ସମ୍ଭାବନା ଥାଏ ଯେ ନିଜର ଲାଭ ନିମନ୍ତେ ସେ ଅଧିକାର ଦୁରୁପଯୋଗ କରିପାରେ ।

ଘ) **ଅସ୍ଥିରତା :** ଯୌଥ ହିନ୍ଦୁ ପରିବାର ବ୍ୟବସାୟର ନିରନ୍ତରତା ନିମନ୍ତେ ସର୍ବଦା ବିପଦର ଆଶଙ୍କା ଥାଏ । କାରଣ ପରିବାରର ଛୋଟ ଛୋଟ ମନୋମାଳିନ୍ୟରୁ ବ୍ୟବସାୟରେ ବିଭାଜନ ହୋଇପାରେ ।

ସୀମିତତା-
କ) ସୀମିତ ସଂଚାଳନ,
ଖ) ପ୍ରେରଣାର ଅଭାବ,
ଗ) ଅଧିକାରର ଦୁରୁପଯୋଗର ସମ୍ଭାବନା,
ଘ) ଅସ୍ଥିରତା

୫.୫.୪ 'ଯୌଥ ହିନ୍ଦୁ ପରିବାର' ବ୍ୟବସାୟର ଉପଯୁକ୍ତତା

ଯେଉଁ କ୍ଷେତ୍ରରେ ଯୌଥ ହିନ୍ଦୁ ପରିବାର ଏକ ବ୍ୟବସାୟକୁ ଉତ୍ତରାଧିକାର ସୂତ୍ରରେ ପାଇଥାନ୍ତି ଏବଂ ସେହି ବ୍ୟବସାୟକୁ ଚଳାଇବା ପାଇଁ ପରିବାରର ସଦସ୍ୟମାନେ ଏକମତ ହୋଇଥାନ୍ତି, ସେ କ୍ଷେତ୍ରରେ ଯୌଥ ହିନ୍ଦୁ ପରିବାର ବ୍ୟବସାୟ ହୋଇଥାଏ । ଏହା ବ୍ୟତୀତ ସେମାନେ ଏପରି ବ୍ୟବସାୟ ନିମନ୍ତେ ଉପଯୁକ୍ତ ହୋଇଥାନ୍ତି ଯେଉଁଥିରେ କମ୍ ପୁଞ୍ଜି ଏବଂ ପ୍ରବନ୍ଧର ଆବଶ୍ୟକତା ସଙ୍ଗେ ସଙ୍ଗେ ତାହାର କ୍ଷେତ୍ର ମଧ୍ୟ ସୀମିତ ହୋଇଥିବ । ଏହାମଧ୍ୟ ଦେଖାଯାଇଛି ଯେ 'ଯୌଥ ହିନ୍ଦୁ ପରିବାର' ବ୍ୟବସାୟ ସାଧାରଣତଃ ବ୍ୟାପାରିକ ବ୍ୟବସାୟ, ଦେଶୀ ବ୍ୟାଙ୍କିଙ୍ଗ୍, ଲଘୁ ଉଦ୍ୟୋଗ ଏବଂ ଶିଳ୍ପ ପରି ବ୍ୟବସାୟ ନିମନ୍ତେ ହିଁ ଉପଯୁକ୍ତ ଅଟେ ।

୫.୫.୫ 'ଯୌଥ ହିନ୍ଦୁ ପରିବାର' ବ୍ୟବସାୟର ସ୍ଥାପନା

ଯୌଥ ହିନ୍ଦୁ ପରିବାର ବ୍ୟବସାୟ ହିନ୍ଦୁ ଆଇନ୍‌ର ଧାରାନୁସାରେ ହୋଇଥାଏ । ଏହି ବ୍ୟବସାୟ ସ୍ଥାପନ କରିଥିବା ବ୍ୟକ୍ତିର ମୃତ୍ୟୁ ପରେ ଅସ୍ତିତ୍ୱକୁ ଆସିଥାଏ । ଯଦି ପରିବାରର ସଦସ୍ୟ ଏହି ପାରିବାରିକ ବ୍ୟବସାୟକୁ ଆଗକୁ ବଢ଼ାଇବାକୁ ଚାହାନ୍ତି ତେବେ ବ୍ୟବସାୟ ସ୍ଥାପନ କରିଥିବା ବ୍ୟକ୍ତିର ଉତ୍ତରାଧିକାରୀ କେବଳ ସହ-ସମ୍ବନ୍ଧୀ ହୋଇଥାଏ । ପିଲାମାନେ ଜନ୍ମରୁ ଏହାର ସଦସ୍ୟ ହୋଇଥାନ୍ତି । ପରିବାରର ବରିଷ୍ଠ ସଦସ୍ୟ ବ୍ୟବସାୟର କର୍ତ୍ତା ହୋଇଥାନ୍ତି । ଏହାର ସ୍ଥାପନା ନିମନ୍ତେ ଆଇନ୍‌ଗତ ଔପଚାରିକତାକୁ ପୂରା କରିବାକୁ ପଡ଼ି ନଥାଏ । କିନ୍ତୁ ଟିକସ ସମ୍ବନ୍ଧୀୟ ରିହାତି ନିମନ୍ତେ ତାକୁ ଆୟକର ବିଭାଗରେ ପଞ୍ଜୀକରଣ କରିବାକୁ ପଡ଼ିଥାଏ ।

ପାଠଗତ ପ୍ରଶ୍ନାବଳୀ ୫(ଗ)

୧) କର୍ତ୍ତାର ଦାୟୀତ୍ୱ କାହିଁକି ଅସୀମିତ ହେବା ଦରକାର ?

____

____

୨) ତଳେ ଲେଖାଯାଇଥିବା ବାକ୍ୟରୁ ଯୌଥ ହିନ୍ଦୁ ପରିବାର ବ୍ୟବସାୟର ଗୁଣ ଏବଂ ସୀମାକୁ ବାଛ । ପାର୍ଶ୍ୱରେ ଦିଆଯାଇଥିବା ଖାଲିସ୍ଥାନରେ ଗୁଣ ନିମନ୍ତେ 'ଗ' ଏବଂ ସୀମା ନିମନ୍ତେ 'ସ' ଲେଖ ।

କ) ପରିବାରର ଯୁବ ସଦସ୍ୟ ବରିଷ୍ଠ ସଦସ୍ୟଙ୍କ ଠାରୁ ଜ୍ଞାନ ଏବଂ ଅନୁଭବ ଶିଖିଥାନ୍ତି । [ ]

ଖ) କୌଣସି ସଦସ୍ୟର ମୃତ୍ୟୁ କିମ୍ବା ଦେବାଳିଆ ହେବାଦ୍ୱାରା ବ୍ୟବସାୟର ନିରନ୍ତରତାରେ କୌଣସି ପ୍ରଭାବ ପଡ଼େନାହିଁ । [ ]

ଗ) ସହ-ସମ୍ବନ୍ଧୀ ନିଜର ସର୍ବଶ୍ରେଷ୍ଠ ପ୍ରୟାସ ନିମନ୍ତେ ଅଭିପ୍ରେରିତ ହୋଇନଥାନ୍ତି । [ ]

ଘ) ସଦସ୍ୟମାନଙ୍କ ଲାଭର ବିଭାଜନ ବରାବର କରାଯାଏ ଏପରି ନୁହେଁ କି ସେମାନଙ୍କଦ୍ୱାରା ଦିଆଯାଇଥିବା ଯୋଗଦାନ ହିସାବରେ ବଣ୍ଟନ । [ ]

ଙ) କର୍ତ୍ତା କାହାର ହସ୍ତକ୍ଷେପ ବିନା ନିଜର ନିଷ୍ପତ୍ତି ନେଇଥାନ୍ତି । [ ]

୩. ଭାଗୀଦାରୀ ଏବଂ ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ସଦସ୍ୟ ସଂଖ୍ୟାର ଆଧାରରେ ପାର୍ଥକ୍ୟ ସ୍ପଷ୍ଟକର ।

୫.୬ ସମବାୟ ସମିତି

ଏପର୍ଯ୍ୟନ୍ତ ତୁମେ ବିଭିନ୍ନ ବ୍ୟାବସାୟିକ ସଂଗଠନ ଯେପରି ଏକକ ମାଲିକାନା, ଭାଗୀଦାରୀ ଏବଂ ଯୌଥ ହିନ୍ଦୁ ପରିବାରର ବ୍ୟବସାୟ ବିଷୟରେ ଜାଣିଲ । ଏହିସବୁ ବ୍ୟବସାୟର ସ୍ଥାପନା, ପ୍ରବନ୍ଧନ, ପୁଞ୍ଜି ନିବେଶ ଆଦିରେ ବିଭିନ୍ନ ପାର୍ଥକ୍ୟ ଥିଲେ ମଧ ଏହି ସବୁରେ ଏକ ସମାନତା ଅଛି । ଏହିସବୁ ସଂଗଠନର ଗୋଟିଏ ଉଦ୍ଦେଶ୍ୟ ରହିଛି, ତା'ହେଉଛି ଲାଭ ପାଇବା । କିନ୍ତୁ କେତେକ ବ୍ୟାବସାୟିକ ସଂଗଠନ ଏପରିଅଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ଲାଭ ପାଇବା ହୋଇନଥାଏ ବଂର ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରିବା ହୋଇଥାଏ । ଯଦିଓ ଏହି ସଂଗଠନ କିଛି ଲାଭ ମଧ୍ୟ ପାଇଥାନ୍ତି ତଥାପି ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତ ସଦସ୍ୟଙ୍କର କଲ୍ୟାଣ ନିମନ୍ତେ ଧ୍ୟାନ ଦେବା । ସେମାନେ ସମସ୍ତ ସଦସ୍ୟଙ୍କର ସଂସାଧନକୁ ଏକତ୍ରୀତ କରି ଏହାର ସଦ୍‌ଉପଯୋଗ କରିଥାନ୍ତି ଏବଂ ପ୍ରାପ୍ତ ଲାଭକୁ ସଦସ୍ୟ ମାନଙ୍କ ମଧ୍ୟରେ ବାଣ୍ଟି ଦେଇଥାନ୍ତି । ଏହି ସଂଗଠନଗୁଡ଼ିକୁ ସମବାୟ ସମିତି କୁହାଯାଏ, ଆସ ଏମାନଙ୍କ ବିଷୟରେ ଅଧିକ କିଛି ଜାଣିବା ।

ସମବାୟ ବା କୋପରେଟିଭ ଶବ୍ଦର ସୃଷ୍ଟି ଲାଟିନ୍ ଭାଷାର ଶବ୍ଦ କୋ + ଓପରାରୀରୁ ହୋଇଅଛି । 'କୋ' ଶବ୍ଦର ଅର୍ଥ 'ସାଥ' ଏବଂ 'ଓପରାରୀ'ର ଅର୍ଥ 'କାମ କରିବା' ଅଟେ । ଅର୍ଥାତ୍ ସାଥ-

ସାଥ କାମ କରିବା । ଏହିପରି କୌଣସି ଆର୍ଥିକ ଉଦ୍ଦେଶ୍ୟ ସାଧନ ପାଇଁ ମିଶିକରି କାମ କରିବା ନିମନ୍ତେ ଗଠିତ ସମିତିକୁ ସମବାୟ ସମିତି କୁହାଯାଏ । ଏହା ଏପରି ଏକ ସ୍ୱେଚ୍ଛାଗତ ସଂସ୍ଥା ଯେଉଁଥିରେ କିଛି ବ୍ୟକ୍ତି ନିଜର ଆର୍ଥିକ ହିତକୁ ଉତ୍ସାହିତ କରିବା ପାଇଁ ସାମୁହିକ ଭାବରେ କାମ କରିଥାନ୍ତି । ଏହା ପରସ୍ପର ସାହାଯ୍ୟ ଏବଂ ସ୍ୱୟଂ ସହାୟତାର ସିଦ୍ଧାନ୍ତ ଉପରେ କାମ କରିଥାଏ । ଏହାର ପ୍ରମୁଖ ଉଦ୍ଦେଶ୍ୟ ନିଜର ସଦସ୍ୟଙ୍କୁ ସହାୟତା ଦେବା । ଏଥିରେ ଲୋକ ଏକାଠି ହୋଇ କାମ କରିଥାନ୍ତି । ନିଜର ଘରୋଇ ସଂସାଧନ କିମ୍ବା ପୁଞ୍ଜି ଲଗାଇ ନିଜର ସର୍ବୋତ୍ତମ ଉପାୟର ଉପଯୋଗ କରି ପାଇଥିବା ଲାଭକୁ ପରସ୍ପର ଭିତରେ ବାଣ୍ଟିଥାଆନ୍ତି ।

"ଭାରତୀୟ ସମବାୟ ସମିତି ଅଧିନିୟମ ୧୯୧୨ ଅନୁସାରେ ଏହା ଏପରି ଏକ ସମିତି ଯାହାର ଉଦ୍ଦେଶ୍ୟ ନିଜର ସଦସ୍ୟମାନଙ୍କର ଆର୍ଥିକହିତକୁ ସାମୁହିକ ସିଦ୍ଧାନ୍ତଦ୍ୱାରା ଉତ୍ସାହିତ କରିବା ।"

୫.୬.୧ ସମବାୟ ସମିତିର ବିଶେଷତ୍ୱ

ଉପରୋକ୍ତ ଆଲୋଚନାର ଆଧାର ଉପରେ ସମବାୟ ସମିତିର ନିମ୍ନ ବିଶେଷତା ରହିଅଛି ।

କ) **ସ୍ୱେଚ୍ଛାକୃତ ଭାଗୀଦାରୀ :** ଏଥିରେ ସଦସ୍ୟମାନେ ନିଜ ଇଚ୍ଛାନୁସାରେ ସମିତିର ସଦସ୍ୟ ହୋଇଥାଆନ୍ତି । ଏକ ସମାନ ସାମୁହିକ ଆର୍ଥିକ ଉଦ୍ଦେଶ୍ୟଥିବା ବ୍ୟକ୍ତି ନିଜର ଇଚ୍ଛାରେ ଏହାର ସଦସ୍ୟତା ପ୍ରାପ୍ତ କରନ୍ତି ଏବଂ ଯେପର୍ଯ୍ୟନ୍ତ ଚାହିଁବେ ରହିପାରିବେ ଏବଂ ଯେବେ ଚାହିଁବେ ଏହାର ସଦସ୍ୟତାରୁ ଓହରି ଯାଇପାରିବେ ।

ଖ) **ଖୋଲା ସଦସ୍ୟତା:** ଏହାର ସଦସ୍ୟତା ସମାନ ଆର୍ଥିକ ଉଦ୍ଦେଶ୍ୟଥିବା ବ୍ୟକ୍ତିମାନଙ୍କ ପାଇଁ ଖୋଲା ରହିଥାଏ । ଯେ କୌଣସି ବ୍ୟକ୍ତି ଜାତି, ଧର୍ମ, ସଂପ୍ରଦାୟ, ରଂଗ ଏବଂ ଲିଙ୍ଗ ଭେଦରେ ଏହାର ସଦସ୍ୟ ହୋଇପାରିବେ ।

ଗ) **ସଦସ୍ୟ ସଂଖ୍ୟା :** ସମବାୟ ସମିତି ନିମନ୍ତେ ଅତି କମ୍‌ରେ ଦଶଜଣ ସଭ୍ୟ ହେବା ଦରକାର । ଆନ୍ତଃରାଜ୍ୟ ସମବାୟ ସମିତି ନିମନ୍ତେ ପ୍ରତ୍ୟେକ ରାଜ୍ୟରୁ ଅତିକମ୍‌ରେ ୫୦ ଜଣ ସଦସ୍ୟ ହେବା ଦରକାର । ସମବାୟ ସମିତି ଅଧିନିୟମରେସଦସ୍ୟଙ୍କର ସଂଖ୍ୟାରେ କୌଣସି କଟକଣା ନାହିଁ । ଏପରିକି ସମିତି ସ୍ଥାପନା ପରେ ପରସ୍ପର ସ୍ୱୀକୃତିଦ୍ୱାରା ଅଧିକ ସଦସ୍ୟ ନିଆଯାଇପାରେ ।

ଘ) **ସମିତିର ପଞ୍ଜୀକରଣ :** ଭାରତରେ ସମବାୟ ସମିତି ଆଇନ୍‌ ୧୯୧୨ କିମ୍ବା ରାଜ୍ୟ ସମବାୟ ସମିତି ଆକ୍ଟ ଅଧିନରେ ଏହାକୁ ପଞ୍ଜୀକୃତ କରାଯାଇ ପାରିବ । ତଥା ଆନ୍ତଃରାଜ୍ୟ ସମବାୟ ସମିତି, ଅନ୍ତର୍ରାଜୀୟ ସହକାରୀ ସମିତି ଆକ୍ଟ ୨୦୦୨ଅନ୍ତର୍ଗତ ପଞ୍ଜୀକରଣ କରାଯାଏ । ସମବାୟ ସମିତି ଥରେ ପଞ୍ଜୀକୃତ ହୋଇଗଲାପରେ ତାହାର ସ୍ୱତନ୍ତ୍ର ଆଇନଗତ୍‌ ଅସ୍ତିତ୍ୱ ହୋଇଯାଏ । ତାକୁ ନିମ୍ନଲିଖିତ ବିଶେଷତା ପ୍ରାପ୍ତ ହୁଏ ।

୧) ସମିତିର ଚୀରସ୍ଥାୟୀ ଉତ୍ତରାଧିକାରୀ ସ୍ଥିର କରାଯାଏ ।

୨) ଏହାର ଏକ ସାଧାରଣ ମୋହର ହୋଇଥାଏ ।

୩) ଏହା ଅନ୍ୟ ସହିତ ଅନୁବନ୍ଧ କରିପାରେ ।

୪) ଏହା ନ୍ୟାୟାଳୟରେ ଅନ୍ୟ ଉପରେ ମୋକଦ୍ଦମା କରିପାରେ ।

୫) ଏହା ନିଜ ନାମରେ ସମ୍ପତ୍ତି ରଖିପାରେ ।

ଟିପ୍ପଣୀ

ଙ) **ରାଜ୍ୟର ନିୟନ୍ତ୍ରଣ :** ସମବାୟ ସମିତିର ପଞ୍ଜୀକରଣ ଅନିବାର୍ଯ୍ୟ ହୋଇଥିବାରୁ ପ୍ରତ୍ୟେକ ସମବାୟ ସମିତି ସରକାରଙ୍କର ନିୟନ୍ତ୍ରଣ ଏବଂ ନିରୀକ୍ଷଣରେ ଚାଲେ । ସରକାରଙ୍କର ସମବାୟ ବିଭାଗ ସମିତିମାନଙ୍କ କାର୍ଯ୍ୟ ଉପରେ ନଜର ରଖିଥାଏ । ପ୍ରତ୍ୟେକ ସମିତିକୁ ସରକାରଙ୍କର ସମବାୟ ବିଭାଗ ପାଖରେ ନିଜ ଖାତାର ଲେଖା-ପରୀକ୍ଷଣ କରିବାକୁ ପଡ଼ିଥାଏ ।

ଚ) **ପୁଞ୍ଜି :** ପ୍ରତ୍ୟେକ ସମବାୟ ସମିତିର ସଦସ୍ୟ ପୁଞ୍ଜିରେ ଅଂଶଦାନ କରିଥାନ୍ତି । କାରଣ ସଦସ୍ୟଙ୍କ ଅଂଶଦାନ ବହୁତ ସୀମିତ ହୋଇଥାଏ ସେଥିପାଇଁ ସେ ସରକାର କିମ୍ବା ଶୀର୍ଷ ସମବାୟ ସଂସ୍ଥାରୁ ଋଣ କରିଥାନ୍ତି ଏବଂ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ମଂଜୁରୀ ଅନୁଦାନ କିମ୍ବା ବାର୍ଷିକ ସହାୟତା ଉପରେ ନିର୍ଭର କରିଥାନ୍ତି ।

ଛ) **ଗାଣତନ୍ତ୍ରିକ ପ୍ରବନ୍ଧନ :** ସମବାୟ ସମିତି ଗଣତାନ୍ତ୍ରିକ ଢଙ୍ଗରେ କାର୍ଯ୍ୟ କରିଥାଏ । ପ୍ରତ୍ୟେକ ସଦସ୍ୟଙ୍କୁ ସମିତିର ସଂଚାଳନରେ ଭାଗ ନେବାର ଅଧିକାର ଥାଏ । ତଥାପି ସମିତି ସଫଳ ପରିଚାଳନ ନିମନ୍ତେ ଏକ ପରିଚାଳନା କମିଟିର ନିର୍ବାଚନ କରିଥାଏ । ଏହି ନିର୍ବାଚନ ସଦସ୍ୟଙ୍କ ଅଂଶ ଉପରେ ନକରି ବ୍ୟକ୍ତି ଏବଂ ମତର ଆଧାରଉପରେ କରାଯାଇଥାଏ । ସଦସ୍ୟଙ୍କ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ଏହି ପରିଚାଳନା କମିଟିର କାର୍ଯ୍ୟକଳାପର ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଥାଏ ।

ଜ) **ସେବା ଉଦ୍ଦେଶ୍ୟ:** ସମସ୍ତ ସମିତିର ମୁଖ୍ୟ ଉଦ୍ଦେଶ୍ୟ ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରିବା ।

ଝ) **ପୁଞ୍ଜି ନିବେଶର ପ୍ରତିଫଳ :** ସଦସ୍ୟଙ୍କୁ ନିଜର ପୁଞ୍ଜି ନିବେଶ ଉପରେ ଲାଭାଂଶ ରୂପରେ ପ୍ରତିଫଳ ମିଳିଥାଏ ।

ଞ) **ଉଦ୍‌ବୃତ୍ତର ଆବଣ୍ଟନ :** ସମିତିର ସଦସ୍ୟଙ୍କୁ ସମିତି ଲାଭାଂଶ ଦେଲାପରେ ବଳକା ଧନରାଶିକୁ ସମିତିର କଲ୍ୟାଣ ନିମନ୍ତେ ରଖାଯାଏ । ଯଦି ତା'ପରେ ଧନରାଶି ବଳକା ରହେ ତେବେ ତାହାକୁ ସଦସ୍ୟମାନଙ୍କ ମଧ୍ୟରେ ବୋନସ୍ ରୂପେ ବାଣ୍ଟିଦିଆଯାଏ ।

୫.୬.୨ ସମବାୟ ସମିତିର ପ୍ରକାର :

ତୁମେ ଜାଣିଛ ଯେ ସମବାୟ ସଂଗଠନକୁ ବିଭିନ୍ନ କ୍ଷେତ୍ରରେ ସମାଜର ବିଭିନ୍ନ ବର୍ଗର ଆର୍ଥିକ ହାର ଉନ୍ନତି କରିବା ନିମନ୍ତେ ଗଠନ କରାଯାଏ । ଏଥିପାଇଁ ଲୋକମାନଙ୍କର ଆବଶ୍ୟକତା ଅନୁରୂପ ଭାରତରେ ବିଭିନ୍ନ ପ୍ରକାରର ସମବାୟ ସମିତି ଗଠନ ହୋଇଅଛି । ସେମାନଙ୍କ ମଧ୍ୟରୁ କେତେକ ପ୍ରକାରର ସମିତି ବିଷୟରେ ନିମ୍ନରେ ଦିଆଗଲା ।

କ) **ଉପଭୋକ୍ତା ସମବାୟ ସମିତି :** ଏହି ସମବାୟ ସମିତିର ସ୍ଥାପନା ଉପଯୁକ୍ତ ଦାମ୍‌ରେ ଉନ୍ନତମାନର ଉପଭୋକ୍ତା ବସ୍ତୁଗୁଡ଼ିକୁ ଉପଭୋକ୍ତାଙ୍କର ଉପଲବ୍ଧ କରାଇ ସେମାନଙ୍କର ହିତ କରାଯାଇଥାଏ ।

ଖ) **ଉତ୍ପାଦକ ସମବାୟ ସମିତି:** ଏହି ସମିତିର ସ୍ଥାପନା ଛୋଟ ଉତ୍ପାଦନକାରୀ ଏବଂ କାରିଗରଙ୍କ ହିତର ସୁରକ୍ଷା ନିମନ୍ତେ କରାଯାଇଥାଏ । ଏହି ସମିତିମାନେ ତାକୁ ଉତ୍ପାଦନ ନିମନ୍ତେ ଆବଶ୍ୟକ କଞ୍ଚାମାଲ, ଉପକରଣ ଏବଂ ଯନ୍ତ୍ରପାତି ଆଦି ଉପଲବ୍ଧ କରାଇଥାନ୍ତି ।

ବିଶେଷତ୍ୱ :
କ) ସ୍ୱେଚ୍ଛାକୃତ ଭାଗୀଦାରୀ,
ଖ) ଖୋଲା ସଦସ୍ୟତା,
ଗ) ସଦସ୍ୟଙ୍କର ସଂଖ୍ୟା,
ଘ) ପଞ୍ଜୀକରଣ,
ଙ) ରାଜ୍ୟର ନିୟନ୍ତ୍ରଣ,
ଚ) ପୁଞ୍ଜି,
ଛ) ଗଣତନ୍ତ୍ରିକ ପରିଚାଳନ,
ଜ) ସେବା ଉଦ୍ଦେଶ୍ୟ,
ଝ) ପୁଞ୍ଜି ନିବେଶ ଉପରେ ପ୍ରତିଫଳ,
ଞ) ଉଦ୍‌ବୃତ୍ତର ଆବଣ୍ଟନ ।

ଗ) **ବିପଣନ ସମବାୟ ସମିତି :** ଉତ୍ପାଦିତ ବସ୍ତୁର ବିପଣନରେ ଆସୁଥିବା ସମସ୍ୟା ଦୂର କରିବା ନିମନ୍ତେ ଛୋଟ ଛୋଟ ଉତ୍ପାଦକ ମିଶି ବିପଣନ ସମବାୟ ସମିତି ଗଠନ କରିଥାନ୍ତି ।

ଘ) **ଆବାସିକ ସମବାୟ ସମିତି :** ଏହି ସମିତିଗୁଡ଼ିକ ସାଧାରଣତଃ ସହର ମାନଙ୍କରେ ନିଜର ସଦସ୍ୟମାନଙ୍କୁ ଘର, ଜାଗା ଯୋଗାଇଦେବାର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ଗଠିତ ହୋଇଥାଏ ।

ଙ) **କୃଷି ସମବାୟ ସମିତି :** ଏହି ସମିତି ଦ୍ୱାରା ଛୋଟ ଛୋଟ କୃଷକମାନଙ୍କୁ ଅଧିକ ପରିମାଣର ଚାଷର ଲାଭ ଉପଲବ୍ଧ କରାଇବା ନିମନ୍ତେ ଗଠିତ ହୋଇଥାଏ ।

ଚ) **ଋଣ ସମବାୟ ସମିତି:** ଏହି ସମିତି ସେହି ଲୋକମାନଙ୍କ ଦ୍ୱାରା ଗଠିତ ହୋଇଥାଏ ଯାହାଙ୍କୁ ଋଣର ଆବଶ୍ୟକତା ହୋଇଥାଏ । ସେମାନେ ସଦସ୍ୟମାନଙ୍କର ଜମାରାଶିକୁ ଆଦାୟ କରି ସେହି ଲୋକମାନଙ୍କୁ ଉଚିତ ସୁଧରେ ଋଣ ଉପଲବ୍ଧ କରାଇଥାନ୍ତି ।

କର ଏବଂ ଶିଖ

ସମବାୟ ସମିତି ବିଷୟରେ ଉପରୋକ୍ତ କଥାବାର୍ତ୍ତା ଏବଂ ବ୍ୟାବସାୟିକ ସଂଗଠନର ପ୍ରକାର ବିଷୟରେ ତୁମକୁ ନିଜର ବୁଝାମଣାର ଆଧାର ଉପରେ ନିମ୍ନତାଲିକା ପୂରଣ କର ।

ସମବାୟ ସମିତିର ପ୍ରକାର	ସମିତି କିଏ ସ୍ଥାପନ କରିଥାଏ	ସମିତିର ଉଦ୍ଦେଶ୍ୟ	ସମିତିର କାର୍ଯ୍ୟ
୧) ଉପଭୋକ୍ତା ସମବାୟ ସମିତି			
୨) ଉତ୍ପାଦକ ସମବାୟ ସମିତି			
୩) ବିପଣନ ସମବାୟ ସମିତି			
୪) ଆବାସିକ ସମବାୟ ସମିତି			
୫) କୃଷି ସମବାୟ ସମିତି			
୬) ଋଣ ସମବାୟ ସମିତି			

ଗୁଣ :
 କ) ସୁଗମ ସ୍ଥାପନା,
ଖ) ସୀମିତ ଦାୟୀତ୍ୱ,
ଗ) ଖୋଲା ସଦସ୍ୟତା,
ଘ) ସରକାରୀ ସହାୟତା,
ଙ) ସ୍ଥିର ଜୀବନ,
ଚ) ଟିକସ ରିହାତି,
ଛ) ଲୋକତାନ୍ତ୍ରିକ ପ୍ରବନ୍ଧ

୫.୬.୩ ସମବାୟ ସମିତିର ଉପାଦେୟତା:

ସମବାୟ ସମିତି ଏପରି ଏକ ବ୍ୟବସାୟିକ ସଂଗଠନ ଅଟେ ଯେଉଁଠାରେ ନିଜର ଲାଭ ଅପେକ୍ଷା ନିଜର ସଦସ୍ୟମାନଙ୍କ ସେବାକୁ ଅଧିକ ମହତ୍ତ୍ୱ ଦିଆଯାଏ । ଏହାର ବିଶେଷଣ ଏବଂ ପ୍ରକାର ଜାଣିବା ପରେ ଆସ ତାର ବ୍ୟାବସାୟିକ ଗୁଣ ବିଷୟରେ ଜାଣିବା ।

ଟିପ୍ପଣୀ

କ) **ସୁଗମ ସ୍ଥାପନା :** ଯେ କୌଣସି ଦଶ ଜଣ ବୟସ୍କ ବ୍ୟକ୍ତି ନିଜ ଇଚ୍ଛାରେ ମିଶିକରି ଏକ ସଂସ୍ଥା ଗଠନକରି ତାହାକୁ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକରଣ କରି ପାରିବେ । ଏହି ପଞ୍ଜୀକରଣ ସହଜ ଅଟେ ଏବଂ ଏଥିରେ ଅଧିକ ବୈଧାନିକ ଔପଚାରିକତା ନଥାଏ ।

ଖ) **ସମିତି ଦାୟୀତ୍ୱ :** ସମବାୟ ସମିତିର ସଦସ୍ୟମାନଙ୍କର ଅଂଶଦାନରେ ପୁଞ୍ଜି ଗଠନ କରିବା ଯାଏ ଦାୟୀତ୍ୱ ସୀମିତ ଥାଏ । ସେମାନେ ବ୍ୟକ୍ତି ଭାବରେ ସମିତିର ଋଣ ପାଇଁ ଦାୟୀ ହୁଅନ୍ତି ନାହିଁ ।

ଗ) **ଖୋଲା ସଦସ୍ୟତା :** ଯେ କୌଣସି ସକ୍ଷମ ଏବଂ ସମଭାବାପନ୍ନ ବ୍ୟକ୍ତି କେବେବି ସମବାୟ ସମିତିର ସଦସ୍ୟ ହୋଇପାରିବେ ।

ଘ) **ସମବାୟ ସହାୟତା :** କୌଣସି ଦେଶର ବିକାଶ ନିମନ୍ତେ ସେଠାର ଦୁର୍ବଳ ଶ୍ରେଣୀର ଆର୍ଥିକ ବିକାଶ କରିବା ଆବଶ୍ୟକ । ସେଥିପାଇଁ ଏହି ସମବାୟ ସମିତିର ସଦସ୍ୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଠାରୁ ଋଣ, ଅନୁଦାନ ଆଦି ସରକାରୀ ସାହାଯ୍ୟ ମିଳିଥାଏ ।

ଙ) **ସ୍ଥିର ଜୀବନ :** ସମବାୟ ସମିତି ଚୀର ସ୍ଥାୟୀ ଜୀବନ ପାଇଥାନ୍ତି । ସଦସ୍ୟଙ୍କର ମୃତ୍ୟୁ, ତାଙ୍କର ତ୍ୟାଗପତ୍ର, ଦେବାଳିଆପଣ ଆଦିରେ ସମିତି ଉପରେ କୌଣସି ପ୍ରଭାବ ପଡ଼େନାହିଁ । କାରଣ ତାର ନିଜର ବୈଧାନିକ ଅସ୍ତିତ୍ୱ ଥାଏ ।

ଚ) **ଟିକସ ରିହାତି :** ଲୋକମାନଙ୍କୁ ସମବାୟ ସମିତି ସ୍ଥାପନା କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ସରକାର ସୁଧରେ ରିହାତି ଦେଇଥାନ୍ତି ଯାହା ସମୟ-ସମୟରେ ବଦଳୁଥାଏ ।

ଛ) **ଗଣତାନ୍ତ୍ରିକ ପ୍ରବନ୍ଧ :** ସମବାୟ ସମିତିର ପ୍ରବନ୍ଧ ସମସ୍ତ ସଦସ୍ୟ ଦ୍ୱାରା ନିର୍ବାଚିତ ପ୍ରବନ୍ଧ ସମିତି କରିଥାଏ । ସଦସ୍ୟ କାନୁନ୍ ଦ୍ୱାରା ତିଆରି ସୀମା ମଧ୍ୟରେ ରହି ସ୍ୱୟଂ ନିୟମ ଏବଂ ବେନିୟମ କାନୁନ୍ ତିଆରି କରିଥାନ୍ତି ।

୫.୬.୪ ସମବାୟ ସମିତିର ସୀମିତତା

ଯଦିଓ ସମବାୟ ସମିତିର ଗଠନ ଉଦ୍ଦେଶ୍ୟ ସଦସ୍ୟମାନଙ୍କ ମଧ୍ୟରେ ପରସ୍ପରକୁ ସାହାଯ୍ୟ ଏବଂ ସହଯୋଗ କରିବା, ତଥାପି ଦେଖାଯାଏ ଯେ ଦୀର୍ଘସମୟ ପର୍ଯ୍ୟନ୍ତ ଏହି ଭାବନା ତିଷ୍ଠି ରହେନାହିଁ । ସମବାୟ ସମିତିକୁ ସାଧାରଣତଃ ନିମ୍ନଲିଖିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ସୀମିତତା
କ) ସୀମିତ ପୁଞ୍ଜି,
ଖ) ପ୍ରବନ୍ଧକୀୟ ବିଶେଷଜ୍ଞର ଅଭାବ,
ଗ) ପ୍ରେରଣାର ଅଭାବ,
ଘ) ଆଗ୍ରହର ଅଭାବ,
ଙ) ଭ୍ରଷ୍ଟାଚାର ।

କ) **ସୀମିତ ପୁଞ୍ଜି :** ଅଧିକାଂଶ ସମବାୟ ସମିତିର ପୁଞ୍ଜିର ଅଭାବ ଘଟିଥାଏ । କାରଣ ଏହାର ସଦସ୍ୟ ପଛୁଆ କ୍ଷେତ୍ରର ଦୁର୍ବଳ ଶ୍ରେଣୀରୁ ଆସିଥାନ୍ତି ଏବଂ ସାଧାରଣ ଭାବରେ ସେମାନଙ୍କ ପାଖରେ ସାଧନ ସୀମିତ ହୋଇଥାଏ । ସେହିକାରଣରୁ ସେମାନଙ୍କୁ ବଡ଼ ରାଶି ଯୋଗାଡ଼ କରିବା ସମ୍ଭବ ହୁଏନାହିଁ । ସରକାରଙ୍କ ଦ୍ୱାରା ଦିଆଯାଇଥିବା ସହାୟତା ମଧ୍ୟ ପର୍ଯ୍ୟାପ୍ତ ହୋଇ ନଥାଏ ।

ଖ) **ପରିଚାଳନାଗତ ବିଶେଷଜ୍ଞର ଅଭାବ -** ପ୍ରବନ୍ଧକୀୟ ବିଶେଷଜ୍ଞର ଅଭାବ କାରଣରୁ କେବେକେବେ ସମବାୟ ସମିତିର ପ୍ରବନ୍ଧନ ଠିକ୍ ଭାବରେ ହୋଇପାରେ ନାହିଁ । ତା ସହିତ ଧନର ଅଭାବରୁ ସେମାନେ ପେଶାଦାର ପ୍ରବନ୍ଧକର ସୁବିଧା ପାଇବା ପାଇଁ ଅସମର୍ଥ ହୋଇଥାନ୍ତି ।

ଗ) **ପ୍ରେରଣାର ଅଭାବ -** ଯେ ହେତୁ ପୁଞ୍ଜି ନିବେଶ ଉପରେ ସୁଧର ହାର କମ୍ ହୋଇଥାଏ ସେଥିପାଇଁ ଏହାର ସଦସ୍ୟମାନେ ସର୍ବଦା ଏହାର କାର୍ଯ୍ୟରେ ସମ୍ମିଳିତ ହୁଅନ୍ତି ନାହିଁ ।

ଘ) **ଆଗ୍ରହର ଅଭାବ:** ଥରେ ସମବାୟ ସମିତିର ଗଠନ ଏବଂ ପରିଚାଳନାର ଯୋସ ଏବଂ ଜିଜ୍ଞାସା ଶେଷ ହୋଇଗଲାପରେ ସଦସ୍ୟମାନଙ୍କ ମଧ୍ୟରେ ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଏ । ଏହାଦ୍ୱାରା ସମିତି ନିଷ୍କ୍ରିୟ ହୋଇଯାଏ ।

ଙ) **ଭ୍ରଷ୍ଟାଚାର :** ସରକାରଙ୍କର ନିୟମ ଏବଂ ସମୟରେ ଲେଖା-ପରୀକ୍ଷଣ ହେଲାପରେ ମଧ୍ୟ ସମିତିର ପରିଚାଳନାରେ ଭ୍ରଷ୍ଟାଚାର ସୃଷ୍ଟି ହୋଇଥାଏ ।

୫.୬.୫ ସମବାୟ ସମିତିର ସ୍ଥାପନା

ତୁମେ ବର୍ତ୍ତମାନ ଜାଣିଲ ଯେ ସମବାୟ ସଂସ୍ଥା ଏକ ସ୍ୱେଚ୍ଛାକୃତ ସଂସ୍ଥା ଅଟେ । ଏହା ଯେଉଁମାନଙ୍କର ଆର୍ଥିକ ଅବସ୍ଥା ମଜବୁତ୍ ନଥାଏ ସେହି ଲୋକମାନଙ୍କୁ ନେଇ ଗଠିତ ହୋଇଥାଏ ଏବଂ ସେମାନେ ସ୍ୱୟଂ ନିଜ ବଳରେ କୌଣସି ସ୍ୱତନ୍ତ୍ର ବ୍ୟବସାୟ କରି ପାରିବେ ନାହିଁ ତେଣୁ ଏହି ସାଧାରଣ ସମସ୍ୟାକୁ ସମାଧାନକରିବାକୁ ସାମୁହିକ ଆବଶ୍ୟକତାର ପୂରଣ ନିମନ୍ତେ ଏହି ବ୍ୟବସାୟ ଅଧିକ ଉପଯୁକ୍ତ ଅଟେ । ଏହି କ୍ରମରେ ଉପଭୋକ୍ତା ବସ୍ତୁ ପାଇବା, ଘରତିଆରିକରିବା, ଉତ୍ପାଦର ବିପଣନ କରିବା, ଋଣ ଏବଂ ଅଗ୍ରୀମ ଦେବା ପାଇଁ ଲୋକମାନେ ପରସ୍ପର ସହିତ ମିଶିକରି କାମ କରନ୍ତି । ଏହି ପ୍ରକାର ବ୍ୟାବସାୟିକ ସଂଗଠନ ସାଧାରଣତଃ ଛୋଟ ଏବଂ ମଧ୍ୟମ ଆକାରର ବ୍ୟବସାୟ ଚଳାଇବାପାଇଁ ଉପଯୁକ୍ତ ଅଟେ ।

୫.୬.୬ ସମବାୟ ସମିତିର ସ୍ଥାପନା

ସମବାୟ ସମତିର ସ୍ଥାପନା ସମବାୟ ସମିତି ଅଧିନିୟମ ୧୯୧୨ର ପ୍ରାବନ୍ଧନ ଅନୁସାରେ କିମ୍ବା ସଂବନ୍ଧିତ ରାଜ୍ୟର ସମବାୟ ସମିତି ଅଧିନିୟମ ଅଧିନରେ କରାଯାଇଥାଏ । ସମବାୟ ସମିତିର ପଞ୍ଜୀକରଣ ନିମନ୍ତେ ବିଭିନ୍ନ ସାଧାରଣ ସର୍ତ୍ତଗୁଡ଼ିକ ହେଲା -

କ) ଏହାର ଗଠନ ନିମନ୍ତେ ଅତିକମ୍‌ରେ ଦଶଜଣ ବ୍ୟକ୍ତି ସମ ଆର୍ଥିକାବସ୍ଥାର ଏବଂ ଯେଉଁମାନେ ଅନୁବନ୍ଧ କରିବା ଯୋଗ୍ୟ ଅଟନ୍ତି ଦରକାର ହୋଇଥାଏ । ବହୁରାଜୀୟ ସମିତି ଗଠନ ନିମନ୍ତେ ପ୍ରତ୍ୟେକ ରାଜ୍ୟରୁ କମ୍ ସେ କମ୍ ୫୦ ଜଣ ବ୍ୟକ୍ତି ସଭ୍ୟ ହେବା ଦରକାର ।

ଖ) ସମିତି ନିମନ୍ତେ ଏକ ଉପଯୁକ୍ତ ନାମ ପ୍ରସ୍ତାବିତ ହେବା ଦରକାର

ଗ) ସମିତି ନିମନ୍ତେ ଉପନିୟମର ସ୍ୱରୂପ (draft byelaw) ପ୍ରସ୍ତୁତ କରିବାକୁ ପଡ଼େ ।

ଘ) ଉପରୋକ୍ତ ଔପଚାରିକତାକୁ ପୂର୍ଣ୍ଣ କରିବା ପରେ ସମିତିର ପଞ୍ଜୀକରଣ ପାଇଁ ଯିବା ଦରକାର ।

ଙ) ପଞ୍ଜୀକରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମ ପୂରଣ କରି ସଂବନ୍ଧିତ ରାଜ୍ୟର ରେଜିଷ୍ଟ୍ରାରଙ୍କ ପାଖରେ ଦରଖାସ୍ତ ଦେବା ଦରକାର ।

ଚ) ପଞ୍ଜୀକରଣ ହେତୁ ଦରଖାସ୍ତ ଚିଠି ସହିତ ପ୍ରସ୍ତାବିତ ଉପନିୟମର ଚାରୋଟି ନକଲ ପତ୍ର ତା ସହିତ ଦେବାକୁ ପଡ଼େ ।

ଛ) ଆବେଦନ ପତ୍ରରେ ସମସ୍ତ ସଦସ୍ୟଙ୍କ ସ୍ୱାକ୍ଷର ରହିବା ଜରୁରୀ ।

ଜ) ଆବେଦନ ପତ୍ର ଏବଂ ନିୟମାବଳୀର ନିରୀକ୍ଷଣ କରିବା ପରେ ରେଜିଷ୍ଟ୍ରାର ସମିତିକୁ ପଞ୍ଜୀକରଣ ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି ।

ଝ) ପଞ୍ଜୀକରଣ ପ୍ରମାଣ ପତ୍ର ପାଇସାରିବାପରେ ସମିତି ତାର କାମ ଆରମ୍ଭ କରିପାରିଥାଏ ।

ପାଠଗତ ପ୍ରଶ୍ନାବଳୀ ୫ (ଘ)

୧. ସମବାୟ ସମିତି ବିଷୟରେ ନିଜ ଭାଷାରେ ବର୍ଣ୍ଣନା କର ।

____

____

୨. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ କିମ୍ବା ଦୁଇଟି ଶବ୍ଦରେ ଦିଅ ।

କ) ସମବାୟ ସମିତିର ପ୍ରବନ୍ଧନ କିଏ କରିଥାଏ ।

ଖ) ଆନ୍ତଃରାଜ୍ୟ ସମିତି ଗଠନ ନିମନ୍ତେ ଅତିକମ୍‌ରେ କେତେ ସଭ୍ୟ ଦରକାର ।

ଗ) ଲୋକମାନଙ୍କର ଋଣ ସଂବନ୍ଧୀୟ ଆବଶ୍ୟକତା ପୂରଣ କରିବା ନିମନ୍ତେ କି ପ୍ରକାର ସମିତି ସ୍ଥାପନା କରାଯାଏ ।

ଘ) ସମବାୟ ସମିତିର ପଞ୍ଜୀକରଣ ନିମନ୍ତେ କାହାକୁ ଆବେଦନ କରାଯାଏ ।

ଙ) ଏକ ସମବାୟ ସମିତିର ସଦସ୍ୟ ସଂଖ୍ୟା ସର୍ବାଧିକ କେତେ ହୋଇଥାଏ ।

୩. ନିମ୍ନଲିଖିତ ଶବ୍ଦର ସଂଯୋଗ କର

'କ' ସ୍ତମ୍ଭ	'ଖ' ସ୍ତମ୍ଭ
କ) ପଞ୍ଜୀକରଣ	୧) ସୀମିତ
ଖ) ସଦସ୍ୟତା	୨) ପ୍ରବନ୍ଧନ ବା ପରିଚାଳନ
ଗ) ପୁଞ୍ଜୀଉପରେ ଲାଭ	୩) ସମସ୍ତଙ୍କ ପାଇଁ ଖୋଲା
ଘ) ଗଣତାନ୍ତ୍ରିକ	୪) ଅନିବାର୍ଯ୍ୟ
ଙ) ଦେୟତା	୫) ଲାଭାଂଶ

୫.୭ ତୁମେ କ'ଣ ଶିଖିଲ

ମାଲିକାନା ଏବଂ ପରିଚାଳନର ଆଧାର ଉପରେ ବ୍ୟବସାୟ ସଂଗଠନ ବିଭିନ୍ନ ପ୍ରକାର ହୋଇଥାଏ । ଏଥିରେ ଏକକ ମାଲିକାନା, ଭାଗୀଦାରୀ, ଯୌଥ ହିନ୍ଦୁ ପରିବାର, ସମବାୟ ସମିତି ଏବଂ ସଂଯୁକ୍ତ ପୁଞ୍ଜି କମ୍ପାନୀ ଅନ୍ତର୍ଭୁକ୍ତ ଅଟନ୍ତି ।

ଏକକମାଲିକାନା:

ଏପରି ଏକ ସଂଗଠନର ସ୍ୱରୂପ ଯାହାର ମାଲିକ ଏକୁଟିଆ ବ୍ୟବସାୟ ସଂଚାଳନ କରିଥାନ୍ତି ଏବଂ ହାନିଲାଭ ମଧ୍ୟ ବହନ କରନ୍ତି । ଏହା ବ୍ୟାବସାୟିକ ସଂଗଠନର ଗୁଣ ହେଲା, ଏହାକୁ ସହଜରେ ବନ୍ଦ କରାଯାଇ ପାରିବ, ଶୀଘ୍ର ନିର୍ଣ୍ଣୟ ନେବା, ତା'ଉପରେ କାର୍ଯ୍ୟଧାରା କରିବା, ପ୍ରତ୍ୟକ୍ଷ ଅଭିପ୍ରେରଣା ଏବଂ ସଂଚାଳନରେ ନମନୀୟତା ହୋଇଥାଏ । ବ୍ୟବସାୟୀ ସ୍ୱୟଂ ବ୍ୟବସାୟର ପ୍ରତ୍ୟେକ ମାମଲାକୁ ବ୍ୟକ୍ତିଗତ ଭାବେ ପ୍ରଭାବ ପକାଇଥାଏ ଯାହା ତାକୁ ବ୍ୟବସାୟର ଗୋପନୀୟତାକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଏହିସବୁ ଗୁଣ ବ୍ୟତୀତ ସଂଗଠନର କେତେକ ସୀମିତତା ମଧ୍ୟ ରହିଛି, ଯଥା: ସଂସାଧନର ସୀମିତତା, ନିରନ୍ତରତାର



ଅଭାବ, ମାଲିକର ଅସୀମିତ୍ୱ ଦାୟୀତ୍ୱ, ପ୍ରବନ୍ଧନରେ ସୀମିତ ଦକ୍ଷତା ଇତ୍ୟାଦି । ବହୁ ପରିମାଣିକ ବ୍ୟବସାୟ ସଂଚାଳନ ପାଇଁ ଏହି ରୂପ ଉପଯୁକ୍ତ ନୁହେଁ ।

ଭାଗୀଦାରୀ :

ଭାଗୀଦାରୀ ବ୍ୟାବସାୟିକ ସଂଗଠନ ଏପରି ଏକ ରୂପ ଯେଉଁଥିରେ ଦୁଇ କିମ୍ବା ତତୋଧିକ ସକ୍ଷମ ବ୍ୟକ୍ତି କୌଣସି ବିଧି ଅନୁକୂଳ ବ୍ୟବସାୟକୁ ପରିଚାଳନାର ବୁଝାମଣା କରି ସେଥିରେ ହେଉଥିବା ହାନି ଲାଭକୁ ବାଣ୍ଟିବା ପାଇଁ ସହମତ ହୋଇଥାନ୍ତି । ଭାଗୀଦାର ଫାର୍ମ ନିର୍ମାଣ ସୁବିଧା ହୁଏ ଏବଂ ଏହାର ସଞ୍ଚାଳନରେ ନମନୀୟତା ମଧ୍ୟ ଥାଏ । ଭାଗିଦାରୀ ବ୍ୟବସାୟ ଅନ୍ତର୍ଗତ ସମସ୍ତ ଭାଗୀଦାରଙ୍କର ସଂସାଧନକୁ ଏକତ୍ରୀତ କରି, ଉଚିତ ନିର୍ମାଣର ସହାୟତାରେ ଏହାର ଉତ୍ତମ ପ୍ରୟୋଗ କରାଯାଇପାରେ । ଏହାଦ୍ୱାରା ଭାଗୀଦାରର ବ୍ୟକ୍ତିଗତ ବିଶିଷ୍ଟ ଜ୍ଞାନର ଲାଭପାଇ ସମସ୍ତ ଭାଗୀଦାରଙ୍କର ହିତ ରକ୍ଷା କରାଯାଇପାରେ । ବ୍ୟକ୍ତି ସମସ୍ତ ଭାଗୀଦାର ବ୍ୟବସାୟର ହାନି-ଲାଭର ଭାଗୀଦାର ହୋଇଥାନ୍ତି । ସେଥିପାଇଁ ସେମାନେ ବ୍ୟବସାୟରେ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥାନ୍ତି । ସେମାନଙ୍କର ପ୍ରମୁଖ ସୀମା ଅସୀମିତ ଦାୟୀତ୍ୱ ଅସ୍ଥିରତା, ସୀମିତ ପୁଞ୍ଜି, ଅଂଶର ଅହସ୍ତାନ୍ତରଣୀୟତା, ତଥା ଭାଗୀଦାରୀରେ ପରସ୍ପର ବୁଝାମଣାର ଅଭାବ । ଭାଗୀଦାରୀ ଫାର୍ମରେ ବିଭିନ୍ନ ପ୍ରକାରର ଭାଗୀଦାର ଯେପରି ସକ୍ରିୟ ଭାଗୀଦାର, ନାମମାତ୍ର ଭାଗୀଦାର, ଲାଭର ଭାଗୀଦାର, ସୀମିତ ଭାଗୀଦାର, ସାଧାରଣ ଭାଗୀଦାର, ବିବଂଧିତ ଭାଗୀଦାର ଏବଂ ବ୍ୟବହାର ଦ୍ୱାରା ଭାଗୀଦାର ଆଦି ହୋଇଥାଏ ।

ଯୌଥ ହିନ୍ଦୁ ପରିବାର :

ଏଥିରେ ବ୍ୟବସାୟ ହିନ୍ଦୁଆଇନ୍ ଦ୍ୱାରା ଶାସିତ ହୋଇଥାଏ । ଅବିଭାଜିତ ହିନ୍ଦୁ ପରିବାରର ଲୋକ ଯୌଥ ରୂପରେ ଏହାର ସଦସ୍ୟ ହୋଇଥାନ୍ତି ଏବଂ ପରିବାରର ବରିଷ୍ଠ ବ୍ୟକ୍ତି ଯାହାକୁ କର୍ତ୍ତା କୁହାଯାଏ ସେ ସର୍ବୋତ୍ତମ ଭାବରେ ଏହି ବ୍ୟବସାୟକୁ ସଂଚାଳିତ କରିଥାନ୍ତି । ଏହାର ପ୍ରତ୍ୟେକ ସଦସ୍ୟ ସହ-ସମ୍ବନ୍ଧୀ ହୋଇଥାନ୍ତି ଏବଂ ସେମାନଙ୍କର ବ୍ୟବସାୟରେ ଯୋଗଦାନକୁ ବିଚାର ନକରି ତାଙ୍କୁ ଏକ ନିଶ୍ଚିତ ଲାଭ ରାଶି ମିଳିଥାଏ । ସହ-ସମ୍ବନ୍ଧୀଙ୍କର ଦାୟୀତ୍ୱ ସୀମିତ ଏବଂ କର୍ତ୍ତାର ଦାୟୀତ୍ୱ ଅସୀମିତ ହୋଇଥାଏ । କୌଣସି ସଦସ୍ୟର ମୃତ୍ୟୁ କିମ୍ବା ଦେବାଳିଆରେ ବ୍ୟବସାୟର ନିରନ୍ତରଣ ଉପରେ କୌଣସି ପ୍ରଭାବ ପଡ଼େନାହିଁ । ଏହି ବ୍ୟବସାୟର ମଧ୍ୟ ବିଭିନ୍ନ ସୀମା ଯେପରି ସୀମିତ ସାଧନ, ପ୍ରେରଣାର ଅଭାବ, କର୍ତ୍ତାଦ୍ୱାରା ଅଧିକାରର ଦୂରୁପଯୋଗ ଏବଂ ଅସ୍ଥିର ଜୀବନ ଆଦିର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ସମବାୟ ସମିତି :

ଏହା ବ୍ୟକ୍ତିମାନଙ୍କର ଏକ ସ୍ୱେଚ୍ଛିକ ସଂଗଠନ ଅଟେ ଯେଉଁମାନେ ପରସ୍ପରର ଆର୍ଥିକ ହିତ ବଢ଼ାଇବା ନିମନ୍ତେ ଏକାଠି ମିଶିକରି କାର୍ଯ୍ୟ କରନ୍ତି । ଏହା ସ୍ୱ-ସହାୟତା ଏବଂ ପରସ୍ପର ସହାୟତାର ସିଦ୍ଧାନ୍ତର ଆଧାର ଉପରେ କାର୍ଯ୍ୟ କରିଥାଏ । ସମବାୟ ସମିତିର ସଦସ୍ୟତା ସ୍ୱୈଚ୍ଛକ ଏବଂ ସମସ୍ତଙ୍କ ପାଇଁ ଖୋଲା ଅଟେ । ଏହାର ନିଜର ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ଥାଏ ଏବଂ ଏହାର ପ୍ରବନ୍ଧନ ପ୍ରଜାତାନ୍ତ୍ରିକ ରୂପରେ ହୋଇଥାଏ । ସମବାୟ ସମିତିର ନିର୍ମାଣ କରିବା ସରଳ ଅଟେ ଏବଂ ଏହାର ଅସ୍ତିତ୍ୱ ସ୍ଥିର ଅଟେ । ଏହା ସରକାରଙ୍କ ଠାରୁ ଋଣ, ଅନୁଦାନ ଏବଂ ରିହାତି

ଟିପ୍ପଣୀ

ରୂପରେ ସହାୟତା ପ୍ରାପ୍ତ କରିଥାଏ । ସରକାର ଏହାକୁ ସୁଧରେ ରିହାତି ମଧ୍ୟ ଦେଇଥାଏ । ସଦସ୍ୟଙ୍କ ଦାୟୀତ୍ୱ ସେମାନଙ୍କଦ୍ୱାରା ନିବେଶ କରାଯାଇଥିବା ପୁଞ୍ଜି ଭିତରେ ସୀମିତ ରହିଥାଏ । ଏହି ସବୁ ଗୁଣ ବ୍ୟତୀତ ସେମାନେ ତାଙ୍କର ସୀମା ଯେପରିକି – ଅପର୍ଯ୍ୟାପ୍ତ ପୁଞ୍ଜି, ବିଶେଷଜ୍ଞଙ୍କର ଅଭାବ ଆଦିରେ ସୀମିତ ଅଟନ୍ତି । ଏହାର ସଦସ୍ୟର ଅଭିପ୍ରେରଣାର ଅଭାବ ହୋଇଥାଏ କାରଣ ପ୍ରଯତ୍ନ ନିମନ୍ତେ କେତେକ ପ୍ରତ୍ୟକ୍ଷ ପ୍ରତିଫଳ ହୋଇ ନଥାଏ ।

ଲୋକଙ୍କର ଜରୁରୀ ଅନୁରୂପରେ ଆମେ ନିଜ ଦେଶରେ ବିଭିନ୍ନ ପ୍ରକାରର ସମବାୟ ସମିତି ଦେଖୁଅଛୁ । ତନ୍ମଧ୍ୟରେ କିଛି ମହତ୍ତ୍ୱପୂର୍ଣ୍ଣ ସମବାୟ ସମିତି ଅଛି । ଉପଭୋକ୍ତା ସମବାୟ ସମିତି, ଉତ୍ପାଦକ ସମବାୟ ସମିତି, ବିପଣନ ସମବାୟ ସମିତି, ଆବାସିକ ସମବାୟ ସମିତି, କୃଷି ସମବାୟ ସମିତି ଏବଂ ଋଣ ସମବାୟ ସମିତି ।

ଉପଯୁକ୍ତତା :

କମ୍ ପୁଞ୍ଜି ଏବଂ କମ୍ ଆଶଙ୍କା ବାଲା ସାଧାରଣ ବ୍ୟବସାୟ, ଏକକ ମାଲିକାନା ନିମନ୍ତେ ଉପଯୁକ୍ତ ହୋଇଥାଏ । ଏପରି ବ୍ୟବସାୟ ଯେଉଁଥିରେ ମାନବଶ୍ରମର ଆବଶ୍ୟକତା ହୋଇଥାଏ ଯେପରି ହସ୍ତଶିଳ୍ପ, ଗହଣା ତିଆରି, ଶିଳ୍ପୀ (କାରୀଗରୀ) ଆଦି ସାଧାରଣତଃ ଏକସ୍ୱତ୍ତ୍ୱାଧିକାର ବିଶିଷ୍ଟ ବ୍ୟବସାୟ ରୂପେ ସ୍ଥାପିତ କରାଯାଏ । ଭାଗୀଦାରୀ ବ୍ୟବସାୟ ସଂଗଠନର ନିର୍ମାଣ, କାନୁନୀ ସେବା ଉପଲବ୍ଧ କରାଇବା, ଚିକିତ୍ସାଳୟ ସେବା ଇତ୍ୟାଦି ଉପଯୁକ୍ତ ହୋଇଥାଏ । ଏପରି ବ୍ୟବସାୟରେ ମଧ୍ୟମ ଧରଣର ପୁଞ୍ଜିର ଆବଶ୍ୟକତା ହୋଇଥାଏ ସେଠାରେ ଏହା ଉପଯୁକ୍ତ ଅଟେ । ପାଇକାରୀ ବ୍ୟାପାର, ପେଶାଦାର ସେବା, ବ୍ୟାପାର ଗୃହ, ଏବଂ ଛୋଟ ଉତ୍ପାଦନ କାର୍ଯ୍ୟର ସଂଚାଳନ ଭାଗୀଦାର ରୂପେ ହୋଇଥାଏ । ଯୌଥ ହିନ୍ଦୁ ପରିବାର ବ୍ୟବସାୟ ସେଠାରେ ଠିକ୍ ହୋଇଥାଏ ଯେଉଁଠାରେ ପରିବାର ପୈତୃକ ବ୍ୟବସାୟ ଉତ୍ତରାଧିକାରୀ ସ୍ୱତ୍ତ୍ୱରେ ପ୍ରାପ୍ତ ହୋଇଥାଏ ଏବଂ ସଦସ୍ୟ ଯୌଥ ରୂପରେ ଏହି ବ୍ୟବସାୟକୁ ଜାରୀ ରଖିବାକୁ ଚାହିଁଥାନ୍ତି । ସାଧାରଣତଃ ଜଣାଯାଏ କି କେତେକ ବ୍ୟାପାର ବ୍ୟବସ୍ଥିତ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ଏବଂ ବିତ୍ତ, ଛୋଟ ଉଦ୍ୟୋଗ, କଳା ଏବଂ ଶିଳ୍ପକଳା ଇତ୍ୟାଦିର ସଂଚାଳନ ଯୌଥ ହିନ୍ଦୁ ପରିବାରର ବ୍ୟବସାୟ ଭାବରେ କରାଯାଇଥାଏ । ସାଧାରଣତଃ ସମବାୟ ସମିତିର ଆରମ୍ଭ ସାମାନ୍ୟ ଆର୍ଥିକ ସମସ୍ୟାକୁ ସୁଧାରିବା କିମ୍ବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କରିବା କାରଣରୁ କରାଯାଇଥାଏ । ଏହାର ସ୍ଥାପନା ଉପଭୋକ୍ତା ବସ୍ତୁକୁ ଶସ୍ତା ଦରରେ ପ୍ରାପ୍ତ କରିବା, ଗୃହ ନିର୍ମାଣ, ଉତ୍ପାଦ୍ୟର ବଜାରରେ ବିକ୍ରି, ସଦସ୍ୟମାନଙ୍କୁ ଋଣ ଏବଂ ବିକ୍ରି ପ୍ରଦାନ କରିବା ଇତ୍ୟାଦି ନିମନ୍ତେ ଉପଯୁକ୍ତ ହୋଇଥାଏ ।

ସ୍ଥାପନା :

ବ୍ୟାବସାୟିକ ସଂଗଠନରେ ଏକକମାଲିକାନା ବ୍ୟବସାୟ ସ୍ଥାପନା କରିବା ନିମନ୍ତେ କୌଣସି ବିଶିଷ୍ଟ ଔପଚାରିକତା ପୂର୍ଣ୍ଣ କରିବାର ଆବଶ୍ୟକତା ପଡ଼ି ନଥାଏ । କେବଳ କେତେକ ବ୍ୟବସାୟକୁ ଛାଡ଼ିକରି ସ୍ଥାନୀୟ ପ୍ରାଧିକରଣର ଅନୁମତି ନେବାକୁ ପଡ଼ିଥାଏ । ଭାଗୀଦାର ବ୍ୟବସାୟକୁ ଆରମ୍ଭ କରିବା ନିମନ୍ତେ ସାଧାରଣ ବୁଝାମଣାର ଆବଶ୍ୟକତା ହୋଇଥାଏ । ଫାର୍ମର ପଞ୍ଜିକରଣ ମଧ୍ୟ ବାଧ୍ୟତାମୂଳକ ନୁହେଁ । ଏକ ଯୌଥ ହିନ୍ଦୁ ପରିବାରର ନିର୍ମାଣ, ହିନ୍ଦୁ ଅଧିନିୟମ

ପ୍ରାବନ୍ଧନର ଅନ୍ତର୍ଗତ ହୋଇଥାଏ ଏବଂ ଆୟକର ବିଭାଗରେ ଏକ ସାଧାରଣ ପଞ୍ଜୀକରଣର ଆବଶ୍ୟକତା ହୋଇଥାଏ । ସମବାୟ ସମିତିର ପଞ୍ଜୀକରଣ ନିମନ୍ତେ ସମବାୟ ସମିତି ଅଧିନିୟମର ପ୍ରାବଧାନକୁ ଅନୁସରଣ କରିବାକୁ ପଡ଼ିଥାଏ । ପ୍ରତ୍ୟେକ ସମିତି ନିମନ୍ତେ ସମବାୟ ସମିତି ଅଧିନିୟମର ପ୍ରାବଧାନର ଅନୁସରଣ କରିବା ହୋଇଥାଏ । ପ୍ରତ୍ୟେକ ସମିତି ନିମନ୍ତେ ସମବାୟ ସମିତିର ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହୋଇଥାଏ । ପଞ୍ଜୀକରଣ ପରେ ସମିତିର ସ୍ୱତନ୍ତ୍ର, ବୈଧାନିକ ଅସ୍ତିତ୍ୱ (bylaw) ହୋଇଥାଏ ଏବଂ ତାହାକୁ ବସ୍ତୁତଃ ଉତ୍ତରାଧିକାର ପ୍ରାପ୍ତ ହୋଇଥାଏ ।

୫.୮. ମୁଖ୍ୟ ଶବ୍ଦ

ବ୍ୟବସାୟିକ ସଂଗଠନ	କର୍ତ୍ତା	ଭାଗୀଦାରୀ
ସମବାୟ ସମିତି	ଭାଗୀଦାର	ଭାଗୀଦାରୀ ଦଲିଲ୍
ସହ-ସମ୍ବନ୍ଧୀ	ବିବଂଧିତ ଭାଗୀଦାର	ଏକକ ମାଲିକାନା
ଫାର୍ମ	ବ୍ୟବହାରଦ୍ୱାରା ଭାଗୀଦାର	
ଯୌଥ ହିନ୍ଦୁ ପରିବାର ବ୍ୟବସାୟ		ଅସୀମିତ ଦାୟୀତ୍ୱ

୫.୯ ପାଠାନ୍ତ ପ୍ରଶ୍ନାବଳୀ

ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୧) ଏକକ ମାଲିକାନା ବ୍ୟବସାୟର ଅର୍ଥ କ'ଣ ?

୨) କୌଣସି ଏପରି ଦୁଇଟି ପରିସ୍ଥିତି ଲେଖ ଯେଉଁଥିରେ ଏକକ ମାଲିକାନା ବ୍ୟବସାୟ ଅଧିକ ଉପଯୁକ୍ତ ଅଟେ ?

୩) ବିବଂଧିତ ଭାଗୀଦାର କାହାକୁ କହନ୍ତି ?

୪) ସଦସ୍ୟତା ଆଧାରରେ ଏକକ ମାଲିକାନା ବ୍ୟବସାୟ ଏବଂ ଭାଗୀଦାର ବ୍ୟବସାୟ ମଧ୍ୟରେ ପାର୍ଥକ୍ୟ କ'ଣ ?

୫) ସହ-ସମ୍ବନ୍ଧୀ ଶବ୍ଦର ଅର୍ଥ ବର୍ଣ୍ଣନା କର ।

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୬) ଏକକ ମାଲିକାନା ବ୍ୟାବସାୟିକ ସଂଗଠନର ଉପଯୁକ୍ତତା ବିଷୟରେ ବର୍ଣ୍ଣନା କର ।

୭) ଭାଗୀଦାରର କୌଣସି ଦୁଇଟି ସୀମିତତା ବାଖ୍ୟା କର ।

୮) ଭାଗୀଦାରୀ ଦଲିଲ୍‌ର ଅର୍ଥ କ'ଣ ? ଏହା ଭାଗୀଦାର ପାଇଁ ବାଧ୍ୟତାମୂଳକ ଅଟେ କି ?

୯) ଭାଗୀଦାରୀ ଫାର୍ମରେ ନାବାଳକ ଭାଗୀଦାର ତଥା ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ନାବାଳକ ସହ-ସମ୍ବନ୍ଧୀ ସ୍ଥିତିର ତୁଳନା କର ।

୧୦) ପଞ୍ଜୀକରଣ ହୋଇଯିବା ପରେ ସମବାୟ ସମିତିକୁ କେଉଁ ଚାରୋଟି ବିଶେଷାଧିକାର ମିଳିଥାଏ ।

୧୧) କୌଣସି ଚାରି ପ୍ରକାର ଭାଗୀଦାରୀ ବର୍ଣ୍ଣନା କର ।

୧୨) ଯୌଥ ହିନ୍ଦୁ ପରିବାର ବ୍ୟବସାୟ କ'ଣ ? ଏହାର ମୁଖ୍ୟ ବିଶେଷତାଗୁଡ଼ିକ ବାଖ୍ୟା କର ।

୧୩) ଯୌଥହିନ୍ଦୁ ପରିବାର ବ୍ୟବସାୟିକ ସଂଗଠନର ବିଭିନ୍ନ ଲାଭର ବାଖ୍ୟା କର ।

୧୪. ଭାରତୀୟ ସମବାୟ ସମିତି ଅଧିନିୟମ ୧୯୧୨ ଅନୁସାରେ ସମବାୟ ସମିତିର ଅର୍ଥ ବର୍ଣ୍ଣନା କର ।

୧୫) ଭାରତରେ ଉପଲବ୍ଧ ବିଭିନ୍ନ ସମବାୟ ସମିତିର ପ୍ରକାରର ବର୍ଣ୍ଣନା କର ।

୫.୧୦. ପାଠଗତ ପ୍ରଶ୍ନାବଳୀର ଉତ୍ତର

୫(କ)

୨- (କ) ଉ, (ଖ) ସ (ଗ) ସ (ଘ) ଉ (ଙ) ଉ

୩- (କ) ୪, (ଖ) ୧, (ଗ) ୫, (ଛ) ୩, (ଙ) ୨

୫(ଖ)

୧) ଏକ ନାବାଳକ ଭାଗୀଦାର କେବଳ ଲାଭାଂଶ ନେଇପାରେ । ହାନି ଲାଭ କ୍ଷେତ୍ରରେ ତାହାର ଦାୟୀତ୍ୱ କେବଳ ପୁଞ୍ଜି ଅଂଶଧନ ମଧ୍ୟରେ ସୀମିତ ଅଟେ ।

୨) (କ) ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ଭାଗୀଦାର ଆରମ୍ଭ କରିବାକୁ ଅତିକମ୍‌ରେ ୧୦ଜଣ ସଦସ୍ୟ ଆବଶ୍ୟକ

(ଖ) ଭାଗୀଦାରୀ ଦଲିଲ୍ ସର୍ବଦା ଲିଖିତ ରୂପେ ହୋଇଥାଏ ।

(ଗ) ଭାଗୀଦାର ମଧ୍ୟରେ ପ୍ରଧାନ ଏବଂ ଏଜେଣ୍ଟ୍‌ର ସଂବଧ ହୋଇଥାଏ ।

(ଘ) ଭାଗୀଦାରରେ ହରି ଏବଂ ମଧୁ ପ୍ରତ୍ୟେକ ୧୦,୦୦୦ ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି । ବ୍ୟବସାୟର ହାନି-ଲାଭରେ ମଧୁର ଦାୟୀତ୍ୱ ଅସୀମିତ ହେବ ।

(ଙ) ଭାଗୀଦାର ବ୍ୟବସାୟରେ ଏକ ସର୍ତ୍ତ ଉପରେ କେତେକ ବ୍ୟକ୍ତି ନିଜର ହିତ ଅର୍ଜନ କରିପାରନ୍ତି ।

୩) (କ) ସୀମିତ ଭାଗୀଦାର

(ଖ) ନାମମାତ୍ର ଭାଗୀଦାର

(ଗ) ଲାଭର ଭାଗୀଦାର କିମ୍ବା ନାବାଳକ ଭାଗୀଦାର

(ଘ) ନିଷ୍କ୍ରିୟ ଭାଗୀଦାର / ସୁପ୍ତ ଭାଗୀଦାର

(ଙ) ପ୍ରଦର୍ଶନ ଦ୍ୱାରା ଭାଗୀଦାର

୫.ଗ

୧. ଯେହେତୁ ବ୍ୟବସାୟକୁ ନିଜ ଇଚ୍ଛାନୁସାରେ ଚଳାଇବା ପାଇଁ କର୍ତ୍ତା ପାଖରେ ଅସୀମ ଶକ୍ତି ହୋଇଥାଏ । ସେଥିପାଇଁ ସେ ନିଜର ସ୍ୱାର୍ଥ ନିମନ୍ତେ ଏହି ଶକ୍ତିର ଦୁରୁପଯୋଗ କରି ପାରିଥାଏ । ଅସୀମିତ ସ୍ଥାୟୀତ୍ୱ କର୍ତ୍ତାର ବ୍ୟବସାୟକୁ ହାନି ପହଞ୍ଚାଇବାରେ ବାଧା ଦେଇପାରେ ।

୨. (କ) ଗ, (ଖ) ଗ, (ଗ) ସ, (ଘ) ଗ, (ଙ) ଗ

୩. (କ) ଦୁଇଟିଯାକ ସ୍ଥିତିରେ ଅତିକମ୍‌ରେ ଦୁଇଜଣ ଲେଖାଏଁ ସଦସ୍ୟ ଆବଶ୍ୟକ ।

(ଖ) ଭାଗୀଦାରରେ ବ୍ୟାଙ୍କିଙ୍ଗ୍ ନିମନ୍ତେ ସର୍ବାଧିକ ୧୦ ଏବଂ ଅନ୍ୟ ପାଇଁ ସର୍ବାଧିକ ୨୦ ସଦସ୍ୟ ହେବା ଦରକାର ଯେତେବେଳେ କି ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ଏପରି କୌଣସି ସୀମା ନାହିଁ ।

(ଗ) ଭାଗୀଦାରୀ ବ୍ୟବସାୟରେ ସଦସ୍ୟତା ବୁଝାମଣାଦ୍ୱାରା ସଂଗୃହୀତ ହୋଇଥାନ୍ତି । ଯୌଥ ହିନ୍ଦୁ ପରିବାର ବ୍ୟବସାୟରେ ସଦସ୍ୟତା ସେହି ପରିବାରରେ ଜନ୍ମ ନେଲାପରେ ହୋଇଥାନ୍ତି ।

୫. ଘ

୨. (କ) ପରିଚାଳନା ସମିତି

(ଖ) ୫୦ ଜଣିଆ ସଦସ୍ୟ

(ଗ) ଋଣ ସମବାୟ ସମିତି

(ଘ) ସମବାୟ ସମିତ ମହାପ୍ରବନ୍ଧକ

(ଙ) ଅଧିନିୟମ ଅନୁସାରେ କେତେକ ଅଧିନିୟମ ସୀମା ନିର୍ଦ୍ଧାରିତ କରାଯାଇ ନାହିଁ । ଯଦି ସଦସ୍ୟ ଚାହିଁବେ ସେ ସମିତିର ସଦସ୍ୟ ସଂଖ୍ୟା ନିର୍ଦ୍ଧାରିତ କରିପାରିବେ ।

୩) (କ) ୪, (ଖ) ୩, (ଗ) ୫, (ଘ) ୨, (ଙ) ୧

କର ଏବଂ ଶିଖ

ନିଜଅଞ୍ଚଳର ପାଖାପାଖି ୨୦ଟି ବ୍ୟାବସାୟିକ ସଂଗଠନ ନିରୀକ୍ଷଣ କର । ଏହି ପାଠରେ ଦିଆଯାଇଥିବା ଚାରି ଶ୍ରେଣୀରେ ସେଗୁଡ଼ିକ ବର୍ଗୀକୃତ କର । ଏହି ବ୍ୟବସାୟର ପ୍ରକୃତି, ବ୍ୟାପାରର ଆକାର, ମାଲିକଙ୍କ ସଂଖ୍ୟା ଇତ୍ୟାଦିର ସାରଣୀ ପ୍ରସ୍ତୁତ କର ।

ଅଭିନୟନ

କମଳ ଏବଂ ନିର୍ମଳ ଦୁଇ ବନ୍ଧୁ ଅଟନ୍ତି । ନିର୍ମଳ କମଳ ସହିତ କାଗୀଦାରୀରେ ପାଇକାରୀ ବ୍ୟପାର ଆରମ୍ଭ କରିବାକୁ ଚାହୁଁଥିଲା । କମଳ ତା'ର ପ୍ରସ୍ତାବକୁ ମାନି ଅନ୍ୟ କ୍ଷେତ୍ରରେ ଏକ ରେଡ଼ିମେଡ୍ ଡ୍ରେସ୍ ଦୋକାନ ଆରମ୍ଭ କରିଦେଲା । ନିର୍ମଳ ନିଜର ଅନ୍ୟ ବନ୍ଧୁ ବିମଳ ସହିତ ଭାଗୀଦାରରେ ବ୍ୟବସାୟ ଆରମ୍ଭ କଲା । ଦିନେ କମଳ ଏବଂ ନିର୍ମଳ ଏକ ଭୋଜିରେ ଏକାଠି ହେଲେ । ସେଠାରେ ସେ ଦୁଇଜଣଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ସାରକଥା ପ୍ରସ୍ତୁତ ହୋଇଛି ।

ନିର୍ମଳ: ନମସ୍କାର କମଳ, ତୁମେ କେମିତି ଅଛ ?

କମଳ: ନମସ୍କାର ମୁଁ ଠିକ୍ ଅଛି, ତୁମ ଭାଗୀଦାରୀ କିପରି ଚାଲିଅଛି ?

ନିର୍ମଳ: ଠିକ୍ ଚାଲୁଅଛି । ବିମଳ ବହୁତ ବିଶ୍ୱସ୍ତ ଏବଂ ମିଳିମିଶି କାମ କରିବା ବାଲା । ଆମକୁ ଭଲ ଲାଭ ମିଳୁଅଛି କିନ୍ତୁ ମୋତେ ଆଜିବି ତୁମର ଆବଶ୍ୟକତା ରହିଛି । ତୁମେ କ'ଣ ଏବେ ବି ଭାଗୀଦାରିରେ କାମ କରିବାକୁ ଇଚ୍ଛା କରୁନାହଁ ?

ଟିପ୍ପଣୀ

କମଳ: ନାହିଁ ମୁଁ ଏକାକୀ ବ୍ୟାପାର କରି ଖୁସିଅଛି ।

(ନିର୍ମଳ ଭାଗୀଦାରୀର ଉପାଦେୟତା ତଥା ଏକକ ମାଲିକାନାର ସୀମିତତା ବିଷୟରେ ବୁଝାଇଲା, ସେତେବେଳେ କମଳ ଏକକ ମାଲିକାନା ଉପାଦେୟତା ଏବଂ ସୀମିତତା ବିଷୟରେ ପ୍ରକାଶ କଲା ।)

ତୁମେ ନିଜକୁ ନିର୍ମଳ ଭାବି ଏବଂ ନିଜର ବନ୍ଧୁକ କମଳ ଭାବି ବାର୍ତ୍ତାଳାପ କର ।

ଅଧ୍ୟାୟ ଉପରେଏକ ଦୃଷ୍ଟିପାତ

୫.୧ ବ୍ୟାବସାୟିକ ସଂଗଠନ

୫.୨ ବ୍ୟାବସାୟିକ ସଂଗଠନର ପ୍ରକାର

୫.୩ ଏକକ ମାଲିକାନା ବ୍ୟବସାୟ

- ୫.୩.୧ ବିଶେଷତ୍ୱ
- ୫.୩.୨ ଉପାଦେୟତା
- ୫.୩.୩ ସୀମିତତା
- ୫.୩.୪ ଉପଯୁକ୍ତତା
- ୫.୩.୫ ସ୍ଥାପନା

୫.୪ ଭାଗୀଦାରି ବ୍ୟବସାୟ

- ୫.୪.୧ ବିଶେଷତ୍ୱ
- ୫.୪.୨ ଉପାଦେୟତା
- ୫.୪.୩ ସୀମିତତା
- ୫.୪.୪ ଉପଯୁକ୍ତତା
- ୫.୪.୫ ସ୍ଥାପନା

୫.୫ ଯୌଥ ହିନ୍ଦୁ ପରିବାରର ବ୍ୟବସାୟ

- ୫.୫.୧ ବିଶେଷତ୍ୱ
- ୫.୫.୨ ଉପାଦେୟତା
- ୫.୫.୩ ସୀମିତତା
- ୫.୫.୪ ଉପଯୁକ୍ତତା
- ୫.୫.୫ ସ୍ଥାପନା

୫.୬ ସମବାୟ ସମିତି

- ୫.୬.୧ ବିଶେଷତ୍ୱ
- ୫.୬.୨ ପ୍ରକାର
- ୫.୬.୩ ଉପାଦେୟତା
- ୫.୬.୪ ସୀମିତା
- ୫.୬.୫ ଉପଯୁକ୍ତତା
- ୫.୬.୬ ସ୍ଥାପନା